
ନଭେମ୍ବର ୨୦୧୯ • ୫୦ ଟଙ୍କା
ଆମ ମାଟିର ସ୍ୱର
ସନକ୍ଷତ୍ର ସଂଖ୍ୟା


New Product
HDPE Pipes
SAVE WATER!
WATER IS LIFE.
Ohm PVC Pipes
Agriculture / Irrigation / Industries / Domestic
Ohm
PVC
HDPE
Pipes & Fittings
"An ISO 9001:2008 Certified Company"
OHM PIPES PVT.LTD.
PLOT NO-D-7,8,49&50, SOMANATHPUR IID CENTRE,
BALASORE-765019, ODISHA, Ph. No : +919238100443

RNI Title Code : ODIODI 07916

# REBATI AMA MATIRA SWARA

*A Family Feature monthly Odia Journal on Life & Literature*

# ରେବତୀ

## ଆମ ମାଟିର ସ୍ୱର

ଦ୍ୱିତୀୟ ବର୍ଷ : ୧ମ ସଂଖ୍ୟା, ନଭେମ୍ବର, ୨୦୧୯ ■ Vol-2, Issue-1, November, 2019



ମାର୍ଗଦର୍ଶକ | Advisor

ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor

ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ

**ଫକୀରମୋହନ ସେନାପତି**

କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା

**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**

ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ

**କୃଷ୍ଣ କୁମାର ମହାନ୍ତି**

ଅଳଂକରଣ ବିଭାଗ

- ଚିତ୍ରକଳା(ମୁଖ୍ୟ) : ସଂଜୟ ଭଟ୍ଟ
- ଚିତ୍ରକଳା(ସହଯୋଗୀ) : ସଂଜୟ କୁମାର ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**ସମ୍ପାଦକୀୟ କାର୍ଯ୍ୟାଳୟ** | **Editorial Office**

ସମ୍ପାଦିକା : ରେବତୀ
ଓ.ଟି. ରୋଡ୍, ବାଲେଶ୍ୱର
ପିନ୍- ୭୫୬୦୦୧
ଫୋନ୍ : ୯୪୩୭୦୮୦୦୦୩
୭୦୦୮୮୪୫୯୨୦

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920

E-mail : *rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : **୫୦ ଟଙ୍କା ମାତ୍ର** ■ Price : **INR 50/- Only**

## ପକ୍ଷୀଙ୍କ ଉପରେ ଆଲେଖ୍ୟ ଭଲ

● 'ରେବତୀ' ହାତକୁ ଆସୁ ଆସୁ ତାର ସମସ୍ତ ପୃଷ୍ଠାରେ ନିଜକୁ ହଜେଇ ଦେବାର ଇଚ୍ଛା ଅଦମନୀୟ । ନିଜକୁ ରୋକି ହୁଏନା । ମନରେ ଅନେକ ଉଦ୍‌ବେଗ । କ'ଣ ସବୁ ବିଷୟବସ୍ତୁ ଥିବ ତା' ଭିତରେ ! ବଢ଼ି ଯାଇଥିବା ହୃଦ୍‌ସ୍ପନ୍ଦନର ବେଗକୁ ଚାପିରଖି ପୃଷ୍ଠା ପରେ ପୃଷ୍ଠା ଓଲଟାଉଥାଏ । ଭାରି ଗୋଟାଏ ସୁଖଦ ଅନୁଭବ ପ୍ରାଣ ଭିତରେ ସଞ୍ଚରୁଥାଏ । ପକ୍ଷୀମାନଙ୍କ ପ୍ରତି ଥିବା ଆକର୍ଷଣରେ ଆକର୍ଷିତ ହୋଇ ପ୍ରଥମେ ପଢ଼ିଲି ଏଥର ପ୍ରକାଶିତ ସଂଗ୍ରାମ କେଶରୀ ପୃଷ୍ଟିଙ୍କ ଆଲେଖ୍ୟ 'ବିହଙ୍ଗ ବିତାନ' । ହଜିଗଲି କିଚିରି ମିଚିରି ଘରଚଟିଆଙ୍କ ଶବ୍ଦରେ । ଖୁବ୍ ଆତ୍ମସନ୍ତୋଷ ଆଉ ଶାନ୍ତି ଅନୁଭୂତ ହେଲା, ବିଲୁପ୍ତ ପ୍ରାୟ ଘରଚଟିଆ ମାନଙ୍କର ସୁରକ୍ଷା ପାଇଁ ନିଆ ଯାଉଥିବା ପଦକ୍ଷେପ ବିଷୟରେ ଅବଗତ ହୋଇ । ଖୁସି ଲାଗିଲା କୁନି କୁନି ନିଜର ନିଜର ଲାଗୁଥିବା ଘରଚଟିଆଙ୍କ ବିଷୟରେ ଅନେକ ତଥ୍ୟ ଜାଣି । ଆଉ ସବୁଥର ପରି ତା'ପରେ ପଢ଼ିଲି 'ଶେଷପୃଷ୍ଠା', ଯେଉଁଠି କୃଷ୍ଣ କୁମାର ମହାନ୍ତି ସାର୍‌ଙ୍କ ଜ୍ଞାନର ଭଣ୍ଡାର ଖୋଲି ଯାଇଥାଏ । ତାଙ୍କର ଅନୁଭୂତିର ଖୁବ୍ ପ୍ରଭାବୀ ଆଲେଖ୍ୟରୁ ସମସ୍ତ ତଥ୍ୟ ଗ୍ରହଣୀୟ । ମନ ପ୍ରଫୁଲ୍ଲ ହୋଇଯାଏ ।

**ସସ୍ମିତା ମେହେର,** ସୋନପୁର

## ରେବତୀ ବେଶ୍ ସୁଖପାଠ୍ୟ ହୋଇଛି

● ଶାରଦୀୟ ସଂଖ୍ୟା 'ରେବତୀ' ପଢ଼ିଲି । 'ସମ୍ପାଦକୀୟ'ରେ ସମ୍ପାଦିକା ଆଦ୍ୟଶକ୍ତି ମା' ଦୁର୍ଗାଙ୍କୁ ଶାନ୍ତ, ସହାନୁଭୂତିଶୀଳ, ସର୍ବମଙ୍ଗଳକାରିଣୀ, ଦୁର୍ଗତିନାଶିନୀ ଭାବରେ ରୂପ ଦେଇଛନ୍ତି । 'ପ୍ରସଙ୍ଗ' କ୍ରମରେ 'ନବଦୁର୍ଗାଙ୍କ ନାନାରୂପ'ରେ ଦେବୀଶକ୍ତିର ସତ୍ତାକୁ ସୁନ୍ଦର ଭାବରେ ବର୍ଣ୍ଣନା କରାଯାଇଛି । ମାତୃଶକ୍ତି ଆଜିର ସମାଜ ଓ ମଣିଷକୁ ସାମାଜିକ ସମସ୍ୟା ଓ ସଙ୍କଟରୁ ଉଦ୍ଧାର କରିବ । 'ସୃଜନ ସମ୍ପର୍କ'ରେ 'ମନୋଜ୍ଞୀୟ ମୁହୂର୍ତ୍ତ'ରୁ ଜାଣି ହେଲା ଯେ ଜଣେ ପ୍ରତିଷ୍ଠିତ ଓ ବିଶିଷ୍ଟ ସ୍ରଷ୍ଟାଙ୍କର ସ୍ନେହ-ସୌହାର୍ଦ୍ଦ୍ୟର ସୁଯୋଗ ଲାଭ କରିବା ଏକ ସୌଭାଗ୍ୟ । 'ଶେଷପୃଷ୍ଠା'ରେ 'ଲେଖକର ପର୍ବ' ବେଶ୍ ଉଚ୍ଚକୋଟୀର ହୋଇଛି । ଲେଖକର ସ୍ୱଧର୍ମ ହେଉଛି ତା'ର ସୃଷ୍ଟି ପ୍ରତି ଆନ୍ତରିକତା । ଲେଖକ ହେଉଛି ଭାବ, ଆବେଗର କାରିଗର ଓ ଜୀବନର ଭଲମନ୍ଦ, ସୁଖଦୁଃଖ, ପାପପୁଣ୍ୟର ରୂପକାର । କବିତା ଓ ଅନ୍ୟାନ୍ୟ ଲେଖା ଗୁଡ଼ିକ ପଢ଼ି ଖୁସି ହେଲି । ପତ୍ରିକାଟି ସୁଖପାଠ୍ୟ ।

**ନିରଂଜନ ସାହୁ,** କଳିଙ୍ଗ ନଗର, ଭୁବନେଶ୍ୱର




## 'ରେବତୀ'ରେ ପ୍ରକାଶିତ ସମସ୍ତ ଫିଚର୍ ଉଚ୍ଚକୋଟୀର

● ଶାରଦୀୟ ସଂଖ୍ୟା 'ରେବତୀ'କୁ ପାଇଲି ସୁନ୍ଦର ପାରିପାଟିରେ । ଅମରେନ୍ଦ୍ର ମାଧବ ଦାଶଙ୍କର 'ମୋହନ ଦାସ କିଏ ଓ କାହିଁକି' ବେଶ୍ ଆନ୍ଦୋଳିତ କଲା । ତାଙ୍କର ପ୍ରକାଶୋନ୍ମୁଖୀ ସଂକଳନ ପାଇଁ ଶୁଭ କାମନା । ପ୍ରବୀଣା ମହାନ୍ତିଙ୍କର 'ମନୋଜ୍ଞୀୟ ମୁହୂର୍ତ୍ତ' ବେଶ୍ ଆବେଗାପ୍ଲୁତ । ସମାନ ଆବେଗ ରହିଛି ଶ୍ରଦ୍ଧାଞ୍ଜଳି କାନୁନଗୋଙ୍କ 'କଥାରେ କଥାରେ ବୀଣାପାଣି'ରେ । ଏ ଦୁଇଟି ଆଲେଖ୍ୟ ସହ ସିତାଂଶୁ ଲେଙ୍କାଙ୍କର 'ଇଚ୍ଛାପୁରର ଈଶ୍ୱର' ରେବତୀର ଶାରଦୀୟ ସଂଖ୍ୟାକୁ ଋଦ୍ଧିମନ୍ତ କରିଛି । ଆମ ସାହିତ୍ୟର ତିନି ମହାନ୍ ବ୍ୟକ୍ତିତ୍ୱକୁ ନେଇ ପାର୍ବଣ ଭେଟି ପାଇଁ 'ରେବତୀ'ର ସମ୍ପାଦନା ମଣ୍ଡଳୀକୁ ସାଧୁବାଦ । ସମକାଳ କବିତା ପୃଷ୍ଠାର ପ୍ରତ୍ୟେକଟି କବିତା ସୁଖପାଠ୍ୟ । ଅକ୍ଷୟ ବାବୁଙ୍କର 'ତଥାପି ସେମାନଙ୍କ ଡର', ସଂଜିତ୍ ବଳଙ୍କର 'ସ୍ତ୍ରୀଲୋକ' ଓ ନରେନ୍ଦ୍ର ବାବୁଙ୍କର 'ଆଉଥରେ ସ୍ୱପ୍ନ'- ତିନୋଟି ସୁନ୍ଦର କବିତା । 'ଫଗୁଣରେ...' ମନସ୍ୱିନୀ ଦେବୀଙ୍କର ଚମତ୍କାର କବିତାଟିଏ । 'ଚାହିଦାରେ ହସ୍ତତନ୍ତ' ଫଟୋ-ଫିଚର ଶ୍ରେଣୀର ହେଲେ ବି ବିଶ୍ଳେଷଣାତ୍ମକ ମନେହେଲା ନାହିଁ । ଡକ୍ଟର କଇଳାଶ ପଟ୍ଟନାୟକଙ୍କ 'ପୁନଶ୍ଚ ଈଶପ୍'ରେ କି ଗଭୀର ତତ୍ତ୍ୱ ! ସମସ୍ତ ବିଭାଗର ଫିଚର୍ ଉଚ୍ଚକୋଟୀର । ଶେଷରେ 'ଶେଷକଥା' । ପୁଣିଥରେ ଅନାଲୋଚିତ ବିଷୟଟିକୁ ବାଛିଛନ୍ତି କୃଷ୍ଣବାବୁ । ଏକଥା ସତ ଯେ, ଅନ୍ୟ ସମୟରେ ଓଡ଼ିଆରେ କାଁ ଭାଁ ପତ୍ରିକା ପ୍ରକାଶିତ ହେଉଥିଲା ବେଳେ, ପାର୍ବଣର ପତ୍ରିକା ଭିଡ଼ରେ ବହୁତ ଭଲ ଲେଖା ଅପଠିତ, ଅନାଲୋଚିତ ହୋଇ ରହି ଯାଉଥିବ । ହେଲେ, ଏ ପାଇଁ ପ୍ରକାଶକ ନୁହେଁ, ଆମ ରାଜ୍ୟର ଜନସାଧାରଣଙ୍କର ଭାଷା ବିମୁଖତା ଅଧିକ ଦାୟୀ ବୋଲି ମୁଁ ମନେକରେ ।

**ପ୍ରତ୍ୟୁଷ ପଣ୍ଡା,** କଟକ

## ଆତ୍ମଘୋଷିତ ସାହିତ୍ୟିକଙ୍କ ଉପସ୍ଥିତି ବିନା 'ରେବତୀ' ଦର୍ପରେ ପ୍ରକାଶ ପାଇଛି

● 'ରେବତୀ'ର ଅକ୍ଟୋବର ୨୦୧୯ ଶାରଦୀୟ ସଂଖ୍ୟା ମନଲାଖି ହୋଇଛି । ତଥାକଥିତ ଲବ୍ଧପ୍ରତିଷ୍ଠ ଲେଖକ ଏବଂ ହଟଚମଟ ସୃଷ୍ଟିକାରୀ ଯୁବପିଢ଼ିର ଆତ୍ମଘୋଷିତ ସାହିତ୍ୟିକଙ୍କ ଉପସ୍ଥିତି ବିନା 'ରେବତୀ' ଯେପରି ଦର୍ପରେ ପ୍ରକାଶ ପାଇଛି, ତାହା ହିଁ ଏହାର ସ୍ୱାତନ୍ତ୍ର୍ୟ । ଏଥର ସଂଖ୍ୟାରେ ସାହିତ୍ୟର ଆଶ୍ଳେଷ ଅପେକ୍ଷା ଲେଖାର ବିଷୟବସ୍ତୁ ବହୁବିଧ ସମାହାର ପରିଦୃଶ୍ୟ । ଗପ, କବିତାକୁ ପୁରାପୁରି ବାଦ୍ ଦେଲେ ମଧ୍ୟ ସାଧାରଣ ପାଠକଟିଏ ଏହି ପତ୍ରିକା ପଢ଼ିବା ପାଇଁ ଆଗ୍ରହ ଦେଖାଇବେ । ଈଶପ୍ ଗପର ପୁନର୍କଥନ କ୍ରମେ ଡକ୍ଟର କଇଳାଶ ପଟ୍ଟନାୟକଙ୍କ 'ପୁନଶ୍ଚ ଈଶପ୍'ରେ ନିଆରାପଣ ବାରି ହେଉଛି । ସ୍ୱାସ୍ଥ୍ୟ ସମ୍ପର୍କୀତ ପ୍ରସଙ୍ଗରେ ଡାକ୍ତରୀ ଛାତ୍ରୀ ଅନନ୍ୟା ପ୍ରିୟଦର୍ଶିନୀଙ୍କ 'ପୀଡ଼ିତାର ପୃଥିବୀ' ନିଶ୍ଚିତ ଭାବେ ଭିନ୍ନସ୍ୱାଦର ଆଲେଖ୍ୟ । ସଂଗ୍ରାମ କେଶରୀ ପୃଷ୍ଟିଙ୍କର 'ଘରଚଟିଆର ଘରକରଣା', ନିରଞ୍ଜନ ପତିଙ୍କ 'ଢେଙ୍କାନାଳର ବରା', ଗାୟତ୍ରୀ ଦାସଙ୍କ 'ପାର୍ବଣର ପାଇକଖେଳ', ଡକ୍ଟର ଜୟନ୍ତ କୁମାର ଦାସଙ୍କ 'ନାନା ପର୍ବ ନାନା ପିଠା' ଆଦି ପାରମ୍ପରିକ ଲେଖା ହୋଇଥିଲେ ହେଁ ସୁଖପାଠ୍ୟ ହୋଇଛି । ପ୍ରବୀଣା ମହାନ୍ତି ଓ ଶ୍ରଦ୍ଧାଞ୍ଜଳି କାନୁନଗୋ ଯଥାକ୍ରମେ ମନୋଜ ଦାସ ଓ ବୀଣାପାଣି ମହାନ୍ତିଙ୍କ ଉପରେ ପ୍ରସ୍ତୁତ କରିଥିବା ଆଲେଖ୍ୟ ମନନଶୀଳ ହୋଇଛି । କବି ବନ୍ଧୁ ସିତାଂଶୁ ଲେଙ୍କା ତାଙ୍କ ପିତା ତଥା ବିଶିଷ୍ଟ କବି କମଳାକାନ୍ତ ଲେଙ୍କାଙ୍କୁ କିପରି ଜାଣନ୍ତି ସେ ବିଷୟରେ ଖୁବ୍ ଅନ୍ତରଙ୍ଗ ଭାବେ 'ଇଚ୍ଛାପୁରର ଈଶ୍ୱର' ପ୍ରସ୍ତୁତ କରିଛନ୍ତି । କହିବାର କଥା ହେଲା, ଲେଖାଟି ପଢ଼ିଲେ ଯାହାଙ୍କ ଉପରେ ଆମେ ଲେଖୁଛୁ ତାଙ୍କୁ ଏବଂ ତାଙ୍କର ସାହିତ୍ୟକୃତି ପ୍ରତି ଯେପରି ପାଠକଙ୍କ ସ୍ୱତଃ ସମ୍ମାନ ଜାଗ୍ରତ ହେବ, ସେ ଏକ ଆଲୋକବର୍ତ୍ତିକା ଭାବେ ଉଭା ହେବେ, ତାହା ନିତ୍ୟାନ୍ତ ଗୁରୁତ୍ୱପୂର୍ଣ୍ଣ । କମଳାକାନ୍ତ ଓଡ଼ିଆ କବିତା ଜଗତର ଜଣେ ବାଦ୍‌ଶାହୀ ଶବ୍ଦସ୍ଥପତି ଏବଂ ତାଙ୍କର ପୌରୁଷୋଦୀପ୍ତ କାବ୍ୟସ୍ୱରର ତୁଳନା ନାହିଁ । ସମ୍ପୂର୍ଣ୍ଣ ପାଠକୀୟ ରୁଚିକୁ ଧ୍ୟାନ ଦେଇ ପ୍ରତ୍ୟେକ ପୃଷ୍ଠାକୁ ଜୀବନ୍ତ କରିବା ପାଇଁ ଯତ୍ନ ନେଇଛନ୍ତି, ଏହା ସମ୍ପାଦନା ସହିତ ଜଡ଼ିତ ଯେକେହି ଅନୁଭବୀ ବ୍ୟକ୍ତିତ୍ୱ କହିବେ । ଏକ ନିଆରା ପାରିବାରିକ ପତ୍ରିକା ଭାବେ ପତ୍ରିକାଟି ପାଠକ ମହଲରେ ଗ୍ରହଣୀୟ ହେଲେ, ଜାଣିବେ ବଡ଼ବଡ଼ିଆ ଲେଖକଙ୍କ ବିନା ମଧ୍ୟ ଦୌଡ଼ି ହେବ । ହଁ, ଆପଣଙ୍କ ଟୋପିରେ ଆଉ ଏକ ପର ଲାଗିଲା । ନୂଆ ଏବଂ ଅପେକ୍ଷାକୃତ କମ୍ ଚର୍ଚ୍ଚିତ ଲେଖକଙ୍କ ଉପରେ ଭରସା କରି ଆପଣ ଯେପରି ଜୁଆ ଖେଳିଛନ୍ତି, ଆପଣଙ୍କ ସତ୍‌ସାହସକୁ ନମନ କରୁଛି ।

**ମନୋଜ କୁମାର ମେହେରା,** 'ସମାଜ' କାର୍ଯ୍ୟାଳୟ, କଟକ-୧

## 'ରେବତୀ'ର ଶାରଦୀୟ ପ୍ରଚ୍ଛଦ ଭାବପ୍ରବଣତା ଆଣୁଛି

● 'ରେବତୀ'ର ଅକ୍ଟୋବର ପୂଜାସଂଖ୍ୟା ପଢିଲି । 'ଶେଷପୃଷ୍ଠା'ରେ 'ଲେଖକର ପର୍ବ' ପଢ଼ି ମୁଗ୍ଧ ହୋଇଛି । ସହଯୋଗୀ ସମ୍ପାଦକ କୃଷ୍ଣ କୁମାର ମହାନ୍ତିଙ୍କ ସମ୍ପାଦକୀୟ ବାସ୍ତବରେ ଉଲ୍ଲେଖନୀୟ ମନେହୁଏ । ସୃଜନକଳା ସତରେ ଏକ ଜନ୍ମଗତ କଳା । ମୋ ମତରେ ଲେଖକର ପର୍ବ ବଇଲେ ଦୁର୍ଗାପୂଜାକୁ ହିଁ ବୁଝାଇଥାଏ । 'ରେବତୀ' ଶାରଦୀୟ ସଂଖ୍ୟାର ପ୍ରଚ୍ଛଦ ଦେଖିଲେ ଭାବପ୍ରବଣତା ସୃଷ୍ଟି ହେଉଛି ।

**ସୌଭାଗ୍ୟବନ୍ତ ମହାରଣା,** ସମ୍ବଲପୁର

## ସଂପାଦିକା ସୁବାସିନୀ ଜେନାଙ୍କ ସମ୍ପାଦକୀୟରେ ସୁନ୍ଦର ଅଭିବ୍ୟକ୍ତି ରହିଛି

● ସମ୍ପାଦିକା 'ମାତୃଶକ୍ତି ମହନୀୟତା'କୁ ସୁନ୍ଦର ଭାବରେ ବ୍ୟକ୍ତ କରିଛନ୍ତି ତାଙ୍କ 'ସମ୍ପାଦକୀୟ'ରେ । ନବଦୁର୍ଗା ଉପରେ ଆଲୋଚନାଟି ମଧ୍ୟ ଉଚ୍ଚକୋଟୀର । ଗାଳ୍ପିକ ବୀଣାପାଣି ମହାନ୍ତିଙ୍କୁ ନେଇ ଫିଚର୍‌ଟି ଭଲ ଲାଗିଲା । ଅନେକ କଥା ଜାଣିହେଲା ମାଲେସିଆ ସମ୍ପର୍କରେ ବୀଣାପାଣି ପ୍ରଧାନଙ୍କ ଉପସ୍ଥାପନାରୁ । ଆଗ୍ରହର ସହ ପଢ଼ିଲି । ଏଇଥିପାଇଁ ଯେ ଗତବର୍ଷ ମୋ ପୁଅ ମାଲେସିଆ ଯାଇଥିଲା । ତା'ଠୁ ଅନେକ କଥା ଶୁଣିଥିଲି । ଆଦିବାସୀ ବାଦ୍ୟ ଉପରେ ତଥ୍ୟଭିତ୍ତିକ ଉପସ୍ଥାପନ ଉପାଦେୟ ମନେହେଲା । ମନୋଜ ଦାସଙ୍କ ବିଷୟରେ ଅଧିକ କିଛି ଜାଣିଲି । ଯେତେ ଜାଣିଲେ ବି କମ୍ । ମହାନ୍ ଲେଖକ ସେ । ଆମର ଗର୍ବ ଓ ଗୌରବ । ପିଠାକୁ କ'ଣ ଛାଡ଼ି ହୁଏ ? ଖୁବ୍ ସ୍ୱାଦିଷ୍ଟ ଲେଖା ପ୍ରଫେସର୍ ଜୟନ୍ତ ଦାସଙ୍କର । 'ପୀଡ଼ିତା ପୃଥିବୀ' ବିଷୟଟି ପାଇଁ ଆପଣଙ୍କୁ ଓ ଲେଖିକା ଅନନ୍ୟା ପ୍ରିୟଦର୍ଶିନୀଙ୍କୁ ବହୁତ ବହୁତ ଧନ୍ୟବାଦ । କିଛି ପଶୁବତ୍ ମଣିଷଙ୍କ ପାଇଁ ନିଜ ଉପରେ ଘୃଣା ଆସିଯାଏ । କବିତା ତ ପ୍ରିୟ ମୋର । ସବୁ ମନଛୁଆଁ । ବରା ଖାଇନି । ଏଥର ଢେଙ୍କାନାଳ ଗଲେ ଖାଇବି ନିଶ୍ଚୟ । ଭଲ ଆଲେଖ୍ୟଟିଏ ଘରଚଟିଆ । ମୁଁ ଭଲପାଏ ଘରଚଟିଆମାନଙ୍କୁ । ମୋର ବି କବିତାଟିଏ ଅଛି ଘରଚଟିଆ ଉପରେ । ଏଥିପାଇଁ ସଂଗ୍ରାମ କେଶରୀ ପୃଷ୍ଟିଙ୍କୁ ଧନ୍ୟବାଦ । କବି କମଳାକାନ୍ତ ଲେଙ୍କା ମନେ ପଡ଼ିଲେ । ପୁଅ ସିତାଂଶୁଙ୍କ ଲେଖାରୁ ଜାଣିଲି ଅନେକ କଥା । ବିରଜାକ୍ଷେତ୍ର ଭଲ ଲାଗିଲା ନାରାୟଣ କୁମାର ରାଉତରାୟଙ୍କ ଉପସ୍ଥାପନାରେ । ଆପଣଙ୍କ 'ଶେଷପୃଷ୍ଠା'ରେ 'ଲେଖକର ପର୍ବ' ନାମଟି ଠିକ୍ ଲାଗୁଛି । ସବୁ କବି-ଲେଖକ ଶରତର ଆଗମନକୁ ଅପେକ୍ଷା କରିଥାନ୍ତି । କାଶଫୁଲ ଦେଖିଲେ ରୋମାଂଚିତ ହୋଇ ଉଠନ୍ତି ।

**ସୁଶିଲ କୁମାର ପାଣିଗ୍ରାହୀ,** ସମ୍ବଲପୁର

## ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋଙ୍କ ଆଲେଖ୍ୟ 'ଆମ ପାଟଦେଇ' ଖୁବ୍ ଭଲଲାଗିଲା

● 'ରେବତୀ'କୁ ପାଇଲା ପରେ ପ୍ରଥମେ ମୁଁ 'ଶେଷପୃଷ୍ଠା'ରୁ ପଢ଼ିବା ଆରମ୍ଭ କଲି । ଆପଣଙ୍କ ଲେଖା 'ଲେଖକ ପର୍ବ' ପଢ଼ି ମନକୁ ସ୍ୱତଃ ପ୍ରଶ୍ନ ଆସିଲା, ସତରେ ଏହା ସବୁ ଲେଖକଙ୍କ ଆତ୍ମକଥା କିଛି କିଛି । ସମ୍ପାଦିକା ସୁବାସିନୀ ଜେନାଙ୍କ 'ସମ୍ପାଦକୀୟ'ରେ 'ମାତୃଶକ୍ତିର ମହନୀୟତା' ଖୁବ୍ ଚମତ୍କାର । ବିରଜା କ୍ଷେତ୍ର ବିଷୟରେ ଅନେକ କଥା ଜାଣି ହେଲା । ସବୁ କବିତା ଖୁବ୍ ସୁନ୍ଦର । 'ପ୍ରଜାପତିର ଦୁଃଖ' ଗଳ୍ପଟି ଦୁଃଖ ଦେଲା । ଖୁବ୍ କଷ୍ଟ ଅନୁଭବ ହେଲା 'ପୀଡ଼ିତାର ପୃଥିବୀ' ପଢ଼ି । କିନ୍ତୁ ଯେଉଁମାନେ ଏତେ ସୁନ୍ଦର କାମରେ ଲାଗିଛନ୍ତି ସମସ୍ତଙ୍କୁ ମୋର ଶୁଭେଚ୍ଛା । ଅନନ୍ୟା ପ୍ରିୟଦର୍ଶିନୀଙ୍କ ଚଲାପଥ କୁସୁମିତ ହେଉ । କବି ଅମରେନ୍ଦ୍ର ମାଧବ ଦାଶଙ୍କୁ ତାଙ୍କ କବିତା ଓ କବିତା ପଛର କାହାଣୀ ପାଇଁ ଶୁଭେଚ୍ଛା । 'ମୋହନ ଦାସ' କବିତାଟି ଖୁବ୍ ଭଲ ଲାଗିଲା । ଘରଚଟିଆ ଉପରେ ପ୍ରସ୍ତୁତ ଆଲେଖ୍ୟଟି ଖୁବ୍ ସୁନ୍ଦର ରହିଛି । 'ଇଚ୍ଛାପୁରର ଈଶ୍ୱର'ରେ କବି କମଳାକାନ୍ତ ଲେଙ୍କାଙ୍କ ବିଷୟରେ ଜାଣିହେଲା । 'ମନୋଜୀୟ ମୁହୂର୍ତ୍ତ'ରେ ପ୍ରବୀଣା ମହାନ୍ତିଙ୍କ ମନକଥା ଭଲ ଲାଗିଲା । ଆଦିବାସୀଙ୍କ ପାରମ୍ପରିକ ବାଦ୍ୟ ବିଷୟରେ ଜାଣିହେଲା । ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋଙ୍କ ଦ୍ୱାରା ଉପସ୍ଥାପିତ 'ଆମ ପାଟଦେଇ' ଖୁବ୍ ଭଲଲାଗିଲା । ମା'ଙ୍କ ନବରୂପ ସହ ପାଇକଖେଳ ଭଲ ଲାଗିଲା । ସବୁଠୁ ସୁନ୍ଦର 'ମାଲେସିଆର ମହକ' । ଏଥିପାଇଁ ବୀଣାପାଣି ପ୍ରଧାନଙ୍କୁ ସାଧୁବାଦ । କଇଳାଶ ପଟ୍ଟନାୟକଙ୍କ ଈଷପ୍ କାହାଣୀ ଚମତ୍କାର ହୋଇଛି । ମୋଟ ଉପରେ 'ରେବତୀ'ର ପ୍ରତ୍ୟେକ ବିଭାଗ ବେଶ୍ ରୁଚିକର । ତେବେ ଗଳ୍ପ ବିଭାଗରେ ଆଉକିଛି ଗଳ୍ପ ଦେଇଥିଲେ ଭଲ ହୋଇଥାନ୍ତା ।

**ନମିତା ପାଇକରାୟ,** ନୀଳାଦ୍ରି ବିହାର, ଭୁବନେଶ୍ୱର

## ଢେଙ୍କାନାଳ ମାଟିରେ 'ରେବତୀ' ମିଳିବା ସୁଖଦ ଅନୁଭବ

● କାଲି 'ରେବତୀ'ର ସମ୍ପାଦକଙ୍କ ସହ କଥା ହୋଇ ଆମ ଢେଙ୍କାନାଳରେ କିପରି 'ରେବତୀ' ଉପଲବ୍ଧ ହେବ ସେ ବିଷୟରେ ଆଲୋଚନା କରିବାର ୨୪ଘଣ୍ଟା ନ ବିତୁଣୁ ଢେଙ୍କାନାଳରେ ଆଜି 'ରେବତୀ' ହାଜର । କହିବାକୁ ଗଲେ ସକାଳୁ ସକାଳୁ ମୋର ଆଶା ପୂରଣ ହୋଇଗଲା । କେବେ ଭାବି ନଥିଲି 'ରେବତୀ' ମୋ ଢେଙ୍କାନାଳ ମାଟିରେ ତାର ପାଦଚିହ୍ନ ରଖିବ ବୋଲି । କିନ୍ତୁ ଭଗବାନଙ୍କ ଅପାର କୃପାରୁ ତାର କୋମଳ ପାଦଚିହ୍ନ ଏ ମାଟିରେ ପଡ଼ି ସାରିଛି । ପ୍ରାର୍ଥନା କରିବି ମୋ ମାଟିର ପାଠକ ତାକୁ ଢେର୍ ସାରା ପାଠକୀୟତା ଦେଇ ତାର ମାନକୁ ଆହୁରି ଦ୍ୱିଗୁଣିତ ଓ ପ୍ରସାରିତ କରନ୍ତୁ ।

**ସୁନୀତା ବାରିକ୍,** ଢେଙ୍କାନାଳ

## କବିତା ବିଭାଗଟି ଚମତ୍କାର

● 'ରେବତୀ'ର ଜୁନ୍-ଜୁଲାଇ ସଂଖ୍ୟା ପଢ଼ିଲି । 'ସମ୍ପାଦକୀୟ'ରୁ 'ଶେଷପୃଷ୍ଠା' ଯାଏଁ ପ୍ରତ୍ୟେକଟି ଲେଖା ବହୁତ ଭଲ ଲାଗିଲା । ବିଶେଷକରି କବିତା ବିଭାଗଟି ଚମତ୍କାର । ଲେଖକମାନଙ୍କୁ ଅଭିନନ୍ଦନ ।

**କୁମ୍‌କୁମ୍ ରାୟ,** କଟକ

## 'ରେବତୀ'ରେ ଗଳ୍ପ ସଂଖ୍ୟା ବଢ଼ାନ୍ତୁ

● ଗତବର୍ଷ ପୂଜାସଂଖ୍ୟାରେ କଥା, ଶୋଭନା, ସମ୍ବାଦ, ବର୍ତ୍ତିକା ଇତ୍ୟାଦି ବହୁ ପତ୍ରିକା କିଣିଥିଲେ ମଧ୍ୟ ଆପଣଙ୍କ ପତ୍ରିକାଟି ପଢ଼ିଥିଲି ପ୍ରଥମ ଓ ଚିଠିଟିଏ ଲେଖିବାକୁ ଚାହିଁଥିଲି ଯେତେବେଳେ ଜାଣିଥିଲି ଏହା 'ରେବତୀ'ର ପ୍ରଥମ ସଂସ୍କରଣ । ବହୁ ବର୍ଷ ପରେ 'ରେବତୀ' ଭଳି ପତ୍ରିକାଟିଏ ପଢ଼ି ଗର୍ବିତ ଓ ନିଜକୁ ନିଜେ ଧନ୍ୟବାଦ ଜଣାଇଲି ପ୍ରଥମେ । 'ରେବତୀ'ର ପ୍ରଥମ ସଂସ୍କରଣଟି (ଅକ୍ଟୋବର ୨୦୧୮) ଏତେ ସମୃଦ୍ଧ ଥିଲା ଯେ ଆଶା କରିଥିଲି ଏହାର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ ଓ ତାହା ଆଜି ସତ୍ୟ ପ୍ରମାଣିତ ହୋଇଛି । ତେବେ ଗୋଟିଏ ଅନୁରୋଧ କରିବି ଏହାର ଗଳ୍ପ ସଂଖ୍ୟା ବଢ଼ାନ୍ତୁ । ମୋ ମତରେ ଅନ୍ୟ ସମସ୍ତ ବିଭାଗ ପଢୁଥିବା ପାଠକଙ୍କ ଠାରୁ ଗଳ୍ପ-ପ୍ରିୟ ପାଠକଙ୍କ ସଂଖ୍ୟା ଅଧିକ । ଓଡ଼ିଆ ଭାଷା ସାହିତ୍ୟ ବିଭାଗରେ ଅଧ୍ୟାପନା, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିଚାଳନା, ବିଦେଶରେ ଶିକ୍ଷାବୃତ୍ତି ପରେ ଏବେ ସାହିତ୍ୟ ସାଧନାରେ ମଗ୍ନ । ମୋର କିଛି କିଛି ଗଳ୍ପ କବିତା ପ୍ରକାଶିତ । ତିନୋଟି ଗଳ୍ପ ସଂକଳନର ସ୍ରଷ୍ଟା ମୁଁ । ବିଦେଶରେ ରହୁଥିବାରୁ ବିଶେଷ ପତ୍ରପତ୍ରିକା ସହ ସମ୍ପର୍କ ସ୍ଥାପିତ ହୋଇପାରିନାହିଁ । 'କାଦମ୍ବିନୀ'ରେ ମୋର ନିକଟରେ ଦୁଇଟି ଗଳ୍ପ ପ୍ରକାଶିତ ।

**ସୌଭାଗିନୀ ପରିଡ଼ା,** ଭୁବନେଶ୍ୱର-୩

**ଆମର ଉତ୍ତର :** ଆପଣ 'ରେବତୀ'ର ପ୍ରଥମ ସଂଖ୍ୟା ସଂଦର୍ଶନ କରି ଯାହା ଆଶା କରିଥିଲେ, ଆଜି ଏକ ବର୍ଷ ପରେ ତାହା ସାକାର ହୋଇଥିବା ଭଳି ଅନୁଭବ ଆପଣଙ୍କ ପାଇଁ ଯେତିକି ଆନନ୍ଦର ବିଷୟ, ଆମ ପାଇଁ ତତୋଧିକ ପ୍ରେରଣାପ୍ରଦ । ସେଥିପାଇଁ ଆପଣଙ୍କୁ ଧନ୍ୟବାଦ । ତେବେ ଏହାକୁ ଆମେ ଏକ ପାରିବାରିକ ଫିଚରଧର୍ମୀ ପତ୍ରିକା ଫର୍ମାଟ୍‌ରେ ପ୍ରସ୍ତୁତ କରୁଥିବାରୁ ଏଥିରେ ଗଳ୍ପ ଓ କବିତାର ଭାଗ କମ୍ ରଖି ଫଟୋଫିଚର୍ ସଂଖ୍ୟା ବେଶି ଦେଉଛୁ । କାରଣ ଗଳ୍ପ ଓ କବିତାର ପ୍ରକାଶନ ପାଇଁ ଏକାଧିକ ଓଡ଼ିଆ ପତ୍ରିକା ପ୍ରକାଶ ପାଉଛି ।

## ବୀଣାପାଣି ପ୍ରଧାନଙ୍କ ଲେଖା ଭଲ

● 'ରେବତୀ ଆମ ମାଟିର ସ୍ୱର'ର ଅକ୍ଟୋବର ସଂଖ୍ୟାରେ ଓଡ଼ିଆ ଝିଅ ବୀଣାପାଣି ପ୍ରଧାନଙ୍କ 'ମାଲେସିଆର ମହକ' ଆଲେଖ୍ୟରେ କୁଆଲାଲାମ୍ପୁରର ଚାରୋଟି ବିଶିଷ୍ଟ ଫଟୋଚିତ୍ର ସହ ନିଜସ୍ୱ ଅନୁଭବର ବର୍ଣ୍ଣନା ଖୁବ୍ ଜୀବନ୍ତ ଓ ସୁଖପାଠ୍ୟ ହୋଇଛି । ଲେଖିକାଙ୍କ ଭାଷାରେ ଗତକାଲିର ମାଳୟ ଆଜିର ମାଲେସିଆ ସବୁଜିମା ଭିତରେ ସୁ-ଉନ୍ନତ ସହର । ବିକାଶର ଶିଡ଼ିରେ ଅଗ୍ରଣୀ ଦୁନିଆଟେ କୁଆଲାଲାମ୍ପୁରର 'ଲିଟିଲ୍ ଇଣ୍ଡିଆ' । ଭାରତୀୟ କଳା, ସ୍ଥାପତ୍ୟ, ଖାଦ୍ୟପେୟ, ଦିଅଁଦେବତା, ପୋଷାକପତ୍ର ଆଦି ଅଦ୍ୟାବଧି ପରିଲକ୍ଷିତ ହେଉଛି । ଲେଖିକାଙ୍କ ଠାରୁ ଆହୁରି ସମୃଦ୍ଧ ଲେଖା ଆଶା କରାଯାଏ ।

**ରାମଚନ୍ଦ୍ର ବରାଳ**
ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ତୁଳସୀପୁର, କଟକ

ସୂ ଚୀ ପ ତ୍ର

୨ୟ ବର୍ଷ ୧ମ ସଂଖ୍ୟା । ନଭେମ୍ବର ୨୦୧୯ ।

ଆମ ମାଟିର ସ୍ୱର

୯ ସମ୍ପାଦକୀୟ : ଜନ୍ମଦେବାର ଆନନ୍ଦ: ସୁବାସିନୀ ଜେନା




୧୦



୧୫

୧୦
ଦେବାଳୟ-୧ : ଘଟଗାଁର ମାଆ
: ଚିତ୍ତରଂଜନ ନାୟକ

୧୫
ମାନନୀୟେଷୁ : ଭଦ୍ରକର ଭୂଗୋଳ
: ବିଶ୍ୱରଂଜନ ଦାସ


୨୧
ଅନୁଶୀଳନ-୧ : ବୁଢ଼ା ଶଙ୍ଖାରି.........
: ମଣୀନ୍ଦ୍ର କୁମାର ମେହେର

୨୫
ଅନୁଶୀଳନ-୨ : ଦୁଇ ଦିଗନ୍ତର ଦୃଶ୍ୟ
: ଡକ୍ଟର ବିଜୟ କୁମାର ମହାନ୍ତି

୩୦
ପର୍ଯ୍ୟଟନ-୧ : ଗୁମ୍ଫାର ଗୁମର
: କନ୍ଦର୍ପ ବେହେରା

୩୪
ଭ୍ରମଣ କାହାଣୀ : ଚମ୍ପାଦେଶର ଚିତ୍ରଗାଥା
: ଜୟନ୍ତ ଶେଠ୍

୪୪ କଳା-ସଂସ୍କୃତି : ଡକ୍ଟର କିଶୋର ମହାନ୍ତି
୪୮ ପର୍ବ-ପର୍ବାଣି : ନିରଞ୍ଜନ ପତି
୫୪ ଚିତ୍ରକରର ଚିତ୍ରଶାଳା : ଏ ଦେବେନ୍ଦ୍ର ଖଟୁଆ
୫୬ ସମକାଳ କବିତା : ଶ୍ରୀଦେବ
୫୭ : ଶିଶିର ନାୟକ
: ଚକ୍ରପାଣି ପରିଛା
୫୮ : ଅରକ୍ଷିତ ପରିଜା
: ରଞ୍ଜନ ବାଗ
୫୯ : ନୃସିଂହ ତରାଇ
୬୦ : ସାବିତ୍ରୀ କବି
୬୧ : ସରୋଜ ବଳ
: ଚୈତାଳି ଖିଲାର
୬୨ ଦେବାଳୟ-୨ : ନାରାୟଣ ରାଉତରାୟ
୬୭ ଖାଦ୍ୟ-ସଂସ୍କୃତି : ପାର୍ଥସାରଥୀ ରାଉତ
୭୧ ପର୍ଯ୍ୟଟନ-୨ : ଲକ୍ଷ୍ମୀପ୍ରିୟା ଓଝା



୫୪

୭୬



୬୭










୭୭ କଥା-କାହାଣୀ : **ଇଂ. ପ୍ରଶାନ୍ତ କୁମାର ଦତ୍ତ**

୮୧ ପଛ-ଝର୍କା : **ନେତାଜୀ ଅଭିନନ୍ଦନ**

୮୪ ପଞ୍ଚତନ୍ତ୍ର କାହାଣୀ : **ଡକ୍ଟର ବିବୁଧରଂଜନ**

୮୬ ସ୍ୱାସ୍ଥ୍ୟ-ଚର୍ଚ୍ଚା : **ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**

୯୦ ଗୃହ ସମସ୍ୟା : **ଡକ୍ଟର ହରପ୍ରସନ୍ନ ଦାସ**

୧୦୦ ଛାୟାଚିତ୍ର : **ଅପରୂପା ଅନୁଭା**

୧୦୪ ପ୍ରେରଣା : **ଇଏ ବି ଜଣେ...: ଶ୍ରୀଗୋବିନ୍ଦ**





## ନିୟମିତ ବିଭାଗ


୭୬ ମୁଦ୍ରା : **ବଳଦେବ ମହାରଥା**

୯୩ ଫ୍ୟାଶନ୍ : **ସ୍ନିଗ୍ଧା ତ୍ରିପାଠୀ**

୯୬ ରୂପ-ରାଗ : **ସସ୍ମିତା ମେହେର**

୯୮ ରୋଷେଇଶାଳ : **ସୁଚେତା ନନ୍ଦ**








୧୦୬ ଶେଷପୃଷ୍ଠା : **ଲେଖକୀୟ ଲୋଭ : କୃଷ୍ଣ କୁମାର ମହାନ୍ତି**


ପ୍ରଚ୍ଛଦ ଭାବନା : **କୃଷ୍ଣ କୁମାର ମହାନ୍ତି**
ପ୍ରଚ୍ଛଦ କଳା ନିର୍ଦ୍ଦେଶନା : **ସଞ୍ଜୟ ଭଞ୍ଜ**
ପ୍ରଚ୍ଛଦ ଫଟୋଗ୍ରାଫି : **ଆଦିତ୍ୟ ରାଉତ**
ପ୍ରଚ୍ଛଦ ମଡେଲ୍ : **ରଶ୍ମିରଂଜିତା ନାୟକ**
ଉଚ୍ଚତା : **୫ ଫୁଟ୍ ୫ ଇଞ୍ଚ**
ଶିକ୍ଷା : **ସାମ୍ବାଦିକତାରେ ସ୍ନାତକୋତ୍ତର**
ବୃତ୍ତି : **ଅଭିନୟ**
କଷ୍ଟ୍ୟୁମ୍ ଓ ମେକ୍ଅପ୍ : **ସୁରଭି ଭଞ୍ଜ**
ସ୍ଥାନ : **କ୍ରିଏଟିଭ୍ ଆଇ କଲଚର୍ ସେଣ୍ଟର୍, ଭୁବନେଶ୍ୱର**

**ମଲାଟ କଥା :** ନବଜାତକର ଆଗମନ ନବୀନ ଆଶା ସଂଚାର କରେ ନାରୀଟିଏର ଅନ୍ତର୍ମନରେ । ସେ ଅନିଶା କରି ବସିଥାଏ ସବୁ ବ୍ୟଥା ଓ ବେଦନାକୁ ପଛ କରି । ନବଜନ୍ମର ପୁଲକିତ ମୁହୂର୍ତ୍ତକୁ ସେ ସ୍ମରଣୀୟ କରି ତୋଳେ ନିଜର ତ୍ୟାଗ ଓ ତିତିକ୍ଷାରେ । ନିରବଧି ନିଷ୍ପାର ନୂତନ ପ୍ରାପ୍ତି ପାଇଁ ସେ ଦିନରାତିକୁ ଏକାକାର କରି ପକାଏ । କିଏ ଜଣେ ଆସିବ । କିଏ ଜଣେ ଭରି ଦେବ ତାର ଖାଁ ଖାଁ ପଣକୁ । ଏଇ ପ୍ରତୀକ୍ଷାରେ ସେ ନାରୀଟି ବୁଣୁଥାଏ 'ସରାଗ'କୁ ଉଲ୍‌ର କଣ୍ଟାରେ, ସାରାଦିନ । ନାରୀଟେ ତାର ସନ୍ତାନ ପାଇଁ ସୁରକ୍ଷାର ଉଷୁମ୍ ପୋଷାକ ତିଆରି କରେ ଶୀତର ଆଗମନରେ । ଏ ନିର୍ମାଣ ଓ ନବଜନ୍ମର ପଶ୍ଚାତ୍‌ରେ ନାରୀର ନିୟତି ଆମର ଏଥରର ପ୍ରଚ୍ଛଦ ଭାବନା ।



Admission open ! Admission open !! Admission open !!!

# DIGAMBARI DEVI GROUP OF INSTITUTIONS

## An ISO 9001:2015 Certified Institutions



**1ST TIME**
in Jaleswar Hi-tech & Digital Teaching Method

- ✓ **ITI**
  Affiliated to N.C.V.T. Govt. of India New Delhi, Govt. of Odisha
- ✓ **+2 Science**
  Residencial College, Affiliated to CHSE, Govt. of Odisha
- ✓ **Public School**
  As per CBSE Syllabus (English Medium )
  Nursery to STD-V
- ✓ **DMLT** (Diploma in Medical Laboratary Technician)
  Approved by Health & Family Welfare Department Govt. of Odisha



## Jaleswar, Balasore

Email : digambaridevi1_m@yahoo.com
Web : www.digambarideviinstitutions.in
Mob : 9437264926, 9040338634, 9078254854

# ଜନ୍ମଦେବାର ଆନନ୍ଦ

ଜନ୍ମଦେବାର ଅଧିକାର କେବଳ ନାରୀର । ସୃଷ୍ଟିର ପ୍ରାରମ୍ଭରୁ ନାରୀକୁ ଭିନ୍ନ ଭାବେ ଭଗବାନ ଗଢ଼ିଛନ୍ତି । ଆତ୍ମବିଶ୍ୱାସ, ମମତା ଓ ସହନଶୀଳତା ଭଳି ଗୁଣମାନ ନାରୀ ଭିତରେ ଥିବା ବିଶେଷ ଉପାଦାନ ହୋଇଥିଲେ ହେଁ, ନାରୀ ହିଁ ସବୁଠାରୁ ବେଶି ଶକ୍ତିଶାଳୀ । ଜଣେ ନାରୀ ତା'ର ପ୍ରକୃତ ରୂପ କ୍ୱଚିତ୍ ଦେଖାଇଥାଏ । ଆଉ ସେତିକି ବେଳେ ତା'ର ସେ ରୂପ ପରିଦର୍ଶନରେ ସାରା ବ୍ରହ୍ମାଣ୍ଡ ଦୋହଲିଯାଏ । ଭଗବାନ ଶ୍ରୀକୃଷ୍ଣ ଭାଗବତ ଗୀତାରେ କହିଛନ୍ତି ଏହି କାରଣରୁ ଯେ, ନାରୀକୁ ତିରସ୍କାର କରିବା ବ୍ୟକ୍ତି ନର୍କ ଯନ୍ତ୍ରଣା ଭୋଗ କରିବା ସୁନିଶ୍ଚିତ । ଯେଉଁଠି ବା ଯେଉଁ ଘରେ ନାରୀକୁ ତିରସ୍କାର କରାଯାଏ, ସେ ଘର ମଧ୍ୟ ନର୍କ ପାଲଟି ଯାଏ । ଏହାର ଅନେକ ଦୃଷ୍ଟାନ୍ତ ଆମ ଚାରିପାଖରେ ରହିଛି । ଥରେ ଭାବିଲେ ଦେଖି, ଭଗବାନ କାହିଁକି ନାରୀକୁ ଦେଲେ ଜନ୍ମଦେବାର ଅଧିକାର । ଧାରଣ କରିବାର କ୍ଷମତା । କାହିଁକି ନାରୀ ହିଁ କେବଳ ନିଜ ଗର୍ଭରେ ଧାରଣ କରିବ ସୃଷ୍ଟିର ସମ୍ଭାରକୁ । କାରଣ ନାରୀ ହେଉଛି ପ୍ରଚୁର ଉର୍ଜାର ଏକ ଅସରନ୍ତି ଭଣ୍ଡାର । ଧୈର୍ଯ୍ୟ, ସହିଷ୍ଣୁତା, ସ୍ନେହ, ପ୍ରେମ, ମମତା, ବିଶ୍ୱାସ ଓ ଭକ୍ତି ଭଳି ନାନାଗୁଣ ନାରୀ ପାଖରେ ଭରପୂର୍ ହୋଇ ରହିଛି । ଯଦି ନାରୀ ନଥାନ୍ତା, ତେବେ ଏ ପ୍ରକୃତିର ପ୍ରତିରୂପ କେମିତି ହୁଅନ୍ତା ! ଥରେ କଳ୍ପନା କରନ୍ତୁ । ସୁତରାଂ ଯିଏ ଧାରଣ କରିପାରିବାର କ୍ଷମତା ରଖିଛି, ଯିଏ ସହିବାର କ୍ଷମତା ରଖିଛି, ଯିଏ ପାଳନ କରିବାର କ୍ଷମତା ରଖିଛି, ସେ ହିଁ ତ ପ୍ରକାରାନ୍ତରେ 'ଶକ୍ତିଶାଳୀ' । ଶାରୀରିକ ଗଠନ ପ୍ରକ୍ରିୟାରେ ନାରୀକୁ କୋମଳତାର ପ୍ରଲେପ ପ୍ରଦାନ କରିବା ମୂଳରେ ଭଗବାନଙ୍କର ଏୟା ହିଁ ଇଚ୍ଛା ଯେ, ସାରା ସଂସାରକୁ ଧରି ରଖିବ ଯିଏ, ପାଳିବ ଯିଏ, ସେ କୋମଳ ନହାଇ ରୁକ୍ଷ ହେବ କେମିତି ! ତେଣୁ ନାରୀ ମାନସିକ ଓ ଶାରୀରିକ ଭାବରେ କୋମଳ । କିନ୍ତୁ ନାରୀକୁ କେବେ ହେଲେ କୋମଳ ଭାବି ତିରସ୍କାର କରିବା କିମ୍ବା ଅପମାନିତ କରିବା ଅନୁଚିତ ।


ନାରୀଟିଏ ଜନ୍ମ ଦିଏ ମଣିଷକୁ । ସେ ମଣିଷ ଭିତରେ ଭଲମଣିଷ ଥାଆନ୍ତି, ଅମଣିଷ ବି ଥାଆନ୍ତି । ଏ କଥାକୁ ଜନ୍ମଦେବା ବେଳେ ଭାବେ ନାହିଁ ନାରୀ । ବାସ୍, ସେ କେବଳ ମାତୃତ୍ୱର ଏକ ଅକଳ୍ପନୀୟ ଆନନ୍ଦର ଅବଗାହନ କରୁଥାଏ । ଜନ୍ମ ଦେଇ ସେ 'ମାଆ' ହୁଏ । 'ମାଆ' ଠାରୁ ଜନ୍ମ ନେଇ ମଣିଷ କେମିତି ତିରସ୍କାର କରିପାରେ ସେ 'ମାଆ' ଜାତିକୁ- ଏକଥା ଭାବିବା ବେଳେ କଷ୍ଟ ଲାଗେ । ନାରୀ ଓ ପୁରୁଷ- ଉଭୟ ଜନ୍ମ ନିଅନ୍ତି ଜଣେ ନାରୀ ଠାରୁ । ସେ ନାରୀ ସେଇଥିପାଇଁ ଶକ୍ତିଶାଳୀ । ତା' ପାଖରେ ଯେଉଁ ଶକ୍ତି ଥାଏ, ସେ ତା'ର ଅପପ୍ରୟୋଗ କେବେ ବି କରେନା । ଆଉ ଯେବେ ଯେବେ ତାକୁ ବିବଶ କରାଯାଏ, ସେ 'ଶକ୍ତିମୟୀ' ରୂପ ଧାରଣ କରେ । ସେତେବେଳେ ବିନାଶ ହିଁ ଏକମାତ୍ର ଲକ୍ଷ୍ୟ । କିନ୍ତୁ ନାରୀ କେବେ ହୃଦୟରୁ ଚାହେଁନା ବିନାଶ । ନାରୀ ଲୋଡ଼େନା ନର୍କ । ନାରୀ ଚାହେଁନା ଅମଙ୍ଗଳ । ସେ ତ ପ୍ରତିନିୟତ ସଂସାରକୁ ସ୍ୱର୍ଗ କରିବାରେ ଲାଗିଥାଏ । ସଂସାର ପାଇଁ ମାଗେ ସୁଖ-ସମୃଦ୍ଧି । ସଂସାରର ମଙ୍ଗଳ କାମନାରେ ସାରା ଜୀବନକାଳ ସେ ଉତ୍ସର୍ଗ କରିଦିଏ ।

ପ୍ରତ୍ୟେକଟି ନବଜନ୍ମରେ ଆତୁର ହୋଇଉଠେ ମାଆର ମନ । ନାରୀଟି ଭିତରେ ଭରିଯାଏ ପରିପୂର୍ଣ୍ଣତାର ଆହ୍ଲାଦ । ସେ ଜାଣି ନଥାଏ, ନବଜାତକଟିର ସ୍ୱରୂପ କ'ଣ ହେବ । କେମିତି ହେବ ରୂପରେଖ । କେଉଁ ରୂପଗୁଣରେ ସେ କରିବ ମହିମାନ୍ୱିତ । ତଥାପି ମାଆ କେବେ ଅଣଦେଖା କରେ ନାହିଁ ଲାଳନପାଳନରେ । ମାଆ କେବେ ମନାକରେ ନାହିଁ, ମୁଁ ଧାରଣ କରିବି ନାହିଁ । ସେ କାଣିଚାଏ ବି ଊଣା କରି ନଥାଏ ସ୍ନେହମମତା । ଏହା କ'ଣ ଏତେ ସହଜ କଥା ! ଏ ଜଟିଳ ସମୟକୁ ଅତିରେ ଅତିବାହିତ କରି ପାରୁଥିବା ସେଇ ନାରୀକୁ ଆମେ ତିରସ୍କାର କରିପାରିବା କେମିତି ! ସମ୍ମାନ ଓ ଭଲପାଇବାରେ ବନ୍ଧାଇ ଦେବା ବେଳେ ଆମେମାନେ ଭୁଲିଯିବା ଉଚିତ ନୁହେଁ, ନାରୀ କେବଳ ନାରୀ ନୁହେଁ, ସେ ମାଆ । ସେ ହେଉଛି 'ଶକ୍ତି' ।


'ରେବତୀ'ର ଏ ସଂଖ୍ୟାଟି ହେଉଛି ସ୍ୱନକ୍ଷତ୍ର ସଂଖ୍ୟା । ଅକ୍ଟୋବର ୨୦୧୮ରେ ଆମେ 'ରେବତୀ'କୁ ଜନ୍ମ ଦେଇଥିଲୁ । ଯଦିଓ ଦେଢ଼ ଶହ ବର୍ଷ ପୂର୍ବରୁ କଥାସମ୍ରାଟ ଫକୀରମୋହନ ଗଳ୍ପ ମାଧ୍ୟମରେ 'ରେବତୀ'କୁ ଜନ୍ମ ଦେଇ ସାରିଥିଲେ । 'ରେବତୀ'ର ପ୍ରକୃତ ସ୍ରଷ୍ଟା ସେ । ଆମେ କେବଳ 'ରେବତୀ'କୁ ଆମ ମାଟିର, ଆମ ଓଡ଼ିଆ ଭାଷାର ଏକ ପତ୍ରିକା ଭାବରେ ପ୍ରସ୍ତୁତ କରିବାର ପ୍ରୟାସ କରିଛୁ । ଏଥିରେ ସମଗ୍ର ଓଡ଼ିଶାର ପ୍ରିୟ ପାଠକ ପାଠିକା, ଲେଖକଲେଖିକା, ବିଜ୍ଞାପନଦାତା, ଶିଳ୍ପୀକୂଳ, ଶୁଭେଚ୍ଛୁ, ବୁଦ୍ଧିଜୀବୀ ତଥା ପ୍ରତ୍ୟେକ ପରିବାରର ପ୍ରତ୍ୟେକଟି ସଦସ୍ୟସଦସ୍ୟାଙ୍କର ସହଯୋଗ ରହିଛି, ଯାହାକୁ ଆଜିର ଦିନରେ ମୁଁ ନମ୍ରତାର ସହ ସ୍ୱୀକାର କରୁଛି । ଆରମ୍ଭରୁ କହିଛୁ ଆମେ, 'ରେବତୀ' ଆପଣମାନଙ୍କର ପତ୍ରିକା । ତା'ର ସଫଳତା ବି ଆପଣମାନଙ୍କର ସଫଳତା । ଏ ସଂଖ୍ୟାକୁ ଦ୍ୱିତୀୟ ବର୍ଷର ପ୍ରଥମ ସଂଖ୍ୟା ଭାବରେ ଆପଣମାନଙ୍କ ହାତକୁ ତୋଳି ଦେବାବେଳେ, ପୁଣିଥରେ ଆଶା କରିବି, ଆପଣମାନଙ୍କର ଅକୁଣ୍ଠ ଭଲପାଇବା ଯାହା ବିଗତ ବର୍ଷରେ ଆପଣମାନେ ଦେଇଛନ୍ତି । ସ୍ୱନକ୍ଷତ୍ରର ଶୁଭକାମନା ସମସ୍ତଙ୍କୁ ।

**ଶ୍ରଦ୍ଧାର୍ଘ୍ୟ : ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆ**

ବାଲେଶ୍ୱର ମାଟିର ଜଣେ ପ୍ରତିଭାବାନ୍ ଚିତ୍ରଶିଳ୍ପୀ ଓ ଚିତ୍ର ଶିକ୍ଷକ ଆଦରଣୀୟ ଦେବେନ୍ଦ୍ର ଖଟୁଆଙ୍କର ଅକ୍ଟୋବର ୧୨ ତାରିଖରେ ଆକସ୍ମିକ ବିୟୋଗ ଆମକୁ ଗଭୀର ମର୍ମାହତ କରିଛି । ତାଙ୍କର ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନଥିଲେ ବି ସେ ଯେ 'ଅବର୍ତ୍ତମାନ', ତାହା ହିଁ ସତ୍ୟ । ତାଙ୍କର ଅନାବିଳ, ଉଦାର ଶିଳ୍ପୀଗୁଣ ଓ ମଧୁର ବ୍ୟବହାର ପାଇଁ ସେ ସଦାକାଳ ମନେ ରହିବେ । ଆଜି ଏ 'ସମ୍ପାଦକୀୟ' ସ୍ତମ୍ଭରେ ଗଭୀର ଶ୍ରଦ୍ଧା ନିବେଦନ ସହ ଅମର ଆତ୍ମାର ସଦ୍‌ଗତି କାମନା କରୁଛି ।



# ଘଟଗାଁର ମାଆ



## ଶାଳବଣ ମହାରାଣୀ

# ମା ତାରିଣୀ




**ଚିତ୍ତରଂଜନ ନାୟକ**

ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ
ଘଟଗାଁ ବ୍ଲକ୍, କେନ୍ଦୁଝର
ଫୋନ : ୯୯୩୭୫୬୫୪୯୨


ଫଟୋ ସୌଜନ୍ୟ : ଲେଖକ

### ଶାଳବଣ ମହାରାଣୀ: ମା ତାରିଣୀ

କେନ୍ଦୁଝରର ଅଧିଷ୍ଠାତ୍ରୀ ଦେବୀ ମା' ତାରିଣୀ । ଯିଏ ନଡ଼ିଆଟିଏ ଶ୍ରଦ୍ଧାରେ ଦେଲେ ଭକ୍ତଙ୍କ ଡାକ ଶୁଣେ ଓ ସକଳ ପାପତାପ ହରଣ କରେ ବୋଲି ସାଧାରଣରେ ରହିଛି ବିଶ୍ୱାସ । ସେ ଲକ୍ଷ ଲକ୍ଷ ଭକ୍ତଙ୍କ ଅଖଣ୍ଡ ବିଶ୍ରାମ ଓ ଆବେଗର କଥାକୁହା ଠାକୁରାଣୀ । କେବଳ ଓଡ଼ିଶାର ନୁହେଁ ବରଂ ସାରା ଭାରତର କୋଣ ଅନୁକୋଣରୁ ଭକ୍ତ ତଥା ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଥିବା ସଦା ଚଳଚଞ୍ଚଳ ଶକ୍ତିପୀଠ ହେଉଛି କେନ୍ଦୁଝର ଜିଲ୍ଲା ଘଟଗାଁର ମା' ତାରିଣୀ ପୀଠ । ଦେବୋତ୍ତର ବିଭାଗର ତଥ୍ୟ ଅନୁଯାୟୀ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପରେ ପରେ ଦ୍ୱିତୀୟ ସର୍ବାଧିକ ଭକ୍ତଗହଳି ପୀଠ ଭାବେ ଏହ ସ୍ଥାନର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ । ଭୁବନେଶ୍ୱରରୁ ଭାୟା ଆନନ୍ଦପୁର ଦେଇ ୨୦ ନମ୍ବର ଜାତୀୟ ରାଜପଥରେ କେନ୍ଦୁଝର ଯିବା ବାଟରେ ଆନନ୍ଦପୁର ଠାରୁ ୩୫ କି.ମି. ଦୂରରେ ପଡ଼େ ଏହି ଲୋକପ୍ରିୟ ଶକ୍ତିପୀଠ । ସେପଟେ କେନ୍ଦୁଝର ସଦର ମହକୁମା ଠାରୁ ଏହି ପୀଠର ଦୂରତା ୪୮ କି.ମି. । ଅନ୍ୟ ପକ୍ଷରେ ରେଳ ଯୋଗେ ଆସିଲେ ଯାଜପୁର ରୋଡ଼ରେ ଓହ୍ଲାଇ ବସ୍ ମାଧ୍ୟମରେ ୭୦ କି.ମି. ଆସିବାକୁ ହୁଏ । ରେଳ ଯୋଗେ ଆସି ହରିଚନ୍ଦନପୁରରେ ଓହ୍ଲାଇ ମାତ୍ର ୧୫ କି.ମି. ଯାତ୍ରା କଲେ ଏହି ପୀଠରେ ପହଞ୍ଚି ହୁଏ ।

### କିମ୍ବଦନ୍ତୀ ଓ ଗବେଷଣାର ଗାଥା

କିମ୍ବଦନ୍ତୀ କହେ, ଉତ୍କଳ ପ୍ରଦେଶର ରାଜା ପୁରୁଷୋତ୍ତମ ଦେବ କାଞ୍ଚି ରାଜ୍ୟର ରାଜକୁମାରୀ ପଦ୍ମାବତୀଙ୍କୁ ବିବାହ କରିବାକୁ ଇଚ୍ଛୁକ ଥିଲେ । ମାତ୍ର ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ରାଜା ଛେରା ପହଁରା କରିବାର ବିଧି ଥିବାରୁ କାଞ୍ଚି ରାଜା ସାଲ୍ୱ ନରସିଂହ ଦେବ ପୁରୁଷୋତ୍ତମ ଦେବଙ୍କୁ ଜଣେ ଝାଡ଼ୁଦାର ବୋଲି ଆକ୍ଷେପ କରିବା ସହ ନିଜ କନ୍ୟାକୁ ଜଣେ ଝାଡ଼ୁଦାର ହାତରେ କଦାପି ଅର୍ପଣ କରିବେନି ବୋଲି ନାସ୍ତିବାଣୀ ଶୁଣାଇଥିଲେ ।

ଏଣୁ ଅପମାନ ବୋଧକରି ରାଜା ପୁରୁଷୋତ୍ତମ ଦେବ କାଞ୍ଚିରାଜା ସାଲ୍ୱ ନରସିଂହଦେବଙ୍କ ସହ ଯୁଦ୍ଧ କରିଥିଲେ । ଯଦିଚ ପ୍ରଥମ ଯୁଦ୍ଧରେ ସେ ପରାସ୍ତ ହୋଇଥିଲେ, ହେଲେ ୨ୟ ଯୁଦ୍ଧରେ ଜଗନ୍ନାଥଙ୍କ ଆଶୀର୍ବାଦ ଲାଭ କରି ସେ ବିଜୟୀ ହୋଇଥିଲେ ବୋଲି ଜଣାଯାଏ । ଏହି ଯୁଦ୍ଧରେ କେନ୍ଦୁଝର ରାଜା ତ୍ରିଲୋଚନ ଭଂଜଙ୍କ ପୁତ୍ର ଗୋବିନ୍ଦ ଭଞ୍ଜ ପ୍ରମୁଖ ସେନାପତି ଥିଲେ ବୋଲି କିମ୍ବଦନ୍ତୀ କହେ । ଏହି ଦାକ୍ଷିଣାତ୍ୟ ଅଭିଯାନ ସମୟରେ ଗୋବିନ୍ଦ ଭଞ୍ଜ ମା' ତାରିଣୀଙ୍କ ସଂସ୍ପର୍ଶରେ ଆସିଥିଲେ ଏବଂ ନିଜର ଭକ୍ତି ଓ ପୂଜାର୍ଚ୍ଚନାରେ ସନ୍ତୁଷ୍ଟ କରି ପୁରୀ ଆଣିଥିଲେ । ପରେ ପରେ ନିଜ ପିତାଙ୍କ ନିଧନ ଖବର ପାଇ ସେ କେନ୍ଦୁଝର ପ୍ରତ୍ୟାବର୍ତ୍ତନ ସମୟରେ ମା' ତାରିଣୀଙ୍କୁ ସାଙ୍ଗରେ ନେବାକୁ ଚାହିଁବାରୁ ମା'ଙ୍କର ସର୍ତ୍ତ ଥିଲା କି ଦୁଇଟି ଘୋଡ଼ାରେ ପୃଥକ ପୃଥକ ଫେରିବା ବେଳେ ଗୋବିନ୍ଦ ରହିବେ ଆଗରେ ଓ ମା' ରହିବେ ପଛରେ । ଏହା ମଧ୍ୟ ସର୍ତ୍ତ ଥିଲା କି ଗୋବିନ୍ଦ ପଛକୁ ଫେରି ଚାହିଁବେ ନାହିଁ । ଯେତେବେଳେ ଉଭୟ ଘଟଗାଁର ଶାଳବଣ ଘେରା ଅଟେଇ ପାଖରେ ପହଞ୍ଚିଗଲେ ହଠାତ୍ ମା' ତାରିଣୀଙ୍କ ନୂପୁର ନିକ୍କଣ ବନ୍ଦ ହେବା ଉତ୍ତାରୁ ଗୋବିନ୍ଦ ଭଂଜ ଅନୁସନ୍ଧିତ୍ସୁ ହୋଇ ନିଜ ସର୍ତ୍ତ ଭୁଲିଯାଇ ପଛକୁ ଚାହିଁଦେଲେ । ମା'ଙ୍କର ନିର୍ଦ୍ଦେଶ ଥିଲା କି ମୁଁ ଏଇ ଶାଳବଣର ଦିବ୍ୟ ପରିବେଶରେ ଅବସ୍ଥାନ କରିବାକୁ ଚାହେଁ, ତେଣୁ ଏଇଠି ମୋତେ ପୂଜାର୍ଚ୍ଚନା କରିବାର ଆନୁଷଙ୍ଗିକ ବ୍ୟବସ୍ଥା କରାଯାଉ । ସେଇଆ ହିଁ ହେଲା । ପାଷାଣ ପ୍ରତିମା ରୂପେ ମା' ସେଠି ପୂଜିତ ହେଲେ । ଜନଶ୍ରୁତି ଅନୁଯାୟୀ ଦେବୀଙ୍କର ସଂପୂର୍ଣ୍ଣ ନିଜସ୍ୱ ରୂପ ନଥିବାରୁ ଘଟ ରଖି ତାଙ୍କୁ ପୂଜାର୍ଚ୍ଚନା କରାଗଲା । ଫଳରେ ଏହି ପୀଠର ନାମ ଘଟଗାଁ । ଏଠାରେ ଶୁଦ୍ଧ ଅନ୍ତଃକରଣରେ ମା'ଙ୍କର ପୂଜା ଶାବରୀ ମତରେ କରାଯାଏ । ବ୍ୟତିକ୍ରମ ସ୍ୱରୂପ ଏଠାରେ ଶବର ଜାତୀୟ ଦେହୁରି ମାନେ ହିଁ ଏହି ପୂଜା ସଂପନ୍ନ କରନ୍ତି ।

### ଗବେଷକଙ୍କ ଭିନ୍ନମତ

କେନ୍ଦୁଝରର କଳା, ସଂସ୍କୃତି ଓ ଐତିହ୍ୟ ଉପରେ ଗଭୀର ମନଯୋଗ ସହକାରେ ଗବେଷଣା କରିଥିବା ବିଶିଷ୍ଟ ଗବେଷକ ହଳଧର ପଣ୍ଡା ନିଜର ଲୋକପ୍ରିୟ ପୁସ୍ତକ 'ଯୁଗେ ଯୁଗେ କେନ୍ଦୁଝର'ରେ ଏ ସମ୍ପର୍କରେ ବେଶ୍ ରୋଚକ ତଥ୍ୟ ପ୍ରଦାନ କରିଛନ୍ତି । ତାଙ୍କ



ମତରେ ତାରିଣୀ ମୂଳତଃ ବୌଦ୍ଧ ଦେବୀ । ବୌଦ୍ଧ ତନ୍ତ୍ରଶାସ୍ତ୍ରରେ ଥିବା ୬୪ ଯୋଗିନୀ ମାତାଙ୍କ ମଧ୍ୟରେ ତାରିଣୀ ଅନ୍ୟତମ । ବୌଦ୍ଧ ଦେବୀ ଅଷ୍ଟଦେବୀ ପରିବୃତ୍ତା ହେବା ପରି ମା' ତାରିଣୀଙ୍କ ମନ୍ଦିର ମଧ୍ୟରେ ଦେବୀ ତାରିଣୀ ମଧ୍ୟ ଅଷ୍ଟଦେବୀଙ୍କ ଦ୍ୱାରା  ପରିବୃତ୍ତା । ଦେବୀଙ୍କ ପୂଜାରେ ଯେଉଁ ମନ୍ତ୍ର ଉଚ୍ଚାରିତ ହୁଏ ସେଥିରେ ୬୪ ଯୋଗିନୀଙ୍କ ନାମ ରହିବା ତାରିଣୀଙ୍କ ବୌଦ୍ଧତ୍ୱର ପ୍ରମାଣ ଦିଏ । କେନ୍ଦୁଝରରେ ବୌଦ୍ଧ ତନ୍ତ୍ର ସାଧକମାନେ ତାରାଙ୍କୁ ନିଜର ଇଷ୍ଟଦେବୀ ରୂପେ ପୂଜା କରୁଥିବାରୁ ତାହା କାଳକ୍ରମେ ତାରିଣୀଙ୍କୁ ରୂପାନ୍ତରିତ ହୋଇଥିବା ଅନୁମେୟ । Mystic Tales of Sama Taranath ପୁସ୍ତକ ବର୍ଣ୍ଣିତ ତଥ୍ୟ ଆଧାରରେ ବୌଦ୍ଧତନ୍ତ୍ର ସାଧକ ଢେଙ୍କିପାଦ ଓ ବୌଦ୍ଧ ରସାୟନବିତ୍ ନାଗାର୍ଜୁନ ଯଥାକ୍ରମେ ଘଟଗାଁ ନିକଟବର୍ତ୍ତୀ ଢେଙ୍କିକୋଟ ଓ ଅର୍ଜୁନବିଲାରେ ବସବାସ କରୁଥିଲେ ଏବଂ ମା' ତାରିଣୀଙ୍କର ଉପାସନା କରୁଥିଲେ ବୋଲି ଡଃ କରୁଣାକର କର ନିଜ ଲିଖିତ 'ଆଶ୍ଚର୍ଯ୍ୟ ଚର୍ଯ୍ୟାଚୟ' ପୁସ୍ତକରେ ଉଲ୍ଲେଖ କରିଛନ୍ତି । ଏହି ପ୍ରସଙ୍ଗରେ ନୀଳମଣି ସେନାପତି (ଆଇଏଏସ୍)ଙ୍କ ସମ୍ପାଦିତ 'କେନ୍ଦୁଝର ଗେଜେଟ୍' ରୋଚକ ତଥ୍ୟ ପ୍ରକାଶ କରିଛି । ସେଥିରେ ସ୍ପଷ୍ଟ ଉଲ୍ଲେଖ ଅଛି:

The time of Govinda Bhanja can not be as early as that of  Gajapati Purusottam Dev (1467-1497 AD), the Victor of the battle of Kanchi Kaveri, Very likely Purusottam Dev(1600-1621 AD) was ruler of  Khurda kingdom has been  confounded with the great Purusottam Dev (1467-1497 AD) Who fought the battle of Kanchi Kavery. The date of Govinda Bhanja may tentatively be assigned to the first, quarter of 17th Century AD.


ଏଥିରୁ  ଏକଥା ସ୍ପଷ୍ଟ ଯେ ଗୋବିନ୍ଦ ଭଂଜ  ଉତ୍କଳ ନରପତି ପୁରୁଷୋତ୍ତମ ଦେବଙ୍କ ସମସାମୟିକ ନଥିଲେ କି କାଞ୍ଚି ଯୁଦ୍ଧରେ ସେନାପତି ଭାବେ ଯୋଗ ଦେଇ ନଥିଲେ ।  କାଞ୍ଚି ଯୁଦ୍ଧ  ଲଢ଼ିଥିବା ପୁରୁଷୋତ୍ତମ ଦେବ ଗୋବିନ୍ଦଙ୍କ ଠାରୁ ୧୩୩ ବର୍ଷର ପୂର୍ବତନ ଶାସକ ଥିଲେ । ଅନ୍ୟ ପକ୍ଷରେ ସୁନ୍ଦରଗଡ଼ ବଣେଇର


ଘଟକେଶ୍ୱର ଶିବ ମନ୍ଦିର

ବିଶିଷ୍ଟ ଶାସ୍ତ୍ରଜ୍ଞ  ଦାମୋଦର ଦ୍ୱିଜଙ୍କ ରଚିତ 'ବଣେଇ ମାଦଳା'ର ଚତୁର୍ଥ ଅଧ୍ୟାୟରେ ବର୍ଣ୍ଣିତ ତଥ୍ୟରୁ ଜଣାଯାଏ ଯେ ପ୍ରାୟ ୧୦୭୧ ଖ୍ରୀଷ୍ଟାବ୍ଦ ବେଳକୁ ପ୍ରମୁଖ ଶକ୍ତିପୀଠ ଭାବେ ତାରିଣୀ ତୀର୍ଥ କେନ୍ଦୁଝରରେ ବିଖ୍ୟାତ ହୋଇ ସାରିଥିଲା । ଏସବୁ ତଥ୍ୟରୁ ଜଣାଯାଏ କି ମା' ତାରିଣୀ ଅନ୍ୟ କେଉଁଠୁ ଆସିଥିବା କଥା ଗ୍ରହଣଯୋଗ୍ୟ ନୁହେଁ ।  ପରନ୍ତୁ ଘଟଗାଁ ହିଁ ଦେବୀଙ୍କର ନିଜସ୍ୱ ପୀଠ । ଅନ୍ୟପକ୍ଷରେ ଜର୍ମାନୀ ବାସିନ୍ଦା ତଥା  ଇଣ୍ଡୋଲୋଜିର ପ୍ରଫେସର୍ ମେଲବ୍ରିନ୍ ଓ ହେନ୍‌ରିଚ୍ ମଧ୍ୟ ତାରିଣୀଙ୍କ ଅବସ୍ଥାନ ଉପରେ ଭିନ୍ନମତ ପୋଷଣ କରନ୍ତି । The Divine play on Earth, Religious Aesthetics and Ritual in Orissa ପୁସ୍ତକରେ ମଧ୍ୟ ତାରିଣୀ ବୌଦ୍ଧ ଦେବୀ ବୋଲି ଅବତାରଣା କରାଯାଇଛି ।

### ମନ୍ଦିରର ପୂଜାନୀତି ଓ ପର୍ବପର୍ବାଣି

ମା'ଙ୍କ ପୀଠରେ ମକରସଂକ୍ରାନ୍ତି, ଚଇତିପର୍ବ, ରଜସଂକ୍ରାନ୍ତି, ଆଷାଢ଼ୀ ପର୍ବ ଓ ଦୁର୍ଗାପୂଜା ମହା ସମାରୋହରେ ପାଳିତ ହୁଏ ଏବଂ ଏହିସବୁ ପର୍ବପର୍ବାଣି ସମୟରେ   ମା'ଙ୍କର ସୁନାବେଶ ନୀତି ସଂପନ୍ନ ହୋଇଥାଏ । ତେବେ ଏସବୁ ପର୍ବ  ମଧ୍ୟରୁ ଚଇତି ପର୍ବ ଓ ଆଷାଢ଼ୀ ପର୍ବ ସର୍ବାଧିକ ଗୁରୁତ୍ୱ ରଖିଥାଏ । ସାଧାରଣତଃ ଚୈତ୍ରମାସର ଶେଷ ୫ଦିନ ଓ ବୈଶାଖର ପ୍ରଥମ ଦୁଇଦିନ (ଏପ୍ରିଲ୍ ୯ ରୁ ୧୫ଯାଏଁ) ଚଇତି ପର୍ବ ପାଳନ କରାଯାଏ । ପ୍ରତ୍ୟହ ସକାଳୁ ଆରମ୍ଭ ହୋଇ ରାତ୍ରି ଶେଷ ଯାଏଁ କଳା ଓ ସଂସ୍କୃତିର ଅନନ୍ୟ ପ୍ରଦର୍ଶନ ଏକାଧିକ ମଞ୍ଚରେ ଶ୍ରଦ୍ଧାଳୁମାନଙ୍କୁ ବାନ୍ଧି ରଖେ । ଓଡ଼ିଶା ତଥା ଓଡ଼ିଶା ବାହାରୁ ବିଭିନ୍ନ କଳାକାରମାନଙ୍କୁ ନିଜ ଉତ୍କର୍ଷ ଓ ନୈପୁଣ୍ୟ ପ୍ରଦର୍ଶନ କରିବାକୁ ଭରପୂର ସୁଯୋଗ ମିଳେ । ଘୋଡ଼ାନାଚ, ଘୁମୁରା, ମାଲଖମ୍ବ, ଛଉ, ଦାସକାଠିଆ, ପାଲା, ପ୍ରବଚନ, ଭଜନଗାନ, ସାହିତ୍ୟ ଆସର, ଆଧ୍ୟାତ୍ମିକ ପ୍ରଦର୍ଶନୀ ଓ କୁଇଜ୍ ପ୍ରତିଯୋଗିତା ସାତଦିନ ଧରି ହଜାର ହଜାର ଭକ୍ତଙ୍କୁ ମନ୍ତ୍ରମୁଗ୍ଧ କରେ । ସମଗ୍ର ଅଞ୍ଚଳ ଏକ ଅଦ୍ଭୁତ ଆଧ୍ୟାତ୍ମିକ ପରିବେଶରେ ଭାବମୟ ହୋଇଉଠେ । ସେଇ ଚଇତି ପର୍ବ ମଧ୍ୟରେ ମହାବିଷୁବ ସଂକ୍ରାନ୍ତି ପଡୁଥିବାରୁ ମନ୍ଦିର ପରିସରରେ ଲକ୍ଷାଧିକ ଜନସମାଗମ ହୋଇଥାଏ । ବିଭିନ୍ନ ସ୍ୱେଚ୍ଛାସେବୀ ଓ ଧର୍ମୀୟ ସଂଗଠନ ଆଇନ ଶୃଙ୍ଖଳା ଓ


ଗୁଣ୍ଡିଚାଘାଗି ଜଳପ୍ରପାତ



ଟ୍ରଷ୍ଟ୍ ବୋର୍ଡ଼ ତରଫରୁ ମା'ଙ୍କ ପୀଠର ସର୍ବାଙ୍ଗୀନ ବିକାଶ ପାଇଁ ପ୍ରୟାସ ଅବ୍ୟାହତ । ଏବେ ମନ୍ଦିର ଚତୁଃପାର୍ଶ୍ୱର ତୋରଣ ଗୁଡ଼ିକର ସୌନ୍ଦର୍ଯ୍ୟକରଣ କାମ ପ୍ରଗତି ପଥରେ । ଚୁଳ ସମର୍ପଣ କେନ୍ଦ୍ରକୁ ଛାତ ଆଚ୍ଛାଦିତ କରାଯାଇ ଯାତ୍ରୀମାନଙ୍କୁ ସୁବିଧାକୁ ପ୍ରାଥମିକତା ଦିଆ ଯାଇଛି । ଅନେକ ସମୟରେ ମା'ଙ୍କୁ ନେଇ ଅନେକ ଗୁଜବ ଉଠେ । ଅମକେଇ ମେସେଜ୍ ଏତିକି ଲୋକଙ୍କୁ ପଠେଇଲେ ଅମକେଇ ଲାଭ ହେବ, ଅମକେଇ ଦିନ ଅଖଣ୍ଡ ଦୀପ ଲିଭିଯିବା ଯୋଗୁଁ ଏଇ ବିଧି ମାନିବା ଜରୁରୀ ଓ ଜିଭ କାଟି ରକ୍ତ ଦେଲେ ମନୋବାଞ୍ଛା ଜଲ୍‌ଦି ପୂରଣ ହେବା ଆଦି ଗୁଜବ ଲୋକଙ୍କୁ ଅନେକ ସମୟରେ ବିଭ୍ରାନ୍ତ କରେ । ସାମାଜିକ ଗଣମାଧ୍ୟମରେ, ଟି.ଭି. ଓ ଖବରକାଗଜ ମାଧ୍ୟମରେ ଲୋକମାନଙ୍କୁ ଏସବୁ ଗୁଜବକୁ ବିଶ୍ୱାସ ନକରିବାକୁ ଆମେ ଟ୍ରଷ୍ଟ୍ ବୋର୍ଡ଼ ତରଫରୁ ନିବେଦନ କରି ଆସିଛୁ ।

**ରାଜେନ୍ଦ୍ର କୁମାର ପଟ୍ଟନାୟକ**
ସଭାପତି: ମା ତାରିଣୀ ଠାକୁରାଣୀ ଟ୍ରଷ୍ଟ, ଘଟଗାଁ

ଧାଡ଼ି ଦର୍ଶନରେ ପ୍ରଶାସନକୁ ସହଯୋଗ କରିବା ସହ ପଣା, ଲଡ୍ଡୁ ଓ ଖେଚୁଡ଼ି ଭକ୍ତମାନଙ୍କୁ ବାଣ୍ଟନ୍ତି । ଏହି କାର୍ଯ୍ୟକ୍ରମରେ ସତ୍ୟସାଇ ସମିତି, ଗାୟତ୍ରୀ ପରିବାର, ଆଦିତ୍ୟ ବାହିନୀ, ପ୍ରଜାପିତା ଈଶ୍ୱରୀୟ ଭଗିନୀ ବୃନ୍ଦ ଓ ଏକାଧିକ ଆଞ୍ଚଳିକ ସ୍ୱେଚ୍ଛାସେବୀ ସଂଗଠନ ତ୍ୟାଗ ଓ ନିଷ୍ଠାର ପ୍ରମାଣ ଦିଅନ୍ତି । ସେହିପରି ଆଷାଢ଼ୀ ପର୍ବ ଅନ୍ୟତମ ପ୍ରମୁଖ ପର୍ବ । ତେବେ ଏହା ବିଶେଷକରି ଘଟଗାଁ ବ୍ଲକ୍ ଅଞ୍ଚଳର ଲୋକମାନଙ୍କ ପାଇଁ ଅଧିକ ଗୁରୁତ୍ୱ ରଖେ ।   ଏହି ସ୍ୱତନ୍ତ୍ର ପର୍ବ ଆଷାଢ଼ ମାସରେ ପାଳିତ ହୁଏ । ଘଟଗାଁ ଅଞ୍ଚଳର ୨୨ଖଣ୍ଡ ମୌଜାର ମୁରବୀମାନଙ୍କୁ ସନ୍ଧ୍ୟା ସମୟରେ ମନ୍ଦିରକୁ ନିମନ୍ତ୍ରଣ କରାଯାଇ ମା'ଙ୍କ ବିଶେଷ ପୂଜାନୀତି କରାଯାଇଥାଏ । ଏହି ପୂଜା ବିଳମ୍ବିତ ରାତ୍ରିଯାଏଁ ଚାଲେ ବୋଲି ପୂଜକଙ୍କ ଠାରୁ ପ୍ରକାଶ । ନିମନ୍ତ୍ରିତ ମୁରବୀମାନେ ଶ୍ରଦ୍ଧାରେ ମାନସିକ  ବୋଦା ମା'ଙ୍କ ଠାରେ ପୂଜା କରି ସମର୍ପଣ କରିବାର ବିଧି ଅନେକ କାଳୁ ପ୍ରଚଳିତ । ପୂର୍ବରୁ ଏହି ବୋଦାଗୁଡ଼ିକୁ ବଳି ପକା ଯାଉଥିବାର ଶୁଣା ଯାଉଥିବା ବେଳେ ଏବେ କେବଳ ମାନସିକ ଅର୍ପଣ ସ୍ୱରୂପ ସେଗୁଡ଼ିକୁ ମୁକ୍ତ ଭାବରେ ଛାଡ଼ି ଦିଆ ଯାଉଥିବାର ଜଣାଯାଏ । ଆଗାମୀ ପୂଜା ପରେ ପରେ ନିଶାର୍ଦ୍ଧରେ ମନ୍ଦିର ସଂଲଗ୍ନ ଜଙ୍ଗଲରୁ ବାଘ ଆସି ମା'ଙ୍କ ପୂଜାଭୋଗ ଭକ୍ଷଣ କରେ ବୋଲି ଜନଶ୍ରୁତି ପ୍ରଚଳିତ । ବାଘ ମା'ଙ୍କ ବାହନ ହୋଇଥିବାରୁ ନିକଟସ୍ଥ ଜଙ୍ଗଲରେ ଅତୀତରେ ବନବିଭାଗ ତଥ୍ୟ ଅନୁଯାୟୀ  ବାଘ ଦେଖା ଯାଇଥିବାରୁ ଏ ବିଶ୍ୱାସ ଜନମାସରେ ଆହୁରି ଶକ୍ତ ହୋଇ ବସା ବାନ୍ଧିଛି ବୋଲି ଗବେଷକଙ୍କ ସୂତ୍ରରୁ ପ୍ରକାଶ ।

ମା'ଙ୍କର ସମସ୍ତ ପୂଜାନୀତି ମନ୍ଦିର ଟ୍ରଷ୍ଟ୍ ବୋର୍ଡ଼ ଦ୍ୱାରା ଶୃଙ୍ଖଳିତ ଓ ନିୟନ୍ତ୍ରିତ ଭାବେ ସଂପନ୍ନ କରା ଯାଇଥାଏ । ଏପ୍ରିଲ୍‌ରୁ ସେପ୍ଟେମ୍ବର ମାସ ଯାଏଁ ଦର୍ଶନ ସକାଶେ ମନ୍ଦିର ସକାଳ ୬ ରୁ ଖୋଲା ହୁଏ ଏବଂ ଅକ୍ଟୋବର ମାସରୁ ମାର୍ଚ୍ଚ ମାସ ଯାଏଁ ଏହା ସକାଳ ୬.୩୦ ରୁ ଖୋଲା ହୁଏ । ମଧ୍ୟାହ୍ନ ୧.୦୦ରେ ମନ୍ଦିର ପହଡ଼ ପଡ଼ି ପୁଣି ଅପରାହ୍ନ ୩.୦୦ ରେ ଭକ୍ତଙ୍କ ପାଇଁ ମନ୍ଦିର ଦ୍ୱାର ଖୋଲା ହୋଇ ସନ୍ଧ୍ୟା ୮.୦୦ଯାଏଁ ଖୋଲା ରହେ । ମା'ଙ୍କ ଆଳତି ସକାଳ ୬ ରୁ ୬.୩୦ ଓ ପୁଣି ସନ୍ଧ୍ୟା ୭.୩୦ ରୁ ୮.୦୦ ଯାଏଁ ବିଧିମତେ ଅନୁଷ୍ଠିତ ହୁଏ । ଏହି ସ୍ୱତନ୍ତ୍ର ଆଳତି ଦର୍ଶନ ନିମିତ୍ତ ଶ୍ରଦ୍ଧାଳୁଙ୍କ ଭିଡ଼ ଜମି ଥାଏ । ଏହା ବାଦ୍ ଅପରାହ୍ନରେ ମା'ଙ୍କ ପାଖରେ ବିଶେଷ କିସମର ଚକୁଳି ଭୋଗ ହୁଏ ଓ ଭକ୍ତମାନେ ସ୍ୱଳ୍ପ ମୂଲ୍ୟରେ ଏହାକୁ କିଣି ପାରିବାର ମଧ୍ୟ ବ୍ୟବସ୍ଥା ରହିଛି । ତେବେ ଦୂର ଦୂରାନ୍ତରୁ ଆସୁଥିବା ଭକ୍ତମାନେ ଟ୍ରଷ୍ଟ୍ ବୋର୍ଡ଼ ପରିଚାଳିତ ପ୍ରସାଦାଳୟରେ ୪୫ ଟଙ୍କାର ଭୋଗ ଟିକେଟ୍ କାଟି ଭୋଜନ କରିପାରିବାର ବ୍ୟବସ୍ଥା ରହିଛି । ଟ୍ରଷ୍ଟ୍ ବୋର୍ଡ଼ ଦ୍ୱାରା ଏକ ସୁନ୍ଦର ପ୍ରସାଦାଳୟ ନିର୍ମାଣ କରାଯାଇଛି ଏବଂ ବିଶୁଦ୍ଧ ପାନୀୟ ଜଳର ମଧ୍ୟ ସୁବନ୍ଦୋବସ୍ତ କରାଯାଇଛି । ଅନ୍ନ, ଖିଚୁଡ଼ି, କ୍ଷୀରି, ଶାକର ଭଜା, ଆମ୍ବିଳ ଉଚ୍ଚ ଗୁଣବତ୍ତା ସାମଗ୍ରୀ ଓ ଖାଇବା ତେଲରେ ପ୍ରସ୍ତୁତ ହେଉଥିବାରୁ ଏହାର ଆଦର ସବୁଠୁ ବେଶି ଥାଏ । ଅନେକ ସମୟରେ ଟିକେଟ୍ ବୁକିଂ ସକାଳ ୧୧ଟା ମଧ୍ୟରେ ମଧ୍ୟ ଶେଷ ହୋଇଯାଏ । ପ୍ରସାଦାଳୟ ନିକଟରେ ହସ୍ତତନ୍ତ ବସ୍ତ୍ର ଓ ଟେରାକୋଟା ସାମଗ୍ରୀ ଆଦିର ସୁଲଭ ବିକ୍ରୟ କେନ୍ଦ୍ର ମଧ୍ୟ ଖୋଲା ଯାଇଛି । ଭକ୍ତମାନେ ମାନସିକ ସ୍ୱରୂପ ୧୦୮ ନଡ଼ିଆ ମା'ଙ୍କ ପାଖରେ ସମର୍ପଣର ବିଧି କାହିଁ କେତେକାଳୁ ପ୍ରଚଳିତ । ଏଠାରେ ଅନ୍ୟାନ୍ୟ ମନ୍ଦିର ଭଳି ପୂଜକ ବା ସେବାୟତଙ୍କ ଜୁଲୁମ୍ ବା ପ୍ରାଦୁର୍ଭାବ ଦେଖିବାକୁ ମିଳେ ନାହିଁ । ଶୃଙ୍ଖଳିତ ଧାଡ଼ିରେ ଭକ୍ତଙ୍କ ଦର୍ଶନ ନିମନ୍ତେ ମନ୍ଦିର ପ୍ରଶାସନ ତରଫରୁ ବ୍ୟାରିକେଡ଼ ତିଆରି ହେବା ସହ ସୁରକ୍ଷା କର୍ମୀ ମଧ୍ୟ ମୁତୟନ କରା ଯାଇଥାଏ ।

## ମନ୍ଦିର ପ୍ରଶାସନ ଓ ପରିଚାଳନା

ଗବେଷକ ହଳଧର ପଣ୍ଡାଙ୍କ ତଥ୍ୟ ଅନୁଯାୟୀ ୧୯୩୭ ମସିହାରେ କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକର ତରା ଗ୍ରାମର ବିଶିଷ୍ଟ ସମାଜସେବୀ ଭୀମସେନ ରାଉତଙ୍କ ପ୍ରଗାଢ଼ ନିଷ୍ଠା ଓ ତତ୍ତ୍ୱାବଧାନରେ ଏହି ପୀଠର ଉନ୍ନତି ଓ ପୂଜାବିଧି ପାଇଁ ଏକ କମିଟି ଗଠନ କରାଯାଇ ତାହାର କାର୍ଯ୍ୟଧାରା ଆରମ୍ଭ କରାଯାଇଥିଲା । ୧୯୪୮ ମସିହାରେ ଦେବୋତ୍ତର ବିଭାଗ କେନ୍ଦୁଝର ଜିଲ୍ଲାର ଯେଉଁ ୫୨ଟି ଦେବାଦେବୀ ମନ୍ଦିର ହାତକୁ ନେଲେ, ସେଥିମଧ୍ୟରେ ତାରିଣୀ ପୀଠ ଅନ୍ତର୍ଭୁକ୍ତ ଥିଲା । ପରେ ପରେ ୧୯୭୦ ମସିହାରେ ସ୍ଥାନୀୟ ବିଡ଼ିଓଙ୍କୁ ଚେୟାରମ୍ୟାନ  ଭାବେ ନିଆଯାଇ ଏକ ଟ୍ରଷ୍ଟ୍ ଗଠନ କରାଯାଇ ମନ୍ଦିର ରୀତିନୀତିର ସୁପରିଚାଳନା ଉପରେ ଗୁରୁତ୍ୱ ଦିଆଗଲା । ବର୍ତ୍ତମାନ ଶ୍ରୀ ରାଜେନ୍ଦ୍ର ପଟ୍ଟନାୟକ ଟ୍ରଷ୍ଟ୍‌ବୋର୍ଡ଼ର ମୁଖ୍ୟ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି । ଟ୍ରଷ୍ଟ୍‌ର ନିଜସ୍ୱ ୱେବ୍‌ସାଇଟ୍‌ରେ ଭକ୍ତଙ୍କ ନିମିତ୍ତ ଅତ୍ୟାବଶ୍ୟକ ସୂଚନା ଉପଲବ୍ଧ କରାଯାଇଛି । ଏବେ ପ୍ରତି ସପ୍ତାହରେ ଥରେ ମନ୍ଦିରର ହୁଣ୍ଡିରୁ ଆସିଥିବା ଦାନଦକ୍ଷିଣାକୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଟ୍ରଷ୍ଟ୍‌ବୋର୍ଡ଼ କାର୍ଯ୍ୟାଳୟରେ ଗଣତି କରାଯାଇ ବ୍ୟାଙ୍କ୍‌ରେ ଜମା ରଖାଯାଏ । ମନ୍ଦିର ପରିସର ମଧ୍ୟରେ କଲ୍ୟାଣମଣ୍ଡପ ନିର୍ମିତ ହୋଇ ବିବାହ, ବ୍ରତ, ସାହିତ୍ୟ ଆସର ଓ ସଭାସମିତି ପାଇଁ ମଧ୍ୟ ଭଡ଼ାରେ ପ୍ରଦାନ କରାଯାଉଛି । ଯାତ୍ରୀମାନଙ୍କ ରହଣି ନିମନ୍ତେ ଓ ସ୍ୱତନ୍ତ୍ର ଅତିଥି ଅଭ୍ୟାଗତଙ୍କ ଚର୍ଚ୍ଚା ନିମନ୍ତେ ମନ୍ଦିର ପରିସରରେ ଗେଷ୍ଟ୍ ହାଉସ୍ ମଧ୍ୟ ନିର୍ମିତ ହୋଇ ସେବାପ୍ରଦାନ କରି ଆସୁଛି । ମନ୍ଦିରକୁ ଆସୁଥିବା ଲକ୍ଷ ଲକ୍ଷ ନଡ଼ିଆକୁ ଟେଣ୍ଡର୍ ମାଧ୍ୟମରେ ପ୍ରଦାନ କରାଯାଏ ଓ ନଡ଼ିଆ ଗୁଡ଼ିକୁ ପ୍ରସେସିଂ କରାଯାଇ ସୁଲଭ ମୂଲ୍ୟରେ ବିଭିନ୍ନ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥାକୁ ପ୍ରଦାନ କରାଯାଏ । ସେମାନେ ରନ୍ଧା ନଡ଼ିଆ ତେଲ, କୋରା, ଲଡ୍ଡୁ ଓ କତାରୁ ନିର୍ମିତ ସୌଖୀନ ସାମଗ୍ରୀ ବିକ୍ରୟ କରି ବେଶ୍ ଦି'ପଇସା ରୋଜଗାର କରନ୍ତି । ଏବେ ଏବେ ଅନେକ ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟ ଏସବୁ କାର୍ଯ୍ୟରେ ସଂପୃକ୍ତ ହୋଇ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଛନ୍ତି । ଟ୍ରଷ୍ଟ୍ ବୋର୍ଡ଼ ସୌଜନ୍ୟରୁ ମନ୍ଦିରର ପରିସର ଟାଇଲ୍‌ଯୁକ୍ତ ହେବା ସହ ଯାତ୍ରୀ ବିଶ୍ରାମ ନେବା ପାଇଁ ବେଞ୍ଚ୍ ମଧ୍ୟ ନିର୍ମିତ ହୋଇଛି । ଛୋଟ ଛୋଟ ପିଲାମାନଙ୍କର ମାନସିକ ଚୂଳ ସମର୍ପିତ କରିବା ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ଏଣୁ ଏହାକୁ ଅଧିକ ସୁନିୟନ୍ତ୍ରିତ ଓ




ଭାବ ଓ ଭକ୍ତିରେ ମା'ଙ୍କୁ ଡାକିଲେ ଭକ୍ତର ମାନସିକ ପୂରଣ ହୁଏ । ସେ ଜଣେ ଧୈର୍ଯ୍ୟଶୀଳା ଓ ସହନଶୀଳା ମା'ର ସମସ୍ତ ଗୁଣ ପ୍ରତିଫଳିତ ହେଉଥିବା ପ୍ରତ୍ୟକ୍ଷ ଠାକୁରାଣୀ । ଯେତେ ବିପଦରେ ଥିଲେ ବିଶ୍ୱାସର ନଡ଼ିଆଟିଏ ସମର୍ପଣ କଲେ ଦୁଃଖ ଦୂର ହୋଇଯିବା ହିଁ ମା'ଙ୍କ ଅଲୌକିକତା । ମା'ଙ୍କ ନଡ଼ିଆ ହୁଣ୍ଡି ଆଜି ଅନେକ ଛୋଟବଡ଼ ସହରରେ କାର୍ଯ୍ୟରତ । ପ୍ରତିଦିନ ଆସୁଥିବା ହଜାର ହଜାର ନଡ଼ିଆ ମା'ଙ୍କ ଅଖଣ୍ଡ ମହିମାର ଜ୍ୱଳନ୍ତ ଉଦାହରଣ । ଏବେ ବି ଘଞ୍ଚ ବନାନୀର ସବୁଜ ମାଦକତା ଓ ନିକଟରୁ ପଶୁପକ୍ଷୀଙ୍କ ସ୍ୱର ମନ୍ଦିରକୁ ମୁଖରିତ କରେ । ଘଟଗାଁ ଠାରେ ପ୍ରସ୍ତାବିତ ହରିଣ ପାର୍କ, ଜନଜାତି ସଂଗ୍ରହାଳୟ ଓ ବୋଟିଂ ବ୍ୟବସ୍ଥାକୁ ତୁରନ୍ତ କାର୍ଯ୍ୟକ୍ଷମ କରାଗଲେ ଏହା ଆହୁରି ଜନାଦୃତ ହୋଇ ପାରନ୍ତା, ଏଥିରେ ସନ୍ଦେହ ନାହିଁ ।

**ରୋହିତ କୁମାର ବେହେରା**
*ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଓ ସଂସ୍କୃତି ପ୍ରେମୀ*
ବାରହାଟିପୁରା, ଘଟଗାଁ, କେନ୍ଦୁଝର

ସୁବନ୍ଦୋବସ୍ତିତ କରାଯିବା ସହ ଏବେ ଏହି ପ୍ରକୋଷ୍ଠ ଗୁଡ଼ିକର ସୌନ୍ଦର୍ଯ୍ୟକରଣ କରାଯାଇ ପ୍ରତୀକ୍ଷାସ୍ଥାନକୁ ଛାତ ଆଚ୍ଛାଦିତ କରାଯାଇଛି । ମନ୍ଦିର ପରିସର ଭିତରେ ଥିବା ଭୋଗ ଦୋକାନଗୁଡ଼ିକୁ ଟେଣ୍ଡର୍ ମାଧ୍ୟମରେ ପ୍ରଦାନ କରାଯାଇ ଅନ୍ୟାନ୍ୟ ପୂଜା ସାମଗ୍ରୀ ଓ ମନୋହରୀ ଦ୍ରବ୍ୟ ସହ ମନ୍ଦିରରେ ପ୍ରସ୍ତୁତ ସ୍ୱତନ୍ତ୍ର ଲଡ୍ଡୁ ଓ ଗଜା ମଧ୍ୟ ସୁଲଭ ମୂଲ୍ୟରେ ବିକ୍ରୟ କରାଯାଏ । ଯାତ୍ରୀମାନଙ୍କ ସୁବିଧା ପାଇଁ ମନ୍ଦିର ପରିସରରେ ଏ.ଟି.ଏମ୍. ଏବଂ ଫଟୋ ଉତ୍ତୋଳନର ମଧ୍ୟ ସୁବିଧା ଉପଲବ୍ଧ ।

## ପାଖରେ ଥିବା ଦର୍ଶନୀୟ ସ୍ଥାନ

ମା'ତାରିଣୀ ମନ୍ଦିର ବ୍ୟତୀତ ଏହି ପରିସରରେ ଯାତ୍ରୀମାନେ ଘଟକେଶ୍ୱର ଶିବ ମନ୍ଦିର ମଧ୍ୟ ଦର୍ଶନ କରିପାରିବେ । ତାରିଣୀ ପୀଠ ଠୁ ମାତ୍ର ୮/୯ କି.ମି. ଦୂରରେ ଅବସ୍ଥିତ ଗୁଣ୍ଡିଚାଘାଗି ଜଳପ୍ରପାତ । ଏହାର ଚତୁଃଦିଗ ଘଞ୍ଚଜଙ୍ଗଲ ପରିବେଷ୍ଟିତ ଓ ଏହାର ଶୋଭା ମନ ମୁଗ୍ଧକର । ମା'ଙ୍କ ଦର୍ଶନ ପରେ ପରେ ବଣଭୋଜି କରିବା ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ । ସ୍ଥାନୀୟ ମୁକୁନ୍ଦପୁରପାଟଣା ଗ୍ରାମ ପଞ୍ଚାୟତ ସୌଜନ୍ୟରୁ ଏଠାରେ ବଣଭୋଜି ପାଇଁ ପିଣ୍ଡି ଓ ପାନୀୟ ଜଳ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସରଞ୍ଜାମ ଯୋଗେଇ ଦିଆହୁଏ । ଏବେ ସେଠାରେ



ସୀତାବିଂଜ ▶




ନିର୍ମିତ ଜେଲିବ୍ରିଜ୍ ମାଧ୍ୟମରେ ଝରଣାର ଏପାଖୁ ଅନ୍ୟ ପାଖକୁ ଯାଇ ପର୍ଯ୍ୟଟକମାନେ ପ୍ରକୃତିର ଅପାସୋରା ରୂପ ଦର୍ଶନ କରି ଆତ୍ମହରା ହେଉଛନ୍ତି । ଏହା ବ୍ୟତୀତ ମାତ୍ର ୬ କି.ମି. ଦୂରରେ ବାର୍‌ହାଟିପୁରାର ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର ମଧ୍ୟ ବେଶ୍ ଆକର୍ଷଣୀୟ । ଏଠାରେ ଜାନୁଆରୀ ୧୫ରୁ କେନ୍ଦୁଝର ଜିଲ୍ଲା ତଥା ରାଜ୍ୟର ବୃହତ୍ତମ ମକରମେଳା ଅନୁଷ୍ଠିତ ହୋଇଥାଏ । ସେହିପରି ଘଟଗାଁରୁ ୨୫ କି.ମି. କେନ୍ଦୁଝର ଯିବା ରାସ୍ତାରେ ପଡ଼େ ଐତିହ୍ୟ ସଂପନ୍ନ ପାଷାଣର ଚମତ୍କାର କଳାକ୍ଷେତ୍ର ସୀତାବିଂଜ୍ । ତେଣୁ ମା'ତାରିଣୀଙ୍କ ଦର୍ଶନ କରିବା ସହ ଭକ୍ତମାନେ ଏସବୁ ସ୍ଥାନର ମଧ୍ୟ ମଜା ନେବାରେ କିଛି ଅସୁବିଧା ନାହିଁ ।

## ଶେଷକଥା

କାହିଁ କେଉଁ କାଳରୁ ଓଡ଼ିଶାର ପରିପୁଷ୍ଟ ଆଧ୍ୟାତ୍ମିକ ଚେତନାରେ ମା'ତାରିଣୀ ଏକ ଅଲିଭା ସ୍ୱାକ୍ଷର । ସେ ନିରୁତା ବିଶ୍ୱାସ ଓ ସମର୍ପଣ ଭାବର ଏକ ମହକିତ ଅନ୍ତଃସ୍ୱର । ଏ ପୀଠକୁ ଯିଏ ଥରେ ଆସେ ସେ ବାରମ୍ବାର ଆସିବାର ଆଶାଟେ ପୋଷଣ କରେ ।

***ତଥ୍ୟ ସହାୟତା: ହଳଧର ପଣ୍ଡା, ରାଜେନ୍ଦ୍ର ପଟ୍ଟନାୟକ, ରୋହିତ କୁମାର ବେହେରା***

# ଭଦ୍ରକର ଭୂଗୋଳ



## ଗପ ରାଇଜର ରାଜା

# ରାଧାବିନୋଦ

**ଭଦ୍ରକର ଭୂଗୋଳରେ ଗଳ୍ପର ମାନଚିତ୍ରକୁ ବେଶ୍ ଉଜ୍ଜ୍ୱଳ କରିଥିବା ସତୁରୀ ଦଶକର ଗାଳ୍ପିକ ହେଲେ ରାଧାବିନୋଦ ନାୟକ । ଓଡ଼ିଆ କଥାସାହିତ୍ୟର ଉତ୍ତୁଙ୍ଗ ଶିଖର ସେ । କିନ୍ତୁ ଯେତିକି ସେ ଆଲୋଚିତ ହେବା କଥା ସେତିକି ହେଇନାହାନ୍ତି । ତାଙ୍କ ଗଳ୍ପସମଗ୍ରର ସିରିୟସ୍ ଚର୍ଚ୍ଚା ବି ହୋଇ ନାହିଁ । 'ରେବତୀ' ପ୍ରୟାସ କରିଛି ତାଙ୍କୁ ଛୁଇଁବାକୁ ।**




**ବିଶ୍ୱରଂଜନ ଦାସ**

ବିଭାଗୀୟ ମୁଖ୍ୟ ଅଧ୍ୟାପକ, ଓଡ଼ିଆ ବିଭାଗ
ବିଏନ୍ଏମ୍ଏ କଲେଜ, ପାଳିଆବିନ୍ଧା, ଭଦ୍ରକ
ଫୋନ: ୯୯୩୭୭୭୯୪୫୨


ଫଟୋ ସୌଜନ୍ୟ : ଲେଖକ

ପାର୍ବଣର ଛୁଟିରେ ପହଞ୍ଚିଲି ଭଦ୍ରକ ସହରର ଭିଆଇପି କଲୋନିରେ । ଉଦ୍ଦେଶ୍ୟ : ଏଠି ଅବସ୍ଥାନ କରୁଥିବା ଉତ୍ତର ସତୁରୀର ଲବ୍ଧପ୍ରତିଷ୍ଠ କଥାକାର ଡକ୍ଟର ରାଧାବିନୋଦ ନାୟକଙ୍କୁ ଭେଟିବି । ନିଜ ଘର । ଘରର ନାମକରଣ କରିଛନ୍ତି 'ସରାଇ' ।  ଏ ଘର ମୋତେ 'ମୋଗଲ ସରାଇ' କଥାକୁ ସ୍ମରଣ କରାଇଦେଲା । ସମୟ ଦିନ ଦଶଟା । ଅବଶ୍ୟ ଆସିବା କଥା ପୂର୍ବରୁ ଟେଲିଫୋନ୍‌ରେ ଜଣାଇଥିଲି । ମୁଁ ପହଂଚିବା ବେଳକୁ ସେ ଥାନ୍ତି ନିଜ ଶଯ୍ୟା ପ୍ରକୋଷ୍ଠରେ । ଅନୁମତି ପାଇ ତାଙ୍କ ପାଖକୁ ଗଲି । ସେ ପଲଙ୍କ ଉପରେ ବସି ଦୁଇଗୋଡ଼ ତଳକୁ ଲମ୍ବାଇ ମାଢ଼ରେ ଥିବା ଉଷୁମ ପାଣିରେ ପାଦ ବୁଡ଼ାଉଥାନ୍ତି ଓ ଉଠାଉଥାନ୍ତି । ଛୋଟ ଏକ ପାତ୍ରରେ କିଛି ବେଲପତ୍ର ଓ ତୁଳସୀପତ୍ର ଟେବୁଲ୍ ଉପରେ ଥୁଆ ହୋଇଥାଏ । ମୁଁ ଘରର ଚାରିପାଖକୁ ନଜର ବୁଲେଇ ଦେଖିନେଲି । ଆଲମୀରା ଓ କାଚଦିଆ ଥାକରେ ବହିମାନେ ସୁସଜ୍ଜିତ ଦିଶୁଥିଲେ । କିଛି ବହି ଟେବୁଲ୍ ଉପରେ ପେଟେଇଥାନ୍ତି । ତକିଆ ପାଖରେ ପଡ଼ିଥାଏ ଦୁଇ ତିନୋଟି ପୂଜାପତ୍ରିକା । ମୋତେ ସୋଫା ଉପରେ ବସିବାକୁ ଇସାରା କଲେ । କହିଲେ, "ମୁଁ ସବୁଦିନେ ଏମିତି । ଦୀର୍ଘ ପନ୍ଦର ବର୍ଷ ହେଲା ଅବସର ନେଲିଣି । ଆଉ କାମ ତ ବିଶେଷ କିଛି ନାହିଁ । ଲେଖାପଢ଼ା ସହିତ ଚାଲିଛି ଶରୀର ଉପଚାର । କେତେବେଳେ କେମିତି ସଭାସମିତିକୁ କି କୌଣସି କଲେଜ୍ ସେମିନାର୍‌କୁ ଡକରା ହେଲେ କିମ୍ୱା ଛୋଟମୋଟ କାମ ପଡ଼ିଲେ ଚିହ୍ନା ଅଟୋ କିମ୍ୱା କାର୍‌ବାଲାକୁ ଫୋନ୍ କରି ଡାକେ । ନହେଲେ ଦେହ ଅବଶ ଲାଗିଲେ ଏଇଠି ଗଡ଼ପଡ଼ ହେଉଥାଏ ।"

ଭାରି ସତେଜ ଦିଶୁଥାଏ ତାଙ୍କ ମୁହଁ । ଗୌରବର୍ଣ୍ଣ ଚେହେରାରେ ନଥାଏ ଲେଶମାତ୍ର ଚିହ୍ନ, ବିଷାଦର । ଏମିତିରେ ସେ ବେଶ୍ ମେଳାପୀ, ହସଖୁସି ମିଜିଜ୍‌ର ମଣିଷ । ସୋଫାରେ ବସିଲି । କହିଲି, "ଆପଣଙ୍କ ଗପ ଲେଖାଲେଖି ବିଷୟରେ କଥାହେବାକୁ ଚାହୁଁଛି । ମୁଁ ଜାଣିଛି, ସମ୍ପୂର୍ଣ୍ଣ ଏକ ନିଜସ୍ୱ ଛାଞ୍ଚରେ ଗଢ଼ା ଆପଣଙ୍କ ଗଳ୍ପପରିଧି । ସୁଧୀ ସମାଲୋଚକମାନେ ଆପଣଙ୍କ ଗଳ୍ପ-କଥନିକାରେ ସୂକ୍ଷ୍ମ ଅବବୋଧର ଅନ୍ୱେଷଣ କରିଥାନ୍ତି । ଜୀବନ ଓ ଜଗତ ପ୍ରତି ଶିଳ୍ପୀମାନସର ପ୍ରତିବଦ୍ଧତା ଆପଣଙ୍କ କାହାଣୀ କଳାରେ ସ୍ପଷ୍ଟ । ଶୁଣିଛି, କେହିକେହି ଆପଣଙ୍କ ଗଳ୍ପଭୂମି ବୌଦ୍ଧିକତା ପରିପୂର୍ଣ୍ଣ ବୋଲି ମଧ୍ୟ ଆରୋପ କରିଥାନ୍ତି । ଆଉ କେହି ଆପଣଙ୍କ ଉଚ୍ଚାରଣ ରୀତିକୁ ଏକାନ୍ତ ମୌଳିକ ବୋଲି କହିଥାନ୍ତି । ଏ ସମ୍ପର୍କରେ ନିଜର ପକ୍ଷ ରଖି କିଛି କହିବେ ?"

ମୋ ମୁହଁରୁ ଏକାଦିକ୍ରମେ ଏତେଗୁଡ଼ିଏ ପ୍ରଶ୍ନ ଶୁଣି ସେ କେବଳ ହସିଲେ । ନିରବରେ । ମୁହଁରେ ହସ ରଖି କହିଲେ, "ବୌଦ୍ଧିକତା ! ମୋ ଗପରେ ! ମୋଟେ ନୁହେଁ । ଜଣେ ଗାଳ୍ପିକର ଧାରଣା ଯେ ସାର୍ବଜନୀନ ଧାରଣା ହେବ, ସେୟା ନୁହେଁ । କୌଣସି ଲିଟେରେରି ଓ୍ୱାର୍କରେ ପଶିନପାରିଲେ ବୌଦ୍ଧିକତାର ଆରୋପ ହୁଏ । ପାଠକୀୟ ବିଚାରବୋଧ ଉପରେ





ବୌଦ୍ଧିକତା ନିର୍ଭରଶୀଳ । ଏଥିରେ ଲେଖକକୁ ଦୋଷ ଦେବା ଉଚିତ ନୁହେଁ । ଗଳ୍ପ ଉଚ୍ଚାରଣ ରୀତିରେ ସାଙ୍କେତିକ ଭାଷା ରହିବ । କାରଣ, ଆଜି କବିତାଟିଏ ଯଦି 'ଇମ୍ପ୍ରେସନ୍' ଦେଇ ପାରୁଛି, ଗଳ୍ପଟିଏ କାହିଁକି ନଦେବ !" କହୁ କହୁ ସେ ପାଣିଢ଼ାଳଟିକୁ ପ୍ରକୋଷ୍ଠ ସଂଲଗ୍ନ ବାଥ୍‌ରୁମ୍ ଆଡ଼କୁ ଉଠାଇ ନେଇ ରଖିଦେଲେ । ଓଦା ଗୋଡ଼କୁ ଗାମୁଛାରେ ପୋଛିଲେ । ତଳ ମହଲାରେ କାହାକୁ ମୋବାଇଲ୍‌ରେ କଲ୍ କରି ଦୁଇ କପ୍ ଚା' ପଠାଇବାକୁ କହିଲେ ।

"ଆପଣ କାହିଁକି ଗଳ୍ପ ଲେଖିବାକୁ ଆଗ୍ରହୀ ହେଲେ କାହିଁକି ? ଗଳ୍ପର ଉପାଦାନ କେଉଁଠୁ ସଂଗ୍ରହ କରୁଥିଲେ ?" ମୁଁ ପୂର୍ବାପେକ୍ଷା ଟିକିଏ ସ୍ୱାଭାବିକ ହୋଇ ମୋର ପ୍ରଶ୍ନ ରଖିଲି ତ ସେ ସାଙ୍ଗେ ସାଙ୍ଗେ କହିଲେ, "ଜଣେ ଲୋକ ପରବର୍ତ୍ତୀ କାଳରେ ହୁଏତ ସହରରେ ରହିପାରେ; କିନ୍ତୁ ଆବାଲ୍ୟରୁ ତା'ଠାରେ ଯେଉଁ ଗାଁ ପରିବେଶର ଛାପ ପଡ଼ିଥାଏ, ସେଥିରୁ ସେ କେବେ ମୁକ୍ତ ହୋଇପାରିନଥାଏ । ନିପଟ ଗ୍ରାମ୍ୟ-ମନସ୍କତା ନେଇ ହିଁ ମୁଁ ଜନ୍ମ ନେଇଛି । ପିଲାବେଳୁ ମା'ଙ୍କର ମୃତ୍ୟୁ ପରେ ମୋ ବାପାଙ୍କ ପାଇଁ ହିଁ ଗଳ୍ପଲେଖିବା ଶିଖିଛି । ପଲ୍ଲୀ-ଲଳନାର ଦୁଃଖଶୋକ ଓ ଅବସୋସକୁ ନିକଟରୁ ଦେଖିଛି । ତାରୁଣ୍ୟରେ ପ୍ରତ୍ୟକ୍ଷ କରିଥିବା ଧାନବିଲର ବାସ୍ନା, ବନ୍ୟାପ୍ଲାବିତ ନଦୀରେ ଆଶ୍ୱିନର ଫେନଶୋଭା ଓ ଗାଁର ବିବିଧ ବାସ୍ତବ ଚିତ୍ରଚେତନା ମୋର ଅପାଶୋରା ସ୍ମୃତି ହୋଇ ରହିଛି । ଭଦ୍ରକ କଲେଜ୍‌ରେ ପଢୁଥିବା ବେଳେ ବସ୍‌ଷ୍ଟାଣ୍ଡରେ ବୁଲିବୁଲି ବହି ବିକ୍ରି କରୁଥିବା ଭାଗିରଥୀ ଦାସ ନାମକ ଆଗରପଡ଼ା ଅଞ୍ଚଳର ଜଣେ ଲୋକ ମୋ ଗଳ୍ପର ଚରିତ୍ର ବନିଛି । ଅତି ନିକଟରୁ ମୁଁ ତାକୁ ଦେଖିଛି । ତା'ର ଗୀତଗାଇବା ପଦ୍ଧତି, ତା'ର ଦୁଃଖ ଓ ଅସହାୟତାକୁ ନେଇ ମୁଁ ଲେଖିଥିଲି 'ବସ୍‌ଷ୍ଟାଣ୍ଡ' ନାମକ କ୍ଷୁଦ୍ରଗଳ୍ପ । ଏହାର ଅଜସ୍ର ପାଠକୀୟତା ମୋତେ ଗଳ୍ପଲେଖିବାକୁ ଏକ ପ୍ରକାର ଦେଇଥିଲା ପ୍ରେରଣା । ଆଉ ଗୋଟେ ଗପ ଲେଖିଥିଲି 'ଗୋଲାପ ଗଛରେ କଖାରୁ ଲଟା' । 'ଝିପିଝିପି ବର୍ଷାରେ ଅଖାଖଣ୍ଡେ ପକାଇ ମଞ୍ଜିଟିଏ ପୋତିଛି, ତୁ ତାକୁ ଓପାଡ଼ି ଦେଉଛୁ କେମିତି ?'- ପିଢ଼ିପାର୍ଥକ୍ୟ ସମ୍ବଳିତ ଏ ଭାବାଦର୍ଶ ଅନେକଙ୍କୁ ପ୍ରଭାବିତ କରିଥିଲା । 'ଜୀବନବାବୁଙ୍କ ଜୀବନ ଦର୍ଶନ' ଯାହା କଟକରୁ ପ୍ରକାଶିତ ଏକ ପତ୍ରିକାରେ ସ୍ଥାନ ପାଇଥିଲା ଓ ମୋତେ ପରିଚିତ କରାଇଥିଲା । ମୋର ଗୋଟେ ଦୋଷ କ'ଣ କି; ପ୍ରାଥମିକ ଅବସ୍ଥାରେ ମୋର ନିର୍ଦ୍ଦିଷ୍ଟ ଭାବେ କେଉଁ ପତ୍ରିକାରେ କେଉଁସବୁ ଗପ ପ୍ରକାଶ ପାଇଥିଲା ତାକୁ ମନେ ରଖିନାହିଁ କି ସେସବୁକୁ ସଂରକ୍ଷିତ କରି ରଖିପାରିନି । ଏପରିକି ମୋର କେତେକ ମୌଳିକ ସମାଲୋଚନା ମୂଳକ ପ୍ରବନ୍ଧ ମଧ୍ୟ ପ୍ରକାଶ ପାଇଥିଲା, ଯେଉଁଗୁଡ଼ିକ ଉଚ୍ଚକୋଟୀର ଗବେଷକଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲା, କିନ୍ତୁ ସେସବୁକୁ ସାଇତି ରଖି ବହିଟିଏ କରି ପାରିନାହିଁ । ତେବେ 'ଡଗର', 'ଆସନ୍ତାକାଲି', 'ନବରବି', 'ଝଙ୍କାର', 'ଆଗାମୀ' ପ୍ରଭୃତି ପତ୍ରିକାରେ ମୋର ଲେଖା ବିଶେଷତଃ ପ୍ରକାଶ ପାଇଥିଲା ।

'ସରାଇ'ରେ ମୁଁ ଓ ମୋ ସାମ୍ନାରେ ଗପ ରାଇଜର ରାଜା : ରାଧାବିନୋଦ ନାୟକ । ତାଙ୍କ ଗଳ୍ପ ପଢ଼ିଲେ ଆପଣ ସବୁକଥାର ପ୍ରାଞ୍ଜଳ ବର୍ଣ୍ଣନା ପାଇବେ ନାହିଁ । ଅନେକ ବିଷୟ ତାଙ୍କ କାହାଣୀର ଅନ୍ତରାଳରୁ ଉଙ୍କି ମାରୁଥାନ୍ତି । ଘଟଣା ଘଟି ଚାଲୁଥାଏ ଭିନ୍ନ ବାଗ ଓ ଭିନ୍ନ ଢଙ୍ଗରେ । ଘଟୁଥିବା ଘଟଣାର ଧାରାବାହିକ ବୃତ୍ତାନ୍ତ ଅପେକ୍ଷା, ସେ ମୁଡ୍, ସିଚୁଏସନ୍ ଓ ପରିବେଶର ସମଷ୍ଟିରେ କାହାଣୀକୁ ଗତଶୀଳ କରାଇଥାନ୍ତି । ଏ ଦୃଷ୍ଟିରୁ ତାଙ୍କ ଗଳ୍ପ ଅତ୍ୟନ୍ତ ଶକ୍ତିଶାଳୀ । ଗଳ୍ପ ମାଧ୍ୟମରେ ସେ ମୌଳିକ ବକ୍ତବ୍ୟ ଉପସ୍ଥାପନ କରିଥାନ୍ତି । କୌଣସି ପ୍ରକାର ବାଦ-ତତ୍ତ୍ୱ-ଚେତନାର ଊର୍ଦ୍ଧ୍ୱରେ ଦେଶୀୟ ଜୀବନ-ଜିଜ୍ଞାସା ଓ ସମାଜ କର୍ତ୍ତୃକ ମଣିଷର କାହାଣୀକୁ ନେଇ ତାଙ୍କ ଗଳ୍ପକଳା ଗଢ଼ି ଉଠିଥାଏ । କଳ୍ପନା ଅପେକ୍ଷା ବାସ୍ତବ, ଘଟଣା ଭିତରେ ଅଘଟଣର ଆବେଗମୟ ଚିତ୍ର, ପରିମିତ ବର୍ଣ୍ଣନାରୀତି ଓ ସୂଚନାତ୍ମକ ଅଭିବ୍ୟକ୍ତି ତାଙ୍କ କାହାଣୀର ବିଶେଷତ୍ୱ ।



ନିଜ କପ୍‌ଟିକୁ ଟି'ପୟ ଉପରେ ଥୋଇଦେଇ ମୋତେ ରାଧାବିନୋଦୀୟ କାହାଣୀକଳା ସମ୍ପର୍କରେ ସୂଚନା ଦେବାକୁ ଯାଇ ସେ କହିଲେ, "ଗୋଟେ ଗପର ସାର୍ବଜନୀନ ଦିଗଟି କ'ଣ, କହିପାରିବ ବାବୁ ବିଶ୍ୱରଂଜନ ? ତାହା ହେଉଛି ତା'ର କଥ୍ୟଭାଗ । ଗଳ୍ପର ପରିସର ଯେଉଁ କାହାଣୀକୁ ଉଜ୍ଜ୍ୱଳ କରିଥାଏ, ତାକୁ ଆମେ କଥାବସ୍ତୁ କହିଥାଉଁ । ଗୋଟେ ପ୍ଲଟ୍ ତା' ଚରିତ୍ର, ଜୀବନାଦର୍ଶ, ଅନ୍ତଃସ୍ୱର ଓ ସର୍ବୋପରି ଚିତ୍ରଚେତନାକୁ ନେଇ ମୂର୍ତ୍ତିମନ୍ତ ହୁଏ । ଘଟଣା ଓ ଚରିତ୍ରର ସଂଯୋଗରେ କଥାସାହିତ୍ୟରେ ଚିତ୍ରମୟ ଜଗତର ସଂରଚନ ହେଉଛି ସବୁଠୁ ବଡ଼କଥା । ମୁଁ ବୁଝେ, କଥାବସ୍ତୁର ପ୍ରଧାନବାହକ ଓ ପ୍ଲଟ୍‌ର ଉଲ୍ଲେଖଯୋଗ୍ୟ ପ୍ରତିନିଧି ହେଉଛନ୍ତି ଚରିତ୍ରମାନେ । ଚରିତ୍ର ଜରିଆରେ ମୁଁ ଗଳ୍ପକାହାଣୀ ସ୍ଥିର କରିଥାଏ ।" କହୁ କହୁ ଟିକିଏ ଅଟକି ଗଲେ ସେ । କଣ ଯେମିତି ମନେ ପକେଇବାର ଚେଷ୍ଟା କରୁଥାନ୍ତି । ପୁଣି ଆରମ୍ଭ କଲେ, "ମନେପଡୁଛି ବାସୁଦେବପୁରର କଥା । ସେତେବେଳେ ମୁଁ ସେଠାରେ ରହୁଥାଏ । ଦେଖେ, ଗାର୍ଲସ୍କୁଲ୍ ନିକଟରେ ଗୋଟେ ଟୋକା ହାଫ୍‌ପ୍ୟାଣ୍ଟ୍ ପିନ୍ଧି ଟହଲ୍ ମାରେ । ସର୍ବଦା ଝିଅଙ୍କ ମେଳରେ ଥାଏ ସେ । କିନ୍ତୁ କେବେ କାହାରି କିଛି କ୍ଷତି କରେନି । ଥରେ ଗୋଟେ ପଥର ବୋଝେଇ ଟ୍ରକ୍‌ରେ ଉଠି ଯାଇଛି ସେ । କାଳିଦାସପୁର ପାଖ ଛକରେ ଟ୍ରକ୍‌ଟି ଓଲଟି ପଡ଼ିଛି ଓ ତା'ର ମୃତ୍ୟୁ ହୋଇଥିବା ଖବର ମିଳିଛି । ରାତିରେ ମୁଁ ଟାଉନ୍‌ରୁ ଫେରୁଥାଏ । କିଛି ଦୂରରେ ଠିକ୍ ସେହି ପିଲାଟି ଠିଆ ହୋଇଥିବା ଭଳି ଦିଶିଲା । ତା' ମୁହଁ ଆଡ଼କୁ ଟର୍ଚ୍ଚ ଟିପିବାକୁ ହାତ ଉଠିଲା, ପୁଣି ଅଟକିଗଲା । ଭାବିଲି, ସେଇ ଟର୍ଚ୍ଚ ଆଲୁଅରେ ତା' ମୁହଁଟି ଯଦି ମୋ ମୁହଁ ଭଳି ଲାଗେ । ଏଇ ଭାବନାକୁ ନେଇ ସୁନ୍ଦର ଗଳ୍ପଟିଏ ଲେଖିଥିଲି, ଯାହାର ଶୀର୍ଷକ ମନେନାହିଁ ।"

ଦୁହେଁ ଉଠିଲୁ । ତଳକୁ ଯାଇ ଲନ୍‌ରେ ବସି କଥାବାର୍ତ୍ତା ହେବା ବୋଲି । ସେ ହିଁ ଇଚ୍ଛା ପ୍ରକାଶ କଲେ । କହିଲେ, "ଚାଲ ତଳକୁ ଯାବା ।" ଆମେ ଉଠିଲୁ । ଦୁଇଟି ବେତଚେୟାର୍ ପଡ଼ିଥାଏ ବଗିଚାରେ । ନାନା ରଂଗର ଫୁଲ ଫୁଟିଥାଏ । ଗୋଟେ ଓଲଣିରେ ଦୁଇ ତିନୋଟି ଚିତ୍ରବିଚିତ୍ର ସାର୍ଟ ଓ ଟି-ସାର୍ଟ ଶୁଖୁଥାଏ । ଦେଖିଲି,




ଜଳରଙ୍ଗ ପୋଟ୍ରେଟ୍ : ସଞ୍ଜୟ ରାଉଳ




ଗୋଟେ ସାର୍ଟରେ କ'ଣ ଗୋଟେ ପଡ଼ିଯାଇଛି ଦେଖି ହାତରେ ଝାଡ଼ି ଦେଉଥାନ୍ତି ରାଧାବିନୋଦ ସାର୍ । । ପଚାରିବାକୁ ଇଚ୍ଛା ହେଲା, "ଏ ସାର୍ଟଗୁଡ଼ିକ ଆପଣଙ୍କର ?" ପଚାରିଦେଲି ମଧ୍ୟ । ହସିଲେ । କହିଲେ, "ହଁ । ମାର୍କେଟ୍‌କୁ ଯେତେପ୍ରକାର ଲାଟେଷ୍ଟ୍ ଡିଜାଇନ୍‌ର ସାର୍ଟ ଆସେ ପ୍ରଥମେ ମୁଁ ହିଁ କିଣି ପିନ୍ଧିବାକୁ ଇଚ୍ଛା କରେ । ବୟସ କେବେ ପରାସ୍ତ ନକରୁ ଆଉ ମୋ ସାର୍ଟପ୍ୟାଣ୍ଟ୍ ପିନ୍ଧା ଶୈଳୀ ଦେଖି ଯୁବକମାନେ ଈର୍ଷା କରନ୍ତୁ, ମୁଁ ସେୟା ଚାହେଁ । ଏଣୁ, ମୁଁ ବି ଗୋଟେ କାହା ଗଳ୍ପର ଏକ ଅଜବ ଚରିତ୍ର ହୋଇପାରେ । ଏପରିକି ମୋ ଗଳ୍ପର ଚରିତ୍ରମାନଙ୍କ ପ୍ରଚ୍ଛନ୍ନରେ ଗୋଟାପଣେ ମୁଁ ହିଁ ଆତ୍ମପ୍ରକାଶ କରିଥାଏ । ଚରିତ୍ରମାନେ ସର୍ବଦା ଗୋଟେ ଘଟଣାର ପାଖାପାଖି ରହିଥାନ୍ତି । ଜୀବନର ନାନା ବାସ୍ତବ ପେକ୍ଷାପଟକୁ ଏମାନେ ଉନ୍ମୋଚନ କରିଥାନ୍ତି । ଏଣୁ ଗପ ଲେଖିଲା ବେଳେ ଗାଳ୍ପିକକୁ ଚରିତ୍ର ଚୟନରେ ସତର୍କତା ଅବଲମ୍ବନ କରିବାକୁ ହୋଇଥାଏ । ବଡ଼କଥାଟି ହେଲା, ଗଳ୍ପର ଚରିତ୍ରଗୁଡ଼ିକ ମାନବୀୟ ଉପାଦାନରେ ନିର୍ମିତ ହେବା ବାଞ୍ଛନୀୟ ।"

ଟିକେ ରହି ଚେୟାର୍‌ରେ ବସୁ ବସୁ ପୁଣି ଆରମ୍ଭ କଲେ, "ପ୍ରକୃତରେ ଅନୁଭବର ଜୀବନ୍ତ ଭାବ ଓ ପାରିପାର୍ଶ୍ୱିକ ବାସ୍ତବତା ରକ୍ତମାଂସର ଚରିତ୍ରମାନଙ୍କ ମଧ୍ୟରେ ହିଁ ସଜୀବତା ଲାଭ କରନ୍ତି । ଜୀବନର ବାସ୍ତବ ଘଟଣାକୁ କେନ୍ଦ୍ର କରି ଯେଉଁ ଆଦର୍ଶ ବା ମତବାଦ ମୁଣ୍ଡ ଟେକି ଉଠିଥାଏ, ତା'ର ବିଶେଷ ପ୍ରତିନିଧି ରୂପେ ଗଳ୍ପର ଚରିତ୍ରମାନେ ଆରୋପିତ ହୋଇଥାନ୍ତି । ମୋତେ ଲାଗେ, ମୁଁ ନୁହେଁ, ମୋ ଗଳ୍ପର ଚରିତ୍ରମାନେ ହିଁ ପ୍ରକୃତରେ ଗଳ୍ପ ନିର୍ମାଣ କରିଥାନ୍ତି ।"

ଗାଳ୍ପିକ ରାଧାବିନୋଦଙ୍କ ବିଚାରରେ କ୍ଷୁଦ୍ରଗଳ୍ପ ହେଉଛି ଏକ 'ଆଇଡ଼ିଆ' । ଭାଷା ଓ ଶୈଳୀ ସେ ଆଇଡ଼ିଆକୁ ହିଁ ଗ୍ରହଣ କରିଥାଏ । ଗୋପୀନାଥ ମହାନ୍ତି କହିଥିଲେ, Idea is the term of art. ଗାଳ୍ପିକ ବାମାଚରଣ ମିତ୍ର ମଧ ଏ ସମ୍ପର୍କରେ କହିଥିଲେ- "ଚରିତ୍ର ଲେଖକର ଆବିଷ୍କାର ନୁହେଁ, ଗୋଟେ ପରିବେଶ ମଧ୍ୟରୁ ତା'ର ସୃଷ୍ଟି । ଲେଖକ କେବଳ ତା' ମାଧ୍ୟମରେ ସମାଜ ଓ ଜୀବନକୁ ଉପସ୍ଥାପିତ କରିଥାଏ ।" ଆଲୋଚିକା ଡକ୍ଟର ଲିପିପୁଷ୍ପା ନାୟକ ଏ ସମ୍ପର୍କରେ ମତଦେଇ କହନ୍ତି- "ଷାଠିଏ ଦଶକର ଶେଷ ଆଡ଼କୁ ଗଳ୍ପଲେଖା ଆରମ୍ଭ କରିଥିବା ରାଧାବିନୋଦ ଜଣେ ଲୋକପ୍ରିୟ ଗାଳ୍ପିକ ଥିଲେ କି ? ବୋଧହୁଏ ନା । କାରଣ ସାଧାରଣ ପାଠକଟିଏ ଖୋଜୁଥିବା କାହାଣୀ ବା ପ୍ଲଟ୍ ତାଙ୍କ ଗଳ୍ପଗୁଡ଼ିକରେ ପାରମ୍ପରିକ ଭାବେ ନଥିଲା । ଏହି ଗଳ୍ପଗୁଡ଼ିକ ସବୁ ଧାରଣା ସମ୍ବଳିତ ହିଁ ଥିଲା, ଯାହା ଚରିତ୍ରର ମାନସିକତାରେ ମୋଟାମୋଟି ସଂଘଟିତ ହେଉଥିଲା ଲେଖକୀୟ ଦୃଷ୍ଟିକୋଣ ମାଧ୍ୟମରେ । ଗଳ୍ପଗୁଡ଼ିକରେ କାହାଣୀର ଆଭାସ ମାତ୍ର ରହୁଥିଲା ।"

ରାଧାବିନୋଦ ଯେଉଁ ସମୟରେ ଗଳ୍ପ ଲେଖୁଥିଲେ, ଶାନ୍ତନୁ କୁମାର ଆଚାର୍ଯ୍ୟ, ମହାପାତ୍ର ନୀଳମଣି ସାହୁ, ବାମାଚରଣ ମିତ୍ର, ଅଖିଳମୋହନ ପଟ୍ଟନାୟକ,

## ଅଳ୍ପରେ ରାଧାବିନୋଦ



**ଜନ୍ମ** : ୧୯୪୩, ସେପ୍ଟେମ୍ବର
**ଜନ୍ମସ୍ଥାନ** : କାଶୀମପୁର, ବୋଡ଼କ, ଜିଲ୍ଲା: ଭଦ୍ରକ
**ଯୋଗ୍ୟତା** : ଏମ୍.ଏ. (ଅର୍ଥନୀତି), ଏମ୍.ଏ. (ଓଡ଼ିଆ), ପିଏଚ୍‌ଡ଼ି
**ବୃତ୍ତି** : ୧. ଅଧ୍ୟାପନା- ଓଡ଼ିଆ ବିଭାଗ, ଅଟଳବିହାରୀ କଲେଜ, ବାସୁଦେପୁର, ଭଦ୍ରକ / ଉପେନ୍ଦ୍ରନାଥ କଲେଜ, ସୋର, ବାଲେଶ୍ୱର
୨. ଅଧ୍ୟକ୍ଷ- ଖରସ୍ରୋତା କଲେଜ, ସିଂହପୁର, ଯାଜପୁର / ଧାମନଗର କଲେଜ, ଧାମନଗର, ଭଦ୍ରକ / ବିଏନ୍‌ଏମ୍‌ଏ କଲେଜ, ପାଳିଆବିନ୍ଧା, ଭଦ୍ରକ
**ଅବସର** : ୨୦୦୫, ଜାନୁଆରୀ
**ବର୍ତ୍ତମାନ ଅବସ୍ଥାନ** : ସରାଇ, ଭିଆଇପି ରୋଡ୍, ଭଦ୍ରକ
**ଫୋନ** : ୯୪୩୭୧୨୨୧୦୦



ଫତୁରାନନ୍ଦ, ଜେନାମଣି ନରେନ୍ଦ୍ର କୁମାର, ପ୍ରଫୁଲ୍ଲ କୁମାର ତ୍ରିପାଠୀ, ନିମାଇଁ ପଟ୍ଟନାୟକ ପ୍ରଭୃତି ଗାଳ୍ପିକ ସେହି ସମୟରେ ଓଡ଼ିଆ କଥା ସାହିତ୍ୟରେ ପ୍ରସିଦ୍ଧି ଲାଭ କରିଥିଲେ । ରାଧାବିନୋଦଙ୍କ ଗଳ୍ପରଚନା ଶୈଳୀ ଓ ବକ୍ତବ୍ୟର ଏକ ଚମତ୍କାର ଦିଗ ରହିଛି ବୋଲି ଏହି ପ୍ରଥିତଯଶା ଗାଳ୍ପିକମାନେ ସ୍ୱୀକାର କରିଛନ୍ତି । କବି ଦୀପକ ମିଶ୍ର ରାଧାବିନୋଦଙ୍କ ଗଳ୍ପର ପୁନର୍ମୂଲ୍ୟାୟନ ହେବା ଜରୁରି ବୋଲି ମଧ୍ୟ ଏକଦା ମତ ଦେଇଥିଲେ । ଏଇଠି କହିରଖେ, ରାଧାବିନୋଦଙ୍କ ପ୍ରତିଭାର ଆକଳନ ଏଯାଏଁ ସଠିକ୍ ଢଂଗରେ ଓଡ଼ିଆ ସାହିତ୍ୟରେ ହୋଇନାହିଁ । ଯଦିଓ ସୀତାକାନ୍ତ ମହାପାତ୍ର, ବୈଷ୍ଣବ ଚରଣ ସାମଲ, ଦାଶରଥୀ ଦାସ, କବିତା ବାରିକ ପ୍ରମୁଖ ତାଙ୍କ ସମ୍ପର୍କରେ କିଛିକିଛି ଆଲୋଚନା କରିଛନ୍ତି ଏବଂ ଡକ୍ଟର ଅନାଦି ଚରଣ ବରାଳ, ଡକ୍ଟର ସନ୍ତୋଷ ତ୍ରିପାଠୀ ପ୍ରମୁଖ ତାଙ୍କ ଗଳ୍ପବର୍ଣ୍ଣନା ଶୈଳୀ ଓ ଉପମା ପ୍ରୟୋଗ କଳା ଉପରେ କିଛି କଥା ଉଲ୍ଲେଖ କରିଛନ୍ତି, କିନ୍ତୁ ତାହା ତାଙ୍କ ଗଳ୍ପଦୃଷ୍ଟି ଓ ଜିଜ୍ଞାସାର ସୁଦୂରବ୍ୟାପୀ ପର୍ଯ୍ୟାଲୋଚନା ନୁହେଁ ବୋଲି କୁହାଯାଇପାରେ । ମୂଳକଥା ହେଉଛି, ରାଧାବିନୋଦଙ୍କ ଅବବୋଧ ଅବା ଧାରଣା ସମ୍ବଳିତ ଗଳ୍ପକଳା ଉପରେ ଏଯାଏଁ ଆକଳନ ହୋଇପାରି ନାହିଁ । ଓଡ଼ିଆ ସମାଲୋଚନା ସାହିତ୍ୟ ସମ୍ପର୍କରେ ଗାଳ୍ପିକ ରାଧାବିନୋଦ ଦୃଢ଼ ଭାବେ କହନ୍ତି ଯେ, କୌଣସି

## ପ୍ରକାଶିତ ପୁସ୍ତକ

**ଗଳ୍ପଗ୍ରନ୍ଥ**

୧. ପରାଣ ପିତୁଳା କାନ୍ଦୁଛି (୧୯୭୩)
୨. ଅନୁଚ୍ଚାରିତ (୧୯୭୮)
୩ . ଅପେକ୍ଷାରେ ଦିନରାତି (୧୯୮୧)
୪. ମିଛ ମଣିଷ (୧୯୮୧)
୫. ପ୍ରତି ନାୟକ (୧୯୮୧)
୬. ଏକାଏକା ବନବାସ (୨୦୦୦)
୭. ମାଉଣ୍ଟବେଟେନ୍‌ଙ୍କ ଷ୍ଟିକ୍ (୨୦୧୧)
୮. ଗୋଲକପୁତ୍ର (୨୦୧୯)

**ନାଟକ**

୧. ରକ୍ତନଦୀ (୧୯୮୧)
୨. କାଦମ୍ବରୀ (୧୯୮୧)
୩ . ଅରଣ୍ୟର ସ୍ୱର (୨୦୦୩)

ଏବଂ ବିଭିନ୍ନ ପତ୍ରପତ୍ରିକା ଓ ସମ୍ମାନ ପତ୍ରରେ ବିଶୁଦ୍ଧ ସାହିତ୍ୟ ସମାଲୋଚନାତ୍ମକ ପ୍ରବନ୍ଧ ପ୍ରକାଶିତ

**ପୁରସ୍କାର**

ସଙ୍ଗୀତ ନାଟକ ଏକାଡ଼େମୀ ପୁରସ୍କାର, ରାଜଧାନୀ ପୁସ୍ତକମେଳା ପୁରସ୍କାର, ଫକୀରମୋହନ ସାହିତ୍ୟ ସଂସଦ ସମ୍ମାନ, ଭଦ୍ରକ କଲେଜ ଓଡ଼ିଆ ସାହିତ୍ୟ ସମାଜ ସମ୍ମାନ ଇତ୍ୟାଦି ।

ରଚନାର ମୌଳିକତାକୁ ନବୁଝି ଅନେକତ୍ର ଆମ ସମାଲୋଚକମାନେ ଲେଖାଟିଏ ସମ୍ପର୍କରେ ବାଣ ଫୁଟାଇଥାନ୍ତି । ପାଶ୍ଚାତ୍ୟ ସାହିତ୍ୟର ଆହରଣଗତ ଚମତ୍କାରିତାରେ ଅନେକ ଆଚ୍ଛନ୍ନ ହୁଅନ୍ତି । ସେଥିରେ ଏମିତି ଭାସି ଯାଆନ୍ତି ଯେ ମୌଳିକତାକୁ ପ୍ରାଧାନ୍ୟ ଦେଉଥିବା ଲେଖକମାନେ ବାଦ୍ ପଡ଼ି ଯାଆନ୍ତି । ମୋ ମତରେ, ଏଯାଏଁ ପାରଂପରିକ ଢାଞ୍ଚାରେ ଓଡ଼ିଆ ସମାଲୋଚନା ସାହିତ୍ୟ ଗତିଶୀଳ ହେଉଅଛି । ଦ୍ୱିତୀୟ କଥା, ମୁଁ ଯେଉଁ ପରିବେଶରେ ରହୁଛି, ଏଠି ସାରସ୍ୱତ ସୁହୃଦ୍-ବନ୍ଧୁତ୍ୱପୂର୍ଣ୍ଣ ପରିବେଶର ଅଭାବ । ଲେଖକୀୟ ଇଚ୍ଛାର ଇନ୍ଦ୍ରପ୍ରସ୍ଥ ଜଂଜାଳ ଭିତରେ ଅବରୁଦ୍ଧ । ଆଉ ଶେଷକଥାଟି ହେଉଛି, ଈର୍ଷାନ୍ୱିତ ପରିଶ୍ରୀକାତରତାରେ ପରିପୂର୍ଣ୍ଣ ହୃଦୟ ଅନେକ ସମୟରେ ଗୋଟେ ସୁସ୍ଥ ମନକୁ ବି ବିଷାଦମୟ କରିଦିଏ । କେହି ଅଖଣ୍ଡ ଓ ଅକ୍ଷୟ ପ୍ରତିଭା ନେଇ ଜନ୍ମ ହୋଇନଥାଏ । ଶେଷଯାଏଁ ଜଣେ ଅସୀମ ପ୍ରତିଭାର ଅଧିକାରୀ ହୋଇ ରହିବ, ସେ ସୌଭାଗ୍ୟ କାହାରିକୁ ମିଳେନା । ଏସବୁ ଦୃଷ୍ଟିରୁ ଦେଖିଲେ, ମୁଁ ଏବେ ଏକ ପ୍ରକାର ଗୋଟେ 'ଡଲ୍' ହୋଇଯାଇଛି ଓ ନିଜ ଭିତରେ ନିଜକୁ ଉପେକ୍ଷିତ ଅନୁଭବ କରୁଛି । ତଥାପି ଖୋଜି ଚାଲିଛି । ଏକ ଅନ୍ତହୀନ ଅନ୍ୱେଷାରୁ ମୁଁ ଏଯାବତ୍ ମୁକୁଳି ପାରିନି ।

ଏତେବେଳକୁ ମୁହଁରେ ବିମର୍ଷ ଭାବ ଫୁଟି ଆସିଲା ତାଙ୍କର । ଗୋରା ତକତକ ମୁହଁଟି ଥମ୍‌ଥମ୍ ଦିଶିଲା । ପଚାରି ଦେଲି, "ଆପଣ ତ ଏବେ ବି ଲେଖାଲେଖି କରୁଛନ୍ତି । କେତେବେଳେ କେମିତି ପତ୍ରପତ୍ରିକାରେ ବି ଆମେ ଆପଣଙ୍କ ଗଳ୍ପ ଦେଖୁଛୁ ।" କହିଲେ, "ହଁ ମ କେତେବେଳେ କେମିତି ଲେଖି ଦେଉଛି । କେତେକ ଲେଖା ଖଣ୍ଡିଆଖାବରା ହେଇବି ପଡ଼ି ରହିଛି । ଯେତେବେଳେ ଗୋଟେ ଲେଖାର ମୁଣ୍ଡିମରା ସରୁଛି, ତାକୁ କେଉଁ ଏକ ପତ୍ରିକାକୁ ପଠାଉଛି ଓ ସେମାନେ ମଧ୍ୟ ବାହାର କରୁଛନ୍ତି । କିନ୍ତୁ ବେଶି ପରିମାଣରେ ମୁଁ ଏବେ ଅନୁଧ୍ୟାନ କରୁଛି ଯେ ମୋ ଗଳ୍ପର କ'ଣ ସବୁ ପରିବର୍ତ୍ତନ ହେବା ଆବଶ୍ୟକ । ବର୍ତ୍ତମାନ ଟ୍ରେଣ୍ଡ୍ କ'ଣ ଚାଲୁଛି ? କେଉଁ ତରୁଣ ଗାଳ୍ପିକଙ୍କ ଭିତରେ କିପ୍ରକାର ସମ୍ଭାବନା ଆସୁଛି, ସେସବୁ କଥା ଜାଣିବାରେ ମୁଁ ବିଶେଷ ଆଗ୍ରହୀ ।" ଜଣେ ଗାଳ୍ପିକ ତା' ଲେଖାରେ କ'ଣ କହୁଛି, ସେ ସମ୍ବନ୍ଧରେ ତା'ର କ୍ଲାରିଟି କେତେ, ତାହା ହିଁ ବଡ଼କଥା । ଭାବବୋଧରେ ସିଦ୍ଧତା ଓ ଭାଷା ପ୍ରୟୋଗରେ ଲାଳିତ୍ୟ ନଆସିଲେ ଗଳ୍ପଟିଏ ପାଠକକୁ ସ୍ପର୍ଶ କରିବ ନାହିଁ ।

ଗାଳ୍ପିକ ରାଧାବିନୋଦ । କିନ୍ତୁ ଗଳ୍ପ ପାଇଁ ନୁହେଁ, ବରଂ ନାଟକ ରଚନା ପାଇଁ ପାଇଛନ୍ତି ରାଜ୍ୟ ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର । ରାଜଧାନୀ ପୁସ୍ତକମେଳା ପୁରସ୍କାର ବି ନାଟକ ପାଇଁ ପାଇଛନ୍ତି ସେ । କାହିଁକି ?

ଗମ୍ଭୀର ଦିଶିଲେ ସେ । ରକ୍ତବର୍ଣ୍ଣ ଦିଶିଲା ତାଙ୍କ ଗୋରା ମୁଖମଣ୍ଡଳଟି । କଥାବାର୍ତ୍ତା ଭିତରେ ଗାଳ୍ପିକଙ୍କ ଅବ୍‌ସେସ୍, ନିର୍ଭୀକତା ଓ ବେସାଲିସ୍ ପଣକୁ ପ୍ରତ୍ୟକ୍ଷ କଲି । ପ୍ରତିଭାର ଉପଯୁକ୍ତ ମୂଲ୍ୟାୟନ ନହେବା ସହିତ ତ୍ୟାଗପୂତ ଦୀର୍ଘକାଳିକ ସାଧନାର ଯଥାଯୋଗ୍ୟ ସ୍ୱୀକୃତି ନମିଳିବା, ଏହା ଠୁଁ ଗୋଟେ ଲେଖକର ବଳି ଦୁଃଖ ଆଉ କ'ଣ ଥାଇପାରେ ! ଓଡ଼ିଶା ସାହିତ୍ୟ ଏକାଡ଼େମୀ ସ୍ୱୀକୃତି ପାଇବାର ସମୟ ଢେର୍ ଦିନରୁ ଅତିକ୍ରାନ୍ତ ହୋଇଗଲାଣି ବୋଲି ଆଉ ସେଠାକୁ ପୁସ୍ତକ ପଠାଇ ପୁରସ୍କାର ପାଇଁ ଉପଯାଚକତା କରିବା ପର୍ଯ୍ୟାୟରୁ ମୁକ୍ତ ସେ । କେନ୍ଦ୍ର ସାହିତ୍ୟ ଏକାଡ଼େମୀ କିମ୍ବା ସେହିଭଳି ଅନ୍ୟ କିଛି ମର୍ଯ୍ୟାଦାଜନକ ପୁରସ୍କାର ପାଇବାର ସମସ୍ତ ଯୋଗ୍ୟତା ଥାଇ ବି, କୌଣସି କାରଣରୁ ତାଙ୍କୁ ବାଦ୍ ଦିଆ ଯାଇଛି । ଅବଶ୍ୟ ରାଜ୍ୟର ବହୁ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି, ସେଥିପାଇଁ ସେହି ଅନୁଷ୍ଠାନଗୁଡ଼ିକ ନିକଟରେ ସେ କୃତଜ୍ଞତା ପ୍ରକାଶ କରନ୍ତି, କିନ୍ତୁ ସେସବୁର ଲମ୍ବା ତାଲିକା ଦେବାକୁ ସେ ଘୋର୍ ଅନିଚ୍ଛୁକ ।





# ବୁଢ଼ା ଶଙ୍ଖାରି : ଏକ ନୂତନ ପରିଚୟ



**ମଣୀନ୍ଦ୍ର କୁମାର ମେହେର**


ବିଭାଗ ମୁଖ୍ୟ, ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର-୭୫୧୦୦୪
ଫୋନ : ୮୮୯୫୮୮୧୫୮୯

ଫଟୋ ସୌଜନ୍ୟ : ଗୁଗୁଲ୍

ଓଡ଼ିଆ ଗଳ୍ପ ପାଠକମାନଙ୍କ ହୃଦୟକୁ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ 'ବୁଢ଼ା ଶଙ୍ଖାରି' ଗଳ୍ପଟି କିପରି ତୀବ୍ର ଭାବରେ ଆଲୋଡ଼ିତ କରିଛି, ତାହା କିଏ ବା ନଜାଣେ ? ଅନେକ ସମାଲୋଚକ ବିଶ୍ୱକବି ରବୀନ୍ଦ୍ରନାଥଙ୍କ 'କାବୁଲିୱାଲା' ଗଳ୍ପ ଭିତ୍ତିରେ ଏ ଗଳ୍ପଟି ଗଢ଼ି ଉଠିଛି ବୋଲି ବର୍ଣ୍ଣନା କରିଥିବା ତାତ୍ପର୍ଯ୍ୟପୂର୍ଣ୍ଣ । ସେହିପରି ଯେଉଁମାନେ, ବଙ୍ଗଳା ଗଳ୍ପସାହିତ୍ୟର ବିଶିଷ୍ଟ ଗାଳ୍ପିକ ଚାରୁଚନ୍ଦ୍ର ବନ୍ଦୋପାଧ୍ୟାୟଙ୍କ 'ଚୁଡ଼ିୱାଲା' ଗଳ୍ପଟି ପାଠ କରିବାର ସୁଯୋଗ ପାଇଛନ୍ତି, ସେମାନେ ଜାଣିଛନ୍ତି ଯେ ଚୁଡ଼ିୱାଲା ଓ ବୁଢ଼ାଶଙ୍ଖାରି, ଉଭୟ ଗଳ୍ପ ମଧ୍ୟରେ ରହିଛି କି ଅପୂର୍ବ ସାମଞ୍ଜସ୍ୟ । ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ପୌତ୍ର ସ୍ୱର୍ଗତ କିଶୋର ଚନ୍ଦ୍ର ମେହେରଙ୍କ ଦ୍ୱାରା ଚୁଡ଼ିୱାଲା ଗଳ୍ପଟିର ଓଡ଼ିଆ ଅନୁବାଦ 'ମେହେର ପ୍ରଦୀପ' ପତ୍ରିକାରେ ଯେତେବେଳେ ପ୍ରକାଶିତ ହେଲା, ସେତେବେଳେ ବୁଢ଼ାଶଙ୍ଖାରି ଓ ଏହି ଗଳ୍ପର ସମାନତା ଦେଖି ଚକିତ ହୋଇଥିଲେ ଅନେକ ପାଠକ ।

ଜଣେ ମୌଳିକ ଚେତନା ସମ୍ପନ୍ନ ସ୍ରଷ୍ଟା ନିଜ ରଚନା ପାଇଁ ବିଷୟବସ୍ତୁ କେଉଁଠାରୁ ଆହରଣ କରିବେ ସେହି ଅଖଣ୍ଡ ସ୍ୱାଧୀନତା ତାଙ୍କର ରହିଛି । ସେ ଦୃଷ୍ଟିରୁ 'ବୁଢ଼ାଶଙ୍ଖାରି' ଯେ 'ଚୁଡ଼ିୱାଲା'


ଗଳ୍ପର ଅନୁବାଦ ନୁହେଁ, ଏହା କହିବା ନିଷ୍ପ୍ରୟୋଜନ । ଏକାଧିକ ପାଠକ ଓ ସମାଲୋଚକ ଆଲୋଚନା ପ୍ରସଙ୍ଗରେ ଏକଥା ମଧ୍ୟ ବ୍ୟକ୍ତ କରିଛନ୍ତି ଯେ, ବୁଢ଼ାଶଙ୍ଖାରି ଯେତେବେଳେ ପ୍ରଥମେ ପ୍ରକାଶିତ ହୋଇଥିଲା ସେଥିରେ ଏହା ବଙ୍ଗଳା ଗଳ୍ପ ଚୁଡ଼ିୱାଲା ଅନୁସରଣରେ ଲିଖିତ ହୋଇଛି ବୋଲି ଉଲ୍ଲେଖ କରାଯାଇଥିଲା । ତେବେ ସେ ଯାହା ହେଉନା କାହିଁକି 'ବୁଢ଼ାଶଙ୍ଖରି' ଗଳ୍ପଟି 'କାବୁଲିୱାଲା'ର ଛାୟାରେ ବା 'ଚୁଡ଼ିୱାଲା' ଅନୁସରଣରେ ଲିଖିତ ହୋଇଛି ବୋଲି ଆମେ ଜାଣିବା ପରେ ମଧ୍ୟ ଏହି ଗଳ୍ପର ଅନନ୍ୟ ମୌଳିକତାକୁ କଦାପି ଅସ୍ୱୀକାର କରିପାରିବା ନାହିଁ । ବିଷୟବସ୍ତୁ ଏକ କଂକାଳ ମାତ୍ର । ସେଥିରେ ରକ୍ତ ମାଂସ ପୂର୍ଣ୍ଣ କରିଯିଏ ତାକୁ ଦେଇପାରେ ଜୀବନ୍ୟାସ, ସେ ହେଉଛି ମୌଳିକ ଶିଳ୍ପୀର ସମ୍ମାନରେ ବିଭୂଷିତ । ଏହି ଦୃଷ୍ଟିରୁ ବୁଢ଼ାଶଙ୍ଖାରି ଗଳ୍ପର ଭାଷା, ଶୈଳୀ, ଚରିତ୍ରମାନଙ୍କର ନିଟୋଳ ବର୍ଣ୍ଣନା, ଏହାର ପ୍ରାରମ୍ଭ ଓ ପରିସମାପ୍ତି– ଏସବୁ ଲେଖକଙ୍କ ସ୍ୱତନ୍ତ୍ର ସ୍ପର୍ଶରେ ହୋଇଛି ସୌନ୍ଦର୍ଯ୍ୟମୟ । ପୁନଶ୍ଚ, ଏହା ବଙ୍ଗଳା ଗଳ୍ପ ଅନୁସରଣରେ ଲିଖିତ ହୋଇଥିଲେ ମଧ୍ୟ ଏଥିରେ ସନ୍ନିହିତ ଓଡ଼ିଶାର ପରିବେଶ ତଥା ଓଡ଼ିଶାର ମଣିଷ କିପରି ଜୀବନ୍ତ ଭାବରେ ପ୍ରକାଶିତ, ତେଣୁ ସେ ଦୃଷ୍ଟିରୁ ଏହା ଯେ ବଙ୍ଗଳା ଗଳ୍ପର ଏକ ସାର୍ଥକ ଓଡ଼ିଶୀ ସଂସ୍କରଣ, ଏହାମଧ୍ୟ ସମାଲୋଚକମାନେ ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି । ତେବେ ମନରେ ପ୍ରଶ୍ନ ଉଠେ ରବୀନ୍ଦ୍ରନାଥଙ୍କ କାବୁଲିୱାଲା, ଚାରୁଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଚୁଡ଼ିୱାଲା, ଆଉ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ବୁଢ଼ାଶଂଖାରି ଏ ତିନୋଟି ଗଳ୍ପକୁ ଆମେ ଯଦି ନିଷ୍ଠାର ସହିତ ଅଧ୍ୟୟନ କରିବା, ତା'ହେଲେ କେଉଁ ଗଳ୍ପଟି ବାସ୍ତବରେ ହୃଦୟକୁ ଅଧିକ ଆନ୍ଦୋଳିତ କରିବାରେ ସକ୍ଷମ? କାବୁଲିୱାଲା ଗଳ୍ପଟିରେ ରବୀନ୍ଦ୍ରନାଥ କାବୁଲିୱାଲା ସହିତ ତାଙ୍କ ଝିଅର ଆତ୍ମୀୟତାପୂର୍ଣ୍ଣ ସଂପର୍କ ଅନୁଧ୍ୟାନ କରି ବିହ୍ୱଳ ହେଉଥିବା ଏକ ଚରିତ୍ର । ଗଳ୍ପଟି ସମ୍ବେଦନଶୀଳ ପାଠକର ଆତ୍ମାକୁ ସ୍ପର୍ଶ କରିବା ପାଇଁ ନିଶ୍ଚିତ ଭାବରେ ଶକ୍ତିସଂପନ୍ନ । ସେହିପରି ଚୁଡ଼ିୱାଲା ଗଳ୍ପଟିର ସରଳ ଓ ସୁନ୍ଦର ପରିବେଷଣ ପାଠକ ଚିତ୍ତକୁ ମୁଗ୍ଧ କରି ରଖିବାରେ ନେଇଛି ବିଶିଷ୍ଟ ଭୂମିକା । ତିନୋଟି ଗଳ୍ପ ତିନିଜଣ ଶ୍ରେଷ୍ଠ ଶିଳ୍ପୀଙ୍କର ଯେ ସ୍ୱତନ୍ତ୍ର ସ୍ୱତନ୍ତ୍ର ପ୍ରତିଭା ସ୍ପର୍ଶରେ ମହିମାନ୍ୱିତ– ଏ କଥା କହିବା ବାହୁଲ୍ୟମାତ୍ର । ରବୀନ୍ଦ୍ରଙ୍କ ଲେଖାରୁ ପ୍ରତୀୟମାନ ହୁଏ ଯେ, ହୁଏତ ଏପରି କୌଣସି ବାସ୍ତବ ଘଟଣାଟିଏ



ସିଏ ପ୍ରତ୍ୟକ୍ଷ କରିପାରିଥିବେ । ନିଜ ଜୀବନରେ ଦେଖିଥିବା ଏକ ସତ୍ୟ ଘଟଣା ପରି ଏହାକୁ ସେ ବର୍ଣ୍ଣନା କରିଛନ୍ତି କବି ହୃଦୟର କାରୁଣ୍ୟ ପ୍ରଦାନ କରି । ଚୁଡ଼ିୱାଲା ଗଳ୍ପଟିରେ ମଧ୍ୟ ଅନୁଭବ କରାଯାଇପାରେ ଯେ ଏପରି ଘଟଣାଟିଏ ଲେଖକ ଦେଖିଥାଇ ପାରନ୍ତି କିମ୍ବା କଳ୍ପନା ଶକ୍ତି ପ୍ରୟୋଗରେ ଏଭଳି ଚରିତ୍ରଟିଏ ସୃଷ୍ଟି କରିଥାଇ ପାରନ୍ତି । ତେବେ ଉକ୍ତ ଉଭୟ ଗଳ୍ପରେ ଲକ୍ଷ୍ମୀକାନ୍ତ ମହାପାତ୍ର ଯେଉଁ କାବୁଲିୱାଲା ଓ ଚୁଡ଼ିୱାଲାକୁ ଅଧ୍ୟୟନ କରି ସୃଷ୍ଟି କରିଛନ୍ତି ଏକ ସାର୍ଥକ ଗଳ୍ପ, ଏହି ଗଳ୍ପର ବୁଢ଼ାଶଙ୍ଖାରି ଚରିତ୍ରଟି ତା'ହେଲେ କ'ଣ ଉକ୍ତ ଉଭୟ ଚରିତ୍ରର ଏକ ଓଡ଼ିଶୀ ସଂସ୍କରଣ ମାତ୍ର ? ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନକାଳ ମଧ୍ୟରେ ସେ କ'ଣ ଏହିଭଳି ଚରିତ୍ରଟିଏ ଗ୍ରୀଷ୍ମ କାଳର ଓଡ଼ିଶା ଦାଣ୍ଡରେ ଦେଖିନଥିବେ ? ସେ କ'ଣ ଯେଉଁ ବୋହୂଟିକୁ ଏଠି ଚିତ୍ରଣ କରିଛନ୍ତି, ସେଇ ବୋହୂଟିଏ ପରି ଏକ ସୌନ୍ଦର୍ଯ୍ୟମୟୀ କନ୍ୟାଙ୍କୁ ଆଦୌ ଦେଖିନାହାନ୍ତି ? ସେହିପରି ଗୋଟିଏ ବୃଦ୍ଧ ମଣିଷ ଆଉ ତା'ର କନ୍ୟା ପ୍ରତିମା ବୋହୂଟିର ସମ୍ପର୍କ ମାତା ପୁତ୍ରର ସଂପର୍କ ସଦୃଶ କିପରି ହୃଦୟସ୍ପର୍ଶୀ ହୋଇପାରେ ତାହା କ'ଣ ତାଙ୍କ ଆଖି ଆଗରେ ଘଟି ଥାଇ ନପାରେ ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଯଦି ଆମେ ପ୍ରବେଶ କରିବା ଲକ୍ଷ୍ମୀକାନ୍ତଙ୍କ ହୃଦୟର ବାଗ୍‌ଦେବୀ ଅଧ୍ୟୁଷିତ ଇଲାକାରେ, ତା'ହେଲେ ଆମେ ଦେଖିବାକୁ ପାଇବା ଯେ ଯେଉଁ ଚରିତ୍ରକୁ ସେ ବଙ୍ଗଳା ସାହିତ୍ୟରେ ପଢ଼ିଛନ୍ତି । ସେଭଳି ଚରିତ୍ରଟିଏ ତାଙ୍କ ହୃଦୟ ଭିତରେ ଛପି ରହିଥିବା ଆଦୌ ଅସମ୍ଭବ ନୁହେଁ । ବଙ୍ଗଳା ଗଳ୍ପ ଦୁଇଟି ତାଙ୍କୁ ମହତ୍ ପ୍ରେରଣା ପ୍ରଦାନ କରିଥାଇପାରେ ଏ ଗଳ୍ପ ଲେଖିବା ପାଇଁ । କିନ୍ତୁ ତା'ର ଅର୍ଥ ନୁହେଁ ଯେ, ଏପରି ଚରିତ୍ରର ସଂସ୍ପର୍ଶରେ ଲକ୍ଷ୍ମୀକାନ୍ତ କଦାପି ଆସିନଥିବେ । ପୃଥିବୀର କେଉଁ ଭୂମିରେ ସ୍ନେହୀ ମଣିଷର ଅଭାବ ରହିଛି ? କେଉଁଠି ପୁଣି ଅଭାବ ରହିଛି ନିଟୋଳ କନ୍ୟାଟିଏର ସ୍ୱର୍ଣ୍ଣିମ ରୂପ ? ଯେଉଁ ଚରିତ୍ରମାନେ ବଂଗଳାର ଦାଣ୍ଡରେ ବୁଲିପାରନ୍ତି, ଘର ଭିତରେ ରହି ସୌନ୍ଦର୍ଯ୍ୟର ବିକିରଣ କରୁଥାଇ ପାରନ୍ତି– ସେପରି ଚରିତ୍ର ଓଡ଼ିଶାର ଧୂଳି ଧୂସରିତ ରାସ୍ତାରେ ମଧ୍ୟ ଏକାନ୍ତ ସୁଲଭ । ଓଡ଼ିଶାର ଶତ ଶତ ଗୃହାଙ୍ଗନରେ ସୁନ୍ଦର ବୋହୂଟିଏର ଉପସ୍ଥିତି ସୂର୍ଯ୍ୟାଲୋକ ପରି ସ୍ୱଚ୍ଛ ଓ ସତ୍ୟ । ତେଣୁ ମନେହୁଏ ଲକ୍ଷ୍ମୀକାନ୍ତ ମହପାତ୍ର ଏପରି ଚରିତ୍ର ଦୁଇଟିକୁ ନିଜ ଜୀବନ କାଳରେ ଦେଖିଥିବା କିମ୍ବା ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଅସମ୍ଭବ କଥା ନୁହେଁ । ଦୁଇଟି ଶ୍ରେଷ୍ଠ ବଂଗଳା ଗଳ୍ପ ପାଠ କରିବା ଫଳରେ ତାଙ୍କ ଅନ୍ତରର ଅଭିଜ୍ଞତା ବା ଅନୁଭୂତି ଯେ ଜାଗ୍ରତ ହେବାରେ ନେଇଥିବ ଉଲ୍ଲେଖଯୋଗ୍ୟ ଭୂମିକା, ଏହାକୁ ଆମେ ଅସ୍ୱୀକାର କରିପାରିବା ନାହିଁ । ମାତ୍ର ଉଭୟ ବଙ୍ଗଳା ଗଳ୍ପର ଭୂମିକାଟି ଏ କ୍ଷେତ୍ରରେ ସେତିକି ମାତ୍ର । ତା' ଠାରୁ ଆଉ ଅଧିକ ନୁହେଁ । କାରଣ 'ବୁଢ଼ାଶଙ୍ଖାରି' ଗଳ୍ପର ଭାଷା ବିଭବ ମଧ୍ୟରେ ଯେଉଁ ଜୀବନ୍ତ ଓଡ଼ିଶା ଫୁଟିଉଠିଛି, ବୁଢ଼ାଶଙ୍ଖାରିର ବ୍ୟବହାରରେ ଯେଉଁ ସ୍ନେହଶୁଦ୍ଧତା ଆମକୁ ସ୍ପର୍ଶ କରିଛି, ଅନନ୍ୟ କାନ୍ତିମୟୀ ବୋହୂଟିର ନିଖୁଣ ରୂପ-ମାଧୁର୍ଯ୍ୟ ଯେପରି ପ୍ରାଣବନ୍ତ ରୂପରେ ପ୍ରକାଶିତ ହୋଇଛି, ତାହା ଉକ୍ତ ଦୁଇ ବଙ୍ଗଳା ଗଳ୍ପରେ ଅନ୍ୱେଷଣ କଲେ ଆମେ ସେହି ପରିମାଣରେ ପରିବେଶ ଓ ଚରିତ୍ରର ରୂପାୟନ ସହ ଚରିତ୍ର ସହିତ ଲେଖକର ନିବିଡ଼ ସମ୍ପୃକ୍ତି ସେତିକି ଗଭୀର ଭାବରେ କଦାପି ଅନୁଭବ କରିପାରିବା ନାହିଁ ।

ମନରେ ଏକ ନିଗୂଢ଼ ପ୍ରଶ୍ନ ସୃଷ୍ଟି ହୁଏ ଯେ, ଏପରି କେଉଁ ଜୀବନ୍ତ ଚରିତ୍ରଟିକୁ ଦେଖିଥିବେ ଲକ୍ଷ୍ମୀକାନ୍ତ, ଯାହାକୁ ରୂପାୟିତ କରିଛନ୍ତି ସେ 'ବୁଢ଼ାଶଙ୍ଖାରି' ଗଳ୍ପରେ । ବାସ୍ତବରେ ଏହି 'ବୁଢ଼ାଶଙ୍ଖାରି' ଜଣକ କିଏ ? ତା'ର ପରିଚୟ କ'ଣ ଅନ୍ୱେଷଣ କରାଯାଇ ପାରିବ ନାହିଁ ? ସେପରି ଚରିତ୍ର ଓଡ଼ିଶାର ମାଟିରେ କ'ଣ ଚାଲିବାର ଦୃଶ୍ୟ ଆମେ ଦେଖି ପାରିବା ନାହିଁ ? ନିର୍ଦ୍ଦିଷ୍ଟ ଭାବରେ ଏପରି ଗୋଟିଏ ଚରିତ୍ରର ସଂସ୍ପର୍ଶରେ ଲେଖକ ଆସିଥିବା କ'ଣ ଅସମ୍ଭବ ? ସବୁକିଛି ସମ୍ଭବ ।

'ବୁଢ଼ାଶଙ୍ଖାରି' ଚରିତ୍ରଟି ଉପରେ ଦୃଷ୍ଟି ନିବଦ୍ଧ କରାଯାଉ । ଶଙ୍ଖା ବିକ୍ରି




କରିବା ତା'ର ଜୀବିକା । ଯେତେବେଳେ ଗାଁ ଭିତରେ ଶଙ୍ଖା ବିକ୍ରୟ କରିବା ଉଦ୍ଦେଶ୍ୟରେ ଆସି ସୁନା ପରି ଗୋରା ଗୋଟିଏ ଚାଉଳରେ ଗଢ଼ା ଅତ୍ୟନ୍ତ ସୁନ୍ଦର ବୋହୂଟିକୁ ସେ ଦେଖିଛି ଓ ତା'ର ମିଠା କଥା ଶୁଣିଛି ତାହା ତା' ହୃଦୟରେ ପ୍ରତିଧ୍ୱନିତ ହୋଇଛି ବାରମ୍ବାର । ଏହି ସୁନ୍ଦର ବୋହୂଟିକୁ ସେଇ ମୁହୂର୍ତ୍ତରେ ସେ ଦେଇଛି ମା'ର ମର୍ଯ୍ୟାଦା । ପୁଅ ପାଖରେ ଲାଜ କରିବାର କିଛି ନାହିଁ ବୋଲି କହିଦେଇଛି ଆବେଗସିକ୍ତ କଣ୍ଠରେ । ବୁଢ଼ା କଣ୍ଠର ସେଇ ଶ୍ରଦ୍ଧାଶୀଳତା, ବାତ୍ସଲ୍ୟଭାବ ପ୍ରକାଶିତ ହୋଇଛି ଯେଉଁ କେତୋଟି ସଂଳାପରେ ତାହା ଅତି ସରଳ, ଅତି କ୍ଷୁଦ୍ର, କିନ୍ତୁ ଅତି ତୀବ୍ର । ବୋହୂଟି ଯେତେବେଳେ ହାତ ବଢ଼ାଇ ଦେଇଛି ବୁଢ଼ା ପାଖକୁ, ତା'ର ସୁନ୍ଦର ଗୋରା ହାତ ଗୋଲ ଗୋଲ ଆଙ୍ଗୁଳିଗୁଡ଼ିକ ବୁଢ଼ାକୁ ମନେ ହୋଇଛି ଚମ୍ପାକଢ଼ି ଭଳି । ବୁଢ଼ା ଭାବୁଛି, "ଏ କ'ଣ ମଣିଷର ହାତ ? ନା କେହି କାରିଗର ଠାକୁର ଗଢ଼ିଛି ?" ନିଜର ମଇଳା ରୁକ୍ଷ ହାତରେ ସେଇ ପରିଚ୍ଛନ୍ନ ଦେବୀଦତ୍ତ ହାତକୁ ସ୍ପର୍ଶ କରିବା ପାଇଁ ବୁଢ଼ା ସାହସ କରିନାହିଁ । ଅଥଚ ଯେତେବେଳେ ସେ ହାତଟି ଧରିଛି ନିଜ ହାତରେ ସେ, ସେତେବେଳେ ତା'ର ଆନନ୍ଦର ସୀମା ଅବର୍ଣ୍ଣନୀୟ । ଗୋଟିଏ ମୁହୂର୍ତ୍ତରେ ହିଁ ସେ ଉପଲବ୍ଧି କରିଛି ଯେ, ତା'ର ଜୀବନର ସମସ୍ତ ସୁଖ, ସମସ୍ତ ଆଶାର ସେହିଠାରେ ହିଁ ତୃପ୍ତି । ଉଲ୍ଲେଖଯୋଗ୍ୟ ଯେ, ବଂଗଳା ଗଳ୍ପ ଦୁଇଟିରେ ଏଇଭଳି ଆବେଗାତ୍ମକ ବାକ୍ୟ ଦୁର୍ଲ୍ଲଭ । ବୋହୂଟିର ହାତକୁ ଭଗବାନଙ୍କ ଗଢ଼ା ହାତ ବୋଲି ଅନୁଭବ କରିବା ଉକ୍ତ ଦୁଇ ଗଳ୍ପରେ ପାଠକ ପାଇପାରିବେ ନାହିଁ । ଯେଉଁ ହାତ ସ୍ପର୍ଶ କଲେ ଜୀବନର ସମସ୍ତ ସୁଖ, ସମସ୍ତ ଆଶା ତୃପ୍ତିଲାଭ କରେ ସେଇ ହାତରେ ଚୁଡ଼ି ପିନ୍ଧାଇ କ'ଣ ଦାମ୍ ନିଆଯାଏ ? ବୁଢ଼ା ଚୁଡ଼ି ବଦଳରେ ନେଇନାହିଁ କୌଣସି ମୂଲ୍ୟ । କେତେଦିନରୁ ହୁଏତ କେତେ ଜନ୍ମରୁ ସେ ଖୋଜୁଥିଲା ଏହିଭଳି ଦେବୀ ପ୍ରତିମା ମା'ଟିଏ । ଆଉ ଯେତେବେଳେ ସେ ମା'ର ପ୍ରତ୍ୟକ୍ଷ ଦର୍ଶନ ସମ୍ଭବ ହେଲା ସେତେବେଳେ ଆଉ କ'ଣ ସେ ସ୍ଥିର ହୋଇ ରହିପାରନ୍ତା ଘର ଭିତରେ ? ପ୍ରତିଦିନ ସେ ଆସେ । ପ୍ରତିଦିନ ତା' ମା'କୁ ଦେଖେ ଟିକିଏ । ସେତିକିରେ ତା'ର ଦୃଷ୍ଟି ହୋଇଯାଏ ପବିତ୍ର, ହୃଦୟ ହୋଇଯାଏ ପରିପୂର୍ଣ୍ଣ । ଆଉ ସେ ମନେରଖିଛି ତା' ମା' ଯେଉଁ ଆସ୍‌ମାନ୍ ତାରା ଶଂଖା ଆଣିବା ପାଇଁ କହିଛି ତାହା ନିଶ୍ଚୟ ସିଏ ରଜସଂକ୍ରାନ୍ତି ବେଳକୁ ଆଣିଦେବ । ପ୍ରତିଦିନ ଖରାତରାରେ ଯିବାଆସିବା ଦ୍ୱାରା ଜ୍ୱରାକ୍ରାନ୍ତ ହୋଇଯାଇଛି । ଫୁଲିଯାଇଛି ତା'ର ଗୋଡ଼ହାତ । ଦୀର୍ଘ ଦୁଇମାସ ସେ ଦେଖି ପାରିନାହିଁ, ତା'ର ମା'କୁ । ତା'ର ମା'ର ସ୍ୱପ୍ନକୁ ସାକାର କରିପାରିନାହିଁ ମଧ୍ୟ । ସେଥିପାଇଁ ସେହି ରୋଗଗ୍ରସ୍ତ, ଜ୍ୱରାଗ୍ରସ୍ତ, ଜ୍ୱରାକ୍ରାନ୍ତ ଅବସ୍ଥାରେ କୌଣସି ପ୍ରକାରେ ଅସହ୍ୟ କଷ୍ଟ ବରଣ କରି ସେ ତିଆରି କରିଛି ଆସ୍‌ମାନ୍ ତାରା ଶଂଖା । ସାରାଜୀବନରେ ଯେତିକି କଳା କୌଶଳ ସେ ଆୟତ୍ତ କରିଥିଲା ସେ ସବୁକୁ ଲଗାଇ ଦେଇଛି ଏହି କାମରେ । ସେ ତ ଶଂଖା ଗଢୁ ନାହିଁ, ପ୍ରକୃତରେ ତା'ର ଦେବୀ ପ୍ରତିମା ମା'ର ପୂଜା ପାଇଁ ଯେମିତି ନିଜକୁ କରିଦେଉଛି ସମ୍ପୂର୍ଣ୍ଣ ନିବେଦିତ । ତା' ମା'ର ହାତଟି ମନେ ପଡ଼ିବା କ୍ଷଣି ତା'ଦେହରେ ବଳ ଆସି ଯାଇଛି । କଷ୍ଟ ହେଉଥାଏ ଅତି ତୀବ୍ର, ଅଥଚ ପାଞ୍ଚକୋଶ ବାଟ ଚାଲି ଚାଲି ସେ ପହଞ୍ଚିଛି ତା' ଦେବୀ ମାଆ ପାଖରେ । ଆଉ ତା'ପରେ ଯେଉଁ କରୁଣ ଦୃଶ୍ୟର ସମ୍ମୁଖୀନ ସେ ହୋଇଛି ତାହା ବର୍ଣ୍ଣନା କରିବାର ପ୍ରୟୋଜନ ନାହିଁ । ଯାହାପାଇଁ ତା'ର ଏତେ ସ୍ୱପ୍ନ, ଯାହା ପାଇଁ ତା'ର ଏତେ କଷ୍ଟ ବରଣ, ଯାହାପାଇଁ ପୂଜାର ଥାଳି ଧରି ଦଣ୍ଡାୟମାନ ସେ, ସିଏ ହୋଇ ଯାଇଛି ନିରାଭରଣା । ତା' ଶାଢ଼ିରେ ନାହିଁ ନାଲି ରଙ୍ଗ । ନାହିଁ କୁମ୍ଭ କିନାରା ଦକ୍ଷିଣାପାଟ । ଗୋଡ଼ରେ ନାହିଁ ନୂପୁର, ହାତରେ ନାହିଁ ଶଂଖା । କପାଳରେ ନାହି ସିନ୍ଦୂର ଟୋପା । ବୁଢ଼ାର ଆଉ କ'ଣ ବୁଝିବାକୁ ବାକି ରହିଥିଲା । ଯେଉଁ ମା'ର ସୁଖ ପାଇଁ ଆନନ୍ଦ ପାଇଁ ତା'ର ପ୍ରତିଟି ଲୋମ କୂପରୁ ଉତ୍‌ଥିତ ହେଉଥିଲା ଗଭୀର ପ୍ରାର୍ଥନା, ତାହା ନିର୍ମମ ବିଧାତାର ବିଧାନରେ ହୋଇ ଯାଇଛି ଚୁରମାର୍ । ଯାହା ପାଇଁ ତା'ର ଏହି ଆସ୍‌ମାନ୍ ତାର ଶଂଖା ନିର୍ମିତ, ସେ ଶଂଖା ଯଦି ସେ ପିନ୍ଧିବାର ସୌଭାଗ୍ୟ ହରାଇ ଦେଇଛି ତା' ଠାରୁ ବୁଢ଼ା ପାଇଁ ଆଉ ବଡ଼ ଦୁର୍ଭାଗ୍ୟର କଥା କଣ ବା ରହିଛି ? କଚାଡ଼ି ଦେଇଛି ଶଂଖା ମୁଠାକ ତା'ର । ଚୁନା ହୋଇଯାଇଛି ସବୁ ଶଂଖା । ଚୁନା ହୋଇଗଲା ତା'ର ସବୁ ପୂଜା, ସବୁ ଆରାଧନା, ସବୁ ସ୍ନେହ ବନ୍ଧନର ଆନନ୍ଦ, ସବୁ ନିବିଡ଼ ପ୍ରାର୍ଥନାର ଆକୁଳ ସ୍ୱର । କ୍ରନ୍ଦନ ରୋଳରେ ସେ ଘର ହୋଇ ଉଠିଛି କାରୁଣ୍ୟମୟ ।


ଏ ଯେଉଁ ହୃଦୟ ବିଦାରକ କାରୁଣ୍ୟ, ତାକୁ ନା ଫୁଟାଇ ପାରିଛନ୍ତି ରବୀନ୍ଦ୍ରନାଥ ନା ଫୁଟାଇ ପାରିଛନ୍ତି ଚାରୁଚନ୍ଦ୍ର ? ଉଭୟେ ଶ୍ରେଷ୍ଠ ଶିଳ୍ପୀ । ଏ କଥା ଅବିସମ୍ବାଦିତ । ତଥାପି ଲକ୍ଷ୍ମୀକାନ୍ତ ଓଡ଼ିଶାର କ୍ଷୁଦ୍ର କୁଟୀର ଭିତରେ ବସି ବୁଢ଼ାଶଙ୍ଖାରି ଆସ୍‌ମାନ୍ ତାରା ଶଂଖା ତିଆରି କରିବା ପରି ସ୍ୱେଦ, ଅଶ୍ରୁ ଓ ରକ୍ତ ଦେଇ ଯେପରି ଲେଖିଛନ୍ତି ବୁଢ଼ାଶଙ୍ଖାରି ଗଳ୍ପ, ତାହା ହୋଇଉଠିଛି ସେହି ଉଭୟ ଗଳ୍ପରୁ ଅଧିକ ପରିମାଣରେ ଆବେଦନକ୍ଷମ । ହୋଇପାରିଛି ସମ୍ବେଦନଶୀଳ ପାଠକର ହୃଦୟରେ କମ୍ପନ ସୃଷ୍ଟିକ୍ଷମ ଓ ପାଠକର ଆଖିରେ ଅଶ୍ରୁ ସୃଜନରେ ସମର୍ଥ । କାବୁଲିୱାଲା ବା ଚୁଡ଼ିୱାଲା ଦୁଇଗଳ୍ପ ମହାନ୍ । ସେ ଦୁଇ ଗଳ୍ପରେ ମଧ୍ୟ ଲେଖକର ସହନୁଭୂତି ଏକାନ୍ତ ସଞ୍ଚରଣକ୍ଷମ । ମାତ୍ର ଏ ଯେଉଁ ଅସହ୍ୟ କଷ୍ଟବରଣ ଓ ଅଶ୍ରୁତର୍ପଣ, ତାହା କେବଳ ବୁଢ଼ାଶଙ୍ଖାରି ଗଳ୍ପଟିରେ ହିଁ ସୃଷ୍ଟି କରିଛି ଅନନ୍ୟ ଆବେଦନ ।

ତେବେ ଏହି ଚରିତ୍ରଟିକୁ ଏତେ ପ୍ରାଣବନ୍ତ କରିବାର ଯେଉଁ କଳା ଲକ୍ଷ୍ମୀକାନ୍ତ ପ୍ରଦର୍ଶନ କରିଛନ୍ତି, ତାହା କିଭଳି ଆୟତ୍ତ କଲେ ସେ ? କିଭଳି ଏପରି ଚରିତ୍ରକୁ ଦେଖି ତା'ର ହୃଦୟ ମଧ୍ୟକୁ ପ୍ରବେଶ କରି ମର୍ମସ୍ଥଳର ବେଦନାକୁ କାଢ଼ି ଆଣି ପାରିଲେ କେଉଁ ଶକ୍ତି ବଳରେ ? ଜଣେ ଶିଳ୍ପୀର ଅନ୍ତର କେତେ ପ୍ରସାରିତ, କେତେ ଗଭୀରତର, କେତେ ସମ୍ବେଦନମୟ ହୋଇଥିଲେ ଯାଇ ଏପରି ସୃଷ୍ଟି ସମ୍ଭବ, ତାହା ସହଜରେ ଆମେ କଳ୍ପନା କରିପାରିବା ନାହିଁ । ଲକ୍ଷ୍ମୀକାନ୍ତ ବି ବୁଢ଼ାଶଙ୍ଖାରି ବ୍ୟତୀତ ଆହୁରି ଅନେକ ଗଳ୍ପ ଲେଖିଛନ୍ତି, ଯାହା ଏକାନ୍ତ ହୃଦୟଗ୍ରାହୀ । ମାତ୍ର ତାଙ୍କର ସମଗ୍ର ଗଳ୍ପ ମଧ୍ୟରେ ବୁଢ଼ାଶଙ୍ଖାରି ଭଳି ବିଭୋର ବେଦନାର୍ଦ୍ର ଚରିତ୍ରଟିଏ କାହିଁ ? ନିର୍ବିବାଦରେ ବୁଢ଼ାଶଂଖାରି ତାଙ୍କର ଅତୁଳନୀୟ ସୃଷ୍ଟି । ଅନ୍ୟ ଲେଖକମାନଙ୍କ ଠାରୁ ସେ ଯେ ଅଧିକ ଅଶ୍ରୁ ସୃଜନ କରିବାର କ୍ଷମତା ସଂରକ୍ଷିତ କରି ରଖି ଯାଇଛନ୍ତି, ସେତିକି ମାତ୍ର ନୁହେଁ । ସେ ନିଜକୁ ମଧ୍ୟ ପରାଜିତ କରି, ନିଜର ସମସ୍ତ ଗଳ୍ପ କଳାକୁ ମ୍ଳାନ କରିଦେଇ ଫୁଟାଇ ଉଠାଇଛନ୍ତି ବେଦନାବୋଧର ଅପୂର୍ବ ନିର୍ଝର । ସେଥିପାଇଁ ଏ ଗଳ୍ପଟି, ଏ ଚରିତ୍ରଟି ଓଡ଼ିଶାର ଦରଦୀ ପାଠକମାନଙ୍କ ପାଇଁ ହୋଇଯାଇଛି ଚିରସ୍ମରଣୀୟ । ଥରେ ମାତ୍ର ଯିଏ ପଢ଼ିଛି ବୁଢ଼ାଶଂଖାରିକୁ, ଜୀବନ ସାରା ଆଉ ସେ ଭୁଲି ପାରିବ ନାହିଁ ତାକୁ । ଯେମିତି ବୁଢ଼ାଶଂଖାରି ଦେବୀସତ୍ତା ଉଦ୍‌ଭୂତ ତା' ମା'ର ନିଟୋଳ ହାତକୁ ଥରେ ଛୁଇଁଦେବା ମାତ୍ରକେ ଯେଉଁ ସିତ୍କାର ଅନୁଭବ କରିଛି ତାହା ସାରା ଜୀବନ ଭୁଲି ପାରିନାହିଁ, ଠିକ୍ ସେମିତି । ଆଉ ଯିଏ ଥରେ ଦେଖିଛି ସେହି ଦେବୀ ସଦୃଶ୍ୟ ମାତୃ ପ୍ରତିମା ମୂର୍ତ୍ତିର ନିର୍ବାକ, ନିସ୍ପନ୍ଦ, ସ୍ୱେଦପରିଚ୍ଛଦ ଆଚ୍ଛାଦିତ କରୁଣ ରୂପ ସେ ମଧ୍ୟ କେବେହେଲେ ଭୁଲିପାରିବ ନାହିଁ ଏହି ମର୍ମସ୍ଥଳର ଅନନ୍ତ ବ୍ୟଥାକୁ ।

କେଉଁ ଚରିତ୍ରଟିକୁ ଦେଖିଦେଇ ମାତ୍ର ଏପରି ସୃଷ୍ଟିଟିଏ କରିବା କ'ଣ ଏତେ ସହଜ ? କେଉଁ ଶ୍ରେଷ୍ଠ ଗଳ୍ପଟିଏ ପଢ଼ିଦେଲେ କେବଳ କ'ଣ ରକ୍ତ ତର୍ପଣ କରି

ଲେଖା ଯାଇପାରେ ଆଉ ଗୋଟିଏ ଗଳ୍ପ ? ଦେଖିବା, ପଢ଼ିବା, ଶୁଣିବା- ଏସବୁ ପ୍ରେରଣା ଦାୟକ । ଭାବ ଉଦ୍ଦୀପକ, ମାତ୍ର ଏସବୁ ଚରିତ୍ରଟିକୁ ପାଠକ ଆଗରେ ଜୀବନ୍ତ କରି ଥୋଇବାରେ ନେଇପାରେ ନାହିଁ ଶ୍ରେଷ୍ଠ ଭୂମିକା । ଦେଇପାରେ ନାହିଁ ଅନନ୍ତ ଶକ୍ତିର ମହିମାମୟ ସ୍ରୋତ । ତା'ହେଲେ, ଏ ବୁଢ଼ାଶଂଖାରି କିଏ ? ଆଉ କିଛି ବର୍ଣ୍ଣନା ନକରି କେବଳ ଏ ଲେଖକ ଏତିକି କହିପାରେ ଯେ, ଏହି ବୁଢ଼ାଶଙ୍ଖାରି ଚରିତ୍ରଟି ଅନ୍ୟ କେହି ନୁହନ୍ତି; ସେ ହେଉଛନ୍ତି ସ୍ୱୟଂ ଲେଖକ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର । ନିଜ ହୃଦୟର ସକଳ ଶ୍ରଦ୍ଧା, ସକଳ ମମତା, ସମସ୍ତ ପ୍ରାଣପ୍ରାଚୁର୍ଯ୍ୟ ଲୁହ ଓ ଲହୁ ଦେଇ ସେ ଗଢ଼ିଛନ୍ତି ଯେଉଁ ଚରିତ୍ରଟିକୁ ସେଇ ଚରିତ୍ର ତାଙ୍କ ବ୍ୟତୀତ ଆଉ କେହି ହୋଇନପାରେ । ପ୍ରତିଟି ବାକ୍ୟ ଆଉ ଶବ୍ଦ ଭିତରେ, ପ୍ରତିଟି ସଂଳାପ ମଧ୍ୟରେ, ପ୍ରତିଟି ଆନନ୍ଦର ଅବର୍ଣ୍ଣନୀୟ ମୁହୂର୍ତ୍ତରେ, ଆଉ ପ୍ରତିଟି ଅଶ୍ରୁ ବିନ୍ଦୁରେ ଯାହାର ବେଦନା ବିଦଗ୍ଧ ଛବି ଉକୁଟି ଉଠେ ସେ ହେଉଛନ୍ତି ଲକ୍ଷ୍ମୀକାନ୍ତ ମହାପାତ୍ର । ବୁଢ଼ା ଶଙ୍ଖାରିର ଏ ନୂତନ ପରିଚୟ ଆବିଷ୍କାର କରିପାରିଲେ ଆମ ଭିତରେ କ'ଣ ସୃଷ୍ଟି ହେବ ନାହିଁ ଅଭିନବ ସ୍ପନ୍ଦନ ? ବୁଢ଼ାଶଙ୍ଖାରିର ଏହି ନୂତନ ପରିଚୟ ଓଡ଼ିଆ ପାଠକମାନଙ୍କ ପ୍ରାଣକୁ ଭାବାପ୍ଲୁତ କରିଦେବାରେ ନେଇ ପାରିବ ଶ୍ରେଷ୍ଠ ଭୂମିକା, ଏଥିରେ ସନ୍ଦେହ ନାହିଁ ।

## ବହି ଦରବାର




- ପୁସ୍ତକର ନାମ: **ତୂଳୀତରଙ୍ଗ**
- ସମ୍ପାଦନା : **ଶ୍ରୀଦେବ ଓ କେଶୁ ଦାସ**
- ପ୍ରକାଶକଙ୍କ ନାମ : **ଦିବ୍ୟ ଦେବେନ୍ଦ୍ର, ବାଲେଶ୍ୱର**
- ମୂଲ୍ୟ : **ନାହିଁ,** ପୃଷ୍ଠା : **୫୨**




ବାଲେଶ୍ୱରର ଆଦରଣୀୟ ଯୁବ ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆଙ୍କ ଅପ୍ରତ୍ୟାଶିତ ମୃତ୍ୟୁରେ ମ୍ରିୟମାଣ ହୋଇ ଶିଳ୍ପୀକୁଳ, ଲେଖକକୁଳ ଓ ତାଙ୍କୁ ଭଲ ପାଉଥିବା ଅନେକ ସାଧାରଣ ମଣିଷଙ୍କ ପାଇଁ ଏବଂ ଦେବେନ୍ଦ୍ରଙ୍କୁ ସବୁଦିନ ସ୍ମରଣରେ ରଖିବା ପାଇଁ 'ତୂଳୀତରଙ୍ଗ' ପ୍ରକାଶିତ । ଏହି ସ୍ମରଣିକାରେ କବି ଶ୍ରୀଦେବଙ୍କ ଶ୍ରଦ୍ଧା ଓ ଦେବେନ୍ଦ୍ରଙ୍କ ପ୍ରତି ଭଲପାଇବା ପ୍ରତିଟି ପୃଷ୍ଠାରେ ଫୁଟି ଉଠିଛି । ଶିଳ୍ପୀ କେଶୁ ଦାସ ଏବଂ କବି ଦୀପକ ବୋଷ ପ୍ରମୁଖ ଏହି ସ୍ମରଣିକା ପ୍ରସ୍ତୁତିରେ ବିଶେଷ ଭାବରେ ସହଯୋଗ କରିଥିବା ଉଲ୍ଲେଖନୀୟ । ପ୍ରଚ୍ଛଦରେ କେଶୁ ଦାସଙ୍କ ଜଳରଙ୍ଗ ପ୍ରଚ୍ଛଦ ଚମତ୍କାର ହୋଇଛି । ଏହାସହିତ ଭିତର ପୃଷ୍ଠାରେ ଯେଉଁମାନେ ଶ୍ରଦ୍ଧା ନିବେଦନ କରିଛନ୍ତି ସେମାନଙ୍କ ମଧ୍ୟରୁ କୃଷ୍ଣ କୁମାର ମହାନ୍ତି, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଶାନ୍ତ ଦାସ, ହରିଶ୍ଚନ୍ଦ୍ର ବେହେରା, ନିବାରଣ ଜେନା, ଗଙ୍ଗାଧର ବିଶ୍ୱାଳ, ଅରବିନ୍ଦ ଦାସ, ସତ୍ୟଶିବ ଦାସ, ଗୌତମ ବୁଦ୍ଧ ଦାସ, ଶଶି ରଂଜନ ମଲ୍ଲିକ, ରତିକାନ୍ତ ପାତ୍ର, ଶୁଭେନ୍ଦୁ ଦାସ, ବଂଶୀଧର ଜେନା, ମରୁତ ରାଉତ, ପ୍ରତାପ କୁମାର ରାଉତ, ଦେବାଶିଷ ପତି, ପୂର୍ଣ୍ଣେନ୍ଦୁ ପ୍ରକାଶ ପତି, ଆତ୍ମାରାମ ମହାପାତ୍ର, ରାଜେଶ ଗିରି, ସାରଙ୍ଗଧର ତ୍ରିପାଠୀ, ଅରୁଣାଂଶୁ ପାଣିଗ୍ରାହୀ, ରବୀନ୍ଦ୍ର ଚନ୍ଦ୍ର ନାୟକ, କାଳିପଦ ପଣ୍ଡା, ସୁବାସିନୀ ଜେନା, ଅଞ୍ଜଳି ପଣ୍ଡା, ମମତା ମହାପାତ୍ର, କଲ୍ୟାଣୀ ନନ୍ଦ, ସୀତାଂଶୁ ଲେଙ୍କା, ରଂଜନ ବାଗ, ସର୍ବେଶ୍ୱର ଜେନା, ଅରୁଣା ରାୟ, ଗଗନ କୁମାର ସେଠୀ, ମୋନାଲିସା ପ୍ରଧାନ ଏବଂ ଆହୁରି ଅନେକଙ୍କ ସ୍ମୃତି-ସ୍ୱାକ୍ଷର ବେଶ୍ କରୁଣ ଓ ଆର୍ଦ୍ର କରିଦିଏ ମନ ଓ ପ୍ରାଣକୁ । ଶିଳ୍ପୀ ଦେବେନ୍ଦ୍ର ଖଟୁଆଙ୍କ ସାଥୀ ଶିଳ୍ପୀମାନେ ମଧ୍ୟ ତାଙ୍କର ତୂଳୀର ସ୍ପର୍ଶରେ ଜୀବନ୍ତ କରିଛନ୍ତି ଦେବେନ୍ଦ୍ରଙ୍କ ଅନେକ ପ୍ରତିରୂପକୁ । ଜଣେ ଚିତ୍ରକଳାର ଶିକ୍ଷକ ଭାବରେ ତାଙ୍କର କାର୍ଯ୍ୟକୁ ନେଇ ଆଜି ଏହି ସ୍ମରଣିକାରେ ଅନେକେ ଶବ୍ଦର ଅର୍ଘ୍ୟ ତୋଳି ଧରିଛନ୍ତି । ସମଗ୍ର ସ୍ମରଣିକାଟି କେବଳ ଯେ, ଦେବେନ୍ଦ୍ରଙ୍କ ସ୍ମୃତିକୁ ଉଜ୍ଜୀବିତ କରି ରଖିବ ତାହା ନୁହେଁ ବରଂ ଏହି ସ୍ମରଣିକାର ପ୍ରତ୍ୟେକଟି ଆଲେଖ୍ୟ ଭିତରେ ପରବର୍ତ୍ତୀ ପିଢ଼ି ଖୋଜି ପାଇବେ ଦେବେନ୍ଦ୍ର ଖଟୁଆଙ୍କ ପରି ଜଣେ ଭଲ ମଣିଷର ଜୀବନ କଥା । ଏହି ସ୍ମରଣିକାରେ ଅନେକଙ୍କ ଆଲେଖ୍ୟ ଭିତରେ ଦେବେନ୍ଦ୍ରଙ୍କ ପାଇଁ ଝୁରିହେବା ଓ ଦେବେନ୍ଦ୍ରଙ୍କ ଅବର୍ତ୍ତମାନକୁ ମନେପକାଇବାର କାରୁଣ୍ୟ ବେଶ୍ ପ୍ରସ୍ଫୁଟିତ । 'ତୂଳୀତରଙ୍ଗ'ର ପୃଷ୍ଠାରେ ପୃଷ୍ଠାରେ ଭରିଯାଇଛି ବ୍ୟଥା ଓ ବେଦନାର ଅନେକ ତରଙ୍ଗ । ସ୍ମରଣିକାଟିସଂଗ୍ରହଣୀୟ ହୋଇପାରିଛି । ସମ୍ପାଦନାରେ ନିଖୁଣତା ବେଶ୍ ପରିସ୍ଫୁଟ ହୋଇଛି ।

## ବହି ଦରବାର




- ପୁସ୍ତକର ନାମ: **ଶିଢ଼ି**
- ଲେଖକ : **ପାର୍ଥସାରଥୀ ରାଉତ**
- ପ୍ରକାଶକଙ୍କ ନାମ : **ସୁବର୍ଣ୍ଣଶ୍ରୀ ପ୍ରକାଶିନୀ, ବାଲେଶ୍ୱର**
- ମୂଲ୍ୟ : **୧୩୫,** ପୃଷ୍ଠା : ୧୯୧



ନିମ୍ନ ମଧ୍ୟବିତ୍ତ ପରିବାରର ମଣିଷଟିଏ ସବୁବେଳେ ଜୀବନର ସଂଘର୍ଷ ଓ ଅଭାବବୋଧ ମଧ୍ୟଦେଇ କାଳାତିପାତ କରୁଥାଏ । ମାଟି ଉପରେ ତାର ଜୀବନ ଜୀବିକା । ଲକ୍ଷ୍ୟ ପଥରେ ଅନେକ ଝଞ୍ଜା ଆସେ କିନ୍ତୁ ଜୀବନକୁ ଆଗେଇ ନେବା କ୍ଷେତ୍ରରେ ସେ ଅହରହ କରୁଥାଏ ଯୁଦ୍ଧ । ସମସ୍ୟାରେ ଜୁଡ୍ଡୁବୁଡ୍ଡୁ ହୋଇ ବଞ୍ଚି ରହିବା ତାର ଯେପରି ନିୟତି । 'ଶିଢ଼ି' ହେଉଛି ପାର୍ଥସାରଥୀ ରାଉତଙ୍କର ପ୍ରଥମ ଉପନ୍ୟାସ । ଗଳ୍ପ, କବିତା ଓ ଫିଚର୍ ଲେଖାରେ ରୁଚି ରଖୁଥିବା ପାର୍ଥସାରଥୀଙ୍କ ଭାଷାରେ ରହିଛି ଏକ ଯାଦୁକରୀ ସ୍ପର୍ଶ । ସୁନ୍ଦର ବର୍ଣ୍ଣନା ମାଧ୍ୟମରେ କାହାଣୀକୁ ସେ ଗତିଶୀଳ କରାଇ ପାରନ୍ତି । 'ଶିଢ଼ି'ରେ ସେମିତି ଜଣେ ଚରିତ୍ର ମାଧ୍ୟମରେ କେମିତି ଅଭାବ ମଣିଷକୁ ଅସହାୟ କରିପକାଏ, ସେ କଥା ଲେଖକ ବର୍ଣ୍ଣନା କରିଛନ୍ତି । କେତେବେଳେ ନା କେତେବେଳେ କାହାକୁ ନା କାହାକୁ ଏ ସମାଜରେ 'ଶିଢ଼ି' ହେବାକୁ ପଡ଼େ । ଆରୋହଣର ସୁଖ ଦେବା ବେଳେ 'ଶିଢ଼ି' ନିଜେ ଭୁଲିଯାଏ ତା'ର ବେଦନାବୋଧ । ଲେଖକଙ୍କ ବର୍ଣ୍ଣନା ଦେଖନ୍ତୁ : "ପ୍ରାପ୍ତିର ପୁଲକ ସମସ୍ତଙ୍କ ଭାଗ୍ୟରେ ନଥାଏ । ମୋର ବୋଧେ ନଥିଲା । କିନ୍ତୁ ଅପ୍ରାପ୍ତିର ଅବସୋସ ବି ମୋର ନାହିଁ । ମୁଁ ସମସ୍ତଙ୍କୁ ପାଇଛି । ମନରେ, ହୃଦୟରେ, ଦେହରେ ବି । ଶିଢ଼ି ହେଲି ତ କ'ଣ ଅସୁବିଧା ହେଇଗଲା ! କି ବେଦ ଅଶୁଦ୍ଧ ହେଇଗଲା । ଆରେ ଭଲ ପାଉଥିବା ନିହାତି କେତେଜଣଙ୍କୁ ଆରୋହଣର ସୁଖ ତ ଦେଇପାରିଲି ।" ଏହି 'ମୁଁ' ଚରିତ୍ରଟି ଭିତରେ କୋଉଠି ନା କୋଉଠି ଲେଖକ ନିଜେ ପ୍ରତିଭାତ ହୋଇଛନ୍ତି ତ କେଉଁଠି କେଉଁଠି ସେ ଚରିତ୍ରଟି ଆମ ଭିତରୁ ଜଣେ କେହି ହୋଇ ଠିଆ ହୋଇଛି । 'ଶିଢ଼ି' ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ଯେଉଁ ଦୁଇଜଣ ବିଖ୍ୟାତ କବିଙ୍କର ଆବିର୍ଭାବ ଘଟିଥିଲା, ସେମାନେ ହେଲେ ସୁମିତ୍ରାନନ୍ଦନ ପନ୍ତ ଏବଂ ମାୟାଧର ମାନସିଂହ । ଜଣେ ପ୍ରକୃତିର ଚିର ଉପାସକ ତ ଆଉ ଜଣେ 'ଭାବ'ର କୋମଳ ଗାନ୍ଧାର । ତେବେ ଦୁହିଁଙ୍କ ରଚନାରେ ଥିବା ଭାଗବତ, ରଚନାଗତ ସାମଞ୍ଜସ୍ୟ ଆମର ଆଲୋକପାତ । ଡକ୍ଟର ବିଜୟ କୁମାର ମହାନ୍ତିଙ୍କ ଅନୁଶୀଳନ ।

# ଦୁଇ ଦିଗନ୍ତର ଦୃଶ୍ୟ



▶ ଡକ୍ଟର ମାୟାଧର ମାନସିଂହ



▶ ଡକ୍ଟର ସୁମିତ୍ରାନନ୍ଦନ ପନ୍ତ

# କବି ମାୟାଧର ମାନସିଂହ ଓ ସୁମିତ୍ରାନନ୍ଦନ ପନ୍ଥ : ଏକ ତୁଳନାତ୍ମକ ଦୃଷ୍ଟି


**ଡକ୍ଟର ବିଜୟ କୁମାର ମହାନ୍ତି**

ଅବସରପ୍ରାପ୍ତ ପ୍ରାଧ୍ୟାପକ, ଚାନ୍ଦମାରି ପଡ଼ିଆ
ସହଦେବଖୁଣ୍ଟା, ବାଲେଶ୍ୱର-୧
ଫୋନ : ୯୭୭୮୩୧୨୦୧୦


ଫଟୋ ସୌଜନ୍ୟ : ଗୁଗୁଲ୍

ଊନବିଂଶ ଶତାବ୍ଦୀର ଅନ୍ତିମ ଭାଗରେ ଭାରତୀୟ ସାହିତ୍ୟରେ ପାଶ୍ଚାତ୍ୟ ଶିକ୍ଷା, ଶାସନ ଏବଂ ବୈଜ୍ଞାନିକ ଜୀବନର ଅନୁଶୀଳନ ଫଳରେ ସୃଷ୍ଟି ହୁଏ ଏକ ଆବର୍ତ୍ତନ । ଫଳତଃ ତତ୍କାଳୀନ ଓଡ଼ିଆ ଗଦ୍ୟ ସାହିତ୍ୟର କର୍ଣ୍ଣଧାର ବ୍ୟାସକବି ଫକୀରମୋହନ, ଯୁଗସ୍ରଷ୍ଟା କବି ରାଧାନାଥ ପ୍ରଭୃତିଙ୍କ ଭଳି ହିନ୍ଦୀ ସାହିତ୍ୟରେ ଗଦ୍ୟ ଯୁଗର ସ୍ରଷ୍ଟା ଭାରତେନ୍ଦୁ ହରିଶ୍ଚନ୍ଦ୍ର, କଥାସମ୍ରାଟ ପ୍ରେମଚାନ୍ଦ ଓ ଛାୟାବାଦର ଜନକ କବି ଜୟଶଙ୍କର ପ୍ରସାଦ ପ୍ରଭୃତି ଏକନିଷ୍ଠ ସାରସ୍ୱତ ସାଧକମାନେ ନୂତନ ଚେତନାରେ ଉଦ୍‌ବୁଦ୍ଧ ହୋଇ ଆଧୁନିକତାର ବାଣୀ ପ୍ରଚାରରେ ବ୍ରତୀ ହୁଅନ୍ତି । ଆଧୁନିକ ଭାରତୀୟ ସାହିତ୍ୟର ଏହି ବିକାଶୋନ୍ମୁଖୀ ଧାରା ପ୍ରବାହରେ ବିଂଶ ଶତାବ୍ଦୀର ପ୍ରଥମ ଦଶକରେ ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ଦୁଇଜଣ ବିଶିଷ୍ଟ କବି ଆବିର୍ଭୂତ ହୁଅନ୍ତି । ଏ ଦୁହେଁ ହେଲେ କୋମଳ କଳ୍ପନାର କବି ମାୟାଧର ମାନସିଂହ ଓ ପ୍ରକୃତିର ଚିର ଉପାସକ କବି ସୁମିତ୍ରାନନ୍ଦନ ପନ୍ଥ । ଦୁହିଁଙ୍କ ସୃଷ୍ଟି ସଂପଦ ବହୁ ବିପୁଳ ଓ ସଂପ୍ରସାରିତ ଥିଲା । ଦୁହେଁ ପ୍ରକୃତି ପ୍ରୀତି, ସୌନ୍ଦର୍ଯ୍ୟ ଚେତନା, ଅତୀନ୍ଦ୍ରିୟ ଚେତନା, ଜାତୀୟତାବୋଧ ପ୍ରଭୃତି ବିଭବରେ କାବ୍ୟ ସାହିତ୍ୟକୁ ସମୃଦ୍ଧ କରିଥିଲେ । ସମୟ, ରଚନାଗତ ପ୍ରବୃତ୍ତି ଏବଂ ସାହିତ୍ୟିକ ବିକାଶକୁ ଦୃଷ୍ଟିରେ ରଖି ବିଚାର କଲେ ଏହି କବିଦ୍ୱୟଙ୍କ କୃତିରାଜିରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ସ୍ଥଳ ବିଶେଷରେ ସାମାନ୍ୟ ବୈଷମ୍ୟ ମଧ୍ୟ ଦେଖିବାକୁ ମିଳେ ।

ଆଲୋଚ୍ୟ କବି ଦୁହିଁଙ୍କର ଜନ୍ମ ସ୍ନିଗ୍ଧ ପ୍ରାକୃତିକ ପରିବେଶମଣ୍ଡିତ କ୍ଷୁଦ୍ର ପଲ୍ଲୀଗ୍ରାମରେ । ପୁରୀ ଜିଲ୍ଲାର ଚିଲିକା ହ୍ରଦ ମଧ୍ୟସ୍ଥ ପାରିକୁଦ ଦ୍ୱୀପର ନନ୍ଦଳା ଗାଁରେ ୧୯୦୫ ମସିହା, ନଭେମ୍ବର ମାସ ୧୩ ତାରିଖରେ କବି ମାନସିଂହଙ୍କର ଜନ୍ମ । ଅନ୍ୟ ପକ୍ଷରେ ପନ୍ଥଙ୍କର ଆବିର୍ଭାବ ୧୯୦୦ ମସିହା, ମେ ମାସ ୨୦ ତାରିଖରେ ଉତ୍ତର ପ୍ରଦେଶର ଆଲମୋଡ଼ା ଜିଲ୍ଲା ଅନ୍ତର୍ଗତ କୁର୍ମାଞ୍ଚଳର କୌସାନୀ ଗାଁରେ । ମାନସିଂହ ଶୈଶବରୁ ପିତୃମାତୃ ବିହୀନ ଥିଲେ । ସେହିପରି ପନ୍ଥ ଥିଲେ ଜନ୍ମରୁ ମାତୃହରା । ଉଭୟଙ୍କ ବାଲ୍ୟଜୀବନ କଟିଥିଲା ପଲ୍ଲୀ ମାଟିର ପାଣି ପବନରେ । ଦୁହେଁ ଥିଲେ ବିଚକ୍ଷଣ ପ୍ରତିଭାସମ୍ପନ୍ନ ଛାତ୍ର । ମାନସିଂହ ପାଟଣା ବିଶ୍ୱବିଦ୍ୟାଳୟରୁ ଇଂରାଜୀ ସାହିତ୍ୟରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କଲା ପରେ, ଡରହାମ୍ ବିଶ୍ୱବିଦ୍ୟାଳୟରୁ କାଳିଦାସ ଓ ସେକ୍ସପିୟରଙ୍କ ସମ୍ବନ୍ଧରେ ତୁଳନାତ୍ମକ ଗବେଷଣା କରି ଡକ୍ଟରେଟ୍ ଉପାଧି ଲାଭ କରିଥିଲେ । ପନ୍ଥ ବନାରସରୁ ହାଇସ୍କୁଲ୍ ପରୀକ୍ଷା ପାସ୍ କରି ପ୍ରୟାଗ ସେଣ୍ଟ୍ରାଲ୍ କଲେଜ୍‌ରେ ପଢୁଥିବା ବେଳେ ମହାତ୍ମାଗାନ୍ଧିଙ୍କ ଆହ୍ୱାନ କ୍ରମେ ଭାରତଛାଡ଼ ଆନ୍ଦୋଳନରେ ଭାଗ ନେଇ ପୋଥିରେ ଡୋରି ବାନ୍ଧିଥିଲେ ଏବଂ ଦେଶସେବାକୁ ଜୀବନର ବ୍ରତ ଭାବେ ଆଦରି ନେଇଥିଲେ । ସେ ଦିନର ସେହି ଯୁବକ ପରବର୍ତ୍ତୀ କାଳରେ ନିଜର ଅସାଧାରଣ ପ୍ରତିଭା ବଳରେ ଜଣେ ବିଶିଷ୍ଟ କବି ରୂପେ ପୂଜା ପାଇଥିଲେ । ସାଗର ବିଶ୍ୱବିଦ୍ୟାଳୟ ତାଙ୍କର ବିଦ୍ୱତ୍ତା ତଥା ଜୀବନବ୍ୟାପୀ ସାରସ୍ୱତ ସାଧନା ପାଇଁ ତାଙ୍କୁ ସମ୍ମାନ ସୂଚକ ଡି.ଲିଟ୍ ଡିଗ୍ରୀ ପ୍ରଦାନ କରିଥିଲା । ଏକନିଷ୍ଠ ସାରସ୍ୱତ ସାଧକ ପନ୍ଥଙ୍କର କୃତିରାଜି ତାଙ୍କୁ ସାହିତ୍ୟ ଅକାଦେମୀ, ସୋଭିଏତ୍ ଲ୍ୟାଣ୍ଡ୍ ନେହେରୁ ପୁରସ୍କାର ତଥା ଜ୍ଞାନପୀଠ ପୁରସ୍କାର ଭଳି ପୁରସ୍କାରରେ ପୁରସ୍କୃତ କରିବା ସଙ୍ଗେ ସଙ୍ଗେ ବିପୁଳ ଯଶ ଓ ଗୌରବର ଅଧିକାରୀ କରିଥିଲା ।

ଛାତ୍ର ଜୀବନରୁ ଉଭୟ କବିଙ୍କ ମଧ୍ୟରେ କବି ପ୍ରତିଭାର ସ୍ଫୁରଣ ଘଟିଥିଲା । କବି ମାନସିଂହ ମ୍ୟାଟ୍ରିକ୍ ପଢୁଥିବା ବେଳେ କୋଣାର୍କ, ଜନ୍ମାଷ୍ଟମୀ, ମା' ଏବଂ



ଆଲୋଚକ ଡକ୍ଟର ବିଜୟ କୁମାର ମହାନ୍ତି




ଉତ୍କର୍ଷ ଆମ ମାଟିର ସ୍ୱର

କଲେଜ ପଢୁଥିବା ବେଳେ ବାରବାଟୀ, ରାଜକବି, ପୂଜାରିଣୀ, ଉପେକ୍ଷିତା ଆଦି ନାଟିକା ତଥା କାବ୍ୟକବିତା ମାନ ରଚନା କରିଥିଲେ । ପରବର୍ତ୍ତୀ କାଳରେ ତାଙ୍କ ଲେଖନୀରୁ ଧୂପ, ହେମଶସ୍ୟ, ହେମପୁଷ୍ପ, ଅକ୍ଷତ, କୋଣାର୍କ, କମଳାୟନ, ମାଟିବାଣୀ, ଜୀବନଚିତା, ଜେମା, ସାଧବ ଝିଅ ପ୍ରଭୃତି ବହୁ ଚର୍ଚ୍ଚିତ କାବ୍ୟ-କବିତାମାନ ସୃଷ୍ଟି ହେଲା । ଏହାଛଡ଼ା ସେ ଓଡ଼ିଆ ସାହିତ୍ୟର ଇତିହାସ, ସରସ୍ୱତୀ ଫକୀରମୋହନ, ମାଟିର ମହାକବି ସାରଳା ଦାସ, କବି ଓ କବିତା ପ୍ରଭୃତି ଆଲୋଚନା ଗ୍ରନ୍ଥ, 'ଅନ୍ୱେଷଣ' ନାମକ ଉପନ୍ୟାସ 'ପଶ୍ଚିମ ପଥିକ' ଭ୍ରମଣ କାହାଣୀ ମଧ୍ୟ ରଚନା କରିଥିଲେ ।

ଅପର ପକ୍ଷରେ ପନ୍ତଙ୍କର ସାହିତ୍ୟ ସାଧନା ୧୯୧୬ ମସିହାରେ 'ତମ୍ବାକୁ କା ଧୂଆଁ' ନାମକ କବିତାରୁ ଆରମ୍ଭ ହୋଇଥିଲା । ସମାଲୋଚକମାନଙ୍କ ମତରେ ତାଙ୍କ ସାରସ୍ୱତ ସାଧନାର ପ୍ରକୃତ ପ୍ରାରମ୍ଭକାଳ ୧୯୧୮ ମସିହା । କବି ପନ୍ତଙ୍କର ନିରଳସ ସାଧନାର ଫଳସ୍ୱରୂପ ହିନ୍ଦୀ ସାହିତ୍ୟ ଜଗତରେ 'ଲୋକାୟତନ' (ମହାକାବ୍ୟ), ଗ୍ରନ୍ଥି, ଜ୍ୟୋତ୍ସ୍ନା, ରଜତ ଶିଖର, ଶିଳ୍ପୀ (ଖଣ୍ଡକାବ୍ୟ), ଉଚ୍ଛ୍ୱାସ, ବୀଣା, ପଲ୍ଲବ, ଗୁଞ୍ଜନ, ଯୁଗାନ୍ତ, ଯୁଗବାଣୀ, ଗ୍ରାମ୍ୟା, ସ୍ୱର୍ଣ୍ଣ କିରଣ, ମଧୁଜ୍ୱାଲ, ଯୁଗପଥ, ଦମ୍ବରା, ଉତ୍ତରା, ବାଣୀ, ଅତିମା, କଲା ଔର ବୁଢ଼ାଚାନ୍ଦ, ଚିତ୍ରାଙ୍ଗଦା ଆଦି ବହୁ କାଳଜୟୀ କାବ୍ୟକୃତି ସୃଷ୍ଟି ହେଲା ।

ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟର ପ୍ରଭାବରେ ପ୍ରଭାବିତ ହୋଇଥିଲେ ହେଁ କବି ମାନସିଂହ ସ୍ୱକୀୟ ରଚନା ମାଧ୍ୟମରେ ଅସାଧାରଣ ପ୍ରତିଭାର ପରିଚୟ ଦେଇଥିଲେ । ସେ ଥିଲେ ରୂପ ଓ ପ୍ରଣୟର କବି । ଓଡ଼ିଆ ସାହିତ୍ୟର ସବୁଜ ଯୁଗର କବିମାନଙ୍କୁ ଆହ୍ୱାନ ଜଣାଇ ସେ ରଚନା କରିଥିଲେ ପ୍ରେମମୂଳକ କବିତା । ସବୁଜ ଯୁଗର କାବ୍ୟ-ପରମ୍ପରା ବିରୋଧରେ ତାଙ୍କ ରଚିତ ଜେମା, କୋଣାର୍କ, ସାଧବ ଝିଅ ପ୍ରଭୃତି ବିପ୍ଳବ ସୃଷ୍ଟି କରିଥିଲା । ସେହିଭଳି କବି ପନ୍ତ କବୀନ୍ଦ୍ର ରବୀନ୍ଦ୍ରଙ୍କ ସାହିତ୍ୟ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲେ ହେଁ ତାଙ୍କ କାବ୍ୟ- କବିତାରେ ୟୁରୋପୀୟ ରୋମାଣ୍ଟିକ୍ କାବ୍ୟର ପ୍ରଭାବ ମଧ୍ୟ ପଡ଼ିଥିଲା । ପନ୍ତ ପ୍ରେମ ଓ ସୌନ୍ଦର୍ଯ୍ୟର ସୁକୁମାର କବି । ତାଙ୍କ କବିତାରେ କଳ୍ପନା, ବିସ୍ମୟ, ରହସ୍ୟ, ସୌନ୍ଦର୍ଯ୍ୟ, ଲାକ୍ଷଣିକତା, ମାନବୀକରଣ ଓ ସାଂସ୍କୃତିକତାର ଅଦ୍ଭୁତ ସଂଯୋଗ ଦେଖିବାକୁ ମିଳେ ।

ଆଲୋଚ୍ୟ କବିଦ୍ୱୟ ପ୍ରେମ ଓ ସୌନ୍ଦର୍ଯ୍ୟର ପୂଜାରୀ । ପ୍ରେମର ପରିଭାଷାକୁ ଦୁହେଁ ଏକା ଭଳି ଦେଖିଛନ୍ତି । ଦୁହିଁଙ୍କ କାବ୍ୟ-କବିତାରେ ମାନବ ପ୍ରେମ, ରାଷ୍ଟ୍ରପ୍ରେମ, ବିଶ୍ୱପ୍ରେମ, ପ୍ରକୃତି ପ୍ରେମ, ଈଶ୍ୱର ପ୍ରେମ ଆଦି ବହୁବିଧ ପ୍ରେମର ଚିତ୍ର ଅଙ୍କିତ । ଦୁହିଁଙ୍କ ମତରେ ସତ୍, ଚିତ୍, ଆନନ୍ଦରେ ହିଁ ପ୍ରେମର ପରିପୂର୍ଣ୍ଣତା । ଉଭୟ କବି ପ୍ରେମକୁ ମନର କୋମଳତମ ପ୍ରବୃତ୍ତି, ଜୀବନର ମାର୍ମିକ ଉପଲବ୍ଧି, ଶାଶ୍ୱତ ଓ ଆନନ୍ଦର ଉତ୍ସ ବୋଲି ବର୍ଣ୍ଣନା କରିଛନ୍ତି । ପ୍ରେମର ରୂପ କେବେ ପ୍ରଣୟାସକ୍ତ ତ କେବେ ଅବା ବାତ୍ସଲ୍ୟ ଭାବରେ ପରିପୂର୍ଣ୍ଣ । ପୁଣି କେବେ ମାନବତାରେ ରୂପାନ୍ତରିତ ହୋଇ ରାଷ୍ଟ୍ରପ୍ରେମ, ବିଶ୍ୱପ୍ରେମ ଓ ଈଶ୍ୱର ପ୍ରେମରେ ପର୍ଯ୍ୟବସିତ । ଦୁହିଁଙ୍କ କାବ୍ୟ କବିତାରେ ପ୍ରେମର ଶାଶ୍ୱତ ସୁନ୍ଦର ରୂପ ବର୍ଣ୍ଣିତ । ଉଭୟ କବି ନିଜ ନିଜ ଶୈଳୀରେ ବ୍ୟକ୍ତିଗତ ପ୍ରେମର ବର୍ଣ୍ଣନା କରିଛନ୍ତି । ଧୂପ, ହେମପୁଷ୍ପ, ହେମଶସ୍ୟ, କମଳାୟନ ଆଦି କବି ମାନସିଂହଙ୍କର ପ୍ରେମପରକ ରଚନା । 'ଧୂପ' କାବ୍ୟ ସଂଗ୍ରହ ତାଙ୍କୁ ଯୁଗ ଯୁଗ ଧରି ତରୁଣ ତରୁଣୀଙ୍କ ହୃଦୟରେ ଅମର କରି ରଖିବ । କବି ପନ୍ତଙ୍କ କାବ୍ୟ ଗ୍ରନ୍ଥ, ଆସୁଁ ଓ ଉଚ୍ଛ୍ୱାସରେ ବ୍ୟକ୍ତିଗତ ସ୍ୱଚ୍ଛନ୍ଦ ପ୍ରେମର ଅନୁରୂପ ବର୍ଣ୍ଣନା ଦେଖିବାକୁ ମିଳେ ।

ଆଲୋଚ୍ୟ କବିଦ୍ୱୟ ପ୍ରେମ ଓ ସୌନ୍ଦର୍ଯ୍ୟର ପୂଜାରୀ । ପ୍ରେମର ପରିଭାଷାକୁ ଦୁହେଁ ଏକାଭଳି ଦେଖିଛନ୍ତି । ଦୁହିଁଙ୍କ କାବ୍ୟ-କବିତାରେ ମାନବ ପ୍ରେମ, ରାଷ୍ଟ୍ରପ୍ରେମ, ବିଶ୍ୱପ୍ରେମ, ପ୍ରକୃତି ପ୍ରେମ, ଈଶ୍ୱର ପ୍ରେମ ଆଦି ବହୁବିଧ ପ୍ରେମର ଚିତ୍ର ଅଙ୍କିତ । ଦୁହିଁଙ୍କ ମତରେ ସତ୍,ଚିତ୍, ଆନନ୍ଦରେ ହିଁ ପ୍ରେମର ପରିପୂର୍ଣ୍ଣତା । ଉଭୟ କବି ପ୍ରେମକୁ ମନର କୋମଳତମ ପ୍ରବୃତ୍ତି, ଜୀବନର ମାର୍ମିକ ଉପଲବ୍ଧି, ଶାଶ୍ୱତ ଓ ଆନନ୍ଦର ଉତ୍ସ ବୋଲି ବର୍ଣ୍ଣନା କରିଛନ୍ତି । ପ୍ରେମର ରୂପ କେବେ ପ୍ରଣୟାସକ୍ତ ତ କେବେ ଅବା ବାତ୍ସଲ୍ୟ ଭାବରେ ପୂରିପୂର୍ଣ୍ଣ । ପୁଣି କେବେ ମାନବତାରେ ରୂପାନ୍ତରିତ ହୋଇ ରାଷ୍ଟ୍ରପ୍ରେମ, ବିଶ୍ୱପ୍ରେମ ଓ ଈଶ୍ୱର ପ୍ରେମରେ ପର୍ଯ୍ୟବସିତ । ପ୍ରକୃତି ଚିତ୍ରଣରେ ସିଦ୍ଧହସ୍ତ କବି ପନ୍ତଙ୍କ ଦୃଷ୍ଟିରେ ପ୍ରକୃତି ହିଁ ପ୍ରେମର ସାଧନ । ଦୁଇ କବିଙ୍କ କାବ୍ୟରେ ପ୍ରେମର ମିଳନ ଓ ବିରହ ଉଭୟ ପକ୍ଷର ସୁନ୍ଦର ଚିତ୍ରଣ ଉପଲବ୍ଧ । ବସ୍ତୁତଃ ଦୁହିଁଙ୍କ ଭାବନାରେ ସାମ୍ୟ ପରିଲକ୍ଷିତ ହେଉଥିଲେ ହେଁ ଶବ୍ଦ ସଂଯୋଜନାରେ ସାମାନ୍ୟ ପ୍ରଭେଦ ଦୃଷ୍ଟି ଗୋଚର ହୁଏ । କବି ମାନସିଂହ କୃତିରାଜିରେ ପ୍ରେମର ଉଦ୍ଦୀପକ ଶବ୍ଦସବୁର ପ୍ରୟୋଗ କରିଥିଲା ବେଳେ, ପନ୍ତ କୋମଳକାନ୍ତ ପଦାବଳୀର ପ୍ରୟୋଗରେ କାବ୍ୟକୁ ଅଧିକରୁ ଅଧିକ ରସସିକ୍ତ କରିଛନ୍ତି । କଳ୍ପନାରେ ନିମଜ୍ଜିତ କବି ମାନସିଂହ ଗାଇ ଉଠିଛନ୍ତି-

"ପାଖରେ ଥାଆନ୍ତା ରସ କବିତା,
ଚିର ଯଉବନ ପ୍ରଣୟଗୀତା
ପ୍ରେୟସୀ ଗାଆନ୍ତା, ଚୁମ୍ବନ୍ତି ମୁଖ
ପୂରନ୍ତା ବୁକ ।"(ଧୂପ)

ନିଜର ମାନସୀ ପାଇଁ ପନ୍ତଙ୍କର ମଧ୍ୟ ଏତାଦୃଶ ଭାବନା । ଏହି ସ୍ମୃତିରେ ତାଙ୍କର ଅସରନ୍ତି ଆନନ୍ଦ । ଏହାକୁ ସେ ନିଜର ପ୍ରାଣ ଠାରୁ ମଧ୍ୟ ଅଧିକ ମୂଲ୍ୟବାନ ମନେ କରିଛନ୍ତି ତାଙ୍କ ଭାଷାରେ-

"ଦୃଗୋଁ ମେଁ ଛା ଜାତା ସୋଲ୍ଲାସ
କାମ୍‌ବାଲା କା ଶରଦାକାଶ ।
ତୁମ୍‌ହାରା ଆତା ଜବ୍ ପ୍ରିୟ ଧ୍ୟାନ୍
ପ୍ରିୟେ ପ୍ରାଣୋଁ କୀ ପ୍ରାଣ୍ ।"(ଗୁଞ୍ଜନ)

ଦୁହିଁଙ୍କ କବିତାରେ ବିରହକୁ ନେଇ ବ୍ୟକ୍ତିଗତ ପ୍ରଣୟର ସୁନ୍ଦର ଚିତ୍ରଣ ଦେଖିବାକୁ ମିଳେ । ପ୍ରକୃତିର ନିୟମ ଅନୁଯାୟୀ ପ୍ରେମିକ ଓ ପ୍ରେମିକା ସଦା ଏକାଠି ରହିବାକୁ ଚାହାଁନ୍ତି । ଜଣକର ଅନୁପସ୍ଥିତି ଅନ୍ୟ ଜଣକ ମନରେ ଆଣି ଦେଇଥାଏ ଦାରୁଣ ଦୁଃଖ । କବି ମାନସିଂହଙ୍କ ଭାଷାରେ-

"ଆହେ ପ୍ରିୟ ଜାଣ କି ଗୋ ପ୍ରେମ ତବ କିବା ବ୍ୟଥା ଦିଏ ?
ଅକାରଣ ଶତବାର ନେତ୍ରୁଁ ମୋର ନୀର ବହି ପଡ଼େ
ଅକାରଣ ବାରବାର ବକ୍ଷ ତଳୁ କି ବିଳାପ ଝରେ ।
ବୈଶାଖ କାନନ ସମ ଦଗ୍ଧ ମୋତେ କରେ ନିଜ ନିଆଁ
ଏକଇ ତାରଣ ବୋଲି ହିଆ ମୋର ଡାକେ ପ୍ରିୟା ପ୍ରିୟା ।"(ଧୂପ)

କବି ପନ୍ତ ବିରହକୁ ସଂସାରର ଅନିବାର୍ଯ୍ୟ ନିୟମ ରୂପେ ସ୍ୱୀକାର କରିଛନ୍ତି । କବିଙ୍କ ଦୃଷ୍ଟିରେ ବିରହ ଅଲୌକିକ ବରଦାନ ରୂପେ ସ୍ୱୀକୃତ ହୋଇଛି । ବିୟୋଗ ଆସିଲେ ପ୍ରେମର ବାସ୍ତବ ଗଭୀରତା ଜଣା ପଡ଼େ । ମିଳନର ଅବଧି ବହୁତ କମ୍, କିନ୍ତୁ ବିରହର ଅବଧି ଦୀର୍ଘ । କବିଙ୍କ ଭାଷାରେ-

"ବିରହ ହୈ ଅଥ୍‌ୱା ୟହ ୱରଦାନ
କଳ୍ପନା ମେଁ ହୈ କସକତୀ ବେଦନା,
ଅଶ୍ରୁ ମେଁ ଜୀତା, ସିସକତା ଗାନ ହୈ,
ଶୂନ୍ୟ ଆହୋଁ ମେଁ ସୁରୀଲେ ବନ୍ଦ ହୈ,
ମଧୁର ଲୟ କା କ୍ୟା କହାଁ ଅୱ୍‌ସାନ ହୈ ।"(ପଲ୍ଲବ)

ଉପଯୁକ୍ତ ଆଲୋଚନାରୁ ଜଣାଯାଏ ଯେ କବିଦ୍ୱୟଙ୍କ ବ୍ୟକ୍ତିଗତ ପ୍ରଣୟାନୁଭବରେ ସାମାନ୍ୟ ବିଷମତାକୁ ବାଦ୍ ଦେଲେ ଅଧିକାଂଶ କ୍ଷେତ୍ରରେ ରହିଛି ଭାବସାମ୍ୟ ।

ଉଭୟ କବି ପ୍ରଣୟ ପାଇଁ ପ୍ରକୃତିକୁ ସାଧନ ରୂପେ ସ୍ୱୀକାର କରିଛନ୍ତି । ଆଜୀବନ ଅବିବାହିତ ପନ୍ତଙ୍କ ମନରେ ବାଲ୍ୟକାଳରୁ ଥିବା ପ୍ରକୃତି ପ୍ରତି ଗଭୀର ଆକର୍ଷଣ ପ୍ରକୃତିର ସୂକ୍ଷ୍ମ ପର୍ଯ୍ୟବେକ୍ଷଣରେ ସାହାଯ୍ୟ କରିଥିଲା । ଏଥିପାଇଁ ସେ ନିଜର ପ୍ରଣୟ ଭାବନାକୁ ପ୍ରକୃତିରେ ସନ୍ନିବେଶିତ କରିଥିଲେ । କେଉଁଠି କେଉଁଠି

ସିଧାସିଧା ନିଜର ପ୍ରଣୟାନୁଭୂତିକୁ ସ୍ପଷ୍ଟ କରିଥିଲେ । ଭାବାବେଗର ସରଳତା ପନ୍ତଙ୍କ ପ୍ରଣୟଭାବ ସଂବନ୍ଧୀ ରଚନାର ବିଶେଷତା । ତାଙ୍କର ନାୟକ ଆଙ୍ଗିକ ଚେଷ୍ଟା ପ୍ରଦର୍ଶନ ନକରି ନିଜର ବ୍ୟାକୁଳତାକୁ ସିଧା ମାର୍ମିକ ରୂପରେ ପ୍ରକଟ କରିଥାଏ । କିନ୍ତୁ ମାନସିଂହଙ୍କ ପ୍ରଣୟ ଚିତ୍ରଣରେ ବ୍ୟତିକ୍ରମ ଦେଖିବାକୁ ମିଳେ । କବି ମାନସିଂହ ସ୍ୱୟଂ 'ଧୂପ' କାବ୍ୟର ନାୟକ । ସେ ପ୍ରେମକୁ ସର୍ବସ୍ୱ ମାନି ପ୍ରିୟତମା ସଖୀ ନିକଟରେ ଆତ୍ମସମର୍ପଣ କରି ଦେଇଛନ୍ତି । ମୃତ୍ୟୁ ପରେ ମଧ୍ୟ ସେ ଶ୍ମଶାନରେ ତାଙ୍କ ସହିତ ମିଶିବାକୁ ଚାହିଁଛନ୍ତି । ପ୍ରିୟତମାଙ୍କ ଆଗମନରେ କବିଙ୍କୁ ପୁନର୍ଜୀବନ ମିଳିଛି ବୋଲି ଦୃଢ଼ ବିଶ୍ୱାସ । କବି ମାନସିଂହ ଲେଖିଛନ୍ତି-

"ଶୁଣିବ ଯେବେ ପ୍ରିୟା ଗୋ ମୋର
ପ୍ରଣୟୀ ତବ ଜଗତେ ନାହିଁ
ଆସିବ ମୋର ଭସ୍ମ ପାଶେ
ଦେବ ହେ ତାରେ ଦେହର ଛାଇ ।
ପାରିବ ଯଦି ଭସ୍ମପରେ
ପଦ୍ମପାଦ ଚାଳିବ ଧୀରେ
ଜୀବନ ପୁଣି ଲିଭି ସଖୀ
ନିଶ୍ଚୟ ମୁଁ ମରଣ ତୀରେ ।" (ପ୍ରେମ ଓ ମୃତ୍ୟୁ)

ମାନସିଂହଙ୍କ ଏହି ନବ ରୋମାଣ୍ଟିକ୍ ଚେତନା ଯୁବକ ପ୍ରାଣରେ ଆଶା ଓ ଉଦ୍ଦୀପନା ସଞ୍ଚାର କରିଛି । କବିଙ୍କ 'ପ୍ରେମ ଓ ମୃତ୍ୟୁ' କବିତାର ଉପଯୁକ୍ତ ପଙ୍କ୍ତି ସହ ଟେନିସନଙ୍କ ନିମ୍ନଲିଖିତ କେତୋଟି ପଙ୍କ୍ତି ତୁଳନୀୟ-

"She is coming my own, my sweet
were it even so airy a tread
My heart would hear her and beat
were it earth in an earthy bed
My dust would hear her and beat
Had I lain for a century dead
Would start and tremble under her feet.
And blossom in purple red."

ବସ୍ତୁତଃ ପ୍ରକୃତିପ୍ରେମୀ ଉଭୟ କବିଙ୍କ ନିକଟରେ ପ୍ରକୃତି ପ୍ରତି ସହଜ, ସ୍ୱାଭାବିକ ଅନୁରାଗ ଦୃଷ୍ଟିଗୋଚର ହୁଏ । ଦୁହେଁ ଉଦ୍ଦୀପନ,ଆଲମ୍ବନ, ମାନବୀକରଣ, ଆଳଙ୍କାରିକ, ରହସ୍ୟାତ୍ମକ ରୂପର ଚିତ୍ରଣ କରିଛନ୍ତି । ପନ୍ତଙ୍କ ପ୍ରକୃତି ଚିତ୍ରରେ ଭାବରୀ ସବଳତା, ଚିତ୍ରାତ୍ମକତା ଓ ବୈଜ୍ଞାନିକ ଦୃଷ୍ଟିକୋଣ ଉପଲବ୍ଧ । ନାରୀକୁ ଛାଡ଼ି ସେ ପ୍ରକୃତିରେ ମଗ୍ନ ।

"ଛୋଡ଼ ଦ୍ରୁମୌଁ କୀ ମୃଦୁ ଛାୟା
ତୋଡ଼ ପ୍ରକୃତି ସେ ଭୀ ମାୟା,
ବାଲେ ! ତେରେ ବାଲଜାଲ ମେଁ କୈସେ
ଉଲଝା ଦୂଁ ଲୋଚନ୍ ?
ଭୂଲ ଅଭୀ ସେ ଇସ୍‌ଜଗ୍ କୋ ।" (ମୋହ- ସ୍ୱଚ୍ଛନ୍ଦ)

ସେହିପରି ମାନସିଂହ ପ୍ରକୃତିର ଶୋଭାରେ ବିମୁଗ୍ଧ । ପ୍ରକୃତି ନିକଟରେ ନାରୀର ଶୋଭା ତାଙ୍କୁ ଆକର୍ଷଣ କରି ପାରିନାହିଁ । 'ମହାନଦୀରେ ଜ୍ୟୋତ୍ସ୍ନା ବିହାର' କବିତାରେ କବି ମାନସିଂହ ଗାଇ ଉଠିଛନ୍ତି-

"ଆଜି ଏ ଜ୍ୟୋତ୍ସ୍ନାରେ ନୀଳ ମହାନଦୀ ପୁରେ
ଆହାକି ବିପୁଳ ଶୋଭା ଭାସେ ଆଖି ଆଗେ,
କେମନ୍ତେ ବର୍ଣ୍ଣିବି ମୋର ମୁଗ୍ଧ ଅନୁଭବ
ଚକ୍ଷୁ ମୋର ଅନ୍ଧ ହୁଏ ଜୋଛନା ପରାଗେ ।
ଧବଳ ଉତ୍ତରୀ ସମ ରଜନୀବଧୂର
ଜ୍ୟୋଛନା ବ୍ୟାପିଛି ଦୂର ଦିଗଚକ୍ର ଲାଗି,
ତଳେ ତାର ଏ ଧରଣୀ ପ୍ରକୃତି ମଧୁର
ହୋଇଛି ମଧୁରତର ତା ପରଶେ ଜାଗି ।"(ମାଟିବାଣୀ)

ପନ୍ତଙ୍କ 'ନୌକା ବିହାର' କବିତାରେ ମଧ୍ୟ ଅନୁରୂପ ବର୍ଣ୍ଣନା ଦେଖିବାକୁ ମିଳେ ।

"ଶାନ୍ତ, ସ୍ନିଗ୍ଧ, ଜ୍ୟୋତ୍ସ୍ନା ଉଜ୍ଜ୍ୱଳ !
ଅପଲକ, ଅନନ୍ତ, ନୀରଓ୍ୱ, ଭୂତଲ
ଶୈକତ ଶଯ୍ୟା ପର ଦୁଗ୍ଧ ଧଓ୍ୱଲ,
ତନ୍ୱଙ୍ଗୀ ଗଂଗା ଗ୍ରୀଷ୍ମ ବିରଲ,
ଲେଟୀ ହୈ ଶ୍ରାନ୍ତ କ୍ଳାନ୍ତ ନିଶ୍ଚଲ ।"(ସ୍ୱଚ୍ଛନ୍ଦ)

ଏହିଭଳି ପ୍ରକୃତିର ଚିର ସୁକୁମାର କବି ଦ୍ୱୟଙ୍କ ପ୍ରକୃତି ଚିତ୍ରଣରେ ବହୁ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ । ଦୁହିଁଙ୍କ କାବ୍ୟ-କବିତାରେ ପ୍ରକୃତିର ବିବିଧ ରୂପର ଉଦାତ୍ତ ଚିତ୍ରଣ ଉପଲବ୍ଧ ।

ଆଲୋଚ୍ୟ କବି ଦ୍ୱୟ ମାନବତାର ପୂଜାରୀ । ମାନବତାବାଦର ପ୍ରତିଷ୍ଠାରେ ଜାତି, ଧର୍ମ, ସବର୍ଣ୍ଣ, ଅସବର୍ଣ୍ଣ, ଉଚ୍ଚ ନୀଚ, ପୁରୁଷ ସ୍ତ୍ରୀ ଭେଦାଭେଦ ଭୁଲି ବିବିଧତା ମଧ୍ୟରେ ଏକତାଭାବ ଉତ୍ପନ୍ନ କରିବା ଦୁହିଁଙ୍କର ଲକ୍ଷ୍ୟ । 'ଜୀବନ ଚିନ୍ତା', 'ନଷ୍ଟପଲ୍ଲୀ', 'ସାଧବ ଝିଅ', 'କୃଷ' ଓ 'କମଳାୟନ' ପ୍ରଭୃତି କବି ମାନସିଂହଙ୍କର ମାନବବାଦୀ ରଚନା । ସେହିଭଳି ପନ୍ତଙ୍କର 'ଗ୍ରାମ୍ୟା', 'ଯୁଗପଥ', 'ଯୁଗବାଣୀ', 'ଲୋକାୟତନ' ପ୍ରଭୃତି କାବ୍ୟକୃତିରେ ମାନବବାଦୀ ବିଚାରଧାରାର ସଫଳ ରୂପାୟନ ପରିଲକ୍ଷିତ । ଦେଶ, କାଳର ବନ୍ଧନରୁ ମୁକ୍ତ କବି ପନ୍ତମାନବର ସ୍ତୁତିଗାନ କରିଛନ୍ତି । କବିଙ୍କ ଭାଷାରେ-

"ଗା କୋକିଲ ସନ୍ଦେଶ ସନାତନ
ମାନଓ୍ୱ ଦିବ୍ୟ ସ୍ଫୁଲିଙ୍ଗ ଚିରନ୍ତନ
ଓ୍ୱହ ନ ଦେହ କା ନଶ୍ୱର ରଜକଣ !
ଦେଶକାଲ୍ ହୈ ଉସେ ନ ବନ୍ଧନ
ମାନଓ୍ୱ କା ପରିଚୟ ମାନଦଓ୍ୱପନ ।" (ସ୍ୱଚ୍ଛନ୍ଦ)

ଅନୁରୂପ ଭାବନା କବି ମାନସିଂହଙ୍କ କାବ୍ୟକୃତିରେ ଦେଖିବାକୁ ମିଳେ । 'କମଳାୟନ' କାବ୍ୟରେ କବି ଗାଇ ଉଠିଛନ୍ତି-

"ଦେଶ., ଜାତି, ଧର୍ମ ଡେଇଁ ମାନବ ହୃଦୟ
ଉଚିତ ନୁହେଁ କି ହେବା ତାହାରେ ସଦୟ,
ଦେଶରୁ ମାନବ ବଡ଼, ମାନବର ଦୁଃଖ
ଡାକୁଛି ଆଶ୍ରୟ ପାଇଁ ହୋଇ ଲକ୍ଷ ମୁଖ ।"(କମଳାୟନ)

ଦୁହେଁ ମନୁଷ୍ୟକୁ ଜୀବନ୍ତ ଭଗବାନ ମଣିଛନ୍ତି । ଦେବପୂଜା ଠାରୁ ମାନବସେବାକୁ ଶ୍ରେଷ୍ଠ ମନେ କରି କବି ମାନସିଂହ 'ଦେବପୂଜା' କବିତାରେ ବର୍ଣ୍ଣନା କରିଛନ୍ତି-

"ଏବେ କାଠ ପଥର ନ ପୂଜି
ଆସ ପୂଜ ଜୀବନ୍ତ ଦେବତା,
ଯା ଆଖିର ଲୁହ ଯିବ ବହି
କହିଦେଲେ ପଦେ ମଧୁକଥା ।
ଦେବ ଭୋଗ ନିରନ୍ତରେ ଦିଅ
ଦେବ ସେବା ହେଉ ମାନବରେ
ଦେବତାର ଦରଶନ ଲଭ
ମାନବର ପ୍ରତି ଘରେଘରେ ।"(ଜୀବନ ଚିନ୍ତା)

ସାଧାରଣ ମନୁଷ୍ୟ ପ୍ରତି କବି ପନ୍ତଙ୍କ ହୃଦୟରେ ଅସାଧାରଣ ସହାନୁଭୂତି । ଏହି କାରଣରୁ ପ୍ରେମ ଏବଂ ସୌନ୍ଦର୍ଯ୍ୟର ପ୍ରତୀକ ତାଜମହଲ ଓ ଏହାର ନିର୍ମାତା ସମ୍ରାଟ ଶାହାଜାହାନ୍‌ଙ୍କ ପ୍ରତି କବିଙ୍କ ମନରେ ଉପେକ୍ଷିତ ଭାବନା ଜାଗି ଉଠିଛି । ଭାରତୀୟ ଜନତା କ୍ଷୁଧାତୁର, ବାସହୀନ । ଏପରିସ୍ଥଳେ ପ୍ରେତାତ୍ମା ପ୍ରତି ପ୍ରୀତି

ଓ ପୂଜାର୍ଚ୍ଚନା କବିଙ୍କ ହୃଦୟରେ ଗଭୀର ବ୍ୟଥା ଉତ୍ପନ୍ନ କରିଛି । ତାଙ୍କ ମୁଖରୁ ପ୍ରତିବାଦର ସ୍ୱର ନିର୍ଗତ ହୋଇଛି । ତେଣୁ ସେ ଗାଇ ଉଠିଛନ୍ତି-

"ହାୟ ! ମୃତ୍ୟୁ କା ଐସା ଅମର, ଅପାର୍ଥିବ ପୂଜନ !
ଜଓ୍ୱ ବିଷମ, ନିର୍ଜୀଓ୍ୱ ପଡ଼ା ହୋ ଜଗ୍ କା ଜୀଓ୍ୱନ,
ସ୍ଫଟିକ-ସୌଧ ମେଁ ହୋ ଶୃଙ୍ଗାର ମରଣ କା ଶୋଭନ
ନଗ୍ନ, କ୍ଷୁଧାତୁର, ବାସବିହୀନ ରହେଁ ଜୀଓ୍ୱିତ ଜନ ।"(ଯୁଗାନ୍ତ)

ଉଭୟ କବି ମନୁଷ୍ୟକୁ ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟର ଗୌରବ ପ୍ରଦାନ କରିଛନ୍ତି । ପନ୍ଥଙ୍କ କାବ୍ୟକୃତିରେ ମାନବ ନିକଟରେ ମାନବତାର ପ୍ରତିଷ୍ଠା କରାଯାଇଥିବା ସ୍ଥଳେ କବି ମାନସିଂହ ମାନବକୁ ଦେବତ୍ୱର ପୂଜା ଅର୍ପଣ କରିଛନ୍ତି । ପ୍ରସିଦ୍ଧ କବି ଚଣ୍ଡୀ ଦାସଙ୍କ ଭାଷାରେ- "ସବାର ଉପରେ ମାନୁଷ ସତ୍ୟ ତାର ଉପରେ କେହୁ ନାଇଁ ।" ଏହି ଦିବ୍ୟ ଚିନ୍ତନରେ ଉଭୟ କବିଙ୍କ କାବ୍ୟ-କବିତା ସମୁଜ୍ଜ୍ୱଳ । ପ୍ରକୃତରେ ଦୁହେଁ ଯାକ ଆର୍ତ୍ତ ମାନବାତ୍ମାର କବି ।

କବି ମାନସିଂହ ଓ ପନ୍ଥ ଉଭୟ ଈଶ୍ୱରପ୍ରେମୀ । ଈଶ୍ୱରଙ୍କ ସାକାର ଓ ନିରାକାର ରୂପର ପୂଜା-ଅର୍ଚ୍ଚନା ଦୁଇ କବିଙ୍କ କାବ୍ୟକୃତିରେ ଦେଖିବାକୁ ମିଳେ । ମାନସିଂହଙ୍କ ଶ୍ରୀକୃଷ୍ଣ, ଲାଭଲାଭ, ମହାପଥର ଯାତ୍ରୀ, ଆତ୍ମାବତରଣ, ସିନ୍ଧୁ ଓ ବିନ୍ଦୁ, ଜୀବଗୋପୀ ଆଦି ଈଶ୍ୱର ସମ୍ବନ୍ଧୀୟ ରଚନା । ପନ୍ଥଙ୍କ କାବ୍ୟ-ସଂଗ୍ରହ, ଗୁଞ୍ଜନ, ପଲ୍ଲବ, ଯୁଗାନ୍ତ, ସ୍ୱର୍ଣ୍ଣକିରଣ, ସ୍ୱର୍ଣ୍ଣଧୂଳି ପ୍ରଭୃତିରେ ଈଶ୍ୱର ପ୍ରେମ ସୁସ୍ପଷ୍ଟ । ପ୍ରବୃତ୍ତିରେ ଉଭୟ କବି ଈଶ୍ୱରଙ୍କ ଦର୍ଶନ କରିଛନ୍ତି । କବି ମାନସିଂହଙ୍କ 'ଶ୍ରୀକୃଷ୍ଣ' କବିତା ଏହାର ନିଦର୍ଶନ । କବିଙ୍କ ଭାଷାରେ-

"ଯା ନୀଳିମା ପରିବ୍ୟାପ୍ତ ମହା ଅନ୍ତରୀକ୍ଷେ
ଯେ ପୀତ-ଦୁକୂଳ ପିନ୍ଧେ, ଉଷା ପ୍ରଦୋଷରେ,
ଯା ଶିରେ ଚନ୍ଦ୍ରିକା ଗୁଚ୍ଛ, ମେଘ ବିଦ୍ୟୁତ୍‌ବନ୍ତ
ସେ ସୁନ୍ଦର କୃଷ୍ଣ ପଦେ ମୁହିଁ ପୂଜାକରେ ।"(ସିନ୍ଧୁ ଓ ବିନ୍ଦୁ)

ସେହିଭଳି ଜଗତ୍‌ଜନନୀ ଆଦିଶକ୍ତିର ସାକାର ରୂପର ଉପାସନା କରିଛନ୍ତି କବି ପନ୍ଥ । ତାଙ୍କ ଭାଷାରେ-

"ଆଓ ମା ସଚ୍ଚିଦାନନ୍ଦମୟୀ ଅମର ସ୍ୱର୍ଣ୍ଣ ସେ
ଝଙ୍କୃତ କର ଦୋ ଅନ୍ତରତମ କେ ରହା ସତ୍ୟ କୋ ।"(ବାଣୀ)

କବି ମାନସିଂହ ପରମେଶ୍ୱରଙ୍କୁ ଅଦୃଶ୍ୟ ଓ ଅଜ୍ଞାତ ଜାଣି ମଧ୍ୟ ତାଙ୍କର ଦର୍ଶନାଭିଳାଷୀ ହୋଇ ଉଠିଛନ୍ତି । କବିଙ୍କ ଭାଷାରେ-

"ଅଦୃଶ୍ୟ ହେ ଅଜ୍ଞାତ ହେ
ପରମ ବନ୍ଧୁ ମୋର
ତୁମରି ଆଗେ ଧାଇଁଛି ପ୍ରାଣ
ଭେଟିବ କେବେ ପଥେ ।"(ସିନ୍ଧୁ ଓ ବିନ୍ଦୁ)

ଠିକ୍ ସେହିପରି ଈଶ୍ୱରଙ୍କୁ ନିରାକରରେ ସାକାର ଓ ସାକାରରେ ନିରାକାର ମଣୁଥିବା ପନ୍ଥଙ୍କ ବକ୍ତବ୍ୟ ବିଚାରଣୀୟ ।

"ସୀମାଓଁ ମେଁ ତୁମ ଅସୀମ
ବନ୍ଧନ ନିୟମୋଁ ମେଁ ମୁକ୍ତି ସତତ
ବହୁ ରୂପୋଁ ମେଁ ନି ଏକ ରୂପ
ସଂଘର୍ଷୋ ମେଁ ହୀ ଶାନ୍ତି ମହତ ।"(ଯୁଗବାଣୀ)

ରୂପ ଓ ସୌନ୍ଦର୍ଯ୍ୟର ପୂଜାରୀ ପନ୍ଥ ଓ ମାନସିଂହଙ୍କ କାବ୍ୟରେ ପ୍ରକୃତି-ସୌନ୍ଦର୍ଯ୍ୟ, ନାରୀ-ସୌନ୍ଦର୍ଯ୍ୟ, ମାନବ-ସୌନ୍ଦର୍ଯ୍ୟ ଏବଂ ଆଧ୍ୟାତ୍ମିକ ସୌନ୍ଦର୍ଯ୍ୟ ସମାହିତ । ବସ୍ତୁତଃ ପନ୍ଥ ଏବଂ ମାନସିଂହଙ୍କ କାବ୍ୟକୃତି ଆଧୁନିକ ହିନ୍ଦୀ ଓ ଓଡ଼ିଆ ସାହିତ୍ୟରେ ନିଶ୍ଚିତ ରୂପେ ରୋମାଣ୍ଟିକ୍ କାବ୍ୟଧାରାର ବାହକ । ଦୁହେଁ ଭାରତୀୟ ଓ ପାଶ୍ଚାତ୍ୟ ସାହିତ୍ୟିକ ପ୍ରବୃତ୍ତିକୁ ଗ୍ରହଣ କରି ସାହିତ୍ୟକୁ ଉନ୍ନତ ଓ ଆଦର୍ଶ କରି ଗଢ଼ି ତୋଳିଛନ୍ତି । ଦୁହିଁଙ୍କ କାବ୍ୟକୃତିରେ ସାମାଜିକ କୁସଂସ୍କାରପୂର୍ଣ୍ଣ ବନ୍ଧନ ପରିବର୍ତ୍ତେ ରହିଛି ପ୍ରେମ ଓ ଯୌବନର ପବିତ୍ର ଧାରା ପ୍ରବାହ । ଦୁହେଁ କେତେବେଳେ କଳ୍ପନାଲୋକର ସ୍ୱଚ୍ଛନ୍ଦ ବିହାରୀ ତ କେତେବେଳେ ଚିରନ୍ତନ ସତ୍ୟର ଅନୁସନ୍ଧାନରେ ବ୍ରତୀ ।

କବି ମାନସିଂହ ଓ ପନ୍ଥ ରାଷ୍ଟ୍ରୀୟ ଚିନ୍ତା ଓ ଚେତନାର ମହାତ୍ମା । ଦୁହେଁ ରାଷ୍ଟ୍ରୀୟ ଆନ୍ଦୋଳନର ପୁରୋଧା । ରାଷ୍ଟ୍ରପିତା ମହାତ୍ମାଗାନ୍ଧିଙ୍କ ଦ୍ୱାରା ପ୍ରଭାବିତ ହୋଇ ଭାରତମାତାଙ୍କ ଉଦ୍ଧାର ପାଇଁ ଦୁହେଁ ଥିଲେ ପ୍ରୟାସୀ । ମାନସିଂହଙ୍କର ଥିଲା ଉତ୍କଳ ପ୍ରତି ଅସୀମ ଭକ୍ତି ଓ ପ୍ରୀତି । ଓଡ଼ିଆ ଭାଷାକୁ ସ୍ୱତନ୍ତ୍ର ଭାଷାର ଶ୍ରେଣୀ ପ୍ରଦାନ କରିବାରେ ତାଙ୍କର ଚେଷ୍ଟା ଉଲ୍ଲେଖନୀୟ । ପନ୍ଥ ମଧ୍ୟ ଥିଲେ ଅନୁରୂପ ରାଷ୍ଟ୍ରଭକ୍ତ । ସେ ସ୍ୱାଧୀନତା ପାଇଁ ବସ୍ତାନିରେ ଡୋରି ବାନ୍ଧି ଗାନ୍ଧୀଙ୍କ ଭାରତଛାଡ଼ ଆନ୍ଦୋଳନରେ ଯୋଗ ଦେଇଥିଲେ । ବସ୍ତୁତଃ ରାଷ୍ଟ୍ରସେବା ଥିଲା ଦୁହିଁଙ୍କ ଜୀବନର ପରମ ବ୍ରତ । ପନ୍ଥ ଥିଲେ ଏକ ସଚ୍ଚା ସ୍ୱାଧିନତା ସଂଗ୍ରାମୀ । ତାଙ୍କର 'କମଲାୟନ' କାବ୍ୟରୁ ରାଷ୍ଟ୍ରପ୍ରେମ ଓ ବିଶ୍ୱପ୍ରେମର ପରିଚୟ ମିଳେ । ଦୁହେଁ ପ୍ରାଚୀନ ଐତିହ୍ୟର ଯଶ ମାନ ଓ ଲୁପ୍ତ ଗୌରବର ପୁନରୁଦ୍ଧାର, ସାଂପ୍ରତିକ ଜାତୀୟ ଜୀବନର ଅଧୋଗତି ପ୍ରତି ଜାଗରୁକତା ଉତ୍ପନ୍ନ କରି ଏକ ଉନ୍ନତ ରାଷ୍ଟ୍ର ଗଠନରେ ଅହଂ ଭୂମିକା ଗ୍ରହଣ କରିଥିଲେ । କବି ମାନସିଂହଙ୍କର ଅତୀତ ପ୍ରତି ଗଭୀର ଭାବପ୍ରବଣତା ଥିଲା । ମହାନଦୀର ଜ୍ୟୋସ୍ନା ବିହାର କବିତାରେ ଏହି ଭାବ ପ୍ରବଣତା ଅଧିକ ଅନୁରଣିତ ହୋଇଛି । କବିଙ୍କ ଭାଷାରେ -

"ହାୟରେ ଉତ୍କଳଭୂମି ପ୍ରକୃତି ସୁନ୍ଦର
ମନ୍ଦାକିନୀ ମହାନଦୀ ଶିବସମ ଗିରି,
କାନନେ କେଦାରେ ଲକ୍ଷ ଶୋଭାର ବିହାର
ଥାଉ ତୋର କହ କିମ୍ପା ଏତେ ହତଶିରୀ ।
ଏ ସ୍ୱର୍ଗ ସୁଷମା ଯାର କରି କି ବିଶ୍ୱାସ
କେମନ୍ତ କହଲୋ ତାର ଅନ୍ନର ଅଭାବ
ସୁରସମ ମୁଗ୍ଧକରେ ଯା ନିଃଶ୍ୱାସୁ
ତା ଦେହେ ସମ୍ଭବ କାହୁଁ ଦୁର୍ଦ୍ଦିନ ଅଭାବ ।" (ମହାନଦୀରେ ଜ୍ୟୋସ୍ନା ବିହାର)

ଦେଶ ଓ ଜାତିର ଉର୍ଦ୍ଧ୍ୱରେ ରହି ବିଶ୍ୱମାନବତାର ପ୍ରତିଷ୍ଠା କରିବାରେ କବି ଦୁହିଁଙ୍କର ଜୀବନ ମହିମାମଣ୍ଡିତ । ଯେଉଁଠି ମାନସିଂହ ଜାତିର ଦୁର୍ଗତି ଓ ପ୍ରାଚୀନ ସଂସ୍କୃତିର ସୁରକ୍ଷା ପାଇଁ ଅଧିକ ଧ୍ୟାନ ଦେଇଥିଲେ, ସେଠାରେ ପନ୍ଥ ରାଷ୍ଟ୍ରୀୟ ଜୀବନର ପ୍ରାଚୀନ ପରମ୍ପରାର ଅନାବଶ୍ୟକ ବସ୍ତୁକୁ ପରିହାର କରି ଏକ ସ୍ୱର୍ଣ୍ଣିମ ଜୀବନ-ସଂସ୍କୃତିର ନିର୍ମାଣ ପାଇଁ ଅଧିକ ପ୍ରଯତ୍ନଶୀଳ ଥିଲେ । କବିଙ୍କ ଭାଷାରେ-

"ଜାତି, ବର୍ଗ ଓ ଔର ଦେଶ, ରାଷ୍ଟ୍ର ସେ ଉଠକର,
ଜୀବିତ ସ୍ୱର ମେଁ ବ୍ୟାପକ ଜୀଓ୍ୱନ ଗାନ,
ସଦା କରେଗା ମାନଓ୍ୱ କା କଲ୍ୟାଣ ।"


ବାସ୍ତବରେ ଦୁହେଁ ଥିଲେ ଚେତନାସଂପନ୍ନ, ମହାନ ମାନବପ୍ରେମୀ ।

ଫଳତଃ ଏମାନଙ୍କର ପ୍ରେମ ରାଷ୍ଟ୍ର ମଧ୍ୟରେ ସୀମିତ ନରହି ବିଶ୍ୱ ପ୍ରେମରେ ରୂପାନ୍ତରିତ ହୋଇ ପାରିଥିଲା । ମାନବସେବାକୁ ଈଶ୍ୱର ସେବା ମଣୁଥିବା ମାନବତାର ଉପାସକ କବି ଦ୍ୱୟ ସମକାଳୀନ ସମାଜରେ ସମାଜ ସଂସ୍କାରକର ଭୂମିକା ଗ୍ରହଣ କରି ଏକ ଆଦର୍ଶ ସୁସ୍ଥ ସମାଜ ଗଠନ ଦିଗରେ ନିଜକୁ ନିୟୋଜିତ କରିଥିଲେ ।

ଉଭୟ କବି ପ୍ରତିଭାଶାଳୀ ଓ କ୍ରାନ୍ତିଦର୍ଶୀ । ଦୁହେଁ ଭିନ୍ନ ଭିନ୍ନ ଭାଷାର କବି ହେଲେ ହେଁ ସମକାଳୀନ ହୋଇଥିବା ହେତୁ ଦୁହିଁଙ୍କ ରଚନାରେ ବହୁ ସାମ୍ୟ ପରିଲକ୍ଷିତ ହୁଏ । ଉଭୟଙ୍କର କାବ୍ୟ କାଳଜୟୀ ଅଜର ଓ ଅମର । ଏଣୁ ଦୁହେଁ ଚିର ନମସ୍ୟ ଓ ପ୍ରାତଃ ସ୍ମରଣୀୟ ।




# ଗୁମ୍ଫାର ଗୁମର



**ଲୋକଲୋଚନର ଆଢୁଆଳରେ ରହିଯାଇଥିବା ସମ୍ବଲପୁର ଜିଲ୍ଲାର ଏକ ବିଶେଷ ସ୍ଥାନ ଭୀମମଣ୍ଡଳକୁ ଖୋଜି ବାହାର କରିଛନ୍ତି କନ୍ଦର୍ପ ବେହେରା ।**

# ଭୀମମଣ୍ଡଳୀ

**କନ୍ଦର୍ପ ବେହେରା**

କବି କୁଟୀର, ସା/ପୋ-ଡଇଁଚା, ଭାୟା-ରେଢାଖୋଲ
ଜି-ସମ୍ବଲପୁର, ପିନ୍-୭୬୮୧୦୬
ଫୋନ : ୯୪୩୮୧୫୦୬୩୧

ଫଟୋ ସୌଜନ୍ୟ : ଲେଖକ

ସମ୍ବଲପୁର ଜିଲ୍ଲା ବହୁ ତୀର୍ଥ ସ୍ଥଳୀର ସମାହାର ହୋଇଥିଲେ ହେଁ ତନ୍ମଧ୍ୟରୁ ଅନେକ ଲୋକଲୋଚନକୁ ଆସି ପାରିନାହିଁ । ସେହିପରି ପର୍ଯ୍ୟଟନ ମାନଚିତ୍ରର ଅନ୍ତରାଳରେ ରହିଛି ଏକ ଅପରିଚିତ ଅନନ୍ୟ ପୀଠ ଭୀମମଣ୍ଡଳୀ । ଏହାକୁ ମଧ୍ୟ କେହି କେହି ଭୀମଦରି ମଧ୍ୟ କହିଥାନ୍ତି ।

ସମ୍ବଲପୁର ଜିଲ୍ଲାର ରେଢାଖୋଲ ସବ୍‌ଡିଭିଜନ ଜିଲ୍ଲାର ମୁଖ୍ୟ ସହର । ଏଠାରୁ ଜାତୀୟ ରାଜପଥର ୬୫ କିମି ପୂର୍ବକୁ ଗଲେ ପଡେ ଏହି ଛୋଟିଆ ସହରଟି । ଏହି ସହର ଠାରୁ ପୂର୍ବକୁ ଗଲେ ପଡେ ଭୀମଭୋଇ ମହାବିଦ୍ୟାଳୟ । ଭୀମଭୋଇ ମହାବିଦ୍ୟାଳୟର ବାମପଟେ ଯାଇଥିବା ରାସ୍ତାରେ ୩୨ କି.ମି ବାଟ ଗଲା ପରେ ନାକ୍ଟିଦେଉଳ ବ୍ଲକ୍ ପଡିଥାଏ । ନାକ୍ଟିଦେଉଳ ଏକ ଆଦିବାସୀ ଅଧ୍ୟୁଷିତ ଅଂଚଳ ।

ନାକ୍ଟିଦେଉଳ ବ୍ଲକ୍‌ର ଏକ ଛୋଟିଆ ଗାଁ ପେଣ୍ଡବାହାଳ । ନାକ୍ଟିଦେଉଳ ଠାରୁ ଏହାର ଦୂରତ୍ୱ ମାତ୍ର ତିନି କିଲୋମିଟର । ରେଢାଖୋଲ ଠାରୁ ପେଣ୍ଡବାହାଳର ଦୂରତ୍ୱ ୨୮ କି.ମି. ହେବ । ରେଢାଖୋଲ ନାକ୍ଟିଦେଉଳ ରାସ୍ତାରେ ହିଁ ପଡେ ଏହି ଛୋଟିଆ ଗାଁଟି । ଏହି ଆଦିବାସୀ ଅଧ୍ୟୁଷିତ ଗ୍ରାମ ଦେଇ ବହି ଯାଇ ଥିବା ଚମ୍ପାଳୀ ନଦୀର କଡେ କଡେ ଏକ ମାଟି ରାସ୍ତାରେ ପାଞ୍ଚ କି.ମି ଯିବା ପରେ ଘଂଚ ଜଙ୍ଗଲ ମଧ୍ୟରେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ପରିବେଶ ମଧ୍ୟରେ ଦେଖିବାକୁ ମିଳିବ ଭୀମମଣ୍ଡଳୀ ନାମକ ପ୍ରସିଦ୍ଧ ସ୍ଥାନଟିଏ ।

ଏହି ନଦୀ ଘୋଷରାମାଳ ଓ ବଡମାଳ ଅଂଚଳରୁ ବାହାରି ନାକ୍ଟିଦେଉଳ ପାଖରେ ଥିବା ଟିକିରା ନଦୀରେ ମିଶିଛି । ନଦୀର କୁଳୁକୁଳୁ ଶବ୍ଦ ସତେ ଯେପରି ନୀରବତାକୁ ଭାଙ୍ଗି ଦେଉଥିବ । ଭୀମମଣ୍ଡଳୀର ଚତୁଃପାର୍ଶ୍ୱ ଅରଣ୍ୟାଚ୍ଛାଦିତ ।

ଭୀମମଣ୍ଡଳୀରେ ଥିବା ଘଂଚ ଜଙ୍ଗଲ ମଧ୍ୟରୁ ପଶୁପକ୍ଷୀ ଓ ଗଛଲତା ଏହାର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ଏହି ଜଙ୍ଗଲରେ ବହୁ ପ୍ରକାର ଔଷଧୀୟ ବୃକ୍ଷ ମଧ୍ୟ ଦେଖାଯାଏ । ଏହା ବ୍ୟତିରେକ ଏଠାରେ ବହୁତ ମୂଲ୍ୟବାନ ଗଛ ଚୋରା ବେପାରିମାନେ ଆସି ନେଇ ଯାଉଥିବାରୁ ଜଙ୍ଗଲଟି ଧ୍ୱଂସ ପାଇବାକୁ ବସିଛି କହିଲେ ଭୁଲ୍ ହେବ ନାହିଁ ।

ଭୀମମଣ୍ଡଳୀର ଚମ୍ପାଳି ନଦୀ ନିକଟରେ ବଡ ବଡ ଶିଳାଖଣ୍ଡମାନ ଦେଖିବାକୁ ମିଳେ । ଏହାଛଡା ବାଲୁକା ଶଯ୍ୟାମାନ ମଧ୍ୟ ରହିଛି । ଭୀମମଣ୍ଡଳୀ ଏପରି ଏକ ସ୍ଥାନ ନ ଦେଖିଲେ ବିଶ୍ୱାସ କରି ହେବନି ॥

କିମ୍ବଦନ୍ତି କହେ, ପୂର୍ବେ ପବନପୁତ୍ର ଭୀମସେନ ଏଠାରେ ଥିବା ଚମ୍ପାଳି ନଦୀକୁ ନଗ୍ନ ଶରୀରରେ ବାନ୍ଧୁଥିଲେ । ଭୀମ ଘରକୁ ଯିବାରେ ବିଳମ୍ବ ହେବାରୁ ମାତା କୁନ୍ତୀର ମନରେ ଘୋର ଚିନ୍ତା ହେଲା । ସଙ୍ଗେ ସଙ୍ଗେ ପୁତ୍ରକୁ ଖୋଜିବା ଉଦ୍ଦେଶ୍ୟରେ ସେ ବାହାରି ପଡିଲେ । କୁନ୍ତୀ ଯେତେବେଳେ ଭୀମ..ଭୀମ.. ବୋଲି ଡାକ ଛାଡି ପହଂଚିଗଲେ ଠିକ୍ ସେତିକିବେଳେ ଭୀମ ଦେହରେ କୌଣସି ବସ୍ତ୍ର ପିନ୍ଧି ନଥାନ୍ତି । ଭୀମ ମାତାଙ୍କର ଡାକ ଶୁଣି ପାରି ଲଜ୍ଜାନିବାରଣ ପାଇଁ ନିକଟରେ ଥିବା ଗୁହା ପାଖକୁ ଦୌଡି ଦୌଡି ଯାଇ ପଶିଗଲେ । ଯେଉଁ ଗୁହାରେ ସେ ହାମୁଡ଼େଇ ହାମୁଡ଼େଇ ପଶିଥିଲେ ସେଇ ଗୁହାରେ ଆଣ୍ଠୁ ଚିହ୍ନ ରହିଛି । ମାତା କୁନ୍ତି ଧରିଥିବା କୁଣ୍ଡାପିଠା ଖଣ୍ଡକୁ ଚମ୍ପାଳୀ ନଦୀରେ ପକାଇ ଦେଇଥିଲେ ।  ଯେଉଁ କୁଣ୍ଡାପିଠାଟି ମାତା କୁନ୍ତୀ ପକାଇଥିଲେ ତାହା କ୍ରମେ ଛୋଟ ପଥରରେ ପରିଣତ ହୋଇ କ୍ରମଶଃ ଏହା



▶ଲେଖକ କନ୍ଦର୍ପ ବେହେରା





ବିରାଟ ପଥର ହୋଇଯାଇଛି । ସେଇ ପଥରଟି ମଧ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି ବୋଲି ଜନଶ୍ରୁତିରୁ ଜଣାପଡେ । ଭୀମ ଯେଉଁ ଗୁହାରେ ପଶିଥିଲେ ସେହି ଗୁହା ଭିତରେ ଛୋଟ ଛୋଟ କୋଠରୀ ମାନ ଅଛି । ଗୁହାଟି କେତେ ଦୂର ପର୍ଯ୍ୟନ୍ତ ଲମ୍ବିଛି ତାର ଠିକଣା ନାହିଁ । ଲୋକମତରେ ଏହି ଗୁହା ଅନୁଗୋଳ ଜିଲ୍ଲାର କୌଣସି ଏକ ଗ୍ରାମରେ ବାହାରିଛି । ଆଉ କେହିକେହି ମତ ଦିଅନ୍ତି ଯେ, ଏହି ଗୁହା ରାଇଲ ପର୍ଯ୍ୟନ୍ତ ବିସ୍ତୃତ । ଗୁହା ଭିତରେ କେତୋଟି ପ୍ରକୋଷ୍ଠ ରହିଛି ତାହାର ମଧ୍ୟ ସଠିକ୍ ତଥ୍ୟ ନାହିଁ । କେବଳ ଗୁହାଟି ଅନ୍ଧାରରେ ପରିପୂର୍ଣ୍ଣ । ଗୁହା ଭିତରକୁ ଯିବାକୁ ହେଲେ ଅମ୍ଳଜାନ ଏବଂ ଆଲୁଅର ବ୍ୟବସ୍ଥା ନିହାତି ଜରୁରୀ ।

ଭୀମମଣ୍ଡଳୀ ନିକଟରେ ଉଷାକୋଠୀ ନାମକ ସ୍ଥାନଟିଏ ରହିଛି । ଏହା ଏକ ବରଗଛ ମୂଳରେ ଅବସ୍ଥିତ । ଏଠାରେ ଲୋକମାନେ ପୂଜାକର୍ମାଦି କରନ୍ତି । ଏଠାରେ ଯୁଧିଷ୍ଠିରଙ୍କ ସ୍ନାନମଣ୍ଡପ ମଧ୍ୟ ରହିଛି । ସ୍ନାନମଣ୍ଡପରେ ମୁନି ଋଷିମାନେ ସ୍ନାନ କରୁଥିବାର ଜଣାଯାଏ । ଯଦ୍ଦାରା ଏହାର ରଙ୍ଗ ହଳଦିଆ ହୋଇଛି । ତେଣୁ ଏହାର ନାମ ହଳଦୀଘାଟ । ଭୀମଣ୍ଡଳୀର ଏକ ଗୁହା ନିକଟରେ ଅନେକ ଚିତ୍ର ଦେଖିବାକୁ ମିଳେ ଏବଂ ପ୍ରସ୍ତର କାନ୍ଥରେ ଶିଳାଲିପି ରହିଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟର ଐତିହାସିକ ଡଃ ସଦାଶିବ ପ୍ରଧାନ ଏଠାକୁ ବହୁବର୍ଷ ତଳେ ଆସି ଶିଳାଲିପି ଚିହ୍ନଟ କରିଥିଲେ । ଏହି ଶିଳାଲେଖର ଭାଷା ଆଦୌ ଜାଣି ହେଉନାହିଁ । ପ୍ରତ୍ନତାତ୍ତ୍ୱିକ ବିଭାଗ ଦୃଷ୍ଟିଦେଲେ ଏ ସଂପର୍କରେ ଅନେକ ତଥ୍ୟ ମିଳି ପାରିବ ।



## ମତ ଓ ମନ୍ତବ୍ୟ



**ସନ୍ତୋଷ କୁମାର ରଥ,** ଲେଖକ

**ଶୁଣ୍ଠିମୁଣ୍ଡା, ରେଢାଖୋଲ, ସମ୍ବଲପୁର**

ସମ୍ବଲପୁର ଜିଲ୍ଲା ନାକ୍ଟିଦେଉଳ ବ୍ଲକର ଘୋଷାରାମାଳ ଗ୍ରାମ ନିକଟରେ ଅଛି ଏହି ପର୍ଯ୍ୟଟନ ସ୍ଥଳୀ । ମଧ୍ୟମ ପାଣ୍ଡବ ଭୀମଙ୍କ ନାମରେ ନାମିତ । କୁହାଯାଏ ପାଣ୍ଡବ ଭୀମଙ୍କ ନାମରେ ନାମିତ । କୁହାଯାଏ ପାଣ୍ଡବ ପାଂଚ ଭାଇ ମା କୁନ୍ତି ସହିତ ଏଠାରେ କିଛି କାଳ ଅବସ୍ଥାନ କରୁଥିଲେ । ଏଠାରେ ଥିବା ବନ, ଗିରୀ ଓ ପାହାଡରେ ଥିବା ଶିଳା ଲେଖ ପର୍ଯ୍ୟଟକ ଓ ଐତିହାସିକ ମାନଙ୍କର ଆକର୍ଷଣର ବସ୍ତୁ । କୁହାଯାଏ ଭିମ ଏକ ଗୁହା ମଧ୍ୟରେ କିଛି ସମୟ କଟାଇଥିଲେ । ଏହା ଅଦ୍ୟାପି ବିଦ୍ୟମାନ ଓ ଭୀମ ଦଳି ରୂପେ ପରିଚିତ ।



**ରମାକାନ୍ତ ମହାନନ୍ଦ, ସାମ୍ବାଦିକ**

**ରେଢାଖୋଲ, ସମ୍ବଲପୁର**

ଭୀମମଣ୍ଡଳୀର ବିକାଶ କେବଳ ରାଜ୍ୟ ସରକାରଙ୍କର ଦାୟିତ୍ୱ ନୁହେଁ ସେଥିପାଇଁ ଜନସାଧାରଣଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ଯଦି ବିଭିନ୍ନ ଗଣମାଧ୍ୟମ , ସାମାଜିକ ଗଣମାଧ୍ୟମ ପ୍ରଚାର , ପ୍ରସାର ଜୋରଦାର କରନ୍ତେ ତା ଚହେଲେ ଏକ ଚାପ ସୃଷ୍ଟି ହୁଅନ୍ତା । ଏ ଭଳି ଏକ ସ୍ଥାନଟି ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇବାରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହୁଅନ୍ତା ନାହିଁ ।



**ରମେଶ ଚନ୍ଦ୍ର ସ୍ୱାଇଁ**

**ଘୋଷରାମାଳ, ରେଢାଖୋଲ, ସମ୍ବଲପୁର**

ରେଢାଖୋଲ ସବ୍‌ଡିଭିଜନର ଘୋଷରାମାଳ ନିକଟରେ ଥିବା ଭୀମମଣ୍ଡଳି ଠାରେ ଥିବା ଗୁହା ଗୁଡିକରେ ଅନେକ ଗୁାଚିତ୍ର ଅଛି । ଯଥା ହରିଣ ,ମଣିଷ ମୁଣ୍ଡ,ହାତ ଇତ୍ୟାଦି । ପାଣ୍ଡବ ମାନେ ଏଠାରେ କିଛିକାଳ ଅବସ୍ଥାନ କରିଥିବାର ପ୍ରମାଣ ରହିଛି । ବୌଦ୍ଧ ସନ୍ୟାସୀମାନେ ଏଠାରେ ରହିଥିବାର ପ୍ରମାଣ ଅଛି । ଏହା ଏକ ଐତିହାସିକ ସାଂସ୍କୃତିକ ପୀଠ ସ୍ଥଳୀ ଅଟେ । ଏହି ପୀଠର ଉନ୍ନତି ପାଇଁ ସରକାର ସହଯୋଗ କରିବା ଆମ ଅଂଚଳ ବାସୀ ଦାବୀ କରୁଛୁ ।



**ଅଜିତ୍ କୁମାର ବିଶ୍ୱାଳ**

**ମହୁକୁଦ, ନାକ୍ଟିଦେଉଳ, ରେଢାଖୋଲ, ସମ୍ବଲପୁର**

ପଶ୍ଚିମ ଓଡିଶାର ଆଭ୍ୟନ୍ତରୀଣ ଅଂଚଳ ନାକ୍ଟିଦେଉଳ ନିକଟସ୍ଥ ଘଂଚ ଜଙ୍ଗଲ ମଧ୍ୟରେ ଥିବା ପୌରାଣିକ ଦେବସ୍ଥଳୀ ଭୀମମଣ୍ଡଳୀ ଅନେକ ରହସ୍ୟର ଗନ୍ତାଘର ଅଟେ । ଉପଯୁକ୍ତ ପ୍ରଚାର ପ୍ରସାର କରି ସ୍ଥାନର ଗବେଷଣା କରାଗଲେ ଭୀମମଣ୍ଡଳୀ ସମ୍ବନ୍ଧରେ ଅନେକ କଥା ଲୋକଲୋଚନକୁ ଆସିପାରନ୍ତା ବୋଲି ମୋର ବିଶ୍ୱାସ । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ଦାବୀ କରୁଛି ।



ଭୀମମଣ୍ଡଳୀ ନିକଟରେ ଥିବା ପ୍ରସ୍ତର କାନ୍ଥରେ ଶିଳାଲିପି ମଧ୍ୟ ରହିଛି। ଭୀମ ମଣ୍ଡଳୀ ଠାରେ ଥିବା ଗୁହା କେତେଦୂର ପର୍ଯ୍ୟନ୍ତ ଲମ୍ବିଛି ତାହା କହି ହେଉ ନାହିଁ । ଲୋକମାନଂକ ବିଶ୍ୱାସ ଯେ ଏହି ଗୁହା ଅନୁଗୋଳ ଜିଲ୍ଲାର କୌଣସି ଏକ ସ୍ଥାନରେ ବାହାରିଛି ଆଉ କେହି କେହି କୁହନ୍ତି ଏହା ରାଇଲ ପର୍ଯ୍ୟନ୍ତ ଲମ୍ବିଛି ବୋଲି କହନ୍ତି । ଅନ୍ଧକାର ଯୋଗୁଁ ଗୁହା ଭିତରକୁ ଯିବା ସମ୍ଭବପର ହୁଏ ନାହିଁ । ଗୁହା ଭିତରକୁ ପଶିବାକୁ ହେଲେ ଅମ୍ଳଜାନର ଆବଶ୍ୟକତା ରହିଛି । ଭୀମମଣ୍ଡଳୀ ନିକଟରେ ଆଉ ଏକ ଦର୍ଶନୀୟ ସ୍ଥାନ ହେଲା ଗୁପ୍ତେଶ୍ୱର । ଗୁପ୍ତେଶ୍ୱର ନିକଟରେ ମଧ୍ୟ ଗୁହା ରହିଛି । ଏହି ଗୁହା ଭିତରକୁ ପ୍ରାୟ ୨୦ ରୁ ୨୫ ଫୁଟ୍ ଯାଏଁ ପଶି ହେଉଛି । ଗୁପ୍ତେଶ୍ୱରର ଗୁହା ଭିତରେ ଶିବ ଲିଙ୍ଗ ରହିଛି । ଲୋକମନେ ବିଶ୍ୱାସ କରନ୍ତି ଯେ, କୌଣସି ଭକ୍ତ ମାନସିକ ପୂରଣ ପାଇଁ ସକାଳୁ ସକାଳୁ କାହାରି ମୁହଁ ନ ଚାହିଁ ଗୁପ୍ତେଶ୍ୱର ମହାଦେବଙ୍କ ଶରଣ ନେଲେ ତିନି ଦିନ ମଧ୍ୟରେ ମନସ୍କାମନା ପୂରଣ ହୋଇଯାଏ । ଶୁଣିବାକୁ ମିଳେ ଶିମିଳିପାଳ,ପେଣ୍ଡୁବାହାଳ ଘୋଷରାମାଳ, ରାଇଲ, କମଳାନାଳୀ, ପଥୁରିଆ, ଶିହିଳିଅ, ଲୋସରା, କାଦୋବାହାଳି, ସରଧାପୁର ଆଦି ବହୁଗ୍ରାମରୁ ଭକ୍ତମାନେ ଆସି ଅଧିଆ ପଡନ୍ତି । ଭୀମମଣ୍ଡଳୀ ଠାରେ ଥିବା ଗୁହାଗୁଡିକରେ ଲାଲ୍ ରଙ୍ଗ ଦ୍ୱାରା ଚିତ୍ରିତ ଅନେକ ପଶୁପକ୍ଷୀଙ୍କର ଚିତ୍ର ଦେଖିବାକୁ ମିଳେ । ଭୀମମଣ୍ଡଳୀ ଠାରେ ଥିବା ପଥର ଗୁମ୍ଫା ଗୁଡିକରେ ଅନେକଗୁଡିଏ ବ୍ରାହ୍ମୀଲିପି ଅଛି, ଯଥା-ପା,ଲା, ପା, ଇତ୍ୟାଦି ଇତ୍ୟାଦି ।

ଯଦି କୌଣସି ଗ୍ରାମରେ ବର୍ଷା ହୁଏ ନାହିଁ ଓ ମରୁଡିର ସମ୍ଭାବନା ଥାଏ ସେଇ ଗ୍ରାମରେ ମହିଳାମାନେ ପାଣି କଳସି ଧରି ଗୁପ୍ତେଶ୍ୱର ଆସିଥାନ୍ତି । ହୁଳହୁଳି ଏବଂ ଶଙ୍ଖଧ୍ୱନି ମଧ୍ୟରେ ପୂଜାର୍ଚ୍ଚନା କରି ନାରୀମାନେ ନଗ୍ନ ଶରୀରରେ ନୃତ୍ୟ କଲେ ବର୍ଷା ହୋଇଥାଏ ବୋଲି ଲୋକଙ୍କର ବିଶ୍ୱାସ ରହିଛି । ଗୁପ୍ତେଶ୍ୱର ନିକଟରେ ଏକ ଛୋଟିଆ ଜଳପ୍ରପାତ ରହିଛି । ପୂର୍ବେ ଏହି ଜଳପ୍ରପାତଟିରୁ ଅହର୍ନିଶ ଜଳ ଝରୁଥିଲା । କିନ୍ତୁ ଏବେ ଗ୍ରୀଷ୍ମଋତୁରେ ସେଠାରୁ ପାଣି ଝରୁ ନଥିବା ଜଣା ଯାଏ । ପ୍ରତିବର୍ଷ ବୈଶାଖ ମାସ ଅଷ୍ଟମୀ ତିଥିରେ ତିନିଦିନ ଧରି ଭୀମମଣ୍ଡଳୀରେ ୧୯୯୩ ମସିହା ଠାରୁ ଏକ ବିରାଟ ନାମଯଜ୍ଞ ହୋଇଆସୁଛି । ଭୀମମଣ୍ଡଳୀ ଯେ କୌଣସି ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ଏକ ସ୍ଥାନ ଅଥଚ ପର୍ଯ୍ୟଟନ ବିଭାଗର ଅଲକ୍ଷ୍ୟରେ ଏହି ପ୍ରାକୃତିକ ସୌନ୍ଦର୍ଯ୍ୟଭରା ସ୍ଥାନଟି ଅବହେଳିତ ହୋଇ ପଡି ରହିଛି । ଭୀମମଣ୍ଡଳୀର ଚତୁଃପାର୍ଶ୍ୱ ଅରଣ୍ୟାଚ୍ଛାଦିତ । ଏଠାରେ ଏକ ମିନି ଚିଡିଆଖାନା କଲେ ସ୍ଥାନର ଗୁରୁତ୍ୱ ବଢନ୍ତା ବୋଲି ଲୋକମାନେ କହନ୍ତି । ଭୀମମଣ୍ଡଳୀକୁ ରାଜ୍ୟ ସରକାର ଇକୋଟୁରିଜିମ୍ ଭାବରେ ଘୋଷଣା କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନି । ଭୀମମଣ୍ଡଳୀକୁ ସବୁଦିନିଆ ରାସ୍ତା ନ ଥିବାରୁ ସେଠାକୁ ବର୍ଷାଦିନେ ଯିବା କଷ୍ଟକର । ଏହାର ସର୍ବାଙ୍ଗୀନ ବିକାଶ ପାଇଁ ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

ଭିନ୍ନ ଦେଶ, ଭିନ୍ନ ଭାଷା । ଭିନ୍ନ ଭିନ୍ନ ମଣିଷ । ଏହାରି ଭିତରେ କିନ୍ତୁ 'ଆବେଗ'ର ଏକ ଐକ୍ୟକୁ ଠାବ କରିଛନ୍ତି ଭିଏତ୍‌ନାମ ଭ୍ରମଣ କରି ଫେରିଥିବା ଲେଖକ ଜୟନ୍ତ ଶେଠ୍ । ତାଙ୍କର ଏ ଅନ୍ତରଙ୍ଗ ଓ ସବୁଠୁ ବେଶି ସୂଚନାତ୍ମକ ଭ୍ରମଣକାହାଣୀ 'ରେବତୀ'ର ପାଠକଙ୍କୁ ଦେବ ନିଜେ ବୁଲୁଥିବାର ବିମଳ ଆନନ୍ଦ ।

# ଚମ୍ପାଦେଶର ଚିତ୍ରଗାଥା





# ଭିଏତ୍‌ନାମରେ ସାତଦିନ


## ଜୟନ୍ତ ଶେଠ୍

ପ୍ଲଟ ନଂ-୧୧୩୪, ଲେନ୍-୫, ଏୟାରପୋର୍ଟ ଏରିଆ,
ଭୁବନେଶ୍ୱର-୭୫୧୦୨୦
ଫୋନ : ୭୦୦୮୭୭୩୫୪୪


ଫଟୋ ସୌଜନ୍ୟ : ଲେଖକ



ଲେଖକ ଜୟନ୍ତ ଶେଠ୍

୨୦୧୭ ମସିହାରେ ଇଣ୍ଡୋନେସିଆ ଯାତ୍ରାରୁ ଫେରିବା ପରେ ମନେମନେ ନିଷ୍ପତ୍ତି କରିଥିଲି ଏ ବର୍ଷର ଦ୍ୱିତୀୟ ଯାତ୍ରା ଦକ୍ଷିଣ ପୂର୍ବ ଏସିଆର ଏକ ଆକର୍ଷଣୀୟ ଦେଶ ଭିଏତ୍‌ନାମ ନିଶ୍ଚୟ ଯିବି । ଇଣ୍ଟରନେଟ୍‌ରେ ସର୍ଚ୍ଚ କରିବା ପରେ ଦେଶଟି ସଂପର୍କରେ ଯାହା ତଥ୍ୟ ପାଇଲି, ସେସବୁ ମତେ ବାଧ୍ୟ କଲା ଭିଏତ୍‌ନାମ ଯାତ୍ରାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ କରିବା ପାଇଁ । ପ୍ରଥମରୁ କହିରଖେ, ମୁଁ ଯେଉଁଧରଣର ଯାତ୍ରା କରେ ତାକୁ ସାଧାରଣତଃ ପୃଥିବୀର ପର୍ଯ୍ୟଟନ କ୍ଷେତ୍ରରେ 'ବ୍ୟାକ୍‌ପ୍ୟାକ୍ ଟ୍ରାଭେଲିଂ' କୁହାଯାଏ । ଏହାର ଉଦ୍ଦେଶ୍ୟ ହେଉଛି ଅତି କମ୍ ଖର୍ଚ୍ଚରେ ଭ୍ରମଣ କରିବା ଏବଂ ସେହିସ୍ଥାନର ସଂସ୍କୃତି, ଜନଜୀବନ ଓ ଇତିହାସକୁ ଜାଣିବା ଏବଂ ସ୍ଥାନୀୟ ଲୋକଙ୍କ ସହିତ ମିଶିବା । ମୋର ଘନିଷ୍ଠ ବନ୍ଧୁ ତଥା ବରିଷ୍ଠ ସାମ୍ବାଦିକ **ଭକ୍ତ ତ୍ରିପାଠୀ** ଓ ମୁଁ ପରମ ଆଗ୍ରହର ସହିତ ବାହାରିଲୁ ଏଇ ନିଆରା ଯାତ୍ରାରେ । ଭିସା ଆବେଦନ ଓ ବିମାନ ଟିକେଟ, ହଷ୍ଟେଲ୍ ବୁକିଂ ଇତ୍ୟାଦି ଶେଷ ହେବା ପରେ ଆସିଲା ଯାତ୍ରା ଆରମ୍ଭର ସେଇ ଇପ୍‌ସିତ ଦିନ । ଆମର ଟିକେଟ୍ ହୋଇଥିଲା ଏୟାର୍ ଏସିଆ ଫ୍ଲାଇଟ୍‌ରେ । ଭୁବନେଶ୍ୱରରୁ ମାଲେସିଆର ରାଜଧାନୀ କୁଆଲାଲାମ୍‌ପୁର ଏବଂ ସେଠାରେ ତିନିଘଣ୍ଟାର ରହଣି ପରେ ଏୟାର୍ ଏସିଆର ଆଉ ଏକ ଫ୍ଲାଇଟ୍‌ରେ ଭିଏତ୍‌ନାମର ପ୍ରମୁଖ ସହର ହୋଚିମିନ୍ ସିଟି (ପୁରାତନ ନାମ ସାଇଗନ୍)କୁ ଯାତ୍ରା କଲୁ । ହୋଚିମିନ୍ ସିଟି ଭିଏତ୍‌ନାମର ଦକ୍ଷିଣ ଦିଗରେ ଅବସ୍ଥିତ । ଆମ ଦୁଇଜଣଙ୍କ ଯିବା ଆସିବା ପାଇଁ ବିମାନ ଭଡ଼ା ଥିଲା ମାତ୍ର ୩୦ହଜାର ଟଙ୍କା (ଜଣ ପିଛା ମାତ୍ର ୧୫ ହଜାର) । ଭୁବନେଶ୍ୱର ସ୍ଥିତ ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନ ବନ୍ଦରରୁ ରାତି ୧୧ଟା ବାଜି ୫୫ମିନିଟ୍ ସମୟରେ ଆରମ୍ଭ ହେଲା ଆମ ଉଡ଼ାଣ । କୁଆଲାଲାମ୍‌ପୁରରେ ପହଂଚିଲା ସକାଳ ୬ଟାରେ । ଏୟାର୍‌ପୋର୍ଟରେ ନିତ୍ୟକର୍ମ ଶେଷ କରି ସାଙ୍ଗରେ ନେଇଥିବା ଛତୁଆ ଓ କଦଳୀରେ ସକାଳ ଜଳଖିଆ ଖାଇ, ଦୁଇଘଣ୍ଟାର ରହଣି (ଲେ-ଓଭର୍) ପରେ ପୁଣି ସେଠାରୁ ହୋଚିମିନ୍ ସିଟି ଅଭିମୁଖେ ଆଉ ଏକ ଫ୍ଲାଇଟ୍‌ରେ ଯାତ୍ରା ଆରମ୍ଭ ହେଲା । ଏଠାରେ ସୂଚାଇ ଦେବାକୁ ଚାହେଁ, ଭୁବନେଶ୍ୱର ଠାରୁ ହୋଚିମିନ୍ ସିଟି ପର୍ଯ୍ୟନ୍ତ ଆମର ଏୟାର୍‌ଲାଇନ୍ସ ଥିଲା ଗୋଟିଏ: ଏୟାର୍ ଏସିଆ । ଏବଂ ପିଏନ୍‌ଆର୍ କୋଡ୍ ମଧ୍ୟ ଗୋଟିଏ । ତେଣୁ କୁଆଲାଲାମ୍‌ପୁର ଠାରେ ଟ୍ରାନ୍‌ଜିଟ୍ ଭିସାର ଆବଶ୍ୟକତା ପଡ଼ିଲା ନାହିଁ । ସୁତରାଂ ପାଠକ ବନ୍ଧୁମାନେ ବିଦେଶଯାତ୍ରା ପୂର୍ବରୁ ଫ୍ଲାଇଟ୍ ଟିକେଟ୍ ବୁକ୍ କରିବା ବେଳେ ଏହି ଦିଗଟିକୁ ଧ୍ୟାନ ଦେବେ ।

ପ୍ରାୟ ଦୁଇଘଣ୍ଟାର ଉଡ଼ାଣ ପରେ ହୋଚିମିନ୍ ସିଟିର ତାନ୍ ସୋନ୍ ନାଟ୍ ଇଣ୍ଟରନ୍ୟାସ୍‌ନାଲ୍ ଏୟାର୍‌ପୋର୍ଟରେ ପହଂଚିଲୁ । ଏହା ଭିଏତ୍‌ନାମର ସର୍ବବୃହତ୍ ବିମାନବନ୍ଦର । ଏୟାର୍‌ପୋର୍ଟରେ ଓହ୍ଲେଇ, ଦେଶାନ୍ତର (ଇମିଗ୍ରେସନ୍) କାଉଣ୍ଟର୍‌କୁ ଯିବା ପୂର୍ବରୁ ଭିସା କାଉଣ୍ଟର୍‌ରେ ଧାଡ଼ିରେ ଠିଆ ହେଲୁ । ସେତେବେଳକୁ ସ୍ଥାନୀୟ ସମୟ ଦିନ ଗୋଟାଏ । ଭାରତ ଠାରୁ ପ୍ରାୟ ତିନି ଘଣ୍ଟା ଆଗୁଆ ।

ଭିସା ଓ ଇମିଗ୍ରେସନ୍ ପ୍ରକ୍ରିୟା ଶେଷ ହେବା ବେଳକୁ ପ୍ରାୟ ଦେଢ଼ଘଣ୍ଟା ବିତି ଯାଇଥିଲା । ତୁରନ୍ତ ତରବର ହୋଇ ଡୋମେଷ୍ଟିକ୍ ଟର୍ମିନାଲ୍‌କୁ ଚାଲିଲୁ । ହାତରେ ମାତ୍ର ୫୦ ମିନିଟ୍ ସମୟ ଥିଲା । ଅଗତ୍ୟା ତରବର ହୋଇ ଚେକ୍-ଇନ୍ କଲୁ । ଭାଗ୍ୟ ଭଲ, ଫ୍ଲାଇଟ୍

୪୫ ମିନିଟ୍ ଲେଟ୍ ଥିଲା । ପ୍ରବଳ ଭୋକ ହେଉଥିଲା, ଏୟାରପୋର୍ଟର ରେଷ୍ଟୁରାଣ୍ଟରେ କିଛି ଖାଇବାକୁ ଇଚ୍ଛା ନଥିଲା । କାରଣ ଅଧିକାଂଶ ଖାଦ୍ୟ ଅଭକ୍ଷ । ଭକ୍ତବାବୁ କିଛି ଖାଇବାକୁ ମନା କଲେ । ମୋର ମଧ୍ୟାହ୍ନ ଭୋଜନ ଚଳିଗଲା ଘରୁ ଆଣିଥିବା କଦଳୀରେ । ନିର୍ଦ୍ଧାରିତ ସମୟରେ ଆରମ୍ଭ ହେଲା ହାନୋଇ ଅଭିମୁଖେ ଯାତ୍ରା । ଏୟାରଲାଇନ୍ସ ଥିଲା ଭିଟ୍ ଜେଟ୍ । ଏହା ଏକ ବହୁଚର୍ଚ୍ଚିତ ବିମାନ ଚଳାଚଳ ସଂସ୍ଥା । ଏହାର ମାଲିକାଣୀ ଭିଏତ୍‌ନାମର ମହିଳା ବ୍ୟବସାୟୀ ନାଗୁଏନ୍ ଥାନ୍‌ହା । ପ୍ରାୟ ବର୍ଷକ ତଳେ ଏହି ଏୟାରଲାଇନ୍‌ସ୍‌ର କେତୋଟି ବିମାନରେ ଉଡ଼ାଣ ସମୟରେ ବିକିନି ପରିହିତା ଏୟାର୍ ହୋଷ୍ଟେସ୍‌ମାନଙ୍କର ଫ୍ୟାସନ୍ ଶୋ'ର ଆୟୋଜନ କରା ଯାଉଥିଲା । ଏହାକୁ ବିଭିନ୍ନ ଦେଶ ପକ୍ଷରୁ ପ୍ରତିବାଦ କରା ଯାଇଥିଲା । ଭିଏତ୍‌ନାମ ସରକାରଙ୍କ ପକ୍ଷରୁ ଆଇନଗତ ପଦକ୍ଷେପ ନିଆଯିବା ପରେ ଏୟାରଲାଇନ୍ସ ପକ୍ଷରୁ ଏୟାର୍ ହୋଷ୍ଟେସ୍‌ମାନଙ୍କ ପାଇଁ ମାର୍ଜିତ ପୋଷାକର ପ୍ରଚଳନ କରାଗଲା । ଏବେ ଭିଏତ୍‌ନାମ ସମେତ ଦକ୍ଷିଣ-ପୂର୍ବ ଏସିଆରେ ପାଖାପାଖି ୧୫୦ରୁ ଅଧିକ ବିମାନ ଚଳାଚଳ କରୁଛି, ଶସ୍ତା ଟିକେଟ୍ ସହିତ ।

ଫ୍ଲାଇଟ୍ ହାନୋଇ ଆନ୍ତର୍ଜାତିକ ବିମାନରେ ଲ୍ୟାଣ୍ଡିଂ କରିବା ବେଳକୁ ସନ୍ଧ୍ୟା ଆଗତ । ଭୋକରେ ଦୁଇଜଣଙ୍କ ପେଟ ଜଳୁଥାଏ । ଏୟାରପୋର୍ଟରୁ ବାହାରି ସଟଲ୍ ବସ୍ ଖୋଜିବାରେ ଲାଗି ପଡ଼ିଲୁ । ଯାତ୍ରା ଆରମ୍ଭ ପୂର୍ବରୁ ତଥ୍ୟସଂଗ୍ରହ କରିଥିଲି, ଏୟାରପୋର୍ଟ ଠାରୁ ଆମର ହଷ୍ଟେଲ୍ ନିକଟକୁ, ହାନୋଇର ଓଲ୍ଡ୍ କ୍ୱାର୍ଟରକୁ ୮୫ ନମ୍ବର ବସ୍ ଚଳାଚଳ କରେ । ଅଳ୍ପସମୟ ଭିତରେ ବସ୍ ପାଇଗଲୁ । ଶୀତତାପ ନିୟନ୍ତ୍ରିତ ପ୍ରିମିୟମ୍ ବସ୍ । କଣ୍ଡକ୍ଟରଙ୍କର ବ୍ୟବହାର ଭଦ୍ର ଓ ମାର୍ଜିତ । ସେ ଇଂଲିଶ୍ ବୁଝି ପାରୁନଥିବାରୁ, ମୋବାଇଲ୍ ଫୋନ୍‌ରେ ଗୁଗୁଲ୍ ଟ୍ରାନ୍‌ସ୍‌ଲେଟ୍ ଆପ୍ ଆମକୁ ସାହାଯ୍ୟ କଲା । ବସ୍ ଭିତରେ ମାଗଣା ୱାଇ-ଫାଇ ବ୍ୟବସ୍ଥା ଥିଲା । ସୁତରାଂ ଫୋନ୍‌ରେ ଇଣ୍ଟରନେଟ୍ କାମ କଲା । ବସ୍ ଟିକେଟ୍‌ର ଦାମ୍ ଥିଲା ୪୬,୨୦୦ ଡଙ୍ଗ୍ (ଭିଏତ୍‌ନାମର ମୁଦ୍ରା), ଯାହା ଭାରତୀୟ ମୁଦ୍ରାରେ ବିନିମୟ ମୂଲ୍ୟ ହେଉଛି ୧୪୦ଟଙ୍କା । ଭୁବନେଶ୍ୱରରୁ ମୁଁ ପ୍ରାୟ ୧୨,୫୦୦ ଟଙ୍କାକୁ ଭିଏତ୍‌ନାମ ଡଙ୍ଗ୍‌ରେ ବିନିମୟ କରିଥିବାରୁ ଭିଏତ୍‌ନାମ ମାଟିରେ ପାଦ ରଖିବା ପରେ ସାଙ୍ଗେ ସାଙ୍ଗେ କାମରେ ଆସିଲ । ମୋ ପାଖରେ ୧୨,୫୦୦ଟଙ୍କାର ବିନିମୟରେ ୩୯ଲକ୍ଷ ଭିଏତ୍‌ନାମ୍ ଡଙ୍ଗ୍ ଥିଲା । ଭାରତୀୟ ମୁଦ୍ରା ଏକ ଟଙ୍କା ବିନିମୟରେ ୩୩୦ ଭିଏତ୍‌ନାମ ଡଙ୍ଗ୍ ସେତେବେଳେ ମିଳୁଥିଲ । ଏହାକୁ ବାଦ୍ ଦେଇ ମୁଁ ଓ ଭକ୍ତବାବୁ ବ୍ୟକ୍ତିଗତ ଭାବରେ ୩୫୦ ଆମେରିକୀୟ ଡଲାର୍ (ଭାରତୀୟ ମୁଦ୍ରାରେ ପ୍ରାୟ ୨୩,୦୦୦ଟଙ୍କା ଲେଖାଏଁ) ଆଣିଥିଲୁ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ।

ବସ୍ ଭିତରୁ ହାନୋଇ ସହରର ସୌନ୍ଦର୍ଯ୍ୟକୁ ଉପଭୋଗ କରୁଥିଲୁ । ଖୁବ୍ ସୁନ୍ଦର ଓ ବିକଶିତ ସହର ହେଉଛି ହାନୋଇ । ପ୍ରାୟ ଦେଢ଼ଘଣ୍ଟା ପରେ ଓହ୍ଲାଇଲୁ ଆମର ଗନ୍ତବ୍ୟସ୍ଥଳ ହାନୋଇ ଓଲ୍ଡ୍‌ଷ୍ଟାର୍ଟର୍ (ପୁରୁଣା ହାନୋଇ) ଠାରେ । ବସ୍‌ଷ୍ଟପ୍‌ରୁ ଜିନିଷପତ୍ର ଧରି ସିଧା ପାଖରେ ଥିବା ଦୋକାନରୁ ଭିଏତ୍‌ନାମର ସିମ୍‌କାର୍ଡ଼ ମୋବାଇଲ୍ ଫୋନ୍‌ରେ ସଂଯୋଗ କଲୁ । ଏହାପରେ ଗୁଗୁଲ୍ ମ୍ୟାପ୍‌ର ନିର୍ଦ୍ଦେଶ ଅନୁଯାୟୀ ପ୍ରାୟ ୨୦୦ ମିଟର ଚାଲିବା ପରେ ପହଂଚିଗଲୁ ଆମେ ବୁକ୍ କରିଥିବା ପ୍ରାଗ୍ ହଷ୍ଟେଲ୍ ଠାରେ । ଏହା ଗୋଟିଏ ଗଳି ଭିତରେ ଅବସ୍ଥିତ । ଏହି ଗଳିରେ ରହିଛି ଅନେକଗୁଡ଼ିଏ ବ୍ୟାକ୍ ପ୍ୟାକର୍ସ ହଷ୍ଟେଲ୍ । ପ୍ରତି ହଷ୍ଟେଲ୍‌ର ତଳ ମହଲାରେ ରିସେପ୍‌ସନ୍ ଡେସ୍କ ସହିତ ଛୋଟ ପବ୍‌ର ବ୍ୟବସ୍ଥା ଅଛି । ସବୁବେଳେ ବିଭିନ୍ନ ଦେଶର ପର୍ଯ୍ୟଟକମାନଙ୍କର ଗହଳିଚହଳି ଲାଗି ରହିଥାଏ । ଆମ ହଷ୍ଟେଲ୍‌ର ରୁମ୍‌ରେ ଚେକ୍-ଇନ୍ କଲୁ । ଡବଲ୍ ବେଡ଼୍‌ରୁମ୍ । ବେଶ୍ ସଫାସୁତୁରା ଓ ଶୀତତାପ ନିୟନ୍ତ୍ରିତ । ଗରମ୍ ପାଣି, ପ୍ରସାଧନ ସାମଗ୍ରୀ, ଫ୍ରିଜ୍, ଚାହା ପ୍ରସ୍ତୁତି ଯନ୍ତ୍ର ପ୍ରଭୃତି ସବୁ ପ୍ରକାର ସୁବିଧା ଅଛି । ଦିନକୁ ଭଡ଼ା ଭାରତୀୟ ମୁଦ୍ରାରେ ଦୁଇଜଣଙ୍କ ପାଇଁ ମାତ୍ର ୧୪୦୦ଟଙ୍କା । ପୁଣି ସକାଳ ଜଳଖିଆ ମଧ୍ୟ ମାଗଣା । ଅବଶ୍ୟ ଏତେ ଶସ୍ତାରେ ଏପରି ରୁମ୍ ପାଇବା ପାଇଁ ବହୁତ ଗବେଷଣା କରିବାକୁ ପଡ଼ିଲା । ରୁମ୍‌ରେ ଗାଧୁଆ-ପାଧୁଆ ସାରି ଦୁଇବନ୍ଧୁ ବାହାରିଲୁ ହାନୋଇର ଅନ୍ୟତମ ପ୍ରମୁଖ ଆକର୍ଷଣ ହୋଆନ୍ କିମ୍ ହ୍ରଦ ଦେଖିବା ପାଇଁ । ଆମ ହଷ୍ଟେଲ୍ ଠାରୁ ମାତ୍ର ଅଳ୍ପ ଦୂରରେ ଏହା ଅବସ୍ଥିତ । ସବୁ ହଷ୍ଟେଲ୍‌ର ପାର୍କରେ ଚାଲିଥାଏ ଧୁମ୍ ମ୍ୟୁଜିକ୍ ସହିତ ପାର୍ଟି । ଦଳଦଳ ହୋଇ ବିଭିନ୍ନ ଦେଶର ମହିଳା ଓ ପୁରୁଷ ପର୍ଯ୍ୟଟକ ଉପଭୋଗ କରୁଥାନ୍ତି । କିଛିଦୂର ଯିବା ପରେ ଦେଖିବାର ସୁଯୋଗ ପାଇଲୁ ପ୍ରସିଦ୍ଧ ହୋଆନ୍ କିମ୍ ହ୍ରଦ । ରାତିରେ ସୁନ୍ଦର ଆଲୋକ ସଜ୍ଜା କରା ଯାଇଥାଏ । ହ୍ରଦ ମଝିରେ ଗୋଟିଏ ପାଗୋଡ଼ା ଅଛି । ପାଗୋଡ଼ାକୁ ଯିବା ପାଇଁ ହ୍ରଦକୂଳରୁ ଗୋଟିଏ ଛୋଟ ସେତୁ । ଏସବୁ ରଂଗୀନ ଆଲୋକରେ ଖୁବ୍ ସୁନ୍ଦର ଦେଖା ଯାଉଥାଏ । ବୁଲାବୁଲି ସରିବା ବେଳକୁ ରାତି ସାଢ଼େ ନଅଟା । ପ୍ରବଳ ଭୋକ କରୁଥାଏ । ଗୁଗୁଲ୍ ମ୍ୟାପ୍‌ରେ ଭାରତୀୟ ରେଷ୍ଟୁରାଣ୍ଟ ଖୋଜିବା ବେଳକୁ ସବୁ ବନ୍ଦ୍ । ଭକ୍ତବାବୁଙ୍କର ଖାଇବାକୁ ଇଚ୍ଛା ନଥିଲା, କିନ୍ତୁ ମୁଁ ଆଉ ସମ୍ଭାଳି ପାରିଲି ନାହିଁ । ବାଧ୍ୟ ହୋଇ ଗୋଟିଏ ଭିଏତ୍‌ନାମି ରେଷ୍ଟୁରାଣ୍ଟରେ ବସିଲୁ । ସବୁ ସ୍ଥାନରେ ଗୋ'ମାଂସ, ଘୁଷୁରି ମାଂସ, ଗେଣ୍ଡା





ଏବଂ ଅନ୍ୟାନ୍ୟ ସାମୁଦ୍ରିକ ଜୀବର ମାଂସରୁ ଖାଦ୍ୟ ପ୍ରସ୍ତୁତ ହୁଏ । ଇଚ୍ଛା ନଥିଲେ ବି ସଂପୂର୍ଣ୍ଣ ଶାକାହାରୀ 'ଫୋ' (ଭିଏତ୍‌ନାମର ପ୍ରସିଦ୍ଧ ସୁପ୍) ମଗାଇଲି । ବିଶ୍ୱାସ କରନ୍ତୁ ମାତ୍ର ଦୁଇ ଚାମଚ ପାଟିକୁ ନେଇଛି କି ନାହିଁ, ପ୍ରବଳ ବାନ୍ତି ଆସିଲା । ବେସିନ୍ ପାଖକୁ ଯାଇ ଭକ୍ ଭକ୍ କରି ବାନ୍ତି କରି ପକାଇଲି । ସେଦିନ ରାତିରେ ଗଳିରୁ କଦଳୀ ଓ ପାଉଁରୁଟି କିଣିନେଲୁ ଏବଂ ରାତିରେ ତାକୁ ଖାଇ ଶୋଇ ପଡ଼ିଲୁ । ପରଦିନ ବଡ଼ି ସକାଳୁ ଉଠି ପ୍ରସ୍ତୁତ ହେବାକୁ ପଡ଼ିଲା । କାରଣ ସେଦିନ ଥିଲା ବିଶ୍ୱପ୍ରସିଦ୍ଧ ୟୁନେସ୍କୋ ଐତିହ୍ୟ ପର୍ଯ୍ୟଟନ ସ୍ଥଳ, ହାଲଙ୍ଗ୍ ବେ ବୁଲିଯିବା ପାଇଁ । ଏହା ହେଉଛି ସମୁଦ୍ର ମଧ୍ୟରେ ଥିବା ପ୍ରାୟ ଏକ ହଜାରରୁ ଅଧିକ ପାହାଡ଼-ପର୍ବତରେ ପରିପୂର୍ଣ୍ଣ ଦ୍ୱୀପ । ହାଲଙ୍ଗ୍ ଉପସାଗରରେ ଏହା ଅବସ୍ଥିତ । ପ୍ରତିଦିନ ଏଠାକୁ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟେ । ଏହି ଦିନିକିଆ ଟ୍ରିପ୍‌କୁ ମୁଁ ଅନ୍‌ଲାଇନ୍‌ରେ ବୁକ୍ କରିଥିଲି, ଯାହାର ମୂଲ୍ୟ ଆଦୌ ଅଧିକ ନଥିଲା । ହଷ୍ଟେଲ୍ ନିକଟରେ ଆମକୁ ନେବା ପାଇଁ ଆସି ପହଂଚିଲା ସୌଖୀନ ମର୍ସିଡ଼ିଜ୍ ବସ୍ । ବସ୍‌ରେ ଥିଲେ ବିଭିନ୍ନ ପାଶ୍ଚାତ୍ୟ ଦେଶରୁ ଆସିଥିବା ଶ୍ୱେତାଙ୍ଗ ପର୍ଯ୍ୟଟକ ଏବଂ ଭାରତୀୟ ଦମ୍ପତି । ବସ୍‌ରେ ଥାଆନ୍ତି ଯୁବ ଗାଇଡ୍ ଭାନ୍ ହୁଇଙ୍ଗ୍ । ଖୁବ୍ ସୁନ୍ଦର ଭାବରେ ସେ ଭିଏତ୍‌ନାମ୍‌ର ସଂସ୍କୃତି ଓ ଇତିହାସ ବିଷୟରେ ବୁଝାଉଥାନ୍ତି । ଭିଏତ୍‌ନାମର ପ୍ରାଚୀନ ନାମ ଚଂପା । ଏହାର ମୂଳ ଅଧିବାସୀମାଙ୍କୁ କୁହା ଯାଉଥିଲା 'ଚାଂପିବୋ' । ଭିଏତନାମ୍‌ର ଆଦ୍ୟ ଶାସକ ଥିଲେ ଚାମ୍‌ସ୍ ରାଜବଂଶର ରାଜାମାନେ । ସେମାନେ ଥିଲେ ମୁଖ୍ୟତଃ ହିନ୍ଦୁ ଏବଂ ଶୈବ । ଆମ ଐତିହାସିକମାନଙ୍କର ଗବେଷଣା ଅନୁଯାୟୀ ଚାମ୍‌ସ୍ ସାମ୍ରାଜ୍ୟର ପ୍ରତିଷ୍ଠାତା ଥିଲେ କଳିଙ୍ଗ ବଂଶୋଦ୍ଭବ ଶ୍ରୀମାରା । ଆମ ଗାଇଡ୍ ଭାନ୍‌ଙ୍କୁ ଏହି ତଥ୍ୟ ପ୍ରଦାନ କରିବା ବେଳେ କେବଳ ସିଏ ନୁହନ୍ତି, ବସ୍‌ର ସମସ୍ତ ସାଥୀ ପର୍ଯ୍ୟଟକ ଚମତ୍କୃତ ହୋଇଥିଲେ ।

ଭାନ୍ ପୁଣି କହି ଚାଲିଲେ । ଭିଏତ୍‌ନାମ୍‌ରେ କୁକୁର ମାଂସ ଭୋଜନ କରିବାର ପରଂପରା ବହୁ ପ୍ରାଚୀନ କାଳରୁ । କୁକୁର ମାଂସ ଶକ୍ତିବର୍ଦ୍ଧକ ବୋଲି ଭିଏତ୍‌ନାମୀ ସଂସ୍କୃତିରେ ବିଶ୍ୱାସ ରହିଛି । ସେଥିପାଇଁ ଭିଏତ୍‌ନାମ୍‌ରେ ପୋଷିବା ପାଇଁ ସ୍ୱତନ୍ତ୍ର କୁକୁର ଏବଂ ମାଂସ ପାଇଁ ଭିନ୍ନ ପ୍ରଜାତିର କୁକୁର ପାଳନ କରାଯାଏ । ପ୍ରାୟ ତିନି ଘଣ୍ଟା ବିତିଗଲା ପରେ ଆମେ ପହଂଚିଲୁ 'କାଟ୍ ବା' ପୋତାଶ୍ରୟରେ । ଆମ ଗାଇଡ୍ ଭାନ୍ ଜଣ ଜଣ କରି ସମସ୍ତଙ୍କୁ ନେଇ ବସାଇଲେ ଏକ ଜଙ୍କ୍ ବୋଟ୍‌ରେ । ବୋଟ୍ ଯାତ୍ରା ଆରମ୍ଭ କରୁ କରୁ ତଳ ମହଲାର ଡାଇନିଂ ହଲ୍‌ରେ ପରଷାଗଲା ସୁସ୍ୱାଦୁ ଭିଏତ୍‌ନାମି ମଧ୍ୟାହ୍ନ ଭୋଜନ । ଯେହେତୁ ଆମେ ଦୁଇଜଣ ଗୋମାଂସ ଏବଂ ଘୁଷୁରି ମାଂସ ପାଇଁ ପୂର୍ବରୁ ବାରଣ କରିଥିଲୁ, ଏଣୁ ଆମ ପାଇଁ ସ୍ୱତନ୍ତ୍ର ଭାବେ ମାଛ, କଙ୍କଡ଼ା ଓ ଚିଙ୍ଗୁଡ଼ିରେ ପ୍ରସ୍ତୁତ ଖାଦ୍ୟ ପରଷାଗଲା । ଖାଦ୍ୟ ଥିଲା ରୁଚିକର । ମଧ୍ୟାହ୍ନ ଭୋଜନ ଶେଷବେଳକୁ ଆମ ବୋଟ୍ ପହଂଚି ଯାଇଥିଲା ହାଲୋଙ୍ଗ୍ ଉପସାଗର ମଝିରେ । ଚାରିଆଡ଼େ ଉଚ୍ଚା ଉଚ୍ଚା ପାହାଡ଼ । ସେ ଦୃଶ୍ୟ ଥିଲା ମନ ମୁଗ୍ଧକର । ପାହାଡ଼ଗୁଡ଼ିକ ମଝିରେ ଚାଲିଥାଏ ଆମ ବୋଟ୍ । ପାହାଡ଼ ତଳ ଏକ ଗୁମ୍ଫା ଆକାରର ସ୍ଥାନରେ ସମୁଦ୍ରପାଣିରେ ଛୋଟ ହୁଲି ଡଙ୍ଗା ସାହାଯ୍ୟରେ ବୁଲିବାର ସୁଯୋଗ ମିଳିଲା । ବିଭିନ୍ନ ଦେଶରୁ ଆସିଥିବା ପର୍ଯ୍ୟଟକମାନେ ନିଜେ ଆହୁଲା ମାରି ଛୋଟ ଡଙ୍ଗା ବାହୁଥାନ୍ତି । କିଛି ସମୟର ଜଳକ୍ରୀଡ଼ା ପରେ ପୁଣିଥରେ ବୋଟ୍‌ରେ ଯାତ୍ରା ଆରମ୍ଭ କଲୁ ହାଲୋଙ୍ଗ୍ ଉପସାଗର । ହାଲୋଙ୍ଗ୍ ଉପସାଗର ହେଉଛି ଭିଏତ୍‌ନାମର ବାକ୍‌ବୋ ଉପସାଗରର ଏକ ଅଂଶ । ଏହାର କ୍ଷେତ୍ରଫଳ ହେଉଛି ୧୫୫୩ ବର୍ଗ କିଲୋମିଟର । ଏହା ମଝିରେ ଥିବା ପାହାଡ଼ ରୂପୀ ବିଭିନ୍ନ ଦ୍ୱୀପରେ ରହିଛି ପାଞ୍ଚଟି ଆକର୍ଷଣୀୟ ଗୁମ୍ଫା । ଏହି ଗୁମ୍ଫା ପରିଭ୍ରମଣ ମଧ୍ୟ ଏହି ବୋଟ୍ ଟୁର୍ ପ୍ୟାକେଜ୍ ଅନ୍ତର୍ଭୁକ୍ତ । ଭିଏତ୍‌ନାମର ସରକାର ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ଗୁମ୍ଫାଗୁଡ଼ିକ ଭିତରେ ସୁନ୍ଦର ଆଲୋକସଜ୍ଜାର ବ୍ୟବସ୍ଥା ସହିତ ଉପଯୁକ୍ତ ରାସ୍ତା ମଧ୍ୟ ନିର୍ମାଣ କରିଛନ୍ତି । ଆମ ବୋଟ୍ ଲାଗିଲା ପାହାଡ଼ରୂପୀ 'ବୋ ହାନ୍' ଦ୍ୱୀପରେ । ଏଠାରେ ଅଛି ସଙ୍ଗ୍ ସଟ୍ ଗୁମ୍ଫା । ଏଠାରେ ଉଲ୍ଲେଖଯୋଗ୍ୟ ୧୯୯୪ ମସିହା ଠାରୁ ହାଲୋଙ୍ଗ୍ ଉପସାଗରକୁ ୟୁନେସ୍କୋ ବିଶ୍ୱଐତିହ୍ୟ ସ୍ଥଳ ତାଲିକାରେ ସାମିଲ୍ କରାଯାଇଛି । ଗୁମ୍ଫାଗୁଡ଼ିକ ଲକ୍ଷ ଲକ୍ଷ ବର୍ଷ ତଳର । ଅତି ଉଚ୍ଚତା ବିଶିଷ୍ଟ ଏହି ପ୍ରାକୃତିକ ଦୃଶ୍ୟକୁ ଦେଖି ଆମେ ଅଭିଭୂତ ହୋଇ ପଡ଼ିଲୁ । ଏହି ଗୁମ୍ଫାକୁ ଫ୍ରେଞ୍ଚ୍ ଭାଷାରେ ନାମକରଣ କରାଯାଇଛି : 'ଗ୍ରୋଟେ ଡେସ୍ ସରପ୍ରାଇଜେସ୍' ବା 'ବିସ୍ମୟକରଗୁମ୍ଫା' । ବେଳ ଗଡ଼ି ଯାଉଥିଲା । ଆମେ ଦୁଇଟି ଭିନ୍ନ ଭିନ୍ନ ଗୁମ୍ଫା ବୁଲି ବୋଟ୍‌ରେ ଫେରିଲୁ କୂଳକୁ । ପୁଣି ବସ୍‌ରେ ତିନି ଘଣ୍ଟାର ଯାତ୍ରା ପରେ ହାନୋଇରେ ପହଂଚି ଆମ ହଷ୍ଟେଲ୍ ନିକଟ ଏକ ସାଉଥ୍ ଇଣ୍ଡିଆନ୍ ଭୋଜନାଳୟରେ ରାତ୍ରୀ ଭୋଜନ ସାରି ବିଶ୍ରାମ ନେଲୁ ।



ଯାଉଥାନ୍ତି । ସମାଧି ମଣ୍ଡପ ଭିତରକୁ ପ୍ରବେଶ କରିବା ମାତ୍ରକେ ଅନୁଭବ କଲୁ ଏକ ବିଚିତ୍ର ନୀରବତା । ସାମ୍ନାରେ ଶୟନମୁଦ୍ରାରେ କାଚବାକ୍ସ ଭିତରେ ସ୍ୱର୍ଗତଃ ହୋଚିମିନ୍‌ଙ୍କର ପାର୍ଥିବ ଶରୀର । ନିଜ ଆଖିକୁ ବିଶ୍ୱାସ କରିପାରିଲୁ ନାହିଁ । ମନେହେଉଥାଏ ସତେ ଯେମିତି ଏଇ କିଛି ସମୟ ପୂର୍ବରୁ ହୋଚିମିନ୍ ନିଦ୍ରା ଯାଇଛନ୍ତି । ମୁଖମଣ୍ଡଳରେ ଫୁଟି ଉଠୁଥାଏ ଏକ ଅପୂର୍ବ ପ୍ରଶାନ୍ତି । ଫଟୋ ଉଠାଇବାକୁ ବାରଣ ଥିବାରୁ, ଆମେ କ୍ୟାମେରା ନେଇ ପାରିନଥିଲୁ । ଆମ ସହିତ ଥିବା କିଛି ଭିଏତ୍‌ନାମି ପର୍ଯ୍ୟଟକ ନୀରବରେ ଅଶ୍ରୁପାତ କରିବା ସହିତ ସ୍ୱର୍ଗତଃ ନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଉଥାନ୍ତି । ସେ ସମୟର ଅନୁଭୂତି ଥିଲା ଅନନ୍ୟ ଓ ଅବର୍ଣ୍ଣନୀୟ । ମାତ୍ର ୫ମିନିଟ୍ ସେଠାରେ ରହିବା ପରେ ଆମେ ସେଠାରୁ ବାହାରି ଆସିଲୁ । ନିକଟସ୍ଥ ବସ୍‌ଷ୍ଟପ୍‌ରୁ ପରବର୍ତ୍ତୀ 'ହଫ୍ ଅନ୍ ହଫ୍ ଅଫ୍ ବସ୍' ଧରି ଆମେ ଚାଲିଲୁ ହାନୋଇର ଆଉ ଏକ ଐତିହାସିକ ସ୍ଥଳ, ଟେମ୍ପୁଲ୍ ଅଫ୍ ଲିଟରେଚର୍ । ଏହା ପୁରୁଣା ଦଶମ ହାନୋଇର କେନ୍ଦ୍ରସ୍ଥଳରେ ଅବସ୍ଥିତ । ଟେମ୍ପୁଲ୍ ଅଫ୍ ଲିଟେରେଚର୍ ଦଶମ ଶତାବ୍ଦୀରେ ନିର୍ମିତ ପ୍ରାଚୀନ ବିଶ୍ୱବିଦ୍ୟାଳୟ । ଚାମ୍‌ସ୍ ସାମ୍ରାଜ୍ୟର ଅନ୍ୟତମ ସମ୍ରାଟ୍ ଲିଆନ୍ ଥର୍ଙ୍ଗଙ୍କ ସମୟରୁ ଏଠାରେ ଅଧ୍ୟୟନ ଓ ଗବେଷଣା ଆରମ୍ଭ ହୋଇଥିଲା । ପ୍ରାୟ ଆଠ ଶତାବ୍ଦୀ ଧରି ଏହି ପ୍ରାଚୀନ ଶିକ୍ଷାକ୍ଷେତ୍ରର ସ୍ଥାପତ୍ୟକଳା ସଂରକ୍ଷିତ ହୋଇ ରହିଛି । ଏବେ ଏଠାକୁ ବୁଲିଯିବା ପାଇଁ ଭାରତୀୟ ମୁଦ୍ରାରେ ପ୍ରାୟ ୧୦୦ ଟଙ୍କା ପ୍ରବେଶିକା ଦେୟ ଦେବାକୁ ପଡ଼େ । ଆଜି ବି ଦେଶବିଦେଶର ବହୁ ଗବେଷକ ଓ ସଂସ୍କୃତି ପ୍ରେମୀ ଟେମ୍ପୁଲ୍ ଅଫ୍ ଲିଟରେଚର୍‌କୁ ପରିଦର୍ଶନ କରିବା ପାଇଁ ଆସନ୍ତି । ସେଦିନ ମଧ୍ୟ ବିଦେଶୀ ପର୍ଯ୍ୟଟକମାନଙ୍କର ଭିଡ଼ ଜମିଥିଲା । କେତୋଟି ବିଶାଳ ଓ ଆକର୍ଷଣୀୟ ପ୍ରାଙ୍ଗଣ ଅତିକ୍ରମ କରିବା ପରେ ବିଭିନ୍ନ କକ୍ଷରେ ଶିକ୍ଷାକେନ୍ଦ୍ରର ଆଚାର୍ଯ୍ୟମାନଙ୍କର ପ୍ରତିମୂର୍ତ୍ତି ସୁସଜ୍ଜିତ ଭାବରେ ରଖା ଯାଇଛି ।

ଏହି ଅନୁଷ୍ଠାନରେ ଛାତ୍ରମାନଙ୍କୁ ବିଭିନ୍ନ ଶାସ୍ତ୍ର ଅଧ୍ୟୟନ ସହିତ ସଂସ୍କୃତି, ସୁସ୍ଥ ଜୀବନ ଶୈଳୀ ଓ

ନଭେମ୍ବର ୨୯ ତାରିଖ । ବଡ଼ି ଭୋରରୁ ଉଠି ପଡ଼ିଲୁ ଦୁଇବନ୍ଧୁ । ନିତ୍ୟକର୍ମ ସାରି ହଷ୍ଟେଲ୍‌ର ବିନାମୂଲ୍ୟର ପ୍ରାତଃ ରାସ ଶେଷ କରି ବାହାରି ପଡ଼ିଲୁ ଭିଏତ୍‌ନାମର ରାଜଧାନୀ ହାନୋଇର ଐତିହାସିକ କୀର୍ତ୍ତିରାଜିକୁ ବୁଲି ଦେଖିବା ପାଇଁ । ଭିଏତ୍‌ନାମ୍‌ରେ ଏକ ଭିନ୍ନ ଧରଣର ତିନିଚକିଆ ସାଇକେଲ୍ ରିକ୍ସାର ପ୍ରଚଳନ ଅଛି । ଏହାକୁ ଇଂଲିଶ୍‌ରେ କୁହାଯାଏ 'ସାଇକ୍ଲୋ' । ଏଥିରେ ଗ୍ରାହକ ରିକ୍ସାର ଆଗପଟ ସିଟ୍‌ରେ ବସିବେ । କିନ୍ତୁ ଚାଳକର ସିଟ୍ ପଛ ପଟେ । ଆମ ହଷ୍ଟେଲ୍‌ରୁ ହାନୋଇ ଓଲ୍ଡ୍ କ୍ୱାର୍ଟର୍‌ର ପ୍ରାଚୀନ ହ୍ରଦ 'ହୋଆନ୍ କିମ୍' ପର୍ଯ୍ୟନ୍ତ ସାଇକ୍ଲୋରେ ବସି ଚାଲିଲୁ । ଭଡ଼ା ପଡ଼ିଲା ଭାରତୀୟ ମୁଦ୍ରାରେ ପ୍ରାୟ ଶହେ ଟଙ୍କା । ଆମର ମନେହେଲା ବିଦେଶୀ ପର୍ଯ୍ୟଟକ ହେତୁ ଆମ ଠାରୁ ଅତ୍ୟଧିକ ଭଡ଼ା ନିଆ ଯାଇଛି । ତଥାପି 'ସାଇକ୍ଲୋ' ଆରୋହଣ ଅନୁଭୂତି ଥିଲା ଅନନ୍ୟ । 'ହୋଆନ୍ କିମ୍' ହ୍ରଦ ପାଖରେ ପହଂଚିଲୁ । 'ହୋଆନ୍ କିମ୍'ର ଅର୍ଥ ଫେରନ୍ତା ତଲ୍‌ୱାରର ହ୍ରଦ । ଏହି ହ୍ରଦ ମଝିରେ ଏକ ଛୋଟିଆ ଟାପୁରେ ରହିଛି ଅଷ୍ଟାଦଶ ଶତାବ୍ଦୀରେ ନିର୍ମିତ ଗୋଟିଏ ଛୋଟିଆ ସୂର୍ଯ୍ୟ ମନ୍ଦିର ।

'ହୋଆନ୍ କିମ୍' ହ୍ରଦ ପାଖରେ କିଛି ସମୟ ଅତିବାହିତ କରିବା ପରେ ଭିଏତ୍‌ନାମ୍ ପର୍ଯ୍ୟଟନ ବିଭାଗ ପରିଚାଳିତ ଏକ ହଫ୍ ଅନ୍ ହଫ୍ ଅଫ୍ ବସ୍‌ର ଟିକେଟ୍ କିଣି ବସିଲୁ । ଯାହାର ମୂଲ୍ୟ ଭାରତୀୟ ମୁଦ୍ରାରେ ପ୍ରାୟ ୯୦୦ ଟଙ୍କା । ବସ୍‌ରେ ଥା'ନ୍ତି ଦୁଇଜଣ ମହିଳା ଗାଇଡ୍ । ଏବଂ ବସ୍‌ର ଛାତରେ ଥାଏ ଆରାମଦାୟକ ସିଟ୍ । ପ୍ରାୟ ୧୫ମିନିଟ୍ ହାନୋଇ ନଗରୀର ବିଭିନ୍ନ ମୁଖ୍ୟ ରାସ୍ତା ଦେଇ ଯିବା ପରେ ଆମ ବସ୍ ରହିଲା ହୋଚିମିନ୍ ମାସେଲମ୍ ନିକଟରେ । ହୋଚିମିନ୍ ଥିଲେ ଜଣେ ବିଶ୍ୱସ୍ତରୀୟ ପ୍ରମୁଖ କମ୍ୟୁନିଷ୍ଟ୍ ରାଜନେତା ଏବଂ ଉତ୍ତର ଭିଏତ୍‌ନାମ୍‌ର ପ୍ରଧାନମନ୍ତ୍ରୀ । ଆଜି ଯେଉଁ ଭିଏତ୍‌ନାମ୍‌କୁ ଆମେ ବୁଲିବାକୁ ଆସିଛୁ ତା'ର ରାଷ୍ଟ୍ରନାୟକ । ୧୯୬୯ ମସିହାରେ ତାଙ୍କର ପରଲୋକ ଘଟିବା ପରେ ଭିଏତ୍‌ନାମ୍‌ର ରାଜଧାନୀ ହାନୋଇର ବା-ଦିନ୍ ଛକରେ ନିର୍ମିତ ହେଲା ତାଙ୍କ ପାଇଁ ଏକ 'ମାସେଲମ୍' ବା ସମାଧି ଗୃହ । ସୋଭିଏତ ରୁଷିଆର ଜନନାୟକ ଲେନିନ୍‌ଙ୍କ ପରି ଭିଏତ୍‌ନାମ୍‌ରେ ମଧ୍ୟ ସୁଲଭ ଓ ଆକର୍ଷଣୀୟ ସମାଧିଗୃହ ନିର୍ମାଣ କରାଗଲା । ଏବଂ ଲେନିନ୍‌ଙ୍କ ପରି ହୋଚିମିନ୍‌ଙ୍କ ମରଶରୀରକୁ ମଧ୍ୟ ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷିତ କରି ରଖାଗଲା । ସେଦିନ ମାସେଲମ୍ ଭିତରକୁ ବୁଲିଯିବା ପାଇଁ ଲାଗିଥିଲା ପ୍ରାୟ ଦୁଇହଜାର ସରିକି ବିଦେଶୀ ପର୍ଯ୍ୟଟକଙ୍କର ଲମ୍ବା ଧାଡ଼ି । କଡ଼ା ସୁରକ୍ଷା ଭିତରେ ଅତି ଶୃଙ୍ଖଳିତ ଭାବେ ପରିଦର୍ଶକମାନେ ଭିତରକୁ



ମାନବିକତା ସଂପର୍କିତ ଶିକ୍ଷା ମଧ୍ୟ ପ୍ରଦାନ କରାଯାଉଥିଲା । ଛାତ୍ରମାନଙ୍କୁ ଶିକ୍ଷା ଶେଷରେ ସମ୍ରାଟଙ୍କ ଦ୍ୱାରା ପରିଚାଳିତ କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାକୁ ପଡୁଥିଲା । ଏବେ ବି ଏହି ଅନୁଷ୍ଠାନ ପରିସରରେ ରହିଛି ଅନେକ ଶିଳାଲେଖ । ସେଥିରେ ରହିଛି ଶିକ୍ଷାର୍ଥୀମାନଙ୍କର ବିବରଣୀ, ପାଠ୍ୟକ୍ରମ ସଂପର୍କିତ ସୂଚନା । ଅନୁଷ୍ଠାନର ଇତିହାସ ଓ ଆଚାର୍ଯ୍ୟମାନଙ୍କ ସଂପର୍କିତ ତଥ୍ୟ ମଧ୍ୟ ସ୍ଥାନ ପାଇଛି । ଟେମ୍ପୁଲ୍ ଅଫ୍ ଲିଟରେଚର୍‌ର ପରିବେଶ ଓ ସ୍ଥାପତ୍ୟ କଳା ଦେଖି ଆମେ ଅଭିଭୂତ ହେଲୁ । ସମୟ ଗଡ଼ି ଯାଉଥିଲା । ଆମେ ପରବର୍ତ୍ତୀ ବସ୍ ଧରି ଚାଲିଲୁ ହାନୋଇର ପ୍ରସିଦ୍ଧ ଲୋଟେ ସେଣ୍ଟର୍‌କୁ । ଏହା ହେଉଛି ହାନୋଇର କେନ୍ଦ୍ରସ୍ଥଳରେ ଅବସ୍ଥିତ ୬୫ ମହଲା ବିଶିଷ୍ଟ ୨୬୭ ମିଟର ଉଚ୍ଚ ଏକ ଅଟ୍ଟାଳିକା । ଏଥିରେ ଅଛି ସପିଙ୍ଗ୍ ମଲ୍, ପଞ୍ଚତାରକା  ହୋଟେଲ୍ ଓ ଅଫିସ୍ ଇତ୍ୟାଦି । ତେବେ ପର୍ଯ୍ୟଟକମାନଙ୍କ ପାଇଁ ଏଠାରେ ମୁଖ୍ୟ ଅକର୍ଷଣ ହେଉଛି ଏହାର ୬୫ତମ ମହଲାରେ ଥିବା ସ୍କାଏ ଡେକ୍ । ଏହି ସ୍ଥାନରୁ ହାନୋଇ ସହରର ଦୃଶ୍ୟକୁ ଚାରିଦିଗରୁ ଦେଖିବାର ସୁଯୋଗ ମିଳେ । ଟିକେଟ୍ ମୂଲ୍ୟ ଭାରତୀୟ ମୁଦ୍ରାରେ ଜଣପିଛା ପ୍ରାୟ ୬୦୦ ଟଙ୍କା । ଟିକେଟ୍ କିଣି ଦୁଇବନ୍ଧୁ ଲିଫ୍ଟକୁ ଚାଲିଲୁ । ବିଶ୍ୱାସ କରିବେ ନାହିଁ ମାତ୍ର ଗୋଟିଏ ମିନିଟ୍ ଭିତରେ ଲିଫ୍ଟ ଆମକୁ ପହଂଚାଇ ଦେଲା ୨୬୭ ମିଟର ଉଚ୍ଚ ସ୍କାଏ ଡେକ୍‌ରେ । ସେହି ମହଲାରେ ଚାରିଆଡ଼େ କାଚର କାନ୍ଥ ମଧ୍ୟ ଦେଇ ଖୁବ୍ ସୁନ୍ଦର ଦିଶୁଥାଏ ହାନୋଇ ସହର । ସେଠାରେ ଏକ କ୍ୟାଫେ ଓ ବାର୍ ମଧ୍ୟ ଅଛି ଦର୍ଶକମାନଙ୍କ ପାଇଁ । ତେବେ ଏହାର ସବୁଠାରୁ ବଡ଼ ଆକର୍ଷଣ ହେଉଛି ଏଠାରେ ଥିବା ଏକ ଶକ୍ତିଶାଳୀ କାଚର ଚଟାଣ । ୨୬୭ ମିଟର ଉଚ୍ଚରେ ଏହି କାଚର ଚଟାଣ ଉପରେ ଚାଲ୍‌ବୁଲ୍ କରିବା କିମ୍ବା ବସିରହିବା ଏକ ଦୁଃସାହସିକ ଅନୁଭବ ସୃଷ୍ଟି କରେ କାରଣ କାଚ ଚଟାଣ ତଳେ ଗାଡ଼ିମଟର ସବୁ ପିମ୍ପୁଡ଼ି ଚାଲିବା ପରି ଦେଖା ଯାଉଥାଏ । ମତେ ତ ଭୀଷଣ ଡର ଲାଗୁଥାଏ । ତଥାପି ତଳକୁ ନଚାହିଁ, କାଚର ଚଟାଣ ଉପରେ ଚିତ୍ ହୋଇ ଘୁଷୁରି ଘୁଷୁରି ଆଗେଇଲି । କିନ୍ତୁ ସାହସୀ ବନ୍ଧୁ ଭକ୍ତବାବୁ ଖୁବ୍ ସହଜରେ ତଳକୁ ଚାହିଁ ଚଲାବୁଲା କଲେ । ତାଙ୍କ ସାହସ ଦେଖି ପାଖରେ ଥିବା ଏକ ପ୍ରେମୀଯୁଗଳ ଆଶ୍ଚର୍ଯ୍ୟ ହେଲେ । ସେମାନଙ୍କ ମଧ୍ୟରୁ ଭିଏତ୍‌ନାମି ପ୍ରେମିକ ଜଣକ ଭକ୍ତବାବୁଙ୍କ ସହ କରମର୍ଦ୍ଦନ କରି ସେଲ୍‌ଫି ନେଲେ ।

ବେଳ ଗଡ଼ି ଯାଉଥିଲା । ଦିନ ଦୁଇଟା ବେଳକୁ ତରତର ହୋଇ ଦୁଇ ବନ୍ଧୁ **ଲୋଟେ ଟାୱାର**‌ରୁ ବସ୍‌ରେ ଫେରିଲୁ ହଷ୍ଟେଲ୍‌କୁ । ପାଖରେ ଥିଲା ଏକ ଭାରତୀୟ ରେଷ୍ଟୁରାଣ୍ଟ୍ । ବିରିୟାନି ଦୁଇ ପ୍ଲେଟ୍ ଖାଇ ବାହାରିଲୁ ହାନୋଇ ଏୟାର୍‌ପୋର୍ଟ । କାରଣ ସେଦିନ ଆମର ହୋନୋଇରୁ ବିଦାୟ ନେଇ **ଦାନାଙ୍ଗ୍** ଯିବାର ଥିଲା । ହଁ, ଏଠାରେ କହିରଖେ, ଆମେ ରାତିରେ ହଷ୍ଟେଲ୍‌ରେ ରୋଷେଇ କରୁ, କିନ୍ତୁ ଦିନରେ ଛତୁଆ, ଫଳ ଓ ଭଜାବୁଟ ଖାଇ କାମ ଚଳାଇ ନେଉ । ଭିଏତନାମ୍‌ରେ ଭାରତୀୟ ଖାଦ୍ୟ ଖାଇବା ବ୍ୟୟ ସାପେକ୍ଷ । ସୁତରାଂ ଏଇ ଉପାୟଟି ଆମ୍ ଟ୍ରିପ୍‌ର ବଜେଟ୍ କମ୍ କରିବାରେ ସାହାଯ୍ୟ କରେ ।

ଟ୍ୟାକ୍‌ସି ଧରି ହାନୋଇ ଏୟାର୍‌ପୋର୍ଟରେ ପହଂଚି ଦାନାଙ୍ଗ୍ ଯିବା ପାଇଁ ଭିଟ୍ ଜେଟ୍‌ର ଡୋମେଷ୍ଟିକ୍ ଫ୍ଲାଇଟ୍ ଧରିଲୁ ଅପରାହ୍ନ ୫ଟାରେ । ପୂର୍ବରୁ ଅନ୍‌ଲାଇନ୍‌ରେ ଟିକେଟ୍ ବୁକ୍ କରାଯାଇଥିଲା ଜଣପିଛା ଭାରତୀୟ ମୁଦ୍ରାରେ ମାତ୍ର ୧୪୦୦ଟଙ୍କାରେ । ଦାନାଙ୍ଗ୍‌ରେ ପହଞ୍ଚି ଏୟାର୍‌ପୋର୍ଟ ବାହାରକୁ ଆସିବା ବେଳକୁ ସନ୍ଧ୍ୟା ସାତଟା । ବର୍ଷା ଲାଗି ରହିଥାଏ । ଦାନାଙ୍ଗ୍ ଭିଏତ୍‌ନାମ୍‌ର ମଧ୍ୟଭାଗରେ ଅବସ୍ଥିତ । ଏଠିକାର ଜଳବାୟୁ ଉତ୍ତର ଭିଏତ୍‌ନାମ୍‌ର ହାନୋଇ ଏବଂ ଦକ୍ଷିଣ ଭିଏତ୍‌ନାମ୍‌ର ହୋଚିମିନ୍ ସିଟି ଠାରୁ ସଂପୂର୍ଣ୍ଣ ଭିନ୍ନ । ଏଠାରେ ଆର୍ଦ୍ର ଓ ଶୁଷ୍କ– ଏମିତି ଦୁଇଟି ଋତୁ ଆସେ । ଆମେ ଯାଇଥିବା ସମୟରେ ସେଠାରେ ଚାଲିଥିଲା ଆର୍ଦ୍ର ଋତୁ । ସୁତରାଂ ଅଧିକାଂଶ ସମୟରେ ବର୍ଷା ଲାଗି ରହିଥାଏ । ଯଦିଓ ମୁଁ ଆଗରୁ ଏଠିକାର ପାଗ ବିଷୟରେ ଜାଣିଥିଲି କିନ୍ତୁ ଦାନାଙ୍ଗ୍‌କୁ ଛାଡ଼ିବାକୁ ଚାହୁଁନଥିଲି । ଆମର ଟ୍ରିପ୍‌ରେ ସାହସର ସହିତ ଏହାକୁ ସାମିଲ୍ କରିଥିଲି । ଏୟାର୍‌ପୋର୍ଟ ବାହାରେ ମୋବାଇଲ୍ ଆପ୍‌ରୁ 'ଗ୍ରାବ୍' କଂପାନିର ଟ୍ୟାକ୍ସି ମଗାଇ ଚାଲିଲୁ ଆମ ହଷ୍ଟେଲ୍‌କୁ । ଦାନାଙ୍ଗ୍ ଭିଏତ୍‌ନାମ୍‌ର ଏକ ସମୃଦ୍ଧ ସହର । ଏହା ମଝିରେ ପ୍ରବାହିତ ହେଉଛି ହାନ୍ ନଦୀ । ନଦୀରେ ରହିଛି ସର୍ବମୋଟ ଦଶଟି ସେତୁ । ବର୍ଷାଭିଜା ସଂଧ୍ୟାରେ ଆଲୋକମାଳାରେ ସୁସଜ୍ଜିତ ସେତୁଗୁଡ଼ିକ ଅତି ସୁନ୍ଦର ଦେଖା ଯାଉଥାଏ । ଏଗୁଡ଼ିକ ମଧ୍ୟରେ **ଡ୍ରାଗନ୍ ବ୍ରିଜ୍** ବେଶ୍ ପ୍ରସିଦ୍ଧ । ଏହା ଅବିକଳ ଏକ ଡ୍ରାଗନ୍ ପରି ଦେଖାଯାଏ । ପ୍ରତି ଶନିବାର ଓ ରବିବାର ସନ୍ଧ୍ୟାରେ ଏଠାରେ ଏକ ସ୍ୱତନ୍ତ୍ର ଲାଇଟ୍ ଆଣ୍ଡ୍ ସାଉଣ୍ଡ୍ କାର୍ଯ୍ୟକ୍ରମର ଆୟୋଜନ କରାଯାଏ । ଏଥିରେ ଡ୍ରାଗନ୍‌ର ମୁହଁରୁ ଆତସବାଜି ଓ ନିଆଁ ବାହାରିବାର ବ୍ୟବସ୍ଥା ରହିଛି । ଯଦିଓ ଆମର ଦାନାଙ୍ଗ ରହଣି ଭିତରେ ଶନିବାର କିମ୍ବା ରବିବାର ନଥିଲା, ତଥାପି ଏୟାର୍‌ପୋର୍ଟରୁ ଯିବା ବେଳେ ଡ୍ରାଗନ୍‌ବ୍ରିଜ୍‌ର ସୌନ୍ଦର୍ଯ୍ୟକୁ କେବଳ ରଙ୍ଗୀନ ଆଲୋକ ସଜ୍ଜା ଭିତରେ ଦେଖିବାର ସୁଯୋଗ ପାଇଲୁ । ଦାନାଙ୍ଗ୍ ହେଉଛି ଦକ୍ଷିଣ ଚୀନ୍ ଉପସାଗର ଉପକୂଳରେ ଅବସ୍ଥିତ ।



ହଷ୍ଟେଲ୍‌ରେ ପହଂଚିବା ବେଳକୁ ରାତି ୯ଟା । ସିକ୍ରେଟ୍ ଗାର୍ଡ଼େନ୍ ନାମକ ଏଇ ବ୍ୟାକ୍‌ପ୍ୟାକର୍ସ ହଷ୍ଟେଲ୍‌ର ପରିବେଶ ଆକର୍ଷଣୀୟ । ସେଦିନ ଚାଉ ଓ ଭାନ୍ ନାମ୍ନୀ ଦୁଇଜଣ ତରୁଣୀ ଥିଲେ ରିସେପ୍‌ସନ୍ ଡ୍ୟୁଟିରେ । ଚେକ୍‌ଇନ୍ ସଂପର୍କିତ ସବୁ ଔପଚାରିକତା ସାରିବା ପରେ ଆମେ ଆମ ରୁମ୍‌କୁ ଗଲୁ । ମାତ୍ର ୧୬୦୦ଟଙ୍କା ଦୈନିକ ଭଡ଼ାରେ ଏତେ ପରିଷ୍କାର ଓ ରୁଚିପୂର୍ଣ୍ଣ ରୁମ୍ ଦେଖି ଆଶ୍ଚର୍ଯ୍ୟ



ହେଲୁ । ଏଇ ରୁମ୍ ହାନୋଇର ରୁମ୍ ଠାରୁ ଅଧିକ ଆକର୍ଷଣୀୟ ଥିଲା । ମୁଁ ଏହାକୁ ହଷ୍ଟେଲ୍ ୱାର୍ଲ୍ଡର ୱେବ୍‌ସାଇଟ୍‌ରୁ ଅନ୍‌ଲାଇନ୍ ବୁକ୍ କରିଥିଲି । ଭାରତୀୟ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଏହିପରି ରୁମ୍‌ର ଭଡ଼ା ଅତିକମ୍‌ରେ ୩୦୦୦ଟଙ୍କାରୁ କମ୍ ହେବ ନାହିଁ । ତେବେ ଭିଏତ୍‌ନାମ୍‌ର ସରକାର ଓ ଜନସାଧାରଣ ପର୍ଯ୍ୟଟନକୁ ବେଶ୍ ଗୁରୁତ୍ୱ ଦେଇ ଏହାକୁ ଏକ ଲାଭଜନକ ଶିଳ୍ପରେ ପରିଣତ କରି ପାରିଛନ୍ତି । ଭୋକରେ ପେଟ ଜଳୁଥାଏ । ଆମେ ସାଧାରଣତଃ ଏଭଳି ଟ୍ରିପ୍‌ରେ ହଷ୍ଟେଲ୍‌ମାନଙ୍କରେ ରୋଷେଇ କରୁ । ହାନୋଇର ପ୍ରାଗ୍ ହଷ୍ଟେଲ୍‌ରେ ରୋଷେଇ ଘରର ବ୍ୟବସ୍ଥା ନଥିଲା । କିନ୍ତୁ ଦାନାଙ୍ଗ୍‌ର ସିକ୍ରେଟ୍ ଗାର୍ଡେନ୍‌ରେ ସବୁପ୍ରକାର ବ୍ୟବସ୍ଥା ଥିଲା । ମୁଁ ସାଙ୍ଗରେ ଡାଲି ଚାଉଳ, ତେଲ ମସଲା ନେଇଥିଲି । ହାନୋଇର ସ୍ଥାନୀୟ ହାଟରୁ ପରିବାପତ୍ର କିଣିଥିଲି । ବାସ୍ ଆରମ୍ଭ ହେଲା, ଅରୁଆ ଭାତ, ଗୁଆଘିଅ ଛୁଙ୍କଦିଆ ଡାଲ୍‌ମା ଆଉ ଅଣ୍ଡା ଆମ୍‌ଲେଟ୍ । ଦୁଇବନ୍ଧୁ ପେଟ ଭର୍ତ୍ତି ଖାଇ, ଟିକିଏ ଗପସପ କରି ଶୋଇଲୁ ।

ପରଦିନ ସକାଳ ପର୍ଯ୍ୟନ୍ତ ବର୍ଷା ସେମିତି ଚାଲିଥାଏ । ଆମର ଯିବାର ଥାଏ ବାନାହିଲ୍‌ସ୍ ଟ୍ରିପ୍‌ରେ । ଏଥିପାଇଁ ହଷ୍ଟେଲ୍ ପରିଚାଳିକା ଚାଉଙ୍କ ସହିତ କଥାବାର୍ତ୍ତା କରି ଜଣପିଛା ଭାରତୀୟ ମୁଦ୍ରାରେ ୨୩୦୦ ଟଙ୍କା ଟ୍ରିପ୍‌ରେ ଯିବାକୁ ସ୍ଥିର କରିଥିଲି । କିନ୍ତୁ ସକାଳୁ ଉଠିଲା ବେଳକୁ ଭକ୍ତବାବୁଙ୍କର ଅଣ୍ଟା ବ୍ୟଥା ଆରମ୍ଭ ହୋଇ ଯାଇଥିଲା । ଆଉ ତା'ସହିତ ବାହାରେ ପ୍ରବଳ ବର୍ଷା । ଅଗତ୍ୟା ଟ୍ରିପ୍‌କୁ ସ୍ଥଗିତ ରଖି ନିତ୍ୟକର୍ମ ଶେଷକରି ରୋଷେଇ ବାସରେ ଲାଗି ପଡ଼ିଲି । ପ୍ରାତଃରାସରେ ଦୁଇବନ୍ଧୁ ପରଟା ଓ ଆଳୁଭଜାରେ କାମ ଚଳେଇ ଦେଲୁ । ମଧ୍ୟାହ୍ନଭୋଜନ ପାଇଁ ଭାତ ଓ ଚିକେନ୍ (ସ୍ଥାନୀୟ ବଜାରରୁ କିଣିଥିଲି) । ଦିନ ୧୧ଟା ବେଳକୁ, ମୁଁ ଏକୁଟିଆ ବାହାରିଲି ହାନ୍ ନଦୀ କୂଳକୁ । ବର୍ଷା ଛାଡ଼ି ଯାଇଥାଏ । ଦାନାଙ୍ଗ ଭିଏତ୍‌ନାମ୍‌ର ଏକ ବିକଶିତ ସହର । ଆକାଶ ଛୁଆଁ ସୁଉଚ୍ଚ ଅଟ୍ଟାଳିକା, ପରିଷ୍କାର ପରିଚ୍ଛନ୍ନ ରାସ୍ତା, ପୁଣି ହାନ୍‌ନଦୀରେ ନିର୍ମିତ ସୁନ୍ଦର ସୁନ୍ଦର ସେତୁ ଦାନାଙ୍ଗ୍‌ର ଗୁରୁତ୍ୱ ବଢାଇ ଦେଇଛି । ଆମ ହଷ୍ଟେଲ୍‌ରୁ ଅଳ୍ପ ଦୂରରେ ହାନ୍ ନଦୀ କୂଳରେ ଡ୍ରାଗନ୍ ବ୍ରିଜ୍ ଅତି ସୁନ୍ଦର ଦେଖା ଯାଉଥାଏ । ସେଠାରେ କିଛି ସମୟ ଠିଆ ହୋଇ ଉପଭୋଗ କରିବା ପରେ ପାଖରେ ଥିବା ଡେଲି ମାର୍କେଟ୍ ଭିତରକୁ ପଶିଗଲି । ଏହା ଏକ ବିରାଟ ଅଟ୍ଟାଳିକା ଭିତରେ ଅବସ୍ଥିତ । ପରିବା-ପତ୍ର ପ୍ରାୟ ଆମ ଓଡ଼ିଶା ପରି । ଖାଦ୍ୟଶସ୍ୟ ବି ଠିକ୍ ଆମ ପରି । କିନ୍ତୁ ଆମିଷ ବିଭାଗଟି ମତେ ଟିକିଏ ବିଳଚିତ କଲା । ଘୁଷୁରୀ ମାଂସ, ଗୋମାଂସ ବ୍ୟତୀତ, ଗେଣ୍ଡା, କୁକୁର ମାଂସ, ବିଭିନ୍ନ ପ୍ରକାର ସାପର ମାଂସ ବି ମିଳୁଥାଏ । ଆଉ ବେଶି ସମୟ ସେଠାରେ ନରହି ଚାଲି ଆସିଲି ହଷ୍ଟେଲ୍‌କୁ । ଦୁଇବନ୍ଧୁ ମଧ୍ୟାହ୍ନଭୋଜନ ଶେଷ କରିବା ପରେ ହଷ୍ଟେଲ୍ ପରିଚାଳିକା ଚାଉଙ୍କ ସାହାଯ୍ୟରେ ଜଣପିଛା ମାତ୍ର ୧୬୦୦ ଟଙ୍କା ଦେଇ ବାନାହିଲ୍‌ସ୍‌ର ଅପରାହ୍ନ ଟ୍ରିପ୍‌ରେ ବାହାରିଲୁ । ହଷ୍ଟେଲ୍ ସାମ୍ନାରେ ଠିକ୍ ସମୟରେ ଏକ ଦାମି ଓ ସୌଖୀନ୍ ଭଲ୍‌ଭୋ ବସ୍‌ରେ ବସିଲୁ । (ଯିବା ଆସିବା ସବୁକିଛି ଟ୍ରିପ୍ ଦେୟ ଅନ୍ତର୍ଭୁକ୍ତ) । ତେବେ ବସ୍ ଭିତରେ ଆମକୁ ଛାଡ଼ିଦେଲେ ମାତ୍ର ୪/୫ଟି ଶ୍ୱେତାଙ୍ଗ ଦମ୍ପତି ବସିଥାନ୍ତି । ଅଙ୍କାବଙ୍କା ପାହାଡ଼ିଆ ରାସ୍ତା ଦେଇ ମାତ୍ର ଅଧଘଣ୍ଟାର ଯାତ୍ରା (ପ୍ରାୟ ୨୦ କି.ମି. ଦୂରତା ପାଇଁ) ପରେ ପହଂଚିଲୁ ବାନା ହିଲ୍‌ସ୍‌ର ପାଦଦେଶରେ । ବାନା ହିଲ୍‌ସ୍ ହେଉଛି ଭିଏତନାମ୍‌ର ଟଓଙ୍ଗସୋନ୍ ପର୍ବତମାଳାର ଏକ ଆକର୍ଷଣୀୟ ହିଲ୍ ଷ୍ଟେସନ୍ । ଏହାର ପ୍ରାୟ ୧୫୦୦ମିଟର ଉଚ୍ଚତାର ଶିଖରରେ ରହିଛି ଫରାସୀ ବସତି । ଏହାକୁ ୧୯୧୯ ମସିହା ଫରାସୀ ଉପନିବେଶବାଦୀମାନେ ପ୍ରତିଷ୍ଠା କରିଥିଲେ ଫରାସୀ ପର୍ଯ୍ୟଟକମାନଙ୍କ ପାଇଁ । ଏଠାରେ ପାଗ ଖୁବ୍ ଥଣ୍ଡା ଲାଗୁଥାଏ । ବାନାହିଲ୍‌ସ୍‌ର ପାଦଦେଶରେ ହଜାର ହଜାର ପର୍ଯ୍ୟଟକ ଏକାଠି ହୋଇଥାନ୍ତି ପାହାଡ଼ ଉପରକୁ ଯିବା ପାଇଁ । ଉପରକୁ ଯିବା ପାଇଁ ଏକମାତ୍ର ମାଧ୍ୟମ କେବୁଲ୍ କାର୍ । ଏହି କେବୁଲ୍ କାର୍ ସର୍ବୋଚ୍ଚ ଶିଖର 'ଫ୍ରେଞ୍ଚ୍ ଭିଲେଜ୍'ରେ ପହଂଚିବା ପୂର୍ବରୁ ୩/୪ଟି ସ୍ଥାନରେ ରହି ରହି ଯିବ । ସେହି ସବୁ ସ୍ଥାନରେ ମଧ୍ୟ ଆକର୍ଷଣୀୟ ଦୃଶ୍ୟ ଦେଖିବାର ସୁଯୋଗ ମିଳେ । ଏହି ସଂପୂର୍ଣ୍ଣ ଅଂଚଳକୁ ଏକ ଆନ୍ତର୍ଜାତିକ ପର୍ଯ୍ୟଟକ କମ୍ପାନୀ



'ସନ୍‌ୱାର୍ଲ୍ଡ' ହାତକୁ ନେଇ ଏକ ପୂର୍ଣ୍ଣାଙ୍ଗ ପର୍ଯ୍ୟଟନସ୍ଥଳ ଭାବେ ବିକଶିତ କରିଛି । ଆମେ ପ୍ରବେଶିକା ଟିକେଟ୍ ନକିଣି ସିଧାସଳଖ କେବୁଲ୍ କାର୍ ଷ୍ଟେସନ୍‌ରେ ପହଂଚିଲୁ । କାରଣ ଆମ ଟିକେଟ୍ ଦେୟ ଟ୍ରିପ୍‌ରେ ଆଗରୁ ସାମିଲ୍ ଥିଲା । ଝିପିଝିପ୍ ବର୍ଷା ଆରମ୍ଭ ହୋଇ ଯାଇଥାଏ । କେବୁଲ୍ କାର୍ ଯେତେ ଉପରକୁ ଉଠୁଥାଏ ଡର ବି ଲାଗୁଥାଏ । କାଚଝରକା ବାଟେ ଦେଖିଲେ ଶହ ଶହ ଫୁଟ୍ ତଳେ ବାଦଲ ଖଣ୍ଡ ଭିତରେ କେବଳ ଜଂଗଲ ହିଁ ଦେଖା ଯାଉଥାଏ । ପ୍ରାୟ ଅଧଘଣ୍ଟା ବିତିଯିବା ପରେ ମନେହେଲା ଏ ଯାତ୍ରା ଆଉ ସରିବ ନାହିଁ । ଆମେ କେତେ ଉପରକୁ ଉଠିଗଲୁଣି ଜଣାପଡୁ ନଥାଏ । ବାନା ହିଲ୍‌ସ୍‌ର କେବୁଲ୍



କାର୍ ହେଉଛି ପୃଥିବୀର ଦୀର୍ଘତମ ଯାତ୍ରା କରୁଥିବା କେବୁଲ୍ କାର୍ ସିଷ୍ଟମ୍ । ପ୍ରାୟ ୪୫ମିନିଟ୍ ପରେ ଆମେ ଓହ୍ଲେଇଲୁ ଏକ ସ୍ଥାନରେ । ଏତେ ଉଚ୍ଚରେ କେବଳ ମେଘଖଣ୍ଡ ଭିତର ଦେଇ ଆମେ କିଛି ବାଟ ଯିବା ପରେ ଦେଖିଲୁ ଏକ ଅପୂର୍ବ ଦୃଶ୍ୟ । ଆମେ ବିଶ୍ୱପ୍ରସିଦ୍ଧ ଗୋଲ୍‌ଡେନ୍ ବ୍ରିଜ୍ ପାଖରେ ପହଂଚିଲୁ । ଆମ ସହିତ ଅନେକ ବିଦେଶୀ ପର୍ଯ୍ୟଟକ ଥିଲେ, ସମସ୍ତେ ଆନନ୍ଦରେ ଆତ୍ମହରା ହୋଇ ପଡୁଥିଲେ । ପ୍ରାୟ୧୦୦୦ ମିଟର ଉଚ୍ଚରେ ପାହାଡ଼ର ଧାରରେ ଏକ ସେତୁ ଅତିକ୍ରମ କରିବାକୁ ପଡ଼ିଥିଲା । ସେତୁଟି ଦୁଇଟି ବିଶାଳକାୟ ହାତପାପୁଲି ଆକାରର କଳାକୃତି ଉପରେ ରଖାଯିବା ପରି ଦେଖା ଯାଉଥାଏ । ଏହାକୁ କୁହାଯାଏ ଈଶ୍ୱରଙ୍କ ହସ୍ତ । ହୁଏତ ପାଗ ଶୁଖିଲା ଥିଲେ ଆମେ ଏହାର ସୌନ୍ଦର୍ଯ୍ୟକୁ ଅଧିକ ଉପଭୋଗ କରିପାରିଥାନ୍ତୁ । ତଥାପି ଇଏବି କିଛି କମ୍ ନଥିଲା, ମେଘଖଣ୍ଡ ଭିତରେ ପ୍ରାୟ ୧୦୦ମିଟର ଦୈର୍ଘ୍ୟ ସେତୁ ଉପରେ ଚାଲିଚାଲି ଯିବା ଏକ ବିରଳ ଅନୁଭୂତି । ଯାହାକୁ ଭାଷାରେ ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବପର ନୁହେଁ । ବେଶ୍ କିଛି ସମୟ ଗୋଲ୍‌ଡେନ୍ ବ୍ରିଜ୍ ଉପରେ ଅତିବାହିତ କରିବା ପରେ ଆମେ ଚାଲିଲୁ ଆମର ପରବର୍ତ୍ତୀ ଲକ୍ଷ୍ୟସ୍ଥଳ ଫ୍ରେଞ୍ଚ୍ ଭିଲେଜ୍ ଦିଗକୁ । ସଂଧ୍ୟା ହୋଇ ଆସୁଥାଏ । ହାତରେ ସମୟ ଥାଏ ବହୁତ କମ୍ । ସୁତରାଂ ଆକର୍ଷଣୀୟ ଫୁଲ ବଗିଚା ଭିତର ଦେଇ ପୁଣି ବସିଲୁ ଆଉ ଏକ କେବୁଲ୍ କାର୍‌ରେ । ମାତ୍ର କୋଡିଏ ମିନିଟ୍‌ର ଯାତ୍ରା ପରେ ପହଂଚିଲୁ ଶିଖର ଦେଶରେ ଥିବା ଫ୍ରେଞ୍ଚ୍ ଭିଲେଜ୍‌ରେ । ସେତେବେଳକୁ ସଂଧ୍ୟା ହୋଇଗଲାଣି । ସେଠିକାର ଚର୍ଚ୍ଚ, ପୁରୁଣା ଅଟ୍ଟାଳିକା ଓ ସର୍ବୋପରି ଗଳି ରାସ୍ତା ଦେଖିଲା ପରେ ମନେହେଲା ସତେ ଯେପରି ଆମେ ୟୁରୋପର ଏକ ସହରରେ ବୁଲୁଛୁ । ୧୦୦ ବର୍ଷ ତଳର ସ୍ଥାପତ୍ୟ କଳା ଏକ ଅପୂର୍ବ ଅନୁଭବ ସୃଷ୍ଟି କରୁଥାଏ । ସନ୍ଧ୍ୟାବେଳେ ବି ପର୍ଯ୍ୟଟକଙ୍କ ଭିଡ଼ରେ ଚଳଚଞ୍ଚଳ ହୋଇ ଉଠୁଥାଏ ଫ୍ରେଞ୍ଚ୍ ଭିଲେଜ୍ । ଯଦି ଆମେ ଦିନର ପ୍ରଥମାର୍ଦ୍ଧର ଟ୍ରିପ୍‌ରେ ଆସିଥାନ୍ତୁ, ହୁଏତ ଆହୁରି ଅନେକ କିଛି ଦେଖିବାର ସୁଯୋଗ ମିଳିଥାନ୍ତା । କିନ୍ତୁ ଏତକ ବି କିଛି କମ୍ ନଥିଲା । ନିକଟରେ ଏକ ରେଷ୍ଟୁରାଣ୍ଟ୍‌ରେ ରାତ୍ରୀ ଭୋଜନର ବ୍ୟବସ୍ଥା ହୋଇଥିଲା । ଏହାର ଖର୍ଚ୍ଚ ମଧ୍ୟ ଟ୍ରିପ୍‌ରେ ସାମିଲ୍ ଥିଲା । ରେଷ୍ଟୁରାଣ୍ଟ୍ ହଲ୍‌ରେ ଦେଖିଲୁ ଆହୁରି ଏକ ବିଚିତ୍ର ଦୃଶ୍ୟ । ପ୍ରାୟ ୧୦୦ରୁ ଅଧିକ ପ୍ରକାରର ନିରାମିଷ ଓ ଆମିଷ ଖାଦ୍ୟର ବ୍ୟବସ୍ଥା ହୋଇସାରିଛି । ତା'ସହିତ ଜର୍ମାନିଜ୍ ଓ ଫ୍ରେଞ୍ଚ୍‌ଡ୍ରାଫ୍ଟ ବିୟର୍‌ର ବ୍ୟବସ୍ଥା ବି ଅଛି । ଯିଏ ଯେତେ ଚାହିଁବ ଖାଇ ପାରିବ । ଯେହେତୁ ଆମ ସାମ୍ନାରେ ଆମ ପାଇଁ କିଛି ଅଭକ୍ଷ ଖାଦ୍ୟ ଦେଖାଗଲା, ସୁତରାଂ ଆମେ କେବଳ ନିରାମିଷ ଖାଦ୍ୟ (ଭାତ, ସବୁଜ ପରିବା ଭଜା, ମୁଗଡାଲି ଓ ସାଲାଡ଼୍)ରେ କାମ ଚଳାଇ ଦେଲୁ । ହଲ୍ ଭିତରେ ଏକ ସୁସଜ୍ଜିତ ମଂଚରେ କିଛି ୟୁରୋପୀୟ କଳାକାରଙ୍କ ଦ୍ୱାରା ପରିବେଷିତ ହେଉଥାଏ ରକ୍ ସଂଗୀତ ଓ ନୃତ୍ୟ । ଏଇଠି ଗୋଟିଏ କଥା ଉଲ୍ଲେଖ କରିବାକୁ ଚାହିଁବି । ପ୍ରତିଦିନ ହଜାର ହଜାର ପର୍ଯ୍ୟଟକ ଏଠାକୁ ଆସନ୍ତି । ଆଉ ଶାନ୍ତି-ଶୃଙ୍ଖଳା ରକ୍ଷା, ଦୁର୍ଘଟଣାକୁ ଏଡ଼ାଇବା ପାଇଁ ସନ୍‌ୱାର୍ଲ୍ଡ କଂପାନିର କର୍ମଚାରୀ ଓ ସୁରକ୍ଷାକର୍ମୀ ପ୍ରତ୍ୟେକ ସ୍ଥାନରେ ସଜାଗ ଅଛନ୍ତି । ଅଭ୍ୟର୍ଥନା ପାଇଁ ଯୁବକଯୁବତୀମାନେ ପେସାଦାର ଢଙ୍ଗରେ ପର୍ଯ୍ୟଟକମାନଙ୍କୁ ବାଟ କଢ଼େଇ ନେଉଛନ୍ତି । କେଉଁଠି ତ ସାମାନ୍ୟ ବିଭ୍ରାଟ ଘଟିବାର ସମ୍ଭାବନା ନାହିଁ । ରାତି ପ୍ରାୟ ଆଠଟା ବେଳକୁ ପୁଣି ପ୍ରାୟ ଏକ ଘଣ୍ଟା କେବୁଲ୍ କାର୍‌ରେ ତଳକୁ ଓହ୍ଲାଇ ଆସିଲୁ । ବସ୍‌ଷ୍ଟାଣ୍ଡ୍‌ରୁ ଆମ ବସ୍‌ରେ ବସି ହଷ୍ଟେଲ୍‌ରେ ପହଂଚି ବିଶ୍ରାମ ନେଲୁ । ପରଦିନ ସକାଳୁ ଉଠି ଦୁଇବନ୍ଧୁ ହଷ୍ଟେଲ୍ ରୋଷେଇଘରେ ପରଟା, ଆଳୁଭଜା ରାନ୍ଧି ପ୍ରାତଃରାସ ଭୋଜନ କରି ବାହାରି ପଡ଼ିଲୁ । ସେଦିନ ଥିଲା ଦାନାଙ୍ଗ୍ ସହରରେ ଆମର ଶେଷଦିନ । କାର୍ଯ୍ୟକ୍ରମ ଥିଲା ନୌବାଣିଜ୍ୟ ପରଂପରାର ପ୍ରତୀକ ପ୍ରାଚୀନ ହୋଇ-ଆନ୍ ଐତିହ୍ୟ ଗ୍ରାମ ବୁଲିଯିବା ପାଇଁ । ହଷ୍ଟେଲ୍ ସାମ୍ନା ବସ୍‌ଷ୍ଟପ୍‌ରୁ ସ୍ଥାନୀୟ ବସ୍ ବି ମିଳିଗଲା । ଦାନାଙ୍ଗ୍ ସହର ଠାରୁ ହୋଇ-ଆନ୍‌ର ଦୂରତା ପ୍ରାୟ ୪୦ କିଲୋମିଟର । ବସ୍‌ଟି ଏକ ସାଧାରଣ ଯାତ୍ରୀବାହୀ ବସ୍ । ଘଣ୍ଟାକ ପରେ ପହଂଚିଲୁ ହୋଇ-ଆନ୍‌ର ମୁଖ୍ୟ ବସ୍‌ଷ୍ଟାଣ୍ଡ୍‌ରେ । ବାଇକ୍ ଟ୍ୟାକ୍ସି, ଟ୍ୟାକ୍ସି ଓ ସାଇକ୍ଲୋ ଚାଳକମାନେ ଅତିରିକ୍ତ ଭଡ଼ା ଦାବି କରୁଥାନ୍ତି । ବାଧ୍ୟ ହୋଇ ଅଯଥା ଅର୍ଥଶ୍ରାଦ୍ଧ ନକରି ପାଦରେ ଚାଲିବା ଆରମ୍ଭ କଲୁ । ଆମକୁ ବାଟ କଢେଇ ନେଉଥାଏ ଗୁଗୁଲ୍‌ମ୍ୟାପ୍ ନ୍ୟାଭିଗେଟର୍ । ପ୍ରାୟ ୩ କିଲୋମିଟର ଚାଲିବା ପରେ ପହଂଚିଲୁ ହୋଇ-ଆନ୍ ଐତିହ୍ୟ ଗ୍ରାମରେ । ଚମତ୍କାର ଏହାର ସୌନ୍ଦର୍ଯ୍ୟ । ପାରମ୍ପରିକ ଭିଏତ୍‌ନାମି ଶୈଳୀରେ ନିର୍ମିତ ଘର ସବୁକୁ ସରକାର ସଂରକ୍ଷଣ କରିଛନ୍ତି । ହୋଇ-ଆନ୍‌ର ଅର୍ଥ ହେଉଛି ଶାନ୍ତିପୂର୍ଣ୍ଣ ଏକତ୍ରିତ ହେବାର ସ୍ଥାନ । ସପ୍ତମ ଓ ଦଶମ ଶତାବ୍ଦୀରେ ଚୀନ୍, ପର୍ତ୍ତୁଗୀଜ୍, ଜାପାନୀ ଓ କଳିଙ୍ଗର ସାଧବମାନେ ଏଠାରେ ନୌବାଣିଜ୍ୟ କରିବା ସହିତ ଉପନିବେଶ ସ୍ଥାପନ କରିଥିଲେ । କଳିଙ୍ଗର ସାଧବମାନେ ମୁଖ୍ୟତଃ ମସଲା ବ୍ୟବସାୟ କରୁଥିଲେ । ଗବେଷକମାନଙ୍କ ମଧ୍ୟରେ କଳିଙ୍ଗ ସାଧବମାନଙ୍କ ଠାରୁ ଚମ୍ପାର ଅଧିବାସୀ ଲବଙ୍ଗ ପାଟିରେ ଜାକିବାର ଅଭ୍ୟାସ ଆରମ୍ଭ କରିଥିଲେ । ଆଜି ବି କେନ୍ଦ୍ରୀୟ ଭିଏତ୍‌ନାମରେ ଲବଙ୍ଗକୁ ମୁଖବାସ ଭାବେ ବ୍ୟବହାର କରାଯାଏ । ସେଠାର ବୁଣାକାରମାନେ ମଧ୍ୟ ଅବିକଳ ଓଡ଼ିଶୀ ଶୈଳୀ ପରି ଲୁଗା ବୁଣନ୍ତି । ଏହି ହେରିଟେଜ୍ ଭିଲେଜ୍‌ରେ ଦେଖିବାକୁ ମିଳିବ ହୋଇ-ଆନ୍ ନଦୀ ଉପରେ ଏକ ସୁନ୍ଦର ସେତୁ । ଏହା ଜାପାନୀ ସ୍ଥାପତ୍ୟ ଶୈଳୀରେ ନିର୍ମିତ ହୋଇଥିବା ଯୋଗୁଁ ଏହାର ନାଁ ଜାପାନିଜ୍ ବ୍ରିଜ୍ । ଗାଁ ଦାଣ୍ଡରେ ପର୍ଯ୍ୟଟକମାନଙ୍କ ପାଇଁ ସ୍ମାରକୀ, ହସ୍ତଶିଳ୍ପ ଜିନିଷର ପସରା ମେଲି ବସିଥାନ୍ତି ସ୍ଥାନୀୟ ବାସିନ୍ଦା । ଅନେକଗୁଡ଼ିଏ ଭିଏତ୍‌ନାମି ରେଷ୍ଟୁରାଣ୍ଟ୍ ବି ଅଛି ସେଠାରେ । ବୁଲୁବୁଲୁ ମଧ୍ୟାହ୍ନ ହୋଇଗଲା । ଭୋକ ଲାଗୁଥାଏ । ସାଙ୍ଗରେ ନେଇଥିବା ଛତୁଆ ଓ କଦଳୀରେ ମଧ୍ୟାହ୍ନ ଭୋଜନ ଶେଷ କଲୁ । କାରଣ ବ୍ୟୟବହୁଳ ରେଷ୍ଟୁରାଣ୍ଟ୍‌ରେ ଭୋଜନ କରିବା ପାଇଁ ଚାହିଁଲୁ ନାହିଁ ।

ହୋଇ-ଆନ୍ ଠାରୁ ପ୍ରାୟ ୫୦ କିଲୋମିଟର ଦୂରରେ ଅବସ୍ଥିତ ପ୍ରାଚୀନ ହିନ୍ଦୁ ମନ୍ଦିର ମାଇସନ୍ । କିନ୍ତୁ ସେତେବେଳକୁ ଅପରାହ୍ନ ହୋଇଯାଇଥିଲା ଆଉ ଭୀଷଣ ଭାବେ କ୍ଲାନ୍ତ ହୋଇ ପଡ଼ିଥିଲୁ ଆମେ । ଜଣେ ଭଦ୍ରବ୍ୟକ୍ତିଙ୍କ କାର୍‌ରେ ଲିଫ୍ଟ ମାଗି ଚାଲି ଆସିଲୁ ବସ୍‌ଷ୍ଟାଣ୍ଡ୍ । ସେଠାରୁ ପୁଣି ବସ୍



ଧରି ଫେରିଲୁ ଦାନାଙ୍ଗ୍‌ର ହଷ୍ଟେଲ୍‌କୁ ।

ମାଇସାନ୍ ହେଉଛି ଚତୁର୍ଥରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଚାମ୍‌ସ୍ ସାମ୍ରାଜ୍ୟର ଶାସକମାନଙ୍କ ଦ୍ୱାରା ନିର୍ମିତ ଏକ ଭବ୍ୟ ହିନ୍ଦୁ ମନ୍ଦିର । ଆରାଧ୍ୟ ଦେବତା ହେଉଛନ୍ତି ଶିବ । ସ୍ଥାନୀୟ ଭାଷାରେ ତାଙ୍କର ନାମ ଅନେକ । ସେଥିମଧ୍ୟରୁ ଗୋଟିଏ ହେଉଛି ଭଦ୍ରେଶ୍ୱର । ମାଇସାନ୍ ମନ୍ଦିରରେ ଉତ୍କଳୀୟ ଶୈଳୀର ମୂର୍ତ୍ତିକଳା ସହିତ ସଂସ୍କୃତ ଭାଷାର ଶିଳାଲେଖ ମଧ୍ୟ ଦେଖିବାକୁ ମିଳେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମାଇସାନ୍ ମନ୍ଦିର, ହୋଇ-ଆନ୍ ଐତିହ୍ୟ ଗ୍ରାମ ଓ ହାଲଙ୍ଗ୍ ଉପସାଗରକୁ ୟୁନେସ୍କୋ ପକ୍ଷରୁ ୱାର୍ଲଡ୍ ହେରିଟେଜ୍ ସାଇଟ୍ ତାଲିକାରେ ସାମିଲ୍ କରାଯାଇଛି । ଯଦିଓ ଆମେ ସମୟ ଅଭାବରୁ ସେଠାକୁ ଯାଇପାରିଲୁ ନାହିଁ, ତଥାପି ଆଉ ଏକ ଚମକପ୍ରଦ ତଥ୍ୟ ପାଇଲୁ ଯେ ହୋଇ-ଆନ୍ ନିକଟରେ ଏକ ଏମିତି ବୁଣାକାର ଗ୍ରାମ ଅଛି ଯେଉଁଠି ବୁଣାକାରମାନେ ଉତ୍କଳୀୟ ଟସର ଓ ବାନ୍ଧ ଶୈଳୀରେ ବସ୍ତ୍ର ବୁଣନ୍ତି । ହୁଏତ କଳିଙ୍ଗରୁ ଆସିଥିବା ବୁଣାକାର ମାନେ ହିଁ ଏହାକୁ ପ୍ରଚଳନ କରିଥିବେ ।  ସେଦିନ ହୋଇ-ଆନ୍‌ରୁ ଫେରିଲା ବେଳକୁ ରାତି ଆଠ । ରାତିରେ ହଷ୍ଟେଲ୍‌ରେ ରନ୍ଧା ହେଲା ଭାତ, ଅଣ୍ଡା ତରକାରୀ । ସେଦିନ ଥିଲା ଆମ ଦାନାଙ୍ଗ୍ ରହଣିର ଶେଷଦିନ । ପରଦିନ ସକାଳୁ ଆମେ ହୋଚିମିନ୍ ସିଟି ବା ସାଇଗନ୍ ଯିବା ପାଇଁ ଫ୍ଲାଇଟ୍ ଧରିବାର ଥିଲା । ଯଦିଓ ଆମେ ଦାନାଙ୍ଗ୍‌ରେ ଥିବା ସମୟରେ ମାର୍ବଲ୍ ମାଉଣ୍ଟେନ୍ ଓ ଅନ୍ୟାନ୍ୟ ସ୍ଥାନ ବୁଲି ଦେଖିବା ପାଇଁ ସମୟ ପାଇଲୁ ନାହିଁ, କିନ୍ତୁ ଯେତିକି ସ୍ଥାନ ଦେଖିଲୁ, ତାହା ଥିଲା ଆମ ପାଇଁ ଯଥେଷ୍ଟ ।

ପରଦିନ ସକାଳୁ ଉଠି ନିତ୍ୟକର୍ମ ଓ ପ୍ରାତଃଭୋଜନ ଶେଷ ହେବା ବେଳକୁ ହଷ୍ଟେଲ୍ ପରିଚାଳିକା ଚାଉ ଆମ ପାଇଁ ଟ୍ୟାକ୍ସି ବ୍ୟବସ୍ଥା କରି ଦେଇଥିଲେ । ଚାଉ ଏବଂ ତାଙ୍କ ସହଯୋଗୀଙ୍କର ଅତିଥି ପରାୟଣତା ଓ କର୍ତ୍ତବ୍ୟନିଷ୍ଠା ଆମକୁ ଅଭିଭୂତ କଲା । ବିଦାୟ ବେଳାରେ କରମର୍ଦ୍ଦନ କରି ବାହାରି ଆସିଲୁ । ଦାନାଙ୍ଗ୍ ଏୟାର୍‌ପୋର୍ଟରେ ପୁଣି ଏକ ଭିନ୍‌ଜେଟ୍ ଫ୍ଲାଇଟ୍ ଧରି ବାହାରିଲୁ ହୋଚିମିନ୍ ସିଟି ।

ପ୍ରାୟ ଦେଢ଼ଘଣ୍ଟା ପରେ ଆମ ଉଡ଼ାଜାହାଜ ଅବତରଣ କଲା ହୋଚିମିନ୍ ସିଟିର ତାନ୍‌ସନ୍ ନାଟ୍ ଆନ୍ତର୍ଜାତିକ ବିମାନଘାଟିରେ । ଏଠାରେ ଆମର ମାତ୍ର ଗୋଟିଏ ରାତିର ରହଣି କାର୍ଯ୍ୟକ୍ରମ ଥିଲା । ସକାଳ ପ୍ରାୟ ୧୦ଟା ବେଳକୁ ଏୟାର୍‌ପୋର୍ଟରୁ ବସ୍ ଧରି ଚାଲିଲୁ ଆମ ହଷ୍ଟେଲ୍‌କୁ । ହଷ୍ଟେଲ୍‌ର ନାଁ 'ହାଇଡ୍ ଆଉଟ୍' । ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ । ହୋଚିମିନ୍ ସିଟି ଦକ୍ଷିଣ ଭିଏତ୍‌ନାମର ଏକ ସମୃଦ୍ଧ ସହର । ଏହାର ପୁରାତନ ନାମ- ସାଇଗନ୍ । ୧୯୭୬ରେ ଏହାର ନାମ ପରିବର୍ତ୍ତନ କରା ଯାଇଥିଲା । ସହର ଚାରିପଟେ ଘେରି ରହିଛି ସାଇଗନ୍ ନଦୀ । ଭିଏତ୍‌ନାମ୍ ଏକ ସ୍ୱାଧୀନ ରାଷ୍ଟ୍ର ଭାବେ ଆବିର୍ଭାବ ହେବା ବହୁ ପୂର୍ବରୁ ୧୮୫୯ ବେଳକୁ ଏହା ଥିଲା ଫରାସୀ ଓ ସ୍ପେନ୍‌ର ଉପନିବେଶ । ସେ ସମୟରେ ନିର୍ମିତ ହୋଇଥିବା ଅନେକ ଐତିହାସିକ ଅଟ୍ଟାଳିକା ସ୍ମୃତିର ସନ୍ତକ ରୂପେ ଆଜି ବି ହୋଚିମିନ୍ ସିଟି ସହରରେ ବିଦ୍ୟମାନ । ସବୁଜିମାରେ ଭରପୁର ସୁନ୍ଦର ସହର ହେଉଛି ହୋଚିମିନ୍ ସିଟି ।

ହଷ୍ଟଲ୍‌ରେ ଜିନିଷପତ୍ର ଥୋଇ ଟିକେ ସାଷ୍ଟାମ୍ ହେଲା ବେଳକୁ ଦିନ ୧୨ଟା । ପ୍ରଥମେ ମଧ୍ୟାହ୍ନଭୋଜନ ଶେଷ କରିବା ପାଇଁ ବାହାରିଲୁ । ହଷ୍ଟେଲ୍ ପାଖ ମାର୍କେଟ୍‌ରେ ଗୁଗୁଲ୍‌ମ୍ୟାପ୍‌ରେ ଏକ ଭାରତୀୟ ରେସ୍ତୋରାଁ **ହିନ୍ଦୁସ୍ଥାନ** ଦେଖି ଭିତରକୁ ପଶିଗଲୁ । ଭିଏତନାମି ୱେଟର୍ ଆମ ବିରିୟାନି ଅର୍ଡ଼ର ନେଇ ଚାଲିଗଲେ । ଆମ ଦୁଇବନ୍ଧୁଙ୍କ ଭିତରେ କଥାବାର୍ତ୍ତା ଚାଲିଥାଏ । ହଠାତ୍ ରେସ୍ତୋରାଁର ଜଣେ କର୍ମଚାରୀ ଆମକୁ ପଚାରିଲେ, "ସାର୍ ଆପଣମାନେ ଓଡ଼ିଶାର କେଉଁ ସ୍ଥାନରୁ ଆସିଛନ୍ତି ?" ଆମେ ବିଦେଶରେ ଏଭଳି ଓଡ଼ିଆ ସମ୍ଭାଷଣ ଶୁଣି ଆଶ୍ଚର୍ଯ୍ୟ ହେଲୁ । ସେଇ ଭଦ୍ରବ୍ୟକ୍ତିଙ୍କ ନାଁ- ଶେଖ୍ ଆଜାଦ୍ । ସେ ଯାଜପୁର ଅଂଚଳର ବାସିନ୍ଦା । ଏଠାରେ ସେଫ୍ ବା ରୋଷେୟା କାମ କରନ୍ତି । ତାଙ୍କ ସହିତ ଆଉ ୪ଜଣ ଯାଜପୁର ଯୁବକ ମଧ୍ୟ କାମ କରନ୍ତି । ଆମମାନଙ୍କର ଓଡ଼ିଆ କଥାବାର୍ତ୍ତା ଶୁଣି ଧାଇଁ ଆସିଥିଲେ ସାକ୍ଷାତ କରିବା ପାଇଁ । ତାଙ୍କ ସହିତ କଥାବାର୍ତ୍ତା କରି ବହୁତ ଖୁସି ହେଲୁ । ଆଜାଦ୍ ପୂର୍ବରୁ ସିଙ୍ଗାପୁରରେ ଥିଲେ, ବର୍ଷେ ହେବ ଭିଏତ୍‌ନାମ୍ ଆସିଛନ୍ତି । ବିଦେଶ ମାଟିରେ ସେ ଆମମାନଙ୍କ ଦେଖି ବେଶ୍ ଆନନ୍ଦିତ ଜଣା ପଡୁଥିଲେ । ଆମ ପାଇଁ ସୌଜନ୍ୟମୂଳକ ଭାବେ ନିଜ ତରଫରୁ ଆଉ ଦୁଇଟି ଆଇଟମ୍ ବାଢ଼ିଦେଲେ ବିନାମୂଲ୍ୟରେ । ମାତ୍ର କିଛି ମିନିଟ୍‌ର ସଂପର୍କ ଭିତରେ ଆଜାଦ୍‌ଙ୍କ ଶ୍ରଦ୍ଧା ଓ ସଦିଚ୍ଛା ଦେଖି ଆମେ ଅଭିଭୂତ ହେଲୁ । ହୋଚିମିନ୍ ସିଟି ହେଉଛି ମ୍ୟୁଜିୟମ୍‌ର ସହର । ପ୍ରାୟ ୧୦ରୁ ଅଧିକ ମ୍ୟୁଜିୟମ୍ ଅଛି ଏଠାରେ । କିନ୍ତୁ ସମୟର ସ୍ୱଳ୍ପତା ଦୃଷ୍ଟିରୁ ଆମେ କେବଳ WAR REMNANTS MUSEUM ଦେଖିବାର ସୁଯୋଗ ପାଇଲୁ । ଭିଏତ୍‌ନାମ୍‌ରେ ଯୁଦ୍ଧର ଭୟାବହତାକୁ ଏଠାରେ ସ୍ପଷ୍ଟ ଭାବରେ ଅନୁଭବ କରିହେଲା । ସେତେବେଳେ ବ୍ୟବହାର କରା ଯାଇଥିବା ଯୁଦ୍ଧ ବିମାନ, ଟ୍ୟାଙ୍କ୍, ଗୁଳିଗୋଳା, ଯୁଦ୍ଧବନ୍ଦୀମାନଙ୍କର ଅତ୍ୟାଚାର ଗୃହ- ଏସବୁ ଦେଖି ମନଟା ଭାରାକ୍ରାନ୍ତ ହୋଇପଡ଼ିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ଫ୍ରାନ୍ସରେ ଏକଦା ମୃତ୍ୟୁଦଣ୍ଡ ପାଇଁ ବ୍ୟବହାର କରାଯାଉଥିବା ଗିଲୋଟିନ୍ ଯନ୍ତ୍ରକୁ ଦେଖିବାକୁ ମିଳିଲା । ଏହାକୁ ଦେଖି ମୁଁ ତ ଭୟରେ ଥରି ଉଠିଥିଲି । କେତେ ଭୟଙ୍କର ଓ ନିର୍ମମ ଥିଲା ଗିଲୋଟିନ୍‌ରେ ମୃତ୍ୟୁଦଣ୍ଡ ଦେବାର ବ୍ୟବସ୍ଥା । ଫରାସୀମାନଙ୍କ ଶାସନ ସମୟରେ ଏଠାରେ ଗିଲୋଟିନ୍ ବ୍ୟବହାର କରା ଯାଉଥିଲା । ମ୍ୟୁଜିୟମ୍ ବୁଲି ସାରିବା ପରେ ସହରର ମୁଖ୍ୟରାସ୍ତାରେ କିଛି ଦୂର ଚାଲିଚାଲି ଗଲୁ । ପରିବେଶ ଥାଏ ଏକ୍‌ଦମ୍ ସବୁଜ । ଝଙ୍କାଳିଆ ଗଛଛାଇ ବେଶ୍ ଥଣ୍ଡା ଲାଗୁଥାଏ । ହାନୋଇ ଓ ଦାନାଙ୍ଗ୍ ପରିବର୍ତ୍ତେ ହୋଚିମିନ୍ ସିଟି ବା ସାଇଗନ୍‌ରେ ଗରମ ଅନୁଭୂତ ହେଉଥାଏ । ପହଂଚିଲୁ ହୋଚିମିନ୍ ସିଟି ସେଣ୍ଟ୍ରାଲ୍ ପୋଷ୍ଟ୍ ଅଫିସ୍ ନିକଟରେ । ଏହା ହେଉଛି ଦକ୍ଷିଣପୂର୍ବ ଏସିଆର ସବୁଠାରୁ ବଡ଼ ପୋଷ୍ଟ୍ ଅଫିସ୍ । ୧୮୯୨ରେ ପ୍ରଥମେ ଏହା କାର୍ଯ୍ୟ କରିବା ଆରମ୍ଭ କରିଥିଲା । ଫରାସୀ ସ୍ଥାପତ୍ୟ ଶୈଳୀରେ ନିର୍ମିତ ଏହି ପୁରାତନ ଅଟ୍ଟାଳିକାଟି ଖୁବ୍ ସୁନ୍ଦର । ଏବେ ସରକାର ଏହାକୁ ପର୍ଯ୍ୟଟକମାନଙ୍କ ପାଇଁ ଖୋଲିଛନ୍ତି । ପୋଷ୍ଟ୍ ଅଫିସ୍‌ର କାନ୍ଥକୁ ଦେଖିଲେ ଆଖି ଲାଖିଯିବ । କାନ୍ଥରେ ଦକ୍ଷିଣପୂର୍ବ ଏସିଆର ସେତେବେଳର ଟେଲିଗ୍ରାଫ୍ ଲାଇନ୍‌ର ମାନଚିତ୍ର,



ଭିଏତ୍‌ନାମ୍‌ର ବିଭିନ୍ନ ଡାକଟିକଟର ଫଟୋଚିତ୍ର ଶୋଭା ପାଉଥାଏ । ପୋଷ୍ଟ ଅଫିସ୍ ଭିତରେ ପର୍ଯ୍ୟଟକମାନଙ୍କ ପାଇଁ ସ୍ମାରକୀ ଉପହାର ଦୋକାନର ବ୍ୟବସ୍ଥା ଅଛି । ସେଠାରେ ସବୁବେଳେ ପର୍ଯ୍ୟଟକମାନଙ୍କର ଭିଡ଼ ଲାଗି ରହିଥାଏ । ଯଦିଓ ଏହି ପୋଷ୍ଟଅଫିସ୍ ଏବେ କାମ୍ କରୁନାହିଁ ତଥାପି ଏହାର ସ୍ଥାପତ୍ୟ ଶୈଳୀ ଏତେ ସୁନ୍ଦର ଯେ ସୁଦୂର ଆମେରିକା ଓ ଇଂଲଣ୍ଡରୁ ବି ପର୍ଯ୍ୟଟକମାନେ ଧାଇଁ ଆସନ୍ତି ଦେଖିବା ପାଇଁ ।

ହୋଚିମିନ୍ ସିଟି ପୋଷ୍ଟ ଅଫିସ୍‌ର ଠିକ୍ ପାଖରେ ଅଛି ଆଉ ଏକ ସୁନ୍ଦର ଦର୍ଶନୀୟ ସ୍ଥାନ, **ନୋଟ୍ରେ ଡେମ୍ କ୍ୟାଥେଡ୍ରାଲ୍** । ୧୮୮୦ ମସିହାରେ ଫରାସୀମାନଙ୍କ ଦ୍ୱାରା ସ୍ଥାପିତ ଏହି କ୍ୟାଥଲିକ୍ ଉପାସନା ସ୍ଥଳଟି ଗୁରୁତ୍ୱ ବହନ କରେ । କାରଣ ବୌଦ୍ଧଧର୍ମର ପ୍ରାବଲ୍ୟ ଥିବା ସତ୍ତ୍ୱେ ଭିଏତ୍‌ନାମ୍ ସରକାର ଓ ଜନସାଧାରଣ ଏହାକୁ ଯତ୍ନର ସହିତ ସାଇତି ରଖିଛନ୍ତି । ପୋଷ୍ଟ ଅଫିସ୍ ପରିଦର୍ଶନରୁ ଫେରିବା ପରେ ପର୍ଯ୍ୟଟକମାନେ ଏହି କ୍ୟାଥେଡ୍ରାଲ୍ ସାମ୍ନାରେ କିଛି ସମୟ ବିତାନ୍ତି । ଏହା ସାମ୍ନାରେ ରହିଛି ମଦର୍ ମେରୀଙ୍କର ଏକ ପୂର୍ଣ୍ଣାବୟବ ମୂର୍ତ୍ତି । ସ୍ଥାନୀୟ ଲୋକମାନେ ଦାବି କରନ୍ତି ଯେ ୨୦୦୫ ମସିହାରେ ମୂର୍ତ୍ତିର ଆଖିରୁ ଲୁହ ବୋହିବାର ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା । ଯଦିଓ ଏହାକୁ ବିଶ୍ୱ କ୍ୟାଥଲିକ୍ ସମାଜ ଖଣ୍ଡନ କରିଥିଲା, କିନ୍ତୁ ଆଜି ତ ପର୍ଯ୍ୟଟକମାନେ ଚାତକ ପରି ଅନେଇ ବସିଥାନ୍ତି ହୁଏତ ସେହି ବିରଳ ଦୃଶ୍ୟଟିକୁ ଆଉଥରେ ଦେଖିବାର ସୁଯୋଗ ମିଳିବ ।

ଆମେ ବେଶ୍ କିଛି ସମୟ ସେଠାରେ କଟାଇଲୁ । ସଂଧ୍ୟା ହୋଇ ଆସୁଥାଏ । ବାଇକ୍ ଟ୍ୟାକ୍ସି ଧରି ଦୁଇବନ୍ଧୁ ଚାଲିଲୁ ହୋଚିମିନ୍ ସିଟିର ପ୍ରସିଦ୍ଧ ବେନ୍‌ଥାଇ ମାର୍କେଟ୍ ବୁଲିବା ପାଇଁ । ଏଇ ମାର୍କେଟ୍‌ର ସ୍ଥାୟୀ ଅଟ୍ଟାଳିକାରେ ନିୟମିତ ମାର୍କେଟ ତ ବସେ ସକାଳ ୯ଟାରୁ ସଂଧ୍ୟା ୭ଟା ପର୍ଯ୍ୟନ୍ତ । କିନ୍ତୁ ଅଟ୍ଟାଳିକା ବାହାରେ ରାତି ୫ଟାରୁ ୧୨ଟା ପର୍ଯ୍ୟନ୍ତ ସବୁଦିନ ବସେ ନାଇଟ୍ ମାର୍କେଟ୍ । ଆମେ ସେଠାରେ ପହଂଚିଲା ବେଳକୁ ସନ୍ଧ୍ୟା ୭.୩୦ । ଚାରିପାଖରେ ଟିକିଏ ଏପଟ ସେପଟ ହୋଇ ବୁଲାବୁଲି କରିବା ଭିତରେ ମାତ୍ର ୧୫ ମିନିଟ୍‌ରେ କେମିତି ନାଇଟ୍ ମାର୍କେଟ ଆରମ୍ଭ ହୋଇଗଲା ଜାଣି ପାରିଲୁ ନାହିଁ । ମାର୍କେଟ୍‌ରେ ବୁଲିବା ବେଳେ ଭିଏତ୍‌ନାମି ସଂସ୍କୃତିର ଝଲକ ଦେଖିବାର ସୁଯୋଗ ମିଳିଲା । ଭିଏତ୍‌ନାମି ଲୋକଙ୍କର ଦୈନନ୍ଦିନ ଘରକରଣା ଜିନିଷ ଠିକ୍ ଆମ ପରି । ସେଠାରେ ପନିପରିବା, ଘରକରଣା ଜିନିଷ ବ୍ୟତୀତ ପ୍ରାୟ ୫୦ ସରିକି ଅସ୍ଥାୟୀ ଦୋକାନ ଖୋଲିଥାଏ ଫାଷ୍ଟଫୁଡ୍ ଏବଂ ଅନ୍ୟାନ୍ୟ ଖାଦ୍ୟ ପାନୀୟକୁ ନେଇ । କେବଳ ଚିକେନ୍ ଓ ମାଛକୁ ଛାଡ଼ିଦେଲେ ଆଉ ଯେଉଁସବୁ ଖାଦ୍ୟ ମିଳୁଥାଏ ତାହା ଆମ ପାଇଁ ସଂପୂର୍ଣ୍ଣ ଅଭକ୍ଷ । ସେସବୁକୁ ବି ଖୁସି ମନରେ ଖାଇ ଯାଉଥାନ୍ତି ସ୍ଥାନୀୟ ଲୋକେ । ଦେଖିକି ବାନ୍ତି ଆସିଗଲା । ରାତି ୯ଟା ବାଜିବାକୁ ଯାଉଥିଲା । ପୁଣିଥରେ ଶେଖ୍ ଆଜାଦ୍‌ଙ୍କ ରେଷ୍ଟୁରାଣ୍ଟ୍‌ରେ ରାତ୍ରୀ ଭୋଜନରେ ରୁଟି ଓ ଚିକେନ୍ ଖାଇ ଫେରିଲୁ ହଷ୍ଟେଲ୍‌କୁ । ଶୀଘ୍ର ଶୋଇ ପଡ଼ିଲୁ । କାରଣ ପରଦିନ ସକାଳୁ ଏୟାରପୋର୍ଟ ଯିବାର ଥିଲା ଫେରନ୍ତା ଯାତ୍ରା ପାଇଁ ।

ସକାଳୁ ସକାଳୁ ଉଠି, ଉବେର୍ ଟ୍ୟାକ୍ସି ମଗାଇ ଚାଲିଲୁ ଏୟାରପୋର୍ଟ । ଚାହୁଁ ଚାହୁଁ କେତେବେଳେ ସାତଦିନ ବିତିଗଲା ଜଣା ପଡ଼ିଲା ନାହିଁ । ଏଇ ସାତଦିନରେ ହୃଦୟ ଭିତରେ ସାଇତା ହୋଇ ରହିଗଲା ଅନେକ ଅପାସୋରା ଅନୁଭୂତି । ଭିଏତ୍‌ନାମୀଙ୍କର ସରଳତା, ସୌଜନ୍ୟବୋଧ, କର୍ତ୍ତବ୍ୟ ପରାୟଣତା ମତେ ଯେମିତି ଆଚ୍ଛନ୍ନ କରି ରଖିଥିଲା ।

ଏୟାରପୋର୍ଟରେ ଯଥା ସମୟରେ ଚେକ୍‌ଇନ୍ କରି ଏୟାର୍ ଏସିଆ ଫ୍ଲାଇଟ୍‌ରେ ବସିଲୁ । ପ୍ଲେନ୍ ଟେକ୍‌ଅଫ୍ କରିବା ପରେ ମନ ଭିତରେ ଗୋଟିଏ କଥା ସ୍ୱତଃ ଉଙ୍କି ମାରିଲା: ବିଦାୟ, ଚଂପାଦେଶ ।

କିନ୍ତୁ ମୋ ଯାତ୍ରାନୁଭୂତି ଏଇଠି ସରିନି ।

ଫ୍ଲାଇଟ୍ ଦିନ ପ୍ରାୟ ଗୋଟାଏ ବେଳକୁ ମାଲେସିଆର ରାଜଧାନୀ କୁଆଲାଲାମ୍ପୁରରେ ଲ୍ୟାଣ୍ଡ କଲା । ଦୁଇବନ୍ଧୁ ଫ୍ଲାଇଟ୍‌ରୁ ଓହ୍ଲେଇ ଟେକ୍‌ଇନ୍ ଏରିଆ ଭିତରେ ବସିଲୁ । ପରବର୍ତ୍ତୀ ଭୁବନେଶ୍ୱର ଫ୍ଲାଇଟ୍ ଥିଲା ରାତି ୯ଟାରେ । ଯେହେତୁ ଗୋଟିଏ ପିଏନ୍‌ଆର୍ ଟିକେଟ୍ ସୁତରାଂ ଆମର ଲଗେଜ୍ ସିଧାସଳଖ ହୋଚିମିନ୍ ସିଟିରୁ ଏୟାର୍‌ଏସିଆ ହାତକୁ ଚାଲି ଯାଇଥିଲା । କେବଳ ଭୁବନେଶ୍ୱରରୁ ଆମେ ଲଗେଜ୍ ସଂଗ୍ରହ କରିବା କଥା ।

ପ୍ରବଳ ଭୋକ ଲାଗୁଥାଏ । ଅଗତ୍ୟା ସାଙ୍ଗରେ ନେଇଥିବା ଛତୁଆକୁ ପାଣିରେ ଗୋଳି ଖାଇବା ଆରମ୍ଭ କଲୁ । ହଠାତ୍ ଦେଖିବାକୁ ମିଳିଲା ଜଣେ ମଧ୍ୟବୟସ୍କା ଚୀନା ମହିଳା ଆମ ଛତୁଆ ଗୋଳା ଓ ଖାଇବାକୁ ଏକ ଲୟରେ ଅନାଇ ରହିଛନ୍ତି । ଭକ୍ତବାବୁ ସୌଜନ୍ୟମୂଳକ ଭାବେ ଭଦ୍ରମହିଳାଙ୍କ ସହିତ ଗୁଗୁଲ୍ ଟ୍ରାନ୍ସଲେଟର୍ ସାହାଯ୍ୟରେ କଥାବାର୍ତ୍ତା ଆରମ୍ଭ କଲେ । ଭଦ୍ରମହିଳା ଜଣଙ୍କ ନିଜ ବାପାଙ୍କୁ ଧରି ସାଂଘାଇ ଯାଉଥିଲେ । ସେ କୁଆଲାଲାମ୍ପୁରରେ ନର୍ସ ଚାକିରି କରନ୍ତି । ଛତୁଆ ସଂପର୍କରେ ଜାଣିବାକୁ ଚାହୁଁଥିଲେ । ଭକ୍ତବାବୁ ତାଙ୍କୁ ଛତୁଆର ଉପାଦେୟତା ସଂପର୍କରେ ଗୁଗୁଲ୍ ଟ୍ରାନ୍ସଲେଟର୍ ସାହାଯ୍ୟରେ ଏକ ସଂକ୍ଷିପ୍ତ ଭାଷଣଟିଏ ଦେଲେ । ମହିଳା ଜଣକ ଦୀର୍ଘ ସମୟ ଧରି ଭୋକିଲା ଥିବା ତାଙ୍କ ବାପାଙ୍କୁ (ବୟସ- ପ୍ରାୟ ୮୦ବର୍ଷ) ଦେବା ପାଇଁ ଚାହିଁଲେ । କାରଣ ଏୟାରପୋର୍ଟ ଚେକ୍‌ଇନ୍ ଏରିଆରେ ଖାଦ୍ୟ ଖୁବ୍ ମହଙ୍ଗା । ମୁଁ ଖୁସିରେ ଛତୁଆ ଗୋଳି ତାଙ୍କ ବାପାଙ୍କ ହାତକୁ ବଢ଼ାଇ ଦେଲି । ବୃଦ୍ଧବ୍ୟକ୍ତି ଜଣକ ଛତୁଆ ପାଟିରେ ଦେଇ ଭାରି ଖୁସି ହେଲେ । ମାତ୍ର ଅଳ୍ପ ସମୟ ପରେ ଗିନାର ସବୁ ଛତୁଆ ସରିଗଲା । ଭଦ୍ର ମହିଳାଙ୍କ ମୁହଁରେ ପରିତୃପ୍ତିର ଯେଉଁ ହସ ଚେନାକ ଝଲସି ଉଠିଲା, ତାକୁ ଭାଷାରେ ବର୍ଣ୍ଣନା କରିବା ମୋ ପକ୍ଷରେ ସମ୍ଭବପର ନୁହେଁ । ସେ ଆମକୁ ୧୦ ୟୁଆନ୍‌ର ଖଣ୍ଡିଏ ନୋଟ୍ ବଢ଼େଇ ଦେଲେ । ଭକ୍ତବାବୁ ମନା କରୁଥିଲେ ମଧ୍ୟ ସେ ଜବରଦସ୍ତ ତାଙ୍କ ହାତରେ ଗୁଂଜି ଦେଲେ ଏବଂ ଗୁଗୁଲ୍ ଟ୍ରାନ୍ସଲେଟର୍ ମାଧ୍ୟମରେ କହିଲେ, ଏହା ହେଉଛି ମୋ ତରଫରୁ ସ୍ମୃତିର ସନ୍ତକ । ଦୟାକରି ସ୍ୱୀକାର କରନ୍ତୁ ।

ଠିକ୍ ସେହି ସମୟରେ ସାଂଘାଇ ଫ୍ଲାଇଟ୍‌ର ବୋର୍ଡ଼ିଂ ପାଇଁ ଡାକରା ଆସିଲା । ବାପ-ଝିଅ ଦୁଇଜଣ ଆମ ସହ କରମର୍ଦ୍ଦନ କରି ବିଦାୟ ନେଲେ ।

ମଧୁରେଣ ସମାପଏତ୍ ନୀତିରେ ଆମ ଦୁହିଁଙ୍କ ପାଇଁ ଯାତ୍ରାର ଶେଷ ପର୍ଯ୍ୟାୟରେ ମଧୁର ଅନୁଭୂତି । ସେଇ ମୁହୂର୍ତ୍ତରେ ଆମେ ଅନୁଭବ କଲୁ, ଏ ବିଶାଳ ପୃଥିବୀରେ ସବୁ ମଣିଷଙ୍କ ଭିତରେ ଦେଶଭାଷା, ଭୌଗୋଳିକ ସ୍ଥିତି ଭିନ୍ନ ଭିନ୍ନ ଥାଇ ମଧ୍ୟ ଏକ ସୂକ୍ଷ୍ମ ଆବେଗିକ ସଂପର୍କ ଅଛି । ଯାହାର ସଂଜ୍ଞା ନିରୂପଣ କରିବା ଅସମ୍ଭବ ।

# ଖଞ୍ଜଣିର ଖ୍ୟାତି



# ସଂଧ୍ୟାର ଧ୍ରୁପଦ: ଖଞ୍ଜଣି




**ଡକ୍ଟର କିଶୋର ମହାନ୍ତି**

ଇ/୫୦, ସେକ୍ଟର-୭, ସିଡ଼ିଏ-କଟକ-୧୪
ଫୋନ : ୯୫୩୭୭୨୮୪୭୫


ଫଟୋ ସୌଜନ୍ୟ : ଗୁଗୁଲ୍ ଓ ସଂଗ୍ରାମ କେଶରୀ ପୃଷ୍ଟି

## ଖଞ୍ଜଣି : ଏକ ତାଳବାଦ୍ୟ

ସେଦିନ ହୁଏତ ଆକାଶ ନଥିଲା, ପୃଥିବୀ ନଥିଲା, ଥିଲା ଖାଲି ଶୂନ୍ୟ କେବଳ ମହାଶୂନ୍ୟ । ଅନ୍ତରୀକ୍ଷ ନଥିଲା, ନଥିଲା ବି ଜାଗତିକ ସତ୍ୟ । ସୃଷ୍ଟିର ଆରମ୍ଭ ନଥିଲା ବିଲୟ ବି ନଥିଲା । ଅଥଚ ସର୍ଜନାର ପ୍ରଥମ ପ୍ରବଣତା ଭିତରେ ଧ୍ୱନିର ଅପୂର୍ବ ତରଙ୍ଗଟିଏ ଶୂନ୍ୟତାରେ ରୂପାୟିତ ହେଉଥିଲା ଶବ୍ଦ ବ୍ରହ୍ମ ସ୍ୱରୂପରେ । ଆକାଶ ସ୍ୱରୂପା ସେଇ ସର୍ବବ୍ୟାପୀ ଶବ୍ଦ ବ୍ରହ୍ମ ଜଗତର ସକଳ ପ୍ରାଣୀଙ୍କ ପ୍ରାଣର ସ୍ପନ୍ଦନ ଆଉ ସମଗ୍ର ଜୀବଜଗତ ସେହି ଶବ୍ଦର ଅଧୀନ ।

ଶବ୍ଦ ବ୍ରହ୍ମର ପ୍ରଭାବ ଯେପରି ବ୍ୟାପକ ସେହିପରି ଗଭୀର ଓ ମର୍ମଭେଦୀ । ଶବ୍ଦ ପୁଣି ଧ୍ରୁବ, ଚିରନ୍ତନ ସତ୍ୟ; ପରମବ୍ରହ୍ମଙ୍କ ସହିତ ମିଳିତ ହେବାର ପ୍ରଶସ୍ତ ମାର୍ଗ । ସେଇଥିପାଇଁ ତ ଜୀବ ପକ୍ଷରେ ଧ୍ୱନିର ଆକର୍ଷଣ ଅଲଂଘନୀୟ । ଶବ୍ଦର ଅପୂର୍ବ ରାଗିଣୀ ଭିତରେ ମାନବ ଜୀବନର ଅୟମାରମ୍ଭ ହୁଏ । ସନ୍ଧ୍ୟାର କମନୀୟ କାନ୍ତି ଭିତରେ ସଙ୍ଗୀତର ଧ୍ରୁପଦରେ ହୁଏ ଆହୁରି ସ୍ନିଗ୍ଧ, ଅଧିକ ମନୋରମ । ଆଉ ସଙ୍ଗୀତର ଏଇ ଧ୍ରୁବ ପଦ, ଚିରନ୍ତନ ସତ୍ୟ ଶବ୍ଦର ଅନାହତ ରୂପ ନେଇ ସୃଷ୍ଟି ହୁଏ ଚରମ ଆନନ୍ଦମୟ ମୂର୍ଚ୍ଛନା । ମନୋରଂଜନ ଓ ତୃପ୍ତି ବିଧାନ ନିମନ୍ତେ ସୃଷ୍ଟ ଏହି ସୂକ୍ଷ୍ମକଳାର ପ୍ରମୁଖ ଉପାଦାନ ହେଉଛି ଗୀତ, ବାଦ୍ୟ ଏବଂ ନୃତ୍ୟ ।

ସାଧନାର କଠୋର ସଂଯମତା ଭିତରେ କଳାର ଜୟଯାତ୍ରା ଚାଲିଛି ଯୁଗରୁ ଯୁଗାନ୍ତର ଯାଏଁ । ସୃଷ୍ଟି ହୋଇଛି ସ୍ୱର, ତାଳ ଆଉ ଲୟ । ସଙ୍ଗୀତକୁ ଅଧିକ ଋଦ୍ଧିମନ୍ତ କରିବାର ନିରନ୍ତର ପ୍ରୟାସ ଭିତରୁ ସୃଷ୍ଟି ହୋଇଛି ଅସଂଖ୍ୟ ତାଳବାଦ୍ୟ । ଆଉ ଏହି ତାଳବାଦ୍ୟ ଭିତରେ ନିନାଦିତ ହୋଇଛି ସେହି ଅଦୃଶ୍ୟ ବ୍ରହ୍ମର ଶାବ୍ଦିକ ପ୍ରବାହ । ଭାରତୀୟ ସଙ୍ଗୀତରେ ବ୍ୟବହୃତ ବହୁବିଧ ତାଳବାଦ୍ୟ ମଧ୍ୟରୁ ଖଞ୍ଜଣି ହେଉଛି ସେହିପରି ଏକ ଦ୍ୱିତୀୟ ପର୍ଯ୍ୟାୟର ତାଳବାଦ୍ୟ । ଅନବଦ୍ଧ ବା ଆବଦ୍ଧ ତାଳବାଦ୍ୟ ଭାବରେ ପରିଚିତ ଏହି ଖଞ୍ଜଣି ଭାରତ ବର୍ଷର ବିଭିନ୍ନ ଅଞ୍ଚଳରେ ଭିନ୍ନ ଭିନ୍ନ ନାମରେ ପରିଚିତ ।

ଖଞ୍ଜଣି ଏକ କ୍ଷୁଦ୍ର ତାଳବାଦ୍ୟ ଯନ୍ତ୍ର ଯାହାକୁ କି ଖୁବ୍ ସହଜରେ ଗୋଟିଏ ସ୍ଥାନରୁ ଅନ୍ୟ ଗୋଟିଏ ସ୍ଥାନକୁ ବୋହି ନେଇ ହୁଏ । ଓଡ଼ିଶାର ସାମାଜିକ ଜୀବନ ସହିତ ନିବିଡ଼ ଭାବରେ ସଂଶ୍ଳିଷ୍ଟ ଏହି ଖଞ୍ଜଣି ଓଡ଼ିଶାର ସମସ୍ତ ଅଞ୍ଚଳରେ ସମାଦୃତ । ଏହି ତାଳବାଦ୍ୟଟିର ବିଶେଷତ୍ୱ ହେଉଛି ଏହାକୁ ଗୋଟିଏ ହାତରେ ହିଁ ବାଦନ କରାଯାଏ । ଏ ସମ୍ପର୍କରେ ଓଡ଼ିଶାର ସ୍ୱନାମଧନ୍ୟ ସଙ୍ଗୀତଜ୍ଞ ତଥା ସଙ୍ଗୀତ ନିର୍ଦ୍ଦେଶକ ରାଖାଲ ଚନ୍ଦ୍ର ମହାନ୍ତି କୁହନ୍ତି, "ଖଞ୍ଜଣି ଗୋଟିଏ ବହୁ ପ୍ରାଚୀନ ବାଦ୍ୟଯନ୍ତ୍ର । ତ୍ରିନାଥ ମେଳାରେ ଆମର ଓଡ଼ିଶାରେ ଖଞ୍ଜଣିର ଗୋଟିଏ ପ୍ରକାର ଗୀତ ଅଛି 'କି ହେବ ଶୁଆ ପୋଷିଲେ', 'ବଡ଼ ମାୟାବୀ ଜୀବ ନୁହେଁ କାହାରି'- ଏସବୁ ଗୀତରେ ବିଶେଷ କରି ଖଞ୍ଜଣି ବାଜିବା କଥା । କିନ୍ତୁ ଭାଗବତ ଟୁଙ୍ଗିରେ ଆମର ତ ସେତେବେଳେ ଗାଁରେ ଭାଗବତ ସ୍ୱରରେ ଗାଇଲା ବେଳେ ଖଞ୍ଜଣି ବ୍ୟବହାର କରୁଥିଲେ । ତାପରେ ବିଶେଷ କରି ଭୀମଭୋଇଙ୍କ ଗୀତରେ ଖଞ୍ଜଣି ବାଦ୍ୟ ହିଁ ପ୍ରୟୋଜନ, ନହେଲେ ଭଲ ଲାଗିବନି । ତାଙ୍କର ଗୀତରେ ବିଶେଷ କରି ଖଞ୍ଜଣି ବ୍ୟବହାର ହୋଇଥାଏ ଏବଂ ପି.ଭି.କ୍ରିଷ୍ଣାମୂର୍ତ୍ତି ବି ତାଙ୍କରି ଗୀତରେ ଖଞ୍ଜଣି ବ୍ୟବହାର କରିଥିଲେ । ଆପଣମାନେ ଜାଣିଛନ୍ତି ମାଡ୍ରାସ୍‌ରେ ଦକ୍ଷିଣ ସଙ୍ଗୀତରେ ଖଞ୍ଜଣିଟାକୁ ସେମାନେ ଶାସ୍ତ୍ରୀୟ ବାଦ୍ୟ ବୋଲି କହିଛନ୍ତି । ଆମର ସେମାନେ ଇଚ୍ଛା କଲେ ଖଞ୍ଜଣିକୁ ସେହିପରି ଭାବରେ ବ୍ୟବହାର କରିପାରିବେ । ଆଜିକାଲି ବିଶେଷ କରି ଆଧୁନିକ ଗୀତରେ, ସୁଗମ ସଙ୍ଗୀତରେ ଖଞ୍ଜଣି ତ ବହୁଳ ବ୍ୟବହାର ହେଉଛି, ମୁଁ ବ୍ୟବହାର କରିଛି ଏବଂ ବମ୍ବେ ଫିଲ୍ମରେ ମଧ୍ୟ ଖଞ୍ଜଣି ବ୍ୟବହାର ହୋଇଛି । କିନ୍ତୁ ଆମର ଯେଉଁ ଖଞ୍ଜଣି ଗୋଟିଏ ଝାଞ୍ଜ ଥାଇ କରି ସେ ଖଞ୍ଜଣି ବଜାଇଲା ବେଳେ ସେ ଝାଞ୍ଜର ଶବ୍ଦ ହେବ, ତାକୁ ଆମେ ପଛରେ ପକାଇଛୁ । କେହି ଚେଷ୍ଟା କରିନାହାନ୍ତି ତାର କେମିତି ଉନ୍ନତି ହେଉ । ବାଦ୍ୟଟି ଆମର ଓଡ଼ିଶାରେ ବହୁତ ଭଲ ଭାବରେ ପରିଚିତ ହେଉ କେହି ଚେଷ୍ଟା କରିନାହାନ୍ତି । ବିଶେଷକରି ଯେଉଁମାନେ ଭଜନ ଗାଆନ୍ତି, ନାମକରା ଭଜନ ଗାଇବା ଶିଳ୍ପୀମାନେ ଯଦି ଖଞ୍ଜଣି ବ୍ୟବହାର କରି ଖଞ୍ଜଣି ଗୀତ କରିବେ, ନିଶ୍ଚିତ ଭାବେ ଏହା ଉଠିଯିବ ଏବଂ ଆମ୍ଭେମାନେ ଯଦି ଇଚ୍ଛା କରିବୁ ଏବଂ ଆମର ବାଦ୍ୟକାରମାନେ ସେମାନେ ଯଦି ଚେଷ୍ଟା କରିବେ ଖଞ୍ଜଣି ଉପରକୁ ଉଠିଯିବ । ଏହା ଗୋଟିଏ ସୁମଧୁର ବାଦ୍ୟଯନ୍ତ୍ର ।"





ଆଧ୍ୟାତ୍ମିକତାର ପୃଷ୍ଠଭୂମି ଉପରେ ପର୍ଯ୍ୟବେଶିତ ଏହି କ୍ଷୁଦ୍ର ବାଦ୍ୟଯନ୍ତ୍ରଟି ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ପ୍ରଚଳିତ । ଏପରିକି ପ୍ରାୟ ଦ୍ୱାଦଶ ଶତାବ୍ଦୀରୁ ଓଡ଼ିଆ ଜାତିର ନମସ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଛତିଶା ନିଯୋଗ ମଧ୍ୟରୁ ଅନ୍ୟତମ ନିଯୋଗ ଭାବରେ ପରିଚିତ 'ସଙ୍ଗୀତ ନିଯୋଗ'ରେ ଖଞ୍ଜଣିର ବ୍ୟବହାର ଦେଖିବାକୁ ମିଳେ । ଉତ୍କଳୀୟ ଶିଳ୍ପକଳାର ଚରମ ନିଦର୍ଶନ କୋଣାର୍କ ମନ୍ଦିର ଗାତ୍ରରେ ଖୋଦିତ କେତେକ ଲାସ୍ୟମୟୀ ନର୍ତ୍ତକୀଙ୍କ ହସ୍ତରେ ଏହି ଖଞ୍ଜଣି ଦେଖିବାକୁ ମିଳେ । ଅର୍ଥାତ୍ ଦୀର୍ଘ ଏକ ହଜାର ବର୍ଷରୁ ଅଧିକ କାଳ ଧରି ଓଡ଼ିଶାର ସଙ୍ଗୀତ-ମହାସ୍ରୋତରେ ଖଞ୍ଜଣିର ବ୍ୟବହାର ଯେ ରହିଥିଲା, ଏଥିରେ ସନ୍ଦେହର ଅବକାଶ ନାହିଁ । ସହଜ ସରଳ ଭାବରେ ବାଦନ କରାଯାଉଥିବା ଏହି ତାଳବାଦ୍ୟଟି ଯୁଗ ଯୁଗ ଧରି ଭକ୍ତି ଭାବନା ସହିତ ଓତପ୍ରୋତ ଭାବରେ ଜଡ଼ିତ । ଏ ସମ୍ପର୍କରେ ମହିମା ସନ୍ନ୍ୟାସୀ ବାବା ଅବିନାଶୀ ଦାସ କୁହନ୍ତି, "ମହିମାଧର୍ମ ଯେହେତୁ ହେଉଛି ଭକ୍ତର ଧର୍ମ ଏବଂ ଭକ୍ତି ଧର୍ମ, ତେଣୁ ମହିମା ଗୋସେଇଁ ଯେତେବେଳେ ମହିମା ଧର୍ମ ପ୍ରଚାର କଲେ ସେହି ସମୟରେ ଭକ୍ତ ଭଗବାନଙ୍କୁ ପ୍ରାର୍ଥନା କରିବାକୁ ତ କୌଣସି ଯନ୍ତ୍ର ସଙ୍ଗୀତର ଆବଶ୍ୟକତା ପଡ଼ିନଥାଏ । କିନ୍ତୁ କେତେକ ବ୍ୟକ୍ତି ଯେଉଁମାନେ ତାଳ, ଲୟର ଅଧିକାରୀ ଥାଆନ୍ତି ସେମାନଙ୍କ ନିମନ୍ତେ ଅନ୍ୟ ବାଦ୍ୟ କୌଣସିକୁ ଗ୍ରହଣ କରାନଯାଇ ଦେଖିଲେ ଭାରତୀୟ ସଂସ୍କୃତିରେ ରହିଛି ଏବଂ ଭାଗବତ ଟୁଙ୍ଗୀରେ ବି ଖଞ୍ଜଣି ବାଜୁଛି । ତେଣୁ ସେ ଖଞ୍ଜଣି ବାଦ୍ୟକୁ ଆଣି ମହିମା ଧର୍ମରେ ସଂଶ୍ଳିଷ୍ଟ କରିଦେଲେ ଏବଂ ଭକ୍ତମାନଙ୍କୁ କହିଲେ ତୁମେ ଏ ଖଞ୍ଜଣି ବାଦ୍ୟ ଦ୍ୱାରା ଭୀମ ଭୋଇ ରଚନା କରିଥିବା ଭଜନଗୁଡ଼ିକୁ ପରିବେଷଣ କରିବ । ଏତଦ୍ୱାରା ହୃଦୟରେ ଭକ୍ତି ଭାବ ଜାଗରିତ ହେବ ଏବଂ ଭଗବାନଙ୍କୁ ପ୍ରାପ୍ତି ନିମିତ୍ତ ପଥ ସୁଗମ ହୋଇ ପାରିବ । ତାଙ୍କ ହୃଦୟରେ କେବଳ ମାତ୍ର ସାତ୍ତ୍ୱିକ ଭକ୍ତି ଜାଗରିତ ପାଇଁ ଖଞ୍ଜଣି ବାଦ୍ୟ ହିଁ ଉପଯୁକ୍ତ । ପରମାତ୍ମାଙ୍କୁ ପ୍ରାର୍ଥନା କରିବାରେ ସେ ସହାୟକ ହୋଇଥାଏ । ପ୍ରଭୁଙ୍କୁ ପ୍ରାର୍ଥନା କରିବା ପାଇଁ ଜଣେ ବ୍ୟକ୍ତି ଦରକାର, ତେଣୁ ସେ ବ୍ୟକ୍ତି ଜଣକ ମଧ୍ୟ ଏକୁଟିଆ ବସି ଗୋଟିଏ ଖଞ୍ଜଣି ମାଧ୍ୟମରେ ପ୍ରାର୍ଥନା କରିପାରିବ, ଖଞ୍ଜଣି ବଜାଇ ପାରିବ ।



## ଖଞ୍ଜଣି : ନିର୍ମାଣ ଶୈଳୀ

ଏହା ଗୋଧି ଚମଡ଼ାରୁ ପ୍ରସ୍ତୁତ ହୁଏ । କାରଣ ଏହା ଚମଡ଼ା ଦୃଷ୍ଟିରୁ ନୁହେଁ ଆକାର ଦୃଷ୍ଟିରୁ ଭଲ । ଏଥିରୁ ଯେଉଁ ନାଦ ଉତ୍ପନ୍ନ ହୁଏ, ବଂଶୀର ଗୋଟିଏ ସ୍ୱନ ପରି ସଂପୂର୍ଣ୍ଣ ଅଲଗା ସ୍ୱନ । ତେଣୁ ଅନ୍ୟ ଚମଡ଼ା ସହିତ ତାକୁ ସଂଶ୍ଳିଷ୍ଟ କରାଯାଇ ପାରିବ ନାହିଁ । କିନ୍ତୁ ଖଞ୍ଜଣିରେ ଗୋଧିଚମଡ଼ା ବ୍ୟତୀତ ଅନ୍ୟ କୌଣସି ଚମଡ଼ା ଯୁକ୍ତ କଲେ ସେଥିରୁ ବି ନାଦ ପ୍ରକାଶ ପାଇବ ନାହିଁ, ଭକ୍ତି ଜାଗରିତ ନାଦ ଆସିବ ନାହିଁ । ସେଠି ବୀର ବାଜା ହୋଇଯିବ ଯାହାକି ଶରୀରରେ ଅନ୍ୟ ଭାବ ଉଦ୍ରେକ କରିବ । କିନ୍ତୁ ଗୋଧି ଚମଡ଼ା ଦ୍ୱାରା ପ୍ରସ୍ତୁତ ହୋଇଥିବା ଖଞ୍ଜଣିଟି ନିଶ୍ଚିତ ଭାବରେ ସରସ ସୁନ୍ଦର ହୋଇପାରିବ ।

ଖଞ୍ଜଣିର ନିର୍ମାଣ ଶୈଳୀ ମଧ୍ୟ ଖୁବ୍ ସହଜ ଓ ସରଳ । ଅଠର ଇଞ୍ଚ୍ ଗୋଲେଇ ଓ ଛଅ ଇଞ୍ଚ୍ ବ୍ୟାସ ବିଶିଷ୍ଟ କାଠଖଣ୍ଡରେ ଏହାକୁ ନିର୍ମାଣ କରାଯାଇଥାଏ । ଏଥିପାଇଁ ଶିଶୁ, ନିମ୍ବ, ପଣସ, ଗମ୍ଭାରୀ ଆଦି କାଠର ଆବଶ୍ୟକତା ପଡୁଥିବା ବେଳେ ଶିଶୁକାଠ ଖଞ୍ଜଣି ପାଇଁ ସର୍ବାପେକ୍ଷା ଉପଯୁକ୍ତ କାଠ ଭାବରେ ବିବେଚନା କରାଯାଏ । ଦୁଇପଟ ଖୋଲା ଥିବା ଏହି ବାଦ୍ୟର, ଗୋଟିଏ ପାଖର ବ୍ୟାସ ଠାରୁ ଅନ୍ୟପଟର ବ୍ୟାସ ପ୍ରାୟ ଦୁଇ ଇଞ୍ଚ୍ ଛୋଟ । ବଡ଼ ପଟରେ ଗୋଧି ଚମଡ଼ାକୁ କେନ୍ଦୁ ଅଠା ସାହାଯ୍ୟରେ ଛାଉଣି କରାଯିବା ସହିତ ଖଞ୍ଜଣିର ଉପରି ଭାଗରେ ରନ୍ଧ୍ର କରାଯାଇ ସେଥିରେ ତାର ଦ୍ୱାରା ଦୁଇଟି କରି ଛୋଟ ଗିନି ସଂଶ୍ଳିଷ୍ଟ କରାଯାଏ ।

## ଖଞ୍ଜଣି : ଉତ୍ପତ୍ତି ଓ ପ୍ରାଚୀନତା

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ଖଞ୍ଜଣିର ବ୍ୟବହାର ଥିଲେ ମଧ୍ୟ ଊନବିଂଶ ଶତାବ୍ଦୀରେ ସୃଷ୍ଟ ଉତ୍କଳର ନିଜସ୍ୱ ଧର୍ମଧାରା ମହିମା ଧର୍ମର ଭଜନ, ଜଣାଣ ଗୁଡ଼ିକରେ ଏହାର ବହୁଳ ବ୍ୟବହାର ଆରମ୍ଭ ହୋଇଥିଲା । ପିଣ୍ଡ ବ୍ରହ୍ମାଣ୍ଡ ତତ୍ତ୍ୱ ଓ ଭକ୍ତି ରସାତ୍ମକ ଆଧ୍ୟାତ୍ମିକ ସଙ୍ଗୀତରେ ମୁଖ୍ୟତଃ ଖଞ୍ଜଣିକୁ ଓଡ଼ିଶାରେ ବ୍ୟବହାର କରାଯାଉଥିଲା ।

ଦୁଃଖ ଏବଂ ପରିତାପର ବିଷୟ ଯେ ଓଡ଼ିଶାରେ ଏତେ ବହୁଳ ଭାବରେ ଖଞ୍ଜଣିର ପ୍ରଚଳନ ଥିଲେ ମଧ୍ୟ ଆମର ସଙ୍ଗୀତଜ୍ଞମାନେ ଏହାକୁ ଶାସ୍ତ୍ରୀୟ ସଙ୍ଗୀତରେ ବ୍ୟବହାର କରିବାକୁ କୁଣ୍ଠା ପ୍ରକାଶ କରନ୍ତି । ମାତ୍ର ଦକ୍ଷିଣ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତରେ ଖଞ୍ଜଣି ପରି ଏକ ଦ୍ୱିତୀୟ ଶ୍ରେଣୀ ତାଳବାଦ୍ୟକୁ ଏବେ ବ୍ୟବହାର କରାଯାଇ, ସଙ୍ଗୀତ କ୍ଷେତ୍ରରେ ଏକ ଆଲୋଡ଼ନ ସୃଷ୍ଟି କରାଯାଇ ପାରିଛି । ତଥାପି ମଧ୍ୟ ତାଳବାଦ୍ୟର ମୁଖ୍ୟ ସ୍ରୋତକୁ ଆସିବା ପାଇଁ ଖଞ୍ଜଣି ଅପେକ୍ଷା କରି ରହିଛି । ମର୍ଦ୍ଦଳବାଦକ ଶ୍ରୀ ସଚ୍ଚିଦାନନ୍ଦ ଦାସ ଏ ସମ୍ପର୍କରେ ନିଜର ମତ ଦେଇ କହନ୍ତି, "ଏହି ଯନ୍ତ୍ର ଏବେ କିଛି ନୀତିନିୟମ ଅନୁସରଣ କରି ବାଦନ କରାଯାଉଛି । ଏହା ଶାସ୍ତ୍ରୀୟ ଶୈଳୀରେ ମଧ୍ୟ ବାଦନ କରାଯାଉଛି । ଦକ୍ଷିଣ ଭାରତରେ ମଧ୍ୟ ଏଇଟା ବହୁତ ପୂର୍ବରୁ ଶାସ୍ତ୍ରୀୟ ସୁରରେ ବାଦନ



କରାଯାଉଥିଲା । ଏବେ ମଧ୍ୟ ଓଡ଼ିଶାର ବିଭିନ୍ନ ମିଳିତ ତାଳବାଦ୍ୟ ସହ ମିଶେଇ କରି ବାଦନ କରାଯାଉଛି ।”

## ଖଞ୍ଜଣି : ବାଦନର ବିଧି ଓ ବାଣୀ

ଖଞ୍ଜଣି ଏକ ନିରାଡ଼ମ୍ବର ବାଦ୍ୟ । ଏହି ବାଦ୍ୟର ମୁଖ୍ୟ ଲକ୍ଷ୍ୟ ହେଉଛି ଇଏ ଗୋଟିଏ ହାତରେ ବାଜେ । ମର୍ଦ୍ଦଳ ଇତ୍ୟାଦିରେ ଦୁଇ ହାତ ମିଶେଇ କରି ବହୁତ ଗୁଡ଼ିଏ ବାଣୀ ବନା ଯାଇପାରେ । ଏଇ ଖଞ୍ଜଣିରେ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ବାଣୀ ଅଛି । ଯୋଉଟା ଏକ ହାତରେ ବାଜି ପାରିବା ସମ୍ଭବ ହୋଇପାରିବ ସେହିପରି ବାଣୀ ବ୍ୟବହାର କରି ଏହା ବାଦନ କରାଯାଇଥାଏ । ଅବଶ୍ୟ ଅଭ୍ୟାସ କଲା ଫଳରେ ଏଇ ଜିନିଷକୁ ବହୁତ ବଢ଼େଇ ହବ । ଯିଏ ଯେତେ ଅଭ୍ୟାସ କରି ପାରିବ ସିଏ ସେତେ ପ୍ରାଞ୍ଜଳ ଭାବରେ ବାଣୀଗୁଡ଼ିକ ଉଚ୍ଚାରଣ କରିପାରିବ । ମିଳିତ ବାଦ୍ୟ ବାଦନ ବେଳେ ଯେକୌଣସି ବାଦ୍ୟର ଯେକୌଣସି ଶବ୍ଦର ଉଚ୍ଚନୀଚ୍ଚତାକୁ ନେଇ ଏଇ ଖଞ୍ଜଣିରେ ସେପ୍ରକାର ମିଶୁଥିବା ବାଣୀଗୁଡ଼ିକୁ ପ୍ରୟୋଗ କରି ବାଦନ କରା ଯାଇପାରିବ । ଯେକୌଣସି ସଙ୍ଗୀତ ସହିତ ଖଞ୍ଜଣିକୁ ବାଦ୍ୟମାନଙ୍କ ସହ  ମିଶେଇ ବଜାଇ ହେବ । ସ୍ୱତନ୍ତ୍ର ଭାବରେ ମଧ୍ୟ କିଛି କିଛି ବାଦ୍ୟରେ ବ୍ୟବହାର କରି ହେବ । ବୃନ୍ଦ ବାଦନ ବେଳେ ବହୁତ ଗୁଡ଼ିଏ ବାଦ୍ୟ ବାଜୁଥିଲେ ବି ତା ସହିତ ଖଞ୍ଜଣିକୁ  ବଜେଇ ହେବ । ଖଞ୍ଜଣି ବାଦ୍ୟ ପିଲାମାନେ ଶିଖି ପାରିବେ । ଯେମିତି ଦକ୍ଷିଣ ଭାରତର ପିଲାମାନେ ଖଞ୍ଜଣି ବଜାଉଛନ୍ତି ବହୁତ ଉନ୍ନତ ଫର୍ମରେ, ସେମିତି ଆମ ପିଲାମାନେ ତାକୁ ନିର୍ଦ୍ଦିଷ୍ଟ ଶୈଳୀରେ ଅଭ୍ୟାସ କରିପାରିବେ । ଅଭ୍ୟାସ କଲେ ଏ ବାଦ୍ୟରେ ମଧ୍ୟ ବହୁ ପ୍ରକାର ଉନ୍ନତି ହୋଇ ପାରିବ ବାଦନରେ, ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ । ଯେକୌଣସି ସଙ୍ଗୀତ ସହିତ ଖଞ୍ଜଣିକୁ ମିଶେଇ ବଜେଇବାରେ କୌଣସି ଅସୁବିଧା ନାହିଁ ।

## ଖଞ୍ଜଣି : ଆଧୁନିକତାର ସ୍ପର୍ଶ

ଏବେ ଆଧୁନିକ ତାଳବାଦ୍ୟ ସହିତ ସମତାଳରେ ଖଞ୍ଜଣିକୁ ମଧ୍ୟ ବାଦନ କରାଯାଉଛି । ଏପରିକି ପାଶ୍ଚାତ୍ୟ ଶୈଳୀୟ ତାଳ ସହିତ ଖଞ୍ଜଣି ବାଦ୍ୟର ପ୍ରୟୋଗ ମଧ୍ୟ ଶ୍ରୁତିମଧୁର ହୋଇପାରୁଛି ।

ଉତ୍କଳୀୟ ସାଙ୍ଗୀତିକ ପରମ୍ପରାକୁ ଦୀର୍ଘକାଳ ଧରି ଜୀବନ୍ତ ରଖିବା





ଦିଗରେ  ଖଞ୍ଜଣିର ଭୂମିକା ରହିଥିଲେ ମଧ୍ୟ, ଏଠାକାର ସଙ୍ଗୀତଜ୍ଞମାନେ ଖଞ୍ଜଣି ପରି ଏକ ବାଦ୍ୟକୁ ଶାସ୍ତ୍ରୀୟ ସଙ୍ଗୀତ କ୍ଷେତ୍ରରେ ବ୍ୟବହାର କରିବା ପାଇଁ ଦ୍ୱିଧା ବୋଧ କରନ୍ତି । ଓଡ଼ିଶୀ ସଙ୍ଗୀତର ମର୍ଦ୍ଦଳ ବା ପଖାଉଜ୍ ପରି ଏହାକୁ ବ୍ୟବହାର କରିପାରିଲେ ହୁଏତ ଏହି ଲୋକବାଦ୍ୟଟି ଅଧିକ ଆଦୃତ ହୋଇପାରନ୍ତା ।

ଯୁଗ ବଦଳିବା ସହିତ ସଙ୍ଗୀତରେ ଆମର ରୁଚି ବଦଳୁଛି । ଆଧୁନିକ ଲଘୁ ସଙ୍ଗୀତରେ ଅନ୍ୟାନ୍ୟ ତାଳବାଦ୍ୟ ଗୁଡ଼ିକର ନବୀକରଣ ହେଉଥିଲେ ମଧ୍ୟ ଖଞ୍ଜଣିର ସୁମଧୁର ତାଳକୁ ସଙ୍ଗୀତରେ ପ୍ରୟୋଗ କରାଯାଉନାହିଁ । ଗ୍ରାମ୍ୟ ଜୀବନରେ ଭକ୍ତି ଓ ଗୀତର ମଧୁର ଛନ୍ଦ ତୋଳୁଥିବା ଏହି କ୍ଷୁଦ୍ର ବାଦ୍ୟ ଖଞ୍ଜଣି ଆଜି ଯେମିତି ଅବହେଳିତ ହୋଇପଡ଼ିଛି । ହୁଏତ ଏମିତ ଏକ ଦିନ ଆସିବ ଯେତେବେଳେ ଅବହେଳା ଓ ଅନାଦର ଯୋଗୁଁ ଖଞ୍ଜଣି ଜନ ମାନସରୁ ସଂପୂର୍ଣ୍ଣ ବିଲୁପ୍ତ ହୋଇଯିବ । ଏ ସମ୍ପର୍କରେ ମତ ଦେଇ ବିଶିଷ୍ଟ ବାଦ୍ୟକାର ଭାସ୍କର ଚନ୍ଦ୍ର କୁଅଁର କୁହନ୍ତି, “ଗୋଟିଏ ଦାଦରା ତାଳ ସେ ହେଲା ଛଅ ମାତ୍ରା ଯଦି ଛଅ ମାତ୍ରା ହେଲା, ଦୁଇଭାଗ ହେଲା, ଏକ ତାଳି, ଏକ ଫାଙ୍କ୍ ସେହି ଦାଦାରା ତାଳଟି ଆମେ ଖଞ୍ଜଣିରେ ବ୍ୟବହାର କରିପାରିବା । (ଖଞ୍ଜଣି ବାଦନ) ଆମର ଝାମ୍‌ତାଲ୍, ଝାମତାଲ ହେଲା ଦଶ ମାତ୍ରା, ସେହି ଦଶ ମାତ୍ରା ଚାରିଭାଗ, ତିନି ତାଳ ଏକ ଫାଙ୍କ ତାର ଛାନ୍ଦ ହେଲା ଦୁଇତିନି, ଦୁଇତିନି । ପ୍ରଥମେ ବୋଲ୍‌ଟି ହେଲା ଧି-ନା, ଧିଧିନା,-ତିନ....ଧିଧିନା । ଏସବୁ ବର୍ତ୍ତମାନ ତଳେ ରହିଯାଇଛି, କେବଳ ଆମର ଏଇ ମହିମା ଧର୍ମାବଲମ୍ବୀମାନେ ଅଛନ୍ତି ବୋଲି ଆମେ ଟିକେ ଖଞ୍ଜଣି ଶୁଣି ପାରୁଛୁ । ଗାଁଗଣ୍ଡାରେ ଖୁବ୍ କମ୍ ଏଇ ଭାଗବତ ଟୁଙ୍ଗୀ, ଏବେ ତ ଉଠି ଗଲାଣି । କିନ୍ତୁ ଯାହା ବି ଅଛି, ଯେଉଁ ପୁରୁଷମାନେ ଅଛନ୍ତି, ମହାପୁରୁଷମାନେ ସେ ତାକୁ ବ୍ୟବହାର କରୁଛନ୍ତି । ବିସ୍ତାର କରିପାରୁନାହାନ୍ତି ବରଂ ଲୋପ ପାଇବାକୁ ବସିଛି । ଯଦି ଯାକୁ ବିସ୍ତାର କରା ଯାଇପାରନ୍ତା ଏହାର ଉନ୍ନତି ହୁଅନ୍ତା ଓ ଦୀର୍ଘାୟୁ ହୋଇପାରନ୍ତା । ସମସ୍ତେ ଉପକୃତ ବି ହୁଅନ୍ତେ ।”

## ଖଞ୍ଜଣି : ଶେଷ ରାଗିଣୀ

ତେବେ ସତରେ କ'ଣ ସଙ୍ଗୀତର ଏହି ଅନାହତ ଧ୍ରୁପଦ ଅନୁରାଗର ରାଗିଣୀ ତୋଳିବା ପୂର୍ବରୁ ମହାକାଳର ଅନନ୍ତ ସ୍ରୋତରେ ଚିରଦିନ ପାଇଁ ବିସ୍ମୃତ ରହିଯିବ ?  ଯେଉଁ ଖଞ୍ଜଣିର ତାଳେ ତାଳେ ଦିନେ ଗାଁ ଗାଁର ମହିମା ଟୁଙ୍ଗୀମାନଙ୍କରେ ଆଧ୍ୟାତ୍ମିକତାର ଚରମ ଅନୁଭବ ମିଳୁଥିଲା ତାହା ଆମର ଉତ୍ତର ପିଢ଼ି ପାଇଁ କେବଳ ଇତିହାସ ପାଲଟି ଯିବ ? ଏ ପ୍ରଶ୍ନ ଆଜି ବାରମ୍ବାର ଉଙ୍କି ମାରୁଛି ମନରେ । ବିବର୍ତ୍ତନର ଧାରାରେ ଆଜି ବିଭିନ୍ନ ତାଳବାଦ୍ୟର ମଧ୍ୟ ପରିବର୍ତ୍ତନ ଘଟୁଛି । ଯୁଗ ଯୁଗ ଧରି ସନ୍ଧ୍ୟାର ଧ୍ରୁପଦ ରାଗିଣୀରେ ଅନୁରଣନ ସୃଷ୍ଟି କରୁଥିବା ଏଇ ଅପୂର୍ବ ତାଳବାଦ୍ୟ ଖଞ୍ଜଣି, ତଥାପି ଅପେକ୍ଷା କରିଛି ଅଧିକ ଗବେଷଣାକୁ । ପରିବେଶ ନଷ୍ଟ, ଗୋଧିଚମଡ଼ାର ଅଭାବଜନିତ ପରିସ୍ଥିତିର ବିକଳ୍ପ ଆମକୁ ଖୋଜିବାକୁ ପଡ଼ିବ । ତାଳବାଦ୍ୟର ଶାସ୍ତ୍ରୀୟ ସ୍ରୋତରେ ଖଞ୍ଜଣିକୁ ବ୍ୟବହାର କରିବାକୁ ପଡ଼ିବ । ଓଡ଼ିଶାରେ ଜନଜୀବନର ଭକ୍ତିଭାବ ସହିତ କାଳ କାଳ ଧରି ଜଡ଼ିତ ହୋଇ ରହିଥିବା ଏହି ଗ୍ରାମ୍ୟ ବାଦ୍ୟ ଖଞ୍ଜଣିର କମନୀୟ ନାଦ ପୁଣି ଏକ ନୂତନ ରୂପ ନେଇ ସୃଷ୍ଟି କରୁ ସନ୍ଧ୍ୟାର ଧ୍ରୁପଦ ।



# ଢେଙ୍କାନାଳର ଗଜଲକ୍ଷ୍ମୀ

# ଢେଙ୍କାନାଳର ଲକ୍ଷ୍ମୀପୂଜା

**ନିରଞ୍ଜନ ପତି**

ବାଇଁଶିଆ, ମହିମାଗାଦି, ଢେଙ୍କାନାଳ-୭୫୯୦୧୪
ଫୋନ : ୮୨୪୯୫୨୧୫୧୪

ଫଟୋ ସୌଜନ୍ୟ : ଲେଖକ





ଲେଖକ ନିରଞ୍ଜନ ପତି

ଶୋଭାମୟ ଶରତର ସବୁଜିମାଭରା ଧରିତ୍ରୀ । ମଥା ଉପରେ ମେଘମୁକ୍ତ ଆକାଶର ଛାଉଣି । ତାରି ଭିତରେ ଶେଷ ଶରତର ତୋଫା ଜହ୍ନାଲୁଅରେ ଚୌଦିଗ ଝଲସୁଛି । ମନଭିତରେ ଉଲ୍ଲାସର ଉର୍ମି । ସ୍ୱଚ୍ଛ କାଚକେନ୍ଦୁ ପ୍ରାୟ ପୁଷ୍କରିଣୀରେ କଇଁ ଓ ପଦ୍ମର କମନୀୟ ସମ୍ଭାର । ନଦୀପଠା, ବନପ୍ରାନ୍ତରରେ କାଶତଣ୍ଡୀର ବିଦାୟ ବେଳା । ଦଶଦିଗ ମହମହ ବାସ୍ନାରେ ମହକିତ । କୁମାର କୁମାରୀମାନଙ୍କ ମନ କ୍ରୀଡ଼ାକୌତୁକରେ ଭରା । କୋମଳ ନହୁଲି ବୟସରେ ନବକାମନାର ଉନ୍ମାଦନା । ତେବେ ଆବାଳବୃଦ୍ଧବନିତା, ସମସ୍ତଙ୍କ ହୃଦୟକନ୍ଦର, ମନମନ୍ଦିର ଉଦ୍‌ବେଳିତ । ଧରାପୃଷ୍ଠରେ ଖୁସି ଓ ଆନନ୍ଦର ମାହୋଲ୍ ଖେଳେଇ ଦଶହରାରେ ମା' ଦୁର୍ଗା ନେଇଛନ୍ତି ବିଦାୟ । ପରେ ପରେ ଆସନ୍ତି ଧନଦାତ୍ରୀ, ସମ୍ପଦ, ବୈଭବ ଓ ସମୃଦ୍ଧିର ଦେବୀ ମାଆ ମହାଲକ୍ଷ୍ମୀ । ଜଗତର ନାଥ ପ୍ରଭୁ ଜଗନ୍ନାଥଙ୍କ ଖୋଦ୍ ପାଟରାଣୀ ।

ଏହି ପବିତ୍ର ଆଶ୍ୱିନ ମାସ କୁମାରପୂର୍ଣ୍ଣମୀ ତିଥିରେ ମହାଲକ୍ଷ୍ମୀ, ଚନ୍ଦ୍ରଦେବଙ୍କ ସହିତ ବରୁଣାଳୟରେ କ୍ଷୀରସିନ୍ଧୁ ମନ୍ଥନରୁ ଜାତ । ତେଣୁ ସେ ସିନ୍ଧୁସୁତା । ସେ ଓଡ଼ିଶାର ପ୍ରତିଟି ହିନ୍ଦୁ ଗୃହର ଗୃହଦେବୀ । ନିତ୍ୟପୂଜ୍ୟା । ସେ ସୁଖ, ଶାନ୍ତି, ସୌଭାଗ୍ୟ ଦାୟିନୀ । ମଙ୍ଗଳକାରିଣୀ । ଦୁଃଖ, ଦୈନ୍ୟ, ଦାରିଦ୍ୟ ନିବାରିଣୀ । ତାଙ୍କ ସହିତ ସିନ୍ଧୁରୁ ସମ୍ଭୁତ ଐରାବତ ହସ୍ତୀ ଦ୍ୱୟ ତାଙ୍କୁ ସୁବର୍ଣ୍ଣ କଳସରେ ସ୍ନାନ କରାଉଥିବାରୁ ସେ ଗଜଲକ୍ଷ୍ମୀ ନାମରେ ନାମିତ । ଭକ୍ତ କୁମାର ପୂର୍ଣ୍ଣମୀରେ ମଧ୍ୟ ମା'ଲକ୍ଷ୍ମୀ କୁମାରୀତ୍ୱ ପ୍ରାପ୍ତ ହୋଇଥିବାରୁ କୁମାରୀ ମାନେ ଏହାକୁ ଉତ୍କଣ୍ଠା, ଆବେଗ ଓ ଭକ୍ତିର ସହିତ ପାଳନ କରିବାର ବିଧି, ପରମ୍ପରା ପ୍ରଚଳିତ ।

ପୁଣ୍ୟ କ୍ଷେତ୍ର ଉତ୍କଳରେ ଗଜଲକ୍ଷ୍ମୀ ପୂଜାର ପରମ୍ପରା ଐତିହ୍ୟ ବହୁପ୍ରାଚୀନ ଓ ବୈଶିଷ୍ଟ୍ୟ ପୂର୍ଣ୍ଣ । ଇତିହାସ ମତରେ ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଖାରବେଳଙ୍କ ସମୟରେ ଖଣ୍ଡଗିରିସ୍ଥ ଅନନ୍ତ ଗୁମ୍ଫାରେ ମା'ଲକ୍ଷ୍ମୀଙ୍କ ଖୋଦିତ ବିଗ୍ରହ ଏହାର ମୂକସାକ୍ଷୀ । ଅନେକଙ୍କ ମତରେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଅର୍ଥାତ୍ ଅଶୋକଙ୍କ ସମୟରେ କଳିଙ୍ଗରେ ଗଜଲକ୍ଷ୍ମୀ ପୂଜାର ପ୍ରଚଳନ ଥିଲା । କେନ୍ଦ୍ରାପଡ଼ା ସ୍ଥିତ ଇଚ୍ଛାପୁର ଏବଂ ଇନ୍ଦିପୁରରେ ଏହାର ପ୍ରାମାଣିକ ତଥ୍ୟ ବା ଦୃଷ୍ଟାନ୍ତ ମିଳେ । ଦ୍ୱାଦଶ ଶତାବ୍ଦୀରେ ଶ୍ରୀମନ୍ଦିର ପରିସରରେ  ମା' ଜଗଜ୍ଜନନୀ ମହାଲକ୍ଷ୍ମୀଙ୍କର ମନ୍ଦିର ନିର୍ମିତ ହୋଇଥିଲା । ସମସ୍ତ ଓଡ଼ିଆ ଲକ୍ଷ୍ମୀପୂଜାରେ ବ୍ରତ ଉପାସନା, ଆରାଧନା କରି ଦେବୀଙ୍କ ଅଶେଷ କରୁଣା ଲାଭ କରନ୍ତି । ତାଙ୍କ ଅପାର କୃପାରୁ, ଅନୁକମ୍ପାରୁ ବାଣିଜ୍ୟ, ବ୍ୟବସାୟ, କୃଷି ପ୍ରଭୃତି କାର୍ଯ୍ୟ ସୁରୁଖୁରୁରେ ନିର୍ବାହକରି ବଳଶାଳୀ, ଧନଶାଳୀ ହୋଇ ସୁଖସମୃଦ୍ଧି ଓ ଐଶ୍ୱର୍ଯ୍ୟରେ ଭକ୍ତଗଣ କାଳାତିପାତ କରିଥାନ୍ତି । ତେଣୁ ତାଙ୍କୁ ଦାରିଦ୍ର୍ୟ ଭଞ୍ଜନୀ ଭାବରେ ମଧ୍ୟ ଆଖ୍ୟାୟିତ କରାଯାଏ ।

ଓଡ଼ିଶାର ପ୍ରାଚୀନ ପଞ୍ଚସଖା ଯୁଗର ଭକ୍ତକବି ବଳରାମ ଦାଶଙ୍କ ଲିଖିତ **ଲକ୍ଷ୍ମୀପୁରାଣ** ଓଡ଼ିଶାର ଘରେ ଘରେ ମା' ଲକ୍ଷ୍ମୀଙ୍କ ମହନୀୟତା ବ୍ୟାଖ୍ୟା କରିବା ସହିତ ପରମ୍ପରା, ସଂସ୍କାର, ସାମାଜିକ, ସଣ୍ଣୁଣା, ସଧବା ନାରୀର ଆଚରଣ, ଉଚ୍ଚାରଣ ଶୁଦ୍ଧ କରିବାର ଶିକ୍ଷା ପ୍ରଦାନ କରେ । ଏହି ଭକ୍ତିଗାଥା **ଲକ୍ଷ୍ମୀପୁରାଣ** ଅସ୍ପୃଶ୍ୟତା ନିବାରଣର ମହାନ ସଦ୍‌ଭାବରେ ଉଦ୍‌ବୁଦ୍ଧ କରାଏ । ଲକ୍ଷ୍ମୀ ଯେ ସର୍ବଧର୍ମ ସମନ୍ୱୟର ପ୍ରତୀକ ଓ ଜଣ ନୁହେଁ ଗଣର ଦେବୀ, ଏହା ପ୍ରମାଣିତ କରେ ।

ଜୁବ୍‌ଲୀ ସହର ଢେଙ୍କାନାଳ ମାଆ ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସିଦ୍ଧ । ଶରତ ଶେଷ ଓ ହେମନ୍ତ ଆରମ୍ଭରେ ଢେଙ୍କାନାଳରେ ହୁଏ ଏହି ନିଆରା ମହୋତ୍ସବ । ୧ ୯ ୨ ୨ କି ୨୩ ମସିହାରୁ ଆରମ୍ଭ । ଏଯାବତ୍ ଓଡ଼ିଶାର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ବ୍ୟବସାୟିକ ମାନଚିତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଢେଙ୍କାନାଳ ଜିଲ୍ଲାର ଏହି ସ୍ୱତନ୍ତ୍ର ଉଲ୍ଲେଖନୀୟ ଗଣପର୍ବ ଲକ୍ଷ୍ମୀପୂଜା ଦୀର୍ଘ ୯୬ ବର୍ଷ ଧରି ମହା ଜାକଜମକରେ ପାଳିତ ହୋଇ ଆସୁଛି । ଏହି ପୂଜା ଦୀର୍ଘବର୍ଷ ପୂର୍ବରୁ ଓଡ଼ିଶାର କେନ୍ଦ୍ରାପଡ଼ାରେ ହେଉଥିଲା । ଏବେଠୁଁ ଅନୁଗୋଳ, ଚୌଦ୍ୱାର, ଭୁବନେଶ୍ୱର, ଜଟଣୀ, ମାର୍ଶାଘାଇ, ଚାନ୍ଦୋଳ, ଅସୁରେଶ୍ୱର, ବାଲିଆପାଳ, ଇନ୍ଦିପୁର, ଖୋର୍ଦ୍ଧା, ଆଳି, ଏମିତିକି ଓଡ଼ିଶାର ଅନ୍ୟାନ୍ୟ ଅନେକ ପୁରପଲ୍ଲୀରେ ମା' ମହାଲକ୍ଷ୍ମୀଙ୍କ ପୂଜୋତ୍ସବ ମହା ସମାରୋହରେ ପାଳିତ ହେଉଛି । ଦୁର୍ଗାପୂଜା ପରେ ଓଡ଼ିଶାର ଦ୍ୱିତୀୟ ଦେବୀ ମାଆ ଲକ୍ଷ୍ମୀଙ୍କ ପୂଜା ଗଣପର୍ବ ଭାବେ ଗଣ୍ୟ ହେବାକୁ ଯାଉଛି । ମା' ମହାଲକ୍ଷ୍ମୀ ବା ଗଜଲକ୍ଷ୍ମୀଙ୍କ ପୂଜା ଆରାଧନା ଏବେ ସ୍ୱତନ୍ତ୍ର ମହୋତ୍ସବର ମାନ୍ୟତା ପାଇଲାଣି ।

ପ୍ରାକୃତିକ ଶୋଭାମୟୀ ଐତିହ୍ୟ ସଂପନ୍ନ ଗଡ଼ଜାତ ଅଞ୍ଚଳ ଭାବେ ଖ୍ୟାତ ଢେଙ୍କାନାଳ । ଆଦ୍ୟ କାର୍ତ୍ତିକରେ ଏହାର କମନୀୟ ଓ ରମଣୀୟ ରୂପଶୋଭା ମୁଗ୍ଧ କରିଥାଏ ସଭିଙ୍କୁ । ଠିକ୍ ଏହି ସମୟରେ ବେଶ୍ ଦର୍ଶନୀୟ ପୂଜା ମଣ୍ଡପ






ସମୂହରେ ଭିନ୍ନ ଭିନ୍ନ ରୂପ ଓ ବେଶରେ ଅନ୍ନଦାତ୍ରୀ ମହିମାମୟୀ ମହାଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି, ପ୍ରସିଦ୍ଧ ଶିଳ୍ପୀମାନଙ୍କ ଦ୍ୱାରା ଅପୂର୍ବ ଶୈଳୀରେ ନିର୍ମିତ ହୋଇ ଆରାଧିତା ହେବା ଅଧୁନା ଏକ ପରମ୍ପରା ପାଲଟିଗଲାଣି । ଅଲୌକିକ ଶିଳ୍ପ ନୈପୁଣ୍ୟ ବିମଣ୍ଡିତ ସାଜସଜ୍ଜା, ରଙ୍ଗବେରଙ୍ଗର ବର୍ଣ୍ଣାଢ଼୍ୟ ଆଲୋକମାଳା ଓ କଳା ବିଜ୍ଞାନ ସମ୍ମିଶ୍ରଣରେ ଅଭୂତପୂର୍ବ ରୂପସଜ୍ଜା ସମଗ୍ର ସହରାଞ୍ଚଳକୁ ଦେଇଥାଏ ଏକ ଅପୂର୍ବ ଶୋଭା । କଟକ-ସମ୍ବଲପୁର ଜାତୀୟ ରାଜପଥ ଉପରେ ଅବସ୍ଥିତ ଗୌରବମୟ ସହର ଢେଙ୍କାନାଳର କାଠଗଡ଼ା ଠାରୁ ଆରମ୍ଭ କରି କୋରିଆ ପର୍ଯ୍ୟନ୍ତ ଦୀର୍ଘ ଆଠ କିଲୋମିଟର ନଗର ନଭଶ୍ଚୁମ୍ବୀ ତୋରଣ ଓ ବୈଚିତ୍ର୍ୟପୂର୍ଣ୍ଣ ମନଛୁଆଁ ଆଲୋକମାଳା ଜନ ସମାବେଶକୁ ଜଣାଏ ଆମନ୍ତ୍ରଣ । ଦର୍ଶକମାନଙ୍କ କୋଳାହଳରେ ଖୋଦ୍ ସହରଟି ଆନନ୍ଦମୁଖର ହୋଇଉଠେ । ବିଭୋର ଓ ତଲ୍ଲୀନ ହୋଇ ଉଠନ୍ତି ଦର୍ଶକସମାଜ । ଢେଙ୍କାନାଳ ସେତେବେଳେ ସତେକି ପରୀ ରାଇଜଟିଏ !

ପ୍ରତ୍ୟେକ ପୂଜା ମଣ୍ଡପ ଏ ସମୟରେ ଗୋଟିଏ ଗୋଟିଏ ସ୍ୱତନ୍ତ୍ର ଲକ୍ଷ୍ମୀ ମନ୍ଦିରରେ ପରିଣତ ହୋଇଯାଏ । ବ୍ରାହ୍ମଣ ପୂଜକ  ମା'ଙ୍କ ଦ୍ୱାରା ତିନିଧୂପ, ପଞ୍ଚ ଅବକାଶ, ଲକ୍ଷ୍ମୀସହସ୍ର ନାମ, କଚ, ସ୍ତବ, ସ୍ତୁତି, ସ୍ତୋତ୍ର, ବେଦମନ୍ତ୍ର ଓ ଲକ୍ଷ୍ମୀପୁରାଣ ପାଠରେ ପରିବେଶ ହୋଇ ଉଠେ ଅତ୍ୟନ୍ତ ଗମ୍ଭୀର ଓ ଭକ୍ତି ରସାଣିତ । ଏକ ସହସ୍ର ପଦ୍ମ ସମର୍ପିତ ଲକ୍ଷ୍ମୀ ଅଭିଷେକ ମହୋତ୍ସବ ଓ ହୋମ ଆଦି ଏ ପୂଜାର୍ଚ୍ଚନାକୁ କରେ ମହିମୋଜ୍ଜ୍ୱଳ ।

ପବିତ୍ର କୁମାର ପୂର୍ଣ୍ଣିମା ତିଥିରୁ ଆରମ୍ଭ ହୁଏ ଏହି ମଙ୍ଗଳ ମହୋତ୍ସବର ଆଧ୍ୟାତ୍ମିକ କାର୍ଯ୍ୟଧାରା ଓ ପୂଜା ରୀତିନୀତି । ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ସନ୍ଧ୍ୟା ସୁଦ୍ଧା ବ୍ରାହ୍ମଣୀ ନଦୀ ସହିତ ବିଭିନ୍ନ ସ୍ୱଚ୍ଛ, ପବିତ୍ର ଜଳାଶୟରୁ ଏକଶତ ଆଠ କୁମ୍ଭ ଜଳ ଶୋଭାଯାତ୍ରାରେ ଅଣାଯାଇ ଘଟ ସ୍ଥାପନ କରାଯାଏ । ରାତ୍ର ଆଠ

ଘଟିକାରୁ ବିଳମ୍ବିତ ରାତ୍ରୀ ଯାଏଁ ସମସ୍ତ ପୂଜା ପ୍ରତିଷ୍ଠାନରେ ମା'ଙ୍କର ପୂଜାର୍ଚ୍ଚନା ଅତ୍ୟନ୍ତ କାଷ୍ଠା ଓ ନିଷ୍ଠାର ସହିତ ଆରମ୍ଭ ହୋଇଥାଏ । ଘଣ୍ଟ, ଘଣ୍ଟା, ବାଦ୍ୟ, ହୁଳହୁଳିରେ ପ୍ରକଂପିତ ହୋଇଉଠେ ପରିବେଶ ଓ ପରିସର ।

ଚଳିତ ବର୍ଷ ଅକ୍ଟୋବର ୧୩ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଏକାଦଶ ଦିବସ ବ୍ୟାପୀ ୩୮ଗୋଟି ପୂଜା ମଣ୍ଡପରେ ଧନଦାତ୍ରୀ ବୈଭବଦାୟିନୀ ମା' ମହାଲକ୍ଷ୍ମୀଙ୍କର ପୂଜାନୀତି ପାଳିତ ହୋଇଛି । ୧୯୪୬ ମସିହାରୁ ଆରମ୍ଭ ହୋଇଥିବା ମେଢ଼ ମେଳଣ, ଶୋଭାଯାତ୍ରା ଓ ବିସର୍ଜନ କାର୍ଯ୍ୟକ୍ରମ ୨୦ ତାରିଖରେ ସମ୍ପନ୍ନ ହେବାର ସୂଚନା ଦିଆ ଯାଇଥିଲା । ଚଳିତ ବର୍ଷ ପ୍ରମୁଖ ତଥା ଚର୍ଚ୍ଚିତ ପୂଜା କମିଟି ଜବାହର ଚୌକ ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ଲାଟିନମ୍ ଜୁବୁଲି ଏବଂ କୋରିଆଁ ସ୍ଥିତ ସ୍ୱପ୍ନେଶ୍ୱର ବଜାର ପୂଜା ଅନୁଷ୍ଠିତ ୫୦ବର୍ଷ ପୂର୍ତ୍ତି ଅବସରରେ ସୁବର୍ଣ୍ଣ ଜୟନ୍ତୀ ପାଳନ




କରୁଛି । ଏହାକୁ ନେଇ କମିଟି କର୍ମକର୍ତ୍ତାଙ୍କର ମନଗହନରେ ଅପୂର୍ବ ଉତ୍ସାହ, ଉଦ୍ଦୀପନା ଓ ଆଧ୍ୟାତ୍ମିକ ପ୍ରତିଯୋଗିତା ମନୋଭାବ ପରିଲକ୍ଷିତ । ୩୮ଗୋଟି ପୂଜା ମଣ୍ଡପ ଯଥା- ମୀନାବଜାର, ଲକ୍ଷ୍ମୀବଜାର, ଗଣେଶ ବଜାର, ମହାବୀର ବଜାର, କାଞ୍ଚନ ବଜାର, ଆନନ୍ଦ ବଜାର, ବାଜିଚୌକ, କାରିଗର ସାହି, ଗୁଡ଼ିଆନନ୍ଦୀ, ରାଧାକୃଷ୍ଣ ବଜାର, ପଦ୍ମବଜାର, ଜୁବୁଲି ଟାଉନ-୧, କ୍ରିଷ୍ଟାବଜାର, କୈବଲ୍ୟ ବଜାର, ଦେଉଳସାହି, ଅନ୍ନପୂର୍ଣ୍ଣା ଆସ୍ଥାନ, ଷ୍ଟେସନବଜାର, ମା' ସୁନ୍ଦରଶୁଣୀ ଆସ୍ଥାନ କଲେଜ ଛକ, ଗାନ୍ଧୀବଜାର, ଚନ୍ଦନବଜାର, ବସ୍ଷ୍ଟାଣ୍ଡ, ଦୁର୍ଗା ବଜାର, କାଳୀକା ବଜାର, ରାମେଶ୍ୱରପୁର, ନେହେରୁବଜାର, ଜୁବୁଲି ଟାଉନ-୩, ଭଗବାନପୁର, ଗୋପବନ୍ଧୁ ବଜାର, ରତନବଜାର, ଖମାରସାହି, ହାଟରୋଡ଼, କମ୍ୟୁନିଟି ସେଣ୍ଟର, ଅରବିନ୍ଦବଜାର, କଣ୍ଟାନାଳୀ ବାଇପାସ୍, ବନମାଳୀ ପ୍ରସାଦ, ଜେନାଦେବୀ ବଜାର, ନିର୍ମାଲ୍ୟ ବଜାର ପ୍ରମୁଖ ପୂଜା ଆସ୍ଥାନରେ ଧୂମଧାମରେ ପୂଜୋତ୍ସବ ପାଳିତ ହୁଏ । ସାମ୍ପ୍ରତିକ ପରିସ୍ଥିତି, ପୌରାଣିକ, କଥାବସ୍ତୁ, ଐତିହ୍ୟ, ପରମ୍ପରା ଓ ପରିବେଶ ସଚେତନତାକୁ ନେଇ ବିଭିନ୍ନ ମଣ୍ଡପରେ ଶିଳ୍ପୀ ଚାତୁର୍ଯ୍ୟର ମୃଣ୍ମୟୀ ମୂର୍ତ୍ତି ଓ ମୋଟା କାଗଜପଟିର ରଙ୍ଗବେରଙ୍ଗ କାରୁକାର୍ଯ୍ୟ, ଚିତ୍ରାଦି ଦର୍ଶକଙ୍କ ମନ କିଣି ନିଏ । ହୃଦୟ



ଶରତର ଆକାଶ ଓ ଶାରଦୀୟ ଜହ୍ନ । ଏଇ ବେଳେ ଧନଦାତ୍ରୀ, ବିଶ୍ୱକଲ୍ୟାଣୀ ଜଗଜ୍ଜନନୀ ମାଆ ଧରାରେ ଅବତରଣ କରନ୍ତି । ଏଠି, ସେଠି, ସବୁଠି ମା'ଙ୍କ ନିରାଜନା । ମା' ଆସିଲେ ଦୁଃଖ ଅପସରି ଯାଏ । ସବୁଠି ଆନନ୍ଦର ଢେଉ । ଏକ ସମ୍ମୋହନୀ ମାୟାରେ ସଭିଏଁ ତଲ୍ଲୀନ । ଢେଙ୍କାନାଳ ଭାବବିହ୍ୱଳ ଭକ୍ତିରେ ନାଚି ଉଠେ । ଭକ୍ତିର ନୈବେଦ୍ୟ ଅର୍ପଣ କରେ । ପୁରପଲ୍ଲୀରେ ମଧ୍ୟ ମା'ଙ୍କ ଭକ୍ତିପୂତ ଆରାଧନା, ସୁଦୃଶ୍ୟ ତୋରଣ, ଆଲୋକମାଳା, ନୃତ୍ୟଗୀତ ରମଣୀୟ କରି ତୋଳେ ଢେଙ୍କାନାଳକୁ । ଢେଙ୍କାନାଳ ଧନ୍ୟ ହୋଇଯାଏ । କାହିଁ କେଉଁଆଡୁ ଭକ୍ତ, ଦର୍ଶକ ଛୁଟି ଆସନ୍ତି ମା'ଙ୍କ ଚରଣରେ ନୈବେଦ୍ୟ ବାଢ଼ିବାକୁ । ଘରେ ଘରେ ବନ୍ଧୁମିଳନ ଉତ୍ସବ । କୋଳାହଳ । ସମୟ ବଦଳିଛି । ଆଗ ଅପେକ୍ଷା ଏବର ଲକ୍ଷ୍ମୀପୂଜା ଆଡ଼ମ୍ବର ସମ୍ପନ୍ନ ହୋଇ ଭାଇଚାରା ସୁଦୃଢ଼ କରିଛି । ଭକ୍ତଗଣଙ୍କର ସଫଳ ରୂପାୟନ ପାଇଁ ସହରବାସୀ ଓ ପ୍ରଶାସନ ଖୁବ୍ ବ୍ୟସ୍ତ । ଢେଙ୍କାନାଳ ହୋଇଛି ବୈକୁଣ୍ଠପୁରୀ, ଜନମାନସର ଦୃଷ୍ଟି ଆକର୍ଷଣ କରିବା ପାଇଁ ।

**କବି ରାଧାନାଥ ରଥ**
**ଢେଙ୍କାନାଳ**



ଢେଙ୍କାନାଳର ପ୍ରସିଦ୍ଧ ଐତିହାସିକ ଲକ୍ଷ୍ମୀପୂଜା ଉତ୍ସବ ମୋ ଜନ୍ମ ପର ଠାରୁ ଦୀର୍ଘ ୫୫ ବର୍ଷ ଧରି ମୁଁ ଦେଖି ଆସୁଛି । ସମଗ୍ର ବିଶ୍ୱରେ ଏହି ଗଜଲକ୍ଷ୍ମୀ ପୂଜା ତା'ର ସ୍ୱତନ୍ତ୍ରତା ବଜାୟ ରଖିବା ସହିତ ଅଦ୍ୱିତୀୟ । ପାରମ୍ପରିକତା ଓ ଆଧୁନିକତାର ଏହା ଏକ ଅପୂର୍ବ ସମନ୍ୱୟ । ଏହି ଉତ୍ସବର ଅନନ୍ୟ ସାଜସଜ୍ଜା ଓ ଅନ୍ତିମ ଦିବସରେ ମା'ଙ୍କର ବିଦାୟ ମନରେ ଚମକ ସୃଷ୍ଟି କରିବା ସହିତ ଦୁଃଖ ଜାତ କରାଏ । ଜାତି, ଧର୍ମ, ବୟସ, ସମ୍ପ୍ରଦାୟ, ଲିଙ୍ଗ ନିର୍ବିଶେଷରେ ଏପରି ଏକ ସଫଳ ଉତ୍ସବ ପାଇଁ ଆମେ ଢେଙ୍କାନାଳ ଜିଲ୍ଲାବାସୀ ଗର୍ବିତ ଓ ଗୌରବାନ୍ୱିତ ।

**ଡା. ଦେବୀପ୍ରସାଦ ମିଶ୍ର**
**ବରିଷ୍ଠ ବିଜ୍ଞାନ ଶିକ୍ଷକ,**
**ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର,ଢେଙ୍କାନାଳ**

ଜିଣିଯାଏ । ଜାତି, ଧର୍ମ, ବର୍ଣ୍ଣ, ସଂପ୍ରଦାୟ ବୟସ, ଗୋଷ୍ଠୀର ଊର୍ଦ୍ଧ୍ୱରେ ରହି ସମସ୍ତ ଜନସାଧାରଣ ଓ ସହରବାସୀ ଦୀର୍ଘ ୧୧/୧୨ ଦିନ ଧରି ଦୁଃଖସୁଖକୁ ଏକାକାର କରି ଆନନ୍ଦ ଉପଭୋଗ କରନ୍ତି ଲକ୍ଷ୍ମୀପୂଜା ମହୋତ୍ସବର ।



ବିଶେଷ ଉଲ୍ଲେଖନୀୟ କଥା ଏହି ଯେ, ଉକ୍ତ ପୂଜାରେ ଆରକ୍ଷୀ ବାହିନୀ ଓ ପ୍ରଶାସନ ଦ୍ୱାରା ଶାନ୍ତି ଶୃଙ୍ଖଳା ରକ୍ଷାର ସୁବନ୍ଦୋବସ୍ତ ହୋଇଥାଏ । ଫଳରେ ଅଦ୍ୟାବଧି ଆଇନଶୃଙ୍ଖଳା ବିପର୍ଯ୍ୟସ୍ତର ସୂଚନା ମିଳେ ନାହିଁ । ଏହି ସମୟରେ ଘରେଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମେ । ବନ୍ଧୁମିଳନର ଏକ ଅପୂର୍ବ ଆନନ୍ଦଦାୟକ ମୁହୂର୍ତ୍ତ ଆଣେ ଏହି ପୂଜା । ସହର ସାରା ନିଜର ବ୍ୟବସାୟ ପସରା ମେଲେଇ ଦିଅନ୍ତି ସାରା ରାଜ୍ୟରୁ ଓ ରାଜ୍ୟ ବାହାରୁ ଆସୁଥିବା ବ୍ୟବସାୟୀମାନେ । ସହରବାସୀ ଓ ଅନ୍ୟାନ୍ୟ ଜିଲ୍ଲା ତଥା ରାଜ୍ୟରୁ ଆକର୍ଷିତ ହୋଇ ଆସୁଥିବା ଦର୍ଶକଙ୍କ ମନରେ, ଶରୀରରେ ସୃଷ୍ଟି ହୁଏ ବ୍ୟାପକ ଉତ୍ସାହ । ପୂଜାରେ ସବୁବର୍ଗର ଜନସାଧାରଣଙ୍କ ମନୋରଂଜନ ନିମନ୍ତେ ରଥଗଡ଼ା, ଗୁଡ଼ିଆନାଳୀ ଓ ମହିଷାପାଟର ସରସମେଳା ପଡ଼ିଆରେ ମିନାବଜାର ହୋଇଉଠେ ମୁଖ୍ୟ ଆକର୍ଷଣ ।

ମିଳିତ ବଜାର ପୂଜା କମିଟିର ସଭାପତି ବିଶ୍ୱନାଥ ବେହେରାଙ୍କ ମତରେ, ଲକ୍ଷ୍ମୀପୂଜା ହେଉଛି ଐତିହ୍ୟ ସଂପନ୍ନ ଢେଙ୍କାନାଳ ସହରର ପ୍ରକୃତ ପରିଚୟ । ଏହାକୁ



ରାଜ୍ୟସ୍ତରୀୟ ସ୍ୱତନ୍ତ୍ର ମାନ୍ୟତା ଦେବା ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି । ବାଜିଚୌକ ପୂଜା କମିଟିର ସଭାପତି ଶ୍ରୀଯୁକ୍ତ ରାମଚନ୍ଦ୍ର ପାତ୍ର କହନ୍ତି ଯେ, ଏହା ଢେଙ୍କାନାଳର ଗଣପର୍ବ । ସମସ୍ତ ପ୍ରତିଷ୍ଠାନର କାର୍ଯ୍ୟକର୍ତ୍ତା ଓ ସହରବାସୀଙ୍କ ଉଦ୍ୟମରେ ପୂଜା କାର୍ଯ୍ୟକ୍ରମ ଅଧିକ ଆକର୍ଷଣୀୟ ଓ ମନୋରଞ୍ଜନଧର୍ମୀ ହୋଇଥାଏ ।

ଢେଙ୍କାନାଳ ସହର ଗଜଲକ୍ଷ୍ମୀ ପୂଜାର ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ, ଉପଭୋଗ୍ୟ ୫ଟି ମୁଖ୍ୟ କାର୍ଯ୍ୟକ୍ରମ ଜନ ସମାଜକୁ ମୋହିତ କରି ମନୋରଞ୍ଜନର ଖାସ୍ ଖୋରାକ ଯୋଗାଇ ଥାଏ । ଖୁସି ବାଣ୍ଟି ଥାଏ ।

### ପେଣ୍ଡାଲ୍ ଓ ତୋରଣ ସଜ୍ଜା

ଆକର୍ଷଣୀୟ ପେଣ୍ଡାଲ୍ ଓ ତୋରଣ ସଜ୍ଜା ଦ୍ୱାରା ଦର୍ଶକମାନେ ମୁଗ୍ଧଚକିତ ହୋଇଥାନ୍ତି । କେଉଁଠାରେ





ଯୁଗୋପଯୋଗୀ ସାଂପ୍ରତିକ ସାମାଜିକ ଚଳଣିର ରୂପ ତ କେଉଁଠି ପୌରାଣିକ ଗାଥା ଜୀବନ୍ତ ରୂପ ନେଇଥାଏ । ମୀନାବଜାର, କୈବଲ୍ୟ ବଜାର, ଗଣେଶ ବଜାରରେ ମା'ଙ୍କ ବହୁମୂଲ୍ୟ ଆକର୍ଷଣୀୟ ଚାନ୍ଦିମେଢ଼, ଲକ୍ଷ୍ମୀବଜାରରେ ମା'ଙ୍କର ଦୃଷ୍ଟି ଆକର୍ଷଣକାରୀ ଦୁର୍ମୂଲ୍ୟ ସୁବର୍ଣ୍ଣ ଓ ରୌପ୍ୟ ଅଳଙ୍କାର ସମୂହ, ଜବାହର ଚୌକ ପୂଜା କମିଟିର ପୂର୍ଣ୍ଣ ମନ୍ଦିରରେ ବିଜେପୂର୍ଣ୍ଣ ଲକ୍ଷ୍ମୀ, ବାଜିଚୌକରେ ହିରଣ୍ୟକଶିପୁ ବଧର ପୌରାଣିକ ଆଖ୍ୟାନ ସମ୍ବନ୍ଧୀୟ ମୂର୍ତ୍ତି, ସାଜସଜ୍ଜା, ମହାବୀର ବଜାରର ଲକ୍ଷ୍ମୀଙ୍କ ମାନଭଞ୍ଜନ ଦୃଶ୍ୟ ଆଦି ସହ ବିଭିନ୍ନ ସୁଉଚ୍ଚ ମନ୍ଦିର ପ୍ରାୟ ତୋରଣ ବିମୋହିତ କରେ ଦର୍ଶକମାନଙ୍କୁ । ସୁଦୃଶ୍ୟ ରଙ୍ଗୀନ ଆଲୋକ ମାଳା ସାରା ସହରକୁ ଉଜ୍ଜ୍ୱଳମୟ କରିଥାଏ ।

### ଖାଦ୍ୟଦ୍ରବ୍ୟର ସୁସ୍ୱାଦୁ ପସରା

ଏଠାରେ କେନ୍ଦ୍ରାପଡ଼ାର ରସାବଳୀ, କଟକର ଦହିବରା-ଆଳୁଦମ, ଠୁଙ୍କାପୁରି, ବାରିପଦାର ମୁଢ଼ିମାଂସ, ରାଜସ୍ଥାନୀ ଓ ପଞ୍ଜାବୀ ଖାଦ୍ୟଦ୍ରବ୍ୟ, ବ୍ରହ୍ମପୁରର ମୁଡ଼କି ଓ ପାମ୍ପଡ଼ିଚାଟ୍, ଢେଙ୍କାନାଳର ନିଜସ୍ୱ ପ୍ରସିଦ୍ଧ ବରା, ସାଲେପୁର ଓ ପାହାଳର ରସଗୋଲା, ମଥୁରା କେକ୍, ବିଭିନ୍ନ ପ୍ରକାରର ଫାଷ୍ଟଫୁଡ଼୍, ଖାଦ୍ୟସାମଗ୍ରୀକୁ ନେଇ ସ୍ୱତନ୍ତ୍ର ଷ୍ଟଲ୍ ମାନ ଖୋଲାଯାଏ । ନାନା ସ୍ଥାନ, ନାନା ମେଢ଼ ଭ୍ରମଣ ସହିତ ଦର୍ଶକମାନେ ବିଭିନ୍ନ ଚାଟ୍ ଓ ପୂର୍ଣ୍ଣ ସୁସ୍ୱାଦୁ ଖାଦ୍ୟ ଖାଇବାର ମଜା ନିଅନ୍ତି, ବନ୍ଧୁବାନ୍ଧବ ଓ ପ୍ରିୟ ପରିଜନଙ୍କ ସହିତ ।

### ସରସମେଳା ଓ ପଲ୍ଲୀଶ୍ରୀ ମେଳାର ଆୟୋଜନ

ବିଭିନ୍ନ ହସ୍ତତନ୍ତ ସାମଗ୍ରୀ, କଳା, ଭାସ୍କର୍ଯ୍ୟ, ସୂକ୍ଷ୍ମ କାରୁକାର୍ଯ୍ୟ ଓ କଳା କୌଶଳର ଦ୍ରବ୍ୟ ରାଜସ୍ଥାନ, ଲକ୍ଷ୍ନୌ, କାଶ୍ମୀର ଓ ନେପାଳର ପୋଷାକ, ଶୀତବସ୍ତ୍ର ଆଦି ସୁଲଭ ମୂଲ୍ୟରେ ଲୋକମାନଙ୍କର ଚାହିଦା ପୂରଣ କରିବାରେ ସକ୍ଷମ ହୁଏ । ସରସମେଳା ଓ ପଲ୍ଲୀଶ୍ରୀ ମେଳାରେ ପିଲାମାନଙ୍କ ନିମିତ୍ତ ବିଭିନ୍ନ କିସମର ଦୋଳି, ଡେଇଁବା ପାଇଁ ପବନ ଗଦି ଖୁବ୍ ଆକର୍ଷଣୀୟ ।

### ନଟରାଜ କୁମାରୋତ୍ସବ


ପୂଜା ମହୋତ୍ସବ ଆରମ୍ଭ ଦିବସରୁ ଉଦ୍‌ଘାଟିତ ହୁଏ ଉକ୍ତ ସାଂସ୍କୃତିକ କାର୍ଯ୍ୟକ୍ରମର ବିଶେଷ ମାହୋଲ୍ । ଏଠାରେ ଆୟୋଜିତ ସୁଉଚ୍ଚ ଓ ସୁସଜ୍ଜିତ ରଙ୍ଗୀନ ମଞ୍ଚରେ ବିଭିନ୍ନ ପ୍ରତିଭାମାନଙ୍କ କଳା ପ୍ରଦର୍ଶନ, ନାଟ୍ୟୋତ୍ସବ, ଶାସ୍ତ୍ରୀୟ ସଙ୍ଗୀତ, ଲୋକନୃତ୍ୟ, ଲୋକବାଦ୍ୟ, ଡ୍ରାମା, ପାଲା, ଦାଶକାଠିଆ, କଣ୍ଢେଇନାଚ, ମ୍ୟାଜିକ୍ ସୋ ଆଦି ଅନୁଷ୍ଠିତ ହୋଇଥାଏ । ଶ୍ରେଷ୍ଠ ପ୍ରତିଯୋଗୀମାନଙ୍କୁ ସମ୍ମାନିତ ତଥା ସମ୍ବର୍ଦ୍ଧିତ କରାଯାଇଥାଏ । ଏହା ସୃଜନଶୀଳତା ଓ ପ୍ରତିଭା ବିକାଶର ଆନନ୍ଦମୟ ସୁଯୋଗ ସୃଷ୍ଟି କରେ । ପ୍ରତିଦିନ ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ମନୋରଞ୍ଜନ କରିବା ଶିକ୍ଷଣୀୟ ସଂଦେଶ ଧେଇଥାଏ ।



### ରଙ୍ଗୀନ ମେଢ଼ ଓ ମୂର୍ତ୍ତି ବିସର୍ଜନ ଶୋଭାଯାତ୍ରା

ପୂଜୋତ୍ସବର ଅନ୍ତିମ ଦିନ ବା ଦ୍ୱାଦଶ ଦିବସରେ ଆୟୋଜିତ ବିସର୍ଜନ ଶୋଭାଯାତ୍ରା ବେଶ୍ ମନୋମୁଗ୍ଧକର । ବିଭିନ୍ନ ଲୋକବାଦ୍ୟ, ଲଉଡ଼ିଖେଳ, ପାଇକ ଆଖଡ଼ା, ପଶୁମୁଖା ନୃତ୍ୟ, ଛଉ ଓ ଅନ୍ୟାନ୍ୟ ଆଦିବାସୀ ନୃତ୍ୟ ସମଗ୍ର ପରିବେଶକୁ ଖୁବ୍ ରଙ୍ଗାରଙ୍ଗ କରିଦିଏ । ଢେଙ୍କାନାଳ ସହରର ଲମ୍ବା ଓ ସିଧାସଳଖ ରାସ୍ତା ଯୋଗୁଁ ଦର୍ଶକ ମଣ୍ଡଳୀ ସମସ୍ତ ମେଢ଼ର ଦୃଶ୍ୟ ଉପଭୋଗ କରିବାକୁ ସହଜ ହୋଇଥାଏ ।

ଏହି ଗଣ ମହୋତ୍ସବରେ ଶାନ୍ତିଶୃଙ୍ଖଳା, ସଦ୍‌ଭାବ, ମୈତ୍ରୀ, ପ୍ରୀତି, ଭାତୃତ୍ୱ ଓ ସୌଜନ୍ୟର ମଧୁର ସମାବେଶ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ଏକ ନୂତନ ଅଧ୍ୟାୟ କହିଲେ ଅତ୍ୟୁକ୍ତି ହେବ ନାହିଁ ।



ଶାସ୍ତ୍ରୋକ୍ତି ହେଉଛି ଆଚାରେ ଲକ୍ଷ୍ମୀ ବିଚାରେ ପଣ୍ଡିତ । ଶୁଦ୍ଧ ଆଚରଣ ଦ୍ୱାରା ଲକ୍ଷ୍ମୀ ପ୍ରସନ୍ନ ହୁଅନ୍ତି । ସାଜସଜ୍ଜା, ଆଡ଼ମ୍ବର ଭାରତ ପ୍ରସିଦ୍ଧ ହୋଇଥିଲେ ବି ଶୁଦ୍ଧ ଆଚରଣ ନାହିଁ । ସଂସ୍କୃତି ସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ପ୍ରାଧାନ୍ୟ ନଦେଇ ରାଜନୈତିକ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀଙ୍କୁ ବିଶେଷ ଧ୍ୟାନ ଦିଆ ଯାଉଛି । ସାଂସ୍କୃତିକ ପରିଧିରେ ଆତ୍ମିକ ସମ୍ବନ୍ଧ ଭାବେ ଦୀର୍ଘକାଳ ପ୍ରତିଭାତ ହୋଇଥିଲେ ମଧ୍ୟ ସମ୍ପ୍ରତି ଟିକେ ଊଣା ପଡ଼ିଛି । ଢେଙ୍କାନାଳବାସୀ ଏକ ମନ ଏକ ପ୍ରାଣରେ ଲକ୍ଷ୍ମୀପୂଜା କରୁଛନ୍ତି । କିନ୍ତୁ ରାଜନୈତିକ ବ୍ୟକ୍ତି ଓ ବ୍ୟବସାୟୀ ଏହାର ଫାଇଦା ଉଠାଉଛନ୍ତି । ଢେଙ୍କାନାଳର ଏହି ସମନ୍ୱୟାତ୍ମକ, ସାଂସ୍କୃତିକ, ଆଧାତ୍ମିକ ମହୋତ୍ସବ ସମସ୍ତଙ୍କ ପାଇଁ ଉପଭୋଗ୍ୟ ହେବା ସହିତ ଦୀର୍ଘସ୍ଥାୟୀ ହୋଇ ରହୁ ଏହା ହିଁ ମା'ଲକ୍ଷ୍ମୀଙ୍କ ଚରଣରେ ଭକ୍ତିପୂତ ପ୍ରାର୍ଥନା ।

**ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର**

**ଢେଙ୍କାନାଳ**

ଚିତ୍ରକରର ଚିତ୍ରଶାଳା

# ଅସରନ୍ତି ଆକୁଳତାର ଗୋଟେ ଆୟୁଷ୍ମାନ ଆକାଶ : ଚିତ୍ରଶିଳ୍ପୀ ଦେ



● ପୋଟ୍ରେଚର୍ (ଆକ୍ରିଲିକ୍ ଅନ୍ କାନ୍‌ଭାସ୍): ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ
● ସୌଜନ୍ୟ : ଆଲୁମ୍‌ନି କଳାକ୍ଷେତ୍ର, ବାଲେଶ୍ୱର






● ପୋଟ୍ରେଟ୍ (ୱାଟର୍‌କଲର୍) ଆଙ୍କିଛନ୍ତି:
ଚିତ୍ରଶିଳ୍ପୀ ସଞ୍ଜୀୟ ରାଉଳ

**ଜନ୍ମ : ୧୧.୦୬.୧୯୭୭ ମୃତ୍ୟୁ : ୧୨.୧୦.୨୦୧୯**

# ଦେବଶିଶୁ ଦେବେନ୍ଦ୍ର

ଜଣେ ସୃଜନସ୍ରଷ୍ଟା ହୁଅନ୍ତୁ କି ଚିତ୍ରଶିଳ୍ପୀ, ସେମାନେ ଚିର ଅମର । କହିପାରିବା, ସେମାନେ ମୃତ୍ୟୁଞ୍ଜୟୀ । ମରଣ ସିନା ସେମାନଙ୍କ ପାର୍ଥିବ ଶରୀରଟିକୁ ନେଇ ଯାଇପାରେ, କିନ୍ତୁ ତା'ର ଅସଂଖ୍ୟ ସୃଷ୍ଟି ତ ଅକ୍ଷୟ, ଅମର । ତାହାରି ମାଧ୍ୟମରେ ହିଁ ବଞ୍ଚି ରହିବେ ସେମାନେ । ବାଲେଶ୍ୱରର ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆଙ୍କ ଅପ୍ରତ୍ୟାଶିତ ମୃତ୍ୟୁ ଅବିଶ୍ୱସନୀୟ ମନେ ହୋଇଥିଲା ମୋତେ, ଯେବେ ପ୍ରଥମେ ମୁଁ ଶୁଣିଥିଲି ତାଙ୍କ ମୃତ୍ୟୁ ଖବର । ବିଶ୍ୱାସ ତ ଏବେବି ହେଉନାହିଁ ଯେ, ସେ ନାହାନ୍ତି ଆମମାନଙ୍କ ଗହଣରେ । ତାଙ୍କର ସେଇ ହସହସ ମୁହଁ ଏବେ ମଧ୍ୟ ମନ ଭିତରେ ଉଙ୍କିମାରେ । ଯେଉଁଠି ଯେତେବେଳେ ଦେଖା ହୋଇଛି, ମୋତେ ଗଭୀର ଭାବେ ମାନ୍ୟତା ଦେଇ କଥା ହେଇଥାନ୍ତି ସେ । ସମ୍ମାନ ଓ ସଂଭ୍ରମବୋଧ ଟିକକ ତାଙ୍କର ସମ୍ପତ୍ତି କହିଲେ ଭୁଲ୍ ହେବ ନାହିଁ । ଭାରି ଭଲ ଲାଗେ ତାଙ୍କର କଥାବାର୍ତ୍ତା । ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହିତ ତାଙ୍କ ପତ୍ନୀ ଏବଂ ପୁଅଙ୍କର ସକଳ ସୁଖସମୃଦ୍ଧି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।

– ସୁବାସିନୀ ଜେନା

ସଂପାଦିକା : ରେବତୀ

## ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆଙ୍କୁ ନିବେଦିତ



ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆଙ୍କ ପୋର୍ଟ୍ରେଟ୍
ତୂଳୀସ୍ପର୍ଶ : ଚିତ୍ରଶିଳ୍ପୀ ସଂଜୟ ରାଉଳ

# ଦେଖ !

### ଶ୍ରୀଦେବ

କୀଟସ୍ - କନ୍‌ହେଇ
ସୁକାନ୍ତ ଭଟ୍ଟାଚାର୍ଯ୍ୟ - ବସନ୍ତ ମୁଦୁଲି
ସଫ୍‌ଦର୍ ହାସ୍‌ମୀ - ପ୍ରମୋଦ ତ୍ରିପାଠୀ
ଅଶୋକ ଚନ୍ଦନ - ଅଶୋକ ମହାପାତ୍ର
ଛନ୍ଦା ଆଚାର୍ଯ୍ୟଙ୍କ ଠୁ ଦେବେନ୍ଦ୍ର ଖଟୁଆ...

ଯାଆନ୍ତି କାଆଡ଼େ ଏଡ଼େ ସଅଳ ମୁହଁ ନଧୋଇ
ସକାଳ ପାହୁ ନପାହୁଣୁ
କଳା ମଇଁଷି ପିଠିରେ
କାହିଁକି ଗହଳି କରନ୍ତି ଏମାନେ
ଷ୍ଟେସନ ପ୍ଲାଟଫର୍ମ, ବହିଷ୍ଟଲ୍,
ପେପର୍ ହକର୍‌ଙ୍କ ଚଉପାଶ !
ଝିପିଝିପି ବର୍ଷାରେ ଭିଜି
ନାଲି ଟୁକୁଟୁକୁ ସାଧବାଣୀ ଅନେଇ ରୁହେ
ରାସ୍ତା ସଫେଇ କରୁଥିବା ମେହେନ୍ତରାଣୀଙ୍କ
ପହଁରୁଥିବା ହାତ ଅଟକି ଯାଏ
ବ୍ରେକ୍ ମାରେ ହାଇସ୍ପିଡ୍ ଟୁ-ହ୍ୱିଲର, ରେସିଂ କାର୍
ସିନିୟର୍ ସିଟିଜେନ୍‌ଙ୍କ ସକାଳ ଚାଲି
ବନ୍ଦ ହେଇଯାଏ କିଛି କ୍ଷଣ
ବରଗଛେ ଓହଳିଥିବା ବାଦୁଡ଼ିପଲଙ୍କ
ହଠାତ୍ ଭୂଇଁମୁହାଁ ଲ୍ୟାଣ୍ଡଫଲ୍
କାହାର ଟୋପି ହଜେ
ଛତା ଯାଏ ଉଡ଼ି ବାଏଁ ବାଏଁ
ଛାତିରେ ଗୁଞ୍ଜା କଲମ, ଇଜେଲ୍-ତୂଳୀ
ଓ ଚାଳିଶା ଚଷମା
ଛିଟିକି ପଡ଼େ ଆଣ୍ଡ୍ରଏଡ୍ ସେଲ୍‌ଫୋନ୍



କବି ଶ୍ରୀଦେବ
ଫଟୋ ସୌଜନ୍ୟ : ବିରଜା ନାୟକ

ଦେହରୁ ଲୁଚିଯାଏ, ହଜିଯାଏ ମୁହଁ
ହଠାତ୍ ବନ୍ଦ ହୁଏ ସକାଳ ହେବା
ସୂର୍ଯ୍ୟ ବି ଉଡ଼ିଯାଏ ଆକାଶରୁ ଆଉ କେ ଅଂଚଳ
ଚତୁର୍ଦ୍ଦିଗ ଦିଶେ ଅନ୍ଧକାର ।

ଦେଖ ଦେଖ
କାଆଡ଼େ ଯାଇଥାଇପାରନ୍ତି ଏମାନେ
ଦେଶୀଭାଟି, ଚା'ଖଟି, ଶବ୍ଦଖୋଜ୍ ଅବା
ବସ୍ତି ମରାମତିରେ
ସହରତଳି ସ୍ଲମଡଗ୍ ମିଲିଅନର୍ସ ଆଡ଼େ
ଯାଇଥାଇପାରନ୍ତି ବାତ୍ୟାକ୍ଷତି ଅଂଚଳ
ବୁଲିବା ବାହାନାରେ
ତାରକା ହୋଟେଲ୍‌ରେ ଥିବା କଲ୍‌ଗାର୍ଲଙ୍କୁ
ମାନବାଧିକାର ସଂଜ୍ଞା ବୁଝାଇବା ଏଜେଣ୍ଡା ତିଆରିରେ ।

ସେ ବକଡ଼ାଉଠା ଖାଲଖମା
ରାସ୍ତାରେ ପୁରୁଣା ଗଛ ବିଜୁଳିଖୁଂଟି
ଉପୁଡ଼ି ପଡ଼ିଲା
ଏମିତି ସବୁ ଗୋଟିଏ ଗୋଟିଏ ଦୁର୍ଘଟଣାରେ
ଏଡ଼େବଡ଼ ଚକ୍ରବାତ୍ ହେଲା ଯେ ଭୋଅରୁ
କେହି ବି କାଗଜ
ନିଜ ନିଜ ପୃଷ୍ଠା ହ୍ୟାଙ୍ଗର୍ ନିଉଜ୍ ନ କରି
ଭୁଲେଇ ପଡ଼ିଲେ କେମିତି
ରକ୍ତାକ୍ତ ଗ୍ରାଉଣ୍ଡ୍ ଜିରୋ ବିନା ରିପୋର୍ଟିଂରେ ? ?

ପୋଲିସ୍‌ଗାଡ଼ି, ଆମ୍ବୁଲାନ୍ସ, ଜିଲ୍ଲା ପ୍ରଶାସନ-
ଏମିତିକି ବୁଲା କୁକୁରମାନେ
ବାଟ ପାଉନାହାନ୍ତି
ସେମାନଙ୍କ ଗନ୍ତବ୍ୟସ୍ଥଳ
ଘନଘୋର୍ ଏମନ୍ତ ଦୁର୍ବିପାକ ଜିପିଏସ୍ ଡିଜଅର୍ଡର
ଏ ସହର ହଜାଇଛି ବେଲ୍ଟ, ଜୋତା ଜାମା ଟୋପି
ବିବସ୍ତ୍ର ଇନର୍,
ଗଦା ଗଦା ଟ୍ରକ୍‌ନଦା କଲମ ଓ ତୂଳୀ
ଠୁଳ ହେଇ ପଡ଼ିଛନ୍ତି କେମିତି
ପାହାଡ଼ ଉଚ୍ଚାର ଧୂଆଁଧୂଳି
ସହରର ମଝାମଝି ରାସ୍ତାଟିରେ
ଯିବା ପାଇଁ ବାଟ ମିଳୁନାହିଁ ।

ଦେଖ ଦେଖ !
ଇଆରି ଭିତରେ କେଉଁଠି ଥାଇପାରେ
କଲବଲ କଳିଜାର କପ୍ କପ୍ କାନ୍ଦ
ଦେବେନ୍ଦ୍ର ଖଟୁଆର ଗୀତ, ଗପ, ତୂଳୀଷ୍ଟ୍ରୋକ୍ -
ମୁର୍କିହସ, ଆଖିଠାର, ଉଦୟ ଓ ଅସ୍ତ
ଆମରି ଭିତରେ କେଉଁଠି ଥାଇପାରେ
ପ୍ରତିଟି ସକାଳେ, ପ୍ରତିଟି ରାତିରେ ! !

***ବି.ଦ୍ର: ଦେଖ (ଦେ = ଦେବେନ୍ଦ୍ର, ଖ = ଖଟୁଆ)***

**ସଂପାଦକ : ଚନ୍ଦ୍ରଭାଗା, ମୋତିଗଂଜ, ବାଲେଶ୍ୱର-୭୫୬୦୦୩**
**ଫୋନ : ୯୪୩୭୧୨୩୮୨୩**

ବ୍ୟାକ୍‌ଗ୍ରାଉଣ୍ଡ୍ ପୋର୍ଟ୍ରେଟ୍ : ଚିତ୍ରଶିଳ୍ପୀ ନିତ୍ୟାନନ୍ଦ ସାହୁ

# ତୁମ ପାଇଁ ଫୁଲ କିଣିବାକୁ ଯାଇଥିଲି

## ଶିଶିର ନାୟକ

ତୁମ ପାଇଁ ଫୁଲ କିଣିବାକୁ ଯାଇଥିଲି
ହଠାତ୍ ଖବର ପାଇଲି
ତୁମ ଗାଆଁରେ ଖାଲି ଚିତା ଜଳୁଛି
ପାଉଁଶ ହେଇ ଯାଉଛି ଜହ୍ନରାତି
ଅବେଳରେ ଏ ଫୁଲକୁ କିଏ ବା ପଚାରିବ ଭାବିଲି !

ଶେଷ ହେଇ ଆସୁଚି ଚୈତ୍ର
ଶେଷ ହେଇ ଆସୁଚି ସେଇସବୁ ନୀଳ
ଭାରି ମଳିନ ଏବେ ଆଲୁଅ
ତାରି ଭିତରେ କିଣିବାକୁ ଆସିଥିଲି
ତୁମ ପାଇଁ ଫୁଲ ।

ମୃତ ଫସଲ ଛାତିରେ ଧରି
ରୁଗ୍ଣ ଛୁଆର ମାଆ ପରି ଏବେ ମାଟି
ଅହରହ କିଏ ଜଣେ କହି ଚାଲିଚି:
ମୁଁ ମହାଭାରତର ଶ୍ରୀକୃଷ୍ଣ ନୁହେଁ
ଏଠିକି ବଂଶୀ ବଜାଇବାକୁ ଆସିନି ।

ବଦଳି ବଦଳି ଯାଉଛି ଦୁଃଖ
ପ୍ରଥା ବିରୁଦ୍ଧରେ ଯାଇ ଯାଇ ଛୁଆଟି ଦଗ୍ଧ
ତଥାପି ଦଙ୍ଗା ଭିତରେ ଉଇଁ ଆସୁଛି ଜହ୍ନ
ଅବେଳରେ କିଏ ବା ତାକୁ ସାଇତି ରଖିବ ?

ତମ ପାଇଁ ଫୁଲ କିଣିବାକୁ ଯାଇଥିଲି
ଖବର ପାଇଲି ଗାଆଁସାରା ତମର ପୋଲିସ୍ ଛାଉଣି
ସବୁ ନିରୀହ କାଳେ ଅଦାଲତରେ ହାରିଛନ୍ତି
ତମ ଗାଆଁର ବସନ୍ତରେ କାଳେ ବିଷ ଚରିଛି
ଏ ଅବସ୍ଥାରେ ତମକୁ ସେ ଫୁଲସବୁ କିମିତି ଦିଅନ୍ତି !

ତଥାପି ତମ ଦଗ୍ଧ ମାଆ
ପୋଡ଼ି ଯାଉଥିବା ତମ ଜ୍ୟୋତ୍ସ୍ନା
ଚିରକାଳ କାଳେ ଆତ୍ମହରା ।

ଭାବୁଛି ଫୁଲ ସହ ତମ ପାଖରେ ଦ୍ୱାରସ୍ଥ ହେଇଯିବି ।♥

ଏଫ୍/ଏଲ୍-୧୩୧, ବାସନ୍ତୀ ନଗର
ରାଉରକେଲା-୭୬୯୦୧୨
ଫୋନ : ୯୯୩୭୪୯୯୪୪୭


▶ଫଟୋ ଶିଶିର ନାୟକ


▶ଫଟୋ ଚକ୍ରପାଣି ପରିଛା

# ଏକା ଏକା : ଅନ୍ତରଙ୍ଗ

## ଚକ୍ରପାଣି ପରିଛା

ପ୍ରତିଦ୍ୱନ୍ଦ୍ୱୀ ହେବାରେ ଭୟ ନାହିଁ

ମଂଚରେ ହେଉ କି
ମଇଦାନରେ
ଛକିଗୁନ୍ ଖେଳରେ ହେଉ
କି ପଶାପାଲିରେ ।

ଶୂନ୍ୟ ପାଚେରୀଟେ
ଠିଆ କରେଇ ଦେଇ
ଭାବିଚ କି
ତମେ ଏବେ ବେଶ୍ ନିରାପଦ

ଅଥଚ ଜାଣନା ଯେ
ତମେ ଏବେ ଭୁଲିଗଲଣି
ଆକ୍ରମଣ ଆଉ ପ୍ରତି ଆକ୍ରମଣର
କଳାକୌଶଳ
ବ୍ୟୁହଭେଦ କରିବାର ବୀଜମଂତ୍ର ।

ସାମ୍ନାସାମ୍ନି ହେବା
ଗୋଟେ ପିଲାଖେଳ ନୁହେଁ
ଯୋଉ ଦିଗକୁ ମୁହଁ କରି
ଠିଆ ହୁଅନା କାହିଁକି
ତମେ ନିଜେ ଇ ପ୍ରତିଦ୍ୱନ୍ଦ୍ୱୀ
ନିଜ ଦୋଷ, ନିଜ ଦୁର୍ବଳତାର ।

ଏମିତି ବି ହେଇପାରେ
ଯେ କେହିଜଣେ ଛଦ୍ମବେଶୀ
ପଶି ଆସିପାରେ ଅଚାନକ
ଉଆସ ଭିତରକୁ

ବିଷ ଆଉ ଅମୃତ ଭିତରେ
ଫରକ୍ କେତେ ସୂକ୍ଷ୍ମ
ତକ୍ଷକ ନିଜେ ବି ଜାଣେନା ।

ପ୍ରତିଦ୍ୱନ୍ଦ୍ୱୀ ହେବାରେ ଭୟ ନାହିଁ
ଭୟ ଯାହା
ନିଜ ଉପରୁ ହରେଇ ସାରିଥିବା
ବିଶ୍ୱାସକୁ ନେଇ । ♥

ବୈପାରିଗୁଡ଼ା, କୋରାପୁଟ
ଫୋନ : ୯୧୭୮୬୪୭୧୩୭

# ଜୀବନର ସାମାନ୍ୟକଥନ

## ଅରକ୍ଷିତ ପରିଜା

ଏ ବଂଶୀ ତୁମର
ଓଠ ତୁମର
ନଈ ମଝିର ଚୋରା ବାଲିରେ
ଧସି ଯାଉଥିବା ପାଦଟିକକ ବଳ ମୋର ।

ଜୀବନ ବୋଇଲେ
ସୋରାଏ ପବନରେ
ଅଣାୟତ୍ତ ଦୀପଶିଖା
ଛେଳିର ପାକୁଳିରେ ଉପାୟହୀନ ଘାସକେରା
ଜଳ କେବେ ବାଷ୍ପ, କେବେ ପାନୀୟ
କେବେ ଲୁହ ଦି'ଟୋପା !

ଜିଆର କପାଳରେ ତୁମେ ହିଁ
ଲେଖିବନା ମା'ଙ୍କର ଅନ୍ଧାର
ନଟୀର ପାଦରେ ଅବିଶ୍ରାନ୍ତ ନୂପୁର
ଭଙ୍ଗା ପାହାଡ଼ରେ ଟାଣ ଖରାର ଦୃଶ୍ୟ
ଯୋଗୀର କେନ୍ଦେରାରେ
ପେଟପାଟଣାର ଗୀତ
ଚଢ଼େଇଙ୍କ ଗୀତରେ ବି
ଜୀବନର ଅସମାପ୍ତ ଭୋକ ।

ସଂପର୍କ ମାନେ ସର୍ତ୍ତ
ସର୍ତ୍ତ ଭାଙ୍ଗି ଯିବାଟା ତ ଆମର କପାଳ

ଫେରିବାଲାର ସିନ୍ଦୂର ଟୋପାକରେ
ସ୍ତ୍ରୀ ସାଇତିଛି ଆୟୁଷ
ଅପରାହ୍ନର ମେଘ ପାଗରେ
ଝିଅ ପାରିହେବ ପାରିକୁଦ
ଆଉ ପୁଅ ତ ଇତିହାସକୁ ନିର୍ବୋଧ
କହିବାକୁ ପ୍ରସ୍ତୁତ ଥିବା ଉତ୍ତରପୁରୁଷ ।

ଆଉ କିଏ ମନେ ରଖିବ ତୁମକୁ
ବାଡ଼ି ପଛପଟର ଲେମ୍ବୁଗଛ
ମନେରଖ, ବୋହୂର ବଗିଚା ପାଇଁ
ସେ ବି ଦିନେ କଟା ହେବ !
ମୁଁ କିଏ କି ?
ତୁମ ସ୍ମୃତି ଚିନ୍ତାମଣିରେ
ବ୍ୟସ୍ତଥିବା ଗୋଟେ ଅନ୍ଧ ଗାଈଆଳ
କେଜାଣି କୋଉ ଅଚିହ୍ନା ବାଟରେ
ଛାଡ଼ିଯିବି ତୁମ କଣି ବାଉଁଶର ପାଞ୍ଚଣ
ରାଜା ମାଗୁଛି ମାଟି
ଉଇ ମାଗୁଛି ମାଟି
ନିଜେ ମାଟି ହେବା ଆଗରୁ
ତହସିଲ୍‌ର ଖେୱାଟ୍‌ରେ
ମୁଁ ଗୋଟିଏ ଆସନ୍ନ ବିସ୍ମୃତି ।

ସକାଳର ଘାସଶେଯରେ
ଟୋପାଏ କାକର ମୁଁ
ଆଉ ଛାତି ଭିତରେ ଆକାଶର ଜ୍ୟାମିତି
ପରବାୟ ନାହିଁ ଖରାର କାନିରେ
କେତେବେଳେ ଶୁଖିଯିବି ।

ବଉଳାଇ, କୁଜଙ୍ଗ, ଜଗତସିଂହପୁର
ଫୋନ:୮୩୩୯୯୭୧୮୭୨


ଫଟୋ ଅରକ୍ଷିତ ପରିଜା


ଫଟୋ ରଞ୍ଜନ ବାଗ

# ଆଉ କଣ ଫେରିହୁଏ ?

## ରଞ୍ଜନ ବାଗ

॥ ୧ ॥
ସେ ପକ୍ଷୀଟି କୁଆଡ଼େ ଉଡ଼ିଗଲା ?

ମୋ ଝରକା ପାଖ ଗଛରେ
ବସା ବାନ୍ଧିଥିଲା
ସୁମଧୁର ତାର ସଙ୍ଗୀତ
ପ୍ରତିଦିନ ମୋତେ
ସକାଳର ଟା କପ୍‌ରେ ମୂର୍ଚ୍ଛିତ କରୁଥିଲା ।

ବେଶ୍ କିଛିଦିନ ହେବ ସେ ନାହିଁ,
କୁଆଡ଼େ ଉଡ଼ିଗଲା ?
ସାଇବେରିଆ ପଟକୁ
ଡାଲ୍ ଲେକ୍ ଆଡ଼କୁ
ଚିଲିକାର ନଳବଣକୁ
ଅବା ହଜିଗଲା କେଉଁଠି ନୀଳ ଆକାଶରେ !

ନିତିଦିନ ମୁଁ ତାକୁ ଝରକା ବାଟେ
ବେଶ୍ ଆନ୍ତରିକତାରେ ଖୋଜେ,
ଗଛର ଡାଳପତ୍ର ଉହାଡ଼କୁ
ତନ୍ନ ତନ୍ନ କରି ଦେଖେ
ହେଲେ ସେ ନଥାଏ ।

ସେ ନଥିବା ଆଉ ଖୋଜିବା ଭିତରେ
ଟା କପ୍‌ର ବାମ୍ପ
ନିମ୍ନଗାମୀ ହୋଇ ସାରିଥାଏ
ଶହେ କୋଡ଼ିଏ କୋଟି ଲୋକ ଥାଉ ଥାଉ
ଉଡ଼ାପକ୍ଷୀ ସହ
କେହି କେବେ ବନ୍ଧୁତା କରେ ?
॥ ୨ ॥
ଘରଟିଏ ଅଛି ମାନେ
ଦିନେ ନା ଦିନେ
କେହି ଜଣେ ଉତ୍ତରାଧିକାରୀ
ଦଲିଲ୍ ଦସ୍ତାବିଜ୍ ନେଇ
ଏଠି ପହଞ୍ଚିପାରେ ।

ଏହା କେବଳ ଔପଚାରିକ ହୋଇପାରେ
ହେଲେ ଘର ତୋଳିଥିବା ଜନଟି
ଆଉ କଣ ଫେରିପାରେ ?

ବରିଷ୍ଠ ସାମ୍ବାଦିକ, ମଲ୍ଲିକାଶପୁର,
ବାଲେଶ୍ୱର-୭୫୬୦୦୧
ଫୋନ : ୯୪୩୭୨୬୪୩୩୬

# ନିରାଜନା

## ନୃସିଂହ ତରାଇ


ଶ୍ରୀ ନୃସିଂହ ତରାଇ

ନିରୋଳା ଅନୁଭବଟିଏ ହିଁ
ଗଢି ଦେଇପାରେ
ଶବ୍ଦର କୋଣାର୍କ
ଭାବର ତାଜମହଲ ।

ଶୀତଳ ଶିହରଣ
ଲମ୍ବି ଆସେ ଲମ୍ବା ମାପର
ଝରଣାଟେ ହୋଇ
ଶବ୍‌ଦମାନେ ଚକ୍‌ମକ୍ କରନ୍ତି
ଆକାଶର ତାରା ପରି ।

ମୁଁ ଛଟପଟ ହୁଏ
ସାରାରାତି ଉଜାଗର
କଡ ଲେଉଟାଇଲେ
ତା ସ୍ପର୍ଶର କୋମଳ ସ୍ପନ୍ଦନ... ।

ଛଳଛଳ ନଈ
ଘନ ଅରଣ୍ୟ
ଆକାଶଛୁଆଁ ପାହାଡ଼ ପରି
ସେ ମୋତେ ଘାରେ ।

ମୋତେ ଫେରାଇ ଦେବାକୁ ହୁଏ
ଯାବତୀୟ ପ୍ରଲୋଭନ
ରାଜସୁଖର ସଂଭ୍ରାନ୍ତ ଐଶ୍ୱର୍ଯ୍ୟ
ଯୋଗୀଟିଏ ହୋଇ
ଭିକ୍ଷା କରେ ଶବ୍ଦର ତଣ୍ଡୁଳ ।

ପ୍ରଗଲ୍‌ଭା ମୋ ହୃଦୟ ତରଙ୍ଗ
ମନରେ ମୂର୍ତ୍ତିମନ୍ତ ହୁଏ
ସବୁ ଶବ୍ଦଙ୍କ ଶୃଙ୍ଗାର ।

ପାଦରୁ ଖୋଲିଯାଏ
ଆପେ ଆପେ ଶୃଙ୍ଖଳର କଣ୍ଟାବାଡ
ଶବ୍‌ଦମାନେ ବେଫିକର୍ ହୋଇ
ଖେଳନ୍ତି ଲୁଚକାଳି
ଆକାଶରେ ଫୁଟେ
ପ୍ରେମର ପାରିଜାତ ।


ଫଟୋରେ ଆତ୍ମଜା ସ୍ମିତା ସାଁ

ମୁଁ ତାଜୁବ୍ ହୁଏ
ଏମିତି ଏକ ଅନ୍ତରଙ୍ଗ ଦୃଶ୍ୟରେ ।
ଘାଇଲା କରେ
ତା ଅଭେଦ୍ୟ ନିଶାଣ
କ୍ଷତରୁ ରକ୍ତ ଝରେ
ରକ୍ତରୁ ଫୁଟେ ଫୁଲ
ଶବ୍ଦଙ୍କ କମଳ ।

ସଜଫୁଟା ସ୍ୱପ୍ନରେ
ରଙ୍ଗ ବୋଳନ୍ତି
ସେଇ ବେଫିକର୍ ଶବ୍ଦମାନେ
ତମ ସ୍ମୃତିରେ ଝଟକୁଥିବା ଲୁହର ଗାଲିଚା,
କବିତାକୁ ଖୋଜି ପାଉନଥିବାର
ଆତୁର ପିପାସା ।

କେବେକେବେ ଶବ୍ଦର ଶଙ୍ଖନାଦରେ
ସୂର୍ଯ୍ୟ ଉଏଁ
ପ୍ରଜାପତି ଡେଣା ଝାଡନ୍ତି
ଆଲୋକ ପ୍ରତିଭାତ ହୁଏ
ତମ ନିରାଜନା ପାଇଁ ।

ପୂର୍ବତଟ ରେଳପଥ, ଭୁବନେଶ୍ୱର
ଫୋନ : ୯୫୫୬୭୫୬୦୩୬

# ସ୍ମିତା ଦାସ

## ସାବିତ୍ରୀ କବି

ଆଜି କାହିଁକି ଏତେ ବେଶି ମନେ ପଡୁଛି
ସ୍ମିତା ଦାସ, ତା ନିରୀହ ମୁହଁଟି ନାଚି ଯାଉଛି
ଆଖି ସାମ୍ନାରେ, ଢେରଦିନ ହେବ ତା ସହ
ଭେଟ ହେଇନି, ବଦଳି ଯାଇଛି ତା ଠିକଣା, ତା ପ୍ରିୟ
ଗାଁକୁ ରାସ୍ତା, ତା ସହରର ନକ୍ସା । ଏବେ
କେମିତି କୋଉଠି ଥିବ ସ୍ମିତା !

ସେ କାହିଁକି ବାରମ୍ବାର ମୋ ସ୍ୱପ୍ନରେ
ଆସୁଛି, ସେଇ ଛିଟଫ୍ରକ୍ ପିନ୍ଧା ବୟସରେ ଯେବେ
ଆମେ ଡେଉଁଥିଲୁ ଗାଁ ଦାଣ୍ଡରେ, ଫୁଲ ଉଡ଼ାଉଥିବା
ଧାନକ୍ଷେତରେ ଖୋଜୁଥିଲୁ ସୁନା ଗଛର
ମଞ୍ଜି, ପ୍ରଜାପତି ଧରୁଧରୁ ନଈ ଆଡ଼ିରେ ଗୋଡ଼
ଖସି ଯାଉଥିଲା ଓ ଆମେ କାଦୁଅରେ ପଡୁଥିଲୁ ଦୁଲ୍‌ଦାଲ୍
କଇଁଫୁଲ ତୋଲୁତୋଲୁ ଫସି ଯାଉଥିଲୁ
ପଙ୍କ ପୋଖରୀରେ, କାନ୍‌କୋଳି ବଣରେ
ହଜେଇ ଦେଉଥିଲୁ କୁଆଁରୀ ସଂଜ,
ଚୁପିଚୁପି କଥା ହେଉହେଉ ଦୁଷ୍ଟ ପ୍ରେମିକଟି
ପରି ଆମକୁ ଛୁଇଁ ଦେଉଥିଲା ପାଗଳ ପବନ
ଦେହରେ ମନରେ ଢେଉ ଭାଙ୍ଗୁଥିଲା ଗୋଟେ
ଫୁଲଫୁଟା ଋତୁ ।

ଲାଜର ଗହଣା ପିନ୍ଧି ଜାଣିଜାଣି
ଭିଜୁଥିଲୁ ବର୍ଷାରେ
କୁଆଡ଼େ ହଜିଗଲା ସେଦିନସବୁ
କୁଆଡ଼େ ହଜିଗଲା ମିଛେଇ ନଈକୂଳରେ
ଅପେକ୍ଷା କରିଥିବା ମିଛ କାହାଣୀର ନାୟକ ।

କୁଆଡ଼େ ହଜିଗଲା ସ୍ମିତା
କୁଆଡ଼େ ହଜିଗଲା ଜହ୍ନ ଆଲୁଅରେ
ଚିଠି ଲେଖିବାର ବୟସ ଓ ମହମହ ଅନ୍ଧାରରେ
କବିତା ପାଇଁ ଶବ୍ଦ ଖୋଜିବାର ଆକୁଳ ଉଲ୍ଲାସ ।
ଆଜି କାହିଁକି ସେ ଏତେ ବେଶି
ମନେପଡୁଛି, ମୋତେ ବି କ'ଣ ମନେ ପକାଉଥିବ କି
ସେ, ଖୋଜୁଥିବ କି ମୋ ଟାଇମ୍ ଲାଇନ୍‌ରୁ
ଆମ କଲେଜ୍ ବେଳର ଫଟୋଚିତ୍ର ।
ମୋ ଏକାକୀ ଚେହେରା ଦେଖି
ଆଶ୍ଚର୍ଯ୍ୟ ହେଉଥିବ କି ! ଖୋଜୁଥିବ କି
ସେ ଫୋନ୍ ନମ୍ବର ଠିକ୍ ମୋରି ପରି
ପୁରୁଣା ଚିଠି ଖୋଲି ପଢୁଥିବ କି
ଝୁରି ହେଉଥିବ କି ସେଇ ଫ୍ରକ୍‌ପିନ୍ଧା ଦିନର ସ୍ମୃତିକୁ
କଲେଜ୍ ବେଳେ ସ୍ମିତାର ଥିଲା ଗୋଟେ
ନାଲି ରଙ୍ଗର କାର୍ଡ଼ିଗନ୍ । ସେ ଭଲ
ଗୀତ ଗାଉଥିଲା, କବିତା ଲେଖୁଥିଲା
ପ୍ରେମରେ ଧାର୍ ଧାରୁ ନଥିବା ସ୍ମିତାକୁ

ଜଣେ ପୁଅ ଭଲ ଲାଗିଥିଲା
ସେ କଥା କେହି ଜାଣିବା ପୂର୍ବରୁ
ଆଞ୍ଜୁଳାଏ କୃଷ୍ଣଚୂଡ଼ା ପରି ଝରି ଯାଉଥିଲା
ତା ସ୍ୱପ୍ନ ଓ ପ୍ରେମ ଖରା ଛୁଟିରେ ।

ମୁଁ ସ୍ମିତାକୁ ଖୋଜୁଛି ଭିଡ଼ବସ୍, ରେଳଷ୍ଟେସନ୍
ସିନେମା ହଲ୍, ସପିଙ୍ଗ୍‌ମଲ୍, ବିଉଟିପାର୍ଲର୍, ପରିବାହାଟ
ପୂଜାମଣ୍ଡପ ହେଉ କି ସାହିତ୍ୟ ସଭା, ପ୍ରବଚନ ଓ
ସତ୍‌ସଙ୍ଗରେ ।
ମୁଁ କିନ୍ତୁ ସ୍ମିତାକୁ ଖୋଜି ନ ପାଇବାର
ଦୁଃଖରେ ଗୁମୁରୁଛି । ଶାଶୁଘରୁ ଲୁହରେ
ଲେଖିଥିବା ତା ପ୍ରଥମ ଚିଠିର ଉତ୍ତର ଦେଇ
ନଥିବାର ଗ୍ଲାନିରେ ସଢୁଛି ।

ମୁଁ ହେଲେ ଜାଣନ୍ତି କି ସେ ଭଲରେ ଅଛି
କାଲିପରି ଆଜିବି ଚପଳ ଝରଣା ପରି ତା
ଛଳଛଳ କଣ୍ଠରେ ଗୀତ ଗାଉଛି ସ୍ମିତା
ହସୁଛି ଫୁଲ ପରି, ମୟୂରୀ ପରି ପୁଚ୍ଛତୋଳି ନାଚୁଛି
ବୋହି ଯାଉଛି ନଈ ପରି, ସ୍ୱପ୍ନ ଖୋଜି ଖୋଜି
ସମୁଦ୍ର ଖୋଜି ଖୋଜି, ପକ୍ଷୀ ପରି ଉଡୁଛି ଆକାଶରୁ ଆକାଶ ।

ପାଞ୍ଚଫୁଟ ସାତଇଞ୍ଚ ଉଚ୍ଚା, ମଧ୍ୟମ ଚେହେରା
ଗହମ ରଙ୍ଗ, ଖଣ୍ଡାଧାର ପରି ନାକ, ଓଠ ତଳକୁ କଳାଜାଇ
ଡାହାଣ ପାଖ ଗାଲରେ ଭଉଁରୀ, ଲମ୍ବା ବେଣୀ
ଲାଜୁକୀ ଚାହାଣି, କେହି ଯଦି ଖବର ପାଆନ୍ତି ସ୍ମିତାର
ନିମ୍ନ ଠିକଣାରେ ଜଣେଇବାକୁ ବିନମ୍ର ଅନୁରୋଧ !

ସ୍ମିତା ସ୍ୱପ୍ନଟିଏ ହୋଇ ଫେରୁ !❤

ବିଶ୍ୱନାଥପୁର, ରାହାଞ୍ଜ, ରାଣୀତାଲ, ଭଦ୍ରକ-୭୫୬୧୫୧
ଫୋନ:୯୪୩୯୧୭୭୩୮୦






## କଳା କଳିଜା

### ସରୋଜ ବଳ

କାହିଁକି ଗୁମ୍ ହେଇ
ବସିଛୁରେ ବଇରି ?
ତୋର ଫୁତ୍‌କାର ଦେ
ଚୋଟ ଦେ
ଗରଳ ଦେ ।

ମୋର ଆକୁଳ ଆର୍ତ୍ତନାଦରେ
ଖୁସି ହବୁ ତ ? ହେଇଯା
ମୋର ଛଟପଟ ଅସହାୟତାରେ
ମେଣ୍ଟେଇବୁ ତ ଓରିମାନା ? ମେଣ୍ଟେଇଯା

ମୋତେ ଦଳିଦେ ତୋ ଅବଜ୍ଞାର ପାଦରେ
ଗୋଇଠା ମାର୍ ତୋ ଅଲଣା ଅସହିଷ୍ଣୁତାରେ
ଛେପ ପକା ତୋ ଘୃଣାର ଓଠତଳୁ
ଖରକିଆଣ୍ ଖଂକାର ତୋ ଆକ୍ରମକ ଉକାଳରୁ

ପିଟ୍, ମାର୍, ହାଣ୍ ...
ଲହୁ-ଲାଳରେ ଏକାକାର ହେଇ
ରାମ୍ପୁଡ଼ି ବିଦାରି ପକା ମୋତେ
ଗଳା ଫଟେଇ ଚିତ୍କାର କର୍, ଶୋଧ୍
ଅଶ୍ଳୀଳ ଭାଷାରେ ଶୋଧ୍ ଶୋଧ୍ ଶୋଧ୍

ଏଇ ସୁଯୋଗରେ
ବାହାର କରିଦେ ତୋର ସବୁଯାକ ଭଡାସ୍
ନିକାଲିଦେ ନଷ୍ଟ ଜୀବକୋଷ
କଚାଡ଼ିଦେ ତୋର ସବୁଯାକ ନୟାନ୍ତପଣ
ମାରିଦେ ତୋର ରକ୍ତରେ ପହଁରୁଥିବା
ପ୍ରେମହୀନତାର ଭୂତାଣୁ

ସବୁ ମଇଳା ବାହାରିଗଲା ପରେ
ନଳା ଆରପଟେ ନାନ୍ଦନିକତାର ନଈଟେ ହେଇ
ମୁଁ ଥିବିରେ ବଇରି

ମୁହଁ ଧୋଇବୁ, ପୋଛିପାଛି ହବୁ
ଯଦି କାନ୍ଦିବୁ ତେବେ ମୋର
କାନ୍ଧ ବଢ଼େଇ ଦେବି
ଯଦି ଆଲିଙ୍ଗିବୁ, ତେବେ ଗୋଟାପଣେ
ତୋ ସାମ୍ନାରେ ଥିବି...

ମୁଁ କେବଳ ଗୋରା ହସର ନୁହେଁ
ଶ୍ୟାମଳ ଦୁଃଖର ଛବି
ମୁଁ କେବଳ ଲାଲ୍ ହୃଦୟର ନୁହେଁ
କଳା କଳିଜାର କବି !

୯୫୦, ଗ୍ରୀନ୍‌ଭିଲ୍ଲା, ନୀଳକଣ୍ଠେଶ୍ୱର ମାର୍ଗ
ବରମୁଣ୍ଡା, ଭୁବନେଶ୍ୱର-୭୫୧୦୦୩
ଫୋନ : ୯୯୩୮୫୩୯୩୭୯




## ପ୍ରେମିକା

### ଚୈତାଳି ଖିଲାର

କାଚକାନ୍ଥର ସେ ପାଖେ
ତମକୁ ମୁଁ ଯେ ଛୁଇଁପାରେନା
ଶତ ଚେଷ୍ଟା କରି ତମକୁ ମୁଁ ଯେ
ଛାଡ଼ି ରହି ପାରେନା ।

କେବେ ଆସିବ କେବେ ଆସିବ
ପ୍ରେମିକାରୁ ସ୍ତ୍ରୀ ବନାଇ
ଦୂରେଇ ରହୁଛ
ମୋ ହୃଦୟକୁ ଦୁଃଖ ଦେଇ ।

କେତେ ଦିନ ଏକାକୀ ରହିବି ।
ରାଣ, ନିୟମ ପକାଇ
ଫୋନ ପରେ ଫୋନରେ ମୋତେ
ଆଶ୍ୱାସନା ଦେଉଛ ।
ଏହା କି ତମର ପ୍ରେମ !

ପୃଷ୍ଠା ପରେ ପୃଷ୍ଠା ଲେଉଟି ଯାଉଛି ।
ମୋ ମନରେ ନୂଆ ଯୁଗର ଆଶା
ସଂଚାର ହେଉଛି ।
ତଥାପି ଏ ଘର କାହିଁକି କେଜାଣି
ଏକା ଏକା ଲାଗୁଛି ।

ମାର୍ଫତ୍ : ପବିତ୍ର ମୋହନ ଖିଲାର
ଗ୍ଲୋବାଲ୍ ମାର୍କେଟିଂ କୋହଲି, ବନ୍ତ ଛକ, ଭଦ୍ରକ
ଫୋନ : ୭୦୦୮୧୩୩୦୯୦



ଦେବାଳୟ-୧

# ଆରଡ଼ିର ମଣି ଆଖଣ୍ଡଳମଣି



# ଭଦ୍ରକର ଅନନ୍ୟ ଶୈବପୀଠ




**ନାରାୟଣ ରାଉତରାୟ**

ଉପୁଳାଇ, ନଗୁଆଁ, ଯାଜପୁର ରୋଡ଼
ଫୋନ : ୯୯୩୭୧୨୮୫୮୪


ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍

ଦେବ ଦେବ ମହାଦେବଙ୍କ ମହିମା ଅପାର । ଭାରତୀୟ ସଂସ୍କୃତିରେ ଶିବ ଉପାସନାର ମହାତ୍ମ୍ୟ ଯଥେଷ୍ଟ ଅଧିକ । ପ୍ରାୟ ପ୍ରତି ଗାଁ ଓ ସହରରେ ରହିଛି ଶିବ ମନ୍ଦିର । ସମଗ୍ର ରାଜ୍ୟ ତଥା ଦେଶରେ ଶିବ ଭକ୍ତଙ୍କ ସଂଖ୍ୟା ସର୍ବାଧିକ । ବାରମାସରେ ତେର ପର୍ବପର୍ବାଣି ମଧ୍ୟରେ ଅଧିକାଂଶ ଓଷା, ବ୍ରତ, ଉପାସନା ଆଦି ଶିବ ପୂଜାକୁ ନେଇ ପର୍ଯ୍ୟବେଷିତ । ଶିବଙ୍କ ପୂଜାକୁ ନେଇ ବହୁ ପୌରାଣିକ ଓ ଆଧ୍ୟାତ୍ମିକ ଉପାଖ୍ୟାନ ରହିଛି ।

## କିମ୍ବଦନ୍ତୀ

ଆରଡି ଠାରେ ପୂଜା ପାଉଥିବା ଆଖଣ୍ଡଳମଣି ଲିଙ୍ଗ, ଏକଦା ଦକ୍ଷ ପତ୍ନୀଙ୍କ ଦ୍ୱାରା ଅଭିଶାପ ପାଇ ମର୍ତ୍ତ୍ୟମଣ୍ଡଳରେ ପ୍ରକଟ ହୋଇଥିଲେ । କାଳକ୍ରମେ ତାହା ମାଟିରେ ପୋତି ହୋଇ ରହି ଯାଇଥିଲା । ସେ କଥା କେବଳ ଦେବଦେବ ମହାଦେବଙ୍କୁ ଜଣା । ଜନଶ୍ରୁତି କହେ ଏକ କାମଧେନୁ ଗାଈ ଆସି ମାଟି ତଳେ ପୋତି ହୋଇ ରହିଥିବା ଉକ୍ତ ଲିଙ୍ଗର ମଥା ଉପରେ କ୍ଷୀରଦାନ କରି ଚାଲିଯାଏ । ସମୟ ଗଡି ଚାଲେ । ଯୁଗ ପରେ ଯୁଗର ପରିବର୍ତ୍ତନ ଆସେ । ମହାମୁନି ଗୌତମ ଋଷିଙ୍କ ଶିଷ୍ୟତ୍ୱ ଗ୍ରହଣ କରନ୍ତି ଦେବରାଜ ଇନ୍ଦ୍ର । ଗୌତମ ମୁନିଙ୍କ ତପୋବନରେ ଇନ୍ଦ୍ର ଶିକ୍ଷାଲାଭ କରନ୍ତି । ଦିନକର କଥା ଗୌତମ ମୁନିଙ୍କର ପତ୍ନୀ ଅହଲ୍ୟାଙ୍କ ରୂପରେ ବିମୋହିତ ହୋଇ ଦେବରାଜ ଇନ୍ଦ୍ରଙ୍କ ମନରେ କାମଲାଳସା ଜାଗି ଉଠିଲା । ମାତ୍ର ଅହଲ୍ୟା ଗୁରୁପତ୍ନୀ ହୋଇଥିବାରୁ ତାଙ୍କୁ ପ୍ରେମ ନିବେଦନ କରି ପାରିଲେନି ଇନ୍ଦ୍ର । କିନ୍ତୁ ନିଜକୁ ଆୟତ୍ତରେ ରଖିନପାରି ଦେହର ଭୋକ ମେଣ୍ଟାଇବା ପାଇଁ ଇନ୍ଦ୍ର ମାୟା ବଳରେ ନିଜ ରୂପ ଛାଡି ଗୁରୁ ଗୌତମଙ୍କ ରୂପ ଧାରଣ କରି ଗୁରୁପତ୍ନୀ ଅହଲ୍ୟାଙ୍କୁ ହରଣ କଲେ । କ୍ଷଣିକ ଉତ୍ତେଜନାରେ ଗୁରୁଶିଷ୍ୟ ପରିଚୟରେ ଲାଗିଲା । ନିଜ ତପ ବଳରେ ଗୌତମ ଋଷି ଏ କଥା ଜାଣିପାରି ଦେବରାଜ ଇନ୍ଦ୍ର ଓ ପତ୍ନୀ ଅହଲ୍ୟାଙ୍କୁ ଅଭିଶାପ ଦେଲେ: "ଯେଉଁ ଯୋନି ଲୋଭରେ ତୋ ଭଳି ପଶୁ ଆଜି ଗୁରୁପତ୍ନୀ ହରଣ କରିଛି ମୁଁ ଅଭିଶାପ ଦେଉଛି ତୋ ଶରୀରରେ ସହସ୍ର ଯୋନି ସୃଷ୍ଟି ହେଉ । ସେହି ସହସ୍ର ଯୋନି ବଳରେ ଅପବାଦ, ଲାଞ୍ଛନା ସହି ନପାରି ଦେବଲୋକ ପରିତ୍ୟାଗ କର ।" ଗୌତମ ଋଷିଙ୍କ ଅଭିଶାପ ବଳରେ ଦେବରାଜ ଇନ୍ଦ୍ରଙ୍କ ଶରୀରରେ ତତ୍‌କ୍ଷଣାତ୍ ସହସ୍ର ଯୋନି ସୃଷ୍ଟି ହେଲା । ନିଜର ବିକୃତ ଶରୀରକୁ ଚାହିଁ ଇନ୍ଦ୍ର ଆତ୍ମାହୁତି ଦେବାର ସଂକଳ୍ପ ନେଲେ । ପିତାମହ ବ୍ରହ୍ମା ସେଠାରେ ପହଞ୍ଚି ଇନ୍ଦ୍ରଙ୍କୁ ଆତ୍ମାହୁତିରୁ କ୍ଷାନ୍ତ ହେବା ପାଇଁ ପରାମର୍ଶ ଦେଲେ ଓ ଗୌତମଙ୍କ ଶାପମୁକ୍ତି ପାଇଁ ମହାଦେବଙ୍କୁ ତପସ୍ୟା କରିବା ପାଇଁ ଉପଦେଶ ଦେଲେ । ଇନ୍ଦ୍ରଙ୍କ ମନରେ ସାମାନ୍ୟ ମୁକ୍ତିର ଆଲୋକ ଦେଖାଗଲା । ଶିବଙ୍କୁ ପାଇବା ପାଇଁ ସେ ମର୍ତ୍ତ୍ୟପୁରରେ ନିକାଞ୍ଚନ ସ୍ଥାନ ଖୋଜି ବୁଲିଲେ । ବିଧାତାର ବିଧି ଅନୁସାରେ ଯେଉଁ ସ୍ଥାନରେ ଦକ୍ଷ ପତ୍ନୀ ଦ୍ୱାରା ଅଭିଶପ୍ତ ହୋଇ ପୋତି ହୋଇଥିବା ଲିଙ୍ଗ ପ୍ରକଟ ହୋଇଥିଲେ, ଠିକ୍ ସେହି ସ୍ଥାନରେ ଇନ୍ଦ୍ର ତପସ୍ୟାରେ ମଗ୍ନ ହେଲେ । ଇନ୍ଦ୍ରଙ୍କ ଅନ୍ୟନାମ ଆଖଣ୍ଡଳ । ଇନ୍ଦ୍ର ବା ଆଖଣ୍ଡଳ ଯେଉଁ ସ୍ଥାନରେ ତପସ୍ୟା ନିମନ୍ତେ ଉପାସନା ଆରମ୍ଭ କଲେ ସେହି ସ୍ଥାନରୁ ପୂର୍ବରୁ ପୋତି ହୋଇଥିବା ଲିଙ୍ଗ ପ୍ରକଟ ହେଲା । ଏହି ଆଖଣ୍ଡଳ ଉକ୍ତ ଲିଙ୍ଗକୁ ପୂଜାର୍ଚ୍ଚନା କରୁଥିବାରୁ ଉକ୍ତ ଲିଙ୍ଗର ନାମ ଆଖଣ୍ଡଳମଣି ହେଲା ।

## କାଠ ମନ୍ଦିରରୁ ପଥର ମନ୍ଦିର ନିର୍ମାଣ

ଜିଲ୍ଲା ଗେଜେଟ୍ ଏବଂ କନିକା ରାଜବଂଶ ଇତିହାସର ସମୀକ୍ଷା କୁହେ, ରାଜା ହରିହର ଭଞ୍ଜ ଓ ରାଣୀ ସତ୍ୟଭାମାଙ୍କ ଅମଳରେ ଆଖଣ୍ଡଳମଣି ନିର୍ମାଣ ହୋଇଥିଲା । କନିକାର ପ୍ରଜା ଆନ୍ଦୋଳନର ଇତିହାସ ବହିର ଲେଖକ ଶ୍ରୀ ପ୍ରଫୁଲ୍ଲ ଦାସ ତାଙ୍କ ବହିରେ ଉଲ୍ଲେଖ କରିଛନ୍ତି ଯେ ରାଜା ହରିହରଙ୍କ ପିତା ବଳଭଦ୍ର ଭଞ୍ଜ ୧୮୧୩ ମସିହାରେ ଇହଲୀଳା ସମ୍ବରଣ କରିଥିଲେ । ୧୮୧୩ ମସିହାରୁ ୧୮୪୩ ମସିହା ପର୍ଯ୍ୟନ୍ତ ରାଜା ହରିହର ଭଞ୍ଜ କନିକାକୁ ଶାସନ କରୁଥିଲେ । ଏକ ସରକାରୀ କାଗଜପତ୍ର ତଥା ବାଲେଶ୍ୱରର ତତ୍କାଳୀନ ଡେପୁଟି





କଲେକ୍ଟର ସେପ୍ଟେମ୍ବର ୧୧ ତାରିଖ ୧୯୧୧ ମସିହାରେ ଏକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି ଯେ ୧୮୩୯ ମସିହା ପର୍ଯ୍ୟନ୍ତ ଆରଡି ଠାରେ ଆଖଣ୍ଡଳମଣି ଏକ କାଠ ନିର୍ମିତ ମନ୍ଦିରରେ ପୂଜା ପାଉଥିଲେ । ଯଦି ୧୮୩୯ ମସିହା ପର୍ଯ୍ୟନ୍ତ କାଠ ମନ୍ଦିର ଥିଲା । ରାଜା ହରିହର ଭଞ୍ଜ ୧୮୪୩ ମସିହା ପର୍ଯ୍ୟନ୍ତ କନିକାର ଶାସନ ଦାୟିତ୍ୱରେ ଥିଲେ । ୧୮୩୯ ମସିହାରୁ ୧୮୪୩ ମସିହା ଭିତରେ ପ୍ରାୟ ଆଜକୁ ୨୦୧୯ ମସିହା ପର୍ଯ୍ୟନ୍ତ ୧୭୬ ବର୍ଷ ହେବ ପଥର ମନ୍ଦିର ନିର୍ମାଣ ହୋଇଛି ।

### ମନ୍ଦିର ନିର୍ମାଣ

ଆଖଣ୍ଡଳମଣି ମନ୍ଦିର ଏମିତି ଏକ ନିର୍ମାଣ ପ୍ରଣାଳୀରେ ନିର୍ମିତ ଯାହା ପ୍ରାୟ କୌଣସି ମନ୍ଦିରରେ ଦେଖା ଯାଏନି । ଯଥା- ମନ୍ଦିର ପୂର୍ବ ଦ୍ୱାରରେ ଛିଡ଼ା ହେଲେ ପଶ୍ଚିମ ଦ୍ୱାର ଦେଖାଯାଏ । ଦକ୍ଷିଣ ଦ୍ୱାରରେ ଛିଡ଼ା ହେଲେ ଉତ୍ତର ଦ୍ୱାର ଦେଖାଯାଏ । ମନ୍ଦିରର ପ୍ରତ୍ୟେକ ଦ୍ୱାର ଅନ୍ୟ ଏକ ମନ୍ଦିରକୁ ନେଇ ନିର୍ମିତ । ମୁଖ୍ୟ ମନ୍ଦିରର ଚତୁଃପାର୍ଶ୍ୱରେ ବିଭିନ୍ନ ପାର୍ଶ୍ୱଦେବତା ଓ ଦେବୀ ପୂଜା ପାଉଛନ୍ତି । ଦକ୍ଷିଣ ଦିଗରେ ଗଣେଶ, ପଶ୍ଚିମ ଦିଗରେ କାର୍ତ୍ତିକେଶ୍ୱର, ଉତ୍ତର ଦିଗରେ ମା' ପାର୍ବତୀ ବିରାଜିତ । ମନ୍ଦିର ମଧ୍ୟରେ ମଧ୍ୟ ହନୁମାନ ମୂର୍ତ୍ତି, ମା' କାଳୀ ମୂର୍ତ୍ତି, ଶ୍ରାବଣୀ ମହାଦେବ ଦଶାବତାର ମୂର୍ତ୍ତି ପୂଜା ପାଉଛନ୍ତି । ଆଖଣ୍ଡଳମଣିଙ୍କ ନିକଟରେ ଫାଳ ମୁନ ବାଜି ଖଣ୍ଡିତ ହୋଇଥିବା ଅଂଶ ପୂଜା ପାଉଛି । ପାର୍ଶ୍ୱରେ ଠାକୁରଙ୍କ ଅନ୍ୟ ଏକ ରୂପ ଚନ୍ଦ୍ରଶେଖର ମଧ୍ୟ ପୂଜା ପାଉଛନ୍ତି । ମନ୍ଦିର ମଧ୍ୟରେ ଠାକୁରଙ୍କ ବାହାନ ବାସୁଆ ବଳଦ ମଧ୍ୟ ପୂଜା ପାଉଛନ୍ତି । ମନ୍ଦିରର ଉଚ୍ଚତା ୫୧ ଫୁଟ୍ । ୧୯୪୫ ମସିହା ମାର୍ଚ୍ଚ ୧୨ ତାରିଖରେ ସରକାର ଆଖଣ୍ଡଳମଣି ମନ୍ଦିରର ସମ୍ପୂର୍ଣ୍ଣ ଦାୟିତ୍ୱ ନିଜ ହାତକୁ ନେଇଥିଲେ । ୧୯୭୯ ମସିହା ଜାନୁଆରୀ ୧୭ ତାରିଖରେ ମନ୍ଦିରର ରକ୍ଷଣାବେକ୍ଷଣ ଦାୟିତ୍ୱ ପ୍ରତ୍ନତତ୍ତ୍ୱ ବିଭାଗକୁ ହସ୍ତାନ୍ତର କରାଯାଇଥିଲା ।

### କୁଣ୍ଡଜଳ ସତରେ କଣ ଅମୃତ

ବିଭିନ୍ନ ପରୀକ୍ଷାରୁ ପ୍ରମାଣିତ ଯେ କୁଣ୍ଡଜଳ ହେଉଛି ସମସ୍ତ ରୋଗର ଏକ ହିତକାରୀ ଔଷଧ । ଭାରତ ସ୍ୱାଧୀନତାର ପୂର୍ବବର୍ତ୍ତୀ ସମୟ । ଇଂରେଜ ମାନେ ଦେଶ ଶାସନ କରୁଥାଆନ୍ତି । ଆରଡି ମୋଗଲ ବନ୍ଦୀ ଅଞ୍ଚଳରେ ହୋଇଥିବାରୁ ଇଂରେଜମାନଙ୍କର ପ୍ରାଧାନ୍ୟ ସେଠାରେ ମଧ୍ୟ ଥାଏ । ଥରେ ଆରଡି ତଥା ପାଖଆଖ ଅଞ୍ଚଳରେ ପ୍ରବଳ ହଇଜା ବ୍ୟାପିଲା । ଉକ୍ତ ହଇଜାରେ ହଜାର ହଜାର ଲୋକ ପ୍ରାଣ ହରାଇଲେ । ଶେଷରେ ସ୍ୱାସ୍ଥ୍ୟ ବିଭାଗର ନଜର ପଡିଲା ମଣିକ କୁଣ୍ଡଜଳ ଉପରେ । କୁଣ୍ଡରେ ପଡି ପଚିସଢ଼ି ଯାଉଥିବା ପଦାର୍ଥ ଓ ଦୁର୍ଗନ୍ଧ କୁଣ୍ଡପାଣି ଯୋଗୁଁ ସେ ଅଞ୍ଚଳରେ ହଇଜା ବ୍ୟାପୁଛି ବୋଲି ସ୍ୱାସ୍ଥ୍ୟ ବିଭାଗର ବିଶ୍ୱାସ ଜନ୍ମିଲା । ଯାହା ଫଳରେ ମଣିକ କୁଣ୍ଡକୁ ସିଲ୍ କରିଦେବା ସଙ୍ଗେ ସଙ୍ଗେ ଭକ୍ତମାନଙ୍କୁ ପାନ କରିବା ନିମନ୍ତେ ନିଷିଦ୍ଧ କରାଗଲା । ଆରଡି ଅଞ୍ଚଳର ସମସ୍ତ ସେବାୟତ ବୁଦ୍ଧିଜୀବୀ ଏହାକୁ ବିରୋଧ କରି ଆନ୍ଦୋଳନ କଲେ । ଇଂରେଜ ଶାସନ ଥରହର ହେଲା । ଶେଷରେ ନିରୂପାୟ ହୋଇ ଇଂରେଜ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ଉକ୍ତ କୁଣ୍ଡଜଳକୁ ଲଣ୍ଡନର ଏକ ପରୀକ୍ଷା ଗାରକୁ ପରୀକ୍ଷା ପାଇଁ ପଠାଇଲେ । ଦୁଇ ମାସ ପରେ ରିପୋର୍ଟ ଆସିଲା ଅନ୍ଧ ବିଶ୍ୱାସକୁ ଭିତ୍ତିକରି କୁଣ୍ଡଜଳ ସେବନ ଦ୍ୱାରା ଭକ୍ତମାନେ ଆରୋଗ୍ୟ ଲାଭ କରୁ ନାହାଁନ୍ତି । ଉକ୍ତ କୁଣ୍ଡଜଳରେ ଜୀବନ ରକ୍ଷାକାରୀ ମହୌଷଧିର ଅଂଶ ରହିଛି । ଯାହାକି ସମସ୍ତ ରୋଗର ଉପଶମ ପାଇଁ ଏହା ଖୁବ୍ ହିତକାରୀ । ସେହିଠାରୁ କୁଣ୍ଡଜଳ ଏକ ସ୍ୱତନ୍ତ୍ର ପରିଚୟ ନେଇ ଭକ୍ତମାନଙ୍କ ମନରେ ଗଭୀର ଧର୍ମଭାବନା ସୃଷ୍ଟି କରିପାରିଛି ।

### ଦୈନନ୍ଦିନ ବେଶ

ଆଖଣ୍ଡଳମଣି ପ୍ରତିଦିନ ତିନିପ୍ରକାର ବେଶ ହୋଇ ଥାଆନ୍ତି । ଲଙ୍ଗଳା ବେଶ, ଯୋଗୀ ବେଶ, ବଡସିଂହାର ବେଶ ।

### ଲଙ୍ଗଳା ବେଶ

ଏହା ପ୍ରତିଦିନ ସକାଳ ୬ ଟାରୁ ଅପରାହ୍ଣ ଏକ ଘଟିକା ପର୍ଯ୍ୟନ୍ତ ହୋଇଥାଏ । ଏହି ବେଶର ବିଶେଷତ୍ୱ ହେଲା ଏହା ଭୂମିରୁ ବାହାରିଥିବା ଇନ୍ଦ୍ର ଦ୍ୱାରା ପ୍ରତିଷ୍ଠା ପାଇଥିବା ସେହି ପ୍ରକୃତ ଲିଙ୍ଗ । ଯେଉଁ ଲିଙ୍ଗରେ କିଛି ଆଳଙ୍କାରିକ ଜିନିଷ ଲାଗିନଥାଏ ଏହି ଲଙ୍ଗଳା ବେଶ ସମୟରେ ସେବାୟତ ମାନେ ଲିଙ୍ଗ ଉପରେ ଜଳ ଢାଳିଥାନ୍ତି । ଭକ୍ତମାନେ ଘର୍ଷଣ କରି ଥାଆନ୍ତି ଓ ମାନସିକ ମହୁ ଢଳା ଯାଏ । ଅନ୍ୟ କୌଣସି ବେଶ ସମୟରେ ଉପରଲିଖିତ ସେବା ପୂଜା ହୋଇ ପାରେନା ।

### ଯୋଗୀ ବେଶ

ଏହା ଦିନ ୧ ଘଟିକା ଠାରୁ ଅପରାହ୍ଣ ୪ ଘଟିକା ପର୍ଯ୍ୟନ୍ତ ହୋଇଥାଏ । ଏହି ବେଶରେ ବାବା ମଣିଙ୍କ ପଥର ଲିଙ୍ଗକୁ ଲୁଗା ଗାମୁଛା ଦ୍ୱାରା ସଜା ଯାଇ



ଯୋଗୀ ଭାବରେ ବେଶ କରାଯାଏ । ଏହି ବେଶ ସମୟରେ ପ୍ରଭୁଙ୍କ ନିକଟରେ ଏକ ରୂପାର ସର୍ପ ରଖାଯାଏ । ମଣିଙ୍କ ମସ୍ତକରେ ଏକ କନିଅର ପତ୍ରରେ ନିର୍ମିତ ଏକ ବିଶେଷ ଧରଣରେ ମୁକୁଟ ପିନ୍ଧା ଯାଏ । ଠାକୁରଙ୍କ ମସ୍ତକରେ ତିନିଗାର ସଦୃଶ ଚନ୍ଦନ ଲଗା ଯାଇଥାଏ । ଏହି ବେଶ ସମୟରେ ଠାକୁରଙ୍କ ପହଡକିଆ ଭୋଗ, ନିତିଭୋଗ ଓ ଭକ୍ତମାନେ ମନାସିଥିବା ଅର୍ଣ୍ଣ ଭୋଗ ଲାଗି କରାଯାଏ ।

## ବଡସିଂହାର ବେଶ

ଏହା ଅପରାହ୍ନ ୪ ଟା ଠାରୁ ତା’ ପରଦିନ ଭୋର୍ ୫ଟା ପର୍ଯ୍ୟନ୍ତ ହୋଇଥାଏ । ଏହି ବେଶ ସବୁଠାରୁ ଦର୍ଶନୀୟ ବେଶ । ଏହା ସୁନାବେଶ ନାମରେ ନାମିତ । ଏହି ବେଶ ଦର୍ଶନ କରିସାରିଲା ପରେ ସ୍ୱତଃପ୍ରବୃତ ଭାବରେ ଭକ୍ତ ମନରେ ଭକ୍ତି ଜାଗ୍ରତ ହୋଇଯାଏ । ଏହି ବେଶରେ ଏକ କିଲୋ ଘୋରା ଚନ୍ଦନ ପ୍ରଭୁଙ୍କ ମୁହଁରେ ଲେପନ କରା ଯାଇଥାଏ । ଉକ୍ତ ଚନ୍ଦନ ଲେପନ ଉପରେ ସୁନାର ଆଖି, ସୁନାର କାନ, ସୁନାର ପାଟି, ସୁନାର ହାର, ଓ ରୂପାର ମୁକୁଟ ସଜା ଯାଏ । ବିଭିନ୍ନ ପ୍ରକାର ଫୁଲରେ ମୁକୁଟ ତିଆରି କରାଯାଇ ପ୍ରଭୁଙ୍କୁ ପିନ୍ଧା ଯାଏ । ଦେହ ସାରା ଫୁଲ, ବେଲପତ୍ର ଚଢାଯାଏ । ପାର୍ଶ୍ୱରେ ରୂପାର ନାଗ, ଡମ୍ବରୁ, କମଣ୍ଡଳୁ ଓ ବୃଷଭ ଥୁଆଯାଏ । କଥିତ ଅଛି ଏହି ବେଶ ଦର୍ଶନ କଲେ ସାତ ଜନ୍ମର ପାପରୁ ମୁକ୍ତି ମିଳେ ।

## ଶିବରାତ୍ରି ବ୍ରତ

ଆରଡି କ୍ଷେତ୍ରରେ ପାଞ୍ଚ ଦିନ ଧରି ଚାଲେ ଶିବରାତ୍ରି । ଏହି ପାଞ୍ଚ ଦିନରେ ଆଖଣ୍ଡଳମଣି ୫ ପ୍ରକାର ବେଶ ହୋଇ ଥାଆନ୍ତି । ଏହି ସମୟରେ ଆରଡିରେ ପ୍ରବଳ ଜନସମାଗମ ହୁଏ । ସୁନାବେଶ, ଅର୍ଦ୍ଧନାରୀଶ୍ୱର ବେଶ, ଶିବଙ୍କର ଅନ୍ନପୂର୍ଣ୍ଣାଙ୍କ ଠାରୁ କ୍ଷମା ମାଗିବାର ବେଶ, ଶିବଙ୍କର ଯୋଗାସନ ବେଶ, ଶିବଙ୍କର ତାଣ୍ଡବ ନୃତ୍ୟ ବେଶ- ଏହି ପାଞ୍ଚ ପ୍ରକାର ବେଶ ଯଦିଓ ପ୍ରଚାର ଓ ପ୍ରସାର ଅଭାବରୁ ଖ୍ୟାତ ହୋଇ ପାରିନି ତଥାପି ସମସ୍ତଙ୍କ ଉଦ୍ୟମ ଓ ଚେଷ୍ଟା ରହିଲେ ଏହା ନିଶ୍ଚିତ ଭାବରେ ଭକ୍ତମାନଙ୍କ ମନରେ ଏକ ସ୍ୱତନ୍ତ୍ର ଭାବନା ସୃଷ୍ଟି କରିପାରନ୍ତା ।

## କୁଣ୍ଡଜଳ କଣ ଓ ତାର ସୃଷ୍ଟି

ପ୍ରତ୍ୟହ ମଣିଙ୍କ ସେବାପୂଜା ପାଇଁ ସ୍ଥାନୀୟ ସେବାୟତମାନେ ମଣିଙ୍କ ମସ୍ତକରେ ଜଳ ଢାଳି ଥାଆନ୍ତି । ଏଠାକୁ ଆସୁଥିବା ଦର୍ଶନାର୍ଥୀ ଭକ୍ତମାନେ ସେବାୟତମାନଙ୍କ ମାଧ୍ୟମରେ ମଣିଙ୍କ ମସ୍ତକରେ ଘର୍ଷଣ କରିଥାଆନ୍ତି ଯେଉଁ ଘର୍ଷଣ କି କ୍ଷୀର, ମହୁ, କଦଳୀ, ଛେନା, ଘିଅ, ଲବଣୀ, ଭାଙ୍ଗ ଓ ଫଳମୂଳରେ ତିଆରି ହୋଇଥାଏ । ମଣିଙ୍କ ମସ୍ତକରେ ମଧ୍ୟ ଅନେକ ପ୍ରକାର ଫୁଲ ଓ ବେଲପତ୍ର ଚଢାଯାଏ । ଉକ୍ତ ଘର୍ଷଣ ଭୋଗର ସାରାଂଶ ଫୁଲ, ବେଲପତ୍ର, ସେବାୟତମାନଙ୍କ ଜଳଲାଗି ମନ୍ଦିର ଭିତର ଏକ ଗୁପ୍ତ ଦ୍ୱାର ବାଟ ଦେଇ ମନ୍ଦିର ବେଢାର ଉତ୍ତର ଦିଗରେ ଥିବା ମା’ ପାର୍ବତୀଙ୍କ ସମ୍ମୁଖ ଗଭୀର କୁଣ୍ଡରେ ପ୍ରବେଶ କରିଥାଏ । ଉକ୍ତ ପଦାର୍ଥ କ୍ରମଶଃ ପଚିସଢ଼ି ତାହା କୁଣ୍ଡଜଳରେ ପରିଣତ ହୋଇଥାଏ । ଏହା ଏତେ ସୁସ୍ୱାଦୁ ଯେ ତାକୁ ପାନ କରୁଥିବା ଭକ୍ତମାନେ ତାର ପ୍ରକୃତ ସ୍ୱାଦ କଣ ଜାଣିନପାରି ଅମୃତ ସମାନ କହନ୍ତି ।

## ଘର୍ଷଣ ଓ ଅଭିଶପ୍ତ ମଣି ବ୍ରାହ୍ମଣ

ଆଖଣ୍ଡଳ ମଣିଙ୍କ ପ୍ରଧାନ ନୈବେଦ୍ୟ ଓ ଘଷା ଭୋଗ ଭାବରେ ଘର୍ଷଣ ବିଶ୍ୱବିଖ୍ୟାତ । ଏହା ଅନ୍ୟ କୌଣସି ଶୈବପୀଠରେ ହୁଏ ନାହିଁ । ଏକ ମାତ୍ର ଘର୍ଷଣ ଭୋଗ ହିଁ ଆଖଣ୍ଡଳମଣିଙ୍କ ମସ୍ତକରେ ଘଷା ଯାଇ ବାବାଙ୍କ ମସ୍ତକରେ କ୍ଷତ ହୋଇଥିବା ଅଂଶରେ ଯନ୍ତ୍ରଣା ଉପସମ ହୁଏ ବୋଲି ଜନଶ୍ରୁତି ରହିଛି । ମାତ୍ର ଘର୍ଷଣ ଭୋଗ ଏକ ଶ୍ରେଷ୍ଠ ଭୋଗ ହୋଇଥିଲେ ମଧ୍ୟ ସ୍ଥାନୀୟ ସେବାୟତ ମାନଙ୍କ ପାଇଁ ତାହା ଅସ୍ପୃଶ୍ୟ ଓ ଗ୍ରହଣୀୟ ନୁହେଁ । କୌଣସି ମୂଲ୍ୟ ବିନିମୟରେ କିମ୍ୱା କୌଣସି ପରିସ୍ଥିତିରେ ସେବାୟତ ମାନେ କିମ୍ୱା ତାଙ୍କ ପରିବାରର କୌଣସି ସଦସ୍ୟ ଘର୍ଷଣ ଖାଆନ୍ତି ନାହିଁ । ଏହି ଘର୍ଷଣ ମହାପ୍ରସାଦ ସମ ହୋଇଥିଲେ ମଧ୍ୟ ସେବାୟତ ମାନଙ୍କର ଏତେ ଲୋଭ ନଥାଏ । ଏହାର ନିର୍ଦ୍ଦିଷ୍ଟ ଓ ସଠିକ୍ କାରଣ କାହାକୁ ଜଣା ନଥିଲେ ମଧ୍ୟ ସ୍ଥାନୀୟ କେତେକ ବୟୋଜ୍ୟେଷ୍ଠ ସେବାୟତ ଏ ବିଷୟରେ କହନ୍ତି ଯେ ଯେହେତୁ ଘର୍ଷଣ ଦୁନିଆର ସବୁଠାରୁ ଲୋଭନୀୟ ପଦାର୍ଥ । ଦହି, ଦୁଧ, ଛେନା, ଲବଣୀ, ଫଳମୂଳ, ଭାଙ୍ଗ, ମହୁ, ଘିଅ, ଗୁଡ, କଦଳୀ, ନଡିଆର ମିଶ୍ରଣରେ ମଣିଙ୍କ ମସ୍ତକ ଉପରେ ଘଷାଯାଏ । ଏବଂ ଉକ୍ତ ପଦାର୍ଥକୁ ସେବାୟତ ମାନେ ଏକ ଗୁପ୍ତ ଦ୍ୱାର ଦେଇ ଠାକୁରଙ୍କ ପାଖକୁ ନେଇଥାଆନ୍ତି । ଯଦି ସେ ଜିନିଷ ଉପରେ ଲୋଭ ଆସେ ତାହେଲେ ତାକୁ ଚୋରୀ କରି ରଖିବାକୁ ଇଚ୍ଛା ହେବ । ସେଥିପାଇଁ ସେ ଘର୍ଷଣ ଖାଆନ୍ତି ନାହିଁ । ଘର୍ଷଣ ନଖାଇଲେ ଲୋଭ ଆସିବନି ଲୋଭ ନଆସିଲେ ଚୋରି ହେବନି ଚୋରି ନହେଲେ ଭକ୍ତମାନେ ଠିକ୍ ଭାବେ ଘର୍ଷଣ ପାଇବେ । ଏଇଥି ପାଇଁ ସେବାୟତ କିମ୍ୱା ତାଙ୍କ ପରିବାର ଘର୍ଷଣ ଖାଆନ୍ତି ନାହିଁ । ତେଣୁ ଆଖଣ୍ଡଳମଣିଙ୍କର ମହାପ୍ରସାଦ ଘର୍ଷଣ ଖାଇବାରୁ ସେବାୟତ ମାନେ ଯେତେବେଳେ ବଞ୍ଚିତ ସେମାନେ ଅଭିଶପ୍ତ ନୁହଁନ୍ତି ତ ଆଉ କଣ ?

## ଦୈନନ୍ଦିନ ସେବାପୂଜାର ବିଧି

ଫାଳ ମୂନ ବାଜି ଆଖଣ୍ଡଳମଣି ଆରଡି ଧାମରେ ପ୍ରକଟିତ ହେବା ପରେ ଆଖଣ୍ଡଳମଣିଙ୍କର ସେବାପୂଜା ନିମନ୍ତେ ନିଳାଦ୍ରୀ ସମରସିଂହ ମହାପାତ୍ର ଯାଜପୁରର ନହରାକୂଳରୁ ୫ ଜଣ ବ୍ରାହ୍ମଣ ଆଣି ସେମାନଙ୍କୁ ଏଠାରେ ବିବାହ କରାଇ ପ୍ରଭୁଙ୍କ ସେବାପୂଜାରେ ନିୟୋଜିତ କଲେ । ସେହି ୫ ବ୍ରାହ୍ମଣଙ୍କ ମଧ୍ୟରେ କିଛି ଜମିଜମା ଦାନ ସୂତ୍ରରେ ବାଣ୍ଟି ଦେଇ ଆରଡି ଠାରେ ସ୍ଥାୟୀ ଭାବରେ ବସବାସ କରିବାର ବ୍ୟବସ୍ଥା କରିଦେଲେ । ବିଶିଷ୍ଟ ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ବିଭିନ୍ନ ସମୟରେ ବାବା ଆଖଣ୍ଡଳମଣିଙ୍କ ଉଦ୍ଦେଶ୍ୟରେ ଦାନ କରା ଯାଇଥିବା ୩୩୫ ଏକର ଭୂସମ୍ପତ୍ତି ମଧ୍ୟରୁ ମନ୍ଦିର ପରିଚାଳନା ପାଇଁ ୫୪ ଏକରକୁ ବାଦ୍ ଦେଇ ବାକି ୨୭୧ ଏକର ଦେବୋତ୍ତର ସମ୍ପତ୍ତି ସେବାୟତ ମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା । ସେବାୟତ ମାନଙ୍କୁ ମନ୍ଦିର



ମୋ ଦୃଷ୍ଟିରେ ଆଖଣ୍ଡଳମଣି ଏମିତି ଏକ ପୀଠ ଯେଉଁଠିକି ଯାହା ମାନସିକ କଲେ ପୂରଣ ହୋଇଥାଏ । ଏକ ପର୍ଯ୍ୟଟନ ସ୍ଥଳୀ ହୋଇଥିଲେ ହେଁ ପର୍ଯ୍ୟଟକ ଏଠାକୁ ଯେତିକି ଆସୁନାହାନ୍ତି, ତା ଠୁ ବେଶି ଆସୁଛନ୍ତି ଶ୍ରଦ୍ଧାଳୁ ନିଜର ଅଭୀଷ୍ଟ ପୂରଣ ନିମନ୍ତେ । ମୁଁ ସଂସାର ଜଞ୍ଜାଳ ଭିତରେ ରହି ଦାମ୍ପତ୍ୟ ଜୀବନରେ ଖୁସି ଥିଲେ ହେଁ ମୋର ନିଜର ଅନେକ ଅସୁବିଧା ରହୁଥିଲା । ମୁଁ ରହୁଥିବା ସ୍ଥାନର ପାଖପଡ଼ୋଶୀ ମହିଳାମାନଙ୍କ ଠାରୁ ମଣିଙ୍କ ସମ୍ପର୍କରେ ଶୁଣିବା ପରେ ନିଜର ମାନସିକ ପୂରଣ ନିମନ୍ତେ ଆଖଣ୍ଡଳମଣି ପୀଠକୁ ସ୍ୱାମୀଙ୍କ ସହ ଯାଇ ଗୁଆ ବସାଇ ଆସିଥିଲି । ଖୁବ୍ କମ ଦିନ ମଧ୍ୟରେ ମୋର ସମସ୍ତ ଅଭୀଷ୍ଟ ପୂରଣ ହୋଇଗଲା ପରେ ଆଜି ଏହି ପୀଠକୁ ଆସିଛି । ଯାହା ହେଉ ଆପଣଙ୍କ ସହିତ ଭେଟ ହେବାରୁ ମଣିଙ୍କ ମହିମା ସମ୍ପର୍କରେ ‘ରେବତୀ’ ପୃଷ୍ଠାରେ ଆପଣ ଲେଖୁଥିବା ଜାଣିବାକୁ ପାଇଲି ଏବଂ ସେଥିପାଇଁ ଆପଣଙ୍କୁ ଧନ୍ୟବାଦ ।

**ପ୍ରେମଲତା ଶତପଥୀ**

ଶ୍ରଦ୍ଧାଳୁ ଭକ୍ତ

ତରଫରୁ ଦାନ କରାଯାଇଥିବା ସମ୍ପତ୍ତି ବଦଳରେ ଠାକୁରଙ୍କ ପ୍ରତ୍ୟେହ ଖର୍ଚ୍ଚ ପାଇଁ ସମସ୍ତ ଖର୍ଚ୍ଚ ସେବାୟତ ମାନଙ୍କ ମଧ୍ୟରେ ଲଦି ଦିଆଗଲା । ଯାହା ଫଳରେ ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ମନ୍ଦିର ଖୋଲା ହେବା ଠାରୁ ମନ୍ଦିର ବନ୍ଦ ହେବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ଆନୁମାନିକ ୫ ହଜାର ଟଙ୍କା ସେବାୟତମାନେ ପ୍ରତିଦିନ ବହନ କରି ଥାଆନ୍ତି । ପ୍ରତିଦିନ ମନ୍ଦିର ପହଡ ସୂର୍ଯ୍ୟୋଦୟ ପୂର୍ବରୁ ଖୋଲା ଯାଏ । ପୂର୍ବଦିନ ହୋଇଥିବା ଠାକୁରଙ୍କ ସୁନାବେଶ ଓ ବଡସିଂହାର ବେଶକୁ ମଙ୍ଗଳ ଆଳତି ଓ ପୂଜାର୍ଚ୍ଚନା ମାଧ୍ୟମରେ ଭଙ୍ଗା ଯାଇଥାଏ । ମଙ୍ଗଳ ଆଳତି ସମୟରେ ଠାକୁରଙ୍କ ପୂଜା ପାଇଁ ପ୍ରାୟ ୨ କିଲୋ ମହୁ ଓ ବାଲ୍ୟଭୋଗ ଲାଗି କରାଯାଏ । ଠାକୁରଙ୍କ ମସ୍ତକରେ ମହୁ ଢଳାଯାଏ । ତା ପରେ ଠାକୁର ସେହି ସମୟ ଠାରୁ ଅପରାହ୍ନ ଏକ ଘଣ୍ଟିକା ପର୍ଯ୍ୟନ୍ତ ଲଙ୍ଗଳା ବେଶରେ ରହିଥାଆନ୍ତି । ଏହି ଲଙ୍ଗଳା ବେଶ ସମୟରେ ସେବାୟତମାନେ ପ୍ରଭୁଙ୍କ ମସ୍ତକରେ ଜଳ ଢାଳି ଥାଆନ୍ତି । ଏଠାକୁ ଆସୁଥିବା ଭକ୍ତମାନେ ଆଖଣ୍ଡଳମଣିଙ୍କର ଶ୍ରେଷ୍ଠ ଭୋଗ ଘର୍ଷଣ କରିଥାଆନ୍ତି । ଦିନ ୧ଟା ପରେ ଆଖଣ୍ଡଳମଣିଙ୍କର ଦ୍ୱିତୀୟ ପୂଜା ପହଡ ପୂଜା ଆରମ୍ଭ ହୁଏ । ଏହି ପହଡ ପୂଜାରେ ଅର୍ଣ୍ଣ ଭୋଗ ଲାଗି କରାଯାଇ ଥାଏ । ଗୁଆଘିଅରେ ପ୍ରସ୍ତୁତ ବିଭିନ୍ନ ପ୍ରକାର ବ୍ୟଞ୍ଜନ ଓ ସୁଦ୍ଧ ବାସୁମତି ଅରୁଆ ଚାଉଳରେ ପ୍ରସ୍ତୁତ ଅର୍ଣ୍ଣରେ ପୂଜାର୍ଚ୍ଚନା କରାଯାଏ । ପହଡ ପୂଜାର ଅଧଘଣ୍ଟା ମଧ୍ୟରେ ଠାକୁରଙ୍କ ବଡପୂଜା ନୀତି ଭୋଗ କରାଯାଏ । ଯେଉଁ ନୀତିରେ କି ୫୦ କିଲୋ ଅରୁଆଚାଉଳ, ଅନ୍ୟାନ୍ୟ ପନିପରିବା, ହରଡ ଡାଲି, ଖୀରି, ଖଟା ଆବଶ୍ୟକ ହୋଇଥାଏ । ଉକ୍ତ ନୀତିଭୋଗ ସମାପ୍ତ ପରେ ସେହି ଭୋଗକୁ ଧାରଣାରେ ଥିବା ଭକ୍ତ ଓ ଦର୍ଶନ ଉଦ୍ଦେଶ୍ୟରେ ଆସୁଥିବା ଭକ୍ତମାନଙ୍କ ମଧ୍ୟରେ ବଣ୍ଟା ଯାଇଥାଏ । ନୀତିଭୋଗ ସମାପ୍ତ ପରେ ୧.୩୦ ରୁ ୨.୩୦ ପର୍ଯ୍ୟନ୍ତ ମନ୍ଦିର ବନ୍ଦ ରହେ । ତା'ପରେ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଖୋଲା ରହେ । ସନ୍ଧ୍ୟା ୬ ରୁ ସନ୍ଧ୍ୟା ଆଳତି ଆରମ୍ଭ ହୁଏ । ଏହି ପୂଜା ୨ ଘଣ୍ଟା ଧରି ଚାଲିଥାଏ । ଏହି ପୂଜାରେ ଗୁଆ ଘିଅରେ ତିଆରି କରାଯାଇଥିବା ବିଭିନ୍ନ ବାଲ୍ୟଭୋଗ, କଦଳୀ, ନଡିଆ, ଫଳମୂଳ ଯାହା ଶୁଖିଲା ଭୋଗ ନାମରେ ନାମିତ ଲାଗି କରାଯାଇଥାଏ । ସନ୍ଧ୍ୟା ୮ଟା ରୁ ରାତି ୧୦.୩୦ ପର୍ଯ୍ୟନ୍ତ ମନ୍ଦିର ଖୋଲା ରହେ । ତା'ପରେ ଠାକୁରଙ୍କ ଶ୍ରେଷ୍ଠ ଭୋଗ ବାତୁଳା ଭୋଗ ଯାହାର ନାମ 'ଦହିପଖାଳ' ଲାଗି କରାଯାଏ । ଏହା ସରିଲା ପରେ ଭୋର୍ ୫ଟା ପର୍ଯ୍ୟନ୍ତ ମନ୍ଦିର ବନ୍ଦ୍ ରହେ ।

୧୯୮୦ ମସିହା ଠାରୁ ଆଖଣ୍ଡଳମଣିଙ୍କ ଠାରେ ବୋଲ୍‌ବମ୍ ଭକ୍ତମାନଙ୍କ ଦ୍ୱାରା ଶ୍ରାବଣୀ ଜଳଭାର ପ୍ରଚଳିତ ହୋଇ ଆସୁଛି । ଦୂରଦୂରାନ୍ତରୁ ସୀମିତ ସଂଖ୍ୟକ ବୋଲ୍‌ବମ୍ ଭକ୍ତବୃନ୍ଦ କାନ୍ଧରେ ଜଳଭାର ବହନ କରି ମଣିଙ୍କ ପୀଠରେ ପହଞ୍ଚୁଥିଲେ । ସେମାନଙ୍କର ଜଳଭାରକୁ ସେବାୟତମାନଙ୍କ ଦ୍ୱାରା ଆଖଣ୍ଡଳମଣିଙ୍କ ଲିଙ୍ଗରେ ଢଳାନଯାଇ ଶକ୍ତିରେ ଢଳା ଯାଉଥିଲା । ଯାହାକି ମନ୍ଦିର ନୀତିନିୟମର ଏକ ପରମ୍ପରା । ତେବେ ବୈଶାଖ ମାସରେ ଗୋପାଳମାନଙ୍କ ଛଡା ଅନ୍ୟ କାହାରି ଜଳ ମଣିଙ୍କ ମସ୍ତକରେ ଢଳା ଯାଏ ନାହିଁ । ଏହା ହେଉଛି ଏକ ବିଧି । ସେଥିପାଇଁ ବୋଲ୍‌ବମ୍ ଭକ୍ତମାନେ ଆଣିଥିବା ଜଳଭାର ପ୍ରଭୁଙ୍କ ମସ୍ତକରେ ଢଳା ଯାଉନଥିଲା । ଆସୁଥିବା ବୋଲ୍‌ବମ୍ ଭକ୍ତମାନଙ୍କ ମନରେ ଅନେକ ଆଘାତ ଲାଗୁଥିଲା । ଫଳରେ ଦିନକୁ ଦିନ ଅନ୍ୟ ଶୈବ ପୀଠରେ ଭକ୍ତମାନେ ଅଧିକ ସଂଖ୍ୟାରେ ଯୋଗ ଦେଉଥିଲା ବେଳେ ଆରଡି ଧାମରେ ତାହା କମି କମି ଯାଉଥିଲା । ଏସବୁ ଘଟଣା ପାଇଁ ମନ୍ଦିର ପ୍ରଶାସନ ମ୍ୟାନେଜିଂ ଟ୍ରଷ୍ଟି ସ୍ଥାନୀୟ ସେବାୟତ ମାନେ ଦୁଃଖରେ ଭାଙ୍ଗି ପଡିଲେ । ଏହାର କାରଣ ଜାଣିଥିଲେ ମଧ୍ୟ ସମାଧାନର ବାଟ ଖୋଜି ପାଇଲେ ନାହିଁ । ଗୋଟିଏ ପଟରେ ବୋଲ୍‌ବମ୍ ଭକ୍ତମାନଙ୍କର ଭକ୍ତି ଓ ବିଶ୍ୱାସ, ଅନ୍ୟ ପଟରେ ମନ୍ଦିର ପ୍ରଶାସନ । ସେବାୟତ ସଂଘର ନିଷ୍ପତ୍ତି ନିଜ କାନ୍ଧରେ ବହନ କରି ଆଣିଥିବା ଜଳଭାରକୁ ଆଖଣ୍ଡଳମଣିଙ୍କ ଲିଙ୍ଗ ଉପରେ ନିଜେ ଢାଳିବାର ଚିନ୍ତାଧାରା । ଏମିତ ଗୋଟେ 'ହଁ' ଆଉ 'ନା'ର ବିବାଦୀୟ ପରିସ୍ଥିତିକୁ ନେଇ ଶ୍ରାବଣୀ ଜଳଭାର ଉତ୍ସବ ଆରଡି ପୀଠରେ ଲୁପ୍ତ ହେବାକୁ ଲାଗିଲା । ଏହାର ସମାଧାନ ପାଇଁ ତତ୍‌କାଳୀନ ମ୍ୟାନେଜିଂ ଟ୍ରଷ୍ଟି ଆଖଣ୍ଡଳମଣିଙ୍କ ଉପରେ ସମସ୍ତ ଘଟଣା ଛାଡି ଦେଇ ଚୁପ୍ ହୋଇ ରହିଲେ । ଆଖଣ୍ଡଳମଣି ସ୍ୱପ୍ନାଦେଶରେ ଗିରିଶ ଚନ୍ଦ୍ର ପାଢୀଙ୍କୁ ନିର୍ଦ୍ଦେଶ ଦେଲେ, ମୋ ଭକ୍ତମାନେ ଜଳଭାର ବହନ କରି ମୋ ଧାମକୁ ଆସୁଛନ୍ତି ଆଉ ନିଜ ହାତରେ ମୋ ମସ୍ତକରେ ଜଳ ଢାଳି ନପାରିବାରୁ ଦୁଃଖୀ ପାଉଛନ୍ତି । ଭକ୍ତମାନଙ୍କ ମଙ୍ଗଳ ପାଇଁ ମନ୍ଦିର ବେଢାରେ ଥିବା ମୋର ଦୁଇ ସନ୍ତାନ ଗଣେଶ ଓ କାର୍ତ୍ତିକେୟଙ୍କ ମଧ୍ୟ ଭାଗ୍ୟରେ ମୋର ପ୍ରତିମୂର୍ତ୍ତି ବିଧିବିଧାନ ଅନୁସାରେ ପ୍ରତିଷ୍ଠା କର ଯାହା ଭବିଷ୍ୟତରେ ଶ୍ରାବଣୀ ମହାଦେବ ନାମରେ ଖ୍ୟାତ ହେବ । ପ୍ରତ୍ୟେକ ବର୍ଷ ଏହି ଗୋଟିଏ ବର୍ଷ ଶ୍ରାବଣୀ ମହାଦେବ ନାମରେ ପୂଜା ପାଇ ମୋ ଭକ୍ତମାନଙ୍କ ମନବାଞ୍ଛା ପୂରଣ କରିବି । ମୋ ପୀଠକୁ ଆସୁଥିବା ବୋଲ୍‌ବମ୍ ଭକ୍ତମାନେ ମୋ ମସ୍ତକରେ ନିଜ ହାତରେ ଜଳ ଢାଳି ମୋ ଆଶୀର୍ବାଦ ଲଭିବେ ।

୧୯୯୩ ମସିହାରେ ବିଧିବିଧାନ ଅନୁସାରେ ଶ୍ରାବଣୀ ମହାଦେବ ପ୍ରଭୁଙ୍କ ନିର୍ଦ୍ଦେଶିତ ସ୍ଥାନରେ ପ୍ରତିଷ୍ଠା କଲେ । ସେହିଦିନ ଠାରୁ ଲୁପ୍ତ ହେବାକୁ ବସିଥିବା ଶ୍ରାବଣୀ ଜଳଭାର ଉତ୍ସବରେ ପ୍ରତିବର୍ଷ ଶ୍ରାବଣ ମାସ ସୋମବାରରେ ହଜାର ହଜାର ବୋଲ୍‌ବମ୍ ଭକ୍ତମାନେ ନିଜ ହାତରେ ପ୍ରଭୁଙ୍କ ମଥା ଉପରେ ଜଳ ଢାଳି ଆଶୀର୍ବାଦ ଲଭି ଥାଆନ୍ତି ।



ଓଡ଼ିଶାର ଏହା ଏକ ପ୍ରାଚୀନ ଶୈବପୀଠ ହୋଇଥିବାରୁ ପ୍ରତିଦିନ ଏଠାକୁ ଶହ ଶହ ଶ୍ରଦ୍ଧାଳୁ ଆସିଥାନ୍ତି । ଏହି ପୀଠର ଅବ୍ୟବସ୍ଥା ସମ୍ପର୍କରେ ମୁଁ ଜଣେ ପୂଜକ ହିସାବରେ କହିଲେ ଭକ୍ତମାନଙ୍କୁ ଆଘାତ ଲାଗିପାରେ । ଆପଣ ନିଜେ ଆସିଛନ୍ତି, ନିଜ ଆଖିରେ ଦେଖି ଯାଆନ୍ତୁ । ତଥାପି ମୁଁ କେତୋଟି କଥା ପ୍ରଶାସନିକ ଦୃଷ୍ଟିକୁ ଆଣିବା ପାଇଁ ଚାହୁଁଛି । ଆଖଣ୍ଡଳମଣିଙ୍କ ସେବାକାର୍ଯ୍ୟରେ ଲାଗୁଥିବା ଜଳ ଯେଉଁ ପୋଖରୀରୁ ନିଆ ଯାଉଛି, ସେ ପୋଖରୀର ଅବସ୍ଥା ଶୋଚନୀୟ । ମନ୍ଦିର ଭିତରୁ ବାହାରକୁ ପାଣି ଯିବା ପାଇଁ ଡ୍ରେନ୍ ସିଷ୍ଟମ୍ ନାହିଁ । ପର୍ବପର୍ବାଣିରେ ମନ୍ଦିର ଭିତରେ ଅନାବଶ୍ୟକ ପଦାର୍ଥଗୁଡ଼ିକୁ ପକାଇବା ପାଇଁ ପ୍ରଶାସନ ତରଫରୁ ଡଷ୍ଟ୍‌ବିନ୍ ମଧ ନାହିଁ । ଜାଗର ଓ ଶ୍ରାବଣୀ ଉତ୍ସବରେ ହଜାର ହଜାର ଶ୍ରଦ୍ଧାଳୁ ଏଠାକୁ ଆସୁଥିବାରୁ ପାନୀୟ ଜଳ ନିମନ୍ତେ ସେମାନେ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଟ୍ରଷ୍ଟ୍ ତରଫରୁ ଏକ ବୋରିଙ୍ଗ୍‌ର ଆବଶ୍ୟକତା ରହିଛି । ଏହି ପୀଠକୁ ଆସୁଥିବା ଶତକଡ଼ା ୮୦ ଭାଗ ଶ୍ରଦ୍ଧାଳୁ ସେମାନଙ୍କର ମାନସିକ ପୂରଣ ନିମନ୍ତେ ଆସିଥାନ୍ତି । ସେମାନଙ୍କ ମଧରେ ଅପୁତ୍ରିକ, ସାପ କାମୁଡ଼ା ରୋଗୀ, କଟକ ମେଡ଼ିକାଲରୁ ନିରାଶ ହୋଇ ଫେରିଥିବା ବହୁ ରୋଗୀ ଏଠାରୁ ଭଲ ହୋଇ ଯାଇଥିବାର ନଜୀର୍ ରହିଛି ।

**ମଣିପ୍ରସାଦ ପତି**

ପୂଜକ: ଆଖଣ୍ଡଳମଣି ମନ୍ଦିର, ଆରଡ଼ି

# ପାହାଳର ପ୍ରେମ



# ପାହାଲ ରସଗୋଲା


## ପାର୍ଥସାରଥୀ ରାଉତ

ଶୈଳଶ୍ରୀବିହାର, ଭୁବନେଶ୍ୱର-୭୫୬୦୨୧
ଫୋନ :୯୪୩୮୨୯୦୪୯୧


ଫଟୋ ସୌଜନ୍ୟ : ଲେଖକ

**ପାହାଲର ପବନ ବି ଗାଏ ରସଗୋଲାର ରାଗମଞ୍ଜରୀ । ପାହାଲର ଇଏ ଏକ ପ୍ରାଚୀନ ପ୍ରସିଦ୍ଧି । ପାହାଲ ରସଗୋଲାର ନାଁ ଶୁଣିଲେ ଲୋଭ ସମ୍ବରଣ କରିହୁଏ ନାହିଁ । ସ୍ୱାଦରେ ଅତୁଳନୀୟ ଗୁଣରେ ନିଆରା । ପାହାଲର ଏ ମିଠା ପ୍ରେମରେ ନପଡ଼ିଛି କିଏ ! ପାହାଲରୁ ଫେରି ଏହି ଆଲେଖ୍ୟ ବାଢ଼ିଛନ୍ତି ପାର୍ଥସାରଥୀ ।**



◄ ଲେଖକ ପାର୍ଥସାରଥୀ ରାଉତ



କଟକରୁ ଭୁବନେଶ୍ୱର ଯିବା ବେଳେ କାହିଁକି କେଜାଣି ପାହାଲ ଆସିଲେ ଗାଡ଼ି ଚକ ଆପେ ଆପେ ଅଟକିଯାଏ । ଗାଡ଼ି ପାହାଲ ଛୁଇଁଲେ ଅନୁଭବ ଗୁଡ଼ିକ ଯେମିତି ମିଠା ହୋଇଯାଏ । ଯଦି ଏପରି ଅନୁଭବର ବୈଜ୍ଞାନିକ ଟର୍ମ ଖୋଜିବା, ତାହେଲେ ରିଫ୍‌ଲେକ୍ସ ଆକ୍‌ସନ୍ ବୋଲି କହି ହେବ । ଯଦି ଏହି ରିଫ୍ଲେକ୍ସ ଆକ୍‌ସନ୍‌ର କାରଣ ଖୋଜିବା, ତାହେଲେ ରସଗୋଲା ଖାଇବା ଓ ବନ୍ଧୁବାନ୍ଧବଙ୍କ ଘରକୁ ନେବା ଜଣେ ଓଡ଼ିଆ ଭାବେ ଆମର ଏକ ଉତ୍ତରଦାୟିତ୍ୱ ବୋଲି ମୁଁ ଭାବେ । ଏଠାକାର କାରିଗର ଓ ବ୍ୟବସାୟୀ ଅଜସ୍ର ରସଗୋଲାପ୍ରେମୀଙ୍କ ପାଟିକୁ କେବଳ ସୁଆଦିଆ କରିନାହାନ୍ତି, ବରଂ ସେମାନଙ୍କ ପାଖରେ ନିଜ କୌଶଳ ଓ ବ୍ୟକ୍ତିତ୍ୱର ନିଆରା ଛାପ ଛାଡ଼ିଛନ୍ତି । ସତକଥାଟି ହେଲା, ଯେତେ ଯୁଆଡ଼େ ରସଗୋଲା ଖାଇଲେ ବି ପ୍ରସିଦ୍ଧ ପାହାଲ ରସଗୋଲାର ସ୍ୱତନ୍ତ୍ରତା କେଉଁଠି ମିଳିବନି ।

ଭୁବନେଶ୍ୱରରୁ କଟକ ଯିବା ବେଳେ ହଂସପାଳ ଛକ ପରେ ପଡ଼େ ପାହାଲ । ପାହାଲ ଅର୍ଥାତ୍ ଓଡ଼ିଶାର ରସଗୋଲା ହବ୍ । ବାଲିଅନ୍ତା ବ୍ଲକ ଅଧୀନରେ ଆସୁଛି ପାହାଲ । ରାଜପଥର ଦୁଇକଡ଼ରେ ପ୍ରାୟ ଦୁଇଶହ ରସଗୋଲା ଦୋକାନ । ପାଖାପାଖି ଦେଢ଼ରୁ ଦୁଇ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି ଏହି ରସଗୋଲା ହବ୍ । ଏପରିକି ବଡ଼ି ଭୋର୍‌ରୁ ପହଂଚିଲେ ବି ଦୋକାନମାନଙ୍କର ଆଲୁଅ ଜଳୁଥିବ, ଅର୍ଥାତ୍ ଦୋକାନଗୁଡ଼ିକ ଖୋଲା ଥାଏ । ସେଥିରେ ସୁନ୍ଦର ଭାବେ ସଜାହୋଇ ରହିଥାଏ ବିଭିନ୍ନ ପ୍ରକାର ରସଗୋଲା । ଥାକକୁ ଥାକ ଲମ୍ବିଥିବା ରସଗୋଲା ଯେମିତି ଗ୍ରାହକଙ୍କୁ ହାତ ଠାରି ଡାକେ । ଘର ପାଇଁ ବା ସଂପର୍କୀୟଙ୍କ ଘର ପାଇଁ କିଣିବା ଆଗରୁ ଆଗେ ପେଟେ ଖାଇ ପକାନ୍ତି ଲୋକେ । ପୂର୍ବରୁ ରସଗୋଲା କହିଲେ କେବଳ ସାଲେପୁରକୁ ବୁଝାଉଥିଲା । ଏବେ ଫୋକସ୍ ପାହାଲକୁ ହିଁ ଚାଲି ଆସିଛି ।

ପାହାଲ ରସଗୋଲାର ସ୍ୱାଦ ଖୁବ୍ ଚମତ୍କାର । ନରମନରମ ଗରମଗରମ ରସଗୋଲା ଖାଇଲେ ଯେମିତି ଲାଗିବ, ପାଟିଦେଇ କହିବା ମୁସ୍କିଲ୍ ବା କଲମ ଦେଇ ଲେଖିବା ବି ନାମୁମ୍‌କିନ୍ । ବଡ଼କଥା ହେଲା ଯେ ଅନ୍ୟ ଜାଗାମାନଙ୍କରେ ମିଳୁଥିବା ରସଗୋଲା ପରି ସ୍ପଞ୍ଜି ନୁହେଁ ଯେ ଯେତେ ଖାଉଥିଲେ ବି ଛିଡୁ ନଥିବ । ପାଟିରେ ପକାଇବା ମାତ୍ରେ ଫଟ୍ କରି ମିଳାଇଯାଏ । ତେଣୁ ଚଟାପଟ୍ ଆଉଗୋଟେ ଖାଇବାକୁ ଇଚ୍ଛା ହୁଏ । ମିଠାରେ ଥିବା ଚିନି ଓ ଅନ୍ୟ ଉପାଦାନର ଭାଗମାପ ମଧ୍ୟ ଖୁବ୍ ନିଖୁଣ । ପାହାଲ ମିଠାର ରଂଗ ମଧ୍ୟ ଭିନ୍ନ ଭିନ୍ନ । ଅଧିକାଂଶ ମିଠାର ରଂଗ ବାଦାମି ରଂଗର, ମାନେ ଈଷତ୍ ଲାଲ୍ । ତା ସହିତ ଧଳା, ହଳଦିଆ ରଂଗର ରସଗୋଲା ବି ଥାଏ । ପାଞ୍ଚ ଟଙ୍କାରୁ ନେଇ କୋଡ଼ିଏ ଟଙ୍କିଆ ରସଗୋଲା ସବୁ ଏଠାରେ ମିଳେ । ପାହାଲର ମଟ୍‌କା ରସଗୋଲାର ବି ବେଶ୍ ଚାହିଦା ରହିଛି । ମାଟିହାଣ୍ଡିରେ ତିଆରି ହେବା ଓ ଏହାକୁ ନେଇ କୌଣସି ଉତ୍ସବ ଅନୁଷ୍ଠାନରେ ପରଷିବା ବେଳେ ଏହାର ବିଶେଷତ୍ୱ ବାରି ହୋଇଥାଏ । ଏବେ ବାହାର ଲୋକେ ମଟ୍‌କା ରସଗୋଲାକୁ ଅଧିକ ପସନ୍ଦ କରୁଛନ୍ତି । କେବଳ ରସଗୋଲା ନୁହେଁ, ରସଗୋଲା ସହ ଏଠାକାର କାରିଗର ଆହୁରି ଭଲିକିଭଲି ମିଠା ତିଆରି କରିଥାନ୍ତି । ଯେମିତିକି ରସାବଳି, ରସମଲାଇ, ରସାଭରି,ଛେନାଗଜା, ଛେନାପୋଡ଼ ବି ମିଳିଥାଏ । ପୂର୍ବରୁ ପ୍ରତି ଦୋକାନରେ ଜଣେ ଦି'ଜଣ ଲୋଖାଏଁ ରହୁଥିଲେ । ଏବେ ବେପାର ବଢ଼ିବା ସାଙ୍ଗକୁ ଅଧିକାଂଶ

ଦୋକାନରେ ତିନି ଚାରିଜଣ ରହୁଛନ୍ତି ।

କେତେ ମିଠା ବିକ୍ରି ହୁଏ, ସେନେଇ କେତେଜଣ ବ୍ୟବସାୟୀ ବନ୍ଧୁଙ୍କ ସହ କଥା ହେଲି । ଜାଣିଲି, ଗାଁ ଲୋକଙ୍କ ଅର୍ଥନୀତିର ମୂଳାଧାର ପାଲଟିଛି ରସଗୋଲା । ପ୍ରତିଦିନ ହାରାହାରି ଆଠ ହଜାରରୁ ଦଶ ହଜାର ବିକ୍ରି ହୋଇଥାଏ । ଆଉ ଦୀପାବଳି, ଧନ୍‌ତେରାସ୍ ଓ ଦୁର୍ଗାପୂଜା ପରି ପର୍ବମାନଙ୍କରେ ପ୍ରାୟ ଅଠର କୋଡ଼ିଏ ହଜାର ଟପିଯାଏ । ଦୋକାନୀ ବନ୍ଧୁ ଜଣକ କହିଲେ, ଭୁବନେଶ୍ୱର କଟକ ବାଲା ତ  ନିଅନ୍ତି । କିନ୍ତୁ ବାହାରୁ ଆସିଥିବା ଲୋକେ ବେଶି କିଣିଥାନ୍ତି । ଏପରିକି ମେଡ଼ିକାଲ୍ କାମରେ ଆସି ଫେରୁଥିବା ଲୋକେ ବି ମିଠା ନେଇ ଗାଁକୁ ଫେରନ୍ତି । ଏଠାରୁ ମିଠା ଅନ୍ୟ ରାଜ୍ୟକୁ ବରାବର ଯାଇଥାଏ । ପଶ୍ଚିମବଙ୍ଗ, ବିହାର ଓ ଆନ୍ଧ୍ରପ୍ରଦେଶ ଆଦିକୁ ଯାଇଥାଏ । ଏପରିକି ଇଂଲଣ୍ଡ, ଆମେରିକା ପରି ଦେଶରେ ଯେଉଁ ଓଡ଼ିଆ ରହୁଛନ୍ତି, ନିଜ ରାଜ୍ୟକୁ ଆସିଲେ ଆଗରୁ ବରାଦ ଦିଅନ୍ତି । ଓଡ଼ିଶା ଛାଡ଼ିବା ପୂର୍ବରୁ ପାହାଳ ଆସି ମନଭରି ଖାଆନ୍ତି ଓ ସାଙ୍ଗରେ ବିଦେଶ ନେଇ ଯାଆନ୍ତି । ରସଗୋଲା ବେପାର ଯଦି ଆଜି ଏହି ସୋପାନରେ ପହଂଚି ପାରିଛି, ସେଥିରେ ବ୍ୟବସାୟୀ ସଂଘର ଅବଦାନ ଅଧିକ । ରସଗୋଲା ବ୍ୟବସାୟୀମାନେ ସଂଘ ଗଢ଼ି ଏହକୁ ଏକ ଉଦ୍ୟୋଗର ରୂପ ଦେଇଛନ୍ତି । ବର୍ଷକୁ ଥରେ ପାହାଳରେ ରସଗୋଲା ଦିବସ ପାଳନ କରନ୍ତି । ଗବେଷକ, ଗଣମାଧ୍ୟମ ପ୍ରତିନିଧି, ସଂସ୍କୃତିପ୍ରେମୀ ଓ ଅନ୍ୟମାନଙ୍କୁ ନିମନ୍ତ୍ରଣ କରନ୍ତି । ରସଗୋଲାର ତାତ୍ପର୍ଯ୍ୟ ନେଇ ଆଲୋଚନା ହୁଏ ଆଉ ତା ସହିତ ବିନା ମୂଲ୍ୟରେ ମିଠା ବଣ୍ଟାଯାଏ । ଜାତୀୟ ରାଜପଥରେ ଯିଏ ଯାଆନ୍ତି, ମୁହୂର୍ତ୍ତଟିଏ ଅଟକି ପାଟି ମିଠା କରି ଯାଆନ୍ତି ।

## କେମିତି ପ୍ରସ୍ତୁତ ହୁଏ ରସଗୋଲା

ପ୍ରଥମେ ଗାଡ଼ିରେ ଆଖପାଖ ଅଂଚଳରୁ ଛେନା ଆସେ । ବିଶେଷକରି ନିଆଳି, ଅଡ଼ଶପୁର, ଗୋବିନ୍ଦପୁର, ଜଗତସିଂହପୁର, ନିମାପଡ଼ା, ପିପିଲି ଓ ପାହାଳ ଆଦି ଅଞ୍ଚଳରୁ ଛେନା ଆସିଥାଏ । ଛେନା ବେପାରୀ ଆସି ଛେନା ଦେଇଯିବା ପରେ ଆରମ୍ଭ ହୁଏ କାରିଗରମାନଙ୍କ କାମ । ପ୍ରଥମେ ଛେନା ଚିପୁଡ଼ା ଯାଏ ଓ ଫେଣ୍ଟା ଯାଇଥାଏ । ଅପରାହ୍ନ ପ୍ରାୟ ଚାରିରୁ ପାଂଚ ଭିତରେ ଆରମ୍ଭ ହୁଏ ମିଠା ତିଆରି । ଏହି ଛେନାରେ ସୁଜି ଓ ଗୁଜୁରାତି ଗୁଣ୍ଡ ପକାଇ ଚକଟା ଯାଏ । ଏହି ଭାଗମାପଟି ଅତି ଗୁରୁତ୍ୱପୂର୍ଣ୍ଣ । କେତେ ଛେନାରେ କେତେ ସୁଜି ଓ କେତେ ଚିନି ! ଚକଟିବା ପରେ ଏହାକୁ ଗୋଲ୍ ଗୋଲ୍ କରି ମଣ୍ଡା ବା ଗୋଲେଇ ଆକାର କରାଯାଇଥାଏ । ଏହାପରେ ଆଞ୍ଚରେ ବସିଥିବା ଚିନି ଶିରାରେ ପ୍ରାୟ ୪୫ ମିନିଟ୍‌ରୁ ଘଣ୍ଟାଏ ପର୍ଯ୍ୟନ୍ତ ଫୁଟାଯାଏ ଅର୍ଥାତ୍ ପାଗ ହୁଏ । ଚିନିପାଣିରେ ସିଝିବା ପରେ ପୁଣି ଗରମ ପାଣିରେ ପଡ଼େ । ତାପରେ ତାକୁ ଥଣ୍ଡା କରିବାକୁ ଛାଡ଼ି ଦିଆଯାଏ । ରସଗୋଲା ବନେଇବା ପାଇଁ ଚାଳିଶରୁ ପଇଁଚାଳିଶ ମିନିଟ





ଲାଗୁଥିବା ବେଳେ ଛେନାଗଜା ପାଇଁ ପ୍ରାୟ ଏକ ଘଣ୍ଟା ଲାଗିଥାଏ । ଏସବୁକୁ ଛାଡ଼ିଦେଲେ ବିଭିନ୍ନ ପ୍ରକାର ଫ୍ଲେଭର୍ ପାଇଁ କାରିଗରମାନେ ଉଦ୍ୟମ କରିଥାନ୍ତି । ସବୁଠୁ ଉଲ୍ଲେଖନୀୟ କଥା ହେଲା, ଗରମ ଗରମ ରସଗୋଲାର ଭାରି ଚାହିଦା । ଆଂଚରୁ ରସଗୋଲା ଆସି ଥଣ୍ଡା ହେଉଥିବା ବେଳେ ପ୍ରତି ଦୋକାନରେ ଗ୍ରାହକମାନଙ୍କ ଭିଡ଼ ଜମେ ।

## ଅର୍ଥନୀତିର ମୂଳ ଉତ୍ସ

ଆଜିର ଏହି ସୁଆଦିଆ ରସଗୋଲା ତିଆରି ପଛରେ ହାତ କେବଳ ପାହାଳ ଗାଁର । ଏଠା ରସଗୋଲାର ଇତିହାସ ପ୍ରାୟ ପଞ୍ଚାବନ ଷାଠିଏ ବର୍ଷର । ଆଜିକୁ ପ୍ରାୟ ଛଅ ଦଶନ୍ଧି ପୂର୍ବରୁ ଗାଁରେ ଲୋକେ ମିଠାକୁ ବେଉସା କରି ନଥିଲେ । ସେତେବେଳେ ଛତୁଚାଷ ଓ ପାରମ୍ପରିକ ଧାନ ଚାଷ କରି ଲୋକେ ଚଳୁଥିଲେ ।




କହିବାକୁ ଗଲେ ଘରେଘରେ ଲୋକେ ଛତୁଚାଷ ହିଁ କରୁଥିଲେ । ମାତ୍ର ଗାଁର କେଳୁଚରଣ ବେହେରା ପ୍ରଥମେ ମିଠା ବ୍ୟବସାୟ ଆରମ୍ଭ କଲେ । ରସଗୋଲା ତିଆରିରେ ପରିପକ୍ୱ ହେବା ପରେ ପ୍ରଥମେ ପ୍ରଥମେ କେଳୁଚରଣ ହାତରେ ତିଆରି କରି ନିଜ ଗାଁ ଓ ଆଖପାଖ ଅଂଚଳର ଲୋକଙ୍କୁ ବିକୁଥିଲେ । ମାତ୍ର ୧୯୬୫ ମସିହାରେ ସେ ପାହାଳ ଛକରେ ଏକ ଦୋକାନ ଆରମ୍ଭ କରି ବିଧିବଦ୍ଧ ଭାବେ ବ୍ୟବସାୟ କଲେ । ସେତେବେଳେ କଟକରୁ ଭୁବନେଶ୍ୱର ମାତ୍ର ଦୁଇ ତିନୋଟି ବସ୍ ଯିବାଆସିବା କରୁଥିଲା । ପାଦରେ ଚାଲି ଚାଲି ଯାଉଥିବା ଲୋକେ ଅଥବା ସାଇକେଲ୍‌ରେ ଯାଉଥିବା ଲୋକେ କାଁ ଭାଁ ଏଠାରେ ଅଟକୁଥିଲେ ଓ ମିଠା କିଣି ଘରକୁ ନେଉଥିଲେ । ତାପରେ ଉଛବ ବେହେରା ନାମକ ଆଉ ଜଣେ ଦୋକାନ କଲେ । ଏହି ଦୁଇଟି ମିଠା ଦୋକାନ ଭଲ ଚାଲିବାରୁ ପଛକୁ ପଛ ଗଢ଼ି ଉଠିଥିଲା ବହୁ ଦୋକାନ । ପାହାଳ ମିଠାର ବଢ଼ିଲା ଗୁରୁତ୍ୱ । ଗାଁର ପ୍ରାୟ ପ୍ରତି ପରିବାର ଏହି ପନ୍ଥାକୁ ଆଦରି ନେଲେ । ଆଉ ଏବେ ପାହାଳ ରସଗୋଲା କହିଲେ ସାତରୁ ସତୁରି ସମସ୍ତଙ୍କ ପାଟିରେ ଲାଳ ଗଡୁଛି । ପାହାଳ ଗାଁ ଓଡ଼ିଶାରେ ଏବେ ଇତିହାସ ରଚିଛି । ରସଗୋଲା ବ୍ୟବସାୟ ଦ୍ୱାରା କେବଳ ପାହାଳ ନୁହେଁ, ଜଗତସିଂହପୁର, ପୁରୀ, କଟକ ଖୋର୍ଦ୍ଧାର ଲୋକେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପକୃତ ହେଉଛନ୍ତି ।

## ରସଗୋଲା ଆମ ପରିଚୟ

ରସଗୋଲା ଆମ ପରିଚୟ । ଆପଣ ଯେତେବେଳେ ଆମ ହାତ ତିଆରି ରସଗୋଲା ଖାଇ ବାହାବା ଦିଅନ୍ତି, ଆମ ମନ କୁଣ୍ଢେମୋଟ ହୋଇଯାଏ । ଆମର ଆଉ କିଛି ଦରକାର ନାହିଁ । ପାହାଳ ଏବେ ବିଶ୍ୱପ୍ରସିଦ୍ଧ । ଆମ ହାତ ତିଆରି ରସଗୋଲା ଏବେ ବାହାର ରାଜ୍ୟରେ ଏପରିକି ବିଦେଶରେ ପ୍ରଶଂସିତ ହେଉଛି । ଏହା କମ୍ ବଡ଼ କଥା ନୁହେଁ । ଏ କଥା କହନ୍ତି ବିକ୍ରେତା ତଥା ବ୍ୟବସାୟୀ **କବିଚନ୍ଦ୍ର ସାହୁ** । ଦୀର୍ଘ ବର୍ଷ ହେଲା କବିଚନ୍ଦ୍ର ରସଗୋଲା ବିକ୍ରି କରି ଆସୁଛନ୍ତି । ଭୋର୍ ପାଞ୍ଚଟାରେ ଦୋକାନ ଖୋଲନ୍ତି କବିଚନ୍ଦ୍ର, ପ୍ରାୟ ସାଢ଼େ ଏଗାରଟା ରାତି ପର୍ଯ୍ୟନ୍ତ ଖୋଲା ରହିଥାଏ ତାଙ୍କ ଦୋକାନ । କବି କହନ୍ତି, ଆଗରୁ ଚଳନୀୟ ବେପାର ହେଉଥିଲା । କିନ୍ତୁ ଗତ କିଛି ବର୍ଷ ହେବ ରାସ୍ତାଘାଟର ଉନ୍ନତି, ଗଣମାଧ୍ୟମରେ ରସଗୋଲା ପ୍ରଚାର ପ୍ରସାର ଓ ବିଶେଷ କରି ରସଗୋଲା ବ୍ୟବସାୟୀ ସଂଘର ନିରବଚ୍ଛିନ୍ନ ଉଦ୍ୟମ ବଳରେ ଆଜି ବେପାର ବଢ଼ିଛି ଆଉ ଆମେ ଦି' ପଇସା ପାଉଛୁ ।

# ବାଜିରାଓଙ୍କ ବସାଘର



# ଶନିୱାର୍ ୱାଡ଼ା
## ନୀରବି ଯାଇଥିବା ହୁଙ୍କାର

**ଲକ୍ଷ୍ମୀପ୍ରିୟା ଓଝା**

ବି-୪୦୧, ଦି ଆଟ୍‌ଲାଣ୍ଟିକ୍, ଏସ୍‌ଆର୍‌ପି ଗ୍ରାଉଣ୍ଡ୍-୯, ମକରପୁରା ରୋଡ଼,
ବରୋଦା, ଗୁଜରାଟ-୩୯୦୦୧୦
ଫୋନ : ୭୪୯୦୯୯୬୮୬୫

ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍



▶ଲେଖିକା ଲକ୍ଷ୍ମୀପ୍ରିୟା ଓଝା

ପୁଣେ ଯାଇଥାଏ ଝିଅକୁ ଛାଡ଼ିବାକୁ । ଦି' ଦିନ ହାତରେ ସମୟ ଥାଏ । ଇଚ୍ଛା ହେଲା ପୁଣେ ସହରକୁ ଟିକେ ବୁଲି ଦେଖିବାକୁ । ଗୁଗୁଲ୍, ଇଣ୍ଟର୍‌ନେଟ୍ ଯୁଗରେ ଆଜିକାଲି ସବୁ ଇନ୍‌ଫର୍ମେସନ୍ ହାତ ପାହାନ୍ତାରେ । ତଥାପି ସ୍ଥାନୀୟ ବାସିନ୍ଦା ଉପରେ ମୋର ବେଶି ଭରସା । ଗୁଗୁଲ୍‌ରେ ଦେଖା ଯାଉଥିବା ମନଲୋଭା ସ୍ଥାନକୁ ପାଖରୁ ଦେଖିଲେ ଅନେକ ସମୟରେ ନିରାଶ ହେବାକୁ ପଡ଼େ । ଏମିତି ଅନେକ ଅନୁଭୂତି ଅଛି । ତେଣୁ ଗୁଡ଼ାଏ ଆବୁରୁଜାବୁରୁ ଜାଗା ଦେଖି ସମୟ ନଷ୍ଟ ନକରି ଅନେକ ଦିନରୁ ପୁଣେରେ ରହୁଥିବା ଅତ୍ୟନ୍ତ ଆପଣାର ଶ୍ରେଷ୍ଠା ଓ ବିଶାଲ୍‌ଙ୍କୁ ଫୋନ୍ କଲି ସେଠାରେ ଥିବା ଭଲ ଟୁରିଷ୍ଟ୍ ପ୍ଲେସ୍‌ର ନାଁ କହିବାକୁ । କାଳ ବିଳମ୍ବ ନକରି ଶ୍ରେଷ୍ଠା କହିଲା, "ଆଣ୍ଟି ଶନିୱାର୍ ୱାଡ଼ା ଯାଆନ୍ତୁ ।" ଶନିୱାର୍ ୱାଡ଼ା ? କେବେ ଆଗରୁ ଏହାର ନାଁ ଶୁଣିନି । ତାଛଡ଼ା ଇଏ ବି ଗୋଟାଏ ନାଁ ? ବଡ଼ ଦ୍ୱିଧାରେ ପଡ଼ିଲି । ଶ୍ରେଷ୍ଠା କହିଲା, "ଆରେ ଆଣ୍ଟି ବାଜିରାଓଙ୍କର ଘର ସେଇଟା । ଆଉ 'ବାଜିରାଓ ମସ୍ତାନି' ଫିଲ୍ମ ବି ସେଇଠି ସୁଟିଙ୍ଗ୍ ହୋଇଛି । ଯାଆନ୍ତୁ ଭଲ ଲାଗିବ ।" ଏମିତି ଅନେକ ଜାଗା ଆମ ଅଜ୍ଞାତରେ ଦେଶ, ରାଜ୍ୟ, ଏମିତିକି ଆମ ଜିଲ୍ଲାରେ ମଧ୍ୟ ଅବହେଳିତ ହେଇ ପଡ଼ିଛି । କେହି ଜାଣନ୍ତିନି । ସ୍ଥାନୀୟ ଲୋକ ତାର ମହତ୍ୱ ବୁଝିଲେ ମଧ୍ୟ ଗୁରୁତ୍ୱ ଦିଅନ୍ତିନି । ଶ୍ରେଷ୍ଠା କହିଛି ମାନେ ଭଲ ହେଇଥିବ ଭାବି ସକାଳୁ ସକାଳୁ ନିତ୍ୟକର୍ମ ସାରି ବାହାରି ପଡ଼ିଲୁ ସ୍ୱାମୀ ସ୍ତ୍ରୀ ଉଭୟ ଶନିୱାର ୱାଡ଼ା ଦେଖି ।

ଭାରତର ଦ୍ୱିତୀୟ ସର୍ବ ବୃହତ୍ ସହର ପୁଣେ । ବାଙ୍ଗାଲୋର୍ ପରେ ଭାରତର ମୁଖ୍ୟ ଆଇଟି ହବ୍ । ମହାରାଷ୍ଟ୍ରର ଶିକ୍ଷା ନଗରୀ । ପୁଣେ ସହରର ଭିଡ଼୍‌ଭାଡ଼୍ ଗହଳି ରାସ୍ତା ମଝିରେ ଯେମିତି ଟ୍ରାଫିକ୍ ସିଗ୍ନାଲ୍ ପରି ରାସ୍ତା ଅବରୋଧ କରି ଠିଆ ହେଇଚି ବିରାଟ ଶନିୱାର ୱାଡ଼ା । ଛୋଟ କାଟିଆ କିଲ୍ଲା କହିଲେ ଚଳେ । ପାଚେରୀକୁ ଲାଗି ଲାଗି ୱାଡ଼ା ଚାରିପଟେ ରାସ୍ତା । ରାସ୍ତାର ଅନ୍ୟପଟକୁ ଲାଗି ଛୋଟ ଛୋଟ ଦୋକାନ, ରେସିଡେଣ୍ଟିଆଲ୍ କମ୍ପ୍ଲେକ୍ସ ସବୁ ୱାଡ଼ାକୁ ଘେରି ରହିଛି । ୱାଡ଼ା ଚାରିପଟେ ସୁଉଚ୍ଚ ପାଚେରୀ ତା'ର ଭିତର କଥା କହିବାକୁ ନାରାଜ୍ । ଯେମିତି କହୁଛି ବାହାରୁ ନୁହେଁ, ମୋ ଭିତରକୁ ଆସ, ମୋତେ ଛୁଅଁ, ଇତିହାସକୁ ଅନୁଭବ କର । ଫେରିଲା ବେଳେ ମୋ ଠୁ ନେଇ ଫେର ଅନେକ ଜୀବନାନୁଭୂତି । ହିଂସା, ଈର୍ଷା, କ୍ଷମତାର ଲୋଭ ଯୋଗୁଁ କେମିତି ଛାରଖାର ହେଇଯାଏ ସାମାଜିକ, ରାଜନୈତିକ, ଆର୍ଥିକ ସର୍ବୋପରି ନିଷ୍ପାପ ଜୀବନ ମୋ ଉପରେ ଠିଆ ହେଇ ଘଡ଼ିଏ ଅନୁଭବ କର । ଶିଖ ।

ସପ୍ତଦଶ ଶତାବ୍ଦୀରେ ମରାଠା ସାମ୍ରାଜ୍ୟର ସାହୁ ଶାସକଙ୍କ ପ୍ରଧାନମନ୍ତ୍ରୀ ଥିଲେ ବାଜିରାଓ ୧ମ । ଥରେ ସେ ବୁଲୁବୁଲୁ ଦେଖିଲେ ଗୋଟେ ପଡ଼ିଆରେ ଠେକୁଆଟିଏ କୁକୁରକୁ ଗୋଡ଼ାଉଛି । ତାହା ତାଙ୍କୁ ଅତୀବ ସ୍ପର୍ଶ କଲା । ସେ ଭୂମିର କିଛି ମହତ୍ୱ ଅଛି ଭାବି ସେଠାରେ ନିଜର ବାସସ୍ଥଳୀ ତିଆରି କରିବାକୁ ମନସ୍ଥ କଲେ । ଅନୁକୂଳ ଜଳବାୟୁ, ରାଜନୈତିକ, ଶାସନଗତ ସୁବିଧା ପାଇଁ ସ୍ଥାନଟି ମଧ୍ୟ ତାଙ୍କୁ ଅନୁକୂଳ ଲାଗିଲା । ତେଣୁ ତାଙ୍କର ଶାସନ କେନ୍ଦ୍ରକୁ ସତାରାରୁ ସେ ପୁଣେ ଆଣିଲେ । ଏବଂ ସେହି ଜାଗାରେ ୧୭୩୦ ମସିହାରେ ନିଜର ବାସସ୍ଥାନ ତିଆରି ଆରମ୍ଭ କରି ୧୭୩୨ ମସିହାରେ ଶେଷ କରି ସପରିବାର ରହିବା ଆରମ୍ଭ କରିଥିଲେ । ପ୍ରଥମେ ଏହା ସମ୍ପୂର୍ଣ୍ଣ ପଥରରେ ତିଆରି ହେଉଥିଲା । କିନ୍ତୁ ପ୍ରଥମ ମହଲା ପରେ ସତାରାର (ମରାଠାର ଜାତୀୟ ରାଜଧାନୀ) ପ୍ରଜା ରାଜା ସାହୁଙ୍କ ପାଖରେ ଅଭିଯୋଗ୍ କଲେ ଯେ କେବଳ ରାଜା ହିଁ ପଥରର ପ୍ରାସାଦ ତିଆରି କରି ପାରିବ । ବାକିମାନେ ଇଟାରେ । ତେଣୁ ଯେହେତୁ ବାଜିରାଓ ପ୍ରଧାନମନ୍ତ୍ରୀ ତେଣୁ ପଥରରେ ମହଲ ତିଆରି କରିବା ତାଙ୍କ ଅଧିକାର ଅନ୍ତର୍ଭୁକ୍ତ ନୁହେଁ । ପରେ ସାହୁ ଶାସକଙ୍କ ଲିଖିତ ରୂପେ ମନାକରିବା ପରେ ବାକି ଛ'ମହଲା ଇଟାରେ ତିଆରି ହେଇଥିଲା । ସାତ ମହଲା ବିଶିଷ୍ଟ ମହଲରେ ଶେଷ ମହଲା ଥିଲା ବାଜିରାଓଙ୍କ ନିବାସସ୍ଥଳୀ । ଯାହା ମେଘଦମ୍ବରୀ ନାମରେ ବିଦିତ ଥିଲା । ଏହି ମହଲ ଏତେ ଉଚ୍ଚ ଥିଲା ଯେ ବାଜିରାଓଙ୍କ ବାସସ୍ଥାନରୁ, ସାତ ମହଲାରୁ



୧୭ କିଲୋମିଟର ଦୂର ଅଲେନ୍ଦିର୍ ଯାନେଶ୍ୱର ମନ୍ଦିର ଦିଶୁଥିଲା । କୁହାଯାଏ ୧୭୫୮ ମସିହାରେ ପ୍ରାୟ ଏକ ହଜାର ଲୋକ ଏହି କିଲ୍ଲା ଭିତରେ ରହୁଥିଲେ । ଏହି ଭବନର ଭୂମି ପୂଜନ ଓ ଗୃହ ପ୍ରବେଶ ଶନିବାର ଦିନ ହେଇଥିବାରୁ ଏହାର ନାମ ଶନିୱାର୍ ୱାଡ଼ା ରଖା ଯାଇଥିଲା । ୱାଡ଼ା ମାନେ ବାସସ୍ଥଳୀ ।

ଆମେ ଠିଆ ହେଇଥିଲୁ ଶନିୱାର୍ ୱାଡ଼ାର ଗେଟ୍ ପାଖରେ । ହାତୀରେ ଦୋଳ ଉପରେ ବସି ସହଜରେ ଯାଇ ପାରିଲା ପରି ବିଶାଳ ସୁଉଚ୍ଚ ଗେଟ୍ । ଗେଟ୍‌ର ଗୋଟିଏ କବାଟରେ ଜଣେ ଲୋକ ସହଜରେ ଗଳିକି ଗଲା ପରି ଆଉ ଗୋଟେ ଛୋଟ ଗେଟ୍ । ଯାହାକି ଟୁରିଷ୍ଟ୍‌ମାନଙ୍କୁ ଭିତରକୁ ଯିବା ପାଇଁ ଖୋଲା ଥିଲା । ଯୁଦ୍ଧ ହାତୀର ମୁଣ୍ଡ ଉଚ୍ଚତାରେ ଗେଟ୍‌ର ଉଭୟ କବାଟରେ ୮ଟି ଲାଇନ୍‌ରେ ୯ଟି ଲେଖାଏଁ ମୁନିଆ ସମୁଦାୟ ୭୨ଟି ବାର ଇଞ୍ଚ୍ ଲମ୍ବର ଗୋବ ଲାଗିଛି । ଗୋବ ଗୁଡ଼ିକ ମଧ୍ୟ ଷ୍ଟିଲ୍ ପ୍ୟାନେଲ୍‌ରେ ଷ୍ଟିଲ୍‌ର ପେଚରେ ଟାଇଟ୍ ହେଇ ଖୁବ୍ ଶକ୍ତ ଭାବରେ ଲଗାଯାଇଛି । ବାହ୍ୟ ଶତ୍ରୁ ଆକ୍ରମଣ ବେଳେ ହାତୀ ଦ୍ୱାରା କବାଟକୁ ନ ଭାଙ୍ଗିବା ପାଇଁ ଏଭଳି ବ୍ୟବସ୍ଥା । ଗେଟ୍‌ର ଉଭୟ ପାଖରେ ତୋପ ଟାୱାର୍‌ରେ ଅନେକ ଲମ୍ବା ଲମ୍ବା ଏବଂ ଚୌରସ କଣା । ଭିତରୁ ରହି ବାହ୍ୟ ଶତ୍ରୁଙ୍କ ଉପରକୁ ଲୁଚି ତୀର ଚଳେଇବା ଓ ଗରମ ତେଲ ଫୋପାଡ଼ିବା ପାଇଁ ଏ ବ୍ୟବସ୍ଥା । ଶତ୍ରୁ ଯଦି ଭିତରକୁ ପଶିଯାଏ ତେବେ ସିଧା ମୁଖ୍ୟ ମହଲ ଆଡ଼କୁ ଯିବା ସମ୍ଭବ ନଥିଲା । ପ୍ରଥମେ ଏକଦମ ଡାହାଣକୁ ଯାଇ ତୁରନ୍ତ ବାଁକୁ ଯିବାକୁ ପଡୁଥିଲା । ଯାହାକି ବାହ୍ୟ ଶତ୍ରୁକୁ ମୁସ୍କିଲ୍‌ରେ ପକାଇ ପାରିବ ଓ ସେହି ସମୟରେ ଭିତରେ ଥିବା ସୈନ୍ୟ ସହଜରେ ଶତ୍ରୁଙ୍କୁ କାବୁ କରିପାରିବେ । ସର୍ବମୋଟ ବାସସ୍ଥଳୀଟି ବାହ୍ୟ ଶତ୍ରୁ ଆକ୍ରମଣରୁ ନିଜକୁ ରକ୍ଷା କରିବା ପାଇଁ ଶକ୍ତ ସୁରକ୍ଷା ଘେରା ତିଆରି କରିଥିଲା । ୱାଡ଼ାର ପାଞ୍ଚୋଟି ବିଶାଳ ବିଶାଳ କବାଟ ମଧ୍ୟରୁ ଏହି କବାଟଟି ମୁଖ୍ୟ । ଏହା ଦିଲ୍ଲୀ ଆଡ଼କୁ ମୁହଁ କରିଥିବାରୁ ଏହାର ନାଁ ଦିଲ୍ଲୀ ଦରୱାଜା । କୁହାଯାଏ ବାଜିରାଓ ମୋଗଲଙ୍କୁ ପରାସ୍ତ କରି ଦିଲ୍ଲୀ ସାମ୍ରାଜ୍ୟକୁ ଅଧିକାର କରିବା ପାଇଁ ମନସ୍ଥ କରିଥିଲେ । ତେଣୁ ଏହାର ଦିଗ ଦିଲ୍ଲୀ ମୁହାଁ କରିବା ସହ ନାଁ ମଧ୍ୟ ଦିଲ୍ଲୀ ଦରୱାଜା ରଖିଥିଲେ । ଦିଲ୍ଲୀ ଦରୱାଜା ଉପରେ ଶାଗୁଆନ୍ କାଠର ମଜବୁତ ସୁନ୍ଦର ନକାସିର ନଗରଖାନ ବା ମେଲା ଘରଟିଏ । ଖମ୍ବ, ଶ୍ରେଣୀ, ଛାତ ସବୁ କାଠର ଖୁବ୍ ସୁନ୍ଦର କାରିଗରୀରେ ପରିପୂର୍ଣ୍ଣ । ଏଇଠି ଠିଆ ହେଇ ବର୍ଣ୍ଣନା କରାଯାଉଥିଲା ପେଶ୍ୱାମାନଙ୍କ ବୀରତ୍ୱ ଗାଥା ।

ବାକି ଟୁରିଷ୍ଟ୍ ପ୍ଲେସ୍ ପରି ଏଠି ଭିଡ଼ ବେଶି ନାହିଁ । ପୁଣେ ବା ଆଖପାଖ ସହରର ଲୋକ ସପ୍ତାହାନ୍ତ ଛୁଟି ବିତେଇବା ପାଇଁ ଏଠିକୁ ଆସନ୍ତି । ଆମ ଭଳି ଟୁରିଷ୍ଟ୍ ବହୁତ କମ୍ । ସିକ୍ୟୁରିଟି ଗାର୍ଡ଼ର କହିବା ଅନୁସାରେ ଦୁଇଶହରୁ ତିନିଶହ ଲୋକ ପ୍ରାୟ ପ୍ରତିଦିନ ଏଠିକୁ ଆସନ୍ତି । ଟିକେଟ କାଟି ଗେଟ୍ ଭିତରେ ପଶିଲୁ । ହେଲେ ଇଏ କଣ ? ରେକ୍ଟାଙ୍ଗୁଲାର୍ ବିରାଟ ପାଚେରୀ ଭିତରେ ଏକ ବିନା, ଫୁଲ, ଫଳ, ଝୁଲା, ମୂର୍ତ୍ତିର ବିରାଟ ବଡ଼ ବଗିଚା । କେଉଁଠି କିଛି କିଛି ଟାଙ୍ଗରା ଭୂଇଁରେ ପଥରର ନିଅଁ ତ କେଉଁଠି ଏବେ ଲାଗିଥିବା ଛୋଟ ଛୋଟ ସୁନ୍ଦର ଗଛର ଧାଡ଼ି । ବଡ଼ବଡ଼ ପଟାଳି ପଥର ବନ୍ଧେଇ ବର୍ଗାକାର ଭିତରେ ଛୋଟ ଛୋଟ ଦୁବଘାସରେ ଭର୍ତ୍ତି ଜାଗା ଗୁଡ଼ିକ ଦିଶୁଛି ସବୁଜ ଗାଲିଚା ବିଛେଇ ହେଇ ପଡ଼ିଲା ପରି । ମହଲ, ପ୍ରାସାଦ, ବାସଗୃହ ଆଦି ବୋଲି କିଛି ନାହିଁ । ଲାଗୁଛି





ଯେମିତି କେହିଜଣେ ଘର ବନେଇବାକୁ ପ୍ଲାନ୍ କରି ଭୂମି ପତନ ଯାଏଁ ପଥରର କାନ୍ଥମାନ (ନିଅଁ) ଉଠେଇ ଛାଡ଼ି ଦେଇଛି । ଭିତରେ ପଶୁ ପଶୁ ଆଖିରେ ପଡ଼ିଲା ଫଳକଟିଏ । ସେ ମଧ୍ୟ ଅଧା ଲିଭା ଅବସ୍ଥାରେ । ଟିକେ କଷ୍ଟ କଲେ ପଢ଼ି ହେବ । ଲେଖାଥିଲା: ୧୭୯୧ ରୁ ୧୮୨୮ ମସିହା ଭିତରେ ଏହି ମହଲରେ ପାଞ୍ଚଥର ନିଆଁ ଲାଗିଥିଲା । ୧୭୯୧ରେ ଲାଗିଥିବା ନିଆଁରେ ୬ମହଲା ଯାଏଁ ଜଳିପୋଡ଼ି ନଷ୍ଟ ହେଇଯାଇଥିଲା । ବାକି ଦୁଇ ମହଲାକୁ ଇଂରେଜମାନେ ଠିକ୍ କରି ବ୍ୟବହାର କରୁଥିଲେ । ସବୁଠୁ ଭୟଙ୍କର ନିଆଁ ଲାଗିଥିଲା ୧୮୨୮ ମସିହାରେ । ଏ ନିଆଁରେ ସାତଦିନ ଧରି ମହଲ ଜଳିଥିଲା । ଆଉ ନିର୍ବାପିତ ହେଲା ବେଳକୁ ଅଗ୍ନି ତା'ର ଲେଲିହାନ ଶିଖାରେ ସମ୍ପୂର୍ଣ୍ଣ ମହଲକୁ ଗ୍ରାସ କରି ସାରିଥିଲା । ଏବେ ଶନିୱାର୍ ୱାଡ଼ା ନାମରେ ଯାହା ବଞ୍ଚିଛି ଭବନମାନଙ୍କର ପଥରରେ ତିଆରି ନିଅଁ । ଯାହା ମାଟିକୁ କାମୁଡ଼ି ଧରି ପଡ଼ି ରହିଛି । ଆଉ ଇତିହାସର ସାକ୍ଷୀ ରହିବା ପାଇଁ ଅଗ୍ନି ଗ୍ରାସି ପାରିନଥିବା କିଲ୍ଲାର ପାଞ୍ଚୋଟି ଦରୱାଜା । ସେଇ ଦରୱାଜା ଆଉ ନିଅଁରୁ ମହଲର ଭବ୍ୟତା ଯାହା ଅନୁମାନ କରିବା କଥା । ସ୍ଥାନେ ସ୍ଥାନେ ଥିବା ଫଳକରୁ ଜଣାପଡ଼େ ବାଜିରାଓଙ୍କ ଦରବାର, ନୃତ୍ୟ ମହଲ, ପାଣିର ସଙ୍କଟରୁ ବଞ୍ଚିବା ପାଇଁ ଜଳାଶୟ, ବାଳକ ସବାଇ ମାଧବ ରାଓଙ୍କର ଖେଳିବା ପାଇଁ ହଜାରେ କରଞ୍ଜି ବା ୧୬ ପାଖୁଡ଼ା ବିଶିଷ୍ଟ ବିରାଟ କମଳ ଫୁଲର ଫାଉଣ୍ଟେନ୍ । ଏହି ପଦ୍ମର ପ୍ରତି ପାଖୁଡ଼ାର ୧୬ଟି ଲେଖାଏଁ କଣା ସହ ବାକି ସମୁଦାୟ  ହଜାରେ କଣାରୁ ଆଠ ଫୁଟ୍ ଯାଏଁ ଉଠି ତଳେ ପଡୁଥିବା ପାଣି । ଯାହା ସେ ସମୟରେ ଏକ ବିସ୍ମୟ ।

ଗଣପତି ଉତ୍ସବ ପାଳନ ପାଇଁ ବାଜିରାଓଙ୍କ ଦ୍ୱାରା ନିର୍ମିତ ଗଣପତି ରଙ୍ଗ ମହଲ ବା ଦିୱାନଖାନାର ନକାସି ଖୁବ୍ ସୁନ୍ଦର ଥିଲା । ଏହି ଐତିହାସିକ ମହଲ ଅନେକ ରାଜନୈତିକ, ସାମାଜିକ ଓ ସାଂସ୍କୃତିକ ଉତ୍ସବର ସାକ୍ଷୀ ଥିଲା । ଅନେକ ରାଜନୈତିକ, ସାମରିକ ଓ ବିଶିଷ୍ଟ ବ୍ୟକ୍ତିଙ୍କର ସମାଗମ ହେଉଥିଲା ଏଠି । ଏକା ସାଙ୍ଗରେ ଶହେ ନର୍ତ୍ତକୀ ନାଚି ଅତିଥିଙ୍କୁ ଆପ୍ୟାୟିତ କରି ପାରିଲା ପରି ବିରାଟ ହଲ୍ ମଧ୍ୟ ଥିଲା । ଏବେ ଦରବାର ନାମରେ ଖଣ୍ଡେ  ପଥରର ଫ୍ଲୋରିଙ୍ଗ୍ ଯାହା ଅଛି । ବଞ୍ଚିଥିବା ଅବଶେଷ ଭିତରୁ ପାଖରେ ଗଣେଶଙ୍କର ଛୋଟ ମାର୍ବଲ ମୂର୍ତ୍ତିଟିଏ ଖୋଲା ଆକାଶ ତଳେ ଇତିହାସର ମୂକସାକ୍ଷୀ ରୂପେ ଠିଆ ହେଇଛି । ପାଖରେ ଗଣେଶ ଦରୱାଜା । ସେଇ ଦରୱାଜା ଦେଇ ପ୍ରତିଦିନ ରାଣୀ କଷବା ଗଣପତି ମନ୍ଦିରକୁ ଦର୍ଶନ ପାଇଁ ଯାଉଥିବା କୁହାଯାଏ ।

ପୂର୍ବ ପଟକୁ ଗୋଟେ ଦରୱାଜା । ଯାହାକି ଖିଡ଼ିକି ଦରୱାଜା କୁହାଯାଏ । ଏଥିରେ ପବନ ଆସିବା ପାଇଁ ଛୋଟ ଛୋଟ ଖିଡ଼ିକିମାନ ଅଛି । ବାଜିରାଓଙ୍କର ସ୍ତ୍ରୀ ମସ୍ତାନୀଙ୍କର ଯିବା ଆସିବା ପାଇଁ ଦିଲ୍ଲୀ ଦରୱାଜା ପାଖରେ ଯେଉଁ ଦରୱାଜାଟି ଅଛି ତାକୁ ମସ୍ତାନୀ ଦରୱାଜା କୁହାଯାଏ । ଶେଷରେ ଦକ୍ଷିଣ ଦିଗକୁ ଅଛି ଜମ୍ଭୁଲ୍ ଦରୱାଜା । ଗଣିକାମାନଙ୍କର ଏହି ଦ୍ୱାର ଦେଇ ଯିବା ଆସିବା ଥିଲା । ନାରାୟଣ ରାଓଙ୍କର ମୃତ୍ୟୁ ପରେ ଏହି ଦରୱାଜାର ନାମ ନାରାୟଣ ଦରୱାଜା ରଖା ଯାଇଥିଲା ।

ମହଲର ଚାରିପଟେ ନଭଶ୍ଚୁମ୍ବୀ ବିରାଟ ପାଚେରୀର ଚାରିଫୁଟ ଦୂରତାର ଦୁଇଟି ଲେୟାର୍ । ସେଇ ଲେୟାର୍ର ଦୁଇ ପଟକୁ ଇଟାର କାନ୍ଥ ଦେଇ ବନ୍ଦ କରା ଯାଇଛି । ସମ୍ପୂର୍ଣ୍ଣ ମଝି ଜାଗା ଅମୁହାଁ ଘର ପରି । କିଛି କିଛି ଦୂରତାରେ ଛୋଟ ଛୋଟ କବାଟ । ଆଜିକାର ଓଭର୍ ବ୍ରିଜ୍ ତଳକୁ ଦି' ପଟୁ ବନ୍ଦ କରିଦେଲେ ଯେମିତି ଲାଗିବ ଠିକ୍ ସେମିତି । ସେହି ଛୋଟ ଛୋଟ ଘର ଗୁଡ଼ିକରେ ହୁଏତ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ବା ବନ୍ଦୀ କିମ୍ବା ମହଲର କର୍ମଚାରୀମାନଙ୍କୁ ରଖିବା ପାଇଁ ବ୍ୟବହାର କରାଯାଉଥିଲା । ପାଚେରୀ ଉପରକୁ ଯିବାକୁ ସବୁଦିଗରେ ପଥରର ମୋଟା ମୋଟା ତୀଖ ପାହାଚ । ଉପରେ ଚଢ଼ିଲେ ଉଭୟ କିଲ୍ଲାର



ଭିତର ପଟ ଓ ବାହାରପଟକୁ ଦେଖିହେବ । ପାଚେରୀ ଉପରେ ଶକ୍ତ ପଥରର ରାସ୍ତା । ପ୍ରତି କଣରେ ଆଉ ମଝିରେ ତୋପ ଚଳେଇବା ପାଇଁ ଅର୍ଦ୍ଧବୃତ୍ତାକାର ତୋପ ଟାୱାର୍ ଓ ଲୁଚି ରହି ଶତ୍ରୁ ଉପରକୁ ତୀର ଚାଳନ ପାଇଁ ରନ୍ଧ୍ରମାନ ଅଛି । ବସିବା ପାଇଁ ସ୍ଥାନେ ସ୍ଥାନେ ପଥର ମଧ୍ୟ ପଡ଼ିଛି । ସର୍ବମୋଟ ବାହ୍ୟ ଶତ୍ରୁ ଆକ୍ରମଣରୁ ରକ୍ଷା ପାଇଁ ମହଲରେ ସମସ୍ତ ବ୍ୟବସ୍ଥା କରାଯାଇଥିଲା । ହେଲେ ଅଭ୍ୟନ୍ତରୀଣ ଶତ୍ରୁ ?

ଆମେ ସ୍ୱାମୀ ସ୍ତ୍ରୀ ଉଭୟ ୱାଡ଼ା ଭିତରେ ଜଣେ ଅନ୍ୟ ଜଣଙ୍କର ଫଟୋ ଉଠାଇବାକୁ ଚେଷ୍ଟା କରିବା ବେଳେ ଜଣେ ମରାଠି ବେଶ ପୋଷାକରେ ଯୁବକଟିଏ ଆସି କହିଲା, "ମୋତେ କ୍ୟାମେରା ଦିଅ, ଦି' ଜଣ ଠିଆ ହୁଅ ମୁଁ ଉଠେଇ ଦେଉଛି ।" ମୁଣ୍ଡରେ ଅର୍ଦ୍ଧ ସୂର୍ଯ୍ୟର ତିଳକ (ମରାଠୀ ରାଜାମାନେ ଏମିତି ଚିତା କାଟୁଥିଲେ ଆଗରୁ) ଲମ୍ବା ବାଳ, ନିଶ, ଦାଢ଼ି । ସୁନ୍ଦର ଚେହେରାରେ ଲାଗୁଥିଲା ପୁରା ରାଜକୁମାର ପରି । ଆମକୁ ବିଭିନ୍ନ ଭଙ୍ଗୀରେ ଠିଆ କରାଇ ଉଠଇଲା ଆମର ଅନେକ ଫଟୋ । ଆଉ କହିଗଲା ଶନିୱାର୍ ୱାଡ଼ାର ଇତିହାସ ନିଜ ଇଚ୍ଛାରେ ।

ପେଶୱା ବାଜିରାଓ ମୁଖ୍ୟ ମହଲ ବନେଇଥିଲେ ମଧ୍ୟ ପରେ ଅନ୍ୟ ପେଶୱାମାନେ ଦରବାର ହଲ୍, ଫାଉଣ୍ଟେନ୍, ଜଳାଶୟ ଆଦି ତିଆରି କରିଥିଲେ । ବାଜିରାଓଙ୍କ ପରେ ତାଙ୍କ ପୁତ୍ର ନାନା ସାହେବ ଏକ ଚାଳିଶ ବର୍ଷ ଧରି ଶାସନ କଲେ । ଏହି ସମୟରେ ଶନିୱାର୍ ୱାଡ଼ାର ଦ୍ୟୁତି ଆକାଶ ଛୁଁଥିଲା । ନାନା ସାହେବଙ୍କର ପ୍ରଥମ ପୁତ୍ର ଯୁଦ୍ଧରେ ମୃତ୍ୟୁବରଣ କରିଥିବା ଯୋଗୁଁ ଦ୍ୱିତୀୟ ପୁତ୍ର ମାଧବ ରାଓ ୧ ଶାସନ ଭାର ସମ୍ଭାଳିଲେ । କିନ୍ତୁ ଆଭ୍ୟନ୍ତରୀଣ ଅସନ୍ତୋଷ ଯୋଗୁଁ ସେ ଶନିୱାର୍ ୱାଡ଼ା ପାଇଁ ବିଶେଷ କିଛି କାମ କରିନଥିଲେ । ପ୍ରଥମ ପାନିପଥ ଯୁଦ୍ଧରେ ତାଙ୍କ ମୃତ୍ୟୁ ପରେ ନାନାଙ୍କର ତୃତୀୟ ପୁତ୍ର ନାରାୟଣ ରାଓ ପେଶୱା ବନିଲେ । ନାରାୟଣ ରାଓଙ୍କ କକା ରଘୁନାଥ ରାଓ ଓ ତାଙ୍କ ପତ୍ନୀ ଆନନ୍ଦି ବାଈ କୁଚକ୍ରାନ୍ତ ଓ ବିଦ୍ରୋହ କରୁଥିବା ଯୋଗୁଁ ଶନିୱାର୍ ୱାଡ଼ା ଭିତରେ ଗୃହବନ୍ଦୀର ଜୀବନ ଯାପନ କରୁଥିଲେ । ରାଘବା ଦାଦା (ରଘୁନାଥ ରାଓ) ତାଙ୍କର ବିଶ୍ୱସ୍ତ ସମ୍‌ସେର୍ ସିଂ ଗାରଡିକୁ ତାଙ୍କୁ ମୁକ୍ତ କରିବା ପାଇଁ ଚିଠି ଲେଖିଥିଲେ । ଚିଠିରେ ଧ ଅକ୍ଷରକୁ ତାଙ୍କ ପତ୍ନୀ ଆନନ୍ଦି ବାଈଇ ବଦଳେଇ ମ କରି (ଧର କୁମାର) କରି ଦେଇଥିଲେ । ଯାହାଦ୍ୱାରା ଶବ୍ଦର ଅର୍ଥ ବଦଳିଗଲା । ୧୭୭୩ ମସିହାରେ ଗଣେଶ ଉତ୍ସବ ସମୟରେ ସମ୍‌ସେର୍ ସିଂ ବିପୁଳ ସୈନ୍ୟ ସହ ଶନିୱାର୍ ୱାଡ଼ା ଭିତରେ, "କାକା ମୋତେ ବଞ୍ଚାଅ, କାକା ମେତେ ବଞ୍ଚାଅ" କହି ଦୌଡୁଥିଲେ । ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ଏବେ ବି ପୂର୍ଣ୍ଣମୀ ରାତିରେ ନାରାୟଣ ରାଓଙ୍କର "କାକା ମଲା ବାବାବା" ବିକଳ କ୍ରନ୍ଦନ ଶନିୱାର୍ ୱାଡ଼ା ଭିତରେ ଶୁଣାଯାଏ । ଭାରତର ପ୍ରମୁଖ ଲୋକପ୍ରିୟ ଭୂତକୋଠି ମଧ୍ୟରୁ ଏହା ଅନ୍ୟତମ । ସତ କହିବାକୁ ଗଲେ ଏହାପରେ ଶନିୱାର୍ ୱାଡ଼ା ପତନୋନ୍ମୁଖୀ ହେଲା । ନାରାୟଣ ରାଓ ଶବକୁ ଅଧରାତିରେ ଜମ୍ଭୁଲ ଦରୱାଜା ଦେଇ ନେଇ ସମ୍‌ସେର୍ ସିଂ ନଦୀ କୂଳରେ ସଂସ୍କାର କରିଦେଲା । ସେବେଠୁ ଏହି ଦରୱାଜାର ନାଁ ନାରାୟଣ ଦରୱାଜା । ଏହି ଦରୱାଜା ପାଖରେ ଠିଆ ହେଲେ ମନ ବିଷାଦରେ ଭରିଯାଏ । ଲୋକଙ୍କର ବିଶ୍ୱାସଘାତକତା, କ୍ଷମତାର ଲୋଭ ଉପରେ ଘୃଣା ଆସେ । ନାରାୟଣ ରାଓଙ୍କ ପରେ ତାଙ୍କ ପୁତ୍ର ମାଧବ ରାଓ ପେଶୱା ବନିଲେ । କିନ୍ତୁ ସେ ଶାରୀରିକ ଓ ମାନସିକ ରୂପରେ ଅସୁସ୍ଥ ଥିଲେ । ଦିନେ ପିଲାଙ୍କ ଖେଳିବା ପାଇଁ ବନିଥିବା ହଜାରେ କରଞ୍ଜି ଫାଓଟେନ ଭିତରେ ଅନୁମାନତଃ ଡେଇଁ ପଡ଼ି ଆଘାତପ୍ରାପ୍ତ ହେଇ ମାତ୍ର ୨୧ ବର୍ଷ ବୟସରେ ମୃତ୍ୟୁ ବରଣ କରିଥିଲେ । ବାପ ପୁଅଙ୍କର ହତ୍ୟା ଓ ଆତ୍ମହତ୍ୟାର ସାକ୍ଷୀ ଏ ମହଲ ।

ମାଧବ ରାଓଙ୍କର ମୃତ୍ୟୁ ପରେ ରଘୋବା ଦାଦାଙ୍କର ପୁତ୍ର ବାଜିରାଓ ଦ୍ୱିତୀୟ ୱାଡ଼ାର ଅଧିପତି ବନିଲେ । ବାଜିରାଓ ପ୍ରଥମଙ୍କ ନାମ ଅନୁସାରେ ରଘୋବା ଦାଦା ତାଙ୍କର ପୁତ୍ରର ନାମ ବାଜିରାଓ ରଖିଥିଲେ । କିନ୍ତୁ ମୂର୍ଖର ନାମ ପ୍ରଜ୍ଞାନ, ମୂକର ନାମ ସୁଭାଷିନୀ, ଅନ୍ଧର ନାମ ପଦ୍ମଲୋଚନ ପରି ସେ ଖାଲି ନାମକୁ ମାତ୍ର ବାଜିରାଓଙ୍କ ନାମ ବହନ କରିଥିଲେ । ବାଜିରାଓ ମୋଗଲ୍‌ମାନଙ୍କୁ ହରାଇ ଦିଲ୍ଲୀ ଜିତିବାର ସ୍ୱପ୍ନ ଦେଖୁଥିବା ବେଳେ ସେ ଇଂରେଜମାନଙ୍କ ସହ ହାତ ମିଳେଇଲେ । ପରୋକ୍ଷରେ ଇଂରେଜମାନେ ହିଁ ଶାସନ କରୁଥିଲେ । ଶେଷରେ ୧୮୧୮ ମସିହାରେ ଇଂରେଜମାନେ ଯୁଦ୍ଧରେ ତାଙ୍କୁ ହରାଇ କାନପୁର ନିକଟସ୍ଥ ବିଥୋର ଜେଲ୍‌ରେ ଯୁଦ୍ଧବନ୍ଦୀ ଭାବରେ ରଖି ଶନିୱାର୍ ୱାଡ଼ା ଉପରେ ଆଧିପତ୍ୟ ବିସ୍ତାର କଲେ । କିନ୍ତୁ ଶନିୱାର୍ ୱାଡ଼ା ଉପରେ ଇଷ୍ଟ୍ ଇଣ୍ଡିଆ କୋମ୍ପାନିର ଝଣ୍ଡା ଉଡ଼ିଲା । ପେଶୱା ଶାସନର ଅନ୍ତ ହେଲା । କିନ୍ତୁ ଶନିୱାର୍ ୱାଡ଼ାର ଭବ୍ୟତାକୁ ଇଂରେଜମାନେ ବେଶି ଦିନ ଭୋଗି ପାରିଲେନି । ଠିକ ଦଶ ବର୍ଷ ପରେ ୧୮୨୮ ମସିହାରେ ଭୀଷଣ ଅଜଣା ଅଗ୍ନିକାଣ୍ଡ ଶନିୱାର୍ ୱାଡ଼ାକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିଦେଲା ।

ହତ୍ୟା, ଆତ୍ମହତ୍ୟା, ଅଗ୍ନି, ଅତୃପ୍ତ ଆତ୍ମାର ମହଲ, ଭୂତକୋଠି ଆଦି ନକାରାତ୍ମକ କାହାଣୀ ଯୋଗୁ ଶନିୱାର୍ ୱାଡ଼ା ଭାରତର ପର୍ଯ୍ୟଟନ ସ୍ଥଳ ତାଲିକାରେ ବହୁତ ପଛରେ । ୨୦୧୫ ମସିହାରେ 'ବାଜିରାଓ ମସ୍ତାନୀ' ହିନ୍ଦୀ ଫିଲ୍ମ ସୁଟିଙ୍ଗ୍ ପରେ ଏହା ପୁଣିଥରେ ଲୋକପ୍ରିୟ ହେଲା । ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏଁ ଶନିୱାର୍ ୱାଡ଼ା ଦର୍ଶକଙ୍କ ପାଇଁ ଖୋଲା ଥାଏ । ପୁଣେ ସହର ଭିତରେ ଥିବାରୁ ଏଠିକୁ ଯିବା ପାଇଁ କୌଣସି ଅସୁବିଧା ନାହିଁ । ୱାଡ଼ା ପାଖରେ ବହୁ ପ୍ରାଚୀନ କଷବା ଗଣପତି ମନ୍ଦିର, ଦଗଡୁ ସେଠ୍ ନାମକ ଜଣେ ଧନାଢ଼୍ୟ ବ୍ୟବସାୟୀଙ୍କ ଦ୍ୱାରା ନିର୍ମିତ ଭବ୍ୟ ଗଣପତି ମନ୍ଦିର, ମହାନ ସମ୍ରାଟ ଛତ୍ରପତି ଶିବାଜୀ ତାଙ୍କ ମାତା ଜିଜାବାଈଙ୍କ ସହ ବାଲ୍ୟାବସ୍ଥା ବିତେଇଥିବା ଲାଲ୍ ମହଲ, ଆଦି ମଧ୍ୟ ବୁଲି ଦେଖି ହେବ । ୱାଡ଼ା ଓ ତା ଆଖପାଖ ବୁଲି ଦେଖିବା ପାଇଁ ଗୋଟିଏ ଦିନ ଯଥେଷ୍ଟ ।

ମୁଦ୍ରା

# ବିଖ୍ୟାତ ଚିତ୍ରଶିଳ୍ପୀ ବଳଦେବ ମହାରଥା

## ରେବତୀ ପାଇଁ ସତନ୍ତ୍ର ମୁଦ୍ରାରେ

ଫଟୋଗ୍ରାଫି : ଆଦିତ୍ୟ ରାଉତ

ଶୁଭେଚ୍ଛା ସହ...





# ପରିକ୍ରମା ଶେଷେ

# ଇଂ. ପ୍ରଶାନ୍ତ କୁମାର ଦତ୍ତ

ପୂର୍ବତନ ସହକାରୀ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ. ରାସ୍ତା ଓ ଗୃହ,
'ଶେଫାଳୀ', ୬- ନଳମଗଂଜ, ମୋତିଗଂଜ, ବାଲେଶ୍ୱର-୭୫୬୦୦୩
ଫୋନ : ୯୪୩୭୧୯୧୬୮୭




ଅଳଂକରଣ ଓ ଦୃଶ୍ୟାୟନ : ସଂଜୟ ଭଟ୍ଟ
ରୂପାୟନ : କେଶବ ମଲ୍ଲିକ ଓ କମଲ୍ ରାଜା

ମଳୟକୁମାର ତାର ଲେଖା ଖାତାଟା ଖୋଲି ଡଟ୍-ପେନ୍‌ର ପଛପଟ ଚିପିଲା । ରାତି ଦଶଟା । ଏତିକି ବେଳେ ମୋବାଇଲ୍ ରିଙ୍ଗ୍ ହେଲା । ମଳୟକୁମାର ଜଣେ ଗାଳ୍ପିକ ।

ମଳୟକୁମାର ତାର ଲେଖା ଆରମ୍ଭ କରେ ରାତି ଦଶଟା ପରେ, ଭୋର୍ ପର୍ଯ୍ୟନ୍ତ ଲେଖେ । ସାଧାରଣତଃ ଗୋଟିଏ ସିଟିଂରେ ତାର ଲେଖା ଶେଷ କରେ । ଦିନ ଦଶଟା ପର୍ଯ୍ୟନ୍ତ ଶୋଇଥାଏ । ସାଢ଼େ ଦଶଟାରେ ଆଲାର୍ମ ବାଜିଲେ ଭିଡ଼ି ମୋଡ଼ି ହୋଇ ଉଠି ଅଦାନ୍ତଘଷା ପେଷ୍ଟଟା ଗଳେଇ ମୋଟର୍ ସାଇକେଲ୍‌ରେ କିକ୍ ମାରେ ।

ଆଜି ମୋବାଇଲ୍ ସୁଇଚ୍ ଅଫ୍ କରିବାରେ ପାଞ୍ଚମିନିଟ୍ ଡେରି ହେବାରୁ ମୋବାଇଲ୍ ରିଙ୍ଗ୍ ହେଲା । ବିରକ୍ତ ମୁହଁରେ ମଳୟକୁମାର ଫୋନ୍ ଧରିଲା । ସେପଟୁ ଶୁଭିଲା, "ହାଲୋ, ମଳୟକୁମାର କହୁଛନ୍ତି !" ଗମ୍ଭୀର ଗଳା । ଜଣେ ବୟସ୍କ ବ୍ୟକ୍ତି ବୋଧହୁଏ ।

- କହୁଚି । ଉତ୍ତର ଦେଲା ମଳୟକୁମାର ।

- ଆପଣଙ୍କର 'ପର୍ବତ ଉପରେ ଛିଡ଼ା ହୋଇଥିବା ଲୋକ' ନାମକ ଗଳ୍ପଟି ପଢ଼ିଲି । ବହୁତ ଭଲ ଲାଗିଲା ।

- ସେଇଟା ତ ଦୁଇବର୍ଷ ତଳେ 'ଝଙ୍କାର'ରେ ବାହାରିଥିଲା । କିଞ୍ଚିତ୍ ବିସ୍ମିତ ହେଲା ମଳୟକୁମାର ।

- ହଁ ହଁ । ଠିକ୍ । ତେବେ କଥା ହେଲା ମୁଁ ଗପ ପଢ଼େନି ।

ମଳୟକୁମାର ବିରକ୍ତ ହେଲା । ଯେ କେମିତିକା କଥା ? ଯିଏ ମୋଟେ ଗପ ପଢ଼େନି, ସେ କେମିତି ରାତି ଅଧରେ ଫୋନ୍ କରି କହୁଚି ଗପଟା ଭଲ ଲାଗିଲା ?

ମଳୟକୁମାର ନୂଆ ନୂଆ ଗଳ୍ପ ଲେଖି ଅଳ୍ପଦିନରେ ତରୁଣ ଗୋଷ୍ଠୀରେ ନାମ୍ କମେଇଛି । ତାର ଇଗୋରେ ଆଘାତ ଲାଗିଲା । କହିଲା, "ଆପଣ ତ ଗଳ୍ପ ମୋଟେ ପଢ଼ନ୍ତି ନାହିଁ । ତେବେ ଏ ଗଳ୍ପ ପଢ଼ିଲେ କେମିତି ? ପୁଣି ଦି ବର୍ଷର ପୁରୁଣା ଗଳ୍ପ !"

ସେପଟରୁ କୁଣ୍ଠିତ ସ୍ୱରରେ ଉତ୍ତର ଆସିଲା, "ମୋ ନାତି ଆପଣଙ୍କ ଗଳ୍ପର ଜଣେ ବିଦଗ୍ଧ ପ୍ରଶଂସକ । ସେ ମତେ କିଛିଦିନ ତଳେ ଆପଣଙ୍କର ସେଇ କ୍ଷୁଦ୍ରଗଳ୍ପଟି ପଢ଼ିବାକୁ ଦେଇଥିଲା ।"

- ଆପଣ ମୋ ଫୋନ୍ ନମ୍ବର କୋଉଠୁ ପାଇଲେ ।

- ସେ ବହୁତ କଥା ।

ମଳୟର ଜିଦ୍ ବଢ଼ିଲା, କହିଲା, "ହଉପଛେ ବହୁତ କଥା, ଆପଣ କୁହନ୍ତୁ ।"

ସେପଟୁ ବିନୀତ କିଛି ଶୁଭିଲା, "ମୋ ନାତି ଆପଣଙ୍କର ସବୁ ବହି ରଖିଛି । ପନ୍ଦର ଦିନ ତଳେ ଆପଣଙ୍କ ଲେଖା କେତୋଟି ବହି ମତେ ପଢ଼ିବାକୁ ଦେଇଥିଲା । ମୁଁ ସବୁ ଗୁଡ଼ିକର ପଢ଼ା ଶେଷ କରିଛି ।"

### କାହାଣୀ ପଛର କାହାଣୀ

ଯାଜପୁର ହାଇସ୍କୁଲ୍‌ରେ ମୁଁ ପାଠ ପଢୁଥିବା ବେଳେ ମୋର ଅଙ୍କ ଶିକ୍ଷକ ଥିଲେ ବଲ୍ଲଭ ସାର୍ । ଥରେ ଅଙ୍କ ପରୀକ୍ଷାରେ ମୁଁ ଗୋଟିଏ ଅଙ୍କ ଭୁଲ୍ କରିଥିଲି । ଯେହେତୁ ମୁଁ ତାଙ୍କର ପ୍ରିୟ ଛାତ୍ର ଥିଲି, ତେଣୁ ମୋର ଗୋଟିଏ ଭୁଲ୍‌କୁ ମଧ୍ୟ ସେ ସହ୍ୟ କରିପାରି ନଥିଲେ । କହିଥିଲେ, "ତୋ ଦ୍ୱାରା ଜୀବନରେ କିଛି ହୋଇପାରିବ ନାହିଁ ।" କଥାଟି ହୁଏତ ସେ ମୋ ପ୍ରତି ଅହେତୁକ ଶ୍ରଦ୍ଧା ବଶତଃ କହିଥିଲେ । ମାତ୍ର ସେ ସମୟରେ ତାହା ମୋତେ ଗଭୀର ଭାବରେ କଷ୍ଟ ଦେଇଥିଲା । ଅଙ୍କ ସାର୍‌ଙ୍କର ଏଇ ଗୋଟିଏ ଧାଡ଼ି ହିଁ ମୋ ଜୀବନକୁ ସୁଧାରି ଦେଲା । ତା' ପରଠୁ ମୁଁ ସବୁବେଳେ ଚେଷ୍ଟା କରିଛି ଜୀବନରେ କିଛି କରିବି । ପରେ ଯନ୍ତ୍ରୀ ହେଲି । ହେଲି ମଧ୍ୟ ଲେଖକ । ଆଜି ସେଇ ସାର୍ ସ୍ୱର୍ଗରେ ଥାଇ ମୋତେ ଆଶୀର୍ବାଦ କରୁଥିବେ । କିନ୍ତୁ ଆଜି ଏଇ ଯେଉଁ ଗପଟି ମୁଁ ଲେଖିପାରିଲି ତାହା ସେ ବଞ୍ଚିଥିଲେ ଦେଖି ବହୁତ ଖୁସି ହୋଇଥାନ୍ତେ । ଏ ଗପ ସେଇ ଅଙ୍କ ସାର୍‌ଙ୍କ ପାଇଁ ହିଁ ନିବେଦିତ ।




ମଳୟକୁମାର ଖୁସି ହେଲା । ତାର ପୂର୍ବର ବିରକ୍ତି ଭାବ ରହିଲା ନାହିଁ ।

ସେପଟୁ ଶୁଭିଲା, "ଆମ ଘର ପାଖରୁ ଅଳ୍ପ ଦୂରରେ ଲୀଳାକୁମାରୀ ଉଚ୍ଚ ବିଦ୍ୟାଳୟ । ପ୍ରଧାନ ଶିକ୍ଷକଙ୍କ ସହ ମୋର ବଂଧୁତା ଅଛି । ସେ ହିଁ କହିଲେ, ତାଙ୍କର ସାହିତ୍ୟ ସାର୍ ମଳୟକୁମାର ଓ ଲେଖକ ମଳୟକୁମାର ଏକ ଓ ଅଭିନ୍ନ । ତାଙ୍କ ଠାରୁ ଆପଣଙ୍କର ମୋବାଇଲ୍ ନମ୍ବର ପାଇ ଫୋନ୍ କରିଛି ।"

– ହେଲେ ଆଜ୍ଞା, ଆପଣଙ୍କୁ ତ ମୁଁ ଚିହ୍ନି ପାରିଲି ନାହିଁ !

– ଚିହ୍ନି ନପାରିଲେ ଭଲ । କାରଣ ଚିହ୍ନିବା ସ୍ମୃତି ବେଦନାଦାୟକ, ଦିନେ ଅପଦାର୍ଥ ବୋଲି ଯାହାକୁ ବେତ ପାହାର ଦେଇଥିଲି, ସେ ଯେ କେତେବଡ଼ ଲେଖକ ହୋଇପାରିଲା, ସେଇ ସ୍ମୃତି ଏବେ ଭାରି ବେଦନା ଦିଏ ।

ଚମକି ପଡ଼ିଲା ମଳୟକୁମାର । ଯେ ଭଦ୍ରଲୋକ ତା' ସ୍କୁଲ୍ ଜୀବନରେ ଅଂକ ପଢ଼ାଉଥିବା ଲିଙ୍ଗରାଜ୍ ସାର୍ ନୁହନ୍ତି ତ ?

ଥରେ ଲିଙ୍ଗରାଜ ସାର୍ ଗୋଟିଏ ଅଂକ ପିରିଅଡ୍‌ର ଅଧାରେ ୩ଟି ଅଂକ କରିବାକୁ ଓ ବାକି ଅଧା ପିରିଅଡ଼ରେ ଖାତା ଦେଖିବାର ବ୍ୟବସ୍ଥା କଲେ । ଖାତାଦେଖାରେ ଗୋଟିଏ ମାତ୍ର ପିଲା 'ଶୂନ୍' ପାଇଥିଲା – ସେଇଟା ଥିଲା ମଳୟକୁମାରର ଖାତା । ତିନୋଟି ଯାକ ଅଂକ ଭୁଲ୍ ଥିବାରୁ ଅଂକ ପିଛା ତିନିପାହାର ହିସାବରେ ନ' ପାହାର ବେତମାଡ଼ ଦି' ହାତ ପାପୁଲିରେ ମରା ହୋଇଥିଲା । ହାତ ଲାଲ ପଡ଼ି ଯାଇଥିଲା । ରାତିରେ ଖାଇ ନପାରିବାରୁ ବାପାଙ୍କ କାନକୁ କଥା ଗଲା ।

ପରଦିନ ବାପା ତା ସାଙ୍ଗରେ ସ୍କୁଲ୍‌କୁ ଆସି ହେଡ୍‌ମାଷ୍ଟରଙ୍କ ପାଖରେ ପୁଅର ଦି'ହାତ ଦେଖାଇଲେ । ହେଡ଼ମାଷ୍ଟର ହାତ ପାପୁଲି ଦୁଇଟି ଦେଖି ମୁଖ ଗମ୍ଭୀର କଲେ ।

ସପ୍ତାହକ ଭିତରେ ପରିସ୍ଥିତି ବଦଳି ଯାଇଥିଲା । ଲିଙ୍ଗରାଜ ସାର୍ ଅନ୍ୟ ସ୍କୁଲ୍‌କୁ ବଦଳି ହୋଇଗଲେ । ବାପା ସେଠୁ ତା ନାଁ କଟାଇ ଜିଲ୍ଲା ସ୍କୁଲ୍‌ରେ ନାଁ ଲେଖାଇଲେ ।

ଯା' ଭିତରେ ନଈପାଣି ବହୁ ଦୂର ବୋହି ଗଲାଣି । ଲିଙ୍ଗରାଜ ସାର୍ ଅବସର ନେଲେଣି । ମଳୟକୁମାର ପି.ଜି. ପରେ ଶିକ୍ଷକତା ଚାକିରିକୁ ବୃତ୍ତି କରି ନେଇଛି । ଏବେ ତରୁଣ ମହଲରେ ତା ନାଁ ଡାକ । ସହରର ସାହିତ୍ୟ ସଭାରେ ମଞ୍ଚ ଅଳଂକୃତ କରିବାକୁ ଡାକରା ଆସୁଛି । ପ୍ରକାଶକମାନେ ତାକୁ ଫୋନ୍ କରୁଛନ୍ତି ।

ଦ୍ୱିଧାଗ୍ରସ୍ତ ମଳୟକୁମାର ଉତ୍ତର ଦେଲା, "ସାର୍ ! ମୁଁ ଆପଣଙ୍କର ସେଇ ଅପଦାର୍ଥ

ମଳୟକୁମାର..."

ସେପଟରୁ ଭାରି ସ୍ୱର ଶୁଭିଲା, "ତା' ହେଲେ ମୋର ଅନୁମାନ ସତ । ଶିକ୍ଷକତା କାଳରେ ଅଂକ ଛଡ଼ା ଆଉ କିଛି ବୁଝିନି । ଅଂକ ବ୍ୟତୀତ ଯେ ଜୀବନରେ ଆଉ କିଛି ଥାଇପାରେ ସେ ବିଷୟରେ କିଛି ଧାରଣା ନଥିଲା । ଅଂକ ପଢ଼ାଇବା, ଅଂକ ଖାତା ଦେଖିବା, ନୂଆ ନୂଆ ଅଂକ ପ୍ରଶ୍ନ ତିଆର କରି କ୍ଲାସ୍ ନେବା.... ବିନା ପାରିଶ୍ରମିକରେ ଅଂକରେ କୋଚିଂ ଦେବା... ଏଇଥିରେ ଜୀବନଟା ବିତିଗଲା... । ଅଂକ ଭୁଲ୍ ହେଲେ ମୁଁ କେବେ ମାଫ୍ କରିନି .... କାରଣ ମୋର ଧାରଣା ଥିଲା ଅଂକ ସଠିକ୍ ଭାବେ ନ କରି ପାରିଲେ ସେ ଭବିଷ୍ୟତରେ ଜଣେ ଅପଦାର୍ଥ ହୋଇଯିବ... । ଆଜି ତୁମକୁ ଦେଖି ନଥିଲେ ମଧ୍ୟ ତୁମ ବହି ପଢ଼ି ଏବେ ଭାବୁଛି, ମୁଁ କେଡ଼େ ବଡ଼ ଭୁଲ୍ କରିଛି ।" ସେପଟ ସ୍ୱରରେ ଅନୁତାପର ଆଭାସ ଶୁଭୁଥିଲା ।

– ଆପଣ ସେମିତି କାହିଁକି ଭାବୁଛନ୍ତି ସାର୍ ! ଆପଣ ଆମକୁ ମଣିଷ କରିଛନ୍ତି... ବେତ ପାହାର ଖାଇ ଆମେ ତ ଅମଣିଷ ହୋଇନୁ ... ।

ସେପଟର ସ୍ୱର ଶୁଭିଲା, "ଅଙ୍କ ବାହାରେ ଯେ ଗୋଟିଏ ପୃଥିବୀ ଅଛି, ସେ ବିଷୟରେ ମୋର ଧାରଣା ନଥିଲା । ସେଇଟା ହେଉଛି ସାହିତ୍ୟର ପୃଥିବୀ । ଏକ ସୁନ୍ଦର, ଛବିଳ, ବର୍ଣ୍ଣାଢ଼୍ୟ ପୃଥିବୀ । ତୁମ ଲେଖା ଗଳ୍ପ ପୁସ୍ତକ ପଢ଼ିବା ପରେ ଏଇ ପରିଣତ ବୟସରେ ମୋର ପୃଥିବୀ ସଂପର୍କରେ ଧାରଣା ବଦଳିଛି । ନୂଆକରି ପୃଥିବୀକୁ ଚିହ୍ନୁଚି । ସାହିତ୍ୟର ପୃଥିବୀକୁ । ଏବେ ବୁଝି ପାରୁଚି ମୋ ଜ୍ଞାନର ପରିସୀମା କେତେ କ୍ଷୁଦ୍ର ଥିଲା । ତୁମ ମାନଙ୍କର କେଉଁ ବିଷୟରେ ଆଗ୍ରହ ସେ କଥା ନ ପରଖି କେବଳ ଅଂକ ଉପରେ ଅଗ୍ରାଧିକାର ଦେଇ ମୁଁ ଭୁଲ୍ କରିଛି । ଏବେ ପରିଣତ ବୟସରେ ଏ କଥା ମୁଁ ନିର୍ବିକାର ଭାବରେ ସ୍ୱୀକାର କରୁଛି ।

ତୁମ ଅଂକ ଖାତାରେ ଶୂନ୍ୟ ଦେବା ପରେ ଖାତା ଦେଖାଇଛି ଅନ୍ୟ ପିଲାଙ୍କୁ... ତୁମକୁ ଉପହାସର ପାତ୍ର କରିଥିଲି .... ମୋର ସେଇ ଅହଂକାର ଆଜି ମତେ ନିଜକୁ ଅପଦାର୍ଥ ବୋଲି ପ୍ରତିପନ୍ନ କରିଛି ।" ସେପଟର କଣ୍ଠସ୍ୱର କୋହଭରା ଥିଲା ।

ବ୍ୟସ୍ତ ହୋଇ ପଡ଼ିଲା ମଳୟକୁମାର । କହିଲା, "ଆପଣ ଅପଦାର୍ଥ ନୁହନ୍ତି । ଆମ ଭଳି ଅପଦାର୍ଥମାନେ ଆପଣଙ୍କ ହାତରେ ମଣିଷ ହୋଇ ବାହାରିଛନ୍ତି । ବୋର୍ଡ଼ ପରୀକ୍ଷାରେ ଅଂକରେ ଭଲ ନମ୍ବର ରଖିଛନ୍ତି । ଏଣୁ ଆମେ ହିଁ ଅପଦାର୍ଥ ଥିଲୁ ।"

ସେପଟର କଣ୍ଠସ୍ୱର ଚୁପ୍ ଥିଲା । ମଳୟକୁମାର କହି ଚାଲିଥିଲା, "ସେଦିନ ଆମେ ଅପଦାର୍ଥ ଥିଲୁ, ଆପଣ ଏଇ ଅପଦାର୍ଥମାନଙ୍କୁ ଅଙ୍କ ବୁଝାଇବାକୁ ପ୍ରାଣପଣେ ଚେଷ୍ଟା କରିଥିଲେ, କିଛି ସଫଳ ମଧ୍ୟ ହୋଇଥିଲେ, ସେତେବେଳେ ଅଂକ ଛଡ଼ା କିଛି ବୁଝୁ ନଥିବା ଆପଣ ଏ ପରିଣତ ବୟସରେ ସାହିତ୍ୟକୁ ବୁଝିଲେ, ଭଲ ପାଇଲେ ଏବଂ ରାତିଅଧରେ ମତେ ଫୋନ୍ କଲେ... ଏଇ ଅପଦାର୍ଥ ପାଇଁ ଆପଣଙ୍କ ହୃଦୟରେ ଟିକିଏ ଜାଗା ଥିଲା ନିଶ୍ଚୟ ଆଜିଯାଏ.... ନ ହେଲେ ଆପଣ କାହିଁକି ଏତେ ରାତିରେ ଫୋନ୍ କରନ୍ତେ ! ଏହା ହିଁ ମୋ ପାଇଁ ଶ୍ରେଷ୍ଠ ପୁରସ୍କାର ।"



ବହୁ ସମୟ ଧରି ଉଭୟ ପକ୍ଷ ନୀରବ ରହିଲେ । ନୀରବତା ଭାଙ୍ଗି ଲିଙ୍ଗରାଜ କହିଲେ, "କିଛି ମନେ ନକଲେ ଗୋଟାଏ ଅନୁରୋଧ କରିଥାଆନ୍ତି...."

– ନିଶ୍ଚୟ ସାର୍ ! ଅନୁରୋଧ ନୁହେଁ, ମତେ ଆଦେଶ କରନ୍ତୁ ।

– ମୋର ବୟସ ହୋଇ ଗଲାଣି । କେତେବେଳେ କଣ ହେବ କିଛି ଠିକ୍ ଠିକଣା ନାହିଁ । ଯିବା ଆଗରୁ ତୋତେ ଥରେ ଦେଖିବାକୁ ଇଚ୍ଛା ହଉଚି । ଲିଙ୍ଗରାଜ୍ ସାର୍ କେତେବେଳେ 'ତୁମେ'ରୁ 'ତୁ' କୁ ଓହ୍ଲାଇ ଆସିଥିଲେ ।

ନିଜକୁ ଆଉ ଆୟତ୍ତରେ ରଖି ପାରିଲା ନାହିଁ ମଳୟକୁମାର । ଦୁଇ ଚକ୍ଷୁରୁ ଲୋତକର ଧାରା ଗଣ୍ଡ ଦେଶ ଦେଇ ପ୍ରବାହିତ ହେଲା । ଉତ୍ତର ଦେଲା, "ନିଶ୍ଚୟ ସାର୍ । ମୁଁ କାଲି ସକାଳେ ଆପଣଙ୍କ ପାଖକୁ ଯାଉଛି । ଆପଣ ଶୋଇ ପଡ଼ନ୍ତୁ ସାର୍ ।"


ଜୀବନର ସର୍ବୋଚ୍ଚ ସମ୍ମାନ ପ୍ରାପ୍ତି ପରେ ବୋଧହୁଏ ମୁଖରୁ ଭାଷାର ସ୍ଫୁରଣ ହୁଏ ନାହିଁ ।

ନୀରବତା ମଧ୍ୟରେ ବହିଥିବା ଅଶ୍ରୁ ଧାରା ହିଁ ବୋଧହୁଏ ଜୀବନର ଶ୍ରେଷ୍ଠ ପୁରସ୍କାର ।

# ରାଜନୀତିର ରେଖାଚିତ୍ର

ଓଡ଼ିଶାକୁ ନେଇ ଓଡ଼ିଆ ? ନା ଓଡ଼ିଆଙ୍କୁ ନେଇ ଓଡ଼ିଶା ? କାହାର ଓଡ଼ିଶା ? କେବେଠୁ ଓଡ଼ିଶା ? ଝର୍କା ଖୋଲି ପଛକୁ ଚାହିଁଲେ ଆଖି ପାଏନି । କାଇଁ କେତେ ହଜାର ବର୍ଷ ତଳର ଇତିହାସ । ଆମେ ଆମ ଗୌରବୋଜ୍ଜ୍ୱଳ ଇତିହାସକୁ ନେଇ ଗର୍ବ କରୁଛୁ, ଛାତି ଫୁଲଉଛୁ, ଇତିହାସ ଉପରେ ଆଉଜି ଦମ୍ଭର ସହ ଠିଆ ହଉଛୁ; ଅଥଚ କେବେ ଆମେ ନିରେଖି ଦେଖିଛୁ କି ଆମ ଅତୀତକୁ, ଓଲଟେଇଛୁ କି ତା'ର ଅନାଲୋଚିତ ଅଧ୍ୟାୟମାନଙ୍କୁ । ଇତିହାସ, ଯାହା କେବଳ ରାଜା-ରାଜୁଡ଼ାଙ୍କ କୀର୍ତ୍ତିକଳାପ ନୁହେଁ କି, ବିଜୟ-ପରାଜୟର ଦସ୍ତାବିଜ୍ ନୁହେଁ । ଇତିହାସ ଯାହା ଲୋକମାନଙ୍କର, ଲୋକମାନଙ୍କୁ ନେଇ; ନିଜର ପରିଚୟ ଓ ଅସ୍ତିତ୍ୱ ପାଇଁ ମାଟି-ମଣିଷମାନଙ୍କ ସଂଗ୍ରାମ ଓ ସଂଘର୍ଷର କାହାଣୀ । ସମୟ ଆସିଛି ପଛକୁ ଫେରି ଚାହିଁବାର । ସାଉଁଟିବାକୁ ସେଇ ଅପାସୋରା ଚରିତ୍ରମାନଙ୍କୁ ଯେଉଁମାନେ ନିଜର ସର୍ବସ୍ୱ ଜଳାଞ୍ଜଳି ଦେଇ ଗଢ଼ିଛନ୍ତି ଆମ ଜାତିକୁ, କାନ୍ଧରେ ବୋହିଛନ୍ତି ତା'ର ପରିଚୟକୁ । କଥାକାର ଓ ସ୍ତମ୍ଭକାର ନେତାଜୀ ଅଭିନନ୍ଦନଙ୍କ 'ରାଜନୀତିର ଓଡ଼ିଶା' ଏକ ଅଭିନବ ପ୍ରୟାସ ଲୋକଙ୍କୁ କେନ୍ଦ୍ରରେ ରଖି ଅତୀତ ଓଡ଼ିଶାର ସମାଜ-ସଂସ୍କୃତି-ରାଜନୀତିର ଗତିପଥ ନିର୍ଣ୍ଣିତ କରିବା ଦିଗରେ । ସୁଦୀର୍ଘ ଇତିହାସର ଯାତ୍ରାପଥରେ ଅନନ୍ତ କାଳଧରି ବାଟ ଚାଲୁଥିବା ଓଡ଼ିଆ ଓ ଓଡ଼ିଶାକୁ ନେଇ ଏ ଅନ୍ତରଙ୍ଗ ଲୋକ-ଗାଥା ଧାରାବାହିକ ଭାବେ ପରଷି ଦେଉଛୁ ।





॥ ଭାଗ-୧୦ ॥

# ସାତଶହ ଜମିଦାରଙ୍କ ମୁଣ୍ଡକାଟ




**ନେତାଜୀ ଅଭିନନ୍ଦନ**

ଆସିଷ୍ଟାଣ୍ଟ ପ୍ରଫେସର, ରାଜନୀତି ବିଜ୍ଞାନ ବିଭାଗ,
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ-୩
ଫୋନ୍ : ୯୦୪୦୦୦୩୧୨୩


ଫଟୋ ସୌଜନ୍ୟ : ଗୁଗୁଲ୍

କାଳିଆ ଶ୍ରୀମନ୍ଦିର ରତ୍ନ ସିଂହାସନ ଉପରେ ଚଉପଟ ମାରି ବସିଥିଲା । ଦୁଃଖ, କଷ୍ଟ, ଦାରିଦ୍ର୍ୟ, ଅସହାୟତା, ପରାଧୀନତା ଓ ଯାବତୀୟ ପ୍ରତିକୂଳତା ଭିତରେ ଓଡ଼ିଆଙ୍କ ପାଇଁ ଏକମାତ୍ର ଆଶ୍ୱାସନାର କାରଣ ଥିଲା ସେମାନଙ୍କ ପ୍ରାଣ ଠାରୁ ପ୍ରିୟ କାଳିଆ ଠାକୁର ସେମାନଙ୍କ ସହ ଥିଲା ।

ଅନ୍ତତଃପକ୍ଷେ ସେମାନେ ମନ ପୁରେଇ ତା'କୁ ଦେଖିପାରୁଥିଲେ ।

ନିଜର ସବୁ ଅଭାବ ଓ ଅସନ୍ତୋଷକୁ କାଳିଆ ଆଗରେ ଓଗାଳି ଦେଇ ନିଜକୁ 'ଶୂନ୍ୟ' କରିଦେଇ ପାରୁଥିଲେ । ନୀଳଚକ୍ର ଉପରେ ପତିତପାବନ ନେତ ଉଡୁଥିଲା ଫରଫର ହେଇ । କାଳିଆ, ଶ୍ରୀମନ୍ଦିର, ପତିତପାବନ, ନୀଳଚକ୍ର - ଏ ସବୁକୁ ନେଇ ଓଡ଼ିଆ ସଂଘର୍ଷ କରୁଥିଲା ନିଜ ପରିଚୟ ଓ ଅସ୍ତିତ୍ୱ ପାଇଁ । ପରାଧୀନତାର ଜ୍ୱାଳା ବହୁ ପରିମାଣରେ ପ୍ରଶମିତ ହୋଇଯାଇଥିଲା କାଳିଆ ଶ୍ରୀମନ୍ଦିରକୁ ଫେରିବା ପରେ ।

କହ୍ନାଇ ବିଦ୍ୟାଧରଙ୍କୁ ପରମ ବଂଧୁଭାବରେ ବରଣ କରି ବକ୍ସି ଆସନରେ ବସେଇଥିବା ସୁବାଦାର ଅହମ୍ମଦ ବେଗ ଓଡ଼ିଶାରେ ଥିବା ପର୍ଯ୍ୟନ୍ତ ଖୋର୍ଦ୍ଧା ଉପରେ ଆକ୍ରମଣ କରିନଥିଲେ କି ଶ୍ରୀମନ୍ଦିର ଆଡ଼େ ଆଡ଼ ଆଖିରେ ଅନେଇନଥିଲେ ।

ଅହମ୍ମଦ ଥିବା ଯାଏଁ ଓଡ଼ିଆଏ ଟିକେ ଶାନ୍ତିରେ ଥିଲେ । ହେଲେ, କାଳରାତି ଏଯାଏଁ ପାହିନଥିଲା ।

ଅହମ୍ମଦଙ୍କ ପରେ ୧୬୨୭ରେ ମହମ୍ମଦ ବଖାର ଖାଁ ହେଲେ ଓଡ଼ିଶାର ସୁବାଦାର ।

ଗୋଲକୁଣ୍ଡାର ସେନାପତି ମନସୁର ମୋଗଲଙ୍କ ବିରୋଧରେ ବିଦ୍ରୋହ କରି ଖୋରଧା ଓ ମଂଜୁସା ମଧରେ ବସେଇଥିବା ମନସୁରଗଡ଼ ଦୁର୍ଗକୁ ୧୬୨୯ରେ ଆକ୍ରମଣ କରି ଲୁଣ୍ଠନ କଲେ ବଖାର ଖାଁ । ୧୬୩୦ରେ ଗୋଲକୁଣ୍ଡା ସୁଲତାନଙ୍କୁ ଯୁଦ୍ଧରେ ପରାସ୍ତ କରି ବକେୟା ଥିବା ସମସ୍ତ ରାଜସ୍ୱ ଆଦାୟ କରିବାରେ ସେ ସଫଳ ହୋଇଥିଲେ ଏବଂ ବର୍ଷକୁ ବର୍ଷ ମୋଗଲ ଶାସକଙ୍କୁ ରାଜସ୍ୱ ଦେବା ପାଇଁ ସୁଲତାନଙ୍କୁ ଅନୁବନ୍ଧିତ କରେଇ ପାରିଥିଲେ ।

ବଖାର ଧର୍ମାନ୍ଧ ନଥିଲେ । ହେଲେ ସେ ଥିଲେ ଅତିମାତ୍ରାରେ ନିଷ୍ଠୁର ଓ ଅତ୍ୟାଚାରୀ । ସରକାରୀ ଖଜଣା ଆଦାୟ କରିବା ଯେକୌଣସି ଉପାୟ ପ୍ରୟୋଗ ପାଇଁ ସେ ପଛଘୁଞ୍ଚା ଦେଉନଥିଲେ ।

ପଚାଶ କି ଶହେ ନୁହେଁ, ଥରକେ ଓଡ଼ିଶାର ସାତଶହ ଜମିଦାରଙ୍କୁ ବନ୍ଦୀ ବନେଇଥିଲେ ବଖାର୍ । ଅକଥନୀୟ ଯନ୍ତ୍ରଣା ଦେବାପରେ ଏହି ସାତଶହ ଜମିଦାରଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା । କେଦାରନାଥ ମହାପାତ୍ର ତାଙ୍କ 'ଖୁରୁଧା ଇତିହାସ'ରେ ଏ ସଂପର୍କରେ ଲେଖିଛନ୍ତି -

'ବଖାର ଖାଁ ଜମିଦାର ଓ ରୟତମାନଙ୍କ ଉପରେ ଭୀଷଣ ଅତ୍ୟାଚାର ଚଳାଇଥିଲେ । ଥରେ ସେ ଜମିଦାରମାନଙ୍କୁ ଏକ ସଭାକୁ ଡକାଇ ଜବରଦସ୍ତି ଟଙ୍କା ଆଦାୟ କରିବା ନିମିତ୍ତ ସମସ୍ତଙ୍କୁ ବନ୍ଦୀ କରିଥିଲେ । ତାଙ୍କ ଆଦେଶରେ ସାତଶହ ଜମିଦାର ନିହତ ହୋଇଥିଲେ, କେବଳ ଜଣେ ଜମିଦାର କୌଶଳକ୍ରମେ ବନ୍ଦିଶାଳାରୁ ପଳାଇ ଯାଇ ବାଦଶାହ ଶାହାଜାହାନଙ୍କ ସମ୍ମୁଖରେ ଉକ୍ତ ଅମାନୁଷିକ ଅତ୍ୟାଚାର ଓ ନୃଶଂସ ହତ୍ୟାକାଣ୍ଡର ବିବରଣୀ ପ୍ରଦାନ କରିଥିଲେ । ସେ ଏପରି ନିଷ୍ଠୁର ଭାବରେ ଓଡ଼ିଶାରୁ ୪୦ ଲକ୍ଷ ଟଙ୍କା ଆଦାୟ କରିଥିବାର ଅଭିଯୋଗ ହୋଇଥିଲା । ବାଦଶାହା ତାଙ୍କ ଉପରେ ଅତ୍ୟନ୍ତ ବିରକ୍ତ ହୋଇ ତାଙ୍କୁ କୈଫିୟତ ଦେବାପାଇଁ ଦିଲ୍ଲୀ ଡକାଇ ନେଇଥିଲେ ।'(ଖୁରୁଧା ଇତିହାସ, ପୃ.-୬୯)

ପାଠକେ ! ମନଶ୍ଚକ୍ଷୁରେ ଥରେ ଦେଖିବାକୁ ଚେଷ୍ଟା କରନ୍ତୁ ତ । ଥରକେ ସାତଶହଙ୍କ ମୁଣ୍ଡକାଟ, କି ବୀଭତ୍ସ ହୋଇନଥିବ ସେ ଦୃଶ୍ୟ ! ବହି ନଥିବ କି ରକ୍ତର ନଈ ? !

ଏତେ ଏତେ ଦେହର ରକ୍ତ ପିଇସାରି ମାଟି କି ରଂଗ ଧାରଣ କରିଥିବ ? ? ଧନ, ଐଶ୍ୱର୍ଯ୍ୟ ଓ ପ୍ରତିପତ୍ତିର ସାମ୍ରାଜ୍ୟ ଗଢ଼ିଥିବା ସାତଶହ ଜମିଦାରଙ୍କ ନିଷ୍ପ୍ରାଣ ଶରୀର ଯେଉଁଠି ଲୋଟିଥିବ, କ'ଣ ହେଇଥିବ ସେଠିକା ପରିବେଶ ? ?

ଲୋକମାନେ କିଭଳି ପ୍ରତିକ୍ରିୟା ଜଣେଇଥିବେ ?

ହୋ-ହଲ୍ଲା କରିଥିବେ, ନା ନୀରବ ରହିଥିବେ ।

ମନେ ମନେ ଖୁସିରେ କୁରୁଳି ଉଠିଥିବେ, ନା ଏତେ ଏତେ ବର୍ଷ ଧରି ଯେଉଁମାନଙ୍କୁ ପ୍ରଭୁ ବୋଲି ମାନି ଆସିଥିଲେ, ସେମାନଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଲୁହ ଗଡ଼େଇଥିବେ ।

ଜମିଦାର ଟେ ମରିଗଲେ କେମିତି ଲାଗେ ପ୍ରଜାଙ୍କୁ ?

ଖୁସି ଲାଗିବାର ସମ୍ଭାବନା ଅଧିକ ।

ବର୍ଷ ବର୍ଷ ଧରି ଲହୁ-ଲୁହ ଢାଳି ଖଜଣା ଦେବାରୁ ମୁକ୍ତି ମିଳିଗଲା ବୋଲି ସେମାନେ ଆନନ୍ଦରେ ଆତ୍ମହରା ହୋଇ ଉଠୁଥିବେ । ହେଲେ, ଏ ଖୁସି ତ ବେଶି ସମୟ ରହେନି । ଜଣେ ଜମିଦାର ନ ଯାଉଣୁ, ନୂଆ ଜମିଦାର ଆସି ଗାଦିରେ ବସେ । ପୁଣି ଖଜଣା ଆଦାୟ ହୁଏ । ପୁଣି ପିଠିରେ ବସେ କୋରଡ଼ା ମାଡ଼ । ପୁଣି ରକ୍ତ ନିଗିଡ଼େ । ପୁଣି ଖାଲି ପେଟରେ ଓଦାକନା ଦେଇ ରାତି ପୁହାଇବାକୁ ହୁଏ ।

ପୁରୁଣା ଜମିଦାର ଯାଆନ୍ତି, ନୂଆ ଜମିଦାର





ଆସନ୍ତି । ଅତ୍ୟାଚାର ଚାଲିଥାଏ ଅହରହ । ସେଥିରୁ ମୁକ୍ତି ନଥାଏ ।

ହେଲେ, ଏଠି ତ ପ୍ରଜା ବିଦ୍ରୋହ କରିନଥିଲା କି ଜମିଦାରର ମୁଣ୍ଡକାଟ କରିନଥିଲା । ଶୋଷିତ- ସର୍ବହରାର ଆକ୍ରୋଶର ପ୍ରତିଫଳନ ନଥିଲା ଏ ବର୍ବର କାଣ୍ଡରେ ।

ଏଥିଲା ଗୋଟିଏ ସାମ୍ରାଜ୍ୟର ଆଉ ଗୋଟିଏ ସାମ୍ରାଜ୍ୟ ଉପରେ ନିର୍ମମ ଓ ନିଷ୍ଠୁର ଆକ୍ରମଣ ।

ସାମୂହିକ ଗଣହତ୍ୟା ।

ଆଶ୍ଚର୍ଯ୍ୟ ଯେ, ଏ ଗଣହତ୍ୟାର ବିଶେଷ ଚର୍ଚ୍ଚା ଦେଖିବାକୁ ମିଳେନି ଇତିହାସର ନଥିପତ୍ରରେ । ଏ ବିଷୟରେ ଧାଡ଼ିଏ - ଦିଧାଡ଼ି ଲେଖି ଇତିହାସକାର ମାନେ ନିଜର କର୍ତ୍ତବ୍ୟ ସଂପାଦନ କରିଛନ୍ତି ।

ଅନ୍ୟ କୌଣସି ପ୍ରଦେଶ ହୋଇଥିଲେ, ଏ କଳଙ୍କିତ ଅଧ୍ୟାୟ କେତେ ଯେ ଚର୍ଚ୍ଚା ଓ ବିତଣ୍ଡା ସାଉଁଟି ନଥାନ୍ତା ???!!

ଆମେ ତ ଚିରକାଳ ନୀରବ ।

ଉଁ କରୁନି କି ଚୁଁ କରୁନି ।

ଆମେ ଦେଖୁ, ଭୋଗୁ, ଆଉ ଶେଷରେ ପୋଡ଼ା କପାଳକୁ ଦୋଷ ଦେଇ ହେଁସ ଘୋଡ଼େଇ ଶୋଇପଡୁ ।

ଗୋଟେ ପଟେ ଆମେ ଓଡ଼ିଆ ପ୍ରଚଣ୍ଡ ବୀର ଓ ସ୍ୱାଭିମାନୀ, ଖାରବେଳଙ୍କ ରକ୍ତ ଆମ ଧମନୀରେ । ଅନ୍ୟ ପଟେ, ଆମେ ସ୍ଥାଣୁ, ସ୍ଥବିର, ସ୍ଥିତପ୍ରଜ୍ଞ ଓ ସର୍ବଂସହା । ଏଇ ବିରୋଧାଭାସଟା ହିଁ ଜଳଜଳ ଦିଶେ ପଛକୁ ଫେରି ଚାହିଁଲେ । ଏପଟେ ସାତଶହ ଜମିଦାରଙ୍କ ମୁଣ୍ଡକାଟ, ତେଣେ ସେପଟେ ଚାଳିଶ ଲକ୍ଷ ଟଙ୍କାର ଖଜଣା ଆଦାୟ । ଭାବି ଦେଖନ୍ତୁ ତ, ସପ୍ତଦଶ ଶତାବ୍ଦୀରେ ଗରିବ ଓଡ଼ିଆଏ ଦେଇଥିଲେ ଚାଳିଶ ଲକ୍ଷ ଟଙ୍କାର ଖଜଣା ???!!

ପାଖାପାଖି ଚାରିଶହ ବର୍ଷ ତଳେ, ଚାଳିଶ ଲକ୍ଷ ଟଙ୍କାର ମୂଲ୍ୟ କେତେ ହୋଇଥିବ ଭାବିଲେ । ମୁଣ୍ଡ ଗୋଳମାଳିଆ ଧରିବ ।

ଏଇ ଚାଳିଶ ଲକ୍ଷ ଟଙ୍କା ପାଇଁ କେତେ କେତେ ଘର, କେତେ କେତେ ଜୀବନ, କେତେ କେତେ ସ୍ୱପ୍ନ ଉଜୁଡ଼ିନଥିବ ସତେ । କେତେ କେତେ ଛୁଆ ଭୋକରେ ଆଉଟୁ ପାଉଟୁ ହେଇ ପ୍ରାଣ ହାରିନଥିବେ ।

ଓଡ଼ିଆଙ୍କ ରକ୍ତ-ଅର୍ଜିତ ଟଙ୍କାରେ କ'ଣ ଡ଼ା ହେଇନି ମୋଗଲମାନଙ୍କ ଆଖି-ଝଲସା ମିନାର, ଇମାରତ, ମହଲ, ମସଜିଦ୍ ଓ କବର ??? କେହି କହିପାରିବ କି ତାଜମହଲ ତିଆରିରେ ଲାଗିନି ଗରିବ ଓଡ଼ିଆଙ୍କ ପଇସା ???

ଲୋମ ଟାଙ୍କୁରା ନରସଂହାର ପରେ ବରଖାସ୍ତ ହୋଇ ବଖାର ଖାଁ ୧୬୩୨ରେ ଦିଲ୍ଲୀ ଫେରିଯାଇଥିଲେ ଓ ତାଙ୍କ ସ୍ଥାନରେ ମୁତାକ୍ୱିଦ ଖାଁ ନିଯୁକ୍ତ ହୋଇଥିଲେ ଓଡ଼ିଶାର ସୁବାଦାର ଭାବରେ । ତାଙ୍କ ପରେ ଆସିଲେ ଶହନଓ୍ୱାଜ ଖାଁ ଓ ତାଙ୍କ ପରେ ମହମ୍ମଦ ଜମାନ୍ ତେହରାନି ।

୧୬୩୨ରୁ ୧୬୪୫ ପର୍ଯ୍ୟନ୍ତ, ଏହି ତିନି ସୁବାଦାରଙ୍କ ଶାସନକାଳରେ ଆଉ କିଛି ଅଘଟଣ ଘଟିନଥିଲା ଓଡ଼ିଶାରେ । ଶ୍ରୀମନ୍ଦିର ଉପରେ ମଧ୍ୟ ଆକ୍ରମଣ ହୋଇନଥିଲା । 'ଖୁରୁଧା ଇତିହାସ'ରେ ଏହି ସମୟକୁ ନରସିଂହ ଦେବଙ୍କ 'ଶାନ୍ତିପୂର୍ଣ୍ଣ ରାଜତ୍ୱ କାଳ' ଭାବରେ ବର୍ଣ୍ଣନା କରାଯାଇଛି ।

୧୬୪୨ରେ ସମ୍ରାଟ ଶାହାଜାହାନଙ୍କ ପୁଅ ଶାହାଜାଦା ସୁଜା ବଂଗ, ବିହାର ଓ ଓଡ଼ିଶାର ଗଭର୍ଣ୍ଣର ଭାବରେ ନିଯୁକ୍ତି ପାଇଲେ । ତାଙ୍କରି ଅଧୀନରେ ଓଡ଼ିଶାର ଶାସନକାର୍ଯ୍ୟ ୧୬୬୦ ପର୍ଯ୍ୟନ୍ତ ପରିଚାଳିତ ହେଲା ।

ଶାହାଜାହାନଙ୍କ ଶାସନ କାଳରେ ହିଁ ଇଂରେଜ ପ୍ରଥମଥର ପାଇଁ ଓଡ଼ିଶାର ମାଟି ମାଡ଼ିଲେ । ମୋଗଲ ସୁବାଦାରଙ୍କଠୁ ଅନୁମତି ନେଇ ସେମାନେ କାରବାର ଆରମ୍ଭ କଲେ । ୧୬୩୪ରେ ସୁବର୍ଣ୍ଣରେଖା ମୁହାଣରେ ଥିବା ପିପ୍ପଲିଠାରେ ଇଂରେଜମାନେ ପ୍ରଥମ ବାଣିଜ୍ୟ କୋଠି ସ୍ଥାପନ କଲେ । ତା'ପରେ ବାଲେଶ୍ୱରରେ ୧୬୪୨ରେ ବସିଲା ଆଉ ଏକ ବାଣିଜ୍ୟ କୋଠି । କଟକର ହରିହରପୁର (ବର୍ତ୍ତମାନର ଜଗତସିଂହପୁର) ଠାରେ ମଧ୍ୟ ଇଂରେଜ ବାଣିଜ୍ୟ କେନ୍ଦ୍ର ସ୍ଥାପନ କରିଥିଲେ ।

ମୋଗଲ ସମ୍ରାଟ । ମୋଗଲ ସୁବାଦାର । ମୋଗଲ ଶାସନ । ମୋଗଲଙ୍କ ଆମେ ପୁରାପୁରି ଅଧୀନ ।

ହେଲେ, ଏସବୁ ଭିତରେ ମୋଗଲଙ୍କ ସହ କୂଟନୈତିକ ସଂପର୍କ ସ୍ଥାପନ କରି, ସେମାନଙ୍କ ବଶ୍ୟତା ସ୍ୱୀକାର କରି ଶ୍ରୀମନ୍ଦିରରେ ଜଗନ୍ନାଥଙ୍କୁ ପୁନଃସ୍ଥାପିତ କରେଇ ପାରିଥିବା ଗଜପତି ନରସିଂହଦେବ କୁଆଡ଼େ ଗଲେ ।

ଶାସନ ସତକୁ ସତ ତାଙ୍କରି ହାତରେ ଥିଲା ନା ବଶମ୍ୱଦ ଭୃତ୍ୟ ଭାବରେ ସେ ମୋଗଲଙ୍କ ଆଜ୍ଞା ପାଳନ କରିଥିଲେ ଯାହା ?

ମୋଗଲଙ୍କ ଜୁଲମ, ଅତ୍ୟାଚାର ଓ ଉତ୍ପୀଡ଼ନ ନରସିଂହଙ୍କ ଭଳି ବୀରର ମଂଜ ଥରେଇ ଦଉଥିବ ନିଶ୍ଚୟ । ଏସବୁ ଦେଖି, ସହି କ'ଣ ନିଦ ଆସୁଥିବ ତାଙ୍କ ଆଖିକୁ ?

ଧିକ୍ ଏ ଗଜପତି ପଣ । ଧିକ୍ ଶାସନ । ଧିକ୍ ସିଂହାସନ ।

ରାଜା ଯଦି ପ୍ରଜା ଦୁଃଖ ନବୁଝିଲା, ତା ଆଖିରୁ ଲୁହ ନ ପୋଛି ପାରିଲା, ସେ ବା କି ରାଜା ।

କାଳିଆର ମୁହଁ ଚାହିଁ ଚାହିଁ ଦିନ କାଟୁଥିଲେ ନରସିଂହ ।

ମୁଣ୍ଡରେ ଗଜପତିର ଶିରପା ତ ନୁହେଁ, କଣ୍ଟାର ମୁକୁଟ ପିନ୍ଧିଥିଲେ ସତେ ଅବା ।

ପ୍ରଜାର ଦୁର୍ଦ୍ଦଶା, ଲାଂଛନା ଦେଖି ଆଖିରୁ ଆପେ ଆପେ ଲୁହ ନିଗିଡ଼ି ଯାଉଥିଲା । ହୃଦୟ ମକ୍ଥି ହେଇ ଯାଉଥିଲା । କେବଳ କାଳିଆ ପାଇଁ ସେ ମୁଣ୍ଡ ପାତି ଦେଲେ ସିନା । ନହେଲେ, ଶତ୍ରୁ ତରବାରିରେ ମୁଣ୍ଡ ଦେଇଥାନ୍ତେ ପଛକେ, ମୁଣ୍ଡ ନୋଇଁ ନଥାନ୍ତେ । ଅନ୍ୟର ଦୟାରେ ଗଜପତି ଆସନରେ ବସିନଥାନ୍ତେ ମୋଟେ ।

ଏବେ କାଳିଆ ପାଖରେ ଏକମାତ୍ର ଅଳି ଥିଲା, 'ମୋତେ ନେଇଯାଅ ପ୍ରଭୁ ।' ଏଭଳି ରାଜପଦ ଭୋଗିବାଠୁ ମୃତ୍ୟୁ ସହସ୍ର ଗୁଣରେ ଶ୍ରେୟସ୍କର ।

ନରସିଂହ ଦେବ ବେଶି ଦିନ ରହିଲେନି । ପୁଣି ଇତିହାସ କଡ଼ ଲେଉଟାଇଲା । ସଂପତ୍ତି ବିବାଦକୁ କେନ୍ଦ୍ର କରି ତାଙ୍କରି ଜଣେ ସଂପର୍କୀୟ ଭାଇ ମୋଗଲ ସୁବାଦାରଙ୍କ ସହ ହାତ ମିଳେଇ ତାଙ୍କୁ ହତ୍ୟା କରେଇଲେ । ମାଦଳା ପାଞ୍ଜି ଅନୁସାରେ -

'ଏ ମହାରାଜାଙ୍କ ୩୨ ଅଙ୍କ ମିଥୁନ ୭ ଦିନ ରାତ୍ର ପାହିଲାକୁ ନବାବ ମତମତିଖାଁର ଅମରା ଫତେ ଖାଁ ଆସି ଶ୍ରୀ ପୁରୁଷୋତ୍ତମ ଦକ୍ଷିଣ ପାରୁଶ ନଅରେ ରାଜାଙ୍କର ଅନିରୁଦ୍ଧ ରାଏ ପିତାମହଙ୍କୁ ସାଙ୍ଗ କରି ରାଜା ଠାକୁରଙ୍କ ମୁଣ୍ଡ କାଟି ଦେଲା ।'

ଷଡ଼ଯନ୍ତ୍ର ସରିନଥିଲା କି ଓଡ଼ିଶା ପାଇଁ କାଳରାତି ପାହିନଥିଲା । ନରସିଂହ ଦେବଙ୍କ ନିର୍ମମ ହତ୍ୟା ଏକ କରୁଣ ଅଥଚ ବୀରତ୍ୱପୂର୍ଣ୍ଣ ଅଧ୍ୟାୟରେ ଯବନିକା ଟାଣିଲା ।

ପଞ୍ଚତନ୍ତ୍ର କାହାଣୀ

॥ ୮ ॥

# ଛଳ କପଟର ପରିଣତି



**ଡକ୍ଟର ବିବୁଧରଂଜନ**
ତଳମାଳି ସାହି, ପୁରୀ
ଫୋନ : ୯୯୩୭୬୪୯୮୯୪

କୌଣସି ଏକ ଜଙ୍ଗଲରେ ମଦୋତ୍କଟ ନାମରେ ଏକ ସିଂହ ରହୁଥିଲା । ଗୋଟିଏ କାଉ, ବିଲୁଆ ଏବଂ ବାଘ ସିଂହର ଚାକର ଭାବେ ପାଖେ ପାଖେ ରହୁଥିଲେ । ଗୋଟିଏ ଦିନ ଗୋଟିଏ ଓଟ ଆସି ସେହି ଜଙ୍ଗଲରେ ଅକସ୍ମାତ ପହଞ୍ଚିଗଲା । ଓଟକୁ ଦେଖି ସିଂହ ତାର ନୌକର୍‌ମାନଙ୍କୁ ପଚାରିଲା: ଏହି ପ୍ରାଣୀଟି ଗ୍ରାମର ନା ଜଙ୍ଗଲର ? କାଉ ଉତ୍ତର ଦେଲା, "ମହାରାଜ ଏହା ଏକ ଗ୍ରାମୀଣ ପଶୁ । ଆପଣ ଆନନ୍ଦରେ ଏହାକୁ ବଧ କରି ଏହାର ମାଂସ ଭକ୍ଷଣ କରି ପାରନ୍ତି ।" ସିଂହ କିନ୍ତୁ କହିଲା, "ନା, ନା । ଏପରି କରିବା ଆଦୌ ଉଚିତ୍ ହେବ ନାହିଁ । ସେ ଆମର ଅତିଥି । ଘରକୁ ଆସିଥିବା ଅତିଥିକୁ ହତ୍ୟା କରିବା ଠିକ୍ ନୁହେଁ । ଶତ୍ରୁ ବି ଯଦି ତୁମ ଘରକୁ ଆସେ ତେବେ ବି ତାକୁ ମାରିବା ଉଚିତ୍ ନୁହେଁ ।" ସିଂହର ନିର୍ଦ୍ଦେଶରେ କାଉ ଯାଇ ଓଟକୁ ଆଣି ସିଂହ ସାମ୍ନାରେ ହାଜର କରାଇଲା । ଓଟ କିପରି ତା ଦଳରୁ ଭୁଲ୍‌ରେ ବାହାରି ଯାଇ ଆସି ଏ ଜଙ୍ଗଲରେ ପହଞ୍ଚିଛି ତାର ଦୁଃଖ କାହାଣୀ ଶୁଣାଇଲା । ସିଂହ ଆଶ୍ୱାସନା ଦେଇ ଓଟକୁ କହିଲା, "ବନ୍ଧୁ, ଆଜି ଠାରୁ ତୁମେ ଆମର ବନ୍ଧୁ ହେଲ । ଆନନ୍ଦରେ ନିର୍ଭୟରେ ଏ ଜଙ୍ଗଲର ଘାସପତ୍ର ଖାଇ ତୁମେ ଜୀବନ ନିର୍ବାହ କର ।" ବାସ୍, ତା'ପର ଠାରୁ ଓଟ ଆନନ୍ଦରେ ସେହି ଜଙ୍ଗଲରେ ରହିବାକୁ ଲାଗିଲା ।

ଏହାର କିଛିଦିନ ପରେ ସେହି ଜଙ୍ଗଲ ଭିତରକୁ ପଶି ଆସିଲା ଏକ ବଳବାନ୍ ପାଗଳ ହାତୀ । ତାକୁ ଦେଖି ଜଙ୍ଗଲର ଅନ୍ୟାନ୍ୟ ପଶୁ ଡରି ଥରି ଆସି ପହଞ୍ଚିଲେ ସିଂହ ରାଜା ମଦୋତ୍କଟ ପାଖରେ । ରାଜାର କର୍ତ୍ତବ୍ୟ ହେଲା ପ୍ରଜାମାନଙ୍କର ଧନଜୀବନର ସୁରକ୍ଷା ଦେବା । ସିଂହ ଚଟାପଟ ପାଗଳ ହାତୀ ସହ ଯୁଦ୍ଧରେ ଲାଗିଗଲା । ଯଦିଓ ଯୁଦ୍ଧରେ ସିଂହର ବିଜୟ ହେଲା ତଥାପି ହାତୀର ଶୁଣ୍ଢ ସିଂହ



ଛାତିରେ ଗଳିଯାଇ ବଡ଼ କ୍ଷତ କଲା । କିଛି ପଂଜରା ହାଡ଼ ସିଂହର ଭାଙ୍ଗିଗଲା । ସେହିଦିନ ପର ଠାରୁ ସିଂହ ରୁଗ୍‌ଣ ହୋଇ ପଡ଼ିଲା । ଆଉ ଶିକାର କରିବାକୁ ଯାଇ ପାରିଲା ନାହିଁ । ସବୁବେଳେ ଗୁମ୍ଫା ଭିତରେ ପଡ଼ି ରହିଲା । ଖାଦ୍ୟ ବିନା ତା ଶରୀର ଦୁର୍ବଳ ହେବାକୁ ଲାଗିଲା । ସିଂହ ଯେବେ ଶିକାରକୁ ଗଲା ନାହିଁ - ସେତେବେଳେ ତାର ଚାକର କାଉ, ବିଲୁଆ, ବାଘ ମଧ ଭୋକ ଓପାସରେ ରହିଲେ । କାରଣ ସିଂହ ଶିକାର କରି ଆଣିବା ପରେ ଯାହାକିଛି ଖାଇବା ପରେ ବଳକା ମାଂସକୁ ଏମାନେ ବିନା ଶ୍ରମରେ ଖାଇ ଆନନ୍ଦରେ ସମୟ କାଟୁଥିଲେ । ଦିନକୁ ଦିନ ଅବସ୍ଥା ଆହୁରି ଜଟିଳ ହେବାକୁ ଲାଗିଲା । ସିଂହ କହିଲା - "ବନ୍ଧୁଗଣ, ତୁମେମାନେ ଯଦି କୌଣସି ପ୍ରକାରରେ କୌଣସି ପଶୁକୁ ମୋ ପାଖ ଯାଏଁ ନେଇ ଆସି ପାରିବ ତେବେ ମୁଁ ତାକୁ ମାରି ତୁମମାନଙ୍କ ପେଟପୁରା ଯୋଗ୍ୟ ମାଂସ ଅବଶ୍ୟ ଦେଇ ପାରିବି ।"

ସିଂହର କଥା ଶୁଣି କାଉ, ବାଘ, ବିଲୁଆ ଶିକାର ଖୋଜିବାକୁ ବାହାରିଗଲେ । ଅନେକ ବୁଲିଲା ପରେ କୌଣସି ଶିକାର ପାଇଲେ ନାହିଁ । ଦେଖିଲେ ଏମାନେ ଭୋକରେ ମରିବା ବେଳକୁ ତାଙ୍କ ବନ୍ଧୁ ଓଟ ଜଙ୍ଗଲର କଅଁଳିଆ ଘାସ ଖାଇ ବଡ଼ ଡଉଲଡାଉଲ ହୋଇ ଗଲାଣି । ବିଲୁଆ, କାଉ ମନ୍ତ୍ରଣାରେ ଲାଗିଗଲେ । ବିଲୁଆ କହିଲା- "କାଉଭାଇ, ଜଙ୍ଗଲରେ ଶିକାର ଖୋଜିବା ପାଇଁ ଏଣେ ତେଣେ ବୁଲିବା ଅପେକ୍ଷା ଏହି ଓଟକୁ ମାରି ଖାଇଲେ କେମିତି ହୁଅନ୍ତା ?" କାଉ କହିଲା- "ବିଲୁଆନନା ! ଏହା କ'ଣ ସମ୍ଭବ ? ମହାରାଜ ସିଂହ ପରା ଓଟକୁ ଅଭୟଦାନ ଦେଇଛନ୍ତି ।" ବିଲୁଆ କହିଲା- "ତା'ତ ଠିକ୍ । ତେବେ ମୁଁ ଯାଇ ସିଂହକୁ ଏ ପରାମର୍ଶ ଦେଇ ଦେଖୁଛି କ'ଣ କରାଯାଇ ପାରିବ ?" ବିଲୁଆ ଯାଇ ସିଂହ ପାଖରେ ତାର ମନକଥା କହିଲା । ବିଲୁଆ କଥା ଶୁଣି ସିଂହ ରାଗିଯାଇ କହିଲା- "ପାପୀ, ଆଉ କେବେ ତୋ ମୁହଁରୁ ମୁଁ ଯଦି ଏପରି କଥା ଶୁଣିବି ତୋତେ ପ୍ରାଣରୁ ମାରିଦେବି । ତୁ କ'ଣ ଜାଣି ନାହୁଁ ଓଟକୁ ମୁଁ ଅତିଥି ବନ୍ଧୁ ଭାବେ ଗ୍ରହଣ କରି ତାକୁ ଅଭୟ ବଚନ ଦେଇଛି ବୋଲି !"



ସିଂହର କ୍ରୋଧକୁ ଶାନ୍ତ କରିବାକୁ ଯାଇ ଚତୁର ବିଲୁଆ କହିଲା- "ସ୍ୱାମୀ ! ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଭଙ୍ଗ କରିବାକୁ କହୁନାହିଁ । ଆପଣ ନିଜେ ଓଟକୁ ବଧ କରିବାର ଆବଶ୍ୟକତା ନାହିଁ । କିନ୍ତୁ ଯଦି ସ୍ୱୟଂ ଓଟ ଆସି ଆପଣଙ୍କ ପାଖରେ ତାର ପ୍ରାଣ ସମର୍ପଣ କରି ବସେ ତେବେ ସେପରି ବଧରେ ଆଦୌ କୌଣସି ଦୋଷ ରହିବ ନାହିଁ । ଯଦି ଓଟ ସେପରି ନକରେ ତେବେ ବି ଆମେ ସମସ୍ତ ପଶୁ ଜଣ ଜଣ କରି ଆପଣଙ୍କ ସେବାରେ ଆମମାନଙ୍କ ପ୍ରାଣ ବିସର୍ଜନ କରିଦେବୁ । ଆମ ମାଂସ ଖାଇ ଆପଣଙ୍କ କ୍ଷୁଧା ଶାନ୍ତ ପଡ଼ିବ । ଯେଉଁ ପ୍ରାଣ ନିଜ ସ୍ୱାମୀଙ୍କ କାର୍ଯ୍ୟରେ ଲାଗେ ନାହିଁ ସେପରି ପ୍ରାଣର ଆବଶ୍ୟକତା କ'ଣ ? ରାଜାର ବିନାଶରେ ପ୍ରଜାମାନେ ବିନାଶ ହୋଇ ଯାଆନ୍ତି । ରାଜାଙ୍କୁ ରକ୍ଷା କରିବା ପ୍ରଜାମାନଙ୍କର ଧର୍ମ ଅଟେ ।" ବିଲୁଆର ତର୍କରେ ଖୁସି ହୋଇ ସିଂହ କହିଲା- "ଯଦି ତୋର ଏହା ହିଁ ବିଶ୍ୱାସ ଅଟେ ତେବେ ଏଥିରେ ମୋର କୌଣସି ଆପତ୍ତି ନାହିଁ ।"

ସିଂହ ଠାରୁ ଆଶ୍ୱାସନା ପାଇ ସାରିଲା ପରେ ବିଲୁଆ ତାର ଅନ୍ୟ ପଶୁମାନଙ୍କୁ ସାଥିରେ ଧରି ଯାଇ ପହଞ୍ଚିଲା ପୁଣିଥରେ ସିଂହ ପାଖରେ । ସେମାନେ ପ୍ରତ୍ୟେକ ସିଂହ ଆଗରେ ନିଜ ନିଜ ଶରୀର ଉତ୍ସର୍ଗ କରି ସିଂହର କ୍ଷୁଧା ନିବାରଣର ଅଭିନୟ କରିବେ । ସିଂହ କାହାରିକୁ ମାରି ଖାଇବ ନାହିଁ । କେବଳ ଓଟକୁ ହିଁ ବଧ କରାଯିବ । ପ୍ରଥମେ କାଉ କହିଲା- "ସ୍ୱାମୀ, ଆପଣ ମୋତେ ମାରି ଖାଇ ଆପଣଙ୍କ ଭୋକ ମେଣ୍ଟାନ୍ତୁ ।" ସିଂହ ହସି କହିଲା- "ତୋ ଦେହରେ କେତେ ମାଂସ ଅଛି ଯେ ମୁଁ ତୋତେ ଖାଇବି ?" ତା' ପରେ ବିଲୁଆ ସିଂହ ସାମ୍ନାକୁ ଆସି କହିଲା- "ସ୍ୱାମୀ, ଆପଣ ମୋତେ ଖାଆନ୍ତୁ । ନିଜ ସ୍ୱାମୀ ପାଇଁ ଯିଏ ପ୍ରାଣ ବିସର୍ଜନ କରେ ତାର ସ୍ୱର୍ଗପ୍ରାପ୍ତି ହୁଏ ।" ଠିକ୍ ଏତିକି ବେଳକୁ ବାଘ ଆସି ବିଲୁଆକୁ ଠେଲି ଦେଇ କହିଲା- "ଆରେ ବିଲୁଆ ନନା ତୋ ଦେହରେ ବି କେତେ ମାଂସ ଅଛି ଯେ ଆମ ମହାରାଜାଙ୍କର ପେଟ ପୂରିବ ? ନା ତୁ ଯାଆ । ମହାରାଜା ମୋତେ ମାରି ଖାଆନ୍ତୁ । ମୋ ଦେହରେ ବହୁତ ମାଂସ ।" ବାଘର କଥା ଶୁଣି ସିଂହ କହିଲା- "ବନ୍ଧୁ, ତୁମେ ହେଲ ମୋ ଜାତିଭା । ତୁମକୁ ମୁଁ ମାରି ପାରିବି ନାହିଁ ।"

ପାଖରେ ଛିଡ଼ା ହୋଇ ଓଟ ଏସବୁ ଦୃଶ୍ୟ ଦେଖୁଥିଲା । ସେ ଭାବି ନେଲା ସିଂହ ତ କାହାରିକୁ ମାରୁନାହିଁ । ଏପରି ସ୍ଥଳେ ଓଟ ତାର ଆନୁଗତ୍ୟ ଦେଖାଇବା ପାଇଁ ସାମ୍ନାକୁ ଆସି ମଥାନତ କରି ସିଂହକୁ କହିଲା- "ମରାହାଜ, ଆପଣ ମୋତେ ମାରି ଖାଇ ଆପଣଙ୍କ ଭୋକ ମେଣ୍ଟାନ୍ତୁ । ମୁଁ ମୋ ଶରୀର ଆପଣଙ୍କୁ ସମର୍ପଣ କଲି ।" ଓଟ ପାଟିରୁ ଏତିକି ବାହାରିଛି କି ନାହିଁ ତତ୍‌କ୍ଷଣାତ୍ ଓଟ ଉପରକୁ ସିଂହ, ବାଘ, ବିଲୁଆ ଡେଇଁ ପଡ଼ି ତା ପେଟ ଫାଡ଼ିଦେଲେ ।" ଓଟର ମାଂସ ଖାଇ ସମସ୍ତେ ଶାନ୍ତ ପଡ଼ିଲେ ।

କାହାଣୀଟି କହିସାରି ବଳଦ ସଂଜୀବକ ବିଲୁଆ ଦମନକକୁ କହିଲା, "ଛଳକପଟର କଥାକୁ କେହି ବିଶ୍ୱାସ କରିବା କଥା ନୁହେଁ । ଆଉ ରାଜାଙ୍କ ଅନୁଚର ଯାହାକୁ ମାରିବାକୁ ଚାହିଁବେ ତାକୁ ଅବଶ୍ୟ ଛଳକପଟ କରି ମାରି ଦେଇ ପାରିବେ । ତେଣୁ ମୋ ବିରୁଦ୍ଧରେ ରାଜା ପିଙ୍ଗଳକଙ୍କ ପାଖରେ କେହି ଷଡ଼ଯନ୍ତ୍ର ନିଶ୍ଚୟ କରୁଛି । ମୁଁ ଏବେ କରିବି କ'ଣ ?" ବିଲୁଆ ଦମନକ କହିଲା- "ସଂଜୀବକ, ଭଲ ହେବ ତୁ ଏ ଜଙ୍ଗଲ ତ୍ୟାଗ କରି ଚାଲିଯାଆ ।" ବଳଦ କହିଲା- "ଅନ୍ୟ କେଉଁଠାକୁ ଚାଲିଗଲେ ମଧ ଶାନ୍ତି ମିଳିବ ନାହିଁ । ବଡ଼ଲୋକଙ୍କ ସହ ଶତ୍ରୁତା କରି କେହି କେବେ ଶାନ୍ତିରେ ବସି ପାରିନାହିଁ । ବର୍ତ୍ତମାନ ମୋ ପକ୍ଷରେ ଯୁଦ୍ଧ କରିବା ଠିକ୍ ହେବ । ଯୁଦ୍ଧରେ ଗୋଟିଏ ଥର ମୃତ୍ୟୁ ଆସିଥାଏ । କିନ୍ତୁ ଶତ୍ରୁକୁ ଡରି ପଳାୟନ କରିଥିବା ମଣିଷ ପ୍ରତିକ୍ଷଣ ଚିନ୍ତିତ ରହିଥାଏ । ସେପରି ଚିନ୍ତାରୁ ଗୋଟିଏ ଥରର ମୃତ୍ୟୁ ସବୁଠାରୁ ଭଲ ।"

ବଳଦ ସଂଜୀବକ ସିଂହ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲାଣି ଦେଖି ବିଲୁଆ ଦମନକ ଭାବିଲା ଯଦି ଯୁଦ୍ଧରେ ବଳଦର ମୁନିଆ ଶିଙ୍ଗ ଦୁଇଟା ସିଂହର ଛାତିରେ ଦୈବାତ୍ ଗଳିଯିବ ତେବେ ତ କଥା ସରିଲା । ବିଲୁଆର ଷଡ଼ଯନ୍ତ୍ର ଫସରଫାଟି ଯିବ । ଏୟା ଭାବି ସେ ବଳଦକୁ ଉପଦେଶ ଦେଲା, "ଦେଖ ବନ୍ଧୁ, ବଳବାନ୍ ଶତ୍ରୁ ସହ ଯୁଦ୍ଧ କରିବା ଆଦୌ ଉଚିତ୍ ହେବ ନାହିଁ । ତା ନ ହେଲେ ତୁମର ଅବସ୍ଥା ଅବିକଳ ସେୟା ହେବ ଯେପରି ସମୁଦ୍ର ସହ ଲଢ଼ିକରି ଟିଟିହରୀ ପକ୍ଷୀର ହୋଇଥିଲା ।" ସଂଜୀବକ ବଳଦ ପଚାରିଲା- "କିପରି ?"

ଦମନକ ବିଲୁଆ ତା ପରେ ଟିଟିହରୀ ପକ୍ଷୀର କାହାଣୀ ଶୁଣାଇଲା ।

# ସରୋଜିନୀଙ୍କ ସ୍ୱାସ୍ଥ୍ୟଶାଳା

ଶରୀର ହେଉଛି ନାନାଦି ରୋଗର ଘର । ଶରୀର ଅଛି ମାନେ ରୋଗ ଆସିବ । କିନ୍ତୁ ଉପଯୁକ୍ତ ସଚେତନତା ଏବଂ ଉଚିତ୍ ସମୟରେ ଡାକ୍ତରୀ ପରାମର୍ଶ ଓ ଚିକିତ୍ସା, ଏଥିରୁ ଆମକୁ ନିରାମୟତା ଆଡ଼କୁ ଘେନିଯାଏ । ସୁଖ୍ୟାତ ଚିକିତ୍ସାବିଜ୍ଞାନୀ ଡାକ୍ତର ସରୋଜିନୀ ଷଡ଼ଙ୍ଗୀ 'ରେବତୀ' ପାଇଁ ତାର ସ୍ୱାସ୍ଥ୍ୟଶାଳାରେ ପରଷିଦିଅନ୍ତି ନାରୀ ରୋଗର ବିବିଧ ଉପଚାର ।



# ସଂଗୀତ ଚିକିତ୍ସା

## (ମ୍ୟୁଜିକ୍ ଥେରାପି)



**ଡାକ୍ତର ସରୋଜିନୀ ଷଡ଼ଙ୍ଗୀ**
ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞା
ଲିଙ୍କ୍ ରୋଡ୍, କଟକ - ୧୨
ଫୋନ : ୯୪୩୭୦୫୫୦୦୭

ଫଟୋ ସୌଜନ୍ୟ : ଗୁଗୁଲ୍

ସଂଗୀତ ଏକ ମିଠା ମିଠା ସ୍ୱରର ମଧୁର ଗୁଂଜରଣ ଏକ ଲଳିତ ପଦାବଳୀର ମୃଦୁମୃଦୁ ଗୁଂଜନ, ଯାହା ମଣିଷର ମନ ଓ ହୃଦୟର କୋଣ, ଅନୁକୋଣର ସବୁ ଶୂନ୍ୟସ୍ଥାନକୁ ପରିପୂର୍ଣ୍ଣ କରିଦେଇ, ଆତ୍ମାକୁ ନେଇଯାଏ ଏକ ଅତି ମାନବୀୟ ସ୍ତରକୁ, ଯେଉଁଠି ଆତ୍ମା ପାଇଥାଏ ପରମାତ୍ମାଙ୍କର ସଂଧାନ । ସଂଗୀତର ଯାଦୁକରୀ ସ୍ପର୍ଶରେ ବଶୀଭୂତ ହୋଇ ମନ ଉଡିଯାଏ ସ୍ୱର୍ଗର ଅମରାବତୀକୁ ଯେଉଁଠି ତାର ଭେଟ ହୋଇଥାଏ ପାରିଜାତ ଫୁଲ, ଐରାବତ ହସ୍ତୀ, ଦେବତା, ଦେବୀ, ଯକ୍ଷ, କିନ୍ନର, କିନ୍ନରୀ ତଥା ଅପ୍‌ସରା ମାନଙ୍କ ସାଂଗରେ । ସଂଗୀତ ଏହିପରି ଏକ ଭାଷା, ଭାବ, ସ୍ୱର, ରାଗ ଓ ଅନୁଭବର କୋମଳ ଗାନ୍ଧାର, ଏକ ମିଶ୍ରିତ କଂପନ ଯାହା କେବଳ ବୀଣା ଓ ହାର୍‌ମୋନିୟମ୍‌ର ତାର ନୁହେଁ, ଛୁଇଁଯାଏ ମନ, ହୃଦୟ ଓ ଶରୀରର ସୂକ୍ଷ୍ମ ତାରକୁ ।  ସଂଗୀତର ଏଇ ମିଶ୍ର ରାଗରେ ମନ ଆନନ୍ଦରେ ଉଦ୍‌ବେଳିତ ହୋଇଯାଏ । ଆଗ କାଳରେ ଏମିତି ବି ଥିଲା ସଂଗୀତର ଦୀପକ ରାଗରେ ଅରଣ୍ୟରେ ଅଗ୍ନି ସଞ୍ଚାର ହେଉଥିଲା ଏବଂ ମେଘ ମହ୍ଲାର ରାଗରେ ଆଷାଢ଼ର ମେଘଭଳି ଆକାଶରୁ ବର୍ଷା ଓହ୍ଲାଇ ଆସୁଥିଲା ଏ’ ଧରାପୃଷ୍ଠକୁ ।

ସଂଗୀତର ଆଉ ଏକ ଅପୂର୍ବ ଶକ୍ତି ଅଛି, ଯେଉଁଥିରେ ଦୁଇ ଆଖିକୁ ନିଦ ଓହ୍ଲାଇ  ଆସେ । ଯେମିତି ମା’ମାନେ ନାନାବାୟା ଗୀତ ଗାଇଲେ, ଶିଶୁମାନେ ନିଦରେ ଶୋଇପଡ଼ନ୍ତି ସେମିତି ବଡ଼ ମଣିଷମାନେ ମଧ୍ୟ ଅନିଦ୍ରା ରୋଗ ଭୋଗୁଥିଲେ, ସଂଗୀତର ସମ୍ମୋହନ ଶକ୍ତିରେ ନିଦ୍ରାଯାଆନ୍ତି । ଯେଉଁମାନଙ୍କର ସକାଳ ଆରମ୍ଭ ହୁଏ ସଂଗୀତର ମୂର୍ଚ୍ଛନାରୁ, ସାରାଦିନ ତାଙ୍କର ସଂଗୀତ ସହ ଆନନ୍ଦରେ କଟିଥାଏ । ତେବେ ବିଜ୍ଞାନ ବିଶାରଦମାନେ ସଂଗୀତର ଏହି ଅପୂର୍ବ ଯାଦୁକରୀ ଶକ୍ତିକୁ ରୋଗୀ ଚିକିତ୍ସା କରିବାରେ ବ୍ୟବହାର କଲେଣି, ଯାହାକୁ ମ୍ୟୁଜିକ୍ ଥେରାପି ବା’ ସଂଗୀତ ଚିକିତ୍ସା କୁହାଯାଏ । ସଂଗୀତର କ୍ଷତପୂରଣ ବା’ ହିଲିଂ ପାୱାର୍ ଅନନ୍ୟ । ସଂଗୀତ ଶୁଣିଲେ ମଣିଷ ସବୁ କିଛି ଭୁଲିଯାଏ, ଏମିତିକି ରାଗ, ରୋଷ, ମାନ, ଅଭିମାନ, ଦୁଃଖ, କଷ୍ଟ, କ୍ଳେଶ, ସବୁକିଛି । ସଂଗୀତର ଏହି ହିଲିଂ ପାୱାର ଦ୍ୱାରା ରୋଗୀର ଏକ ଗୁଣାତ୍ମକ ଜୀବନର ଅୟଂ ଆରମ୍ଭ ହୋଇଥାଏ, ଏବଂ ଭାବନାତ୍ମକ, ଗୁଣାତ୍ମକ ତଥା ସାମାଜିକ ଜୀବନରେ ଉନ୍ନତି ଘଟି ଶରୀର ଆରୋଗ୍ୟ ହୋଇଥାଏ ।

ଇତିହାସ କୁହେ ଯେ, ପ୍ରାୟ ଏକ ହଜାର ବର୍ଷ ତଳେ ଗ୍ରୀକ୍ ଫିଲୋସଫର୍ ମାନେ ସଂଗୀତର ଏହି ଶକ୍ତିକୁ ଉଦ୍ଭାବନ କରିଥିଲେ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ମଧ୍ୟ ଆମେରିକୀୟ ସୈନ୍ୟମାନଙ୍କୁ ଏହି ସଂଗୀତ ମାଧ୍ୟମରେ ଚିକିତ୍ସା କରାଯାଉଥିଲା । ୧୯୪୪ ମସିହାରେ ସାରା ପୃଥିବୀରେ ପ୍ରଥମଥର ପାଇଁ ମିଚିଗାନ୍ ଷ୍ଟେଟ୍ ୟୁନିଭର୍ସିଟିରେ ମ୍ୟୁଜିକ୍ ଥେରାପି ପ୍ରୋଗ୍ରାମ୍ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଆମେରିକାନ୍ ମ୍ୟୁଜିକ୍ ଥେରାପି ଆସୋସିଏସନ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ହୋଇ ପ୍ରାୟ ୭୦ଟି କଲେଜ୍ ଓ ୟୁନିଭର୍ସିଟିରେ ମ୍ୟୁଜିକ୍ ଥେରାପିର ଡିଗ୍ରୀ ପ୍ରୋଗ୍ରାମ୍ ଚାଲିଛି, ଏବଂ ଡିଗ୍ରୀପ୍ରାପ୍ତ ହୋଇ ଏହି ମ୍ୟୁଜିକ୍ ଥେରାପିଷ୍ଟ୍ ମାନେ ହିଁ ରୋଗୀମାନଙ୍କୁ ଆରୋଗ୍ୟ କରିବାରେ ନିଜକୁ ନିୟୋଜିତ କରୁଛନ୍ତି । ଭାରତରେ ମଧ୍ୟ ଅନେକ ବଡ଼ ବଡ଼ ସ୍ଥାନରେ ସଂଗୀତ ଚିକିତ୍ସା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

ଶିଶୁ ଠାରୁ ଆରମ୍ଭ କରି ଯୁବକ, ଯୁବତୀ, ପ୍ରୌଢ଼, ପ୍ରୌଢ଼ା ତଥା ବୃଦ୍ଧ, ବୃଦ୍ଧାମାନେ ମଧ୍ୟ ଏହି ସଂଗୀତ ଚିକିତ୍ସା ଦ୍ୱାରା ବିଭିନ୍ନ ରୋଗରୁ ଆରୋଗ୍ୟ ଲାଭ କରୁଛନ୍ତି । ତେବେ ଆସନ୍ତୁ ଦେଖିବା ଏ ପୃଥିବୀକୁ ନୂଆ ଜୀବନଟିଏ ଆଣିବା ପାଇଁ ପ୍ରସ୍ତୁତ ହେଉଥିବା ଗର୍ଭବତୀ ନାରୀଟିଏ ମ୍ୟୁଜିକ୍ ଥେରାପି ଦ୍ୱାରା କେମିତି ଉପକୃତ ହୋଇଥାଏ ।

### ଗର୍ଭବତୀ ନାରୀ ପାଇଁ ସଂଗୀତ ଚିକିତ୍ସା

ମା’ ହେବା ଏକ ସୁନ୍ଦର ସ୍ୱପ୍ନ । ମାତୃତ୍ୱ ପ୍ରଭୁଙ୍କର ଏକ ଆଶୀର୍ବାଦ ଯେଉଁଠାରେ ଗର୍ଭବତୀ ନାରୀଟିଏ, ସେବା ଓ ସୃଜନୀର ମନ୍ତ୍ରଗାଇ, ତ୍ୟାଗ ଓ ତିତୀକ୍ଷାର ତୀରଣ ଧରି ମାତୃତ୍ୱର ସୋପାନ ଆରୋହଣ କରିଥାଏ, ଏବଂ ଏକ ସୁସ୍ଥ ଶିଶୁର ଆଗମନକୁ ଅପେକ୍ଷା କରିଥାଏ । ତେବେ ମାତୃତ୍ୱର ୯ମାସର ଏ ରାସ୍ତା ଆଦୌ ସମତଳ ନୁହେଁ ଏବଂ ଏହା ଏକ ମାରାଥନ୍ ରେସ୍ ଠାରୁ କୌଣସି ଗୁଣରେ କମ୍ ନୁହେଁ,  କେତେବେଳେ ଏହା ନିରାପଦ ହୋଇଥାଏ ତ’ କେତେବେଳେ ଅସୁରକ୍ଷିତ ହୋଇଥାଏ । ଏଥିରେ ନାରୀଟିର ଶାରୀରିକ ପରିବର୍ତ୍ତନ ସହ ମାନସିକ ସ୍ତରରେ ମଧ୍ୟ ପରିବର୍ତ୍ତନ ଘଟିଥାଏ । ଅନେକ ସମୟରେ ଗର୍ଭବତୀ ମା’ଟିଏ ଭାବୀ ଶିଶୁପାଇଁ ଉଦ୍‌ବେଗ, ମାନସିକ ଚାପ, ଭୟ, ଆଶଂକା, ନୈରାଶ୍ୟ ଓ କ୍ଳାନ୍ତିରେ ସମୟ କାଟିଥାଏ ଏବଂ ଏହି ଆଶଂକା ତାକୁ ଭୟଭୀତ କରି ଦେଇଥାଏ । ତେଣୁ ଗର୍ଭାବସ୍ଥା ସମୟରେ ମ୍ୟୁଜିକ୍ ଥେରାପି ବା’ ସଂଗୀତ ଚିକିତ୍ସା ତାଙ୍କ ମନରୁ ଏହି ଭୟ ଓ ନୈରାଶ୍ୟ ଭାବକୁ ଦୂରେଇ ଦେଇ ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି




ରେବତୀ ଆମ ମାଟିର ସ୍ୱର

ଆଣିଥାଏ । ସଂଗୀତ ଶୁଣି ଶୁଣି, ଗର୍ଭବତୀ ମା'ଟିଏ ଅଭ୍ୟସ୍ତ ହୋଇଯାଏ, ନଅ ମାସର ଗର୍ଭାବସ୍ଥା ଓ ପ୍ରସବ ସମୟ କାଟିବାକୁ, କାରଣ ଏଥିରେ ତାକୁ ମାନସିକ ସ୍ଥିରତା ଓ ଧୈର୍ଯ୍ୟ ମିଳିଥାଏ ।

## ଶିଶୁ ପାଇଁ ସଂଗୀତ

ଗର୍ଭସ୍ଥ ଭ୍ରୁଣଟିର କାନ ବା' ଶୁଣିବା ଯନ୍ତ୍ର ପ୍ରାୟ ୩ମାସ ମଧ୍ୟରେ ତିଆରି ହୋଇଥାଏ । ପ୍ରାୟ ୪ମାସ ବେଳକୁ ଶିଶୁଟି ତା' ମା'ର ସ୍ୱର ଓ ସଂଗୀତ ଶୁଣିପାରେ, ଚିହ୍ନିପାରେ, ତେଣୁ ପ୍ରିନାଟାଲ୍ ମ୍ୟୁଜିକ୍ ଥେରାପି ଦ୍ୱାରା ଗର୍ଭସ୍ଥ ଶିଶୁଟିର ଅଂଗପ୍ରତ୍ୟଂଗର ସଂଚାଳନ ହୋଇଥାଏ, ଏବଂ ଏହା ମା' ଓ ଶିଶୁ ମଧ୍ୟରେ ଥିବା ସଂପର୍କକୁ ଆହୁରି ଦୃଢ଼ୀଭୂତ କରିଥାଏ । ଏହି ୯ ମାସର ଅପେକ୍ଷା ସମୟରେ ସଂଗୀତ ହିଁ ସୁପରିକଳ୍ପିତ ଭାବେ ଶିଶୁ ଓ ମା' ମଧ୍ୟରେ ଶାରୀରିକ ଓ ଭାବନାତ୍ମକ ସଂଯୋଗ ରକ୍ଷା କରିଥାଏ । କାରଣ ଏହାଦ୍ୱାରା ଶିଶୁର ସ୍ନାୟୁବିକ ବିକାଶ ଖୁବ୍ ସୁନ୍ଦର ଭାବରେ ହୋଇଥାଏ । ସଂଗୀତର ସ୍ପନ୍ଦନରେ ଶିଶୁର ସମସ୍ତ ସ୍ନାୟୁ ଉଜ୍ଜୀବିତ ହୋଇ ଉଠି ବର୍ଦ୍ଧନ ପ୍ରକ୍ରିୟାରେ ଲାଗିପଡ଼ନ୍ତି, ବିଶେଷଭାବରେ ମା' ଗାଉଥିବା ଗୀତ ଓ ମା'ର ହାତ ଯାହାକୁ ସେ, ପେଟ ଉପରେ ବୁଲାଇ ନିଜ ଶିଶୁକୁ ଆଉଁସିଥାଏ ତାହାହିଁ ତାକୁ ମା' ପାଖକୁ ଟାଣିଆଣେ । ମା'ର ଗୀତ ଶିଶୁକୁ ଏଇ ସଂଦେଶ ଦେଇଥାଏ ଯେ, ସେ କେମିତି ଶିଶୁଟିର ଜନ୍ମ ପାଇଁ ଆକୁଳରେ ଅପେକ୍ଷା କରିଛି ତାହା ଶିଶୁଟି ଜାଣୁ । ଜନ୍ମ ପରେ ଶିଶୁ ଏଇ ସଂଗୀତ, ମା' ସ୍ୱର ଓ ମା'ର ଗୀତକୁ ବାରଂବାର ଶୁଣି ଶୁଣି ମନେ ରଖିପାରେ । ଗର୍ଭାବସ୍ଥା ସମୟରେ ମା' ନିଜେ ଗୀତ ଗାଇଲେ ତା'ର ନିଃଶ୍ୱାସ ପ୍ରଶ୍ୱାସରେ ଉନ୍ନତି ହୋଇଥାଏ ।



ସଂଗୀତଜ୍ଞ ମାରିଆ ଲୁଇସା, ପଲ୍ କଚାଡି ଓ ସ୍ନାୟୁ ବିଶେଷଜ୍ଞ ସର୍‌ବନ୍‌ଙ୍କ ଦ୍ୱାରା ହୋଇଥିବା ଅନୁଧ୍ୟାନରୁ ଇଲେକ୍ଟ୍ରୋନିକ୍ ଭଏସ୍ ଫେନୋମିନା ବା' ଇ.ଭି.ପି. ଦ୍ୱାରା ଜଣାଯାଇଛି କେବଳ ସଂଗୀତ ଦ୍ୱାରା ଗର୍ଭସ୍ଥ ଶିଶୁଟି ୨୪ ଘଣ୍ଟା ଶାନ୍ତ ରହିଥାଏ । ବାପାଙ୍କର ସଂଗୀତର ସ୍ୱର ଗର୍ଭସ୍ଥ ଶିଶୁଟିର ପାଦଠାରୁ ପେଟଯାଏ ସ୍ଥିର ରଖିବାବେଳେ, ମା'ଙ୍କ ସଂଗୀତର ସ୍ୱର ଶିଶୁଟିକୁ ଅଣ୍ଟାଠାରୁ ମୁଣ୍ଡ ପର୍ଯ୍ୟନ୍ତ ସ୍ଥିର ରଖିଥାଏ । ନବଜାତ ଶିଶୁମାନଙ୍କ ଉପରେ ଗବେଷଣାକରି ଜଣାଯାଇଛି ଯେ, ପେଶାଦାର ନାରୀ ସଂଗୀତଜ୍ଞମାନେ ଗର୍ଭାବସ୍ଥାରେ ଗୀତ ଗାଉଥିଲେ, ଶିଶୁମାନଙ୍କର ବେକ ଓ ହାତ ବଳିଷ୍ଠ ହୁଏ ଏବଂ ପୁରୁଷ ସଂଗୀତଜ୍ଞମାନେ ତାଙ୍କ ପତ୍ନୀ ଗର୍ଭଧାରଣ କରିଥିବା ସମୟରେ ଗୀତ ବୋଲିଲେ, ଜନ୍ମପରେ ତାଙ୍କ ଶିଶୁମାନେ ଖୁବ୍ ଶୀଘ୍ର ଚାଲିବା ଶିଖିଥାନ୍ତି । ଗର୍ଭାବସ୍ଥା ସମୟରେ ସଂଗୀତ ଶୁଣିଲେ କି ଗୀତ ଗାଇଲେ ଗର୍ଭାବସ୍ଥାରେ ଏବଂ ପ୍ରସବ ସମୟରେ ସେମାନଙ୍କର ଏଣ୍ଡୋର୍‌ଫିନ୍ ନାମକ ଅନ୍ତଃସ୍ରାବୀରସ ବା' ହର୍‌ମୋନ ଝରିଥାଏ ଏବଂ ଏହା କଷ୍ଟ ଲାଘବ କରିବାରେ ସାହାଯ୍ୟ କରିଥାଏ । ସଂଗୀତ ଶୁଣି ଶୁଣି ଧୀରେ ଧୀରେ ନିଃଶ୍ୱାସ ପ୍ରଶ୍ୱାସ୍‌ନେଲେ ମା'ର ମଧ୍ୟ ପ୍ରସବବ୍ୟଥା କମିଯାଏ । ଗର୍ଭବତୀ ମା' ନିଜେ ସଂଗୀତ ଗାଇଲେ, ସେ ସ୍ୱର ମାଧ୍ୟମରେ ନିଜର ଓ ଶିଶୁର ଅନେକ ଜିନିଷ ନିୟନ୍ତ୍ରିତ କରିପାରିବ ଏବଂ ମା'ର ସ୍ୱର ଭବିଷ୍ୟତରେ ଶିଶୁ ପାଇଁ ଏକ ସ୍ନେହର ଉତ୍ସ ପାଲଟିଯିବ । ଗର୍ଭଧାରଣ ସମୟରେ ମା' ଯଦି ଶିଶୁ ପାଇଁ ଲଲାବି ବା' ନିଦରେ ଶୁଆଇବା ପାଇଁ ଗୀତଟିଏ ଗାଏ, ତେବେ ତା'ର ସ୍ପନ୍ଦନ ଶିଶୁ ଦେହରେ ମଧ୍ୟ ଏକ କୋମଳ କଂପନ ସୃଷ୍ଟି କରିଥାଏ ଏବଂ ମା' ଯେ ଶିଶୁର ଭବିଷ୍ୟତ ପାଇଁ କେତେ ଉଦ୍‌ବେଗ ପ୍ରକାଶ କରିଥାଏ, ତାହା ଶିଶୁଟି ହୃଦୟଙ୍ଗମ କରିଥାଏ । ଗର୍ଭବତୀ ମା' ନିଜେ ସଂଗୀତ ଶୁଣିଲେ ଏହା ମନୋ ମୁଗ୍‌ଧକର ବାତାବରଣ ସୃଷ୍ଟି କରି ମା'କୁ ସବୁ ଉଦ୍‌ବେଗ ଠାରୁ ଦୂରେଇ ଦେଇଥାଏ, ତା' ଫଳରେ ମା' ଏକ ସକାରାତ୍ମକ ଚିନ୍ତାଧାରା ତଥା ଶିଶୁର ଏକ ସୁନ୍ଦର ପ୍ରତିକୃତି କଥା ଭାବି ସନ୍ତୋଷ ଲାଭ କରିଥାଏ । ଖୁବ୍ ଧୀର, ଶାନ୍ତ, ମଧୁର ସ୍ୱରରେ ସଂଗୀତ ଶୁଣିଲେ, ଏହା ଶୈଶବର ଆରମ୍ଭରୁ ସବୁ ଦୃଶ୍ୟର ଅବତାରଣ କରିବା ସହ କେତେକ ପ୍ରାକୃତିକ ଦୃଶ୍ୟ ଯଥା ନଦୀ, ଝରଣା, ପର୍ବତ,



ଅରଣ୍ୟ ଆଦିର  ସୂଚନା ଦେଇଥାଏ । ପ୍ରସବ ବ୍ୟଥା ସମୟରେ ସଂଗୀତର ଏହି ସ୍ୱର, ତାଳ, ଛନ୍ଦ, ଲୟ ଓ ପ୍ରାକୃତିକ ଚିତ୍ରକଥା ମା' କଳ୍ପନାରେ ଭାବିଥାଏ ଏବଂ ଏହି ଭାବନା ତାକୁ ପ୍ରସବର କଷ୍ଟ ଦାୟକ ବ୍ୟଥାଠାରୁ ଦୂରେଇ ନେଇଥାଏ, ଏବଂ ପରବର୍ତ୍ତୀ ପ୍ରସବ ବ୍ୟଥା ସହ୍ୟ କରିବାପାଇଁ ତାକୁ ଶକ୍ତି ଯୋଗାଇ ଦେଇଥାଏ, ତେଣୁ ପ୍ରସବ ବ୍ୟଥା ସମୟରେ ମଧ୍ୟ ସଂଗୀତ ଶୁଣିବା ଭଲ । ତେବେ ଦୁଃଖ, ବିଷାଦ, ଅବସାଦ ଓ ମାନସିକ ଚାପ ଥିବା ଗୀତ ଶୁଣିଲେ ପ୍ରସବ ବ୍ୟଥା ବଢ଼ିଯାଇ ଥାଏ । ସଂଗୀତ ଓ ନୃତ୍ୟ ମଧ୍ୟ ଗର୍ଭବତୀ ନାରୀର ଅଣ୍ଟା ଓ ଜଂଘର ଶକ୍ତି ବଢ଼ାଇଥାଏ । ସଂଗୀତ ଶୁଣିବା ସହ ଗର୍ଭବତୀ ନାରୀକୁ ମାଲିସ୍ କଲେ ବା' ସେ ନିଜେ ନିଜ ଦେହ ଓ ପେଟକୁ ମାଲିସ୍ କଲେ, ଶିଶୁକୁ ମଧ୍ୟ ସେହି ହାତର ସ୍ପର୍ଶ ସୁଖ ମିଳିଥାଏ । ଏମିତିକି ପ୍ରସବ ବ୍ୟଥା ସମୟରେ ଅନ୍ୟ କେହି ଜଣେ ଗର୍ଭବତୀ ନାରୀକୁ ମାଲିସ୍ କଲେ, ପ୍ରସବ ବ୍ୟଥା କମିଯାଏ ଏବଂ ସେମାନେ ମଧ୍ୟ ପ୍ରସବ ପରେ ତାଙ୍କ ଶିଶୁମାନଙ୍କୁ ବେଶୀ ସ୍ନେହ କରିଥାନ୍ତି । ଶିଶୁମାନେ ଟିକେ ବଡ଼ହେବା ପରେ ବାପା ମା' ଧୀରେ ଧୀରେ ସଂଗୀତ ବଜାଇ, ଶିଶୁମାନଙ୍କ ସହ ନାଚିଲେ, ସେମାନେ ପିଲାଦିନର କଥା ମନେପକାଇ ପାରନ୍ତି ଏବଂ ସେମାନଙ୍କର ମଧ୍ୟ ଶିଶୁମାନଙ୍କ ସଂଗେ ଭଲ ସଂପର୍କ ରହିଥାଏ ।

ସଂଗୀତ ମନକୁ ଆନନ୍ଦ ଦେବା ସହ, ତା'ର ସୂକ୍ଷ୍ମ ସ୍ପନ୍ଦନରେ ରାଗରେ, ଭାବରେ, ଭାଷାରେ ତଥା ସ୍ୱରରେ, ତାଳରେ, ଲୟରେ, ଅଭିନବ ଗୁଂଜନରେ ଯେ କେତେ ରୋଗୀଙ୍କୁ ଆରୋଗ୍ୟ କରିପାରୁଛି, ତାହା ହିଁ ଆଜିର ଚରମ ବିସ୍ମୟ । ବିଜ୍ଞାନ ଓ କଳାର ଅପୂର୍ବ ସମ୍ମିଶ୍ରଣ ହିଁ ସଂଗୀତକୁ ଆରୋଗ୍ୟ କରିବାର ଅଭିନବ ପର୍ଯ୍ୟାୟକୁ ନେଇ ପାରିଛି ।




# ହସଖୁସିର ପରିବାର - ୯

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢ଼ୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

**ସମସ୍ୟା : ୧**

ମୁଁ ବାପାମାଙ୍କର ଗୋଟିଏ ଝିଅ । ବି.ଟେକ୍ ଶେଷ ବର୍ଷ ପଢୁଥିବା ବେଳେ ମୋର ବାହାଘର ହେଲା । ସ୍ୱାମୀ ହାଇଦ୍ରାବାଦରେ ଚାକିରି କରନ୍ତି । ସେ ବି ଜଣେ ଇଞ୍ଜିନିୟର । ଏକ ଘରୋଇ କଂପାନିରେ ଉଚ୍ଚ ପଦବୀରେ କାମ କରନ୍ତି । ବାହାଘର ପୂର୍ବରୁ ତାଙ୍କ ପରିବାର ବର୍ଗ ତଥା ସେ ନିଜେ କଥା ଦେଇଥିଲେ ଯେ ମୁଁ ବାହାଘର ପରେ ଚାକିରି କରିବି । ଇଚ୍ଛା କଲେ ଅଧିକ ପାଠ ବି ପଢ଼ିପାରିବି । ବାହାଘର ବର୍ଷେ ପୂରି ଗଲାଣି । ବି.ଟେକ୍‌ର ପରୀକ୍ଷା ଫଳ ବି ବାହାରି ସାରିଲାଣି । କିନ୍ତୁ ଏବେ ମୁଁ ଏମ.ଟେକ୍ ପଢ଼ିବା ପାଇଁ ଇଚ୍ଛା କଲେ ବି ମୋ ସ୍ୱାମୀ ସେ ବିଷୟରେ ନୀରବ ରହୁଛନ୍ତି । ହଁ କି ନାହିଁ କିଛି କହୁ ନାହାନ୍ତି । ବେଶି ପଚାରିଲେ ସେ ବିରକ୍ତ ହୋଇ ଏଣୁତେଣୁ କଥା କହୁଛନ୍ତି । ଶାଶୁଙ୍କୁ ପଚାରିଲେ ସେ କହୁଛନ୍ତି ଯେ ତୁମେ ଦୁଇ ଜଣ ଆଲୋଚନା କରି ଯାହା କରିବ ମୋର ଏଥିରେ କିଛି କହିବାର ନାହିଁ । ଚାକିରି କରିବାକୁ ଇଚ୍ଛା କଲେ ବି ସେଥିରେ ସେ ନୀରବ ରହୁଛନ୍ତି । ଏ ସବୁ ଦେଖି ମୋତେ ବଡ ବିରକ୍ତ ଲାଗିଲାଣି । ବାହା ହୋଇ ମୁଁ ଭୁଲ୍ କରିଛି ବୋଲି ଏବେ ଅନୁତାପ କରିବାକୁ ଲାଗିଲିଣି । ଏବେ କିଛି ଦିନ ହେବ ସେ ମୋତେ କହୁଛନ୍ତି ଓଡିଶାରେ ତାଙ୍କ ଘରକୁ ଯିବା ପାଇଁ । କିଛି ଦିନ ତାଙ୍କ ବାପାମାଙ୍କ ପାଖେ ରହିବା ପାଇଁ । ତାଙ୍କର ଉଦ୍ଦେଶ୍ୟ କଣ ମୁଁ କିଛି ବୁଝି ପାରୁନାହିଁ । ମୋ ନିଜ ମାକୁ ଏ ବିଷୟରେ କହିଲେ ବି ସେ ଖାଲି କହୁଛି ଧୈର୍ଯ୍ୟ ରଖ ସବୁ ଠିକ ହୋଇଯିବ । ଘରେ ବସି ବସି ମୁଁ ପାଗଳ ହୋଇଗଲା ପରି ଲାଗୁଛି । ପାଠ ପଢ଼ିବାର ଇଚ୍ଛା ମୋର ପୂରଣ ହୋଇ ପାରିବ କି ନାହିଁ ମୁଁ ଜାଣି ପାରୁନି । ଆପଣ ଟିକେ ବାଟ ବତାନ୍ତୁ ।

**ରାଧାରାଣୀ ମିଶ୍ର,** ହାଇଦ୍ରାବାଦ

▼ବିଶ୍ୱଭାରତୀ ଦାଶଙ୍କ ହସଖୁସିର ପରିବାର





**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

### ସମସ୍ୟା ପଠାଇବାର ଠିକଣା


ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

### ସମାଧାନର ସୂତ୍ର

ବାହାଘର ପୂର୍ବରୁ ଯେଉଁମାନେ ତୁମ ବାପାମାଙ୍କୁ କଥା ଦେଇଥିଲେ ଯେ ବାହାଘର ପରେ ତୁମେ ଚାକିରି କରି ପାରିବ ଅବା ଅଧିକ ପାଠ ପଢ଼ି ପାରିବ, ଏବେ ତୁମ ବାପାମା ସେମାନଙ୍କୁ ସିଧାସଳଖ ପଚାରିବା ଦରକାର । ବାହାଘର ବେଳେ ଦୁଇ ପକ୍ଷର ମୁରବୀମାନେ ବସି କଥା ହୋଇ ସବୁ କିଛି ସ୍ଥିର କରିଥାନ୍ତି । ତୁମେ ନିଜେ ଯଦି ଭଲ ପାଇ ବାହାଘର ସ୍ଥିର କରିଥାନ୍ତ ତେବେ ଆଉ କାହାକୁ କହିବାର ତୁମର କିଛି ଅଧିକାର ନଥାନ୍ତା । ଯେହେତୁ ଏହା ଦୁଇ ପରିବାର ମଧ୍ୟରେ ଆଲୋଚନା ହୋଇ ବାହାଘର ସ୍ଥିର ହୋଇଛି, ତେଣୁ ଏ ସମସ୍ୟାର ସମାଧାନ ସେମାନେ କରିବା ଉଚିତ । ବିଶେଷ କରି ତୁମର ବାପାମା ଏ ଦିଗରେ ପଦକ୍ଷେପ ନେବା ନିହାତି ଜରୁରି । ତୁମେ ତୁମ ସ୍ୱାମୀଙ୍କ ସହିତ ହାଇଦ୍ରାବାଦରେ ରହୁଛ । ତୁମ କଥା ଶୁଣି ଯଦି ସେ ନୀରବ ରହୁଛନ୍ତି ତାହା ବି ଠିକ ନୁହେଁ । ସ୍ୱାମୀ ହିସାବରେ ତାଙ୍କର ବି ତୁମ ପ୍ରତି କିଛି ଦାୟିତ୍ୱ ରହିଛି । ତୁମର ପାଠ ପଢ଼ିବା ବା ଚାକିରି କରିବା ବିଷୟରେ ସେ ନିଜସ୍ୱ ମତାମତକୁ ଖୋଲାଖୋଲି ଭାବରେ କହିବା ଉଚିତ । କାରଣ ସ୍ୱାମୀସ୍ତ୍ରୀଙ୍କ ମଧ୍ୟରେ ଆପୋଷ ଆଲୋଚନା କରି ବହୁତ କିଛି ସମାଧାନ କରି ହେବ । ଯେଉଁଥିରେ ବାହାର ଲୋକଙ୍କର ହସ୍ତକ୍ଷେପ ଦରକାର ପଡିବ ନାହିଁ । ବାହାଘରର ବର୍ଷକ ଭିତରେ ତୁମେ ତୁମ ସ୍ୱାମୀଙ୍କର ମନୋବୃତ୍ତି ବିଷୟରେ ନିଶ୍ଚିତ କିଛି ଅନୁଧ୍ୟାନ କରିଥିବ । ଏଣୁ ତୁମେ କୌଣସି ପ୍ରକାର ଯୁକ୍ତି ନ କରି ବିନମ୍ର ଭାବରେ ତାଙ୍କର ମନ ଭଲ ଥିବା ବେଳେ ଆଲୋଚନା କଲେ ନିଶ୍ଚିତ କିଛି ବାଟ ବାହାରିବ । କୌଣସି ପରିସ୍ଥିତିରେ ବି ତୁମେ ବିରକ୍ତି ଭାବ ପ୍ରକାଶ କରିବା ଠିକ ହେବ ନାହିଁ । ମନ ଭିତରେ ଅସନ୍ତୋଷ ଥିଲେ ବି ବାହାରେ ତାହା ପ୍ରକାଶ ନ କରିବା ଭଲ । ସ୍ତ୍ରୀ ହିସାବରେ ତୁମେ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରି ପାରିଲେ ତାଙ୍କର ମନୋବୃତି ବି ବଦଳି ପାରେ । ଧୈର୍ଯ୍ୟ ରଖି କାର୍ଯ୍ୟ କଲେ ସଫଳତା ନିଶ୍ଚିତ ମିଳିବ ।

### ସମସ୍ୟା : ୨

ମୁଁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷୟତ୍ରୀ ହିସାବରେ କାମ କରୁଛି । ମୋର ସ୍ୱାମୀ ଆମ ସହରରେ ଥିବା ଏକ ବେସରକାରୀ କଲେଜରେ ଅଧ୍ୟାପକ । ମୋ ଝିଅ ଯୁକ୍ତ ଦୁଇ ଓ ପୁଅ ନବମ ଶ୍ରେଣୀରେ ପଢୁଛନ୍ତି । ମୋ ସ୍ୱାମୀ ଜଣେ ଲେଖକ । ସେ ଗପ ଓ କବିତା ଲେଖନ୍ତି । ଗୋଟିଏ ମାସିକ ସାହିତ୍ୟ ପତ୍ରିକାର ସଂପାଦନା ମଣ୍ଡଳୀର ଜଣେ ପ୍ରମୁଖ ସଭ୍ୟ । ଏକ ସ୍ଥାନୀୟ ପୁରୁଣା ସାହିତ୍ୟ ସଂସଦର ସେ ଉପଦେଷ୍ଟା । ତାଙ୍କର ଅଧିକାଂଶ ସମୟ ସାହିତ୍ୟ ସେବାରେ ଯାଏ । ଘର କଥା ସେ କିଛି ବୁଝନ୍ତି ନାହିଁ କିମ୍ବା ପିଲାମାନଙ୍କର ପାଠ ପଢ଼ା ବିଷୟରେ ବି ମୁଣ୍ଡ ପୁରାନ୍ତି ନାହିଁ । ମୁଁ କିଛି କହିଲେ ସେ ହସି ହସି ମୋ କଥାକୁ ଉଡାଇ ଦିଅନ୍ତି । ମୁହଁ ଟାଣ କରି କୁହନ୍ତି ତୁମେ ଶିକ୍ଷୟତ୍ରୀ ହିସାବରେ ମୋ ଠାରୁ ଭଲରେ ସେ କଥା ବୁଝି ପାରିବ । ତାଙ୍କର ଅନେକ ଲେଖକ ଓ ଲେଖିକା ବନ୍ଧୁ ଅଛନ୍ତି । ଏବେ ମୁଁ ଶୁଣିବାକୁ ପାଉଛି ଯେ ଜଣେ ଦୁଇ ଜଣ ଲେଖିକା ବାନ୍ଧବୀଙ୍କ ସହିତ ତାଙ୍କର ଅନ୍ତରଙ୍ଗ ସଂପର୍କ ରହିଛି । ସେମାନଙ୍କ ଘରକୁ ସେ ନିୟମିତ ଯିବା ଆସିବା କରୁଛନ୍ତି । ସେମାନଙ୍କୁ ସାଙ୍ଗରେ ନେଇ ପାଖ ସହରରେ ହେଉଥିବା ସାହିତ୍ୟ ସଭାକୁ ଯାଉଛନ୍ତି । ଏପରିକି ଭୁବନେଶ୍ୱର ଅବା କଟକରେ ସଭା ଥିଲେ ରାତିରେ ରହି ତା ପର ଦିନ ସକାଳୁ ଫେରୁଛନ୍ତି । ଦିନକୁ ଦିନ ମୋର ମନରେ ଭୟ ବଢ଼ିବାରେ ଲାଗିଛି । ବୈବାହିକ ଜୀବନର ବାହାରେ ଅନ୍ୟ ମହିଳାଙ୍କ ସହିତ ଆନ୍ତରିକ ସଂପର୍କ ଦୋଷଯୁକ୍ତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛି । ଲେଖକ ଲେଖିକାମାନଙ୍କର ଏହିପରି ସଂପର୍କ ବିଷୟରେ ସମ୍ବାଦପତ୍ରରେ ଖବର ପଢ଼ି ପଢ଼ି ମନ ଦବି ଯାଉଛି । ତାଙ୍କୁ ଏ ବିଷୟରେ ପଚାରିବାକୁ ମୋର ସାହସ ହେଉ ନାହିଁ କାରଣ ସେ ଭୀଷଣ ରାଗୀ ଲୋକ । ଏପରି ପରିସ୍ଥିତରେ ମୁଁ



▼ଦିଲୀପ ଦାସ ଓ ପ୍ରତ୍ୟାଶା ବାଗ୍‌ଙ୍କ ହସଖୁସିର ପରିବାର

କଣ କରିବି ବୁଦ୍ଧି ବତାନ୍ତୁ ।

**ମିତା ମହାନ୍ତି,** ଭଦ୍ରକ

### ସମାଧାନର ସୂତ୍ର

ଏଥିରେ ଆପଣ ଆଦୌ ବ୍ୟସ୍ତ ହୁଅନ୍ତୁ ନାହିଁ । ସାହିତ୍ୟ ଜଗତରେ ଲେଖକ ଲେଖିକାମାନଙ୍କ ମଧ୍ୟରେ ଆନ୍ତରିକ ସଂପର୍କ ଗଢ଼ି ଉଠେ ଓ ପରେ ପୁଣି ଭାଙ୍ଗିଯାଏ । ଏହିପରି ସଂପର୍କ ସମାଜର ସବୁ ବର୍ଗରେ ଦେଖାଯାଏ । ଆଜିକାଲିକାର ଶିକ୍ଷିତ ସମାଜରେ ଏହିପରି ଅନେକ ଉଦାହରଣ ରହିଛି । ତାଙ୍କ ବିଷୟରେ ଆପଣ ଅନ୍ୟମାନଙ୍କ ପାଖରୁ ଖାଲି ଶୁଣିଛନ୍ତି । ଆପଣ ନିଜ ଆଖିରେ କିଛି ଦେଖି ନାହାନ୍ତି । ଶୁଣା ଖବର ଉପରେ କେବେ ବି ବିଶ୍ୱାସ କରନ୍ତୁ ନାହିଁ । ଏ ବିଷୟରେ ତାଙ୍କୁ କିଛି ପଚାରିବା ନିହାତି ମୂର୍ଖାମୀ ହେବ । ଆପଣ ତାଙ୍କୁ ଏ ପର୍ଯ୍ୟନ୍ତ କିଛି ନ ପଚାରି ବୁଦ୍ଧିମାନର କାମ କରିଛନ୍ତି । ତାଙ୍କ ଉପରୁ ଆପଣ ନଜର ହଟାଇ ନିଜର ଚାକିରି ଓ ପିଲାଙ୍କ ପାଠ ପଢ଼ା ଉପରେ ଧ୍ୟାନ ଦିଅନ୍ତୁ । ଶିକ୍ଷୟତ୍ରୀ ହିସାବରେ ସ୍କୁଲ୍‌ରେ ଛାତ୍ରଛାତ୍ରୀଙ୍କୁ ମଣିଷ କରିବାର ଦାୟିତ୍ୱ ଆପଣଙ୍କର । ସେ ଯାହା ସହିତ ଯେଉଁ ଭଳି ସଂପର୍କ ରଖନ୍ତୁ ପଛେ ଆପଣଙ୍କୁ ତ ଏ ପର୍ଯ୍ୟନ୍ତ ଅବହେଳା କରି ନାହାନ୍ତି । ଆପଣଙ୍କ ମନରୁ ସେସବୁ କଥା ନ କାଢ଼ିଲେ ଆପଣ ନିଜେ ଶାନ୍ତିରେ ବଂଚି ପାରିବେ ନାହିଁ । ପୁଅ ଝିଅଙ୍କ ସହିତ ବି ହସଖୁସିରେ ସମୟ କାଟି ପାରିବେ ନାହିଁ । ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଥରେ ସନ୍ଦେହ ସୃଷ୍ଟି ହେଲେ ତାହା ଖୁବ ଶୀଘ୍ର ବଢ଼ିଯାଏ ଏବଂ ସମସ୍ତ ପ୍ରକାର ଅଶାନ୍ତି ସୃଷ୍ଟି କରେ । ଆପଣ ଏ ବିଷୟରେ ଭୁଲରେ ବି ଅନ୍ୟ କାହା ପାଖରେ ପ୍ରକାଶ କରିବେ ନାହିଁ । ଏ ବିଷୟରେ ବି ଆପଣ ଅନ୍ୟ କାହାଠାରୁ କିଛି ଶୁଣିବାର ଆଗ୍ରହ ରଖିବେ ନାହିଁ । ଘର ଭାଙ୍ଗି ଦେବା ପାଇଁ ଆମ ସମାଜରେ ଅନେକ ଲୋକ ରହିଛନ୍ତି । ଧୈର୍ଯ୍ୟ ରଖନ୍ତୁ, ଧୀରେ ଧୀରେ ସବୁ କିଛି ଠିକ ହୋଇଯିବ ।

### ସମସ୍ୟା : ୩

ମୁଁ ଘରର ବଡ଼ ପୁଅ । ଗୋଟିଏ ସ୍କୁଲ୍‌ରେ ଶିକ୍ଷକ ଚାକିରି କରିଛି । ଘରେ ମୋର ସ୍ତ୍ରୀ, ଗୋଟିଏ ପୁଅ, ଝିଅ ଓ ମୋ ବିଧବା ମା' ରହୁଛୁ । ମୋ ବାପାଙ୍କର ୩ ବର୍ଷ ହେଲା ଦେହାନ୍ତ ହୋଇସାରିଛି । ବହୁ କଷ୍ଟରେ ମୁଁ ମୋ ପରିବାରର ଭରଣପୋଷଣ କରୁଛି । ଦୁଇ ବର୍ଷ ତଳେ ଗୋଟିଏ ଭଲ ରୋଜଗାରିଆ ପୁଅ ଦେଖି ମୁଁ ମୋ ସାନ ଭଉଣୀର ବାହାଘର କରାଇଥିଲି । ତା ଶାଶୁଘର ଚଳଣି ବହୁତ ଭଲ । ସ୍ୱାମୀ ଗୋଟେ ପ୍ରାଇଭେଟ୍ କଂପାନିରେ ଚାକିରି କରନ୍ତି । ଘରେ ମଧ୍ୟ ବହୁତ ଜମିଜମା ଅଛି । କିନ୍ତୁ ସେମାନେ ସବୁବେଳେ ମତେ କିଛି ନା କିଛି ଜିନିଷ ମାଗୁଛନ୍ତି । ସେଥିପାଇଁ ମୋ ଭଉଣୀକୁ ବାରମ୍ବାର ଆମ ଘରକୁ ପଠାଇ ଦେଉଛନ୍ତି । ସେ ଆସିବାକୁ ରାଜି ନ ହେଲେ ସେମାନେ ତାକୁ ମାନସିକ ଓ ଶାରୀରିକ କଷ୍ଟ ଦେଉଛନ୍ତି । ମୋ ଭଉଣୀ ଜାଣେ ମୋର ସ୍ୱଳ୍ପ ଆୟ ଭିତରେ ମୁଁ ସବୁବେଳେ ସେମାନଙ୍କର ଚାହିଦା ପୂରଣ କରିବାକୁ ଅକ୍ଷମ । ତେଣୁ ଭଉଣୀ ଏବେ ପ୍ରାୟ ସବୁବେଳେ ଆମ ଘରେ ହିଁ ରହୁଛି । ଏସବୁକୁ ନେଇ ସେ କାହାକୁ କିଛି ନ କହିଲେ ବି ବହୁତ ମାନସିକ ଯନ୍ତ୍ରଣା ପାଉଛି । ଭଉଣୀର ଏପରି ଅବସ୍ଥା ଦେଖି ଆମକୁ ବି ଭଲ ଲାଗୁନି । କିପରି ଏ ସମସ୍ୟାର ସମାଧାନ କରିବି ?

**ନିରାକାର ପଣ୍ଡା,** ଟିଟିଲାଗଡ଼

### ସମାଧାନର ସୂତ୍ର

ବାହାଘର ପରେ ଶାଶୁଘରେ ବୋହୂକୁ ଯନ୍ତ୍ରଣା ଦେବା ଆମ ସମାଜରେ ଏକ ସାଧାରଣ ଘଟଣା ହୋଇଗଲାଣି । ଲୋକମାନଙ୍କର ଲୋଭ ଏତେ ବଢି ଗଲାଣି ଯେ ସେମାନେ ନିଜର ମଣିଷ ପଣିଆକୁ ଭୁଲିଗଲେଣି । ମଣିଷ ହୋଇ ମଣିଷକୁ ଶାରୀରିକ ତଥା ମାନସିକ ଯନ୍ତ୍ରଣା ଦେବା କେତେ ଯେ ପାପ ତାହା ଏହି ତଥାକଥିତ ଶିକ୍ଷିତ ଲୋକମାନେ ଭୁଲି ଗଲେଣି । ଆପଣ ଶିକ୍ଷକ ଚାକିରି କରି ସଚ୍ଚୋଟ ଉପାୟରେ ରୋଜଗାର କରି ନିଜର ପରିବାରକୁ ଚଳାଇବା ସହିତ ନିଜ ସାନ ଭଉଣୀର ବାହାଘର ବି କରିଛନ୍ତି । ତାହା ନିଶ୍ଚିତ ଭାବେ ପ୍ରଶଂସନୀୟ । ଏବେ ଆପଣଙ୍କ ଭଉଣୀର ଯେଉଁ ସମସ୍ୟା ତାହା ନିଶ୍ଚିତ ଭାବେ ଆପଣଙ୍କ ପାଇଁ ମାନସିକ ବିଷାଦ ସୃଷ୍ଟି କରିବ । କିନ୍ତୁ ଏଥିରେ ଆପଣ ଆଦୌ ବିଚଳିତ ହୁଅନ୍ତୁ ନାହିଁ । ବିଚଳିତ ହେଲେ ଅବା ବିରକ୍ତ ହେଲେ ଭୁଲ୍ ବାଟରେ ଚାଲିଯିବାର ସମ୍ଭାବନା ରହିଛି । ଏଣୁ ଆପଣ ଗୁରୁଜନମାନଙ୍କ ସହିତ ତଥା ବିଜ୍ଞଲୋକମାନଙ୍କ ସହିତ ଆଲୋଚନା କରନ୍ତୁ । ବିନମ୍ର ଭାବରେ ଯାଇ ଭଉଣୀର ଶ୍ୱଶୁର ଘରେ ସମସ୍ତଙ୍କ ସହିତ ଆଲୋଚନା କରନ୍ତୁ । ଭୁଲ୍‌ରେ ବି ରାଗ ଅବା ଯୁକ୍ତି କରିବେ ନାହିଁ । ତାହା ସମାଧାନ କରିବା ପରିବର୍ତ୍ତେ ସମସ୍ୟାକୁ ଆହୁରି ଜଟିଳ କରିଦେବ । ଆପୋଷ ଆଲୋଚନାରେ ବହୁତ କିଛି ସମସ୍ୟାର ସମାଧାନ ହୋଇପାରେ । ଏସବୁ ସତ୍ତ୍ୱେ ଯଦି କିଛି ସମାଧାନ ନ ହୁଏ ତେବେ ବାଧ୍ୟ ହୋଇ ଆପଣଙ୍କୁ ଆଇନର ଆଶ୍ରୟ ନେବାକୁ ପଡ଼ିବ । କିନ୍ତୁ କେବେ ହେଲେ ବି ସେମାନଙ୍କର ଲୋଭକୁ ସନ୍ତୁଷ୍ଟ କରିବା ପାଇଁ ଋଣ କରି ତାଙ୍କର ଚାହିଦା ପୂରଣ କରିବେ ନାହିଁ । ଏପରି ସମସ୍ୟା ସହଜରେ ଅବା ଶୀଘ୍ର ସମାଧାନ ହୁଏ ନାହିଁ । ସେଥିପାଇଁ ମାନସିକ ପ୍ରସ୍ତୁତି କରିବାକୁ ହେବ । ଭଗବାନଙ୍କ ଉପରେ ବିଶ୍ୱାସ ରଖିଲେ ହିଁ ଆପଣ ଥଣ୍ଡା ମୁଣ୍ଡରେ ଏହାର ମୁକାବିଲା କରି ପାରିବେ ।

## ବହି ବିଚାର




- ପୁସ୍ତକର ନାମ: **ଶବ୍ଦ ହଜିଗଲା ପରେ**
- ଲେଖିକା ନାମ: **ପଲ୍ଲବୀ ନାୟକ**
- ପ୍ରକାଶକଙ୍କ ନାମ : **ପଶ୍ଚିମା ପବ୍ଲିକେଶନ୍‌ସ,** ଭୁବନେଶ୍ୱର
- ମୂଲ୍ୟ : ୯୦/-, ପୃଷ୍ଠା: ୧୦୦

ସମ୍ପର୍କ ଓ ସମ୍ପର୍କହୀନତା ଭିତରେ ସେତୁ ଗଢୁଥିବା ଲେଖିକା **ପଲ୍ଲବୀ ନାୟକ** ସବୁବେଳେ ବର୍ଣ୍ଣନାରେ ବିଦୂଷୀ । ତାଙ୍କର କାଉଁରିଛୁଆଁ ବର୍ଣ୍ଣନା ଚାତୁରୀ ପାଠକକୁ କେବଳ ବାନ୍ଧିରଖେ ନାହିଁ ଅନେକ କାଳ ପର୍ଯ୍ୟନ୍ତ ବନ୍ଦୀ ବନେଇ ଦିଏ । ଏହା ହିଁ ତାଙ୍କର ଗଳ୍ପ ଓ କବିତାର ବୈଶିଷ୍ଟ୍ୟ । ଏକାଧାରରେ ଗପ ଓ କବିତା ଲେଖି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପଲ୍ଲବୀ ପ୍ରକୃତରେ ପ୍ରେମିକାର ପ୍ରେମୋପଲବ୍ଧିକୁ ନେଇ ସୁନ୍ଦର ଗଳ୍ପ ଲେଖିପାରନ୍ତି । ତାଙ୍କ ଗଳ୍ପଗୁଡ଼ିକରେ ପ୍ରେମ ଓ ଅନୁରାଗର କଥା ପାଠକକୁ ଛୁଏଁ । ଚରିତ୍ରକୁ କମ୍ କାହାଣୀକୁ ବେଶି ଗୁରୁତ୍ୱ ଦେଉଥିବା ଏ ଲେଖିକାଙ୍କ **'ଶବ୍ଦ ହଜିଗଲା ପରେ'** ଶୀର୍ଷକ ଗଳ୍ପଟିର ଶେଷ ପାରାଗ୍ରାଫ୍‌ଟି ପଢ଼ନ୍ତୁ : କମ୍ପିତ ହାତରେ କାଢ଼ିଲା ସେ ତା ଭ୍ୟାନିଟିରୁ ଗତକାଲିର ଗୋଲାପୀ ଲଫାପା ଓ ସେଇ ଲଫାପା ଭିତରୁ ପୃଷ୍ଠାଏ ସାଧା କାଗଜକୁ । କଲମରୁ କ୍ୟାପ୍ ଖୋଲି ଥରଥର ଆଙ୍ଗୁଳିରେ ଲେଖିଲା ସେ ସେଇ ଶୂନ୍ୟ କାଗଜ ଛାତିରେ ଶବ୍ଦଟିଏ...ଅନୁରାଗ ! ପଲ୍ଲବୀଙ୍କ ଏ 'ଅନୁରାଗ' ଜଣକ ବେଶ୍ ଚିହ୍ନା ପାଠକଙ୍କ ଆଗରେ । ସୁତରାଂ ଅନୁରାଗର ଅଭାବରେ ତାଙ୍କ ଗଳ୍ପ ଅପରିପୂର୍ଣ୍ଣ ଲାଗେ । ଏ ଅନୁରାଗ ତାଙ୍କ ପ୍ରେମ ଓ ଭଲପାଇବାର ଭାଷା । ସଂକଳନର କୋଡ଼ିଏଟି ଗଳ୍ପରେ ତାଙ୍କ ପ୍ରେମର ଗଭୀରତା ତାଙ୍କ ଅନୁରାଗର ସାନ୍ଦ୍ରତା ଓ ତାଙ୍କ ଭଲପାଇବାର ବାସ୍ନା ଅଛି । ବେଳେ ବେଳେ ଆମ ହାତ ମୁଠାରୁ ଖସି ଯାଉଥିବା କିଛି ଶବ୍ଦ ଧରା ଦିଅନ୍ତି ନାହିଁ । ସେତେବେଳେ ନିଜ ଭିତରୁ ସରିଯାଏ ବିହ୍ୱଳପଣ ଓ ବିଭୋରତା । ସରିଯାଏ ସରାଗ ଓ ସମ୍ମୋହନ । ମନ ଖୋଜୁଥାଏ ସେହି ହଜିଯାଇଥିବା ଶବ୍ଦଟି ପୁଣି ଥରେ ଫେରିଆସନ୍ତା କି ! ଶବ୍ଦର ଏ ଲୁଚକାଳି ଖେଳ ଭିତରେ ପ୍ରେମ, ପ୍ରତାରଣା, ସ୍ୱପ୍ନ, ସ୍ୱପ୍ନଭଙ୍ଗ ପ୍ରଭୃତି ବିଷୟବସ୍ତୁକୁ ନେଇ ପଲ୍ଲବୀ ଗପଗୁଡ଼ିକୁ ବେଶ୍ ସୁନ୍ଦର ଭାବରେ ଗଢ଼ି ପାରିଛନ୍ତି । ତାଙ୍କର ଗଳ୍ପ ନିର୍ମାଣର କଳା ଲକ୍ଷଣୀୟ ।

# ଶୀତଦିନିଆ ପରିଧାନ



# ଶୀତଦିନେ ଫ୍ୟାଶନ୍



**ସ୍ନିଗ୍ଧା ତ୍ରିପାଠୀ**
ବିଶ୍ରାନ୍ତ୍‌ୱାଡ଼ି, ପୁନେ, ମହାରାଷ୍ଟ୍ର
ଫୋନ : ୯୩୦୯୧୧୯୬୨୫

ଫଟୋ ସୌଜନ୍ୟ : ଲେଖିକା

ଫ୍ୟାଶନ୍ ସଦାସର୍ବଦା ପରିବର୍ତ୍ତିତ । ଶୀତଦିନର ଆଗମନରେ ଅନେକେ ନିଜର ଆଉଟ୍ ଫିଟ୍‌କୁ ନେଇ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି । କେତେବେଳେ ସଟ୍ ଜ୍ୟାକେଟ୍ ତ କେତେବେଳେ ଲଙ୍ଗ୍ ଜ୍ୟାକେଟ୍ । କେତେବେଳେ ବୁଟ୍ ତ କେତେବେଳେ କାନ୍‌ଭାସ୍ ସୁ । ଏପରି ଅନେକ ପରିବର୍ତ୍ତନ ଆସେ ଏହି ସିଜିନ୍‌ରେ । ନିଜ ଆଉଟ୍‌ଫିଟ୍‌କୁ ସମସ୍ତେ ବେଷ୍ଟ୍ ଲୁକ୍ ଦେବାରେ ବ୍ୟସ୍ତ । ତେବେ ଏହି ଶୀତଦିନେ ନିଜ ଲୁକ୍‌କୁ କିପରି କରିବେ ଆକର୍ଷଣୀୟ, ଆସନ୍ତୁ ଜାଣିବା ।

ବଦଳୁଥିବା ଋତୁ ସହ ଆମ କପଡ଼ା, ବେଶଭୂଷାରେ ମଧ୍ୟ ପରିବର୍ତ୍ତନ ଆସେ । ଏହି ଶୀତଋତୁରେ ଫେସନେବୁଲ୍ ଏବଂ ଷ୍ଟାଇଲିଶ୍ ଦେଖାଯିବା ଆମ ପାଇଁ ଏକ ଚ୍ୟାଲେଞ୍ଜ୍ ହୋଇଥାଏ । କାରଣ ନିଜକୁ ଥଣ୍ଡାରୁ ରକ୍ଷା କରିବା ସହ ଷ୍ଟାଇଲ୍ ମେଣ୍ଟେନ୍ କରିବା ସହଜ ହୋଇନଥାଏ । ଏ ପରିପ୍ରେକ୍ଷୀରେ ସହଜ ସରଳ ଭାବେ ନିଜ ଆଉଟ୍‌ଫିଟ୍‌ରେ କ'ଣ ପରିବର୍ତ୍ତନ କରିବେ ସଂକ୍ଷେପରେ ନଜର୍ ପକାନ୍ତୁ ।

**ଜ୍ୟାକେଟ୍ :** ମୋଟା ଜ୍ୟାକେଟ୍ ଥଣ୍ଡାରୁ ତ ରକ୍ଷା କରିବ, କିନ୍ତୁ ଷ୍ଟାଇଲ୍ ପାଇଁ ଆଦୌ ଉଚିତ ନୁହେଁ । ହାଲ୍‌କା ଓ ପତଳା ସ୍ୱେଟର୍ ସହ ଫେସନେବୁଲ୍ ଟପ୍ ବହୁତ ଭଲ । ଏହାବ୍ୟତୀତ ସ୍ୱେଟ୍‌ସାର୍ଟ ଜିନ୍ସ ଉପରେ ହିଁ ଭଲ ଲାଗେ । ଏହା ମୋଟା ହୋଇଥିବାରୁ ଏହା ତଳେ କୌଣସି ଟପ୍‌ର ଆବଶ୍ୟକତା ନାହିଁ । ଏହା ସ୍ମାର୍ଟ ଲୁକ୍ ଦେଇଥାଏ । ଡେନିମ୍ ଜ୍ୟାକେଟ୍ ସବୁବେଳେ ସବୁ ସମୟରେ ଚାହିଦାରେ ଥାଏ, କିନ୍ତୁ ଶୀତଦିନେ ଏହାର ଆଦର ବେଶି । ଡେନିମ୍ ଜ୍ୟାକେଟ୍ ଫୁଲ୍‌ସ୍ଲିପ୍, ହାଫ୍ ସ୍ଲିପ୍, ଜିନ୍ସ ସହ ଭଲ ଲାଗେ । ଏହା ବ୍ୟତୀତ ସଟ୍ ଗାଉନ୍ କିମ୍ବା ହାଫ୍ ଗାଉନ୍ ସହ ମଧ୍ୟ ଭଲ ।

**ଷ୍ଟୋଲ୍ :** ଶୀତଦିନେ ଷ୍ଟୋଲ୍‌ର ମହତ୍ୱ ମଧ୍ୟ ଅଧିକ ରହିଛି । ଫ୍ଲାୱାର୍ ପ୍ରିଣ୍ଟ୍, ପୋଲ୍‌କାଡଟ୍ ପ୍ରିଣ୍ଟ୍ ଷ୍ଟୋଲ୍ ବେଶି ଫେସନେବୁଲ୍ ଲାଗେ । କଣ୍ଟେମ୍ପରାରି ଡ୍ରେସ୍ କିମ୍ବା ଜିନ୍ସ ଉପରେ ଷ୍ଟୋଲ୍ ପକାଇ ପାରିବେ । ନ୍ୟୁଜ୍ ପ୍ରିଣ୍ଟ୍‌ର ଷ୍ଟୋଲ୍ ଏକ ନୂଆ ଲୁକ୍ ଦେଇଥାଏ ।

**ଭେଲ୍‌ଭେଟ୍ ଡ୍ରେସ୍ :** ଭେଲ୍‌ଭେଟ୍‌ର ଜ୍ୟାକେଟ୍, ଟ୍ରାଉଜର୍, କୁର୍ତ୍ତା ଏବଂ ଗାଉନ୍ ସବୁକିଛି ଉପଲବ୍ଧ । ପାର୍ଟି ହେଉ କିମ୍ବା କୌଣସି ଫଙ୍କ୍‌ସନ୍‌ରେ ଗଲେ ଆପଣ ଡ୍ରେସ୍ ଉପରେ ଭାରି ଜ୍ୟାକେଟ୍ କିମ୍ବା ସ୍ୱେଟର୍ ପିନ୍ଧିଲେ ଆପଣଙ୍କ ଡ୍ରେସ୍ ଲୁଚି ଯାଇଥାଏ । କିଛି ଶୋ' ରହିନଥାଏ । ତେବେ ଏ ପରିପ୍ରେକ୍ଷୀରେ ଭେଲ୍‌ଭେଟ୍‌ର ଫ୍ୟାନ୍ସି ଗାଉନ୍ କିମ୍ବା କୁର୍ତ୍ତା ହେଉ କିମ୍ବା ନିଜ ଆଉଟ୍‌ଫିଟ୍ ଅନୁଯାୟୀ ଭେଲ୍‌ଭେଟ୍ ଜ୍ୟାକେଟ୍ ପରିଧାନ କରିପାରିବେ । ଏହା ଭିନ୍ନ ଭିନ୍ନ ରଙ୍ଗରେ ଉପଲବ୍ଧ ହେବା ସହ ସ୍ମାର୍ଟ ଲୁକ୍ ପ୍ରଦାନ କରିଥାଏ । ସନ୍ଧ୍ୟା ହେଉ କିମ୍ବା ରାତି, ଭେଲ୍‌ଭେଟ୍ କପଡ଼ା ସାଇନ୍ ମଧ୍ୟ କରିଥାଏ ।

**ଆନିମଲ୍ ପ୍ରିଣ୍ଟେଡ୍ ସୁ :** ଆନିମଲ୍ ପ୍ରିଣ୍ଟେଡ୍ ସୁ ର ଡିମାଣ୍ଡ୍ ତ ରହିଛି । କିନ୍ତୁ ନିଜ ଆଉଟ୍‌ଫିଟ୍ ଅନୁଯାୟୀ ଆପଣ ଜିନ୍ସ ସହ ଆନିମଲ୍ ପ୍ରିଣ୍ଟେଡ୍ ବୁଟ୍ ପିନ୍ଧି ପାରିବେ । ଠିକ୍ ସେହିପରି ସାଲୱାର୍ କିମ୍ବା ଗାଉନ୍ ସହ ଆନିମଲ୍ ପ୍ରିଣ୍ଟେଡ୍ ବେଲିଜ୍ ପିନ୍ଧି ପାରିବେ । ଆନିମଲ୍ ପ୍ରିଣ୍ଟେଡ୍ ଜୋତା ଏକ ଭିନ୍ନ ଲୁକ୍ ପ୍ରଦାନ କରିଥାଏ । ପାର୍ଟି ହେଉ କି କୌଣସି ଫଙ୍କ୍‌ସନ୍ ସବୁ ସମୟରେ ଏହାକୁ ପିନ୍ଧି ପାରିବେ ।

**ସ୍ୱେଟ୍ ସାର୍ଟ ଓ ହୁଡ୍ ଜ୍ୟାକେଟ୍ :** ଉଭୟ ପୁଅଝିଅ ସମସ୍ତଙ୍କ ପସନ୍ଦ୍ ସ୍ୱେଟ୍‌ସାର୍ଟ ଓ ହୁଡ୍ ଜ୍ୟାକେଟ୍ । ସ୍ୱେଟ୍‌ସାର୍ଟ ସାର୍ଟ ପରି ଭିନ୍ନ ଭିନ୍ନ ରଙ୍ଗର ଭିନ୍ନ ଭିନ୍ନ ଡିଜାଇନ୍‌ର ମିଳିଥାଏ ମାର୍କେଟରେ । ଏହା ଉଲେନ୍‌ର ହୋଇଥିବା ହେତୁ ଏହା ଉପରେ ଜ୍ୟାକେଟ୍‌ର ଆବଶ୍ୟକତା ନଥାଏ । ହୁଡ୍ ଜ୍ୟାକେଟ୍‌ର ଡିମାଣ୍ଡ୍ ଯେମିତି ଥିଲା ଏବେ ଶୀତଦିନେ ମଧ୍ୟ ଡିମାଣ୍ଡ୍ ରହିଛି ସମସ୍ତେ ଏସବୁ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ସ୍ମାର୍ଟ ଲୁକ୍ ଦେଇଥାଏ ।

▼ମଡେଲ୍ ଶ୍ରୀୟାକାନ୍ତ ପଟ୍ଟନାୟକ ଡେନିମ୍ ଜ୍ୟାକେଟ୍‌ରେ



## କ'ଣ କୁହନ୍ତି ଆମ ଡିଜାଇନର୍

ଶୀତଦିନେ ଫ୍ୟାଶନ୍ ନିଆରା । ଏହି ଋତୁରେ ନିଜକୁ ଫେସନେବୁଲ୍ ସହ ସ୍ମାର୍ଟ ଦେଖାଯିବା ପାଇଁ ସମସ୍ତେ ଚାହାଁନ୍ତି । କେଉଁଠିକୁ ବାହାରିଲେ ପାଦ ଠୁ ମୁଣ୍ଡ ପର୍ଯ୍ୟନ୍ତ ସବୁର ଫ୍ୟାଶନ୍‌କୁ ଧ୍ୟାନ ଦେବାକୁ ହୋଇଥାଏ । ଏହି ଋତୁରେ ଭେଲ୍‌ଭେଟ୍ କପଡ଼ାର ଫ୍ୟାଶନ୍ କ୍ରମାଗତ ବୃଦ୍ଧି ହେଉଥିବା ବେଳେ ଆନିମଲ୍ ପ୍ରିଣ୍ଟେଡ୍ ସୁ ମଧ୍ୟ ଜୋରଦାର୍ ଚାଲିଛି । ଡେନିମ୍‌ର ଜ୍ୟାକେଟ୍ ଶୀତର ତାଳେ ତାଳେ କେତେବେଳେ ହାଫ୍‌ସ୍ଲିଭ୍ ତ କେତେବେଳେ ଫୁଲ୍ ସ୍ଲିଭ୍‌ର୍ ଡିମାଣ୍ଡ୍ ଯୁବପିଢ଼ିଙ୍କୁ କିମିଆ କରୁଛି ।

**ସୌମ୍ୟା ନାୟକ**
ଫାଉଣ୍ଡର୍ : ହାଷ୍ଟ୍ ଟ୍ୟାଣ୍ଟ୍, ପୁନେ


▶ ଡିଜାଇନର୍ ସୌମ୍ୟା ନାୟକ


ମଡେଲ୍ ସ୍ମୃତିସ୍ମିତା ମହାପାତ୍ର ଭେଲ୍‌ଭେଟ୍ ଗାଉନ୍‌ରେ


ମଡେଲ୍ ଅର୍ପିତା ପଟେଲ୍ ସ୍ୱେଟ୍‌ଶାର୍ଟରେ


ମଡେଲ୍ ଇପ୍‌ସିତା ପାଣ୍ଡେ ଫ୍ଲୋରାଲ୍ ପ୍ରିଣ୍ଟେଡ୍ ଷ୍ଟୋଲ୍‌ରେ

**ଉଲେନ୍ କୁର୍ତ୍ତା:** ଉଲେନ୍ କୁର୍ତ୍ତା ଉଭୟ ପୁଅ ଓ ଝିଅମାନଙ୍କ ପାଇଁ ଉପଲବ୍ଧ । ଏହା ଭିନ୍ନ ଭିନ୍ନ ରଙ୍ଗରେ ଆସିବା ସହ ଭିନ୍ନ ଭିନ୍ନ ଷ୍ଟାଇଲ୍‌ରେ ମଧ୍ୟ ମାର୍କେଟରେ ମିଳୁଛି । ଏହି ଉଲେନ୍ କୁର୍ତ୍ତା ଉଲ୍ ମ୍ୟାଟେରିଆଲ୍ ହୋଇଥିବା ହେତୁ ଏଥିରେ ଥଣ୍ଡା ଅନୁଭୂତ ହୋଇନଥାଏ । ଏହା ଉପରେ ମଧ୍ୟ କୌଣସି ଜ୍ୟାକେଟ୍ ପିନ୍ଧିବାର ପ୍ରୟୋଜନ ନାହିଁ । ଏହି କୁର୍ତ୍ତା ଅଫିସ୍ ଯିବା ପାଇଁ ମଧ୍ୟ କ୍ୟାରି କରିପାରିବେ ।

**ଉଲେନ୍ ଟ୍ରାଉଜର୍ :** ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ଉଲେନ୍ ଟ୍ରାଉଜର୍ ଉପଲବ୍ଧ । ଏହା ଥଣ୍ଡାରେ ଉଷ୍ମତା ବଜାୟ ରଖିବା ସହ ଷ୍ଟାଇଲିସ୍ ଲୁକ୍ ପ୍ରଦାନ କରିଥାଏ । ମହିଳାଙ୍କର ଉଲେନ୍ ଟ୍ରାଉଜର୍, ଟ୍ରାକ୍‌ପ୍ୟାଣ୍ଟ୍, ପାଲାଜୋ ଏବଂ ଲେଗିଂନ୍ସ ରହିଛି । ଠିକ୍ ସେପରି ପୁରୁଷମାନଙ୍କର ଟ୍ରାକ୍‌ସୁଟ୍, ଟ୍ରାଉଜର୍ ଉପଲବ୍ଧ । ମାର୍କେଟ୍‌ରେ ଭିନ୍ନ ଭିନ୍ନ ରଙ୍ଗର ମିଳିବା ସହ ଦାମ୍ ଅନୁଯାୟୀ ଭିନ୍ନ ଭିନ୍ନ କ୍ୱାଲିଟିର ମଧ୍ୟ ମିଳୁଛି ।

# ପ୍ରାକ୍-ବୈବାହିକ ରୂପଚର୍ଚ୍ଚା



# ବିବାହର ମାସକ ଆଗରୁ ଶରୀରର ଯତ୍ନ






**ସସ୍ମିତା ମେହେର**

ବିୟୁଟିସିଆନ୍, ସୋନ୍‌ପୁର

ଫୋନ : ୯୪୩୭୯୭୭୩୮୭


ଫଟୋ ସୌଜନ୍ୟ : ଲେଖିକା ଓ ଗୁଗୁଲ୍

ଏଇନେ ଆସିଯିବ ବିବାହର ଋତୁ । ବିବାହ କରିବାକୁ ଯାଉଥିବା ଝିଅଟିଏ ମନରେ ଅସୁମାରୀ ପ୍ରଶ୍ନ...କେମିତି ସେ, ସେଇ ସ୍ୱତନ୍ତ୍ର ଦିନରେ ସମସ୍ତଙ୍କ ଠୁ ଭିନ୍ନ ଦିଶିବ, କେବିତି କିଛିଟା ସ୍ୱତନ୍ତ୍ର ସୌନ୍ଦର୍ଯ୍ୟର ଅଧିକାରିଣୀ ହୋଇପାରିବ ?

ଉତ୍ତରଟା ସହଜ । ଏଥିପାଇଁ ଖାଲି ମେକ୍‌ଅପ୍, ଶାଢ଼ି, ଲେହେଙ୍ଗା କି ଗହଣା ଯଥେଷ୍ଟ ନୁହେଁ ବିବାହ ପୂର୍ବବର୍ତ୍ତୀ ମାସକ ଆଗରୁ ମୁହଁ ସାଙ୍ଗକୁ ସଂପୂର୍ଣ୍ଣ ଶରୀର ମାନେ ନଖ ଠୁ ଶିଖ ପର୍ଯ୍ୟନ୍ତ ଯତ୍ନ ନେବା ନିହାତି ଜରୁରୀ ।

ତେବେ ଆମେ ପ୍ରଥମେ ଯିବା, ସ୍ୱାସ୍ଥ୍ୟର ଯତ୍ନ ନେବା ଦିଗକୁ । ସୁନ୍ଦର ଚେହେରାର ଅଧିକାରିଣୀ ହେବା ପାଇଁ ଉତ୍ତମ ସ୍ୱାସ୍ଥ୍ୟ, ଆଉ ନିଜକୁ ଫିଟ୍ ରଖିବା ବଶେଷ ଜରୁରୀ ।



### ଏଥିପାଇଁ କ'ଣ ସବୁ କରିବାକୁ ହେବ

୧. ନିୟମିତ ଯୋଗ କିମ୍ବା ଅନ୍ୟ ବ୍ୟାୟାମ କରିବା ଆବଶ୍ୟକ । ସକାଳୁ ସକାଳୁ ଖୋଲା ପବନରେ ଅଧ ଘଣ୍ଟାଏ ଚାଲିନ୍ତୁ କିମ୍ବା ଏ ମଧ୍ୟରୁ କିଛି କରି ନପାରିଲେ ମ୍ୟୁଜିକ୍ ଲଗେଇ ନାଚି ପାରନ୍ତି, ଯେଉଁଥିରେ କି ମନ ହାଲ୍‌କା ହେବା ସହ ଖୁସି ରହିବ । ଶରୀରର ଚର୍ବି ମଧ୍ୟ ହ୍ରାସ ହେବ ।

୨. ପୁଷ୍ଟିକର ଖାଦ୍ୟ ଖାଆନ୍ତୁ, ଦିନରେ ଦୁଇରୁ ତିନି ଲିଟର୍ ପାଣି ନିହାତି ପିଅନ୍ତୁ । ଭଲ ତ୍ୱଚା ପାଇଁ ଯଥେଷ୍ଟ ପାଣି ପିଇବା ଏକାନ୍ତ ଜରୁରୀ । ସକାଳୁ ଖାଲି ପେଟରେ ଗୋଟିଏ ଗ୍ଲାସ୍ ଉଷୁମ୍ ପାଣି୍‌ରେ ଫାଳେ ଲେମ୍ବୁରସ ଆଉ ଚାମୁଚେ ମହୁ ମିଶେଇ ପିଅନ୍ତୁ । ସନ୍ଧ୍ୟାରେ ଏକ କପ୍ ଗ୍ରିନ୍ ଟି ପିଅନ୍ତୁ । ଛଣାଛଣି ଖାଦ୍ୟ ମାସକ ଆଗରୁ ପୁରାପୁରି ବର୍ଜନୀୟ । ନହେଲେ ଅଧିକ ତେଲିଆ ତ୍ୱଚା ହେବା ସହିତ ବ୍ରଣ ହେବାର ବି ଆଶଙ୍କା ଅଛି । ଅଧିକ ଗୋରା ତ୍ୱଚା ପାଇଁ ଆପଣ ବିଟ୍, ଗାଜର୍, ଆଉ ଲେମ୍ବୁରସ ମିଶେଇ ପିଇ ପାରିବେ । ଏଥିରେ ଶରୀର ସୁସ୍ଥ ରହିବା ସାଙ୍ଗକୁ ତ୍ୱଚାର ମଧ୍ୟ ଔଜ୍ଜଲ୍ୟ ବୃଦ୍ଧି ପାଇବ । ହାଲ୍‌କା ରାତ୍ରି ଭୋଜନ ନଅଟା ବେଳକୁ ନେଇଯିବା ଠିକ ରହିବ ।



୩. ସୁନ୍ଦର ତ୍ୱଚା ପାଇଁ ଉତ୍ତମ ନିଦ ମଧ୍ୟ ଜରୁରୀ । ସେଥିପାଇଁ ରାତିରେ ଗ୍ଲାସେ କ୍ଷୀରରେ ହଳଦୀ ଗୋଟେ ଚାମୁଚ୍ ଆଉ ମହୁ ଗୋଟିଏ ଚାମୁଚ୍ ମିଶେଇ ପିଅନ୍ତୁ । ୭ରୁ ୮ଘଣ୍ଟା ନିଦ୍ରା ସୁନ୍ଦର ଶରୀର ଆଉ ତ୍ୱଚା ପାଇଁ ଏକାନ୍ତ ଜରୁରୀ ।

### ତ୍ୱଚା ଆଉ କେଶର ଯତ୍ନ

୧. ପ୍ରଥମେ ବ୍ୟୁଟିସିଆନ୍‌ଙ୍କ ପରାମର୍ଶ ଅନୁଯାୟୀ ମାସକୁ ଥରେ ଲେଖାଏଁ, ତିନିମାସ ଆଗରୁ ନିଜ ତ୍ୱଚା ଅନୁଯାୟୀ ଫେସିଆଲ୍ କରେଇ ନିଅନ୍ତୁ । ବ୍ଲିଚ୍ ଯଦି କରିବାର ଅଛି ବିବାହର ପନ୍ଦର କି କୋଡ଼ିଏ ଦିନ ଆଗରୁ କରେଇ ନେବା ଭଲ । ଘରୋଇ ଉପାୟରେ ମଧ୍ୟ ଆପଣ ତ୍ୱଚା ଅନୁଯାୟୀ ବିଭିନ୍ନ ଫେସିଆଲ୍ କିମ୍ବା ଅନ୍ୟ ଯତ୍ନ ନେଇ ପାରିବେ । କିନ୍ତୁ ନିଜେ ନିଜର କଲେ ଆରାମ ନମିଳିବା ସାଙ୍ଗକୁ ସମସ୍ତ ମସାଜ୍‌ର ଷ୍ଟ୍ରୋକ୍ ମଧ୍ୟ ଦେଇ ହୁଏନା । ସେଇଥିପାଇଁ ମନ ମୁତାବକ ରେଜଲ୍ଟ ମିଳେନା । ଜଣେ ଦକ୍ଷ ବ୍ୟୁଟିସିଆନ୍‌ଙ୍କ ସହିତ ପରାମର୍ଶ କରି ନିଜ ତ୍ୱଚା ଅନୁଯାୟୀ ଫେସ୍‌ୱାସ୍ ଆଉ ଡେ ନାଇଟ୍ କ୍ରିମ୍ ବ୍ୟବହାର କରିବା ଭଲ ।



୨. ଶରୀରରୁ ଅଦରକାରୀ ଲୋମସବୁକୁ ହଟେଇବା ସଙ୍ଗେ ସଙ୍ଗେ ସ୍କ୍ରବ୍ ଆଉ ତା' ପରେ ମସାଜ୍ କରେଇ ନେବା ଭଲ । ଭଲ ବ୍ରାଣ୍ଡ୍‌ର ବଡ଼ିକ୍ରିମ୍ ବ୍ୟବହାର କରନ୍ତୁ ।

୩. କେଶକୁ ତିନିମାସ ଆଗରୁ ଟ୍ରିମିଙ୍ଗ୍ କରେଇ ନିଅନ୍ତୁ । ସପ୍ତାହକୁ ଦୁଇଥର କେଶ ଅନୁଯାୟୀ ଶାମ୍ପୁ କରନ୍ତୁ । ଶାମ୍ପୁ କରିବା ଆଗରୁ କେଶରେ ଆଲୋଭେରା ଜେଲ୍ ସାଙ୍ଗକୁ ଫାଳେ ଲେମ୍ବୁରସ ମିଶାଇ ମସାଜ୍ କଲେ ଅଧିକ ଭଲ ଫଳ ମିଳେ ।

୪. ବିବାହ ଆଗରୁ ଦୁଇଥର ପେଡ଼ିକିଓର୍ ଆଉ ମେନିକିଓର୍ କରେଇ ନେବା ଭଲ ।

୫. ସ୍କିନ୍‌ରେ ଅଧିକ କିଛି ଅସୁବିଧା ଥିଲେ ଚର୍ମରୋଗ ବିଶେଷଜ୍ଞ ଠୁ ଚିକିତ୍ସା କରେଇ ନେବା ଭଲ ।

ଏଇସବୁ କରିବା ମଧ୍ୟରେ ସବୁଠୁ ଜରୁରୀ ସକରାତ୍ମକ ଚିନ୍ତାଧାରା ସହ ମନକୁ ସବୁବେଳେ ପ୍ରଫୁଲ୍ଲ ରଖିବା ।

# ରାଜସ୍ଥାନୀ ରାନ୍ଧଣା



# ଦୁଇଟି ବ୍ୟଞ୍ଜନ





**ସୁଚେତା ନନ୍ଦ**
ତ୍ରିଶୁଳିଆ, କଟକ
ଫଟୋ ସୌଜନ୍ୟ : ଲେଖିକା

## ଅଁଳା ଆଚାର

**ଆବଶ୍ୟକ ଉପକରଣ:** ଅଁଳା, ଲୁଣ, ହଳଦୀ, ଲଙ୍କାଗୁଣ୍ଡ, ହିଙ୍ଗୁ, ଧନିଆଁ ଗୁଣ୍ଡ, ସୋରିଷତେଲ, ପାଣି ଓ କଞ୍ଚାଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:** ୧୫ରୁ ୨୦ଟି ଅଁଳାରୁ ୧୫ମିନିଟ୍ ପର୍ଯ୍ୟନ୍ତ ସିଝାନ୍ତୁ । ଥଣ୍ଡା ହେବା ପରେ ପାତ୍ରରୁ ପାଣି ନିଗାଡ଼ି ଦିଅନ୍ତୁ, ଅଁଳାର ମଞ୍ଜି କାଢ଼ି ଚାରି ଭାଗରେ କାଟି ଦିଅନ୍ତୁ । ଏକ କଡ଼ାଇରେ ତେଲ ଗରମ କରି ସେଥିରେ ଗୋଟେ ଚାମୁଚ୍ ହିଙ୍ଗୁ ପକାନ୍ତୁ । ୩/୪ଟି କଞ୍ଚାଲଙ୍କାକୁ ସେହି ଗରମ ତେଲରେ ପକାଇ ଭାଜନ୍ତୁ । ତା'ପରେ ଅଁଳା ଟୁକୁଡ଼ାକୁ ସେଥିରେ ପକାନ୍ତୁ । ହଳଦୀ ଗୁଣ୍ଡ, ଲଙ୍କାଗୁଣ୍ଡ, ଲୁଣ, ଧନିଆ ଗୁଣ୍ଡ ପକାଇ ଧୀମା ଆଞ୍ଚରେ ୮ରୁ ୧୦ ମିନିଟ୍ ବସାନ୍ତୁ । ତା'ଦ୍ୱାରା ସମସ୍ତ ମସଲା ଓ ଲୁଣ ଅଁଳା ଭିତରେ ଉପଯୁକ୍ତ ଭାବରେ ପଶି ପାରିବ । ଥଣ୍ଡା ହେବା ପରେ ଏକ କାଚ ଜାର୍‌ରେ ସାଇତି ରଖନ୍ତୁ । ଗୋଟେ ସପ୍ତାହ ପର୍ଯ୍ୟନ୍ତ ଏହି ଆଚାରକୁ ଆପଣ ରୁଟି, ପରଟା କିମ୍ବା ଭାତ ସହିତ ବ୍ୟବହାର କରି ପାରିବେ । ଶୀତଦିନେ ପ୍ରଚୁର ମାତ୍ରାରେ ଉପଲବ୍ଧ ଅଁଳାର ସେବନ ଆପଣଙ୍କୁ ପର୍ଯ୍ୟାପ୍ତ ପରିମାଣର ଭିଟାମିନ୍ 'ସି' ଯୋଗାଇବା ସହିତ ବିଭିନ୍ନ ତ୍ୱଚା ଜନିତ ସମସ୍ୟାରୁ ଦୂରେଇ ରଖିବ ।

## ରାଜସ୍ଥାନୀ ମେଥି ପରଟା

**ଆବଶ୍ୟକ ସାମଗ୍ରୀ:** ମେଥିଶାଗ, ଅଟା, ଲୁଣ, ପାଣି, ଟମାଟୋ, ପନିର୍, ତେଲ କିମ୍ବା ଘିଅ, ପିଆଜ ।

**ପ୍ରସ୍ତୁତି ପ୍ରଣାଳୀ:** ସର୍ବପ୍ରଥମେ ଗୋଟିଏ ଛୋଟ ବିଡ଼ା ମେଥିଶାଗକୁ ପରିଷ୍କାର ଭାବରେ ବାଛି ସଫା କରନ୍ତୁ । କେବଳ ପତ୍ରଗୁଡ଼ିକୁ ଅତି ଛୋଟ କରି କାଟି ରଖନ୍ତୁ । ତିନିରୁ ଚାରି କପ୍ ଅଟାରେ କାଟିଥିବା ଶାଗକୁ ମିଶାଇ ସାମାନ୍ୟ ଲୁଣ ଓ ପାଣି ଦେଇ ଚକଟି ଦିଅନ୍ତୁ । ମିଶ୍ରଣ ପ୍ରସ୍ତୁତ ହେଲା ପରେ ଅଟାକୁ ଗୁଳା ଗୁଳା କରି ରଖନ୍ତୁ । ପ୍ରତି ଗୁଳାକୁ ଗୋଲ୍ ଆକାରରେ ବେଲି ତାୱାରେ ଅଧିକ ତେଲ ଦେଇ ସେକି ଦିଅନ୍ତୁ । ଦୁଇ/ତିନି ଚାମୁଚ୍ ତେଲ ଦେବା ଆବଶ୍ୟକ । ନଚେତ୍ କଞ୍ଚା ରହିବାର ସମ୍ଭାବନା ଥାଏ । ସାଧାରଣତଃ ଆମେ ପରଟା ତ୍ରିଭୁଜାକାର କରିଥାଉ । ମାତ୍ର ରାଜସ୍ଥାନୀ ମେଥି ପରଟା ଗୋଲାକାର ହେବା ଦରକାର ।

ତା'ପରେ ପରଟା ଭିତରେ ଦେବା ପାଇଁ ଆମକୁ କିଛି ପନିର୍ ଗୁଣ୍ଡ, ଛୋଟ ଛୋଟ କଟା ଯାଇଥିବା ପିଆଜ ଓ ଟମାଟୋ ଆବଶ୍ୟକ । ଚିତ୍ରରେ ଯେଭଳି ସଜା ଯାଇଛି ଠିକ୍ ସେଭଳି ପରଟାଟିକୁ ପ୍ଲେଟ୍‌କୁ କାଢ଼ି ଆଣି ସଜେଇ ଦିଅନ୍ତୁ ଏବଂ ଗରମ ସ୍ୱାଦିଷ୍ଟ ମେଥି ପରଟାର ଆନନ୍ଦ ନିଅନ୍ତୁ ।



# ଅପରୂପା ଅନୁଭା




# ମାଆଙ୍କ ପ୍ରେରଣା ମୋତେ ଏତେ ବାଟ ଆଣିଛି





ସାକ୍ଷାତ୍ : **ଶ୍ରୀଗୋବିନ୍ଦ ଓ କୃଷ୍ଣ କୁମାର ମହାନ୍ତି**

ଫଟୋ ସୌଜନ୍ୟ : ଗୁଗୁଲ୍



ତାଙ୍କ କଥାରେ ଥାଏ କୁହୁକ । ଆଖିରେ ଆଖିଏ ଇଶାରା । ମଧୁଝରା ହସରେ ଥାଏ ଫୁଲର ବାସ୍ନା । ଅନନ୍ୟା ଓ ଅସାମାନ୍ୟା ସେ । ଓଡ଼ିଆ ଚଳଚ୍ଚିତ୍ରର ପରୀ ବି ସେ । ସେ ହେଲେ ଅପରୂପା ଅନୁଭା । ଅନୁଭା ସୌର୍ଯ୍ୟା । ଜଣେ ଓଡ଼ିଆ ଅଭିନେତ୍ରୀ ଭାବରେ ସେ ବେଶ୍ ପରିଚିତା । ମାଆ ପୁଷ୍ପା ପଣ୍ଡା ତାଙ୍କ ପଥ ଓ ପ୍ରେରଣା । ପୁଷ୍ପାଙ୍କ ଅଲ୍ୟଳ ଝିଅ ଭାବରେ ସେ ଆଦରଣୀୟା । ୨୦୧୧ରେ ହରିହର ଦାସଙ୍କ ସହ ଓଡ଼ିଆ କଥାଚିତ୍ର 'ମୁଁ ପ୍ରେମୀ ମୁଁ ପାଗଳ' ମାଧ୍ୟମରେ ଅନୁଭା ଅଭିନୟ ଜଗତକୁ ପ୍ରବେଶ କରନ୍ତି । ବସ୍ତୁତଃ ତାହା ହିଁ ତାଙ୍କର ଶୁଭାରମ୍ଭ । ତା'ପରେ ପାଠପଢ଼ାରେ ବ୍ୟସ୍ତ ରହିବା କାରଣରୁ ପ୍ରାୟ ପାଞ୍ଚ ବର୍ଷ ଅଭିନୟ ବନ୍ଦ୍ । ୨୦୧୬ରେ ଅନୁଭାଙ୍କର ଅଭିନୀତ ତିନୋଟି ଚଳଚ୍ଚିତ୍ର ମୁକ୍ତିଲାଭ କରେ । 'ସମୟ ବଡ଼ ବଳବାନ', 'ସୁଇଟ୍ ହାର୍ଟ' ଓ 'ରିଭେଞ୍ଜ୍' ଚଳଚ୍ଚିତ୍ରରେ ଅଭିନୟ କରି ସେ ପୁଣି ତାଜା କରନ୍ତି ତାଙ୍କ ଦର୍ଶକଙ୍କ ମନ । ଏହାବ୍ୟତୀତ ୨୦୧୫ରେ ହିନ୍ଦୀ ଫିଲ୍ମ 'କୌନ୍ କିତ୍‌ନେ ପାନିମେ'ରେ ଅଭିନୟ କରବା ତାଙ୍କ ପାଇଁ ଥିଲା ଆଉ ଏକ ସଫଳତା ।

ଅଭିନୟ ପୂର୍ବରୁ ଅନୁଭା ନୃତ୍ୟଗୁରୁ ଗଙ୍ଗାଧର ପ୍ରଧାନଙ୍କ ଅଧୀନରେ ଓଡ଼ିଶୀ ନୃତ୍ୟ ଶିଖୁଥିଲେ । ତେଣୁ ଅନେକ ମଞ୍ଚରେ ସେ ଓଡ଼ିଶୀ ନୃତ୍ୟ ପ୍ରଦର୍ଶନ କରିଛନ୍ତି । ନିଜର ଅଭିନୟ ଦକ୍ଷତା ଯୋଗୁଁ ସେ ଜଣେ ନବାଗତା ଅଭିନେତ୍ରୀ ଭାବରେ ଯଥେଷ୍ଟ ଆଗକୁ ଆସିଥିଲେ ମଧ୍ୟ ଆହୁରି ଦେଖେଇବାକୁ ଅଛି ଦମ୍ । ତାଙ୍କ ସହିତ 'ରେବତୀ'ର ଏକ ବିଶେଷ ଆଳାପ ।






▲ 'ବଜ୍‌ରଙ୍ଗୀ'ରେ ଅନୁଭା ସୌର୍ଯ୍ୟା

**▲ସିନେମାରେ ଅଭିନୟ କରିବାକୁ କାହିଁକି ଚାହିଁଲେ ? ମାଆଙ୍କ ଦ୍ୱାରା ଅନୁପ୍ରାଣିତ ହେଲେ ନା ଗ୍ଲାମର୍ ଦୁନିଆର ଆର୍କଷଣ ?**

▶ଦୁଇଟି ଭିତରୁ କିଛି ବି ନୁହେଁ । ସିନେମା ଭିତରକୁ ଆସିବି ବୋଲି ଜାଣି ନଥିଲି । ପ୍ରଥମେ ମୁଁ ଓଡ଼ଶୀ ଶିଖୁଥିଲି । ମୋତେ ଇଣ୍ଡିଆନ୍ ଆଇଡ଼ଲ୍‌ର ହରିହରଙ୍କ ସହ ଅଭିନୟ କରିବାକୁ ସୁଯୋଗ ଆସିଲା । ମୁଁ ଭାବିଲି ନାଚକୁ ନେଇ ଏଥିରେ କିଛି କ୍ୟାରିୟର କରା ଯାଇପାରିବ । ଅଭିନୟ କରିବା ପରେ ମୋତେ ଅଭିନୟର ଦୁର୍ବଳତା ବାନ୍ଧି ରଖିଲା । ଅବଶ୍ୟ ମାଆଙ୍କର ପ୍ରେରଣା ମୋତେ ଏ ଦିଗରେ ଅନେକ ସାହାଯ୍ୟ କରିଛି ।

**▲କଳାକାର ପରିବାର ଭିତରେ ଥିଲେ ବି ଅନ୍ୟମାନଙ୍କ ଭଳି କାହିଁକି ଶିଶୁ କଳାକାର ଭାବରେ ଅଭିନୟ କରିବାକୁ ଚାହିଁଲେ ନାହିଁ ?**

▶ମୁଁ ଅଭିନୟ କରିବି ବୋଲି ଭାବି ନଥିଲି । ମୋ ମାଆ ବି ମୁଁ ଅଭିନୟ ଜଗତରେ ପାଦ ଦିଏ ବୋଲି ଚାହୁଁ ନଥିଲେ । ମୋର ପାଠପଢ଼ା ଓ କ୍ୟାରିୟର୍‌କୁ ନେଇ ମୋତେ ଅଧିକ ଧ୍ୟାନ ଦେଉଥିଲେ । ଯେହେତୁ ମୁଁ ଭଲ ଷ୍ଟୁଡେଣ୍ଟ୍‌ଟିଏ ଥିଲି, ସେଥିପାଇଁ ମାଆ ଚାହୁଁଥିଲେ ଭଲ କ୍ୟାରିୟର୍ କରିବାକୁ ।

**▲ପାଠପଢ଼ା ଓ ଅଭିନୟ କାହାକୁ ବେଶି ଗୁରୁତ୍ୱ ଦିଅନ୍ତି ?**

▶ପାଠ ପଢୁଥିବା ସମୟରେ ପାଠକୁ ହିଁ ଅଧିକ ଗୁରୁତ୍ୱ ଦେଉଥିଲି । କିନ୍ତୁ ଉଚ୍ଚ ଶିକ୍ଷା ଲାଭ କରିବା ସମୟରେ ଅର୍ଥାତ ୨୦୧୬ ମସିହାରେ ମୁଁ ଉଭୟକୁ ଗୁରୁତ୍ୱ ଦେଲି । ପାଠପଢ଼ା ସମୟରେ ଆସିଥିବା ଅଫର୍‌କୁ ମଧ୍ୟ ପ୍ରତ୍ୟାଖ୍ୟାନ କରିଛି । କାରଣ ଅଭିନୟରେ କ୍ୟାରିଅର୍ ସବୁବେଳେ କରି ହେବ । କିନ୍ତୁ ପାଠପଢ଼ାର ସମୟ ଚାଲିଗଲେ, ଆଉ ସେ ସମୟ ଫେରିବ ନାହିଁ ।

**▲ସିନେମାର କେଉଁ ଦିଗକୁ ବେଶି ଗୁରୁତ୍ୱ ଦିଅନ୍ତି- କାହାଣୀ, ସଙ୍ଗୀତ ନା ଅଭିନୟ ?**

▶କାହାଣୀ ସିନେମାର ପ୍ରକୃତ ହିରୋ । ସିନେମାଟିଏର ଯଦି କାହାଣୀ ଭଲଥିବ, ତାହେଲେ କଳାକାରକୁ ତାହା ହିଁ ପରିଚୟ ଦେବ । କାହାଣୀ ନଥିଲେ ସିନେମା ହିଟ୍ ହେବା କଷ୍ଟକର ହୋଇଥାଏ । ମୁଁ ଜଣେ ଅଭିନେତ୍ରୀ ହିସାବରେ କହିବି କାହାଣୀ ସହିତ ଅଭିନୟର ପାରଦର୍ଶିତା ରହିବା ଦରକାର । କାହାଣୀର ଚରିତ୍ରକୁ ରିଏଲ୍ ଭାବେ ଫୁଟାଇବା ପାଇଁ ଅଭିନୟ ଜରୁରୀ ।

**▲ଜଣେ ନାୟିକା ହିସାବରେ କୁହନ୍ତୁ ଫିଲ୍ମ ହିଟ୍ ପାଇଁ ପର୍ମାନେଣ୍ଟ୍ ଯୋଡ଼ିର ଆବଶ୍ୟକତା ରହିଛି କି ?**

▶ଏସବୁ କଥାକୁ ମୁଁ ବିଶ୍ୱାସ କରେନି । ନିର୍ଦ୍ଦେଶକ ଯେତେବେଳେ କାଷ୍ଟିଂ କରନ୍ତି, କାହାକୁ କେଉଁ ରୋଲ୍ ଦେଲେ ଭଲ ଅଭିନୟ କରିପାରିବ ଭାବି ସିଲେକ୍‌ସନ୍ କରିଥାନ୍ତି । କଳାକାରର କର୍ତ୍ତବ୍ୟ ସେହି ଚରିତ୍ରକୁ ଭଲଭାବରେ ଅଭିନୟରେ ପ୍ରମାଣିତ କରିବା । କିଛି ସିନେମାରେ ଯୋଡ଼ି ହିଟ୍ ହେଲା ପରେ ଅବଶ୍ୟ ସେହି ଯୋଡ଼ିକୁ ଦେଖିବାକୁ ଆଉ ଥରେ ଲୋକ ପସନ୍ଦ କରିଥାନ୍ତି ।

**▲ଆଜିକାଲି ଓଡ଼ିଆ ସିନେମାରେ ମ୍ୟୁଜିକାଲ୍ ହିଟ୍ ସମ୍ପର୍କରେ କଣ କହିବେ ?**

▶ମ୍ୟୁଜିକାଲ୍ ହିଟ୍‌କୁ ଗୁରୁତ୍ୱ ଦେବା କିଛି ଖରାପ କଥା ନୁହେଁ । ବିଶେଷକରି ଭାରତୀୟ ସିନେମା ମ୍ୟୁଜିକ୍‌କୁ ଗୁରୁତ୍ୱ ଦିଏ ବୋଲି ସାରା ବିଶ୍ୱରେ ସେଥିପାଇଁ ସ୍ୱତନ୍ତ୍ର ଆଦର ଓ ଆକର୍ଷଣ ବି ରହିଛି । ସିନେମାର ମ୍ୟୁଜିକ୍ ଗୋଟେ ମୁଖ୍ୟ ଅଂଶ ବୋଲି କହିଲେ ଭୁଲ ହେବ ନାହିଁ ।

**▲ଓଡ଼ିଆ ସିନେମା ହିଟ୍ ପାଇଁ ଅଶ୍ଳୀଳତାକୁ ମାଧ୍ୟମ କରାଯାଉଛି କି ?**

▶ମୁଁ ଯେତିକି ବି ସିନେମା କରିଛି, ଅଶ୍ଳୀଳତାକୁ ପ୍ରଶ୍ରୟ ଦେବା ଭଳି କାହାଣୀ କି ଚରିତ୍ରର ସାମ୍ନା କରିନାହିଁ । ବାକି ଓଡ଼ିଆ ସିନେମା ଓଡ଼ିଶାର କାହାଣୀ, ପରିବେଶ, ଦର୍ଶକଙ୍କୁ ସୁହାଇବା ଭଳି ହେବା ଦରକାର । ବଲିଉଡ୍ କିମ୍ବା ହଲିଉଡ୍‌କୁ ଅନୁସରଣ କଲେ ତ ହେବ ନାହିଁ । ଓଡ଼ିଆ ସିନେମାର ଧାରା ବଜାୟ ରଖିବାକୁ ଅଶ୍ଳୀଳତାକୁ ଗୁରୁତ୍ୱ ଦେବା ଉଚିତ ନୁହେଁ ।

**▲ଆପଣ ଅଭିନୟର କଳା ମାଆଙ୍କ ଠାରୁ ଶିଖିଛନ୍ତି ନା ବିଧିବଦ୍ଧ ଭାବରେ କେଉଁଠୁ ଶିଖିଛନ୍ତି ?**

▶ସିନେମାର ଅଫର୍ ଆସିବା ପରେ ମୁଁ ଅଭିନୟକୁ ଆସିଥିଲି । ବିଧିବଦ୍ଧ ଭାବେ ଶିଖି ନାହିଁ । ମାଆ ସବୁବେଳେ ମୋତେ ମୋର ଭୁଲ୍‌କୁ ସଂଶୋଧନ ପାଇଁ ତାଗିଦ୍ କରନ୍ତି । କେଉଁ ଚରିତ୍ରକୁ କିଭଳି ଭାବରେ






ଆଉ ଅଧିକ ଟିକେ ଭଲ କରି ହେଇଥାନ୍ତା, ମୋତେ ସବୁବେଳେ କହନ୍ତି । ମୁଁ ଅଭିନୟର ପ୍ରତ୍ୟେକଟି ବିଟ୍ ମାଆଙ୍କ ଠାରୁ ଜାଣିଛି । ବଲିଉଡ୍‌ରେ କାମ କରୁଥିବା ନୀଳମାଧବ ପଣ୍ଡାଙ୍କ ୱାର୍କସପ୍‌ରୁ ମୁଁ ମଧ୍ୟ ଅନେକ କିଛି ଜାଣିବାକୁ ପାଇଛି ।

**▲ଅଭିନୟ ଜୀବନରେ ଆଦର୍ଶ ବୋଲି କାହାକୁ ଭାବିବେ ?**

▶ବଲିଉଡ୍ ଇଣ୍ଡଷ୍ଟ୍ରୀରେ ଓମ୍ ପୁରୀ ଓ ନବାଜୁଦ୍ଦିନ ସିଦ୍ଦିକ୍‌ଙ୍କୁ ମୋର ଆଦର୍ଶ କଳାକାର ବୋଲି ଭାବେ । ଓଡ଼ିଆରେ ରଚନା ବାନାର୍ଜୀ ଓ ଅନୁ ଚୌଧୁରୀ ମୋର ଆଦର୍ଶ ଅଭିନେତ୍ରୀ । କାରଣ ଏମାନଙ୍କ ଠାରୁ ବହୁତ କିଛି ଶିଖିବାକୁ ମିଳେ । ଏମାନଙ୍କର ଅଭିନୟ ଦକ୍ଷତା ଓ ରିଏଲିଟିକୁ ବେଶି ପସନ୍ଦ କରେ ।

**▲ଅଣଓଡ଼ିଆ ସିନେମା ନାୟିକାଙ୍କୁ ନେଇ ଓଡ଼ିଆ ସିନେମାର ଭାଗ୍ୟ ଗଢ଼ା ଯାଇପାରିବ କି ?**

▶ଏହି କଥା ସିନେମା ନିର୍ମାଣ କରୁଥିବା ବ୍ୟକ୍ତିମାନେ କହିପାରିବେ । ଯଦି ଓଡ଼ିଆ କଳାକାରମାନେ ବଲିଉଡ୍ କିମ୍ବା ଅନ୍ୟଭାଷାର ସିନେମାରେ ଅଭିନୟ କରିବାକୁ ଚାହୁଁଛନ୍ତି, ତାହେଲେ କାହିଁକି କରି ପାରିବେନି । ଦକ୍ଷତା ଥିଲେ ସବୁ ଆଡ଼େ ଅଭିନୟ କରିବା ସମ୍ଭବ । ୨୦୧୫ପରେ ଅବଶ୍ୟ ଅଣଓଡ଼ିଆ ନାୟିକାଙ୍କୁ ନେଇ ବେଶି କିଛି ସିନେମା କରା ଯାଇନାହିଁ । ଓଡ଼ିଆ ନାୟିକାଙ୍କୁ ନେଇ ଏବେ ଓଡ଼ିଆ ସିନେମା ଚଳଚଞ୍ଚଳ ।

**▲ଭବିଷ୍ୟତରେ ଅଭିନୟକୁ ନେଇ ସେମିତି କିଛି ପ୍ଲାନିଂ ?**

▶ମୁଁ ସବୁବେଳେ ବର୍ତ୍ତମାନକୁ ନେଇ ବଂଚିବାକୁ ଭଲ ପାଏ । ତଥାପି ସବୁଦିନ ଅଭିନୟରେ ରହିବାକୁ ଚାହିଁବି ।

**▲ମେଗା ଧାରାବାହିକରେ ଅଭିନୟ କରିବାର ସୁଯୋଗ ମିଳିଲେ କରିବେ କି ?**

▼'ଡୋଲା ଡୋଲା'ରେ ଅଭିଷେକ୍ ସହିତ ଅନୁଭା



▶ମୋତେ ପୂର୍ବରୁ ମିଳିଛି, ହେଲେ କରିନାହିଁ । ସିନେମା ଓ ସିରିଏଲ୍‌ର ମିଡ଼ିୟମ୍ ଅଲଗା ଅଲଗା ପ୍ରକାର । ତଥାପି ଆଗକୁ ସମୟ ସୁବିଧା ନେଇ ଅଭିନୟ କରିବାରେ କିଛି ଅସୁବିଧା ନାହିଁ ।

**▲ଆପଣ ଆଉ କୌଣସି ଭାଷାର ସିନେମାରେ ଅଭିନୟ କରିବାକୁ ଚାହିଁଛନ୍ତି କି ?**

▶ଆଗକୁ ପ୍ଲାନିଂ ଅଛି । ହିନ୍ଦୀ ଭାଷାରେ କରିଛି । 'ରିଭେଞ୍ଜ୍' ନାମକ ଏକ ଓଡ଼ିଆ ଓ ବଙ୍ଗଳା ଦ୍ୱି-ଭାଷିକ ସିନେମାରେ ଅଭିନୟ କରିଛି ।

**▲ଓଡ଼ିଆ ସିନେମା ସଙ୍ଗୀତରେ ଯେଉଁ ଇଂରାଜୀ କି ହିନ୍ଦୀର ମାନିଆ ଦିଆ ଯାଉଚି, ତାକୁ କିଭଳି ଗ୍ରହଣ କରିବେ ?**

▶ଦର୍ଶକ ଯାହା ଚାହିଁବେ, ତାହା ତ କରିବାକୁ ପଡ଼ିବ । ଆଜିକାଲି ଦର୍ଶକଙ୍କ ଭିତରେ ବେଶି ଯୁବଗୋଷ୍ଠୀ ଥିବାରୁ ଓ ଏହି ମାନିଆରେ ଥିବା ଗୀତଗୁଡ଼ିକ ଛୁଉଁଥିବାରୁ ବୋଧେ ନିର୍ମାଣ ହେଉଛି । ପୂର୍ବରୁ ଯେଉଁ ସଂଗୀତ ନିର୍ଦ୍ଦେଶକ ବହୁତ ଭଲ ଓଡ଼ିଆ ବାସ୍ନା ଥିବା ସଂଗୀତ ନିର୍ମାଣ କରୁଥିଲେ, ସେମାନେ ବି ଏହି ଆଧୁନିକ ଧାରାର ସଂଗୀତ ତିଆରି କରୁଛନ୍ତି । ତେଣୁ ସେମାନେ ଦର୍ଶକଙ୍କ ରୁଚିକୁ ନେଇ ସଂଗୀତ ନିର୍ମାଣ କରୁଛନ୍ତି ।

**▲ଆପଣ ସବୁଦିନେ ନିଜକୁ ନାୟିକା ଭାବେ ଦେଖିବାକୁ ଚାହିଁବେ ନା ଲିଡ୍ ରୋଲ୍‌କୁ ଗୁରୁତ୍ୱ ଦେଇ ଅନ୍ୟ ଚରିତ୍ରରେ ଅଭିନୟ କରିବେ ?**

▶'ସମୟ ବଡ଼ ବଳବାନ'ରେ ବି ମୁଁ ଲିଡ୍ ରୋଲ୍‌ରେ ଅନ୍ୟ ଚରିତ୍ରରେ ଅଭିନୟ କରିଥିଲି । ତେଣୁ ଯଦି କାହାଣୀ ଭଲ ଓ ଲିଡ୍‌ରୋଲ୍ ମିଳୁଛି, ଅଭିନୟ କରିବାରେ କିଛି ଅସୁବିଧା ନାହିଁ ।

**▲ଆଗାମୀ ନୂଆ ସିନେମା କଣ ?**

▶'ମୁଁ ପରଦେଶୀ ଚଢ଼େଇ' ଓ 'କୁହ ମୁଁ ତୁମରି ପାଇଁ'- ଦୁଇଟି ସିନେମା ଆଗକୁ ଆସୁଛି ।

**▲ଆପଣଙ୍କ ସିନିୟର୍ ବା ସମସାମୟିକ ନାୟିକାଙ୍କ ଠାରୁ କେବେ ଅସହଯୋଗ ପାଇଛନ୍ତି କି ?**

▶ମୁଁ ତ ସେମିତି କେବେ ଫେସ୍ କରିନି । ମୋର ସିନିୟର୍, ସମସାମୟିକ ତଥା ଜୁନିୟର୍‌ଙ୍କ ସହ ଭଲ ସଂପର୍କ ରହିଛି ।

**▲ମିଳିଥିବା ଚରିତ୍ରକୁ ନେଇ ସନ୍ତୁଷ୍ଟ ହୋଇପାରିଛନ୍ତି କି ?**

▶ସବୁବେଳେ ମନରେ ଥାଏ ମିଳିଥିବା ଚରିତ୍ରକୁ କିଭଳି ଭାବରେ ଜଷ୍ଟିସ୍ ଦେଇ ପାରିବି । ସବୁବେଳେ ଚାହିଁଛି ଭଲ କରିବାକୁ । ଟେକ୍ ନେଇସାରିବା ପରେ ନିର୍ଦ୍ଦେଶକଙ୍କ ମୁହଁକୁ ଅନେଇଥାଏ- ଠିକ୍ କି ଭୁଲ୍ ହେଲା ଜାଣିବା ପାଇ । ଯେତେବେଳେ ଦେଖେ ତାଙ୍କ ମୁହଁରେ ଆତ୍ମସନ୍ତୋଷ, ମୋତେ ଲାଗେ ମୋ ଅଭିନୟ ଠିକ୍ ଅଛି । ମୁଁ ସବୁବେଳେ ମୋ ଚରିତ୍ରକୁ ନେଇ ସନ୍ତୁଷ୍ଟ ।

# ଇଏ ବି ଜଣେ ରେବତୀ





**ଶ୍ରୀଗୋବିନ୍ଦ ଦାସ**

ସାନମଚ୍ଛୁଆଘାଇ, ରାଜଘର ପୋଖରୀ,
ବାସୁଦେବପୁର, ଭଦ୍ରକ
ଫୋନ୍ :୭୦୦୮୯୧୩୫୮୯

ଫଟୋ ସୌଜନ୍ୟ : ଲେଖକ

**ଏ ନାରୀର ନାଁ ବେଙ୍ଗ ପଲେଇ । କାମ କିନ୍ତୁ ଅସାଧ୍ୟ । ପନ୍ଦର ହେକ୍ଟର ଜମିରେ ଜଙ୍ଗଲ ସୃଷ୍ଟି କରି ବେଙ୍ଗ ଏବେ ନମସ୍ୟା । ସମାଜର ଏପରି କିଛି ଉତ୍ସର୍ଗୀକୃତ ନିଃସ୍ୱାର୍ଥପର ନାରୀଙ୍କ କାର୍ଯ୍ୟ ଓ କାହାଣୀ ହେବ 'ରେବତୀ'ର ପ୍ରସଙ୍ଗ । ଗୋବିନ୍ଦ ଦାସଙ୍କ ଉପସ୍ଥାପନା ।**

ଆଜି ବି ସମାଜରେ ଏମିତି ଅନେକ ରେବତୀ ଅଛନ୍ତି, ଯେଉଁମାନେ ନିଜର ହକ୍‌ରୁ ବଂଚିତ । ତଥାପି ଜୀବନ ସଂଗ୍ରାମରେ ହାରିଯାଇ ନାହାନ୍ତି । ନିଜକୁ ଦମ୍ଭର ସହ ଛିଡ଼ା କରାଇ ସମାଜରେ ଏକ ଆଦର୍ଶ ଚରିତ୍ର ପାଲଟି ଯାଇଛନ୍ତି । କାହା କଥାକୁ ଖାତିର୍ ନକରି, କିଏ କଣ କହିଲା କି ନକହିଲା ବା କିଏ ସୁନାମ କି ଦୁର୍ନାମ ଆଣିଲା, ସେଥିରେ ବିଚଳିତ ନହୋଇ ନିଜ କାମରେ ଲାଗିଛନ୍ତି । ତାହା ପୁଣି ନିଜ ପାଇଁ ନୁହେଁ, ସମାଜ ପାଇଁ । ସେମିତି ଜଣେ ରେବତୀଙ୍କୁ ଖୋଜି ପାଇବା ବେଳେ, ଲାଗେ ଏବେ ବି ଛାତିକୁ ପଥର କରି ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ କୋଉଠି ନା କୋଉଠି ଫକୀରମୋହନଙ୍କ ରେବତୀ ବଂଚିଛି, ତା ପୁଣି ସ୍ୱାଭିମାନର ସହ । ଆସନ୍ତୁ ନା ଗର୍ବ କରିବା ସେମାନଙ୍କୁ ନେଇ ।

ଏପରି ଏକ ବିଭାଗ ଆରମ୍ଭରେ ଆମେ ଜଣେ ରେବତୀଙ୍କୁ ଖୋଜି ପାଇଛୁ ମୟୁରଭଂଜ ଜିଲ୍ଲାରୁ । ସେ ହେଲେ **ବେଙ୍ଗ ପଲେଇ** । ମୟୁରଭଞ୍ଜର ଏକ ନିପଟ ମଫସଲ ଗାଁ ରୁଗୁଡ଼ିବେଡ଼ା । ଠାକୁରମୁଣ୍ଡାରୁ କିଛି ବାଟ ଗଲେ ପାଇଯିବେ ଏ ରେବତୀର ଠିକଣା । ଚାରୋଟି ଝିଅ ଓ ଗୋଟିଏ ପୁଅକୁ ସମର୍ପଣ କରି ସ୍ୱାମୀ ଛାଡ଼ି ଚାଲିଗଲେ ସଂସାରରୁ, ୨୦୦୧ ମସିହାରୁ । ପରିବାରର ବୋଝ ସମ୍ଭାଳିବାକୁ ଦୁନିଆ ଦାଣ୍ଡକୁ ସେଦିନରୁ ବେଙ୍ଗ  ଗୋଡ଼ କାଢ଼ିଥିଲେ ଯେ ଏବେ ବି ଧୈର୍ଯ୍ୟ ନହରାଇ ଆଗକୁ ଚାଲିଛନ୍ତି ସିନା ପଛକୁ ଫେରି ଚାହିଁ ନାହାନ୍ତି କେବେ । ଆଦିବାସୀ ଅଧ୍ୟୁଷିତ ଗାଁ । ରୋଜଗାର ପାଇଁ ସେମିତି କିଛି ମାଧ୍ୟମ ନାହିଁ । ହେଲେ ନିଜର ଅଣ୍ଟା ସଳଖି ପାଞ୍ଚୋଟି ପିଲାଙ୍କ ମୁହଁରେ ଆଧାର ଦେଇ ବଡ଼ କରିଛନ୍ତି ସେ । ଝିଅ ପାଇଁ ବରଘର ଦେଖି ଶାଶୁଘରକୁ ବିଦା କରିଛନ୍ତି । ନିଜେ ପରିଣତ ବୟସରେ ଜୀବନ ସହ ସଂଗ୍ରାମ କରି ଗଣ୍ଡେ ଖାଇ ଦଣ୍ଡେ ଜିଇଁଛନ୍ତି । ହେଲେ ଏତିକିରେ ସରିଯାଉନି ବେଙ୍ଗ ପଲେଇଙ୍କ କାହାଣୀ ? ଏହି ସାଧାରଣ ଜୀବନଯାପନ ପଛରେ ଲୁଚି ରହିଛି ଏକ ମହାନୁଭବତାର କାର୍ଯ୍ୟ । ଆପଣ ଶୁଣିଲେ ଅବାକ୍ ହେବେ । ଭାବିବେ ଜଣେ ନିରକ୍ଷର ମହିଳା ନିଜ ଚେଷ୍ଟାରେ ସମାଜ ପାଇଁ ଏମିତି ବି କାମ କରିପାରେ ।

ନାଁ ସିନା ବେଙ୍ଗ ପଲେଇ, କାମ କିନ୍ତୁ ଅସାଧ୍ୟ । ପନ୍ଦର ହେକ୍ଟର ଜମିରେ ଜଙ୍ଗଲ ସୃଷ୍ଟି କରିଛନ୍ତି । ସରକାରୀ ଜମି ହେଉ ପଛେ ନିଜେ ଗଛ ଲଗାଇ ରକ୍ଷଣାବେକ୍ଷଣ କରିବା ପଛରେ ରହିଛି ନିଜର ଅନେକ ଭୂମିକା । ସେ ଜଙ୍ଗଲର ମାଆ । ଜଙ୍ଗଲର ଡ଼ାକ ଯେମିତି ତାଙ୍କ କାନକୁ ଅହରହ ଶୁଭୁଥାଏ । କେହି ଯଦି କାଠ ଖଣ୍ଡେ କି ପତ୍ରଟିଏ ଉଠାଇ ନେବାକୁ ଦୁଃସାହସ କରେ, ବେଙ୍ଗ ତାଙ୍କ ସହ ଝଗଡ଼ା କରି ବସନ୍ତି । ଜଙ୍ଗଲର ଗଛ ତାଙ୍କର ପୁଅଝିଅ ଭଳି । କେହି ଯେମିତି ଲୋଲୁପ ଦୃଷ୍ଟିରେ ନ ଚାହାନ୍ତି, ତାଙ୍କର ଥାଏ କଡ଼ା ନଜର । ଆଜିଦିନ ଯାଏ ବେଙ୍ଗଙ୍କ ଭୟରେ କେହି ବି ଜଙ୍ଗଲରୁ କାଠ ଚୋରି କରିପାରିନି କି ଗଛଟିଏ କାଟିନେଇ ପାରିନି । ସେଥିପାଇଁ ବେଙ୍ଗ ତାଙ୍କ ଜୀବନ ଯେମିତି ଉତ୍ସର୍ଗ କରି ଦେଇଛନ୍ତି । ଖରା ନାହିଁ, ବର୍ଷା ନାହିଁ, ଶୀତ ନାହିଁ..ସେ ଯେମିତି ନିଜର ଧର୍ମ, କର୍ମ, ତପସ୍ୟା ଭାବି ଜଙ୍ଗଲକୁ ଜଗି ବସିଛନ୍ତି । ନିଜେ ବଞ୍ଚିଥିବା ଯାଏଁ କାହାକୁ ବି ସୁଯୋଗ ଦେବେନି ଜଙ୍ଗଲ କ୍ଷୟ ହେବାକୁ, ଏହା ତାଙ୍କର ପଣ । ଏହି ଜଙ୍ଗଲରେ ଶାଳ, ପିଆଶାଳ, ମହୁଲ,ବର, ଆମ୍ବ, କରଞ୍ଜ, ତେନ୍ତୁଳି ଆଦି ଗଛ ଭରି ରହିଛି । ଠାକୁରମୁଣ୍ଡାରୁ କରଞ୍ଜିଆ ଯିବା ରାସ୍ତାରେ ପଡ଼େ ବେଙ୍ଗ ପଲେଇର ଏହି ସଂରକ୍ଷିତ ଜଙ୍ଗଲ । ସେ ଏହି ଜଙ୍ଗଲର ନାଁ ବି ଦେଇଛନ୍ତି ରୁଦ୍ରବନ । ଏହା ପଛରେ ଆଉ ଗୋଟେ କାହାଣୀ ଅଛି । କାହିଁକି ଏହି ଜଙ୍ଗଲର ନାଁ ହେଲା ରୁଦ୍ରବନ, ତାହା ବି ବେଙ୍ଗ ପଲେଇ ପାଇଁ ଏକ କିମ୍ବଦନ୍ତୀ ।

ରୁଦ୍ର ଥିଲେ ବେଙ୍ଗ ପଲେଇର ସ୍ୱାମୀ । ଏହି ଜଙ୍ଗଲ ସୃଷ୍ଟି କରିବାରେ ସେ ଥିଲେ ମୁଖ୍ୟ ସୂତ୍ରଧର । ପ୍ରଥମେ ନିଜ ଘର ପାଖରେ ଥିବା ସରକାରୀ ଜାଗାରେ ଗଛ ଲଗାଇବା ଆରମ୍ଭ କରିଥିଲେ ସେ । କାରଣ ସେହି ଜାଗାରୁ ଆଗରୁ ଅନେକ ଗଛ କାଟି ନେଇ ଲୋକେ ଲଣ୍ଡା କରି ଦେଇଥିଲେ । ସେ ପ୍ରଥମେ ନିଜ ଚେଷ୍ଟାରେ ଗଛ ଲଗାଇବା ସହ ଅଧାରୁ କାଟି ନେଇଥିବା ଗଛକୁ ବଢ଼ାଇବାରେ ଲାଗିଲେ । ଧୀରେ ଧୀରେ ଗଛ ବଢ଼ିବା ସହ ସବୁଜିମାରେ ଭରି ଗଲା ଜଙ୍ଗଲ । ରୁଦ୍ରଙ୍କ ମନ ବି ହୋଇଗଲା କୁଣ୍ଢେମୋଟ । ଜଙ୍ଗଲ ବଢ଼ିବା ସହ ଲୋକଙ୍କର ଲୋଲୁପ ଦୃଷ୍ଟି ବି ପଡ଼ିବାକୁ ଲାଗିଲା । କେହି କେହି ଚୋରାରେ ଗଛ କାଟିବାକୁ ଉଦ୍ୟମ ବି କଲେ । ରୁଦ୍ରଙ୍କ ଛଞ୍ଚାଣ ଆଖିରୁ କିନ୍ତୁ କେହି ବାଦ୍ ପଡ଼ିଲେ ନାହିଁ । ସେଥିପାଇଁ ଅନେକଙ୍କ ସହ ପାଟିତୁଣ୍ଡ ହେବା ସହ ଥାନା କୋର୍ଟକଚେରୀ ଯାଏଁ ବି ମାମଲା ଗଲା । ରୁଦ୍ର ବିଭିନ୍ନ ଲୋକଙ୍କ ଆକ୍ରୋଶର ବି ଶିକାର ହେଲେ । ତଥାପି କୌଣସି କଥାକୁ ଭ୍ରୂକ୍ଷେପ ନକରି 'ଜଙ୍ଗଲ ମୋର ଜୀବନ' ଭାବି ବଞ୍ଚାଇ ରଖିଲେ । କିନ୍ତୁ ଦଇବ ବି ସେତିକି ବେଳେ ବଇରୀ ସାଜିଲା । ଏକ ସଡ଼କ ଦୁର୍ଘଟଣାରେ ଚାଲିଗଲା ପ୍ରାଣ ରୁଦ୍ରଙ୍କର । ଏହି କଥାକୁ ସହଜରେ ଗ୍ରହଣ କରିପାରିଲେ ନାହିଁ ରୁଦ୍ରଙ୍କ ସ୍ତ୍ରୀ ବେଙ୍ଗ । କିଛିଦିନ ପାଗଳ ହୋଇ ଖାଲି ଜଙ୍ଗଲରେ ଇତସ୍ତତ ବୁଲିଲେ । ଗୁଣୁଗୁଣୁ ହୋଇ ଗଛଲତାଙ୍କ ସହ ଏଣୁତେଣୁ କଥା ହେଲେ । ହଠାତ୍ ପରିବର୍ତ୍ତନଟିଏ ଦେଖାଗଲା ତାଙ୍କ ଭିତରେ । ସ୍ୱାମୀଙ୍କ ପରି ସେ ବି ଜଙ୍ଗଲକୁ ନିଜର କରି ବସିଲେ । ସ୍ୱାମୀଙ୍କ ଅଧୁରା କାମକୁ ପୁରା କରିବାକୁ ଯେମିତି ଅଣ୍ଟା ସଳଖିଲେ ସେ । ତା ପରେ କାମ ଯେଉଁଠୁ ବନ୍ଦ ଥିଲା ନୂଆ କରି ଆରମ୍ଭ କଲେ । ସ୍ୱାମୀଙ୍କ ମୃତ୍ୟୁ ପରେ ୨୦୦୧ରୁ ସେ ଏହି ଜଙ୍ଗଲରେ ଗଛ ଲଗାଇବା ଓ ସୁରକ୍ଷା ଦେବା କାମରେ ନିଜକୁ ନିୟୋଜିତ କରିଛନ୍ତି । ଆଜିଯାଏଁ ଲାଗି ରହିଛନ୍ତି । ଆଜି ଏ ଜଙ୍ଗଲରେ ଏକ ଲକ୍ଷରୁ ଅଧିକ ଗଛ ସୁରକ୍ଷିତ ଅବସ୍ଥାରେ ଅଛି । ଅବଶ୍ୟ ଏ କାମରେ ବେଙ୍ଗଙ୍କ ଦିଅର ପ୍ରବୀର ପଲେଇଙ୍କ ସହଯୋଗ ରହିଆସିଛି । ନିଜ ଭାଇଙ୍କ ମୃତ୍ୟୁ ପରେ ପ୍ରବୀର ଭାଉଜଙ୍କ ପିଲାପିଲିଙ୍କୁ ନିଜର ଭାବି ଲାଳନପାଳନ କରିବା ସହ ଜଙ୍ଗଲ ସୃଷ୍ଟି ପରି ଏକ ମହାନ କାମରେ ମଧ୍ୟ ଅନେକ ସାହାଯ୍ୟ କରି ଆସିଛନ୍ତି । ବେଙ୍ଗଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ ମଧ୍ୟ କରାଯାଇଛି ।



ଆଜିର ସ୍ୱାର୍ଥସର୍ବସ୍ୱ ଦୁନିଆରେ ନିଜର ପିଲାଛୁଆଙ୍କୁ ନେଇ ବ୍ୟସ୍ତ ରହୁଥିବା ମଣିଷଙ୍କ ଭିଡ଼ରେ ବେଙ୍ଗଙ୍କ ପରି ଜଣେ ଉତ୍ସର୍ଗୀକୃତ ମହିଳାଙ୍କ 'ରେବତୀ' ସଲାମ୍ କରୁଛି । ଇଏ ବି ଜଣେ ରେବତୀ । ଆଜିର ଦୁନିଆରେ ଇଏ ବିରଳ ।

LM®

Bureau of Indian Standards

Ph : 06782-267028
Mob : 099370-26428

# Mahalaxmi jewellery

ଧନୀଠୁ ଗରିବ ସମସ୍ତଙ୍କ ପାଇଁ ଉପଲବ୍ଧ ।



V. N. Marg, Front of Durga Nursing Home, Balasore-1
:lmdrana@gmail.com :www.mahalaxmijewellery.com

# ଲେଖକର ଲୋଭ

ଲେଖକର ଏକ ଅଲଗା ଅଯୋଧ୍ୟା ଥାଏ । ଥାଏ ବି ଏକ ପୃଥକ୍ ପୃଥିବୀ । ସେଠି ସେ ନିଜେ ହିଁ ଅଧୀଶ୍ୱର । ନିଜ ଇଚ୍ଛାର ଈଶ୍ୱର । ଚାରିପାଖର କୋଳାହଳ ଭିତରେ ବି ସେ ନିର୍ବିକାର । ସଂସାରର ସୁଖଦୁଃଖ, ହସକାନ୍ଦ, ପାପପୁଣ୍ୟ, ପ୍ରାପ୍ତିଅପ୍ରାପ୍ତି ଭଳି ନିଚ୍ଛକ ପାର୍ଥିବତା ସହ ଯେମିତି ତା'ର କିଛି ବି ସଂପର୍କ ନଥାଏ । ନେଣଦେଣ ନଥାଏ । ଲେଖକ ସେ । ସେ ଦ୍ୱିତୀୟ ଈଶ୍ୱର । ନିଜ ଲେଖା ହିଁ ତା' ପାଇଁ ସବୁ କିଛି । ତା'ର ନିର୍ମାଣ, ବିନିର୍ମାଣ, ପରୀକ୍ଷାନିରୀକ୍ଷା ଭିତରେ ସେ ସଦାସର୍ବଦା ଥାଏ ମସଗୁଲ୍ । ଲେଖା ହିଁ ତାକୁ ଦେଇଥାଏ ଚରମ ପ୍ରଶାନ୍ତି । ଲେଖକକୁ ସେଇଥିପାଇଁ ବୋଧହୁଏ ଗ୍ରାସ କରିପାରେ ନାହିଁ ଚାରିପାଖର ଅନ୍ୟାନ୍ୟ ଅନେକ କଥା ।


କୁହାଯାଏ, ଯେକୌଣସି ବସ୍ତୁ ପ୍ରତି ଅହେତୁକ ଆକର୍ଷଣର ଲୋଭ ମଣିଷକୁ ମଦମତ୍ତ କରିପକାଏ । ସେ, ଏଇ କାରଣରୁ, ଭୁଲିଯାଏ ହିତାହିତ ଜ୍ଞାନ । ବଞ୍ଚି ରହିବାର ଅହରହ ସଂଘର୍ଷ ଭିତରେ ମଣିଷ ଲୋଭ, ମୋହ, ମାୟା ଓ ଆସକ୍ତି ଦ୍ୱାରା ବହୁଭାବରେ ପରିଚାଳିତ ହୋଇ ଲକ୍ଷ୍ୟଭ୍ରଷ୍ଟ ହୋଇଥାଏ । ଆମ ଲେଖକମାନେ ମଧ୍ୟ ଅନେକ ସମୟରେ ଲୋଭଗ୍ରସ୍ତ ହୋଇ ଭୁଲ୍ କରିବସନ୍ତି । ତେବେ ଜୀବନର ଲକ୍ଷ୍ୟ ଓ ଆଦର୍ଶକୁ ବୁଝି କେହି ଯଦି ଜୀବନ-ସଂଗ୍ରାମରୁ ସତ୍ୟ ଓ ପୁଣ୍ୟକୁ ସାଉଁଟି ପାରେ, ତେବେ ସେ ଜଣକ 'ଆଦର୍ଶମୟ' ହୋଇ ଉଠେ । ଲେଖକଟିଏ ନିଜ ଲେଖା ମାଧ୍ୟମରେ ଆଦର୍ଶବାଦୀ ଚରିତ୍ରଟିଏ ନିର୍ମାଣ କରୁଥିବା ବେଳେ ନିଜେ ଆଦର୍ଶରୁ ବିଚ୍ୟୁତ ହୋଇପଡ଼ିବା କେବଳ ବିଡ଼ମ୍ବନାର କଥା ନୁହେଁ, ଏହା ଅବିବେକିତା । ମଜାର କଥା ଏହା ଘଟୁଛି ।

ଲେଖକ ସର୍ବଦା ଲୋଭରୁ ମୁକ୍ତ ରହିବା ପାଇଁ ଚେଷ୍ଟା କରିବା ଉଚିତ । କ'ଣ ତେବେ ଏଇ ଲେଖକୀୟ ଲୋଭ ? କାହିଁକି ଏ ଲୋଭ ଜଣେ ଲେଖକକୁ ତା' ଆଦର୍ଶରୁ ବିଚ୍ୟୁତ କରାଏ । କ'ଣ ତା'ର ଉଦ୍ଦେଶ୍ୟ ? ଲେଖକ ସବୁବେଳେ ନିଜ ଲେଖାଟିର ପ୍ରକାଶନ ଓ ପାଠକୀୟ ପ୍ରଶଂସା ପ୍ରତି ସମ୍ବେଦନଶୀଳ । ଅନେକ ସମୟରେ ଦେଖାଯାଏ ଯେ, ନିଜ ଲେଖାଟିକୁ ମୁଦ୍ରିତ ରୂପରେ ଦେଖିବା ପାଇଁ ସେ ନିଜର ପ୍ରାତ୍ୟହିକ କାର୍ଯ୍ୟକୁ ମଧ୍ୟ ତୁଚ୍ଛ କରିଦିଏ । ଲେଖିବା ହେଉଛି ଲେଖକର ଧର୍ମ । କିନ୍ତୁ ଲେଖାକୁ ଯେନତେନ ପ୍ରକାରେଣ ଛପେଇବାର ଆକର୍ଷଣ ଲେଖକର ଧର୍ମ ନହେଉ, ଯାହା ସଚରାଚର ଏବେ ଦେଖିବାକୁ ମିଳେ । ଲେଖା ଛପା ହେବାର ଆକର୍ଷଣରେ ଲୋଭାନ୍ୱିତ ହୋଇ ଲେଖକଟିଏ ଅନେକ ସମୟରେ ନିଜ ଲେଖା ପ୍ରତି କେବଳ ଅନ୍ୟାୟ କରି ବସେ ନାହିଁ, ଅଧିକନ୍ତୁ ଅନ୍ୟ ସତୀର୍ଥ ଲେଖକଙ୍କ ଲେଖାକୁ ମଧ୍ୟ ଅଣଦେଖା କରେ । ବସ୍ତୁତଃ ପଢ଼େ ହିଁ ନାହିଁ । ଥରେ ଭାବି ଦେଖନ୍ତୁ ତ, ମୋ ଲେଖା ପ୍ରତି ମୋର ଲୋଭର କାରଣରୁ ମୁଁ 'କ', 'ଖ', 'ଗ' ଆଦିଙ୍କ ଲେଖାକୁ ଦେଖିଲି ନାହିଁ କି ପଢ଼ିଲି ନାହିଁ । ମୋର ଏ ଲୋଭ ମୋତେ ଅନ୍ୟ ସାଥୀ ଲେଖକଙ୍କ ଲେଖାର ମହତ୍ତର ଦିଗ ଠାରୁ ମୋତେ ଅପହଞ୍ଚ କରି ରଖିଦେଲା । ଫଳରେ ମୁଁ ଅର୍ଜିଲି କ'ଣ ?

ଲେଖକର ଲୋଭ 'ଲେଖା' ନହୋଇ ହେବା ଉଚିତ ଆତ୍ମାନୁସନ୍ଧାନ । ଆଜିର ଅନେକ ଲେଖକ କିନ୍ତୁ ଲୋଭଗ୍ରସ୍ତ ଅବସ୍ଥାରେ ହିଁ ଲେଖନୀ ଚାଳନା କରୁଛନ୍ତି । ସତ୍ୟକୁ ଗ୍ରହଣ କରିବା ଓ ସତ୍ୟକୁ ପ୍ରକାଶ କରିବାର ସାମର୍ଥ୍ୟ ଆମ ଲେଖକଙ୍କ ଭିତରୁ ଅଧୁନା ଅଦୃଶ୍ୟ । ଲେଖକ ଚେତନା ପ୍ରତି ଜାଗ୍ରତ ରହି ଲେଖନୀ ଚଳାଇଲେ ହିଁ ଲୋଭ ଓ ଆକର୍ଷଣରୁ ମୁକ୍ତ ହୋଇ ପାରିବ । କୌଣସି ବି ଲେଖକ ଦେହ, ମନ ଓ ପ୍ରାଣ ନୁହେଁ, ଆତ୍ମା ପ୍ରତି ସଚେତନ ହୋଇ ଲେଖିବା ଦରକାର । ଆତ୍ମାନୁସନ୍ଧାନ ଲେଖକର 'ଲୋଭ' ହେଉ, ଆତ୍ମରତି ତା'ର ଧେୟ ନହେଉ । କାରଣ ଲେଖକଟି ଭୁଲିଯିବା ଉଚିତ ନୁହେଁ ଯେ, ସାହିତ୍ୟ ହିଁ ମାର୍ଗଦର୍ଶନ କରାଇଥାଏ । ତେଣୁ ସତ୍-ସାହିତ୍ୟର ସ୍ରଷ୍ଟା ଭାବରେ ଜଣେ ଲେଖକ ସର୍ବଦା ସତ୍ୟାନୁସନ୍ଧାନୀ ଓ ଆତ୍ମଦର୍ଶୀ ହେବା ଦିଗରେ ସତତ ପ୍ରୟାସୀ ହେଉ ।

ଲେଖକର ଲୋଭ କହିଲେ ଆମେ କାହିଁକି ବୁଝିବା ଯେ, କେବଳ ଲେଖା ହିଁ ତା'ର ଆକର୍ଷଣ ! ସେଇ ଲେଖା ସମୂହର ସଞ୍ଚୟନ ହିଁ ତା'ର ଲକ୍ଷ୍ୟ ! ସେ ସଞ୍ଚୟନ କେବେ କ'ଣ ପୁରସ୍କାର ପାଇବ, ତାହା ହିଁ ତା'ର ଏକମାତ୍ର ଲେଖକୀୟ ପ୍ରବଣତା ! ନା, ଏପରି କିଛି ମୋହ, ମାୟା, ଲୋଭ ଓ ଆସକ୍ତି ଠାରୁ ଦୂରରେ ରହି ଲେଖକଟି ସତ୍ୟକୁ ଖୋଜୁ ଓ ନିଜ ଲେଖା ମାଧ୍ୟମରେ ଏପରି ଚରିତ୍ରର ବ୍ୟାଖ୍ୟା କରୁ, ଯାହା ସମାଜର ସତ୍-ମାର୍ଗକୁ ଆହୁରି ପରିଚ୍ଛନ୍ନ କରିବାର ସାମର୍ଥ୍ୟ ରଖିପାରିବ । ପ୍ରାଚୀନ ସାହିତ୍ୟର ପୁନର୍ଲିଖନ ଓ ନାରୀବାଦକୁ ନେଇ ନାନାଦି ଯଥେଚ୍ଛାଚାର ହେଉଛି । ଆମେ ଆସନ୍ତୁ ଲେଖକ ଭାବେ ସମାଜ ପାଇଁ ଉଦାହରଣ ହେବା । 'ଲୋଭ'କୁ ବାହାର କରିବା ନିଜ ଭିତରୁ ଆଉ ପରସ୍ପରକୁ ପଢ଼ିବାରେ ମନ ଦେବା ।

ସମସ୍ତଙ୍କୁ ସ୍ୱନକ୍ଷତ୍ର ଶୁଭେଚ୍ଛା ଏବଂ ଆମ ଗହଣରୁ ଅପ୍ରତ୍ୟାଶିତ ଭାବେ ବିଦାୟ ନେଇଥିବା ଯୁବ ଚିତ୍ରଶିଳ୍ପୀ ଦେବେନ୍ଦ୍ର ଖଟୁଆଙ୍କ ଅମର ଆତ୍ମାର ସଦ୍‌ଗତି କାମନା ।







Shree Ganga Ghee™
ISO 9001:2015 CERTIFIED COMPANY
ହୋମ ହେଉ ଅବା ଯଜ୍ଞ
ଦୀପଟିଏ ହେଉ ଅବା
ସଞ୍ଜ ସଳିତା
ସମସ୍ତଙ୍କର ପ୍ରଥମ ପସନ୍ଦ
ଶ୍ରୀ ଗଙ୍ଗା ଘିଅ
ଡିଷ୍ଟ୍ରିବ୍ୟୁଟର ପାଇଁ ଯୋଗାଯୋଗ କରନ୍ତୁ
ମୁକେଶ ରାଠୀ
ମୋ: ୯୫୫୬୧୯୫୧୯୭,
୮୩୩୮୯୩୭୭୦୨
PRODUCT AVAILABLE
• 15 KG. TIN.
• 1 LTR.
• 500 ML
• 200 ML
• 100 ML
• 50 ML
Shree Ganga Ghee
Shree Ganga Ghee
Shree Ganga Ghee
ଶ୍ରୀ ଗଙ୍ଗା ଘିଅ
Mob : 9556195197 / 9348896363
www.jagdambateahouse.com
A Product of Jagdamba Tea House, Gopalpur, Balasore

The **REBATI AMA MATIRA SWARA** • November 2019 Vol - 2 Issue - 1 • R.N.I. Title Code : ODIODI 07916 • Rs. 50

Total Page : 108




Associate editor : **Krushna Kumar Mohanty** Editor : **Subasini Jena**